# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୨୭/୨୦୧୯ (୨୦ ପୃଷ୍ଠା) Sambalpur, Friday, September 27 / 2019 ★★

୧୫ଶ ଭାଗ ୨୮୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ପ୍ରମୋଦ କ୍ୱାର୍ଟର ଫାଇନାଲରେ**

ଚାଇନାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ।

୧୯

୧୪

**ମଲାଇକା ସବୁବେଳେ 'ହଟ୍'**

ମଲାଇକା ଅରୋରା ଏକ ହ୍ୱାଇଟ୍ ଗାଉନ୍ ପିନ୍ଧି ନିଜର ଫଟୋ ଇନ୍‌ଷ୍ଟାଗ୍ରାମରେ ସେୟାର କରିଛନ୍ତି। ଅର୍ଜୁନଙ୍କ 'ହଟ' କମେଣ୍ଟ ପରେ ପୁଣି ଦୁହିଁଙ୍କୁ ନେଇ ଚର୍ଚ୍ଚା ହୋଇଛି।



# ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ମିଳିବ ଟଙ୍କା

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ଧାନ ବିକୁଥିବା ଚାଷୀଙ୍କୁ ଏଣିକି ୨୪ରୁ ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ପ୍ରାପ୍ୟ ମିଳିବ। ଧାନ ବିକ୍ରି ବାବଦ ଅର୍ଥ ଅନ୍‌ଲାଇନ୍ ଜରିଆରେ ସିଧା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ପୈଠ କରାଯିବ। ପୂର୍ବରୁ ସେମାନଙ୍କୁ ୨୪ରୁ ୭୨ ଘଣ୍ଟା ମଧ୍ୟରେ ଧାନ ବିକା ଟଙ୍କା ମିଳୁଥିଲା। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଖାଦ୍ୟ ଓ ସଂଗ୍ରହଣ ନୀତି୨୦୧୯-୨୦କୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି।

କ୍ୟାବିନେଟ ବୈଠକ ଶେଷରେ ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଚଳିତବର୍ଷ ଖରିଫ ଓ ରବି ଋତୁରେ ୬୦ ଲକ୍ଷ ମେଟ୍ରିକ ଟନ୍ ଖରିଫ ଧାନ ସଂଗ୍ରହ ହେବ। ଏ ବାବଦରେ ୪୧ ଲକ୍ଷ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ ହେବ ବୋଲି ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ତେବେ ଗତ ବର୍ଷଠାରୁ ଚଳିତ ବର୍ଷ ପ୍ରାୟ ୫ ଲକ୍ଷ ମେଟ୍ରିକ ଟନ୍ ଧାନ ଓ ଚାଉଳ କମ୍ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ୨୦୧୮-୧୯ରେ ୬୫.୪୯ ଲକ୍ଷ ମେଟ୍ରିକ ଟନ୍ ଧାନ ଓ ଏଥିରୁ ବାହାରୁଥିବା ୪୪.୪୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଆବଶ୍ୟକ ହେଲେ ସରକାର ଚାଷୀଙ୍କଠାରୁ ଆହୁରି ଅଧିକ ଧାନ କ୍ରୟ କରିବେ। ଆସନ୍ତା ନଭେମ୍ବର ପହିଲାରୁ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ୍ ଧାନ ସଂଗ୍ରହ କରାଯିବ। ସେହିପରି ୨୦୨୦ ମେ'ରୁ ଜୁନ୍ ମଧ୍ୟରେ ରବି ଧାନ ସଂଗ୍ରହ ହେବ। ଚଳିତ ବର୍ଷ ଧାନ କିଣିବା ପାଇଁ ୧୨ ଲକ୍ଷ ୪୦ ହଜାର ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ପ୍ରଥମ ଥର ପାଇଁ ଆଧାରକୁ ପରିଚୟ ପତ୍ର ଭାବେ ଧରି ଏହି ପଞ୍ଜୀକରଣ କରାଯାଇଛି। ୨୦୧୮-୧୯ରେ ଖରିଫ୍ ଋତୁରେ ୯ ଲକ୍ଷ ଚାଷୀ ଧାନ ବିକ୍ରି କରିଥିଲେ। ଚଳିତ ବର୍ଷ ୩ ଲକ୍ଷ ୪୦ ହଜାର ଅଧିକ ଚାଷୀ ଧାନ ବିକିବା ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ତେବେ ଚାଷୀମାନେ ଏବେ ଆଧାରକୁ ପରିଚୟପତ୍ର ଭାବେ ଦେଖାଇ ଧାନ ବିକି ପାରିବେ । ଆଧାର ନ ଥିଲେ ସରକାର ଚାଷୀଙ୍କଠାରୁ ଧାନ କିଣିବେ ନାହିଁ। ଚଳିତ ବର୍ଷ ଅଧିକ ସଂଖ୍ୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କିଣାରେ ସାମିଲ ହେବେ। ଏଥିସହିତ ପ୍ୟାକ୍ସ, ଲ୍ୟାମ୍ପ୍‌ସ ଏବଂ ପାଣିପଞ୍ଚାୟତଗୁଡିକ ମଧ୍ୟ ଚାଷୀଙ୍କଠାରୁ ଧାନ କିଣିବେ। ମାର୍କଫେଡ୍‌କୁ ଚଳିତ ବର୍ଷ ଧାନ କିଣାରୁ ବାଦ୍ ଦିଆଯାଇଛି। ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ନିଜର ବଳକା ଧାନକୁ ବିକ୍ରି କରିପାରିବେ। ଚଳିତ ବର୍ଷ କେନ୍ଦ୍ର ସରକାର ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)୧୮୧୫ ଟଙ୍କା ଏବଂ ଗ୍ରେଡ୍-ଏ ଧାନ ପାଇଁ ୧୮୩୫ ଟଙ୍କା ଧାର୍ଯ୍ୟ କରିଛନ୍ତି। ଗତ ବର୍ଷର ବକେୟା ଚାଉଳ ଫେରସ୍ତ କରି ନ ଥିବା ମିଲରମାନଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯିବ ନାହିଁ। ରାଜ୍ୟର ୩୧୦ଟି ବ୍ଲକରେ ପି-ପାସ୍ ମାଧ୍ୟମରେ ଧାନ କିଣାଯିବ। ରାଜ୍ୟର ସାଧାରଣ ବ୍ୟବସ୍ଥା ବଣ୍ଟନ ପାଇଁ ୨୪ ଲକ୍ଷ ମେଟ୍ରିକ ଟନ୍ ଚାଉଳକୁ ବାଦ୍‌ଦେଇ ବଳକା ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ କେନ୍ଦ୍ରୀୟ ଭଣ୍ଡାରକୁ ପଠାଯିବ।

**କ୍ୟାବିନେଟ୍ ନିଷ୍ପତ୍ତି**

- ୨୦୧୯-୨୦ ଖାଦ୍ୟ ଓ ସଂଗ୍ରହଣ ନୀତିକୁ କ୍ୟାବିନେଟର ମୋହର
- ନଭେମ୍ବର ୧ରୁ ହେବ ଧାନ କିଣା
- ଏଥର କମିଲା ଟାର୍ଗେଟ
- ଚଳିତ ବର୍ଷ ୬୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବେ ସରକାର
- ଆଧାର ନ ଥିଲେ ଧାନ ବିକିବା ମନା
- ଧାନ ଏମ୍‌ଏସ୍‌ପି ୧୮୧୫ ଟଙ୍କା
- ଅଧିକ ମହିଳା ଏସ୍‌ଏଚ୍‌ଜି ଧାନ କିଣାରେ ସାମିଲ ହେବେ

## ଆଜି ଆସୁଛନ୍ତି ରାଷ୍ଟ୍ରପତି



**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨ ଦିନିଆ ଓଡିଶା ଗସ୍ତରେ ଶୁକ୍ରବାର ଆସୁଛନ୍ତି। ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ଆସି କେତେକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେବେ ପୂର୍ବ ନିର୍ଦ୍ଧାରିତ ଗସ୍ତ କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ରାଷ୍ଟ୍ରପତି ସନ୍ଧ୍ୟା ୬ଟା ୩୦ ପରିବର୍ତ୍ତେ ଅପରାହ୍ନ ୨ଟା ୩୦ରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରେ ତାଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ☞ପୃଷ୍ଠା-୪






# ୧୫ ଦିନରେ ଆରଟିଓ ହେବ ଦଲାଲମୁକ୍ତ

- ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଭିଡିଓ କନଫରେନ୍ସିଂ ଜରିଆରେ କଲେ ଆଲୋଚନା
- ସଡ଼କ ସଚେତନତାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ଆସନ୍ତା ୧୫ ଦିନ ମଧ୍ୟରେ ରାଜ୍ୟରେ ଥିବା ଆରଟିଓ ଦଲାଲମୁକ୍ତ କରାଯିବ। ଗ୍ରାମାଞ୍ଚଳରେ ଅଧିକ କାଉଣ୍ଟର ଖୋଲାଯାଇ ଶିବିର ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର କହିଛନ୍ତି। ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ଜିଲାର ଜିଲାପାଳ, ଏସ୍‌ପି ଓ ଆରଟିଓମାନଙ୍କ ସହ ଆଲୋଚନା କରିବା ସମୟରେ ମୁଖ୍ୟମନ୍ତ୍ରୀ ଏହି କଥା କହିଛନ୍ତି। ସାଧାରଣଙ୍କ ଲୋକଙ୍କ ସୁବିଧା ପାଇଁ ଅଧିକ କାଉଣ୍ଟର ଖୋଲିବା ଓ ସଚେତନତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସଡ଼କ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ରାସ୍ତା ଦୁର୍ଘଟଣାରେ ହେଉଥିବା ଜୀବନହାନି ଆମର ସାମାଜିକ, ଅର୍ଥନୈତିକ ବିକାଶକୁ ପ୍ରଭାବିତ କରିଥାଏ। ରାଜ୍ୟର ପ୍ରାୟ ୫୦୦୦ ଲୋକ ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଯୁବବର୍ଗ ରହୁଛନ୍ତି। ତେଣୁ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ପାଇଁ ଯୋଜନାବଦ୍ଧ ଭାବେ ☞ପୃଷ୍ଠା-୪

## ୧୩ ଦଲାଲ ଗିରଫ

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ନୂଆ ମୋଟରଯାନ ଆଇନ ଲାଗୁ ପରଠାରୁ ଆର୍‌ଟିଓଗୁଡ଼ିକରେ ଦଲାଲମାନେ ବେଶ୍ ସକ୍ରିୟ ହୋଇଉଠିଛନ୍ତି। ଏପରିକି ଏହା ନିକଟରେ ଟେବୁଲ ଚେୟାର ପକାଇ ଲୋକଙ୍କଠାରୁ ଟଙ୍କା ଲୁଟୁଛନ୍ତି। ଗୁରୁବାର ରାଜ୍ୟର ବିଭିନ୍ନ ଆର୍‌ଟିଓ ସମ୍ମୁଖରୁ ୧୩ଜଣ ଦଲାଲଙ୍କୁ ଧରିଛି ପୋଲିସ। ରାଉରକେଲା ଆର୍‌ଟିଓରୁ ୮ଜଣ ଓ ଅନ୍ୟ ଜିଲାରୁ ୫ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ପୂର୍ବରୁ ମଧ୍ୟ ରାଉରକେଲା ଆର୍‌ଟିଓ ସମ୍ମୁଖରୁ ୧୨ଜଣ ଦଲାଲଙ୍କୁ ପୋଲିସ ଗିରଫ କରିଥିଲା। ଏବେ ଧରପଗଡ଼ ଜୋର୍‌ଦାର କରାଯିବା ପରେ ଦଲାଲମାନେ ଉଭାନ ହୋଇଯାଇଛନ୍ତି। ଭୁବନେଶ୍ୱରର ଦୁଇ ଆର୍‌ଟିଓ ଓ ଏହା ପରିସରରେ କୌଣସି ଦଲାଲ ଦେଖିବାକୁ ମିଳି ନ ଥିଲେ। କିନ୍ତୁ ଲୋକେ ଫର୍ମ ଫିଲଅପ୍ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ହଇରାଣ ହୋଇଥିଲେ। କିଭଳି ଲାଇସେନ୍ସ ଆବେଦନ କରିବେ, କେଉଁଠୁ ଲର୍ନିଂ ପରୀକ୍ଷା ଦେବେ ତାହା ଜାଣି ନ ପାରି ପଚାରି ପଚାରି ନିରାଶ ହେଉଥିଲେ। ଆର୍‌ଟିଓ-୧ ପ୍ରଦୀପ ମହାନ୍ତି କହିଛନ୍ତି, ଦଲାଲଙ୍କୁ ଦେଖିଲେ ଆମେ ତୁରନ୍ତ ପୋଲିସକୁ ଜଣାଇ ଦେଉଛୁ। ଏହାସହ କର୍ମଚାରୀମାନେ ଦଲାଲଙ୍କ ସହ ସମ୍ପର୍କ ରଖୁଥିବା ନଜରକୁ ଆସିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ତେବେ ଆର୍‌ଟିଓ କାର୍ଯ୍ୟରେ ଲୋକଙ୍କୁ ସହଯୋଗ ଯୋଗାଇ ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି।

**ଆଜିର ସମ୍ପାଦକୀୟ**

### ଅନୁବର୍ତ୍ତୀ ପଦକ୍ଷେପ

**ଆଜିର ମନ୍ତବ୍ୟ**

"ଆତଙ୍କବାଦ ଓ ଦୁର୍ନୀତି ଭଳି ପ୍ରସଙ୍ଗର ସମାଧାନ ପାଇଁ ଗାନ୍ଧିବାଦୀ ମୂଲ୍ୟବୋଧ ପ୍ରାସଙ୍ଗିକ।

– ରାମନାଥ କୋବିନ୍ଦ, ରାଷ୍ଟ୍ରପତି

**କିଛି ତଥ୍ୟ**

ସେପ୍ଟେମ୍ବର ୧୩ ପାକ୍ଷିକରେ ସୁଦ୍ଧା ବ୍ୟାଙ୍କ ଋଣ ଓ ଜମା ଯଥାକ୍ରମେ ୧୦.୨୬% ଓ ୧୦.୦୨ ବୃଦ୍ଧି ପାଇଛି। ପୂର୍ବ ପାକ୍ଷିକରେ ଋଣ ଓ ଜମା ଯଥାକ୍ରମେ ୧୦.୨୪% ଓ ୯.୭୩% ରହିଥିଲା।

– ଭାରତୀୟ ରିଜର୍ଭ ବ୍ୟାଙ୍କ

**ଓସିଏ ନିର୍ବାଚନ ଆଜି**

**ଭାଗ୍ୟ ନିର୍ଦ୍ଧାରଣ ଅପେକ୍ଷାରେ ୧୦ ପ୍ରାର୍ଥୀ**

........୧୮........


NECC NATIONAL EGG CO-ORDINATION COMMITTEE 26.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 67 | 115 | 125 |
| DKL | 67 | 115 | 125 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 67 | 115 | 125 |
| BHM | 62 | 109 | 119 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


**ମାନ୍ଦାବସ୍ଥା ଦୂର ପାଇଁ ସୀତାରାମନ୍‌ଙ୍କ ଘୋଷଣା**

## ଋଣମେଳାରେ ସାମିଲ ହେବେ ଘରୋଇ ବ୍ୟାଙ୍କ



**ନୂଆଦିଲ୍ଲୀ,୨୬।୯**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ଘରୋଇ ବ୍ୟାଙ୍କ,ଏନ୍‌ବିଏଫ୍‌ସି ଓ ହାଉସିଂ ଫାଇନାନ୍ସ କମ୍ପାନୀ ମୁଖ୍ୟମାନଙ୍କ ସହ ବୈଠକରେ ବସି ଋଣ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭଳି ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମଧ୍ୟ ବ୍ୟକ୍ତିବିଶେଷ ତଥା ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ଋଣ ପ୍ରଦାନ ପାଇଁ ସାରା ଦେଶର ୪୦୦ ଜିଲାରେ ହେବାକୁ ଥିବା ଋଣ ମେଳାରେ ଯୋଗଦେବେ। ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ସୀତାରାମନ୍ କହିଛନ୍ତି ଯେ, ବ୍ୟାଙ୍କ ନିକଟରେ ଅର୍ଥର ଅଭାବ ନାହିଁ। ନଗଦ ସଙ୍କଟ ନେଇ ଆଲୋଚନା ହୋଇନାହିଁ। ସେ କହିଛନ୍ତି ଯେ, ଗ୍ରାମାଞ୍ଚଳରେ ଋଣର ବ୍ୟାପକ ଚାହିଦା ରହିଛି। ସେ କହିଛନ୍ତି ଯେ, ଦେଶରେ ନଗଦ ସଙ୍କଟ ଦୂର କରିବା ଲାଗି ସରକାର ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ ପାଇଁ ପ୍ରବର୍ତ୍ତାଉଛନ୍ତି। ନଗଦ ସଙ୍କଟ କାରଣରୁ ବ୍ୟବସାୟ ଓ ଚାହିଦା ପ୍ରଭାବିତ ହେଉଛି। ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ଆବର୍ତ୍ତନୀୟ ବୋଲି ଉଲ୍ଲେଖ କରି ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଲୋକେ ଏବେ ଗାଡ଼ି କିଣିବାରୁ ବିମୁଖ ହୋଇଥିବାରୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଦେଖାଦେଇଛି। ସେ କହିଛନ୍ତି ଯେ, ପାର୍ବଣ ଋତୁରେ ଅଧିକ ପରିମାଣରେ ଋଣ ବିତରଣ ଓ ବ୍ୟାଙ୍କରୁ ନଗଦ ପ୍ରବାହକୁ ଏନ୍‌ବିଏଫ୍‌ସି ତଥା ଗ୍ରାହକଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ଲାଗି ପ୍ରୟାସ ଚାଲିଛି। ଶସ୍ତା ହାଉସିଂ ସ୍କିମ୍ ପାଇଁ ଋଣ ଚାହିଦା ବଢ଼ିଛି। ଋଣକୁ ୪୫ ଲକ୍ଷରୁ ୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଲାଗି ବ୍ୟାଙ୍କଗୁଡ଼ିକ ଦାବି କରୁଛନ୍ତି। ସେବା କ୍ଷେତ୍ରରେ ଋଣ ଚାହିଦା ବଢ଼ିବାରେ ଲାଗିଛି। କ୍ଷୁଦ୍ର ଋଣଗ୍ରହୀତାଙ୍କ ଚାହିଦା ବୃଦ୍ଧି କାରଣରୁ ଅର୍ଥନୀତି ବିକାଶ ହେଉଥିବା ଅନୁଭୂତ ହେଉଛି। ଦେଶର ୪୦୦ ଜିଲାରେ ଋଣ ମେଳା ଆୟୋଜନ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ତେବେ ଏହାକୁ ବୃଦ୍ଧି କରାଯିବ ବୋଲି ସୀତାରାମନ୍ କହିଛନ୍ତି।








## ବିଦେଶରେ ବଢୁଛନ୍ତି ଭାରତୀୟ ପର୍ଯ୍ୟଟକ



# ଦେଶ ହରାଉଛି ବର୍ଷକୁ ୯ ହଜାର କୋଟି

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ଭାରତୀୟଙ୍କ ମଧ୍ୟରେ ଦିନକୁ ଦିନ ବିଦେଶ ବୁଲା ଆଗ୍ରହ ବଢ଼ିବାରେ ଲାଗିଛି। ବିଶେଷକରି ମଧ୍ୟବିତ୍ତ ଶ୍ରେଣୀର ଲୋକେ ସର୍ବାଧିକ ବିଦେଶ ଭ୍ରମଣରେ ଯାଉଛନ୍ତି। ଗୋଟିଏପଟେ ଭାରତରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କମୁଥିବାବେଳେ ଅନ୍ୟପଟେ ବିଦେଶ ମାଟିରେ ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବିଶେଷକରି ଥାଇଲାଣ୍ଡ, ମାଳଦ୍ୱୀପ, ଦୁବାଇ ଭଳି ରାଷ୍ଟ୍ରକୁ ଭାରତୀୟମାନେ ଅଧିକ ପସନ୍ଦ କରୁଛନ୍ତି। ଦକ୍ଷିଣ-ପୂର୍ବ ଏସିଆ ରାଷ୍ଟ୍ରମାନଙ୍କ ପାଇଁ ଭାରତ ପର୍ଯ୍ୟଟକ ଯୋଗାଉଥିବା ଶ୍ରେଷ୍ଠ ୧୦ ରାଷ୍ଟ୍ର ମଧ୍ୟରେ ରହୁଛି। ଅନ୍ୟପକ୍ଷରେ ଓଡ଼ିଶାରୁ ସର୍ବାଧିକ ପର୍ଯ୍ୟଟକ ଥାଇଲାଣ୍ଡ, ବ୍ୟାଙ୍କକ୍, ସିଙ୍ଗାପୁର, ମାଲେସିଆ ଭଳି ରାଷ୍ଟ୍ରକୁ ଭ୍ରମଣ ପାଇଁ ଯାଉଥିବା ଜଣାପଡ଼ିଛି। ନିକଟରେ ହୋଟେଲ୍ ଆଣ୍ଡ ରେଷ୍ଟୋରାଁ ଆସୋସିଏଶନ୍ ଅଫ୍ ଓଡ଼ିଶା(ଏଚ୍ଆର୍ଏଓ) ପକ୍ଷରୁ ଦିଆଯାଇଥିବା ଏକ ତଥ୍ୟରୁ ଏହା ଜଣାପଡ଼ିଛି। ତେବେ ଭାରତୀୟଙ୍କ ଏହି ବିଦେଶ ବୁଲା ନିଶା ପାଇଁ ବର୍ଷକୁ ଭାରତ ପ୍ରାୟ ୯୦୦୦ କୋଟି ଟଙ୍କାର ଅର୍ଥ ହରାଉଥିବା ଜଣାପଡ଼ିଛି।

ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେଉଥିବା ବିଶ୍ୱର ଅଧିକାଂଶ ରାଷ୍ଟ୍ର ଏବେ ଭାରତୀୟ ପର୍ଯ୍ୟଟକଙ୍କ ଉପରେ ଆଖି ପକାଇବା ସହ ନିଜ ଟାର୍ଗେଟ୍ ବଜାରରେ ଭାରତକୁ ପ୍ରାଥମିକତା ଦେଉଛନ୍ତି। ବିଶେଷକରି ଯୁବ ଭାରତୀୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏଠାରେ ନିଜ ନିଜର ଅଫିସ ଖୋଲିବା ସହ ଏକାଧିକ ଟୁର୍ ପ୍ୟାକେଜର ସୁବିଧା ଦେଉଛନ୍ତି। ସୂଚନା ମୁତାବକ, ୨୦୧୯ ଜାନୁୟାରୀରୁ ମେ' ମାସ ମଧ୍ୟରେ ମାଳଦ୍ୱୀପରେ ସର୍ବାଧିକ ୯୬.୪% ଭାରତୀୟ ପର୍ଯ୍ୟଟକ ବୃଦ୍ଧି ପାଇଥିବାବେଳେ ଏହା ତଳକୁ ରହିଛି ଥାଇଲାଣ୍ଡ।

- ଓଡ଼ିଶା ପର୍ଯ୍ୟଟକଙ୍କ ପସନ୍ଦ ଥାଇଲାଣ୍ଡ, ମାଲେସିଆ ଓ ବ୍ୟାଙ୍କକ୍
- ଦାୟୀ ହେଉଛି ଦୁର୍ବଳ ପର୍ଯ୍ୟଟନ ଭିତ୍ତିଭୂମି
- ଆଡ୍‌ଭେଞ୍ଚର୍ ଓ ଏକ୍ସପେରିମେଣ୍ଟାଲ ଟୁରିଜମ୍ ପ୍ରତି ଆକର୍ଷଣ

ଗତବର୍ଷ ଏଠାକୁ ଅଧିକ ୨୨% ଭାରତୀୟ ବୁଲିବାକୁ ଯାଇଛନ୍ତି। ସେହିଭଳି ଦୁବାଇରେ ୧୩%, ଜାପାନରେ ୧୪.୬%, ଅଷ୍ଟ୍ରେଲିଆରେ ୧୨% ଭାରତୀୟ ପର୍ଯ୍ୟଟକ ବୃଦ୍ଧି ପାଇଛନ୍ତି। ଏସିଆ ପାସିଫିକ୍ ବା ଦକ୍ଷିଣ, ପୂର୍ବ ଓ ଦକ୍ଷିଣ-ପୂର୍ବ ଏସିଆରେ ମଧ୍ୟବିତ୍ତ ଶ୍ରେଣୀ ପର୍ଯ୍ୟଟକଙ୍କ ସଂଖ୍ୟା ୨୦୩୦ ସୁଦ୍ଧା ୨୧୦ କୋଟି ଟପିବାକୁ ଥିବାବେଳେ ସମସ୍ତଙ୍କ ନଜର ଏବେ ଭାରତ ଉପରେ ରହିଛି। ତେବେ ଭାରତର ଯୁବ ପର୍ଯ୍ୟଟକଙ୍କୁ ଆଡ୍‌ଭେଞ୍ଚର୍ ଓ ଏକ୍ସପେରିମେଣ୍ଟାଲ ପର୍ଯ୍ୟଟନରେ ଆଗ୍ରହ ଥିବାବେଳେ ଥାଇଲାଣ୍ଡ, ମାଲେସିଆ, ବ୍ୟାଙ୍କକ୍ ଭଳି ରାଷ୍ଟ୍ର ଏସବୁ ଯୋଗାଇଦେଉଛନ୍ତି। ହେଲେ ଭାରତ ଏ କ୍ଷେତ୍ରରେ ବହୁ ପଛରେ ରହିଛି। ଗୋଆ, ଆଣ୍ଡାମାନ, ଉତ୍ତରାଖଣ୍ଡ ଭଳି କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଛାଡ଼ିଦେଲେ ପର୍ଯ୍ୟଟନ ଭିତ୍ତିଭୂମି, ବିମାନ ଯୋଗାଯୋଗ, ଷ୍ଟାର୍ ହୋଟେଲ, ଆଡ୍‌ଭେଞ୍ଚର୍ ଓ ଏକ୍ସପେରିମେଣ୍ଟାଲ ଟୁରିଜମ୍ କ୍ଷେତ୍ରରେ ସମସ୍ତେ ପଛରେ ରହିଛନ୍ତି। ଏହାଛଡ଼ା ମଧ୍ୟବିତ୍ତ ଶ୍ରେଣୀର ପର୍ଯ୍ୟଟକଙ୍କ ପାଇଁ ବିଦେଶ ବୁଲିବା ଏକ ସ୍ୱପ୍ନ ହୋଇଥିବାବେଳେ ସେମାନେ ସପରିବାର ଭ୍ରମଣକୁ ପସନ୍ଦ କରୁଛନ୍ତି। ଏନେଇ ଏଚ୍ଆର୍ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି, ଭାରତୀୟମାନେ ବିଦେଶ ବୁଲିବାରେ ଖର୍ଚ୍ଚ କରୁଥିବା ୯ ହଜାର କୋଟି ଟଙ୍କାରେ ଯଦି ଆମେ ଏଠାରେ ପର୍ଯ୍ୟଟନର ଭିତ୍ତିଭୂମି ବିକାଶ କରିପାରିବା ତା'ହେଲେ ଭାରତୀୟମାନେ ବିଦେଶ ଯିବା ପରିବର୍ତ୍ତେ ଏଠାରେ ବୁଲିବେ। ୩ବର୍ଷର ଟାର୍ଗେଟ୍ ରଖି ଯଦି ଆମେ ପର୍ଯ୍ୟଟନ ଓ ହୋଟେଲ ଶିଳ୍ପର ବିକାଶ କରିପାରିବା, ତେବେ ଆମ ଅର୍ଥ ଆମ ପାଖରେ ରହିବ ବୋଲି ମହାନ୍ତି କହିଛନ୍ତି।

# ନୂଆ ସୁଯୋଗ 'ଇକୋ-ଟୁରିଜମ୍'

**ଭୁବନେଶ୍ୱର, ୨୬।୯(ବ୍ୟୁରୋ):** ପୁରୀ, କୋଣାର୍କ, ଭୁବନେଶ୍ୱରରୁ ବାହାରି ଓଡ଼ିଶାରେ ଥିବା ଉତ୍କୃଷ୍ଟ ପରିବେଶ, ଜଙ୍ଗଲ ଓ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ମାଧ୍ୟମରେ କିଭଳି ଓଡ଼ିଶା ପର୍ଯ୍ୟଟନକୁ ଏକ ନୂଆ ପରିଚୟ ମିଳିବ ସେଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ରାଜ୍ୟର ପାରମ୍ପରିକ, ଆଧ୍ୟାତ୍ମିକ ଓ ଐତିହ୍ୟ ପର୍ଯ୍ୟଟନରୁ ବାହାରି ଉପକୂଳ ପର୍ଯ୍ୟଟନ, ପରିବେଶ ପର୍ଯ୍ୟଟନ, ୱାଇଲ୍ଡଲାଇଫ୍ ବା ବନ୍ୟଜନ୍ତୁ ପର୍ଯ୍ୟଟନ, ଏଥ୍‌ନିକ୍ ଓ ହସ୍ତଶିଳ୍ପ ପର୍ଯ୍ୟଟନ ଉପରେ ଅଧିକ ଫୋକସ୍ କରାଯାଉଛି। ତେବେ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶା ନିକଟରେ ପର୍ଯ୍ୟଟକଙ୍କ ପାଇଁ ଅନେକ କିଛି ରହିଛି। ଯେପରି ଭିତରକନିକା ଓ ଶିମିଳିପାଳ ଭଳି ଦୁଇଟି ଜାତୀୟ ଉଦ୍ୟାନକୁ ମିଶାଇ ୧୯ଟି ସଂରକ୍ଷିତ ଜଙ୍ଗଲ ଓ ପରିବେଶ ପର୍ଯ୍ୟଟନସ୍ଥଳୀ ରହିଛି। ଏହା ମାଧ୍ୟମରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପର୍ଯ୍ୟଟନ ବିଭାଗ ସହାୟତାରେ 'ଇକୋଟୁର୍ ଓଡ଼ିଶା' ପ୍ରକଳ୍ପ ଆରମ୍ଭ କରାଯାଇଛି। ଏଥିପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୪୭ଟି ଲକ୍ସୁରି ନେଚର୍ କ୍ୟାମ୍ପ୍ କରାଯିବା ସହ ଜଙ୍ଗଲ, ପରିବେଶ, ବେଳାଭୂମି, ବନ୍ୟଜନ୍ତୁ, ଆଦିବାସୀ ଓ ଗ୍ରାମାଞ୍ଚଳ ପର୍ଯ୍ୟଟନର ପ୍ରଚାର ପ୍ରସାର କରାଯାଉଛି। କେବଳ ଏତିକି ନୁହେଁ, ଦୀର୍ଘସ୍ଥାୟୀ ପର୍ଯ୍ୟଟନ ବିକାଶରେ 'ଇକୋଟୁର୍ ଓଡ଼ିଶା' ଏକ ଟ୍ରେଣ୍ଡ୍‌ସେଟର୍‌ରେ ପରିଣତ ହୋଇପାରିଛି। ରାଜ୍ୟରେ ଥିବା ସମସ୍ତ ୪୦ଟି ନେଚର୍ କ୍ୟାମ୍ପ୍ ଦେଶ ଓ ବିଦେଶରୁ ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବାବେଳେ ୨୦୧୯ ଆର୍ଥିକବର୍ଷରେ କେବଳ ଶିମିଳିପାଳ ଓ ସାତକୋଶିଆ ନେଚର କ୍ୟାମ୍ପ୍ ପ୍ରତ୍ୟେକ ୧ କୋଟି ଲେଖାଏଁ ଆୟ କରିଛନ୍ତି। କ୍ୟାମ୍ପିଂ, ମାଉଣ୍ଟେନିଂ, ଟ୍ରେକିଂ, ବାର୍ଡିଂ, ସାଇକ୍ଲିଂ, ବୋଟିଂ, ଜଙ୍ଗଲ ସଫାରି, ୱାଇଲ୍ଡଲାଇଫ୍ ୱାଚ୍ ଆଦି ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଯୁବ ପର୍ଯ୍ୟଟକମାନେ ଆକୃଷ୍ଟ ହେଉଛନ୍ତି। ସବୁଠାରୁ ବଡ଼କଥା ହେଲା ସମସ୍ତ ନେଚର୍ କ୍ୟାମ୍ପ୍ ପ୍ରଶିକ୍ଷିତ ସ୍ଥାନୀୟ ଅଧିବାସୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି।



ଓଡ଼ିଶା ପର୍ଯ୍ୟଟନ

# ହେରିଟେଜ୍ ପ୍ୟାଲେସ୍ ଟୁରିଜମ୍‌କୁ ଗୁରୁତ୍ୱ

'ରୟାଲ ହେରିଟେଜ୍ ଟୁର୍ ପ୍ୟାକେଜ୍' ମାଧ୍ୟମରେ ଓଡ଼ିଶା ପର୍ଯ୍ୟଟନକୁ ଆଉ ପାଦେ ଆଗକୁ ନେବାକୁ ରାଜ୍ୟ ସରକାର 'ହେରିଟେଜ୍ ପ୍ୟାଲେସ୍ ଟୁରିଜମ୍' ଯୋଜନା ଆରମ୍ଭ କରିଛନ୍ତି, ଯାହାର ବିଶେଷ ଚାହିଦା ମଧ୍ୟ ଦେଖିବାକୁ ମିଳୁଛି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଗୁଜରାଟ ଆଦି ରାଜ୍ୟ ଭଳି ରୟାଲ ଟୁରିଜମ୍ ଉପରେ ଏବେ ଓଡ଼ିଶା ଫୋକସ୍ କରିଛି। ଫଳରେ ରାଜ୍ୟରେ ଥିବା ଐତିହାସିକ ରାଜପ୍ରାସାଦଗୁଡ଼ିକରେ ରହିବା ସହ ପର୍ଯ୍ୟଟକମାନେ ରାଜକୀୟ ଅନୁଭୂତି ସାଉଁଟି ପାରୁଛନ୍ତି। ଓଡ଼ିଶାରେ ଏବେ ୫୧ଟି ହେରିଟେଜ୍ ପ୍ରପର୍ଟି ତଥା ରାଜପ୍ରାସାଦ ରହିଥିବାବେଳେ ସେଥିରୁ ୧୯ଟି ପ୍ରାସାଦକୁ ଆଗାମୀ ଦୁଇବର୍ଷ ମଧ୍ୟରେ ବୁଟିକ୍ ହେରିଟେଜ୍ ହୋଟେଲ ଏବଂ ହେରିଟେଜ୍ ହୋମ୍ ଷ୍ଟେ' ଭାବେ ବିକଶିତ କରିବାକୁ ଯୋଜନା ରହିଛି। ଢେଙ୍କାନାଳ, ଆଳି ଓ ନୀଳଗିରି ଭଳି ଏବେ ୬ ପ୍ରାସାଦରେ ପର୍ଯ୍ୟଟକ ରହୁଥିବାବେଳେ ଆଉ ୩କୁ ଆସନ୍ତା ଡିସେମ୍ବର ସୁଦ୍ଧା ହେରିଟେଜ୍ ହୋଟେଲ ଏବଂ ହୋମ୍ ଷ୍ଟେ'ରେ ପରିଣତ କରିବାକୁ ଲକ୍ଷ୍ୟ ରହିଛି। ସେହିଭଳି ବଳକା ୧୦ଟି ପ୍ରାସାଦକୁ ୨୦୨୧ ସୁଦ୍ଧା ହୋଟେଲ ରୂପ ଦିଆଯିବ ବୋଲି ପର୍ଯ୍ୟଟନ ସଚିବ ବିଶାଳ ଦେବ କହିଛନ୍ତି।






MARUTI SUZUKI

NEXA

# THE BEST OFFERS OF THE YEAR




LIMITED PERIOD OFFERS ONLY

VALID TILL 30th SEPTEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹15,000 | ₹20,000+ 5 YEAR WARRANTY | ₹30,000 | ₹50,000+5 YEAR WARRANTY | ₹25,000 | ₹25,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹20,000 | ₹30,000 | ₹30,000 | ₹30,000 |
| CORPORATE OFFER | ₹5,000 | ₹10,000 | ₹7,000 | ₹10,000 | ₹10,000 | ₹10,000 |
| TOTAL SAVINGS# | ₹35,000 | ₹62,400 | ₹57,000 | ₹1,12,900 | ₹65,000 | ₹87,700 |

Contact us at
1800-200-6392
1800-102-NEXA
www.nexaexperience.com
NOW YOU CAN ALSO BOOK ONLINE

**SAMBALPUR: NEXA SAMBALPUR HIGHWAY** (ODYSSEY MOTORS PH: 8599039994).

SUZUKI connect — A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

Offered separately as Genuine NEXA Accessory

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and 5 year warranty (2 year standard warranty + 3 year extended warranty) on NEXA Diesel cars.

Hero

# ଫାଷ୍ଟର ସ୍ମାର୍ଟର




ଇଣ୍ଡିଆର ପ୍ରଥମ ସ୍କୁଟର PROGRAMMED Fi ସହିତ

ସ୍ମାର୍ଟ ଫ୍ୟୁଲ ଇଞ୍ଜେକସନ ଟେକ୍‌ନୋଲଜି ଅନ-ବୋର୍ଡ ସେନ୍‌ସର୍ସ ସହିତ, ଯାହା ଫ୍ୟୁଲ ବ୍ୟବହାର କରିଥାଏ ଆବଶ୍ୟକତା ଅନୁଯାୟୀ ଏବଂ ଆପଣଙ୍କୁ ଦିଏ ରାଇଡିଂର ଉତ୍ତମ ଅନୁଭୂତି ।

ଅତୁଳନୀୟ ପିକ୍‌ଅପ୍ | ଉଠାଣିରେ ବି ଦ୍ରୁତ | ସହଜ ଷ୍ଟାର୍ଟ ପ୍ରତିଟି ରନ୍ତୁରେ

ଆସନ୍ତାକାଲି ସହିତ ଖେଳନ୍ତୁ! ଆଜ ହିଁ ଟେଷ୍ଟ ଡ୍ରାଇଭ୍ କରନ୍ତୁ

MAESTRO EDGE 125

₹1500* Exchange Bonus

— ଆସନ୍ତାକାଲି ସହିତ ଖେଳନ୍ତୁ —

ଭାରତର ପ୍ରଥମ 5 ବର୍ଷ ୱାରେଣ୍ଟି* *ସର୍ତ୍ତାବଳୀ ଲାଗୁ ।

▸ଷ୍ଟାଇକିଂ LED ଇନସିଗ୍ନିଆ ▸LED ଟେଲ ଲ୍ୟାମ୍ପ ▸ଡାୟମଣ୍ଡ କଟ୍ ଆଲୟ ହୁଇଲ୍‌ସ ▸ଡିସ୍କ ବ୍ରେକ IBS ସହିତ ▸ସର୍ଭିସ ରିମାଇଣ୍ଡର ▸ଏକ୍ସଟରନାଲ ଫ୍ୟୁଲ ଫିଲିଙ୍ଗ୍ ▸ମୋବାଇଲ ଚାର୍ଜିଂ ପୋର୍ଟ

Hero MotoCorp Ltd. Regd. Office: 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact the nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Accessories and features shown may not be a part of standard fitment. Always wear a helmet while riding. *Applicable on Scooters and Premium Motocycles only.

Hero MILEAGE THODA EXTRA KILOMETERS PER LITRE

HeroFinCorp.

HeroMotoCorp.com HeroMotoCorpIndia HeroMotoCorp HeroMotoCorpLimited TheHeroMotoCorp

For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍ଡ ଡିଲର: ବରଗଡ଼:** ଆକାଶ ହୀରୋ – 7799766396. **ଭବାନୀପାଟନା :** ଅରୁନ୍ଧତୀ ହୀରୋ – 7799766385. **ବଲାଙ୍ଗିର:** ଅରୁନ୍ଧତୀ ହୀରୋ – 7799766327. **ଝାରସୁଗୁଡ଼ା:** ବିଜୟଲକ୍ଷ୍ମୀ ହୀରୋ – 7799766368. **ରାଉରକେଲା:** ଦୁଆ ହୀରୋ – 7799766391. **ସମ୍ବଲପୁର:** ଶ୍ରୀ ଶ୍ୟାମ ହୀରୋ – 7799766356. **ସୋନପୁର:** ଜୟ ଜୱାନ ହୀରୋ – 7799766419. **ସୁନ୍ଦରଗଡ଼:** ରୋବୋଟେକ୍ ହୀରୋ – 8448183659. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାମରା:** ଚୌଧୁରି ହୀରୋ – (06642) 229045, 9437247739. **ବରପାଲି:** ଦୁର୍ଗା ମୋଟର୍ସ– 256278. **ବେଲପାହାଡ଼:** ବର୍ଷା ମୋଟର୍ସ – 250417. **ବୌଧ:** ବନ୍‌ସଲ ଅଟୋ – 22948. **ବ୍ରଜରାଜନଗର:** ବୀନା ମୋଟର୍ସ – 240695. **ଦେବଗଡ଼ :** ଜିନ୍ଦାଲ ମୋଟର୍ସ – 9437056659. **ଝାରସୁଗୁଡ଼ା:** ବିଦ୍ୟା ଅଟୋମୋବାଇଲ୍‌ସ – 272465. **ଜୁନାଗଡ଼:** ଶ୍ରୀ ବିମଳା ମୋଟର୍ସ – 243679. **କାନ୍ତାବାନଜି:** ଆଶୀର୍ବାଦ ମୋଟର୍ସ – (06657) 220033. **ନୂଆପଡ଼ା:** ମାରୁତି ଅଟୋ – 9237099660, 9937928818. **ପଦ୍ମପୁର:** ଦେବେଶ ମୋଟର୍ସ – 223880. **ରାଜଖଡ଼ିଆଳ:** ଜଗଦମ୍ବା ଅଟୋ କମ୍ବାଇନ – 9937302262. **ରାଜଗାଙ୍ଗପୁର:** କେଡିଆ ଆଣ୍ଡ କେଡିଆ – 220181. **ସୁନ୍ଦରଗଡ଼:** ଯମୁନା ମୋଟର୍ସ – 275341. **ଟିଟିଲାଗଡ଼:** ସ୍ନେହା ମୋଟର୍ସ – 221073. **ଡିଲରର ଅନୁମୋଦିତ ପ୍ରତିନିଧି:** ବଙ୍ଗମୁଣ୍ଡା – ବାବା ଅଟୋମୋବାଇଲ୍‌ସ – 9937626216. **ଉଦୟନବନ୍ଧ:** ବିଷ୍ଣୁ ଅଟୋମୋବାଇଲ୍‌ସ – 7894767744. **ପାଟଣାଗଡ଼:** ଚନ୍ଦନ ଅଟୋମୋବାଇଲ୍‌ସ – 9708962543. **ସାଲେଭାଟା:** ମା ମଙ୍ଗଳା ମୋଟର୍ସ – 9556924110. **ବୁଝୁରା:** ନୀତା ଅଟୋମୋବାଇଲ୍‌ସ – 7606001133. **ଲାଠୋର:** ରାଧାରାଣୀ ମୋଟର୍ସ– 8457978797. **ଆଗଲପୁର:** ଏସ.କେ. ମୋଟର୍ସ – 9776886751. **ସଇଁତଳା:** ବିନଧେଶ୍ୱରୀ ମୋଟର୍ସ – 9178138893. **ଡୁଙ୍ଗୁରିପାଲି:** ସମଲେଶ୍ୱରୀ ମୋଟର୍ସ – 9437158433. **ରାମପୁର:** କାହ୍ନା ମୋଟର୍ସ – 9437319101. **ବିଂକା:** ଦୀପକ ମୋଟର୍ସ – 9583354141. **ବୀରମହାରାଜପୁର:** ସ୍ୱସ୍ତି ମୋଟର୍ସ – 7605928594. **ବାଉଁସୁନି:** ଜୟ ଜଗନ୍ନାଥ ମୋଟର୍ସ – 8249258726. **ପୁରୁଣାକଟକ:** ଅର୍ମାନ ମୋଟର୍ସ – 7008416244. **ତରଭା:** ସିଂଘଲ ମୋଟର୍ସ – 9937220523. **ନରଲା:** ଶ୍ରୀ ଗଣେଶ ମୋଟର୍ସ – 8249378978, **ଏମ ରାମପୁର:** ସଙ୍ଗମ ମୋଟର୍ସ – 7077788809. **କେସିଙ୍ଗା:** ଶ୍ରୀ ଶ୍ୟାମ ମୋଟର୍ସ – 9437992920. **ଜୟପାଟଣା:** ରୟାଲ ମୋଟର୍ସ – 801821819. **ଛାରବହାଲ:** ଇଣ୍ଡିୟାନ ମୋଟର୍ସ – 9938607678, **ଧର୍ମଗଡ଼:** ଶ୍ରୀ ଗାୟତ୍ରୀ ମୋଟର୍ସ – 8328869765. **ସିନାପାଲି:** ବଜରଙ୍ଗବଲୀ ମୋଟର୍ସ – 8018926518. **ରେଙ୍ଗାଲି:** ରେଙ୍ଗାଲି ମୋଟର୍ସ – 9437881075. **କେଶଇବାହାଲ:** ଶ୍ରୀ ଅଟୋମୋବାଇଲ୍‌ସ – 9438258055. **କଣ୍ଟାମାଳ:** ମହାଲକ୍ଷ୍ମୀ ମୋଟର୍ସ – 9437243262.



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।

- ସ୍ୱାମୀ ବିବେକାନନ୍ଦ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଶୁଭଜିତ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶ୍ରୀଲିଙ୍ଗରାଜ ମନ୍ଦିର ଦଧିନଉତିରେ ଫାଟ

**ପୁରୁଣା ଭୁବନେଶ୍ୱର, ୨୬।୯ (ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜଙ୍କ ମୁଖ୍ୟ ମନ୍ଦିର ଦଧିନଉତିରେ ଫାଟ ସୃଷ୍ଟି ହୋଇଛି। ଏଥିସହ ଅନ୍ୟ ପାର୍ଶ୍ୱ ଦେବଦେବୀ ଯଥା ପାର୍ବତୀ ମନ୍ଦିର, ଜଗମୋହନ, ରୋଷଶାଳା, ଭୋଗମଣ୍ଡପ, ବିଶ୍ୱକର୍ମା ମନ୍ଦିର, ଭୁବନେଶ୍ୱରୀ ମନ୍ଦିର, ଗଣେଶ ମନ୍ଦିର ଇତ୍ୟାଦିରେ ଫାଟ ସହ ବର୍ଷା ସମୟରେ ମନ୍ଦିରରୁ ପାଣି ଗଳୁଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ରାଜ୍ୟର ବହୁ କୀର୍ତ୍ତିରାଜି ଓ ମନ୍ଦିରଗୁଡ଼ିକର ସୁରକ୍ଷା ଓ କାର୍ଯ୍ୟଶୈଳୀକୁ ନେଇ ରାଜ୍ୟ ସରକାରଙ୍କ ଦେବୋତ୍ତର ଆୟୁକ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗତ ୨୫।୯।୨୦୧୯ରେ ଚିଠି ନଂ. ୬୭୬୪ରେ ୬ ଫର୍ଦ୍ଦ ବିଶିଷ୍ଟ ଚିଠି ଜାରି କରି ଦେବୋତ୍ତର ଆୟୁକ୍ତ ଚିତ୍ତରଞ୍ଜନ ମହାପାତ୍ର ଏଏସ୍ଆଇ ଅଧୀକ୍ଷକଙ୍କୁ ବିଭାଗୀୟ ଅବହେଳା ଦର୍ଶାଇ ଏକାଦଶ ଶତାବ୍ଦୀର ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରତି ଅଧିକ ଯତ୍ନଶୀଳ ହେବାକୁ ଅନୁରୋଧ କରିଛନ୍ତି।

# ହୃଷୀକେଶ ମଲ୍ଲିକଙ୍କୁ ଡି.ଲିଟ୍

**ଭୁବନେଶ୍ୱର, ୨୬।୯(ବ୍ୟୁରୋ)**



ଉତ୍କଳ ବିଶ୍ୱବିଦ୍ୟାଳୟରୁ ସାହିତ୍ୟରେ ଡି.ଲିଟ୍ ଉପାଧି ପାଇବାକୁ ଡ. ହୃଷୀକେଶ ମଲ୍ଲିକ ଯୋଗ୍ୟ ବିବେଚିତ ହୋଇଛନ୍ତି। ତୁଳନାତ୍ମକ ଭାରତୀୟ ସାହିତ୍ୟରେ ଉଚ୍ଚତର ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟର ଏହି ସର୍ବୋଚ୍ଚ ଡିଗ୍ରୀ ଡ. ମଲ୍ଲିକଙ୍କୁ ପ୍ରଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବଙ୍ଗଳା ଭାଷାର କିମ୍ବଦନ୍ତୀପ୍ରତିମ କବି ଶକ୍ତି ଚଟ୍ଟୋପାଧ୍ୟାୟ ଓ ଜ୍ଞାନପୀଠ ବିଜେତା ଓଡ଼ିଆ କବି ଡ. ସୀତାକାନ୍ତ ମହାପାତ୍ରଙ୍କ କବିତାର ତୁଳନାତ୍ମକ ଅଧ୍ୟୟନ ସମ୍ବନ୍ଧିତ ଡ. ମଲ୍ଲିକଙ୍କ ଗବେଷଣା ସନ୍ଦର୍ଭ ଉତ୍କଳ, ବ୍ରହ୍ମପୁର ଓ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ପ୍ରକାଶଥାଉ କି, ତୁଳନାତ୍ମକ ଭାରତୀୟ ସାହିତ୍ୟରେ ଉଲ୍ଲେଖନୀୟ ଗବେଷଣା ପାଇଁ ଡ. ମଲ୍ଲିକଙ୍କୁ ୨୦୦୭ରେ 'ବିଶ୍ୱଭାରତୀ' କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ଡ. ମଲ୍ଲିକ ହେଉଛନ୍ତି ଓଡ଼ିଆ ସାହିତ୍ୟରେ ଏଇ ସମୟର ଚର୍ଚ୍ଚିତ କବି ଓ ଉଚ୍ଚମାନର ସମାଲୋଚକ। କବିତା ପାଇଁ ଡ. ମଲ୍ଲିକ ୧୯୮୮ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ' ପୁରସ୍କାର ଓ ୨୦୧୬ରେ ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର'ରେ ସମ୍ମାନିତ ହୋଇଥିଲେ।

# ମାଟ୍ରିକ୍ ବୃତ୍ତି ପରୀକ୍ଷା: ୨୭ରୁ ଅନ୍‌ଲାଇନରେ ଆବେଦନ

**କଟକ ଅଫିସ, ୨୬।୯**

ଆଲ୍‌ପି ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ଅରୁଣୋଦୟ ମାର୍କେଟସ୍ଥିତ ଟ୍ରଷ୍ଟର ସମ୍ମେଳନ କକ୍ଷରେ ଗୁରୁବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ପକ୍ଷରୁ ବାର୍ଷିକ ମାଟ୍ରିକ ବୃତ୍ତି ପରୀକ୍ଷା ଆୟୋଜନ ହେବ। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ଦେଇପାରିବେ। ଏହା ମାଧ୍ୟମିକ ଶିକ୍ଷା ପରିଷଦର ଦଶମ ଶ୍ରେଣୀ ନୂଆ ସିଲାବସ୍ ଓ ପାର୍ଟର୍ନ ଅନୁସାରେ କରାଯିବ। ପ୍ରତିବର୍ଷ କେବଳ କଟକ ଜିଲାରେ ଏହି ପରୀକ୍ଷା ଅନୁଷ୍ଠିତ ହେଉଥିଲା। ଚଳିତବର୍ଷ ଟ୍ରଷ୍ଟ ପକ୍ଷରୁ ରାଜ୍ୟର ସମସ୍ତ ଜିଲାରେ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରୀକ୍ଷା ରାଜ୍ୟରେ ଗୋଟିଏ ଦିନ ଅନୁଷ୍ଠିତ ହେବ। ପ୍ରତି ଜିଲାର ଗୋଟିଏ କେନ୍ଦ୍ରରେ ପରୀକ୍ଷା କରାଯିବ। ଆସନ୍ତା ୨୭ରୁ ଡିସେମ୍ବର ୭ ମଧ୍ୟରେ ଛାତ୍ରୀଛାତ୍ରମାନେ www.aalpee.in ୱେବସାଇଟ୍ AMSE-2020 ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ। ଡିସେମ୍ବର ୧୫ରେ ଛାତ୍ରୀଛାତ୍ରମାନଙ୍କୁ ଆଡ୍‌ମିଟ୍ କାର୍ଡ ମିଳିବ। ଏହାପରେ ପରୀକ୍ଷା ପାଇଁ ତାରିଖ ଘୋଷଣା କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଟ୍ରଷ୍ଟ ପକ୍ଷରୁ ଶ୍ରେଷ୍ଠ ୫୦ଜଣ ପରୀକ୍ଷାର୍ଥୀଙ୍କୁ ବୃତ୍ତିରାଶି ଓ ମାନପତ୍ର ପ୍ରଦାନ କରାଯିବ। ଚଳିତବର୍ଷ ପରୀକ୍ଷା ପାଇଁ ଦେଢ ଲକ୍ଷ ଟଙ୍କା ବୃତ୍ତି ରାଶି ରହିଛି। ଛାତ୍ରୀଛାତ୍ରମାନେ ମାଟ୍ରିକ ପରୀକ୍ଷାରେ କିଭଳି ଭଲ କରିବେ, ସେଥିପାଇଁ ଏହା ଏକ ପୂର୍ବ ପ୍ରସ୍ତୁତି ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏଏମଏସଇ ବୋର୍ଡର ସଭ୍ୟ ମନୋଜ କୁମାର ଷଡଙ୍ଗୀ, ଡ. କିଶୋର ଚନ୍ଦ୍ର ଶତପଥୀ, ଅଜୟ କୁମାର ପୃଷ୍ଟି, ଉତ୍କଳ ରଞ୍ଜନ ଦାସ ଓ ସ୍ୱାଧୀନ ଶେଖର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ୧୫ ଦିନରେ ଆରଟିଓ...

ପଦକ୍ଷେପ ନିଆଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଦ୍ରୁତ ତଥା ନିଶାସେବନ କରି ଗାଡି ଚାଳନା କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ରହିଛି। ଏଥିପାଇଁ ନିୟମିତ କଡ଼ାକଡ଼ି ଯାଞ୍ଚ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସଡକ ଦୁର୍ଘଟଣାଜନିତ ଆହତ ବ୍ୟକ୍ତିଙ୍କ ଆଶୁ ଚିକିତ୍ସା ଜରୁରୀ। ତେଣୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଇଛି। ଟ୍ରାଫିକ ସଚେତନତା ଦୁର୍ଘଟଣା ରୋକିବାରେ ସହାୟକ ହୋଇଥାଏ। ତେଣୁ ସ୍କୁଲ, କଲେଜଠାରୁ ଆରମ୍ଭ କରି ସବୁ ଫୋରମରେ ସଚେତନତାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ସଚେତନତା କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ପାଇଁ ପରିବହନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ନେଇଛନ୍ତି। କୌଣସି ଗାଡିର କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ ଆଦି ଯେପରି ଲୋକ ସୁବିଧାରେ କରିପାରିବେ, ସେଥିପାଇଁ ଅଧିକ କାଉଣ୍ଟର ଖୋଲିବା ଉପରେ ଗୁରୁତ୍ୱ ଦିଆଯାଇଛି। ସାମ୍ପ୍ରତିକ ସମୟରେ ଆରଟିଓ କର୍ମଚାରୀମାନେ ଛୁଟିଦିନରେ ସେବା ଯୋଗାଇ ଦେଉଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି।

### ଆଜି ଆସୁଛନ୍ତି...

ବ୍ୟକ୍ତି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବେ। ଏହାପରେ ସିଧା ହେଲିକପ୍ଟର ଯୋଗେ ବ୍ରହ୍ମପୁରର ଗୋପାଳପୁର ଆର୍ମି ଏଡି କଲେଜ ଅଭିମୁଖେ ଯିବେ। ରାଷ୍ଟ୍ରପତି ସେଠାରେ ରାତ୍ରିଯାପନ କରିବେ। ଶନିବାର କଲେଜର ପାସିଂଆଉଟ୍ ସେରିମନିରେ ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ଫ୍ଲାଗ୍ ପ୍ରଦାନ କରିବେ। ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରରେ ପହଞ୍ଚି ସିଧା ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ତେବେ ରାଷ୍ଟ୍ରପତି କୋବିନ୍ଦଙ୍କ ଗସ୍ତ ପରିପ୍ରେକ୍ଷୀରେ ବ୍ଲୁ-ବୁକ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ଓ ୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି। ଯଦି ପାଗ ଖରାପ ରହିବ ତେବେ ରାଷ୍ଟ୍ରପତି ବାଇ ରୁଟ୍ ଦେଇ ବ୍ରହ୍ମପୁର ଯିବେ। ରାଷ୍ଟ୍ରପତିଙ୍କୁ କ୍ୟାରିକେଡ୍ ମାଧ୍ୟମରେ ଖଣ୍ଡଗିରି ଖୋର୍ଦ୍ଧା ଦେଇ ବ୍ରହ୍ମପୁର ଯିବାର ବିକଳ୍ପ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି।

ରାଷ୍ଟ୍ରପତି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବାର କାର୍ଯ୍ୟକ୍ରମ ବାତିଲ କରାଯିବା ନେଇ ଗୁରୁବାର ଦିଲ୍ଲୀରୁ କମିଶନରେଟ ପୋଲିସକୁ ଏକ ଫୋନ୍ କଲ୍ ଆସିଥିଲା। ଫୋନ୍ କଲ୍ ପାଇବା ପରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଥିଲେ। ଟ୍ରାଫିକ ଡିସିପି ଓ ଏସିପିଙ୍କ ସହ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ କମିଶନରେଟ ପୋଲିସ ପକ୍ଷରୁ ମଧ୍ୟାହ୍ନ ୧୨ଟାରେ କାର୍‌କେଡ୍ ରିହର୍ସାଲ କରାଯାଇଥିଲା। ଏଥିରେ ଏକ୍ସକର୍ଟ୍-୧, ଏକ୍ସକର୍ଟ୍-୨ ଗାଡି, ଜାମର ଗାଡି, ଫାୟାର ଭ୍ୟାନ, ଆମ୍ବୁଲାନ୍ସ, ବୁଲେଟ ପ୍ରୁଫ୍, ମେଡିକାଲ ଗାଡି ଓ ଅନ୍ୟଏକ ଗାଡ଼ି ସାମିଲ ଥିଲା। ଏହାପୂର୍ବରୁ ଏମ୍‌ଭିଆଇ ପକ୍ଷରୁ ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଅନୁମତି ମିଳିବା ପରେ କାର୍‌କେଡ୍ ବିମାନ ବନ୍ଦରରୁ ରାଜଭବନ ଓ ରାଜଭବନରୁ ବିମାନ ବନ୍ଦର ପର୍ଯ୍ୟନ୍ତ ରିହର୍ସାଲ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ। ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ବନ୍ଧୁଙ୍କ ଜରିଆରେ ପାଇବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟାର ସମାପ୍ତି ଘଟିବ।

**ବୃଷ** ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ ଓ କାମଟି ସୁବିଧାରେ ହୋଇଯିବ। ଅଫିସରେ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରି ପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ସନ୍ତାନ ହେତୁକ ପୀଡ଼ା କିମ୍ବା ଅନୁପସ୍ଥିତିରେ ଅଭାବ ଅନୁଭବ କରିବେ।

**ମିଥୁନ** ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ କରିବେ। ବିଶେଷ ଭାବରେ ପ୍ରଶାସନ, ପ୍ରକାଶନ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିବେ।

**କର୍କଟ** ଭାଇ, ବନ୍ଧୁ ଓ କୁଟୁମ୍ବ ଲୋକମାନଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଆକସ୍ମିକ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭବାନ ହେବେ।

**କନ୍ୟା** ଦୀର୍ଘ ଦିନରୁ ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଆଜିର ଯାତ୍ରାରେ ଅଭିଳଷିତ କାମ ମଧ ହୋଇଯିବ। ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା** ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବ, ଫଳରେ ନିଜ କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ଶିଳ୍ପ, ବାଣିଜ୍ୟ ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ ଆହୁରି ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ। ନିଜ ପରିବାରର ସଦସ୍ୟ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ।

**ଧନୁ** ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ଅଫିସରେ ସହକର୍ମୀଙ୍କ ସହ ମିଷ୍ଟାଳାପରେ ମାତି ରହିବେ ଓ ସମୟ ଅବଶ୍ୟ ଖୁସିରେ କଟିଯିବ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର** ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣଙ୍କ ଶତ୍ରୁମାନେ ଚେଷ୍ଟା କଲେ ମଧ କିଛି କ୍ଷତି କରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ,ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ବନ୍ଧୁଙ୍କ ପ୍ରତାରଣାପୂର୍ଣ୍ଣ କଥାରେ ମନ ଅସ୍ଥିର ରହିବ।

**କୁମ୍ଭ** ତର୍କବିତର୍କ କାରଣରୁ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରି ପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ** ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତିବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ ଶୁକ୍ରବାର, ସେପ୍ଟେମ୍ବର ୨୭ ତାରିଖ, ବିଶ୍ୱ ପର୍ଯ୍ୟଟନ ଦିବସ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଚତୁର୍ଦ୍ଦଶୀର ଶ୍ରାଦ୍ଧ, ଦିବା ଘ୬।୨୮ମି. ମଧ୍ୟେ, ଘ୭।୧୫ମି. ଗତେ ଘ୯।୩୭ମି. ମଧ୍ୟେ, ଘ୧୧।୫୮ମି. ଗତେ ଘ୩।୦୭ମି. ମଧ୍ୟେ, ଘ୩।୫୪ମି. ଗତେ ଘ୫।୨୯ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୧୧ମି. ଗତେ ଘ୮।୪୧ମି. ମଧ୍ୟେ, ଘ୧୧।୪୧ମି. ଗତେ ଘ୧।୧୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୩୮ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302

### automobile

**SALE**

SMLI SUZU- 13seater AC coach- 2012, 27seater AC executive coach- 2012 in excellent condition for sale. Ph: 9040087574, 8908153123. D-14492

12nos of Tata Magic, 8nos Mahindra Maximo, 8nos Tata Winger & 40 seater Mahindra School bus latest model in excellent condition with brand new tyres for immediate sale. Contact: 8249319806. D- 68009

### real estate

**SALE**

1BHK simplex 9,99,000/- corehouse Bhingarpur, Plot 300sqft. Atala- 9337155580. D-67075

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ **possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

**5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999.** D-68004

**4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999.** D-68005

**Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871.** D-67393

9230 sqft yellowzone, Gharabari stithiban plot connecting 60ft road, close to 200ft wideroad, Mouza- Sundarpur, Bhubaneswar. Contact Owner: 9338342502. D-67394

**2400 sqft GA plot sale at Bharatpur (Sum Hospital) Bhubaneswar, contact- Deepak- 9937329999 (Broker excuse).** D-68008

50 x 41', residential sthitiban plot 30' road, 400 mtr from Times Gurukul, Nuagaon, Bhubaneswar, Contact: 6371358272. D-68102

Land measuring 16,000sqft (single plot) at Satya vihar housing colony, Rasulgarh with complete boundary wall for immediate sale @ 2,000/- sqft. Contact- 9090912012. D-68011

**Gharabari boundary plot near Kalinganagar DAV School, Sum hospital (Nuagaon) (size-2024) sqft. 1950/-, Patrapada 600mtr distance from NH- sqft. 2200/-. 9937044887, 8249240653.** D-66790

8000 sqft house hold land can be utilised for commercial purpose infront of CIFA, Puri NH side for immediate sale @ 1800/- sqft. Contact- 9090912012. D- 68010

**PURCHASE**

Stithiban gharabari land requires in around Bhubaneswar. Contact: 9937816565, 9937568585. D-68103

### construction

Structural Design Consultancy (RCC/ Steel) by Prof. GP Meher available. 6309629747. Bhubaneswar. D-14509

### to-let

Commercial space 2500sqft., 5rooms, attached toilet, first floor, Bapujinagar, Bhubaneswar, 9556700943. D-65694

3BHK, Sriram Nagar, Maruti Lane, Old Bhubaneswar. Contact: 9853627104. D-65695

Newly built 2200sft. available for corporates at M-7 Samanta Vihar, Nalco Square, Bhubaneswar. 9911426633. D-14525

### packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-14523

### healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents experts therapist: 8480939300. D-66966

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D- 67395

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787

Herbal full body massage by smart / expert therapist. Contact: 8338067247. D-67397

Summer special mesmerizing offer expert therapeutic refreshing massage appointment. 9668374480. D-67398

Experience full body massage with us (expert). Call: 7377048581, 06742597822. D-67400

Full body herbal massage with refreshment expert therapist. 7381239385, 06742540855. D-67399

Refresh your mind and soul with best therapy at Orchid Salon/ Spa. 9937287222. D-66970

Kajal ayurvedic massage club fully relaxed by smart lady, home service available. 9937637219. D-66971

### astrology

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

### LOST

Snehanjali Moharana, aged about 31 years, W/o: Raghunath Moharana, Chandrasekharpur, Bhubaneswar-16, Odisha. I have passed Graduation in year 2008 from Ravenshaw University, Cuttack bearing Roll No. D06/ HT-015 and obtained College Leaving Certificate (CLC). The above CLC has been lost on 25.9.2019. On the way between KIIT to Sikharchandi Road which could not be traced out best of my effort. If any person will get it please contact me.
Snehanjali Moharana
Mob:9776104854
D-14527

### AFFIDAVIT

Chacalya Kisan S/o Makunda Kisan, R/o Kadopada, Tainsar, Sambalpur, Odisha-768227 have changed my name as Chasalya Kisan. D-14528


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ସ୍ୱାଧୀନତା ଓ ଉଚ୍ଛୃଙ୍ଖଳତା ଏକାର୍ଥ ବାଚକ ଶବ୍ଦ ନୁହେଁ।

- ଜନ୍ ମିଲଟନ

ଜଙ୍ଗଲକୁ ବ୍ୟାପିଲା ହରପିସ୍ ଭୂତାଣୁ




# ୪ ଟଙ୍କା ବଢ଼ିଲା ଓମଫେଡ କ୍ଷୀର ଦର

**ଭୁବନେଶ୍ୱର,୨୬।୯(ବ୍ୟୁରୋ):** ଓଡ଼ିଶା ରାଜ୍ୟ ଦୁଗ୍ଧ ସମବାୟ ସହାସଂଘ (ଓମଫେଡ) ପ୍ୟାକେଟ କ୍ଷୀର ଦର ବୃଦ୍ଧି କରିଛି। ଲିଟର ପିଛା ୪ ଟଙ୍କା ବୃଦ୍ଧି କରାଯାଇଛି। ଏ ନେଇ ଓମଫେଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଟୋନଡ୍ କ୍ଷୀର ଲିଟର ପିଛା ୩୬.୭୦ ଟଙ୍କା ଥିବା ବେଳେ ଏହା ୩୮ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ପ୍ରିମିୟମ କ୍ଷୀର ଲିଟର ପିଛା ୪୧.୭୫ ଟଙ୍କା ଏବଂ ଗୋଲଡ ପ୍ରିମିୟମ ଲିଟର ୪୦.୭୫ ଟଙ୍କା ପ୍ରତି ଲିଟର ବିକ୍ରି କରାଯାଉଥିବା ବେଳେ ବର୍ଦ୍ଧିତ ପରେ ତାହା ୪୪ ଟଙ୍କାରେ ବିକ୍ରି କରାଯିବ। ଏହି ବୃଦ୍ଧି ପରେ ଓମଫେଡ ଏଜେଣ୍ଟମାନେ ଲିଟର ପିଛା ୨୫ ପଇସା ଲାଭ ପାଇବେ। ଏହାଛଡା ଓମଫେଡ ମଧ୍ୟ ଲିଟର ପିଛା ୨୦ ପଇସା ଏଜେଣ୍ଟମାନଙ୍କ ସଞ୍ଚୟ ଯୋଜନାରେ ଜମା କରିବ। ଏହି ବୃଦ୍ଧି ଯୋଗୁ ଚାଷୀମାନେ ଲିଟର ପିଛା ୩ ଟଙ୍କା ପାଇବେ। ଶୁକ୍ରବାରଠାରୁ ଏହି ବର୍ଦ୍ଧିତ ଦର ଲାଗୁ ହେବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ଥିବା ଘରୋଇ ସଂସ୍ଥା ଗତ ଦୁଇମାସ ହେବ କ୍ଷୀର ଓ ଅନ୍ୟାନ୍ୟ ଦୁଗ୍ଧ ଜାତ ଦ୍ରବ୍ୟର ଦର ବୃଦ୍ଧି କରି ସାରିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଗୋବିନ୍ଦ ସାହୁ



ପ୍ରୀତି ପ୍ରିୟଦର୍ଶିନୀ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ନାଗବାଚା ପୂଜା ବେଳେ ବୃଦ୍ଧଙ୍କୁ ହତ୍ୟା

**ଗଣ୍ଡତୁରୁମ, ୨୬।୯ (ଡି.ଏନ.ଏ)**

ବରଗଡ ଜିଲା ଭେଡେନ ଥାନା ଅନ୍ତର୍ଗତ ଅରେଇଗୁଡି ଗ୍ରାମରେ ବୁଧବାର ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଭେଡେନ ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ.୧୬୧/୧୯) ରୁଜୁ କରି ଅଧିକ ତଦନ୍ତ ଚାଲିଛି । ସୂଚନା ଅନୁସାରେ, ଅରେଇଗୁଡ ଗ୍ରାମରେ ନାଗବାଚା ପୂଜାର୍ଚ୍ଚନା ଚାଲିଥିବା ବେଳେ ଗ୍ରାମର ସୁଶୀଲ ସାହୁ (୩୬) ନିଶାସକ୍ତ ଅବସ୍ଥାରେ ସେଠାକୁ ଆସି ମାନସିକଧାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାରପିଟ କରିଥିଲେ । ଗ୍ରାମବାସୀ ତାଙ୍କୁ ବୁଝାସୁଝା ଘରକୁ ପଠାଇ ଦେଇଥିଲେ । ମାତ୍ର ନିଶାସକ୍ତ ସୁଶୀଲଙ୍କ ରାଗ ଥମିବା ପରିବର୍ତ୍ତେ ପରିଶୋଧ ପରାୟଣ ହୋଇଥିଲା। ଘଟଣାର କିଛି ସମୟ ପରେ ନାଗବାଚା ଦଳର ବୟୋଜ୍ୟେଷ୍ଠ ସଦସ୍ୟ ମନସୀ ଭୁଏ ଶୌଚ ପାଇଁ ଯାଉଥିବା ବେଳେ ସୁଶୀଲ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ଏଥିରେ ମନସୀଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ପ୍ରଚୁର ରକ୍ତସ୍ରାବ ଯୋଗୁ ସେ ଅଚେତ ହୋଇ ତଳେ ପଡି ଯାଇଥିଲେ । ପରିବାର ଲୋକ ତାଙ୍କୁ ଉଦ୍ଧାର କରି ତୁରନ୍ତ ଭେଡେନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅପରପକ୍ଷେ ଅଭିଯୁକ୍ତ ଯୁବକ ଗୁରୁତର ଅବସ୍ଥାରେ ବୁର୍ଲା ଭୀମସାରରେ ଚିକିତ୍ସାଧୀନ ଥିବାରୁ ପୋଲିସ ତାଙ୍କୁ ଗିରଫ କରି ନ ଥିବା ଜଣାଯାଇଛି। ଭେଡେନ ଥାନା ଅଧିକାରୀ ହେମନ୍ତ ରାଓ ଘଟଣାର ତଦନ୍ତ କରୁଛନ୍ତି । ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ଠିକ୍ ହେବା ପରେ ତାଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# ନିୟମିତ ହେଲେ ୩୨ କୋର୍ଟ ମ୍ୟାନେଜର

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

**କ୍ୟାବିନେଟ ନିଷ୍ପତ୍ତି**

- ନୀଳଗିରି ବ୍ଲକର ୯୦ ହଜାର ଲୋକଙ୍କ ପାନୀୟ ଜଳ ବାବଦ ଖର୍ଚ୍ଚହେବ ୧୪୯.୧୨ କୋଟି
- ଯାଜପୁର ଜିଲା ଟମକା-ମଙ୍ଗଳପୁର ରାସ୍ତା ୪ ଲେନ୍ ହେବ
- ଖର୍ଚ୍ଚହେବ ୧୧୭ କୋଟି
- ବାଲେଶ୍ୱର, ବଲାଙ୍ଗୀର ଡାକ୍ତରଖାନା ନିର୍ମାଣ ପାଇଁ ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ
- ଓଡ଼ିଶା ଟିକସ ସେବା ନିୟମ ସଂଶୋଧନ
- ବାଙ୍କୁଆଲରେ ନିର୍ମାଣ ହେବ ଆଞ୍ଚଳିକ ଶିକ୍ଷା ଓ ତାଲିମ କେନ୍ଦ୍ର

ରାଜ୍ୟର ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କୁ ସରକାର ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ଏହି କ୍ରମରେ ବାଲେଶ୍ୱର ଜିଲାର ନୀଳଗିରି ବ୍ଲକ ଅଧୀନରେ ଥିବା ୧୭ ପଞ୍ଚାୟତର ୯୦ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିରେ ୯୦ ହଜାର ୨୧୯ ଜଣ ଲୋକ ଉପକୃତ ହେବେ। ଏହି ପ୍ରକଳ୍ପକୁ ଗୁରୁବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୦ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ନୀଳଗିରି ପାନୀୟ ଜଳ ପ୍ରକଳ୍ପ ଟେଣ୍ଡର ଜୁବେରୀ ଇଞ୍ଜିନିୟରିଂ କମ୍ପାନୀ ନେକନ୍ ପାୱାର ଇନ୍‌ଫ୍ରାକୁ ୧୪୯ କୋଟି ୧୨ ଲକ୍ଷ ଟଙ୍କାରେ ଦିଆଯାଇଛି। ଉକ୍ତ ପ୍ରକଳ୍ପ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି।

ହାଇକୋର୍ଟରେ କାର୍ଯ୍ୟରତ ଅସ୍ଥାୟୀ କୋର୍ଟ ମ୍ୟାନେଜରଙ୍କୁ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି ପ୍ରଦାନ କରିଛନ୍ତି। କ୍ୟାବିନେଟ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ଏଥିରେ ୩୨ଜଣ କୋର୍ଟ ମ୍ୟାନେଜର ଉପକୃତ ହେବେ। ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିସ କ୍ରମେ ଜିଲା ଜଜ୍‌ଙ୍କୁ ପ୍ରଶାସନିକ କ୍ଷେତ୍ରରେ ସହାୟତା କରିବା ପାଇଁ କୋର୍ଟ ମ୍ୟାନେଜରଙ୍କୁ ରାଜ୍ୟ ସରକାର ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇଥିଲେ। ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇଛି।

ଯାଜପୁର ଜିଲାର ଟମକା-ମଙ୍ଗଳପୁର ରାସ୍ତାକୁ ୪ ଥାକିଆ କରାଯିବ। ଜାତୀୟ ରାଜପଥ ନଂ. ୫୩ର ମଙ୍ଗଳପୁର ପର୍ଯ୍ୟନ୍ତ ୪୩ କିମି ରାସ୍ତାକୁ ୪ ଲେନ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ରାସ୍ତାଟି କଣିହାଁ ଓ ସୁକିନ୍ଦା ଖଣି ଅଞ୍ଚଳରୁ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସିଧାସଳଖ ସଂଯୋଗ କରିବ। ଏଥିସହିତ ଏହି ରାସ୍ତା ପାରାଦୀପ ଓ ଧାମରାକୁ ମଧ୍ୟ ସଂଯୋଗ କରିବ। ଜନଗହଳି ଓ ଯାତାୟାତକୁ ଦୃଷ୍ଟିରେ ରଖି ଏହି ରାସ୍ତାକୁ ୪ ଲେନ୍ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଦୁର୍ଗା କଣ୍ଡେଭ ପ୍ରାଇଭେଟ୍ ଲିମିଟେଡ୍ ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ନେଇଛି। ଏହାକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ରାସ୍ତା ବାବଦରେ ୧୧୭ କୋଟି ଟଙ୍କା ଖର୍ଚ୍ଚ ହେବ ଓ ୨ ବର୍ଷରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ବାଲେଶ୍ୱର ଓ ବଲାଙ୍ଗୀରଠାରେ ୫ଶହ ଶଯ୍ୟା ବିଶିଷ୍ଟ ସରକାରୀ ହସ୍ପିଟାଲ ନିର୍ମାଣ ହେବ। ବାଲେଶ୍ୱର ଡାକ୍ତରଖାନା ପାଇଁ ୧୪୮.୧୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆଇରନ୍ ଟ୍ରିଆଙ୍ଗଲ୍ ଲିଃ. ଏହାକୁ ୧୪୪.୯୯ କୋଟି ଟଙ୍କାରେ ଟେଣ୍ଡର ନେଇଛି। ଆସନ୍ତା ୨ ବର୍ଷ ୬ ମାସ ମଧ୍ୟରେ ଏହି ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଶେଷ ହେବ। ସେହିପରି ବଲାଙ୍ଗୀର ଡାକ୍ତରଖାନା ପାଇଁ ୧୪୫.୬୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ସମ୍ପୃକ୍ତ ସଂସ୍ଥା ଏହାକୁ ୧୪୨.୪୬ କୋଟି ଟଙ୍କାରେ ଟେଣ୍ଡର ନେଇଛି। ଏହି ହସ୍ପିଟାଲ ମଧ୍ୟ ୨ ବର୍ଷ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି।

ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦବୀ ନାମ ପରିବର୍ତ୍ତନ କରାଯାଇଛି। ଏଣିକି ଏହି ଅଧିକାରୀମାନଙ୍କୁ ଛୋଟ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକାରୀ ଭାବେ ନାମିତ କରାଯିବ। ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ଟିକସ ଓ ହିସାବ ସେବା ନିୟମ-୨୦୧୧ ସଂଶୋଧନକୁ ଅନୁମୋଦନ କରିଛି। ଏହି ସଂଶୋଧନ ପରେ ଆର୍ଥିକ ସୁପରିଚାଳନା ନିମନ୍ତେ ଏହି ସେବା ନିୟମର ଧାରା (୪) ଉପଧାରା (ଗ) ଅନୁଯାୟୀ ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା ୭୫୩ର ୨୦ ପ୍ରତିଶତ ପଦବୀରେ ହେଉଥିବା ନିଯୁକ୍ତିକୁ ରଦ୍ଦ କରାଯାଇଛି।

ଏଥିସହିତ ଆର୍ଥିକ ପରିଚାଳନା କ୍ଷେତ୍ରରେ ଦକ୍ଷତା ଥିବା ଓଡ଼ିଶା ଅଧସ୍ତନ ଆର୍ଥିକ ସେବା ବର୍ଗର କର୍ମଚାରୀଙ୍କ ଦ୍ୱାରା ଧାରା (୪) ଉପଧାରା (ଖ) ଅନୁଯାୟୀ ପଦୋନ୍ନତି ମାଧ୍ୟମରେ ପୂରଣ ହେଉଥିବା ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା ୭୩୫ର ୩୦ ପ୍ରତିଶତ ପଦବୀକୁ ବୃଦ୍ଧି କରାଯାଇ ମଞ୍ଜୁରୀ ପ୍ରାପ୍ତ ପଦବୀରେ ୫୦ ପ୍ରତିଶତରେ ସୀମିତ ରଖାଯାଇଛି। ପଦୋନ୍ନତି ନିମନ୍ତେ ପ୍ରାର୍ଥୀ ନ ଥିଲେ ଉକ୍ତ ପଦବୀଗୁଡ଼ିକୁ ସିଧାସଳଖ ପୂରଣ କରାଯିବ। ପଦୋନ୍ନତି ମାଧ୍ୟମରେ ନିଯୁକ୍ତି ପାଉଥିବା ଓଡ଼ିଶା ଅଧସ୍ତନ ଆର୍ଥିକ ସେବା ବର୍ଗର କର୍ମଚାରୀମାନଙ୍କର ପ୍ରତିନିଧିତ୍ୱକୁ ସୁସଂଗଠିତ କରିବା ପାଇଁ ଉର୍ଦ୍ଦିଷ୍ଟ ପଦବୀଗୁଡିକୁ ଉକ୍ତ ସେବା ଅଧିନସ୍ଥ ସହକାରୀ ବାଣିଜ୍ୟକର ଅଧିକାରୀ, ସ୍ଥାନୀୟ ପାଣ୍ଠି ସମୀକ୍ଷକ/ସମୀକ୍ଷା ଅଧୀକ୍ଷକ ଓ କୋଷାଗାର ହିସାବ ରକ୍ଷକଙ୍କ ମଧ୍ୟରେ ଯଥାକ୍ରମେ ୫:୪:୧ ଅନୁପାତରେ ଆବଣ୍ଟନ କରାଯିବ।

ରାଜ୍ୟ ସରକାର ଖୋର୍ଦ୍ଧା ଜିଲା ଭୁବନେଶ୍ୱର ତହସିଲ ଅନ୍ତର୍ଗତ ବାଙ୍କୁଆଲରେ ଆଞ୍ଚଳିକ ଶିକ୍ଷା ଓ ତାଲିମ ଅନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନକୁ ମାଗଣାରେ ଏ୨.୪୭୮ ଡିସିମିଲ ସରକାରୀ ଜମି ଯୋଗାଇ ଦେବେ। ବର୍ଷକୁ ଟିକସ ଓ ସେସ୍ ବାବଦରେ ୧ ଟଙ୍କା ନେବେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

# ଗଣନା ସରିଲା: ଭିତରକନିକାକୁ ପକ୍ଷୀ ଆଗମନ ହ୍ରାସ

**ରାଜନଗର, ୨୬।୯ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ ଗଣନା ଗତ ୨୪ ତାରିଖରୁ ଶେଷ ହୋଇଥିବା ବେଳେ ଗୁରୁବାର ବନ ବିଭାଗ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ଗତବର୍ଷ ତୁଳନାରେ ଏ ବର୍ଷ ଜାତୀୟ ଉଦ୍ୟାନକୁ ୨,୬୧୦ ପକ୍ଷୀ କମ୍ ଆସିଛନ୍ତି। ୨୦୧୮ରେ ୯୧,୨୨୪ ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା



୮୮,୬୧୪କୁ ଖସି ଆସିଛି। ମଠଆଡ଼ିଆରେ ୪୬୨ଟି ବସାରେ ୯୨୪ଟି ବଡ଼ପକ୍ଷୀ ଓ ୧୧୫୫ ପକ୍ଷୀ ଶାବକ ଥିବା ବେଳେ ନୂତନ ଠିକଣା ଲକ୍ଷ୍ମୀପ୍ରସାଦଡିଆରେ ୧୮,୮୩୪ଟି ବସାରେ ୩୭,୬୬୮ ବଡପକ୍ଷୀ ଓ ୪୮,୮୬୭ ପକ୍ଷୀ ଶାବକ ଭିଡ଼ ଜମାଇଛନ୍ତି। କନିକା ଅତିରିକ୍ତ ବନ ସଂରକ୍ଷକ ସୁବ୍ରତ ପାତ୍ର ଓ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ୩ଟି ଟିମ୍‌ରେ ୧୫ଜଣ ବନ କର୍ମଚାରୀ ଏହି ଗଣନାରେ ସାମିଲ ହୋଇଥିଲେ।


## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଇଂ. ଫକୀର ମୋହନ ସାହୁ
ଆବିର୍ଭାବ: ୦୧।୦୬।୧୯୩୮
ତିରୋଧାନ: ୧୮।୦୯।୨୦୧୭
ଆପଣଙ୍କୁ ଭୁଲିବା ଅତି କଷ୍ଟକର ବ୍ୟାପାର। ଚାହୁଁଚାହୁଁ ଦୁଇବର୍ଷ ହୋଇଗଲା। ଆପଣ ଆମଠାରୁ ଦୂରେଇ ଭଗବାନଙ୍କ ପାଖରେ ଲୀନ ହୋଇଗଲେ। ଆପଣଙ୍କ ସ୍ମୃତିକୁ ସାଉଁଟି ଆମର ବାକି ଜୀବନ ଅତିବାହିତ କରିବୁ। ଜଗନ୍ନାଥଙ୍କ ପାଖରେ ନିବେଦନ ଯେଉଁଠାରେ ଥାଅ ଭଲରେ ଥାଅ। ଆପଣଙ୍କର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛି।
ଶୋକସନ୍ତପ୍ତ ପରିବାର ବର୍ଗ:
ପୁତ୍ର ସିନୁ (ଶ୍ରୀନିବାସ ସାହୁ)
ଧ-୩୫୮୪୮

**ଶ୍ରଦ୍ଧାଞ୍ଜଳୀ**
(୨ୟ ବର୍ଷ)



ସ୍ୱ କେଶବ ପଧାନ
ପାଟନାଗଡ଼, ଜି. ବଲାଙ୍ଗିର
ଆବିର୍ଭାବ : 17.06.1969
ତିରୋଧାନ : 27.09.2017
"ମାଁ ମାଟିର ଶିକ୍ଷାର ଲାଗି ଥିଲା କେତେ ସପନ, ତୁମର ଆର୍ଶିବାଦ ଥାଉ ଛାତ୍ରଛାତ୍ରୀ କର୍‌ବେ ପୁରନ୍"
ସୁରତା କରୁଛନ୍
ପଧାନ ପରିବାର, ଲାଗେଲେସର୍, ସାଙ୍ଗସାଥି, ଛାତ୍ର ଛାତ୍ରୀ ଆର୍ ଶୁଭେଚ୍ଛୁ
ପାଟନାଗଡ଼
ଧ-୧୪୫୨୯

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ରେଣୁବାଳା ମହାନ୍ତି
ଭୁବନେଶ୍ୱର
ଆବିର୍ଭାବ : ୦୨.୦୩.୧୯୫୧
ତିରୋଧାନ : ୦୭.୧୦.୨୦୧୮
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ :
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୪୫୨୬

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ପ୍ରଶାନ୍ତ କୁମାର ସାମନ୍ତରାୟ
ପ୍ଲଟ ନଂ.- ୧୨୦, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୧୧।୧୯୪୯
ତିରୋଧାନ: ୨୫।୦୯।୨୦୧୪
ତୁମର ସ୍ନେହ, ଆଦର୍ଶ ଓ ତ୍ୟାଗ ଆମ୍ଭମାନଙ୍କ ପାଇଁ ନିରନ୍ତର ପଥପ୍ରଦର୍ଶକ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ତୁମର ଅମରାତ୍ମା ଶାନ୍ତି ଲାଭ କରୁ ଏହା ହିଁ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ- ସ୍ନେହପ୍ରଭା, ଝିଅ- ସୁଲକ୍ଷଣା, ଜ୍ୱାଇଁ- ବିଶ୍ୱଜିତ୍, ବଡ଼ପୁଅ- ଉତ୍ତମ, ସାନପୁଅ- ଉଜ୍ଜ୍ୱଳ, ସାନବୋହୂ- ଶ୍ରଦ୍ଧା, ନାତି- ଅଙ୍କିତ୍, ନାତୁଣୀ- ଆଦିଶ୍ରୀ।
ଧ-୬୬୦୭୭


# ମୋବାଇଲରେ ଖେଳିବାକୁ ମନା କରିବାରୁ ନଦୀକୁ ଡେ଼ଇଁ ପଡ଼ିଲେ ଛାତ୍ର

**ରାଉରକେଲା ଅଫିସ, ୨୬।୯**

ଘରେ ମୋବାଇଲରେ ଖେଳିବାକୁ ମନା କରିବାରୁ ଜଣେ ନବମ ଶ୍ରେଣୀ ଛାତ୍ର ଗୁରୁବାର ଅପରାହ୍ନରେ କୋଏଲ ନଦୀକୁ ଡେ଼ଇଁ ପଡ଼ିଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଚଳାଇଛନ୍ତି। ରାତି ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ। ଉକ୍ତ ନାବାଳକ ଛାତ୍ରଙ୍କ ନାଁ ନୀଳେଶ ଦାସ(୧୫)। ସେ ରାଉରକେଲା ମହାନଗରର କୋଏଲ ନଗର 'ସି' ବ୍ଲକ ଅଞ୍ଚଳର ନିର୍ମଳ ଚନ୍ଦ୍ର ଦାସଙ୍କ ପୁଅ। ମିଳିଥିବା ସୂଚନା ଅନୁଯାୟୀ ନୀଳେଶ ଝିରପାଣିସ୍ଥିତ ଏମ୍.ଜି.ଏମ୍ ସ୍କୁଲରେ ନବମ ଶ୍ରେଣୀର ଛାତ୍ର। ସ୍କୁଲରେ ପରୀକ୍ଷା ଚାଲିଛି। ନୀଳେଶ ଘରେ ପାଠ ପଢ଼ିବା ପରିବର୍ତ୍ତେ ମୋବାଇଲରେ ଖେଳୁଥିଲେ। ଏହାକୁ ନେଇ ଘର ଲୋକେ ନୀଳେଶଙ୍କୁ ମୋବାଇଲରେ ନ ଖେଳିବାକୁ ତାଗିଦ କରିଥିଲେ। ଏହାକୁ ନେଇ ସେ ରାଗିଯାଇ ଘରୁ ପଳାଇ ଆସିଥିଲେ। ଶେଷରେ ସେ କୋଏଲ ନଦୀର ଝିରପାଣି ପୋଲ ତଳକୁ ଡେ଼ଇଁପଡ଼ିଥିଲେ ବୋଲି ଜଣାପଡିଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଝିରପାଣି ପୋଲିସ, ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ କୋଏଲ ନଦୀ ଭିତରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରାଯାଇପାରିନାହିଁ। ଏ ନେଇ ଝିରପାଣି ପୋଲିସ ତଦନ୍ତ ଜାରି ରଖିଛି।



ନୀଳେଶଙ୍କୁ ଉଦ୍ଧାର ପାଇଁ କୋଏଲ ନଦୀରେ ଉଦ୍ୟମରତ ଅଗ୍ନିଶମ ବିଭାଗ କର୍ମଚାରୀ।


## CLASSIFIED DISPLAY

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

ଏମିତ ପାଠ ପଢ଼ନ୍ତୁ ଯେଉଁ ପାଠ ଆପଣଙ୍କ ରୋଜଗାରକ୍ଷମ କରିପାରିବ
**Bhava Institute Of Medical Science & Research**
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME: GNM (Nursing), ANM (Nursing), DMRT (X-Ray), DMLT (Pathology) — ELIGIBILITY : +2 PASS
CERTIFICATE PROGRAMME: MEDICAL LAB TECH., X-RAY TECH, O.T TECH, WARD TECH, DIALYSIS TECH — ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15, Phone : 0674 - 2553122, 9040009727, 8456845313 (M)

Marriage Hall available on 8th Dec 2019 Onwards.
**SANKALP MEDIA & CONVENTION**
Luxurious 3 floors with A/c & all modern amenities for 1000+ guests
In front of Sai Temple, Near INFOCITY, Patia, Bhubaneswar, Ph :7008648674 / 7008976501

**ବଶୀକରଣ କବଚ**
ପଞ୍ଚଧାତୁରେ ନିର୍ମିତ ସ୍ୱର୍ଣ୍ଣପଲିଶ୍ ଯୁକ୍ତ "ସିଦ୍ଧ ବଶୀକରଣ କବଚ"କୁ ପିନ୍ଧିବା ଦ୍ୱାରା ପଥରମନା ସ୍ତ୍ରୀ-ପୁରୁଷ, ଅଧିକାରୀ, ବ୍ୟବସାୟୀ, ଶତ୍ରୁ ସମସ୍ତେ ଆପଣଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ଇଚ୍ଛା ଅନୁଯାୟୀ କାମ କରିବେ। ବ୍ୟବସାୟରେ ସଫଳତା, ମନପସନ୍ଦ ବିବାହ, ପ୍ରେମ ଓ ମଧୁର ସମ୍ପର୍କ ପାଇଁ "ସିଦ୍ଧ ବଶୀକରଣ କବଚ" କୁ ଘରେ ବସି ମାତ୍ର ₹630/- ରେ ମଗାନ୍ତୁ। ଏବେ ହିଁ ଅର୍ଡର କରନ୍ତୁ ଏବଂ ଡେଲିଭରୀ ମିଳିବା ପରେ ପେମେଣ୍ଟ କରନ୍ତୁ ।
10 ବର୍ଷ ଧରି ଲକ୍ଷାଧିକ ସନ୍ତୁଷ୍ଟ ଓ ସୁଖୀ ଲୋକଙ୍କ ବିଶ୍ୱାସର ପ୍ରତୀକ
VEDANG SANSTHAN 9312010073
RZG-95A, MAHAVIR ENCLAVE, NEW DELHI-110045
ଅର୍ଡର କରନ୍ତୁ- ସକାଳ ୫ରୁ ରାତି ୫ ଘଟିକା ପର୍ଯ୍ୟନ୍ତ।

**ADMISSION OPEN**
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
Estd.2000
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

**ଶ୍ରବଣ ସମସ୍ୟା?**
Free Hearing Check-up Camp (Going on at all Audizone Centres)
Exchange Offer · EMI Facility · Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. Hearing Systems SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ପ୍ରତ୍ୟେକ ମଣିଷ ଯେ ଜଣେ କଳାକାର ହେବ, ତା'ନୁହେଁ। କିନ୍ତୁ ପ୍ରତି ମଣିଷର କଳାତ୍ମକ ଚିତ୍ତବୃତ୍ତିଟି ଉନ୍ନତ ହେବା ଉଚିତ। ତା'ର ରୁଚି ସୁଶିକ୍ଷିତ –ତା'ର ମାର୍ଜିତ ସୌନ୍ଦର୍ଯ୍ୟବୋଧ–ରୂପ ଓ ରଙ୍ଗ ପ୍ରତି ଅନ୍ତର୍ଦୃଷ୍ଟି ଏବଂ ତା'ଭିତରେ ଯାହା ପ୍ରକାଶ ପାଏ – ତାହା ଅଭ୍ୟାସଗତ ଭାବେ ସକ୍ରିୟ, ସଂଶୋଧିତ, ଯଥାଯଥ ଓ ସମ୍ବେଦନଶୀଳ ହେବା ଉଚିତ।

–ଶ୍ରୀଅରବିନ୍ଦ

# ଅନୁବର୍ତ୍ତୀ ପଦକ୍ଷେପ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗତ ସପ୍ତାହରେ କର୍ପୋରେଟ୍ ଟିକସ ୨୨ ପ୍ରତିଶତକୁ ହ୍ରାସ କରିଛନ୍ତି, ଯାହା କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆଶ୍ୱସ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିତ୍ତ ବଜାର ଉଚ୍ଛ୍ୱସିତ ସ୍ୱାଗତ ଜଣାଇଛି। ସରକାର ଭାବିଲେ ଟିକସ ହ୍ରାସ ହେଲେ କମ୍ପାନୀଗୁଡ଼ିକ ଅଧିକ ପୁଞ୍ଜିନିବେଶ କରିପାରିବେ, ଯାହା ଫଳରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ। ଭାରତରେ କର୍ପୋରେଟ୍ ଟିକସ ହାରରେ ପରିବର୍ତ୍ତନ ଧୀରମନ୍ଥର ପ୍ରକ୍ରିୟାରେ ଘଟିଛି। ୧୯୯୧ ମସିହାରେ ଏହା ୪୫ ପ୍ରତିଶତ ଥିବା ବେଳେ ୨୦୧୯ରେ ୨୨ ପ୍ରତିଶତକୁ ଖସିଯାଇଛି, ଅର୍ଥାତ୍ ୨୮ ବର୍ଷରେ ଏହା ୫୧ ପ୍ରତିଶତ ହ୍ରାସ ପାଇଛି। ବ୍ୟକ୍ତିଗତ ଆୟକର ବିପରୀତ କ୍ରମେ ସମ୍ପୂର୍ଣ୍ଣ ଭିନ୍ନ ପଥ ନେଇଛି। ବ୍ୟକ୍ତିଗତ ଆୟକରର ସର୍ବୋଚ୍ଚ ହାର (ସରଚାର୍ଜ ଓ ସେସ୍ ବ୍ୟତୀତ) ୧୯୯୧ରେ ୫୦ ପ୍ରତିଶତ ଥିବାବେଳେ ମାତ୍ର ୬ ବର୍ଷରେ ଏହା ୪୦ ପ୍ରତିଶତ ହ୍ରାସ ପାଇ ୧୯୯୭ରେ ୩୦ ପ୍ରତିଶତକୁ ଖସିଆସିଛି। କିନ୍ତୁ ଏହି ସର୍ବୋଚ୍ଚ ହାର ସେବେଠାରୁ ଆଉ ହ୍ରାସ ନ ପାଇ ସେହି ସ୍ତରରେ ହିଁ ରହିଛି। ତା' ସହ ଏହି ସମୟ ଭିତରେ ବିଭିନ୍ନ ସରଚାର୍ଜ ଓ ସେସ୍ ବି ଲାଗୁ ହୋଇଛି। ଯେଉଁ ଯୁକ୍ତି ଦର୍ଶାଇ କର୍ପୋରେଟ୍ ଟିକସ ହ୍ରାସ କରାଗଲା, ବ୍ୟକ୍ତିଗତ ଆୟକର କ୍ଷେତ୍ରରେ ମଧ୍ୟ ସମାନ ଯୁକ୍ତି ପ୍ରଯୁଜ୍ୟ। ପ୍ରତ୍ୟକ୍ଷ କର ଉପରେ ନିଷ୍ପତ୍ତି ନେବା ପାଇଁ ଗଠିତ ଟାସ୍କ ଫୋର୍ସର ସୁପାରିସକୁ ସରକାର ବିଚାରକୁ ନେବେ ବୋଲି ଆଶା କରାଯାଏ। ଉକ୍ତ ଟାସ୍କ ଫୋର୍ସ ଅନ୍ୟାନ୍ୟ ପ୍ରସ୍ତାବ ମଧ୍ୟରେ ବ୍ୟକ୍ତିଗତ ଆୟକର ହାର ଓ ସ୍ଲାବ୍ ହ୍ରାସ କରିବା ପାଇଁ ପ୍ରସ୍ତାବ ଦେଇଛି।

ଖାଉଟି ଚାହିଦା ବୃଦ୍ଧି କରିବା ପାଇଁ କର୍ପୋରେଟ୍ ଟିକସ ହ୍ରାସ କରିବା ପରେ ସରକାର ବ୍ୟକ୍ତିଗତ ଆୟକର ହ୍ରାସ କରିବାକୁ ଟାସ୍କଫୋର୍ସର ପ୍ରଦତ୍ତ ପ୍ରସ୍ତାବ ଉପରେ ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି। ବ୍ୟକ୍ତିଗତ ଆୟକରରେ ଏକ ବଡ଼ ଧରଣର ହ୍ରାସ ଘଟିବା ସହ ଟିକସ ସ୍ଲାବ୍‌ରେ ବୃଦ୍ଧି ଘଟିପାରେ, ଯାହାଦ୍ୱାରା ଟିକସ ହ୍ରାସ ପାଇପାରେ। ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ମଧ୍ୟବିତ୍ତ ବର୍ଗ, ବିଶେଷତଃ ବେତନଭୋଗୀ କର୍ମଚାରୀମାନେ ସବୁଠାରୁ ଅଧିକ ଉପକୃତ ହେବେ। ଏହାଫଳରେ ସେମାନେ ଘରକୁ ନେଉଥିବା ଦରମା ପରିମାଣ ବୃଦ୍ଧି ପାଇବ ଏବଂ ସାମ୍ପ୍ରତିକ ମାନ୍ଦାବସ୍ଥା ଯୋଗୁ ସେମାନଙ୍କର ହ୍ରାସପ୍ରାପ୍ତ କ୍ରୟକ୍ଷମତାରେ ଉନ୍ନତି ଆସିବ। ବର୍ତ୍ତମାନ ରହିଥିବା ଛାଡ଼ସୀମା ୨.୫୦ ଲକ୍ଷ ଟଙ୍କାରୁ ସରକାର ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିପାରନ୍ତି ବୋଲି ବିଶ୍ୱାସ କରାଯାଉଛି। ସେହିପରି ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ଭିତରେ ଆୟ କରୁଥିବା ଲୋକମାନେ ବର୍ତ୍ତମାନର ୨୦ ପ୍ରତିଶତ ବଦଳରେ ୧୦ ପ୍ରତିଶତ ଟିକସ ଦେବାକୁ ନିଷ୍ପତ୍ତି ନିଆଯାଇପାରେ। ୧୦ ଲକ୍ଷରୁ ୨୦ ଲକ୍ଷ ଭିତରେ ଆୟ କରୁଥିବା ଲୋକମାନଙ୍କ ପାଇଁ ଆୟକର ଦେୟ ୨୦ ପ୍ରତିଶତ ଧାର୍ଯ୍ୟ କରାଯାଇପାରେ। ୨୦ ଲକ୍ଷରୁ ୨ କୋଟି ପର୍ଯ୍ୟନ୍ତ ଆୟ କରୁଥିବା ଲୋକଙ୍କ ପାଇଁ ୩୦ ପ୍ରତିଶତ ଏବଂ ତଦୂର୍ଦ୍ଧ୍ୱ ଆୟକାରୀଙ୍କ ପାଇଁ ୩୫ ପ୍ରତିଶତ ଆୟକର ଧାର୍ଯ୍ୟ କରାଯାଇପାରେ। ପୁନଶ୍ଚ ଆୟକର ଉପରେ ଲାଗୁଥିବା ବିଭିନ୍ନ ପ୍ରକାର ସର୍‌ଚାର୍ଜ ଓ ସେସ୍ ବ୍ୟବସ୍ଥା ମଧ୍ୟ ଉଠେଇ ଦିଆଯାଇପାରେ। ଆୟକର ହ୍ରାସ ପାଇଲେ ଅଧିକ ଲୋକ ଆୟକର ଦାଖଲ କରିବାକୁ ଉତ୍ସାହିତ ହୋଇପାରନ୍ତି ଏବଂ ଏହା ଅଧିକ ଲୋକଙ୍କୁ ଆୟକର ରିଟର୍ନ ଦାଖଲ କରିବା ପାଇଁ ଅନୁପ୍ରେରିତ କରିପାରେ।

## ଆଜିର ଅର୍ଥନୀତି

ତେବେ ଆୟକର ହ୍ରାସ ପାଇଲେ ଯେ ଖାଉଟି ଚାହିଦା ବୃଦ୍ଧି ପାଇବ, ବିଶେଷତଃ ଏକ ମାନ୍ଦାବସ୍ଥା–ବାଧିତ ଅର୍ଥନୀତି କ୍ଷେତ୍ରରେ, ତାହା ନୁହେଁ। ଅର୍ଥନୈତିକ ଚଳଚଞ୍ଚଳତାରେ ପରିବର୍ତ୍ତନ ଅନେକ କାରକ ଉପରେ ନିର୍ଭର କରେ। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିକଟରେ ପ୍ରକାଶିତ ବାର୍ଷିକ ରିପୋର୍ଟ ଅନୁସାରେ ଖାଉଟି ଚାହିଦା ବୃଦ୍ଧି କରିବା ପାଇଁ ହେଲେ ବ୍ୟାଙ୍କିଙ୍ଗ୍ ଓ ଅଣ–ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଅଭିବୃଦ୍ଧି ଆବଶ୍ୟକ। ତା' ଛଡ଼ା ଭିତ୍ତିଭୂମି କ୍ଷେତ୍ରରେ ବ୍ୟୟବୃଦ୍ଧି ଏବଂ ଶ୍ରମ ଆଇନ ଓ ଟିକସ ଧାର୍ଯ୍ୟ ଉପରେ ରଚନାତ୍ମକ ସଂସ୍କାର ସହ ଅନ୍ୟାନ୍ୟ ଆଇନଗତ ସଂସ୍କାରର ଆବଶ୍ୟକତା ରହିଛି। ହାତରେ ଅଧିକ ଟଙ୍କା ରହିଲେ ଯେ ଲୋକମାନେ ତାକୁ ବିଭିନ୍ନ ଦ୍ରବ୍ୟ ଓ ସେବା କ୍ରୟ କରିବାରେ ବିନିଯୋଗ କରିବେ ତାହା ନୁହେଁ। ଅର୍ଥନୈତିକ ମାନ୍ଦାବସ୍ଥା ସମୟରେ ଲୋକମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଘଟେ। ସେମାନେ ହାତରେ ଟଙ୍କା ରଖି ମାପିଚୁପି ଖର୍ଚ୍ଚ କରିବାକୁ ଚାହାନ୍ତି। ଭବିଷ୍ୟତର ଆବଶ୍ୟକତାକୁ ନଜରରେ ରଖି ସେମାନେ ହିସାବ କରି ଖର୍ଚ୍ଚ କରନ୍ତି। ତଥାପି ବ୍ୟକ୍ତିଗତ ଆୟକର ସ୍ଲାବ୍ ହ୍ରାସ କରିବା ଏକ ଉତ୍ତମ ଅନୁବର୍ତ୍ତୀ (ଫଲୋ–ଅପ୍) ପଦକ୍ଷେପ ହେବ ଏବଂ ଆଗାମୀ ପାର୍ବଣ ଋତୁ ପରିପ୍ରେକ୍ଷୀରେ ଏହା ଲୋକଙ୍କୁ ଅଧିକ ଜିନିଷ କ୍ରୟ କରିବା ପାଇଁ ଉତ୍ସାହିତ କରିବ, ଯାହା ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ତେବେ ବର୍ତ୍ତମାନ ସବୁଠୁ ବଡ଼ ଆବଶ୍ୟକତା ହେଉଛି ରଚନାତ୍ମକ ସଂସ୍କାର ଆଣି ଉତ୍ପାଦକତା ବୃଦ୍ଧି କରିବା।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ସେପ୍ଟେମ୍ବର ୧୯୯୪

- ଭାରତ ଆନ୍ତର୍ଜାତିକ ଆଣବିକ ଶକ୍ତି ଏଜେନ୍ସିର ଅଧ୍ୟକ୍ଷ ରୂପେ ନିର୍ବାଚିତ।
- ଆଙ୍ଗୋଲାର ଦକ୍ଷିଣାଞ୍ଚଳ ଲୁବାଙ୍ଗେ ସହରରେ ଏକ ଟ୍ରେନ୍ ଦୁର୍ଘଟଣାରେ ୭୦ ମୃତ।
- ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଗବେଷଣା ପାଇଁ ଆଲୋକ ଭଟ୍ଟାଚାର୍ଯ୍ୟଙ୍କ ସମେତ ୧୧ ଜଣଙ୍କୁ ୧୯୯୪ ବର୍ଷର ସମ୍ମାନଜନକ ଶାନ୍ତି ସ୍ୱରୂପ ଭଟ୍ଟନଗର ପୁରସ୍କାର ପ୍ରଦାନ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | | | D | 7 | 0 | 8 | | | | E | | |
| | | E | 5 | B | 3 | 2 | | | | 0 | | 4 | | |
| 4 | D | | | | | A | | 5 | | | 3 | | | |
| | 1 | C | | | | | E | | | | D | | | 7 |
| | | A | | 9 | | | | 1 | | 8 | 5 | | | |
| | 4 | | A | | 9 | | 3 | | E | | | | C | B |
| | | | | 7 | | | | A | 4 | D | | 0 | 2 | |
| | | | | 0 | C | | | B | 3 | | A | | | D |
| | | | | | 4 | 5 | 9 | | | | 6 | | | 3 |
| | | | | | B | | 1 | 4 | | | | 5 | 6 | |
| | 3 | | C | 4 | | | D | | 0 | A | | 7 | | |
| | A | | | | | | | | | B | 9 | | | 2 |
| 9 | | | | | | | | | | | | C | | 8 |
| | | B | | | | 1 | 5 | | D | | 7 | | | 0 |
| 7 | | | | | 5 | 9 | B | 2 | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 0 | 1 | 6 | 5 | E | A | 3 | 9 | 4 | B | 7 | 8 | C | 2 |
| 6 | 2 | 4 | 0 | 7 | 3 | E | C | D | 8 | A | 1 | 5 | B | 9 |
| B | 8 | E | 9 | D | 2 | 4 | 6 | 7 | 3 | C | 5 | A | 0 | 1 |
| 7 | 5 | A | B | 1 | C | 8 | 2 | 0 | E | 6 | 9 | D | 4 | 3 |
| C | 9 | 3 | A | 8 | 4 | 5 | B | 1 | 2 | 0 | D | 7 | E | 6 |
| E | B | 7 | 8 | 4 | 6 | C | 5 | 2 | 0 | 1 | 3 | 9 | D | A |
| 5 | C | 2 | E | 9 | 0 | B | 8 | 3 | 7 | D | A | 1 | 6 | 4 |
| 1 | A | 0 | 5 | B | D | 7 | 9 | 4 | 6 | 8 | E | 2 | 3 | C |
| 3 | 6 | D | C | 2 | 7 | 1 | A | E | B | 9 | 4 | 0 | 5 | 8 |
| 9 | 4 | 8 | 3 | A | 1 | D | 0 | 6 | 5 | 2 | C | B | 7 | E |
| 0 | 1 | C | D | 3 | 8 | 9 | 4 | B | A | 7 | 6 | E | 2 | 5 |
| 2 | 3 | B | 7 | C | 9 | 6 | 1 | 5 | D | E | 8 | 4 | A | 0 |
| 8 | D | 6 | 4 | 0 | A | 2 | E | C | 9 | 5 | B | 3 | 1 | 7 |
| A | E | 5 | 2 | 6 | B | 3 | 7 | 8 | 1 | 4 | 0 | C | 9 | D |
| 4 | 7 | 9 | 1 | E | 5 | 0 | D | A | C | 3 | 2 | 6 | 8 | B |

ଗତକାଲିର ଉତ୍ତର

# ସ୍ୱଚ୍ଛତା ପାଇଁ ପ୍ଲାଷ୍ଟିକ ପ୍ରତିବନ୍ଧକ



ଡ. ଆଶୁତୋଷ ଦେବତା

ସ୍ୱଚ୍ଛତା ହିଁ ସୁସ୍ଥତାର ହେତୁ। ବିଶ୍ୱରେ ଆବର୍ଜନାର ପରିମାଣ ଗତ ୨୦ ବର୍ଷ ମଧ୍ୟରେ ୫ ଗୁଣରୁ ଅଧିକ ହୋଇଯାଇଛି। ମହାତ୍ମା ଗାନ୍ଧୀ ଯଥାର୍ଥରେ କହିଛନ୍ତି ଯେ, ଦେଶର ସ୍ୱାଧୀନତାର ସୁରକ୍ଷା ଯେପରି ଆବଶ୍ୟକ ସେହିପରି ସ୍ୱଚ୍ଛତା ପ୍ରତି ସଯତ୍ନ ପ୍ରଚେଷ୍ଟା ଆବଶ୍ୟକ। ତାଙ୍କ ମତରେ ଯେ ପର୍ଯ୍ୟନ୍ତ ଆମେ ଝାଡୁ ଓ ବାଲ୍‌ଟି ଧରି ନିଜ ନିଜର ଗୃହ, ଗ୍ରାମ ଓ ସହର ସଫା କରିବା ପାଇଁ ଆଗଭର ନ ହୋଇଛେ ଏକ ଶାନ୍ତ, ସ୍ୱଚ୍ଛ, ସବୁଜ, ସୁନ୍ଦର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ଗଠନ ଅସମ୍ଭବ। ମୁଖ୍ୟତଃ ଆବର୍ଜନା ମଧ୍ୟରେ କଠିନ, ତରଳ, ଗ୍ୟାସୀୟ, ଇଲେକ୍ଟ୍ରୋନିକ୍, କୃଷିଜାତ ଓ ବିଶେଷତଃ ପ୍ଲାଷ୍ଟିକ ଅନ୍ତର୍ଭୁକ୍ତ। ସମ୍ପ୍ରତି ଜୀବନ ଜୀବିକାରେ ପ୍ଲାଷ୍ଟିକର ବ୍ୟବହାର ଅପରିହାର୍ଯ୍ୟ ହୋଇଯାଇଛି। ଖ୍ରୀଷ୍ଟପୂର୍ବ ୧୬୬୦ରେ ଉତ୍ତର ଆମେରିକାର କିଛି ଅଞ୍ଚଳର ଅଧିବାସୀ ରବରରୁ ଚୁଇଙ୍ଗମ ପରି ପ୍ରାକୃତିକ ପଲିମର ପ୍ରସ୍ତୁତ କରିଥିଲେ। ୱାଲେସ୍ ଏଚ୍. କାରୋଥର୍ସ ନାମକ ଜଣେ ରସାୟନବିତ୍ ପ୍ଲାଷ୍ଟିକକୁ ଲୋକଲୋଚନକୁ ଆଣିଥିଲେ। ପ୍ଲାଷ୍ଟିକ 'ପଲିମର' ପରିବାରର ଅନ୍ତର୍ଭୁକ୍ତ। ଯେଉଁ ପଲିମରଗୁଡ଼ିକ ନମନୀୟତା ଗୁଣ ଧାରଣ କରନ୍ତି ସେଗୁଡ଼ିକୁ ଆମେ ପ୍ଲାଷ୍ଟିକ କହିଥାଉ। ଏଥିରେ ଦୈନନ୍ଦିନ ଜୀବନରେ ବ୍ୟବହୃତ ସୁନ୍ଦର, ସହଜ ଓ ସୁଲଭ ମୂଲ୍ୟର ପଦାର୍ଥ ଉପଲବ୍ଧି ହୁଏ। ପଲିଥିନ ନାମକ ପଲିମର ୧୯୩୩ ମସିହାରେ ଇଂଲଣ୍ଡର ନର୍ଥ ଉଇଚର ନାମକ ରସାୟନିକ କାରଖାନାରେ ଆବିଷ୍କୃତ ହୋଇଥିଲା। ବ୍ରିଟିଶ ସୈନିକମାନେ ଏହି ପଲିମରକୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ୟବହାର କରିଥିଲେ। ପ୍ରଥମେ ସିନ୍ଥେଟିକ ପ୍ଲାଷ୍ଟିକକୁ ବେକେଲାଇଟ କୁହାଯାଉଥିଲା ଏବଂ ଏହାକୁ ଜୀବାଶ୍ମ ଇନ୍ଧନରୁ ବାହାର କରାଯାଇଥିଲା। ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ବଜାରରେ ଉପଲବ୍ଧ ହେଉଛି।

ପ୍ଲାଷ୍ଟିକ ସାମଗ୍ରୀ ଦୈନନ୍ଦିନ ଜୀବନରେ ଜାଲ ବିସ୍ତାର କରିସାରିଛି। ପ୍ଲାଷ୍ଟିକର ବ୍ୟବହାର ବୃଦ୍ଧିପାଇବା ଜୀବଜଗତ ପ୍ରତି ବିପଜ୍ଜନକ। ୧୯୬୦ରେ ବିଶ୍ୱରେ ୫୦ ଲକ୍ଷ ଟନ୍ ପ୍ଲାଷ୍ଟିକ ପ୍ରସ୍ତୁତ କରାଯାଇଥିଲା। ଏବେ ଏହା ୪୦୦ ମିଲିଅନ୍ ଟନ୍‌ରେ ପହଞ୍ଚିଛି। ଅର୍ଥାତ୍ ସମସ୍ତ ଲୋକଙ୍କ ପାଇଁ ପ୍ରତ୍ୟେକ ବର୍ଷ ବିଶ୍ୱରେ ୨୮କି.ଗ୍ରା. ଓ ଭାରତରେ ବାର୍ଷିକ ୧୧ କି.ଗ୍ରା. ପ୍ଲାଷ୍ଟିକ୍ ପ୍ରସ୍ତୁତ କରାଯାଉଛି। ଇକୋନୋମିକ୍ ଫୋରମର ଏକ ରିପୋର୍ଟ ଅନୁଯାୟୀ ଭାରତରେ ପ୍ରତିଦିନ ୧୬ ହଜାର ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ସୃଷ୍ଟି ହେଉଛି। ପୃଥିବୀରେ ଏକ ମିନିଟ୍‌କୁ ପ୍ରାୟ ଏକ ମିଲିୟନ ପ୍ଲାଷ୍ଟିକ୍ ପାଣିବୋତଲ ଓ ପ୍ରତିବର୍ଷ ୫ ଟ୍ରିଲିଅନ୍ ପ୍ଲାଷ୍ଟିକ ବ୍ୟାଗ ଥରେ ବ୍ୟବହାର କରି ଫୋପାଡି ଦିଆଯାଉଛି। ପଲିଥିନ୍ ଆବର୍ଜନାକୁ ଗାଈଗୋରୁ ଖାଇ ମରୁଛନ୍ତି। ଏଣେତେଣେ ପ୍ଲାଷ୍ଟିକ୍ ଓ ପଲିଥିନ ଗଦାହୋଇ ରହିବାରୁ ମଶାମଂଶ ବୃଦ୍ଧି ପାଇ ଡେଙ୍ଗୁ, ଚିକୁନଗୁନିଆ, ମ୍ୟାଲେରିଆ ପ୍ରଭୃତି ମାରାତ୍ମକ ରୋଗ ସୃଷ୍ଟି ହେଉଛି। ଆମ ଶରୀରରେ ପ୍ଲାଷ୍ଟିକ ବର୍ଜ୍ୟର ପରିମାଣ ବଢ଼ିବାରେ ଲାଗିଛି। ଫଳରେ ଆମେ ଏକ ନୀରବ ମୃତ୍ୟୁ ଆଡକୁ ଅଗ୍ରସର ହେଉଛେ। ନିକଟରେ ପ୍ରକାଶିତ ବିଶ୍ୱ ବନ୍ୟଜନ୍ତୁ ପାଣ୍ଠି (ଡବ୍ଲ୍ୟୁଡବ୍ଲ୍ୟୁଏଫ୍)ର ଏକ ରିପୋର୍ଟ ଅନୁଯାୟୀ ଜଣେ ବ୍ୟକ୍ତି ଶରୀରରେ ସପ୍ତାହକୁ ୨ ହଜାର ଅତି କ୍ଷୁଦ୍ର ପ୍ଲାଷ୍ଟିକ୍ ଖଣ୍ଡ ପ୍ରବେଶ କରୁଛି। ବଡ଼ ବଡ଼ ପ୍ଲାଷ୍ଟିକ ଖଣ୍ଡ ଉତ୍ତାପ ଓ ବାୟୁ ଦ୍ୱାରା ଛୋଟ ଛୋଟ ମାଇକ୍ରୋପ୍ଲାଷ୍ଟିକରେ ପରିଣତ ହୋଇ ନାଳ ନର୍ଦ୍ଦମା ଓ ସମୁଦ୍ରରେ ମିଶୁଛି। ସମୁଦ୍ର ଜଳରେ ଛୋଟ ଛୋଟ ଭାସୁଥିବା ପ୍ଲାଷ୍ଟିକ ଖଣ୍ଡ ଦେଖିବାକୁ 'ଜୁ ପ୍ଲାଙ୍କଟନ୍' ଭଳି। ଏହାକୁ ଖାଦ୍ୟ ବୋଲି ଭାବି ଜେଲି ଫିସ୍‌ମାନେ ଗିଳିଦିଅନ୍ତି। ସର୍ବେକ୍ଷଣରୁ ଜଣାପଡ଼ିଛି ୨୦୫୦ ମସିହା ସୁଦ୍ଧା ସମୁଦ୍ରରେ ମାଛ ଅପେକ୍ଷା ପ୍ଲାଷ୍ଟିକ୍ ଖଣ୍ଡର ସଂଖ୍ୟା ଅଧିକ ହେବ। ସମୁଦ୍ରର ପ୍ରତି ବର୍ଗ ମାଇଲ ପରିସୀମାରେ ପ୍ରାୟ ୪୬ ଲକ୍ଷ ହଜାର ପ୍ଲାଷ୍ଟିକ୍ ଭାସୁଛି। ଆମେ ନିୟମିତ ଖାଉଥିବା ଲୁଣ, ଚାଉଳ ଓ ଅଣ୍ଡାରେ ବି ପ୍ଲାଷ୍ଟିକର ଅଂଶ ଥିବା ଚର୍ଚ୍ଚାରେ ଆସୁଛି। ଏସିଆ ମହାଦେଶ ହିଁ ପ୍ଲାଷ୍ଟିକ୍ ପ୍ରଦୂଷଣର ଅନ୍ତୁଡ଼ିଶାଳ କହିଲେ ଅତ୍ୟୁକ୍ତି ହେବନାହିଁ। ଏସିଆ ମହାଦେଶର ବୃହତ୍ତମ ନଦୀ ଚାଇନାର ଚ୍ୟାଙ୍ଗ୍‌ଜିଆଙ୍ଗରେ ସର୍ବାଧିକ ଚଉଦ ଲକ୍ଷ ଟନ୍‌ରୁ ଅଧିକ ପ୍ଲାଷ୍ଟିକ୍ ରହିଛି। ବୈଜ୍ଞାନିକମାନେ ମାରିନା ଟ୍ରେଞ୍ଚରେ ସମୁଦ୍ର ପଉନର ୩୬ ହଜାର ଫୁଟ ତଳେ ପ୍ଲାଷ୍ଟିକ୍ ଆବର୍ଜନା ଠାବ କରିଛନ୍ତି। ସମୁଦ୍ର ବେଳାଭୂମିରେ ପ୍ଲାଷ୍ଟିକ୍‌ମୟ ଆବର୍ଜନା ଠୁଳ ଯୋଗୁ ପର୍ଯ୍ୟଟକମାନଙ୍କ ସଂଖ୍ୟା କମିଯାଉଛି। ପ୍ଲାଷ୍ଟିକ୍ ଆବର୍ଜନାରୁ ପାଖାପାଖି ୮୫୦ ମିଲିଅନ୍ ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ପ୍ରବେଶ କରି ସବୁଜ ଗୃହକୁ ବହୁମାତ୍ରାରେ ପ୍ରଭାବିତ କରୁଛି। କ୍ଲୋରିନେଟେଡ୍ ପ୍ଲାଷ୍ଟିକ୍ ପାରିପାର୍ଶ୍ୱିକ ମୃତ୍ତିକାରେ କ୍ଷତିକାରକ ରାସାୟନିକ ପଦାର୍ଥ ନିର୍ଗତ କରିଥାଏ, ଯାହା ଭୂତଳ ଜଳକୁ ପ୍ରଦୂଷଣ କରୁଛି। ଏହାକୁ ପାନ କରି ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟହାନି ହେଉଛି। ଯେହେତୁ ପଲିମର ଜୈବ ବିଘଟନଯୋଗ୍ୟ ନୁହେଁ, ଶତକଡା ପ୍ରାୟ ୮୦ ଭାଗ ପ୍ଲାଷ୍ଟିକ୍ ବା ପଲିଥିନ ଆବର୍ଜନା ସହର ଓ ଗ୍ରାମ ଉପକଣ୍ଠରେ ଇତସ୍ତତଃ ଗଦାହୋଇ ରହେ। ସେଥିରୁ ଶତକଡା ୧୨ ଭାଗ ଆମେ ପୋଡ଼ି ନଷ୍ଟ କରି ଦେଉଛେ, ଯାହାଫଳରେ ଡାଇଓକ୍ସିନ ଓ ବେଞ୍ଜିନ୍ ଭଳି ବିଷାକ୍ତ ବାଷ୍ପ ବାୟୁମଣ୍ଡଳରେ ମିଶି ପ୍ରତିକୂଳ ପ୍ରଭାବ ପକାଏ। ମାତ୍ର ଶତକଡା ୧୦ ଭାଗ ପ୍ଲାଷ୍ଟିକର ବିଘଟନ ହୋଇପାରୁଛି। ଏତଦ୍‌ବ୍ୟତୀତ ପ୍ରକାରାନ୍ତରେ ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁ ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ, ବାୟୁମଣ୍ଡଳ, ଜଳମଣ୍ଡଳ ଓ ମୃତ୍ତିକା ପ୍ରଦୂଷଣ, ଭୂତଳ ଜଳ ପ୍ରଦୂଷଣ, ଶ୍ୱାସରୋଗଠାରୁ ଥାଇରଏଡ୍ ହରମୋନ୍ ବୃଦ୍ଧି, କର୍କଟ ଭଳି ମାରାତ୍ମକ ରୋଗ ହେଉଥିବା ପ୍ରମାଣିତ। ୨୦୧୬ ଗାନ୍ଧୀ ଜୟନ୍ତୀରେ କେନ୍ଦ୍ର ସରକାର 'ପ୍ୟାରିସ ପରିବେଶ ଚୁକ୍ତି'କୁ ସମର୍ଥନ କରି ଗ୍ରାମ ଓ ସହରରୁ ପ୍ଲାଷ୍ଟିକ୍ ବର୍ଜନ ଅଧିନିୟମ କରିଛନ୍ତି। ଓଡ଼ିଶା ସରକାର ୨୦୧୮ ଅକ୍ଟୋବର ୨ରୁ ରାଜ୍ୟରେ ୫ ମହାନଗର ନିଗମ ଓ ପୁରୀ ପୌରପରିଷଦ ଅଞ୍ଚଳରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରିଛନ୍ତି। ଚଳିତବର୍ଷ ରାଜ୍ୟର ସବୁ ମ୍ୟୁନିସିପାଲିଟି, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଗ୍ରାମାଞ୍ଚଳରେ ଏହାକୁ କଡ଼ାକଡ଼ି ଲାଗୁ କରାଯିବା ପାଇଁ ସିଦ୍ଧାନ୍ତ ନେଇଛନ୍ତି। ୫୦ ମାଇକ୍ରନରୁ କମ୍ ମୋଟେଇବିଶିଷ୍ଟ ପ୍ଲାଷ୍ଟିକ୍ ବା ପଲିଥିନ୍, ୨୦୦ମିଲିମିଟରରୁ କମ୍ ପାଣି ବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ୍ ଚାମଚ, କପ୍, ପ୍ଲେଟ୍, ଗ୍ଲାସ୍, ଥାଳିଆ, ପାଣି ପାଉଚ୍ ଆଦି ସାମଗ୍ରୀ ବ୍ୟବହାର ଉପରେ କଟକଣା ଜାରିହେବା ସହ ଉଲ୍ଲଂଘନକାରୀଙ୍କ ପାଇଁ ଦଣ୍ଡବିଧାନର ମଧ୍ୟ ବ୍ୟବସ୍ଥା ରହିଛି। ଗ୍ରାମ ଓ ସହରାଞ୍ଚଳରେ ଏ ଦିଗରେ ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟାଲ ଷ୍ଟଡିଜ୍ ତରଫରୁ ଇକୋ–କ୍ଲବ୍ ଦ୍ୱାରା ୨୦୧୭ ମସିହାରୁ ବିବିଧ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ପ୍ରତି ଇକୋ–କ୍ଲବ୍‌କୁ ପ୍ଲାଷ୍ଟିକ୍‌ମୁକ୍ତ ଅନୁଷ୍ଠାନରେ ପରିଣତ କରିବାକୁ ପରାମର୍ଶ ଦିଆଯାଉଛି। ବୈଜ୍ଞାନିକମାନେ ସମ୍ପ୍ରତି ଏକପ୍ରକାର ଅଣୁଜୀବ ଉଦ୍ଭାବନ କରିଛନ୍ତି, ଯାହାଦ୍ୱାରା ପ୍ଲାଷ୍ଟିକ୍ ବିଘଟିତ ହେବ। ଜାପାନର ବୈଜ୍ଞାନିକମାନେ ପ୍ଲାଷ୍ଟିକ କ୍ଷୟ ପାଇଁ DPETASE ଅଣୁଘଟକ ଉଦ୍ଭାବନ କରିଛନ୍ତି। ଅପରନ୍ତୁ ପଲିମରର ବିକଳ୍ପ ରୂପେ ଝୋଟ, କାଚ, ବାଉଁଶ, ଆଲୁମିନିୟମ୍ ଇତ୍ୟାଦି ପଦାର୍ଥରେ ପ୍ରସ୍ତୁତ ଜିନିଷ ବ୍ୟବହାର ପାଇଁ ପ୍ରୋତ୍ସାହନ ଦିଆଯାଉଛି। ପ୍ଲାଷ୍ଟିକ ଆବର୍ଜନାରୁ ଇନ୍ଧନ, ରାସ୍ତା ପ୍ରସ୍ତୁତି କଂକ୍ରିଟ୍, ଗୃହନିର୍ମାଣ ଇଟା ପ୍ରସ୍ତୁତି ପାଇଁ ଶିଳ୍ପୋଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି।

ନିର୍ଦ୍ଦେଶକ, ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟାଲ ଷ୍ଟଡିଜ୍, ଜଙ୍ଗଲ ଓ ପରିବେଶ ବିଭାଗ,
ମୋ–୯୯୩୮୯୩୨୬୭୧

# ଭାଷାକୋଷ ପ୍ରଣେତା



ଡ. ଉଦ୍ଧବ ଚରଣ ନାୟକ

## ଗୋପାଳ ପ୍ରହରାଜଙ୍କ ଜୟନ୍ତୀ ଉପଲକ୍ଷେ

ରାୟବାହାଦୁର ଗୋପାଳ ଚନ୍ଦ୍ର ପ୍ରହରାଜ ବିଂଶ ଶତକର ପ୍ରଥମ ପାଦର ପ୍ରସିଦ୍ଧ ଗଦ୍ୟ ସାହିତ୍ୟିକ ଓ ଅଭିଧାନ ସଂକଳକ। ଗଳ୍ପ ଛଳରେ ତତ୍କାଳୀନ ସମାଜକୁ ପରିହାସ କରିବା ହେଲା ପ୍ରହରାଜଙ୍କ ବୈଶିଷ୍ଟ୍ୟ। ତାଙ୍କର ଏହି ଶ୍ରେଣୀର ରଚନା ମଧ୍ୟରେ ଭାଗବତ ଟୁଙ୍ଗିରେ ସନ୍ଧ୍ୟା, ବାଇ ମହାନ୍ତି ପାଞ୍ଜି ଓ ନନାଙ୍କ ବସ୍ତାନି ଆଦି ପୁସ୍ତକ ପ୍ରଧାନ। ତାଙ୍କର ଅନ୍ୟାନ୍ୟ ରଚନାଗୁଡ଼ିକ ହେଲା ଉତ୍କଳ କାହାଣୀ, ଓଡ଼ିଆ ଢଗଢ଼ମାଳି ଓ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ। ବିରାଟ ଚାତୁର୍ଭାଷିକ ଭାଷାକୋଷଟି ସାତଖଣ୍ଡରେ ବିଭକ୍ତ ଏକ ବିରାଟ ଗ୍ରନ୍ଥ।

ପ୍ରହରାଜ ଥିଲେ କଟକର ଜଣେ ଖ୍ୟାତନାମା ଓକିଲ। ପୁରୀରେ ସରକାରୀ ଓକିଲ ଭାବେ ମଧ୍ୟ ସେ ଖ୍ୟାତି ଅର୍ଜନ କରିଥିଲେ। ୧୯୦୧ ମସିହାରେ କେବଳ ଦେଢ଼ମାସ ପାଇଁ ସେ ଥିଲେ ରେଭେନ୍‌ଶା କଲେଜ ସଂସ୍କୃତ ବିଭାଗର ଅଧ୍ୟାପକ। ୧୮୭୪ ମସିହାରେ ସେ ଜନ୍ମ ହୋଇଥିଲେ କଟକ ଜିଲାର ସିଦ୍ଧେଶ୍ୱରପୁର ଗ୍ରାମରେ। ପିତା ନରସିଂହ ପ୍ରହରାଜ ଥିଲେ ଜଣେ ଧର୍ମନିଷ୍ଠ ବ୍ୟକ୍ତି। ମାତାଙ୍କ ନାମ ସୂର୍ଯ୍ୟମଣି ଦେବୀ। ବିଦ୍ୟାଳୟରେ ଅଧ୍ୟୟନ କାଳରେ ସେ ଥିଲେ ଜଣେ ସାଧାରଣ ଛାତ୍ର। ବନାନ ଭୁଲ୍ କରି ଲେଖିବା ଥିଲା ତାଙ୍କର ବହୁଦିନ ଯାଏ ଅଭ୍ୟାସ। ସେ ନିଜେ ଲେଖିଯାଇଛନ୍ତି, ମୁଁ ଜଣେ ଇଂଲିଶ ଉଚ୍ଚ ଶିକ୍ଷାପ୍ରାପ୍ତ ଯୁବକ ହୋଇ ବି ନିଜ ଲେଖାରେ ଇ, ଈ, ର, ରୁ ଓ ଶ, ଷ, ସ ବର୍ଣ୍ଣମାଳା ପ୍ରୟୋଗରେ ଭୁଲ୍ କରିବସୁଥିଲି ଅନେକ ଦିନ ଯାଏ। ୧୮୯୧ ମସିହାରେ ସେ ଏଣ୍ଟ୍ରାନ୍‌ସ ପାସ୍ କଲେ। ଦୁଇ ଥରରେ ଆଇ.ଏ. ପାସ୍ କଲେ। କଲିଜିଏଟ ସ୍କୁଲରେ ପଢୁଥିବା ବେଳେ ସେ ପ୍ରବନ୍ଧ ପ୍ରତିଯୋଗିତାରେ ପୁରସ୍କାର ପାଇଥିଲେ। ତାଙ୍କର ସହପାଠୀ ଥିଲେ କବିବର ରାଧାନାଥ ରାୟଙ୍କ ସୁପୁତ୍ର ଶଶିଭୂଷଣ ରାୟ। ଆଇ.ଏ. ପାସ୍ କରି ଇଞ୍ଜିନିୟରିଂ ପଢ଼ିବା ପାଇଁ କଲିକତାରେ ଶିବପୁର ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇଲେ। ବର୍ଷେ ଖଣ୍ଡେ ଅଧ୍ୟୟନ କରି ଦେହ ଖରାପ ହେବାରୁ କଟକ ଫେରିଆସି ରେଭେନ୍‌ଶା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇଲେ। ୧୮୯୮ ମସିହାରେ ବି.ଏ. ପାସ୍ ପରେ ଓକିଲାତି ପଢ଼ି କଟକରେ ଓକିଲାତି ଆରମ୍ଭ କଲେ। ଓକିଲାତି ବ୍ୟବସାୟରେ ତାଙ୍କର ଗୁରୁ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ।

ଉତ୍କଳ ସାହିତ୍ୟ ପତ୍ରିକାରେ ସେ ଲେଖିଲେ ଆମ ଘରର ହାଲଚାଲ, ଦୁନିଆର ହାଲଚାଲ, ନନାଙ୍କ ବସ୍ତାନି, ବାଇନନାଙ୍କ ବୁଜୁଲି, ମିଆଁ ସାହେବଙ୍କ ରୋଜନାମଚା, ଜେଜେବାବାଙ୍କ ଗୁଣିମୁଣି ଓ ଦୁନିଆର ରୀତି ଆଦି, ଯାହା ଧାରାବାହିକ ଭାବରେ ପ୍ରକାଶ ପାଇଲା। ସେହି ସମୟରେ ଚାଲିଥାଏ ଢେଙ୍କାନାଳ ଗଡ଼ଜାତରେ



ଅନ୍ଧାରିଶାସନ। ଦିନେ କଟକରେ ଢେଙ୍କାନାଳ ରାଜା ଶଙ୍କର ପ୍ରତାପଙ୍କ ସହ ତାଙ୍କର ଭେଟ ହୋଇଗଲା। ପ୍ରହରାଜେ ରାଜାଙ୍କୁ ସିଧାସଳଖ ଢେଙ୍କାନାଳ ରାଜ୍ୟ ଶାସନର ଦୋଷଦୁର୍ବଳତା ଓ ଅତ୍ୟାଚାର କଥା ପଚାରିଲେ। ରାଜା ଶଙ୍କର ପ୍ରତାପ ପ୍ରହରାଜଙ୍କୁ ପାନେ ଚଖାଇବା ପାଇଁ ତାଙ୍କ ରାଜ୍ୟ ଢେଙ୍କାନାଳକୁ ନିମନ୍ତ୍ରଣ କଲେ। ପ୍ରହରାଜେ ରାଜାଙ୍କର ମନ୍ଦ ଉଦ୍ଦେଶ୍ୟ ବୁଝି ନ ପାରି ଢେଙ୍କାନାଳ ଗଲେ। ସେଠାରେ ରାଜା ପ୍ରହରାଜଙ୍କୁ ଯେପରି ବ୍ୟବହାର ଦେଖାଇଲେ ସେ କଥା ହେବ ବୋଲି ସେ ଜାଣି ନ ଥିଲେ। ଯାହାହେଉ ଢେଙ୍କାନାଳରୁ କୌଶଳକ୍ରମେ ଚାଲି ଆସିଲେ କଟକ ସହରକୁ। ହେଲେ ପ୍ରହରାଜେ କି ଛାଡ଼ିବାର ଲୋକ। ରାଜା ଶଙ୍କର ପ୍ରତାପଙ୍କ ଅତ୍ୟାଚାରର ଅଙ୍ଗେନିଭା କାହାଣୀ ଓ ପ୍ରଜାମାନଙ୍କ ଉପରେ ଚାଲିଥିବା ଅନ୍ୟାୟ ଅତ୍ୟାଚାରର କାହାଣୀଗୁଡ଼ିକୁ ଏକତ୍ର କରି ସ୍ୱପ୍ନରେ ରାଜଯୋଗ ଶୀର୍ଷକରେ ଧୁର୍ମୁଷଧର୍ମୀ ଗୁପ୍ତ ନାମରେ ନବଭାରତ ମାସିକ ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶ କଲେ। ନବଭାରତର ସମ୍ପାଦକ ଥାଆନ୍ତି ପଣ୍ଡିତ ନୀଳକଣ୍ଠ ଦାସ। ଦୁଇ ତିନୋଟି ଲେଖା ବାହାରିବା ପରେ ଓଡ଼ିଶାରେ ଚାଞ୍ଚଲ୍ୟ ଖେଳିଗଲା। ଲେଖା ପ୍ରକାଶନ ବନ୍ଦ କରିବା ପାଇଁ ପଣ୍ଡିତ ନୀଳକଣ୍ଠଙ୍କ ଉପରେ ଚାପ ପଡ଼ିଲା। ହେଲେ ପଣ୍ଡିତେ ଦୃଢ଼ ଭାବରେ ଲେଖାଗୁଡ଼ିକ ପ୍ରକାଶ କରିବାରେ ଲାଗିଲେ।

୧୯୧୬ ମସିହାରେ ଗୋପାଳ ପ୍ରହରାଜ ଭାଷାକୋଷ ପ୍ରଣୟନ ଆରମ୍ଭ କଲେ। ଦିନକୁ ଅଠର ଘଣ୍ଟା ପରିଶ୍ରମ କରି ଦଶବର୍ଷରେ ଅର୍ଥାତ୍ ୧୯୨୭ ମସିହା ସୁଦ୍ଧା ମୂଳ ପାଣ୍ଡୁଲିପି ପ୍ରସ୍ତୁତି ସମାପନ କଲେ। ପ୍ରଥମେ ଏହାର ମୁଦ୍ରଣ ବ୍ୟୟ ୨୮,୪୦୦ ଟଙ୍କା ହେବ ବୋଲି ଅଟକଳ କରାଗଲା। ଓଡ଼ିଶାର ପ୍ରଥମ ଲାଟ୍‌ସାହେବ ହବାକ ସାହେବ ଭାଷାକୋଷ ପ୍ରକାଶ ନିମନ୍ତେ ୧୯,୨୦୦ ଟଙ୍କା ଅନୁଦାନ କରାଇଦେଲେ। ହେଲେ ପ୍ରାଥମିକ ଅଟକଳଠାରୁ ବ୍ୟୟଭାର ବଢ଼ିଯିବାରୁ ପ୍ରହରାଜେ ନିଜ ଘର ବନ୍ଧା ପକାଇ ଛାପାକାର୍ଯ୍ୟ ତ୍ୱରାନ୍ୱିତ କଲେ। ମୟୂରଭଞ୍ଜର ତତ୍କାଳୀନ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କଠାରୁ ସେ ପ୍ରାପ୍ତ ହେଲେ ୧୩,୦୦୦ ଟଙ୍କା। ଫଳରେ ମୟୂରଭଞ୍ଜର ସ୍ୱର୍ଗତ ରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରକ୍ଷା ପାଇଁ ଭାଷାକୋଷର ନାମ ହେଲା ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ। ଭାଷାକୋଷ ପ୍ରକାଶ ପାଇଲା ସାତଖଣ୍ଡରେ। ଏଥିପାଇଁ ଖର୍ଚ୍ଚ ହେଲା ଦୁଇଲକ୍ଷ ଟଙ୍କା। ଏହି ଭାଷାକୋଷରେ ରହିଲା ୧,୮୪,୦୦୦ ଶବ୍ଦ। ଭାରତବର୍ଷର ତତ୍କାଳୀନ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଭାଷାକୋଷର ଉପାଦେୟତା ସମ୍ପର୍କରେ ଉପଯୁକ୍ତ ସୂଚନାମାନ ପ୍ରଦାନ କଲେ।

ଗୋପାଳ ପ୍ରହରାଜଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ମର୍ଯ୍ୟାଦାପୂର୍ଣ୍ଣ ଉପାଧିମାନ ପ୍ରଦାନ କରାଯାଇଥିଲା। ୧୯୩୩ ମସିହାରେ ସେ 'କୈସର–ଇ–ହିନ୍ଦ୍' ପଦକ ପ୍ରାପ୍ତ ହେଲେ। ୧୯୩୭ ମସିହାରେ ସରକାରଙ୍କ ତରଫରୁ ତାଙ୍କୁ ରାୟବାହାଦୁର ଉପାଧି ମିଳିଲା।

ମୋ– ୯୪୩୮୨୯୯୧୭୪

## ଏଇ ଭାରତରେ

ରାଜସ୍ଥାନ ମେୱାଡ୍–ମାରୱାଡ୍‌ରେ ରହୁଥିବା ଗାଡୋଲିୟା ଲୋହାରଙ୍କ ସହ ଯୋଡି ହୋଇ ରହିଛି ଏକ ଅଜବ କାହାଣୀ। ପାଞ୍ଚଶହ ବର୍ଷ ପୂର୍ବେ ନେଇଥିବା ଶପଥକୁ ପାଳନ କରି ଏବେ ସୁଦ୍ଧା ଯାଯାବର ଜୀବନ ଜିଉଛନ୍ତି ଏହି ଜାତି। ଏମାନେ ମେୱାର ରାଜା ରାଣାପ୍ରତାପଙ୍କ ସୈନିକ ଥିଲେ। ଯେପର୍ଯ୍ୟନ୍ତ ମେୱାର ସ୍ୱାଧୀନ ହୋଇନାହିଁ ସେ ପର୍ଯ୍ୟନ୍ତ ପକ୍କାଘରେ ନ ରହି ଯାଯାବର ଜୀବନ ବିତାଇବେ ବୋଲି ଶପଥ ନେଇଥିଲେ। ମୋଗଲ ଶାସନ ଭାରତରେ ପ୍ରତିଷ୍ଠା ହେଲା ପରେ ଏମାନଙ୍କୁ ଯୁଦ୍ଧ ଅପରାଧୀର ପରିଚୟ ମିଳିଥିଲା। ଏହାପରେ ବ୍ରିଟିଶ ଶାସନରେ ଏମାନଙ୍କୁ ସମାନ ବ୍ୟବହାର କରାଯାଇଥିଲା। ଭାରତ ସ୍ୱାଧୀନ ହେଲା,କିନ୍ତୁ ଏମାନେ ପିଢି ପରେ ପିଢି ଶପଥକୁ ମନେରଖିଛନ୍ତି ଓ ଲୁହା ଜିନିଷ ବିକ୍ରି କରିବା ପାଇଁ ସବୁ ରାଜ୍ୟରେ ବୁଲୁଛନ୍ତି। ପ୍ରଥମେ ଏମାନେ କାଠ ତିଆରି ଗାଡ଼ିରେ ରହୁଥିଲେ। ଏବେ ଲୁହାନିର୍ମିତ ଯାନ ବା ମୋଟରଯାନରେ ରହୁଛନ୍ତି ପରିବାର ସହ। ପିଲାମାନଙ୍କ ଶିକ୍ଷା ଓ ସବୁ ଯୋଜନାରୁ ଏମାନେ ବହୁ ଦୂରରେ। ସବୁଠାରୁ ବଡ଼କଥା ହେଉଛି ଏମାନଙ୍କ ମଧ୍ୟରୁ କିଛି ଶିକ୍ଷାଲାଭ କଲେଣି ସତ, କିନ୍ତୁ ଜଣେ ହେଲେ ବି ସରକାରୀ ଚାକିରି କରିପାରିନାହାନ୍ତି। ରାଜସ୍ଥାନ ସରକାର ଏମାନଙ୍କୁ ସ୍ଥାୟୀ ବାସଗୃହ ଯୋଗାଇ ଦେବା ପାଇଁ ଯୋଜନା କରି ଗ୍ରାମାଞ୍ଚଳରେ ୧୫୦ ବର୍ଗଫୁଟ ଓ ସହରରେ ୫୦ ବର୍ଗଫୁଟ ଜାଗା ଯୋଗାଇଦେବା ସହ ୩୫ ହଜାର ଟଙ୍କା ଅନୁଦାନ ଦେଲେ ବି ସେମାନେ ରହୁନାହାନ୍ତି। ଏମାନଙ୍କୁ ଖୋଜି ସ୍ଥାୟୀବାସର ବ୍ୟବସ୍ଥା କରିବା ଦାୟିତ୍ୱ ରହିଥିଲେ ମଧ୍ୟ ଏଯାବତ ସରକାରଙ୍କ ପାଖରେ ରାଜ୍ୟରେ କେତେ ଗାଡୋଲିୟା ଲୋହାର ରହିଛନ୍ତି ତା'ର ହିସାବ ନାହିଁ।

## ଚିରନ୍ତନୀ

ନିରାକାର କୋଳେ ମୋର
    ସାକାର ଜୀବନ ଯିବି ରଚି,
ନାହିଁ ମଧ୍ୟେ ଚିତ୍କାରିବି
    ଅଛି ସବୁ ଅଛି! ଅଛି! ଅଛି!
        (ଶୂନ୍ୟ ଚିନ୍ତା)

ଧରାରେ ନାଚଇ ନିଦାଘର ମରୀଚିକା
ଆକାଶେ ଉଠଇ ତୀବ୍ର ତପନ ଶିଖା
ଶୂନ୍ୟ ବିପିନ ନାହିଁ ଜନପଥ ଘାଟେ
ପଶୁ ବିହଙ୍ଗ ନ ଦିଶଇ ବିଲ ବାଟେ।
        (ଜୀବନର ସ୍ୱର୍ଶ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପତ୍ତି ତାଲିକା ପ୍ରଦାନକୁ ବାଧ୍ୟତାମୂଳକ କରାଯାଉ

ମହାଶୟ,

ପ୍ରତି ସରକାରୀ କର୍ମଚାରୀ ନିଜ ଦାୟିତ୍ୱ ସୁଚାରୁରୂପେ ଓ ନିର୍ଦ୍ଧାରିତ ସମୟ ଭିତରେ ସମ୍ପାଦନା କରିବା ଆବଶ୍ୟକ। ଏଥିପାଇଁ ସେମାନଙ୍କୁ ମାସିକ ବେତନ ସହ ବିବିଧ ସୁବିଧା ସୁଯୋଗ ଓ ଅବସର ପରେ ପେନସନ ପ୍ରଦାନ କରାଯାଏ। କିନ୍ତୁ ଦେଖାଯାଏ ଯେ, କାର୍ଯ୍ୟ ସମ୍ପାଦନ କରିବାକୁ କିଛି ସରକାରୀ କର୍ମଚାରୀ ଲାଞ୍ଚ ନେବା ବେଳେ ଧରାପଡି ନିଲମ୍ବିତ ହୋଇଥାଆନ୍ତି। ସେମାନଙ୍କ ନିକଟରୁ କୋଟି କୋଟି ଟଙ୍କାର ଆୟବହିର୍ଭୂତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଳେ। ବେଳେ ବେଳେ ସ୍ୱଳ୍ପ ଅବଧିର ଚାକିରି ଭିତରେ ପ୍ରଭୂତ ସମ୍ପତ୍ତିର ଅଧିକାରୀ ହୋଇଥାଆନ୍ତି ଯାହାକି ଚାକିରି ସର୍ତ୍ତାବଳୀର ପ୍ରକାଶ୍ୟ ଉଲ୍ଲଂଘନ। ଅସ୍ୱଚ୍ଛ କାର୍ଯ୍ୟଶୈଳୀ ହିଁ ଏଭଳି ବେଆଇନ ଓ ବେନିୟମ କାର୍ଯ୍ୟର ଜନ୍ମଦାତା। ପ୍ରତିବର୍ଷ ସରକାରୀ କର୍ମଚାରୀମାନେ ନିଜର ତଥା ନିକଟ ସମ୍ପର୍କୀୟ (ଡିପେଣ୍ଡାଣ୍ଟ)ମାନଙ୍କର ସମ୍ପତ୍ତି ଓ ଋଣ ତାଲିକା (ଆସେଟ ଆଣ୍ଡ ଲାଏବିଲିଟି ଷ୍ଟେଟମେଣ୍ଟ) ଦାଖଲ କରିବାର ନିୟମ ଥିଲେ ବି ଏହା କ୍ୱଚିତ୍ ପାଳିତ ହୁଏ। ତେଣୁ ପ୍ରତ୍ୟେକ କର୍ମଚାରୀ– ଚତୁର୍ଥ ଶ୍ରେଣୀ କର୍ମଚାରୀଠାରୁ ମୁଖ୍ୟ ଶାସନ ସଚିବ ଯାଏ ପ୍ରତିବର୍ଷ ଏପ୍ରିଲ ମାସରେ ସମ୍ପତ୍ତି ଓ ଋଣ ତାଲିକା ବିଭାଗୀୟ ପୋର୍ଟାଲରେ ବାଧ୍ୟତାମୂଳକଭାବେ ଦାଖଲ କରନ୍ତୁ। ଅନ୍ୟଥା ଇନକ୍ରିମେଣ୍ଟ, ପ୍ରମୋଶନ, ବଦଳି, ଋଣ, ନିୟମିତ ଦରମା ଏପରିକି ଛୁଟି ପ୍ରଦାନ ବନ୍ଦ କରାଯାଉ। ଏହା ସବୁ କାର୍ଯ୍ୟାଳୟ, ନିଗମ, ନଗର ନିଗମ ପାଇଁ ଲାଗୁ କରାଯାଉ। ଏହା ଅବଶ୍ୟ ମୁଖ୍ୟମନ୍ତ୍ରୀଙ୍କର ୫–ଟି ମନ୍ତ୍ରର ଅନ୍ତର୍ଭୁକ୍ତ। ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଦ୍ୱାରା ସ୍ୱଚ୍ଛ ଓ ନିର୍ମଳ ପ୍ରଶାସନ ଜନସାଧାରଣଙ୍କୁ ଯୋଗାଇଦେବାରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ନୂତନ ମୁଖ୍ୟ ଶାସନ ସଚିବ ଏହା କାର୍ଯ୍ୟକାରୀ କରିବେ ବୋଲି ବିଶ୍ୱାସ।

ପ୍ରତାପ ନାୟକ, କଳିଙ୍ଗବିହାର, ପାତ୍ରପଡ଼ା, ଭୁବନେଶ୍ୱର

### ଆହାର ଖାଦ୍ୟ ଯାହାର

ସହରକୁ ଆସୁଥିବା ଗ୍ରାମାଞ୍ଚଳ ଲୋକଙ୍କ ସୁବିଧା ପାଇଁ ସରକାର ଆହାର କେନ୍ଦ୍ର ସ୍ଥାନୀୟ ସୁଚାରୁରୂପେ ଚାଲୁରଖିଛନ୍ତି। କିଛି ଲୋକଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତି ମିଳିଥିବା ବେଳେ ଆଉ କିଛି ଲୋକ ପାଞ୍ଚଟଙ୍କାରେ କେମିତି ଖାଦ୍ୟ ମିଳୁଛି ଜାଣିବା ପାଇଁ ଚାଖୁଛନ୍ତି। ବହୁ ଲୋକ ଅସଲରେ ଉପକୃତ ହେଉଛନ୍ତି। ରାତିରେ ମଧ୍ୟ ଦିନ ଭଳି କେବଳ ଭାତଡାଲମା ମିଳୁଛି। ରୁଟି, ପିଆଜ ଓ ଆଚାର ବ୍ୟବସ୍ଥା ଏହି ଖାଦ୍ୟ ସହିତ ହୋଇପାରିଲେ ଭଲହୁଅନ୍ତା। ଖର୍ଚ୍ଚ ତ ବଢିବ କିନ୍ତୁ ଆହାର ସୁନାମ ଗାଁ ଗାଁରେ ଆହୁରି ମହକିବ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ





## ଜିଲ୍ଲା ଚିଠି ନୟାଗଡ଼

# ସେଇଠି ଅଟକିଛି ଟ୍ରେନ୍

ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ୨୦୧୭ ଜୁନ୍ ୧୯ରେ ନୟାଗଡ଼କୁ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଛି। ହେଲେ ଟ୍ରେନ୍ ଯେଉଁ ନୟାଗଡ଼ ଟାଉନ ଷ୍ଟେଶନକୁ ଚଳାଚଳ କରିଥିଲା ସେଇଠାରେ ହିଁ ଅଟକିଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ନୟାଗଡ଼ ଷ୍ଟେଶନର ୧୨ କିଲୋମିଟର ଦୂରରେ ମହୀପୁର ଷ୍ଟେଶନ ନିର୍ମାଣ ହୋଇଛି। ତଥାପି ସେ ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳ ହୋଇପାରିନାହିଁ। ମହୀପୁର ଷ୍ଟେଶନକୁ ୨ ମାସ ତଳେ ପରୀକ୍ଷାମୂଳକ ଭାବେ ଏକ ପାସେଞ୍ଜର ଟ୍ରେନ୍ ଗଡ଼ିଥିଲା। ତା'ର ଫଳ କ'ଣ ହେଲା ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏଥିଯୋଗୁ ବୋଧହୁଏ ଆଜି ଯାଏଁ ଟ୍ରେନ ଆଗକୁ ଗଡ଼ିନାହିଁ। ଫଳରେ ନୟାଗଡ଼ରେ ଟ୍ରେନ୍ ଅଟକିଛି ବୋଲି ଆଲୋଚନା ହେଉଛି। ମିଳିଥିବା ତଥ୍ୟ ଅନୁଯାୟୀ, ଗତ ଦୁଇ ବର୍ଷରେ ଭଡ଼ା ବାବଦକୁ ନୟାଗଡ଼ ଟାଉନ ଷ୍ଟେଶନରୁ ଆୟ ହୋଇଛି ୩୪ ଲକ୍ଷ ୭୯ ହଜାର ଟଙ୍କା। ଭଲ ଆୟ ହେଉଥିଲେ ମଧ୍ୟ ନୟାଗଡ଼ ଟାଉନ ଷ୍ଟେଶନରୁ ସ୍ପେଶାଲ ଟ୍ରେନ୍ ଚଳାଚଳ ହେବା ଜିଲାବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ପ୍ରଥମରୁ ଯେଉଁ ଦୁଇ ପାସେଞ୍ଜର ଟ୍ରେନ୍ ଚାଲିଥିଲା ତାହା ଏବେ ବି ଚାଲିଛି। ସିଧାସଳଖ ଭୁବନେଶ୍ୱରକୁ ଟ୍ରେନ୍ ଚଳାଚଳ ହୋଇପାରୁ ନ ଥିବାରୁ ଲୋକମାନେ ପୂର୍ବରୁ ଯେଉଁଭଳି ଭାବେ ବସ୍‌ରେ ଯାଉଥିଲେ ତାହା ଅପରିବର୍ତ୍ତିତ ରହିଛି। ନୟାଗଡ଼ ଜିଲାରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣି ସମୟରେ ଲୋକମାନଙ୍କ ଗହଳି ଜମେ। ସେହି ସମୟରେ ଏକ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବା ପାଇଁ ଜିଲାବାସୀ ବହୁଦିନରୁ ଦାବି କରି ଆସିଛନ୍ତି। ହେଲେ ଏହାକୁ ରେଳ ବିଭାଗ ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳିଛି। ବହୁ ବିଳମ୍ବରେ ହେଲେ ମଧ୍ୟ ନୟାଗଡ଼କୁ ରେଳ ଚଳାଚଳ ହୋଇଥିବାରୁ ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ହେଲେ ତାହା ଧୀରେ ଧୀରେ କମିବାରେ ବସିଛି। ନୟାଗଡ଼ ଷ୍ଟେଶନ ପୂର୍ବରୁ ଚମ୍ପତିପୁର ଓ ବାଉଁଶିଆପଡ଼ାଠାରେ ପାସେଞ୍ଜର ହଲ୍ଟ (ପିଏଚ୍) ନିର୍ମାଣ ପାଇଁ ବିଭିନ୍ନ ସଙ୍ଗଠନଗୁଡ଼ିକ ତରଫରୁ ଦାବି କରାଯାଇଛି। ଏଥିପାଇଁ ଏକାଧିକବାର ଦାବି ଉପସ୍ଥାପନ କରାଯାଇଛି। ହେଲେ ଏ ପର୍ଯ୍ୟନ୍ତ କୌଣସି ପିଏଚ୍ କାମର ଅଗ୍ରଗତି ହୋଇପାରିନାହିଁ। ମହୀପୁରପରେ ଜିଲା ଦେଇ ଯାଇଥିବା ରେଳଲାଇନ୍‌ରେ ନୂଆଗାଁ, ଦଶପଲ୍ଲା, ବୁଗୁଡ଼ା ଓ ବାଣିଗୋଛାଠାରେ ରେଳ ଷ୍ଟେଶନ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ମିଳିଛି। ହେଲେ ସେହି କାମ କେବେ ଶେଷହେବ ଓ କେବେ ଟ୍ରେନ୍ ଚଳାଚଳ କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତିବର୍ଷ କେନ୍ଦ୍ର ସରକାର ରେଳ ବଜେଟରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ମୋଟା ଅଙ୍କର ଅର୍ଥ ରାଶି ମଞ୍ଜୁର କରୁଛନ୍ତି। ରାଜ୍ୟ ସରକାର ରେଳ ଲାଇନ୍ ପାଇଁ ଜମି ଅଧିଗ୍ରହଣ କରୁଥିବା ନେଇ କହୁଛନ୍ତି। ହେଲେ ଜିଲାରେ କାହିଁକି ରେଳ କାର୍ଯ୍ୟ ଆଗେଇପାରୁ ନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

– ରଞ୍ଜନ କୁମାର ପ୍ରଧାନ

**ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଉଚ୍ଛେଦ ପ୍ରସଙ୍ଗ**

# ୫ ମୌଜାରେ ଲାଗିଲା ନୋଟିସ

- ଜମି ଅଧିଗ୍ରହଣ ପାଇଁ ଆଜିଠୁ ସର୍ଭେ, ୫ଟିମ୍ ଗଠିତ
- ପ୍ରତି ଟିମ୍‌ରେ ଶିକ୍ଷାନବିସ ଆଇଏଏସ୍, ଓଏଏସ୍ ଅଧିକାରୀ
- ତଥାପି ଲୋକଙ୍କ ମଧ୍ୟରେ ଅସନ୍ତୋଷ ଥମୁନି
- ସହଯୋଗ ପାଇଁ ଜିଲାପାଳଙ୍କ ଅନୁରୋଧ

ପୁରୀ ଅଫିସ,୨୬।୯

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରିଠାରୁ ୭୫ ମିଟର ସୁରକ୍ଷା ଜୋନରେ ସର୍ଭେ କରାଯିବ। ରାଜ୍ୟ ସରକାର ଏହି ସର୍ଭେ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ପରେ ଜମି ଅଧିଗ୍ରହଣ ହେବାକୁ ଥିବା ୫ ମୌଜାରେ ଗୁରୁବାର ନୋଟିସ୍ ଲାଗିଛି। ହେଲେ ଲୋକଙ୍କ ମଧ୍ୟରେ ଏବେ ବି ଅସନ୍ତୋଷ ଲାଗି ରହିଛି। ଭିଟାମାଟି ଛାଡ଼ିବେ ନାହିଁ ବୋଲି ସେମାନେ ଜିଦ୍ ଧରିଛନ୍ତି। ତେବେ ଶୁକ୍ରବାରଠାରୁ ସର୍ଭେ କାର୍ଯ୍ୟ ଆରମ୍ଭ ହେବ। ଏ ନେଇ ଗୁରୁବାର ଅନୁଷ୍ଠିତ ବୈଠକରେ ଜିଲାପାଳଙ୍କ ସହ ସର୍ଭେ ଦାୟିତ୍ୱରେ ଥିବା ନବକୃଷ୍ଣ ଚୌଧୁରୀ ବିକାଶ ଶିକ୍ଷାକେନ୍ଦ୍ରର ଅଧିକାରୀମାନେ ଆଲୋଚନା କରିଛନ୍ତି। ସର୍ଭେରେ ସହଯୋଗ କରିବା ପାଇଁ ଜିଲାପାଳ ବଲୱନ୍ତସିଂ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

ଭୂ ଅର୍ଜନ, ପୁନର୍ବାସ ଥଇଥାନ ଓ ସ୍ୱଚ୍ଛତା ଅଧିକାର ଆଇନ-୨୦୧୩ ଧାରା ୪ ଅନୁଯାୟୀ, ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ରାଜ୍ୟ ସରକାର ଅଧିସୂଚନା ଜାରି କରିଛନ୍ତି। ପୁରୀ ଜିଲା ପ୍ରଶାସନ ଦ୍ୱାରା ହେବାକୁ ଥିବା ଜମି ଅଧିଗ୍ରହଣ ପାଇଁ ବାସେଳି ସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡପ ସାହି ଓ ଚୁଡ଼ଙ୍ଗ ସାହିର ୧୫.୧୯୧ ଏକର ଜମିରେ ସର୍ଭେ କରାଯିବ। ଜିଲାପାଳ କହିଛନ୍ତି, ଶୁକ୍ରବାରଠାରୁ ସର୍ଭେ ଆରମ୍ଭ ହେବ। ୧୦ରୁ ୧୫ ଦିନ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ ବୋଲି ଆଶା ରଖିଛୁ। ସୁରକ୍ଷିତ ଜୋନ ମଧ୍ୟରେ ପ୍ରାୟ ୨୯୦ ପ୍ଲଟ ଥିବାବେଳେ ଏଥିରେ ସରକାରୀ, ମଠ, ମନ୍ଦିର ଏବଂ ଘରୋଇ ଲୋକଙ୍କ ଜମି ରହିଛି। ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ଭେ ପାଇଁ ୫ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍ ସହିତ ସେମାନଙ୍କ ଟେକ୍ନିକାଲ କର୍ମଚାରୀ ରହିବେ। ସାମାଜିକ ପ୍ରଭାବ ନିର୍ଦ୍ଧାରଣର ନିର୍ଦ୍ଦିଷ୍ଟ ଫର୍ମାଟ ରହିଛି। ସେହି ଫର୍ମାଟ ଅନୁଯାୟୀ ଗୋଟିଏ ପରିବାରର ଜମି ଓ କେତେ ଜମି ଉପରେ ନିର୍ମାଣ ରହିଛି ତାହାର ମାପଚୁପ କରାଯିବ। ଏଥିସହ ଘରର ସଦସ୍ୟ ଓ ଗଛ ସଂଖ୍ୟା ଇତ୍ୟାଦି ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବ। ୭୫ ମିଟର ମଧ୍ୟରେ ଥିବା ପ୍ରତ୍ୟେକ ଘରକୁ ବୁଲି ସର୍ଭେ କରାଯିବ। ମାପଚୁପ୍ ବେଳେ ଯଥା ସମ୍ଭବ ମାନୁଆଲ ପଦ୍ଧତିକୁ କମ୍ କରାଯାଇ ଡିଭାଇସ୍ ପଦ୍ଧତିକୁ ଅନୁସରଣ କରାଯିବ। ଏହାଦ୍ୱାରା ମାପଚୁପ ନିର୍ଭୁଲ ରହିପାରିବ। ପ୍ରତି ଟିମ୍‌କୁ ଜଣେ ଲେଖାଏ ଶିକ୍ଷାନବିସ ଆଇଏଏସ୍ ଏବଂ ଓଏଏସ୍ ଅଧିକାରୀ ସହଯୋଗ କରିବେ। ଏମାନଙ୍କ ସହ ପୂର୍ତ୍ତ ବିଭାଗର ଅଫିସର ରହିବେ। କ୍ଷତିପୂରଣ, ପୁନର୍ବାସ ଓ ଥଇଥାନ ସହାୟତା ରାଶି ସମ୍ପର୍କରେ ଯେପରି କାହା ମନରେ କୌଣସି ପ୍ରକାର ସନ୍ଦେହ ନ ରହିବ ତାହା ଉପରେ ଟିମ୍ ସଦସ୍ୟମାନେ ଗୁରୁତ୍ୱ ଦେବେ। ପ୍ରତ୍ୟେକ ପରିବାର ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରାଯିବ। ୭୫ ମିଟର ମଧ୍ୟରେ ବାସଗୃହ, ଦୋକାନ, ଲଜ୍ ଏବଂ ମଠ ମନ୍ଦିର ଏହି ଚାରି ପ୍ରକାର ନିର୍ମାଣ ଆସିବ। ମଠ, ମନ୍ଦିର କ୍ଷତିପୂରଣ ସହାୟତା ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ରାଜ୍ୟ ସରକାର ଜିଲା ପ୍ରଶାସନକୁ ଦାୟିତ୍ୱ ଦେଇଛନ୍ତି। ବାସଗୃହ, ଦୋକାନ ଏବଂ ଲଜ୍ କ୍ଷେତ୍ରରେ ସରକାର ପୂର୍ବରୁ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ବାସଗୃହ ସମ୍ପର୍କରେ ଜିଲାପାଳ କହିଥିଲେ, ଜମି ଓ ସେଥିରେ ଥିବା କୋଠାର ମୂଲ୍ୟ ନିର୍ଦ୍ଧାରଣ କରାଯାଇ ତାହାର ଦୁଇଗୁଣା କ୍ଷତିପୂରଣ ଦିଆଯିବ। ୫ ମୌଜାରେ ଯେଉଁଠି ଜମି ଦର ସର୍ବାଧିକ ଥିବ ସବୁ ମୌଜାର ଜମି ଦର ସର୍ବୋଚ୍ଚ ମୂଲ୍ୟକୁ ହିଁ ନିଆଯିବ। ସେହିପରି ପୁନର୍ବାସ ଓ ଥଇଥାନ ସହାୟତା ସମ୍ପର୍କରେ ଏକ ଉଦାହରଣ ଦେଇ ଜିଲାପାଳ କହିଲେ, ଗୋଟିଏ ପ୍ଲଟରେ ରହୁଥିବା ଜଣେ ବ୍ୟକ୍ତିଙ୍କର ୩ ପୁଅ ବିବାହିତ ଏବଂ ଜଣେ ପୁଅ ଓ ଜଣେ ଝିଅ ପ୍ରାପ୍ତ ବୟସ୍କ ଯଦି ହୋଇଥାନ୍ତି, ସେ କ୍ଷେତ୍ରରେ ୫ ସନ୍ତାନଙ୍କୁ ଅଲଗା ଅଲଗା ଭାବେ ସହାୟତା ମିଳିବ। କିନ୍ତୁ ପ୍ଲଟ ବଣ୍ଟନ କ୍ଷେତ୍ରରେ ସମ୍ପୃକ୍ତ ପରିବାରକୁ ଗୋଟିଏ ପ୍ଲଟ ଦିଆଯିବ। ପିଲାମାନେ ଯଦି ଚାହିଁବେ ପ୍ରତ୍ୟେକ ୩୦ଲକ୍ଷ ଟଙ୍କା କିମ୍ବା ପୁନର୍ବାସ ଥଇଥାନ କଲୋନୀରେ ଘର ନେଇପାରିବେ। କିନ୍ତୁ ଏହି ପରିବାରର ବିବାହିତ କିମ୍ବା ପ୍ରାପ୍ତବୟସ୍କ ପୁଅ, ଝିଅ ଯଦି ବାହାରେ ରହୁଥିବେ ତାଙ୍କୁ ପୁନର୍ବାସ ଓ ଥଇଥାନ ସହାୟତାରେ ସାମିଲ କରାଯିବ ନାହିଁ।



ପାଣିଟାଙ୍କି ଛକସ୍ଥିତ ଭଗବତୀ କୋଟ ଆଖଡ଼ାରେ ଲଗାଯାଇଥିବା ନୋଟିସ୍‌କୁ ସ୍ଥାନୀୟ ବାସିନ୍ଦା ଦେଖୁଛନ୍ତି।

## ପଡ଼ି ରହିଛି ରାଉରକେଲା ସ୍ମାର୍ଟସିଟି ପ୍ରକଳ୍ପ ଅର୍ଥ

### ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ରାଉରକେଲା ସ୍ମାର୍ଟସିଟି ପ୍ରକଳ୍ପ ପାଇଁ ମଞ୍ଜୁର ହୋଇଥିବା ଗଚ୍ଛିତ ଅର୍ଥ ସହରର ବିକାଶ କାର୍ଯ୍ୟରେ ଖର୍ଚ୍ଚ ନ ହୋଇ ପଡି ରହିଛି। ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ସହରାଞ୍ଚଳ ବିକାଶ ଏବଂ ଗୃହ ନିର୍ମାଣ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଚିଠି ଲେଖି ଧର୍ମେନ୍ଦ୍ର ପୃଥକ୍‌ଭାବେ ଜଣାଇଛନ୍ତି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି। ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସୂଚନା ଅଧିକାର ନିୟମରେ ମିଳିଥିବା ତଥ୍ୟ ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାର ୨୦୧୫-୧୬ରୁ ୨୦୧୭-୧୮ ଆର୍ଥିକ ବର୍ଷରେ ରାଉରକେଲାର ବିକାଶ ପାଇଁ ୩୭୬ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ମାତ୍ର ଏହି ଅର୍ଥରୁ ମୋଟ ୨୨.୨୩ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ଏହି ଅର୍ଥରୁ କନ୍‌ସଲଟାନ୍ସି ଓ ଦରମା ବାବଦରେ ୧୬.୩୭ କୋଟି ଟଙ୍କା ବ୍ୟୟ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ପ୍ରଚୁର ଅର୍ଥ ବ୍ୟୟବରାଦ କରାଯାଇଥିବା ବେଳେ ରାଉରକେଲା ସ୍ମାର୍ଟସିଟି ପ୍ରକଳ୍ପର ଉଦ୍ଦିଷ୍ଟ ଅର୍ଥକୁ ଖର୍ଚ୍ଚ ନ କରିବା ମାମଲା ଚିନ୍ତାର ବିଷୟ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

## ସୁଶୀଲ ଲୋହାନି ପରବର୍ତ୍ତୀ ସିଇଓ

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ବରିଷ୍ଠ ଆଇଏଏସ୍ ଅଧିକାରୀ ସୁଶୀଲ କୁମାର ଲୋହାନି ରାଜ୍ୟର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଭାବେ ଦାୟିତ୍ୱ ତୁଲାଇବେ। ସାଧାରଣ ନିର୍ବାଚନ ପରେ ସିଇଓ ସୁରେନ୍ଦ୍ର କୁମାର ଏହି ପଦବୀରୁ ଅବ୍ୟାହତି ନେବାକୁ ଚାହିଁଥିଲେ। ଏହା ପରେ ରାଜ୍ୟ ସରକାର ଏକାଧିକ ବରିଷ୍ଠ ଅଧିକାରୀଙ୍କ ନାମ କେନ୍ଦ୍ରକୁ ପଠାଇଥିଲେ। ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ତର୍ଜମା କରାଯାଇ ସୁଶୀଲ ଲୋହାନିଙ୍କ ନାମ ବଛାଯାଇଥିଲା। ତେଣୁ ସେ ପରବର୍ତ୍ତୀ ନିର୍ବାଚନ ଅଧିକାରୀଭାବେ ଦାୟିତ୍ୱ ତୁଲାଇବେ। ଉଲ୍ଲେଖଯୋଗ୍ୟ, ସୁଶୀଲ ୧୯୯୫ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ। ସେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଭାବେ କାର୍ଯ୍ୟରତ। ଏଥିସହିତ ଓଏସ୍‌ବିସିଏଲ୍ ଅଧ୍ୟକ୍ଷଭାବେ ଦାୟିତ୍ୱ ତୁଲାଉଛନ୍ତି। ସିଇଓ ଭାବେ ବିଧିବଦ୍ଧ ଦାୟିତ୍ୱ ନେବା ପୂର୍ବରୁ ତାଙ୍କୁ ଏହି ଦାୟିତ୍ୱରୁ ମୁକ୍ତ ହେବାକୁ ପଡ଼ିବ।

## ଡିସେମ୍ବର ୩୧ ଯାଏ ହେବ ଅନ୍‌ଲାଇନ, ଅଫ୍ ଲାଇନ ପରୀକ୍ଷା

**ପ୍ରଦୂଷଣ ଯାଞ୍ଚ**

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ଆସନ୍ତା ଡିସେମ୍ବର ୩୧ ତାରିଖ ଯାଏ ଯାନବାହନ ପ୍ରଦୂଷଣ ପରୀକ୍ଷା ଉଭୟ ଅନଲାଇନ ଓ ଅଫଲାଇନରେ ହେବ। ଏ ନେଇ ଗୁରୁବାର ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜିଲାପାଳ, ଏସ୍‌ପି ଓ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି।

ଆସନ୍ତା ଅକ୍ଟୋବର ପହିଲାରୁ ପ୍ରଦୂଷଣ ନିୟନ୍ତ୍ରଣାଧୀନ (ପିୟୁସି) ସାର୍ଟିଫିକେଟ ଅନଲାଇନରେ କରାଯିବ। ଅଫ୍ ଲାଇନ ବା ମାନୁଆଲ ବ୍ୟବସ୍ଥା ଉଚ୍ଛେଦ ହେବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ କୁହାଯାଇଥିଲା। ଅକ୍ଟୋବର ପହିଲାକୁ ଆଉ ମାତ୍ର ୪ ଦିନ ବାକି ରହିଛି। ପର୍ଯ୍ୟାପ୍ତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ର ନ ଥିବାରୁ ଅନଲାଇନ ପିୟୁସି ସମସ୍ୟା ଅସମ୍ଭାଳ ହେବା ଆଶଙ୍କାରେ ବିଭାଗ ଅଫଲାଇନ ମାଧ୍ୟମରେ ପ୍ରଦୂଷଣ ଯାଞ୍ଚ କରିବାକୁ ପୁଣିଥରେ ନିଷ୍ପତ୍ତି ନେଇଛି।

କେନ୍ଦ୍ର ସରକାରଙ୍କ ସଡକ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ବିଜ୍ଞପ୍ତି ଅନୁଯାୟୀ 'ବାହନ' ଅନଲାଇନ ବ୍ୟବସ୍ଥା ଜରିଆରେ ୨୦୧୯ ଏପ୍ରିଲ ପହିଲାରୁ ପିୟୁସି ସାର୍ଟିଫିକେଟ ଦେବାକୁ ବାଧ୍ୟତାମୂଳକ କରାଯାଇଥିଲା। ତେବେ ରାଜ୍ୟରେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଏହାକୁ ଅକ୍ଟୋବର ପହିଲା ଯାଏ ବୃଦ୍ଧି କରାଯାଇଥିଲା। ପ୍ରଦୂଷଣ ପରୀକ୍ଷା କେନ୍ଦ୍ରଗୁଡିକ ଇଲେକ୍ଟ୍ରୋନିକ ଫର୍ମାଟରେ ସାର୍ଟିଫିକେଟ ଇସ୍ୟୁ କରିବାକୁ ବାଧ୍ୟତାମୂଳକ କରାଯାଇଥିଲା। ଏହି ସମୟ ସୀମାକୁ ରାଜ୍ୟ ସରକାର ପୁଣି ୨ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

ରାଜ୍ୟରେ ୧୬୩ଟି ପଞ୍ଜୀକୃତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ର କାର୍ଯ୍ୟ କରୁଛି। ସେଥିରୁ ୧୦୬ଟିକୁ ବାହନ ସହ ଲିଙ୍କ୍ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହାଛଡା ଆହୁରି ୧୪ଟି ନୂତନ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରକୁ ପିୟୁସି ସାର୍ଟିଫିକେଟ ଦେବାକୁ ପଞ୍ଜୀକୃତ କରାଯାଇଛି। ଭୁବନେଶ୍ୱରରେ ୩୧ଟି ପ୍ରଦୂଷଣ ଯାଞ୍ଚ ୟୁନିଟ କାର୍ଯ୍ୟ କରୁଛି। ପିୟୁସି ସାର୍ଟିଫିକେଟ ପାଇଁ ଦୁଇ ଚକିଆ ଓ ତିନି ଚକିଆ ଯାନବାହନ ପାଇଁ ୬୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ହାଲୁକା ଯାନ ପାଇଁ ୧୦୦ ଟଙ୍କା ଏବଂ ମଧ୍ୟମ ଓ ଭାରି ଯାନ ପାଇଁ ସାର୍ଟିଫିକେଟ ବାବଦରେ ୧୫୦ ଟଙ୍କା ସହ ଜିଏସଟି ଦେବାକୁ ଧାର୍ଯ୍ୟ କରାଯାଇଛି। କେଉଁ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରଗୁଡିକ ପଞ୍ଜୀକୃତ ହୋଇଛି ସେଗୁଡିକର ସମସ୍ତ ବିବରଣୀ www.odishatransport.gov.in ଏବଂ www.orissatransport.nic.inରୁ ଜାଣି ପାରିବେ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

# ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

- ଦେଶୀବନ୍ଧୁକ, ୨ ଖୋଖା, ବାଇକ୍ ଜବତ
- ପୋଲିସ ଉପରକୁ ଗୁଳିଚାଳନା କରିଥିଲେ
- ଅଭିଯୁକ୍ତଙ୍କ ବିରୋଧରେ ଏକାଧିକ ମାମଲା
- କିଛିମାସ ତଳେ ଜେଲରୁ ଫେରିଥିଲେ

ବରଗଡ଼ ଅଫିସ,୨୬।୯

ପଶ୍ଚିମ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ବିଭିନ୍ନ ସ୍ଥାନରେ ଡକାୟତି, ଲୁଟ୍, ରାହାଜାନି ଭଳି ଅପରାଧରେ ସମ୍ପୃକ୍ତ ଥିବା ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ବୁଧବାର ବିଳମ୍ବିତ ରାତ୍ରିରେ ବରଗଡ଼ ଜିଲା ପୋଲିସ ଗିରଫ କରିଛି। ସେ ହେଲେ ବଲାଙ୍ଗୀର ସଦର ଥାନା ଡୁଡୁକିସିରା ଗ୍ରାମର ଅମିତ ଦାସ ଓରଫ କରନ୍ ଓରଫ ଟିଣ୍ଟୁ। ସେ ଛତିଶଗଡ଼ ପଟକୁ ଏକ ବାଇକ୍ ଯୋଗେ ଯାଉଥିବାବେଳେ ଅମ୍ବାଭୋନା ଥାନା ସମ୍ବରଧରା ନିକଟରେ ପୋଲିସ ତାଙ୍କୁ ଗିରଫ କରିଛି। ତାଙ୍କ ପାଖରୁ ଏକ ଦେଶୀ ବନ୍ଧୁକ, ୨ଟି ଖୋଖା ଏବଂ ବ୍ୟବହୃତ ଆଭେଞ୍ଜର ବାଇକ୍ ଜବତ ହୋଇଥିଲା। ଗୁରୁବାର ଅଭିଯୁକ୍ତ ଅମିତ୍‌ଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ଅମ୍ବାଭୋନା ଥାନାରେ ଏକ ମାମଲା ରୁଜୁ ହୋଇଛି। ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ ସୂଚନା ଦେଇ କହିଥିଲେ, ଗିରଫ ଅଭିଯୁକ୍ତ ଅମିତ୍ ଦେଶୀ ବନ୍ଧୁକ ଧରି ଏକ ବାଇକ୍ ଯୋଗେ ବରଗଡ଼-ଅମ୍ବାଭୋନା ରାସ୍ତା ଦେଇ ଛତିଶଗଡ଼ ପଟକୁ ଯାଉଥିବା ସୂଚନା ମିଳିଥିଲା। ଏକ ପୋଲିସ ଟିମ୍ ସମ୍ବରଧରା ନିକଟରେ ଛପି ରହିଥିଲେ। ଅମିତ୍ ପୋଲିସକୁ ଦେଖି ଗୁଳିଚାଳନା କରିଥିଲେ। ମାତ୍ର କୌଶଳକ୍ରମେ ପୋଲିସ ତାଙ୍କୁ ଧରି ନେଇଥିଲା ଏବଂ ସୌଭାଗ୍ୟକ୍ରମେ ଅଭିଯୁକ୍ତଙ୍କ ଗୁଳିମାଡ଼ରେ କେହି ଆହତ ହୋଇ ନ ଥିଲେ। ଅମିତଙ୍କ ବିରୋଧରେ ବରଗଡ଼, ବଲାଙ୍ଗୀର, ସୋନପୁର, ସମ୍ବଲପୁର ଜିଲା ସମେତ ଛତିଶଗଡ଼ ରାଜ୍ୟର ବରମକେଲା ଥାନାରେ ସମୁଦାୟ ୧୧ଟି ମାମଲା ରହିଥିବା ଜଣାପଡ଼ିଛି। ଗତ କିଛିଦିନ ତଳେ ସେ ଛତିଶଗଡ଼ ରାଜ୍ୟ ବିଳାସପୁର ଜେଲରୁ ବାହାରିଥିଲେ ବୋଲି ଏସ୍‌ପି ସାହୁ କହିଛନ୍ତି। ଏହାସହିତ ଅମିତଙ୍କ ଘର ବଲାଙ୍ଗୀର ଜିଲା ଡୁଡୁକାସିରା ହୋଇଥିଲେ ହେଁ କିଛିଦିନ ହେଲା ସେ ବରଗଡ଼ରେ ରହୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ଏସ୍‌ପି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ଅମରେନ୍ଦ୍ର ରଣା, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

## ଆଜି ପ୍ରଦର୍ଶିତ ହେବ ଫନୀ ସମ୍ପର୍କିତ ବୃତ୍ତଚିତ୍ର

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ଚଳିତ ବର୍ଷ ମେ ୩ରେ ଓଡ଼ିଶା ଉପକୂଳ ସାମୁଦ୍ରିକ ଝଡ ଫନୀ ଦ୍ୱାରା ଘୋର ପ୍ରଭାବିତ ହୋଇଥିଲା। ଏହାକୁ ମୁକାବିଲା କରିବା ପାଇଁ ରାଜ୍ୟ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଠିକ୍ ସମୟରେ ଉଚିତ ପଦକ୍ଷେପ କାରଣରୁ ଅନେକ ଧନଜୀବନକୁ ରକ୍ଷା କରାଯାଇପାରିଥିଲା। ଏଥିପାଇଁ ଜାତିସଂଘଠାରୁ ଆରମ୍ଭ କରି ବିଭିନ୍ନ ଅନ୍ତର୍ଜାତୀୟ ଏବଂ ଜାତୀୟ ସଂସ୍ଥା ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଉପରେ ପର୍ଯ୍ୟବସିତ ଏକ ବୃତ୍ତଚିତ୍ର ଶୁକ୍ରବାର(୨୭ ସେପ୍ଟେମ୍ବର)ପ୍ରଦର୍ଶିତ ହେବାକୁ ଯାଉଛି। ନ୍ୟାଶନାଲ ଜିଓଗ୍ରାଫିକ୍ ଚ୍ୟାନେଲରେ ରାତି ୯ଟାରେ ପ୍ରସାରିତ ହେବାକୁ ଥିବା ଏହି ବୃତ୍ତଚିତ୍ରର ନାମ 'ମେଗା ସାଇକ୍ଲୋନ୍ ଫନୀ: ରେସକ୍ୟୁଇଙ୍ଗ୍ ଏ ମିଲିୟନ' ରହିଛି।

ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଗତ ଦୁଇଦଶନ୍ଧି ମଧ୍ୟରେ ଦେଖାଯାଇଥିବା ପ୍ରାକୃତିକ ବିପର୍ଯ୍ୟୟଗୁଡିକ ମଧ୍ୟରେ ଫନୀ ବିରଳ। ଏହା ଦ୍ୱାରା ଓଡ଼ିଶା ଉପକୂଳର ନାହିଁ ନ ଥିବା କ୍ଷୟକ୍ଷତି ହୋଇଛି। ଏହି କ୍ଷୟକ୍ଷତିଜନିତ ପୁନରୁଦ୍ଧାର କାର୍ଯ୍ୟ ଏବେବି ଜାରି ରହିଛି। ଉଜୁଡିଯାଇଥିବା ଭିତ୍ତିଭୂମି ଉନ୍ନୟନ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ପୂର୍ବରୁ ୧୯୯୯ ମସିହା ମହାବାତ୍ୟାରୁ ଶିକ୍ଷା ଗ୍ରହଣ କରି ଫନୀ ଏବଂ ଏହା ପୂର୍ବରୁ ଆସିଥିବା ବିପର୍ଯ୍ୟୟର ସଫଳ ମୁକାବିଲା କରାଯାଇଛି। ତେଣୁ ଫନୀ ସମୟରେ କରାଯାଇଥିବା ଉଦ୍ଧାର କାର୍ଯ୍ୟ ଏବଂ ଧନଜୀବନ ସୁରକ୍ଷା ଅନେକ କିଛି ଶିକ୍ଷା ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବୃତ୍ତଚିତ୍ରରେ ବୈଜ୍ଞାନିକ ମୃତ୍ୟୁଞ୍ଜୟ ମହାପାତ୍ର, ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ବାର୍ତ୍ତା ମଧ୍ୟ ଦେଖିବାକୁ ମିଳିବ।

**ମରୁଡ଼ି, ବନ୍ୟା ପରେ ରୋଗପୋକ ଉପଦ୍ରବ**

# ବଲାଙ୍ଗୀର ଜିଲାରେ ବ୍ୟାପୁଛି ଚକଡା

- ବିଭିନ୍ନ ବ୍ଲକରେ ବହୁ ଏକର ଧାନ ଫସଲ ନଷ୍ଟ
- ମିଳୁନାହିଁ ସବ୍‌ସିଡି କୀଟନାଶକ, ଚିନ୍ତାରେ ଚାଷୀ
- ଜିଲା ପରିଦର୍ଶନ କଲେ ନ୍ୟାଶନାଲ ଲେଭଲ ମନିଟରିଂ ଟିମ୍

ବଲାଙ୍ଗୀର ଅଫିସ, ୨୬।୯

ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ଚକଡା ଉପଦ୍ରବ ବା ଗୁଣ୍ଡିପୋକ (ବିପିଏଚ୍) ରୋଗ ଆରମ୍ଭ ହୋଇଛି। ମାତ୍ର କିଛିଦିନ ମଧ୍ୟରେ ଅତ୍ୟନ୍ତ ଭୟାନକ ଭାବେ ଗୁଣ୍ଡିପୋକ ବହୁ ଏକର ଧାନ ଫସଲକୁ ସଂକ୍ରମଣ କରିଥିବା ଜଣାପଡିଛି। ଜିଲାର ଲୋଇସିଂହା, ବଲାଙ୍ଗୀର, ଆଗଲପୁର ଓ ପାଟଣାଗଡ଼ ବ୍ଲକ୍ ଅଞ୍ଚଳରେ ଗୁଣ୍ଡିପୋକ ଏବେ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏପରି ପରିସ୍ଥିତିରେ ଜିଲାରେ ସରକାରୀ ସବ୍‌ସିଡି କୀଟନାଶକ ମିଳୁ ନ ଥିବାରୁ ଚାଷୀମାନେ ଘୋର ଚିନ୍ତାରେ ପଡିଛନ୍ତି। ଫଳରେ କ୍ଷିପ୍ରଗତିରେ ଚକଡା ବ୍ୟାପିବାରେ ଲାଗିଛି। କେତେକ ଚାଷୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଧାଉଁଥିଲେ ମଧ୍ୟ କୀଟନାଶକ ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ଜିଲାରେ ଚକଡା ବ୍ୟାପିବା ଖବର ମିଳିବା ଓ ସରକାରୀ ସବ୍‌ସିଡିରେ କୀଟନାଶକ ଯୋଗାଣ ହେଉ ନ ଥିବା ଜଣାପଡିବା ପରେ ଘରୋଇ କୀଟନାଶକ ବିକ୍ରେତାମାନେ ଚଢ଼ା ଦରରେ ତାହା ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଚାଷୀମାନେ ଚିନ୍ତାରେ ପଡିଛନ୍ତି।

ବଲାଙ୍ଗୀର ଜିଲା ଲୋୟର ସୁକ୍‌ତେଲ ବୁଡିଅଞ୍ଚଳରେ ସବୁଠୁ ବେଶୀ ଚକଡା ଉପଦ୍ରବ ଆରମ୍ଭ ହୋଇଛି। ଖୁଣ୍ଟପାଲି ଗାଁର ଯୁବଚାଷୀ ଉମାକାନ୍ତ ଖୁଆସ ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କର ଦୁଇ ଏକର ଧାନଜମିରେ ଚକଡା ବ୍ୟାପିଛି। ଏହା ସହିତ ସେହି ଗାଁରେ ଅନ୍ୟ ଚାଷୀଙ୍କ ଏକର ଏକର ଧାନ ଫସଲରେ ମଧ୍ୟ ଚକଡା ଉପଦ୍ରବ ଦେଖାଦେଇଛି। ଏ ନେଇ ବାରମ୍ବାର କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଚାଷୀଙ୍କୁ ଠିକଣା ସମୟରେ କୀଟନାଶକ ସେ ଦେବାରେ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଜିଲାରେ କିଭଳି ଭାବେ ସବ୍‌ସିଡି କୀଟନାଶକ ଉପଲବ୍ଧ ନାହିଁ ସେନେଇ ଚିନ୍ତା ପ୍ରକଟ କରିଛନ୍ତି। ଏ ନେଇ ଜିଲା କୃଷି ଉପନିର୍ଦ୍ଦେଶକ ଶ୍ରୀଧର ଦାସଙ୍କୁ ପଚାରିବାରୁ ଜିଲାର କେତେକ ଅଞ୍ଚଳରେ ଚକଡା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଜିଲାରେ ଦିନେ ଦୁଇଦିନ ମଧ୍ୟରେ ସବ୍‌ସିଡି କୀଟନାଶକ ଉପଲବ୍ଧ ହୋଇଯିବ ବୋଲି କହିଛନ୍ତି। ସ୍ଥାନୀୟ ଔଷଧ ବିକ୍ରେତା (ଡିଲର)ଙ୍କଠାରୁ ଚାଷୀଙ୍କୁ ଔଷଧ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଦୁଇଦିନ ହେଲା ବଲାଙ୍ଗୀର ଜିଲାରେ ନ୍ୟାଶନାଲ ଲେଭଲ ମନିଟରିଂ ଟିମ୍‌ର ୫ ଜଣିଆ ସଦସ୍ୟ ପରିଦର୍ଶନ କରିଥିବା ଜଣାପଡିଛି। ସେମାନେ କ୍ଷେତ୍ର ପରିଦର୍ଶନ ସମୟରେ ଗୁଣ୍ଡିପୋକ ଉପଦ୍ରବ କଥାକୁ ନେଇ ଅବଗତ ହୋଇଛନ୍ତି। ଏହି ୫ ଜଣିଆ ଟିମ୍ ସଦସ୍ୟ ଜିଲାରେ ରାଷ୍ଟ୍ରୀୟ କୃଷି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ସମୀକ୍ଷା ଓ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଟିମ୍ ବୁଧବାର ଓ ଗୁରୁବାର ଜିଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଚଳିତବର୍ଷ ପ୍ରାରମ୍ଭରୁ ବର୍ଷାଭାବ ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପ୍ରବଳ ବର୍ଷା ଓ ବନ୍ୟାରେ ଅନେକ ଅଞ୍ଚଳରେ ଫସଲ ନଷ୍ଟ ହୋଇଥିଲା। ଏବେ ପୁଣି ଗୁଣ୍ଡିପୋକ ଉପଦ୍ରବ ଚାଷୀଙ୍କୁ ଘୋର ଚିନ୍ତାରେ ପକାଇଛି। ଗତବର୍ଷ ମଧ୍ୟ ଜିଲାରେ ଚକଡା ପ୍ରାଦୁର୍ଭାବରେ ଚାଷୀମାନେ ଘୋର କ୍ଷତିରେ ପଡିଥିଲେ।



ବଲାଙ୍ଗୀର ବ୍ଲକ୍‌ର ଖୁଣ୍ଟପାଲି ଗାଁର ଧାନ ଫସଲରେ ଆରମ୍ଭ ହୋଇଥିବା ଗୁଣ୍ଡିପୋକ ଉପଦ୍ରବ।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।
- ରବର୍ଟ ୱାଲ୍‌ପୋଲ୍



## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ରବିନ



ବାସୁଦେବ



ମନୋଜ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଧର୍ମଗଡ ଡାକ୍ତରଖାନାରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

ଧର୍ମଗଡ,୨୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ୨ ଯୁବକ ଉନ୍ମତ୍ତକାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି । ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିବା ଏହି ୨ ଯୁବକ କୁଆଡ଼େ ନିଜ ମୋବାଇଲ ଫୋନ୍‌ରେ ନର୍ସଙ୍କ ଭିଡିଓ ଶୁଟିଂ କରୁଥିଲେ । ଏହାକୁ ନର୍ସ ବାରଣ କରିବାରୁ ପାଟିତୁଣ୍ଡ ହୋଇଥିଲା। ଫଳରେ ଯୁବକଦ୍ୱୟ ଡାକ୍ତରଖାନା ଟେବୁଲ ଭାଙ୍ଗିବା ସହ ମେଡିସିନ ଫୋପାଡି ଦେଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ଯୁବକଦ୍ୱୟଙ୍କୁ ନେଇ ଥାନାରେ ପଚରାଉଚୁରା କରୁଥିବା ଜଣାଯାଇଛି। ଏ ନେଇ ସମ୍ପୃକ୍ତ ଯୁବକଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ କୁଟୁରୁଖମାର ଗ୍ରାମର ଲବ ତାଣ୍ଡି ଓ ରଙ୍ଗାବାହାଲ ଗ୍ରାମର ଚକ୍ରଧର ଦୁରିଆ ଧର୍ମଗଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ଲବଙ୍କ ଗୋଡରେ ଆଘାତ ଲାଗିଥିବାରୁ ସେମାନେ ଡାକ୍ତରଙ୍କୁ ପରାମର୍ଶ କରି ମେଡିସିନ ନେବା ସହ ନର୍ସଙ୍କ ଡ୍ୟୁଟି ରୁମରେ ଇଞ୍ଜେକଶନ ମଧ୍ୟ ନେଇଥିଲେ। ଏହି ସମୟରେ ଚକ୍ରଧର ସେଠାରେ ଡ୍ୟୁଟିରେ ଥିବା ନର୍ସଙ୍କ ଭିଡିଓ ଶୁଟିଂ କରିଥିଲେ। ନର୍ସ ଜଣକ ଏପରି ନ କରିବାକୁ ତାଙ୍କୁ କହିଥିଲେ । ଏହା ପରେ ବି ଚକ୍ରଧର କିଛି ମାନି ନ ଥିଲେ। ଫଳରେ ନର୍ସ ଜଣକ ଡାକ୍ତରଖାନା କର୍ମଚାରୀମାନଙ୍କୁ ଡାକିଥିଲେ। ତଥାପି ସେହି ଯୁବକମାନେ ନ ମାନି ଭିଡିଓ ଶୁଟିଂ କରୁଥିଲେ। ପରେ ସିକ୍ୟୁରିଟି ଗାର୍ଡ ଆସି ଜବରଦସ୍ତ ଏହା ବନ୍ଦ କରିବାକୁ କହିବା ପରେ ଦୁଇ ଯୁବକ ଉତ୍‌କ୍ଷିପ୍ତ ହୋଇ ନର୍ସଙ୍କୁ ଗାଳିଗୁଲଜ କରିବା ସହ ସେଠାରେ ଥିବା ଚେୟାର ଓ ଟେବୁଲ ଭାଙ୍ଗିବା ସହ ମେଡିସିନଗୁଡିକ ଫିଙ୍ଗି ଦେଇଥିଲେ।



ମେଡିସିନ ତଳେ ପଡିଛି ।

**ନର୍ସଙ୍କୁ ଦୁର୍ବ୍ୟବହାର, ଥାନାରେ ଏତଲା**

# ଗୋଆରେ ଓଡ଼ିଆ ଦାଦନ ଶ୍ରମିକ ମୃତ

## ଅର୍ଥ ଅଭାବରୁ ଗାଁକୁ ଆସିପାରିଲା ନାହିଁ ମୃତଦେହ

ଭବାନୀପାଟଣା/ପର୍ଲା, ୨୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ ଚିତାମୁଣ୍ଡା ଗାଁର ଶ୍ରମିକ ଝସକେତନ ଲିମଗୋଛିଆ(୨୫) ଗୋଆକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ହେଲେ ଅର୍ଥ ଅଭାବରୁ ମୃତଦେହ ଗାଁକୁ ଫେରିପାରିନାହିଁ । ସେଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଝସକେତନ ଗତ ଦେଢ ବର୍ଷ ତଳେ ଗାଁର କେତେଜଣ ଶ୍ରମିକଙ୍କ ସହ କାମ କରିବାକୁ ଗୋଆ ଯାଇଥିଲେ। ସେ ସେଠାରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ଗତ ରବିବାର କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଅସାବଧାନତା ଯୋଗୁ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅର୍ଥ ଅଭାବରୁ ପୁଅର ମରଶରୀର ଗାଁକୁ ଆସି ପାରି ନାହିଁ । ଘରେ ଏବେ କେବଳ ତାଙ୍କ ବିଧବା ମା' ଏବଂ ଜଣେ ସାନ ଭାଇ ଅଛନ୍ତି। ତୁରନ୍ତ ତାଙ୍କ ମା'ଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ଦଣ୍ଡପାଟ ଅଞ୍ଚଳରେ ବହୁ ଲୋକ କାମଧନ୍ଦା ନ ପାଇ ବାହାର ରାଜ୍ୟକୁ ଯାଇଥାନ୍ତି। ସେଠାରେ ଅଧିକାଂଶ ଶ୍ରମିକ ପ୍ରାଣ ହରାଉଥିବା ଓ ନିଖୋଜ ହୋଇଯାଉଥିବା ଅଭିଯୋଗ ହୋଇଥାଏ। ଏଥିପ୍ରତି ପ୍ରଶାସନ ଓ ଶ୍ରମ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।



ମୃତ ଝସକେତନ ଲିମଗୋଛିଆଙ୍କ ଫାଇଲ ଫଟୋ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୋଷାପୁଅ ଗୁଞ୍ଜା ରୁଅ
ଡାକିଲା ବେଳେ ନ କରଇ ଉଅ ।**

ନିଜର ଜନ୍ମିତ ପୁଅ ଯେମିତି ଦଡ଼ିମଡ଼ି ସହିବ, ପରଠୁ ପୁଅଟିଏ କରି ଆଣିଲେ ସେ ସେମିତି ସହିବନି। ସେ ତା'ର ସୁବିଧା ଦେଖିବ। ବାପା ମା'ଙ୍କର ଦୁଃଖ କଷ୍ଟ ବୁଝିବ ନାହିଁ। ପାଳିତ ପୁତ୍ର ଭରସାଯୋଗ୍ୟ ନୁହେଁ। ସେହିପରି ଘର ତିଆରି ବେଳେ ଲାଗିଥିବା ରୁଅ ଠିକ୍ ଭାବେ ଭିଡ଼ା ହୋଇଥାଏ, ଟାଣ ହୋଇଥାଏ। ତା' ଜାଗାରେ ଆଉ ଗୋଟିଏ ରୁଅ ଗୁଞ୍ଜି ଦେଲେ ତାହା ଖାପ ଖାଇ ନ ଥାଏ କି ସେଭଳି ମଜଭୁତ୍ ହୋଇ ପାରି ନ ଥାଏ। ଜନ୍ତାଜନ୍ତି କାମ ବା ତାଳିପକା କାମ କେବେ ମୂଳ କାମ ସହିତ ସମାନ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପିତାମାତା ସ୍ୱକୃତରୁ ପୁତ୍ର ହୁଏ ସୁଖୀ,
ପୁତ୍ର ଯଦି ସୁଖୀ ହୁଏ କୁଳପାଳ ରଖି ।**

ପିତାମାତାଙ୍କ ସ୍ୱକୃତରୁ ପୁତ୍ର ସୁଖୀ ହୋଇଥାଏ। ଏପରି ସୁପୁତ୍ର ଘରର ଟେକ ବା ମାନ ବଢ଼ାଇବା ସହ କୁଳଧର୍ମ ଠିକ୍ ରକ୍ଷା କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ରାତି ଭୋଜନ ଖାଇବା ପରେ ୪୧ ଅନ୍ତେବାସୀ ଅସୁସ୍ଥ

ଭବାନୀପାଟଣା,୨୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ତଥା ଭବାନୀପାଟଣା ନିକଟସ୍ଥ ଭଟାଙ୍ଗପଦର ଆବାସିକ ହାଇସ୍କୁଲର ୪୧ଜଣ ଅନ୍ତେବାସୀ ବୁଧବାର ରାତି ଭୋଜନ ଖାଇବା ପରେ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଗୁରୁବାର ସମସ୍ତେ ସୁସ୍ଥ ହେବା ପରେ ହଷ୍ଟେଲକୁ ଫେରିଛନ୍ତି। ପ୍ରଧାନଶିକ୍ଷକ ଆଦିତ୍ୟ କୁମାର ପଣ୍ଡା ଏ ନେଇ କୌଣସି ସ୍ପଷ୍ଟ ଉତ୍ତର ଦେଇନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ,ବୁଧବାର ରାତି ୮ଟାରେ ଅନ୍ତେବାସୀ ଛାତ୍ରୀମାନଙ୍କୁ ରାତି ଭୋଜନ ଦିଆଯାଇଥିଲା। ଏହା ଖାଇବା ପରେ ଛାତ୍ରୀମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ମେଡିସିନ୍ ବିଶେଷଜ୍ଞ ଡାକ୍ତର ଦୀନବନ୍ଧୁ ସାହୁ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଔଷଧ ଖାଇବା ପାଇଁ ଦେଇଥିଲେ। ଛାତ୍ରୀମାନେ ସୁସ୍ଥ ହେବା ପରେ ସେମାନଙ୍କୁ ହଷ୍ଟେଲକୁ ପଠାଇ ଦିଆଯାଇଥିବା ସେ କହିଛନ୍ତି । ପ୍ରତିଦିନ ଆମେ ଭାତ ଡାଲମା ଖାଉଛୁ ବୋଲି ଛାତ୍ରୀମାନେ କହିଛନ୍ତି। ହେଲେ ଅନ୍ତେବାସୀଙ୍କୁ ଭାତ ଡାଲମା ସହ ତରକାରି ଦିଆଯାଉଛି ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି। ଲାଞ୍ଜିଗଡ ବ୍ଲକରେ ପ୍ରଶାସନିକ ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀ ନିୟମିତ ଭାବେ ହଷ୍ଟେଲ ପରିଦର୍ଶନ କରିବା ସହ ଖାଦ୍ୟପେୟର ମାନ ଯାଞ୍ଚ କରିବା ନିୟମ ରହିଛି। ହେଲେ ସେଭଳି କୌଣସି ତଦାରଖ ହେଉ ନ ଥିବା ଅଭିଯୋଗ ହେଉଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

କୁଶକିଳା ଡବଲ ମର୍ଡର ମାମଲା

# ଝସକେତନଙ୍କୁ ଆଜୀବନ ଜେଲ୍

ଅନୁଗୋଳ ଅଫିସ, ୨୬।୯

ବହୁ ଚର୍ଚ୍ଚିତ କୁଶକିଳା ଡବଲ ମର୍ଡର ଓ ମାଉସୀ ପୁତୁରା ହତ୍ୟା ମାମଲାର ଏକମାତ୍ର ଅଭିଯୁକ୍ତ ଝସକେତନ ରାଉତଙ୍କୁ ଅନୁଗୋଳ ଜିଲା ଓ ଦୌରାଜଜ୍ ଗୁରୁବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରପଡା ଥାନା କୁଶକିଳା ଗାଁର ଦୁଇ ଭାଇ ଯୋଗେଶ୍ୱର ସାହୁ(୩୬) ଏବଂ ହିରଣାକ୍ଷ ସାହୁ(୩୨)ହତ୍ୟା ମାମଲାରେ ଅଦାଲତ ଏହି ଦଣ୍ଡାଦେଶ ପ୍ରଦାନ କରିଥିବା ବେଳେ ଅନ୍ୟ ୨ ହତ୍ୟା ମାମଲା ଏବେ ବି ବିଚାରାଧୀନ ରହିଛି। ଏଥିସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ଜରିମାନା ଦେବାକୁ ବିଚାରପତି ଅଶାନ୍ତ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନାଦାୟ ହେଲେ ଅଧିକ ୩ ବର୍ଷ କାରାଦଣ୍ଡ ଭୋଗିବାକୁ ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଅଭିଯୁକ୍ତ ଝସକେତନ ବିଭିନ୍ନ ବ୍ୟବସାୟରେ ସମ୍ପୃକ୍ତ ରହିବା ସହ ଜମି କିଣାବିକା, ସୁଧ କାରବାର କରୁଥିଲେ। ବ୍ୟବସାୟୀ ହୋଇଥିବାରୁ ବହୁ ଲୋକଙ୍କ ସହ ତାଙ୍କର ଆର୍ଥିକ ନେଣଦେଣ ବିବାଦ ଥିଲା। କୁଶକିଳାର ପୂର୍ବତନ ସରପଞ୍ଚ ରାଜ କିଶୋର ସାହୁଙ୍କ ସହ ତାଙ୍କର ଆର୍ଥିକ ଓ ଜମିଜମା ବିବାଦ ରହିଥିଲା। ଏହି କାରଣରୁ ସେ ରାଜକିଶୋରଙ୍କ ପୁଅ ଯୋଗେଶ୍ୱର ଓ ପୁତୁରା ହିରଣାକ୍ଷଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ୨୦୧୬ ଫେବୃଆରୀ ୫ରେ ଝସକେତନ ପ୍ରଥମେ ହିରଣାକ୍ଷ ସାହୁଙ୍କୁ କୁଶକିଳାସ୍ଥିତ ନିଜ ଶିଶୁମନ୍ଦିର ପରିସରକୁ ଡାକି ହତ୍ୟା କରି ସେଠାରେ ଥିବା କୂଅରେ ପକାଇ ଦେଇଥିଲେ। ପରେ ଯୋଗେଶ୍ୱର ସାହୁଙ୍କୁ କୌଶଳକ୍ରମେ ସେଠାକୁ ଡାକିଆଣି ହତ୍ୟା କରିଥିଲେ। ସିମେଣ୍ଟ ଖୁଣ୍ଟ ଓ ପଥର ପକାଇ ଦୁଇ ଭାଇଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ପରେ ଉକ୍ତ କୂଅରେ ଲୁଣ, ପାଳ, ଖତ ଓ ବାଲି ଦେଇ ପୋତି ଦେଇଥିଲେ। ରାଜକିଶୋରଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ପରେ ପୋଲିସ ଝସକେତନଙ୍କୁ ଗିରଫ କରିଥିଲା।


# CLASSIFIED DISPLAY

**ALL EDITION - B/W (Everyday)**

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି଼ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

ASTROLOGY ASTROLOGY

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka-Pin Code 570008

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9450741373
B-34/7 A Block Vijay Enclave, Burari, New Delhi

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

BUSINESS BUSINESS

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱର ବସାଇ ଅଗ୍ରୀମ 70,000,00/-, ଭଡ଼ା 30,000/- ଟଙ୍କା ପାଆନ୍ତୁ
ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9813608775
7453837435

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073678360


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଣ୍ଟିନ

## ସଂକ୍ଷେପରେ

### ଗାନ୍ଧିଜୀ ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୨୬।୯(ବ୍ୟୁରୋ): ଓଡିଶା ସାଂସ୍କୃତିକ ସମାଜ ଓ ଡା.ଝସକେତନ ସାହୁ କଲେଜ ମିଳିତ ଆନୁକୂଲ୍ୟରେ ଗାନ୍ଧିଜୀ ଶୀର୍ଷକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପରମାଣପୁରସ୍ଥିତ କଲେଜ ପରିସରରେ ଅଧକ୍ଷା ସନ୍ଧ୍ୟା ମିଶ୍ରଙ୍କ ସଭାପତିତ୍ୱରେ ଆଲୋଚନା ହୋଇଥିଲା । ପ୍ରଫେସର ସୁଦର୍ଶନ ପୂଜାରୀ ମୁଖ୍ୟବକ୍ତା, ଡ. ସନ୍ତୋଷ କୁମାର ଦାଶ ଓ ନରେନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ । ପ୍ରାଧାପକ ଡ. ଯଦୁମଣୀ ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଅଧାପିକା ପ୍ରଜ୍ଞା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### କୁଚିଣ୍ଡା ବ୍ଲକରେ ହାତୀ ଉପଦ୍ରବ

କୁଚିଣ୍ଡା,୨୬।୯(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ସୀମାନ୍ତବର୍ତ୍ତି ଭୋଜପୁର, ଡିମ୍ବିରିମୁଣ୍ଡା ପଞ୍ଚାୟତର ଲେପେଇକାନୀ, ବାମଣ୍ଡାଗଡ ହଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ହାତୀପଲ ଚାଷୀ ଭୋଲେଶ୍ୱର କିଷାନଙ୍କ ଧାନ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ, ଗୁରୁବାର ରାତ୍ରିରେ ଏକ ହାତୀ ପଲ ସମ୍ପୃକ୍ତ ଅଞ୍ଚଳରେ ପଶି ବ୍ୟାପକ କ୍ଷୟକ୍ଷତି କରିଥିବା ଜଣାପଡିଛି। ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।





ସମ୍ବଲପୁର କଚେରି ଛକରେ ବିଚାରପତିଙ୍କୁ ଫେରି ଯିବାକୁ ନାଗରିକ କମିଟି ଅନୁରୋଧ କରୁଛନ୍ତି । ସମ୍ବଲପୁର ଡିଆରଏମ ଅଫିସ ମୁଖ୍ୟ ଫାଟକରେ ଓକିଲମାନେ ପିକେଟିଂ କରି ବନ୍ଦ କରିଛନ୍ତି ।

■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ତେଜିଲା ଓକିଲଙ୍କ ଆନ୍ଦୋଳନ

■ ସରକାରୀ କାର୍ଯ୍ୟ ଠପ
■ ଫେରିଗଲେ ବିଚାରପତି, ମିଳିଲା ଜନସମର୍ଥନ
■ ଆଗକୁ ଉଗ୍ରରୂପ ନେବ ଆନ୍ଦୋଳନ

ସମ୍ବଲପୁର, ୨୬।୯ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ଆଗକୁ ଉଗ୍ରରୂପ ନେବ । ଏହାର ଝଲକ ଗୁରୁବାର ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଦେଖିବାକୁ ମିଳିଛି। ପୂର୍ବ ଘୋଷଣା ମୁତାବକ ଗୁରୁବାର ପଶ୍ଚିମ ଓଡ଼ିଶାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସଗୁଡିକ ବନ୍ଦ କରାଯାଇଥିଲା। କେତେକ ସ୍ଥାନରେ ଓକିଲମାନେ ପିକେଟିଂ କରି ବନ୍ଦ କରିଥିବା ବେଳେ ଅନେକ ସ୍ଥାନରେ ସ୍ୱତଃପ୍ରବୃତ୍ତ ଭାବେ ସମର୍ଥନ ଜଣାଇ ଅଧିକାରୀ ଓ କର୍ମଚାରୀମାନେ ବନ୍ଦ କରିଥିଲେ। ଫଳରେ ସମସ୍ତ ସରକାରୀ କାର୍ଯ୍ୟ ଠପ ହୋଇ ଯାଇଥିଲା। ପ୍ରତିଦିନ ଭଳି ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ ଅଫିସ ସମ୍ମୁଖରେ ଛିଡା ହୋଇ ଫେରି ଯାଇଥିଲେ । ବିଚାରପତିମାନେ ମଧ୍ୟ କୋର୍ଟକୁ ଆସିବା ସମୟରେ ସମ୍ବଲପୁର କଚେରି ଛକରେ ନାଗରିକ କ୍ରିୟା ଅନୁଷ୍ଠାନ କମିଟି ଓ ଓକିଲମାନେ ଅନୁରୋଧ କରି ସେମାନଙ୍କୁ ଫେରେଇ ଦେଇଥିଲେ। ପଶ୍ଚିମ ଓଡ଼ିଶା କ୍ରିୟା ଅନୁଷ୍ଠାନ କମିଟି(ସିଏସି) ପକ୍ଷରୁ ଏହି ବନ୍ଦ ଡକରା ଦିଆଯାଇଥିଲା। ବଲାଙ୍ଗୀରକୁ ବାଦ ଦେଇ ପ୍ରାୟ ଜିଲାରେ ଆନ୍ଦୋଳନକୁ ସମର୍ଥନ କରିଥିବା ଜିଲା ଓକିଲ ସଂଘ ସଭାପତି ସୂଚନା ଦେଇଛନ୍ତି। ଆନ୍ଦୋଳନ ଦୁଇ ଦିନ ଧରି ଜାରି ରହିବ । ରେଳ ବିଭାଗ, ଆୟକର ବିଭାଗ, ବାଣିଜ୍ୟକର ବିଭାଗ, ପୋଷ୍ଟଅଫିସ ସମେତ ଜିଲାପାଳ ଅଫିସ, କଚେରି ବନ୍ଦ ରହିଥିଲା । ଏପରି କି ଘରୋଇ ବ୍ୟାଙ୍କ, ଜାତୀୟ ବ୍ୟାଙ୍କ ଓ ବୀମା କମ୍ପାନୀ ବନ୍ଦ କରାଯାଇଥିଲା । କଚେରି ଛକରେ ସଭା ଅନୁଷ୍ଠିତ ହୋଇ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦାବି କରାଯାଇଥିଲା । ଦୀର୍ଘ ଦିନରୁ ଏହି ଦାବି କରାଯାଉଥିଲେ ମଧ୍ୟ ଉଭୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଆନ୍ତରିକତା ସହ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ତେଣୁ ଚଳିତ ମାସର ଶେଷ ୩ ଦିନ ଏଭଳି ଭାବେ ଆନ୍ଦୋଳନ କରାଯିବ। ଯଦି ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ନ ଦେବେ ତା ହେଲେ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନ ଜାରି ରହିବ। ସେହିପରି କେନ୍ଦ୍ର ସରକାର ମଧ୍ୟ ଦାୟିତ୍ୱରୁ ଓହରି ଯାଉଛନ୍ତି । ହେଲେ କେନ୍ଦ୍ର ସରକାରଙ୍କୁ ମଧ୍ୟ ବିରୋଧ କରାଯିବ ବୋଲି କୁହାଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା । ବିଭିନ୍ନ ଛକ ଓ ଅଫିସ ସମ୍ମୁଖରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ସିଆର୍‌ପିଏଫ ଯବାନଙ୍କ ସଫେଇ କାର୍ଯ୍ୟକ୍ରମ

ସମ୍ବଲପୁର,୨୬।୯(ବ୍ୟୁରୋ): ୧୨ ବାଟାଲିୟନ୍ ସିଆର୍‌ପିଏଫ ଯବାନଙ୍କ ସଫେଇ କାର୍ଯ୍ୟକ୍ରମ ଓ ସଚେତନତା ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଯବାନମାନେ ସମବେତ ହୋଇ କମିଶନର୍ସ କଲୋନୀ, ଗାନ୍ଧୀ ଉଦ୍ୟାନ, ହାୱା ମଇଦାନ, ବୀରସୁରେନ୍ଦ୍ର ସାଏ ପାର୍କ, ମଣ୍ଡଳ ଜେଲ ଛକ ଅଞ୍ଚଳ ସଫେଇ କରିଥିଲେ । ସେହିପରି ପଥଚାରୀଙ୍କୁ ଗୁଟ୍‌ଖା, ତମାଖୁ ସେବନ କରିବାକୁ ବାରଣ କରିଥିଲେ। ଏଥିସହ ନିଜ ଅଞ୍ଚଳ ସଫେଇ କରିବାକୁ ଅନୁରୋଧ କରିଥିଲେ।




ଗୁରୁବାର ସିଆରପିଏଫ ଯବାନମାନେ ସଫେଇ କରୁଛନ୍ତି ।

## ସୁକ୍ଷମ ଖାଦ୍ୟ ଉପକାରିତା ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨୬।୯ (ବ୍ୟୁରୋ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଖାଦ୍ୟ ବୈଷୟିକ ବିଜ୍ଞାନ ଓ ପୁଷ୍ଟି ସାଧନା ବିଭାଗ ପକ୍ଷରୁ ୨ ଦିନିଆ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଜ୍ୟୋତିର୍ବିହାର ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଜ୍ୟୋତିର୍ବିହାର ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୬ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସେମାନଙ୍କୁ ସୁକ୍ଷମ ଖାଦ୍ୟର ଉପକାରିତା, ଠିକ ପୋଷଣ ଦ୍ୱାରା ମାନସିକ ବିକାଶ, କିଶୋରାବସ୍ଥାରେ ଠିକ ପୋଷଣ, ରକ୍ତହୀନତା ନିବାରଣ ଓ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ବୁଝାଯାଇଥିଲା । ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଦୀପକ କୁମାର ବେହେରା ମୁଖ୍ୟଅତିଥି, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଅର୍କଦାସ ମହାପାତ୍ର, ବିଭାଗୀୟ ସଂଯୋଜକ ପ୍ରଫେସର ବିନିତା ନାୟକ, ଅଧାପିକା ସ୍ୱେତା ପରିଡ଼ା, ଅଧାପିକା ଅପରାଜିତା ପ୍ରିୟଦର୍ଶନୀ, ଅଧାପକ ସଲୋମନ ବେହେରା, ଗବେଷକ ସାଧୁନି ଇନ୍ଦୁଆର ଯୋଗଦେଇ ଥିଲେ । ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଢୁଙ୍ଗୁରିପଡ଼ାରେ ପୋଷଣ ଓ ସ୍ୱାସ୍ଥ୍ୟ ରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।

## ସିସାଲ ଗବେଷଣା ଉପଦେଷ୍ଟା ସିମିତ ବୈଠକ




ଅତିଥିମାନେ ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

ବାମରା,୨୬।୯(ଡି.ଏନ.ଏ):

ସମ୍ବଲପୁର ଜିଲା ବାମରାସ୍ଥିତ ସିସାଲ ଗବେଷଣା କେନ୍ଦ୍ରଠାରେ କେନ୍ଦ୍ରୀୟ ଅନୁସନ୍ଧାନ ସଂସ୍ଥା ବ୍ୟାରକପୁର ପଶ୍ଚିମବଙ୍ଗ ପକ୍ଷରୁ ସିସାଲ ଗବେଷଣା ଉପଦେଷ୍ଟା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ କୃଷି ବୈଜ୍ଞାନିକ ଯୋଗ ଦେଇଥିଲେ। ଏହି ଅବସରରେ ୩୦ଜଣ ଚାଷୀଙ୍କୁ ସିସାଲ ଚାଷ ଓ ଅନ୍ୟ ଫଳ ଚାଷ ନେଇ ତାଲିମ ପ୍ରଦାନ କରାଯାଇଥିଲା। ଆଇଓଆରଆଇ ନୂଆଦିଲ୍ଲୀର ପୂର୍ବ ନିର୍ଦ୍ଦେଶକ ଡା. ଏସ୍.ଏ. ପାଟିଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ତାପସ ଦାସ ଗୁପ୍ତା, ପ୍ରଫେସର ସନ୍ତୋଷ କୁମାର ପଣ୍ଡା, ଡା. ଜରବନ ମିତ୍ର, ବୈଜ୍ଞାନିକ ଡା. ଶୁଭଜିତ ଦତ୍ତ ପ୍ରମୁଖ ଯୋଗଦେଇ ଶୁଷ୍କ ଜମିରେ ସିସାଲ ଉତ୍ପାଦନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ସୁବ୍ରତ ଶତପଥୀ. ଡା. ଅଶୋକ୍ଷ କୁମାର ଘୋରାଇ, ଡା.ସବ୍ୟସାଚୀ ମିତ୍ର, ଡା. ଚନ୍ଦନ ସୌରଭ କର, ଡା. ସୁରଜ ସରକାର, ଡା. ସୁନିତି ଝା, ଡା. ଏମ.ଏସ. ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସିସାଲ ଚାଷ ସହିତ ଅନ୍ୟ ଫଳ ଓ ସମନ୍ୱୟ ଚାଷ ବିଷୟରେ ଉପସ୍ଥିତ ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବାମରା ସିସାଲ ଗବେଷଣା କେନ୍ଦ୍ର ପ୍ରଭାରୀ ଡା. ଅଜିତ କୁମାର ଝା କେନ୍ଦ୍ରରେ ସିସାଲ ଚାଷ ସହ ଛେଳି ଚାଷ, ମାଛ ଚାଷ, ମହୁ ଚାଷ, କୁକୁଡ଼ା ପାଳନ ଓ ଛତୁ ଚାଷ ଅଞ୍ଚଳ ଦେଖାଇ ଏହାର ଉପକାରିତା ଓ ଲାଭ ବିଷୟରେ ବୁଝାଇଥିଲେ। ଶେଷରେ ମନୋଜ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ୨୯ରେ ଲୋଇସିଂହା- ଖଲିଆପାଲି ଷ୍ଟେଶନ କାର୍ଯ୍ୟର ନିରୀକ୍ଷଣ ହେବ

ସମ୍ବଲପୁର,୨୬।୯(ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ଲୋଇସିଂହା-ଖଲିଆପାଲି ଷ୍ଟେଶନ ମଧ୍ୟରେ ଦୋହରୀକରଣ ଓ ବିଦ୍ୟୁତ୍ କାମ ଚାଲିଛି । ଚଳିତ ମାସ ୨୯ ତାରିଖରେ ଦକ୍ଷିଣପୂର୍ବ ମଣ୍ଡଳ ରେଳ ନିରାପତ୍ତା ଆୟୁକ୍ତ ଏକେ ରାୟ କାର୍ଯ୍ୟର ନିରୀକ୍ଷଣ କରିବେ। ନିରୀକ୍ଷଣ ମଧ୍ୟରେ ସ୍ପିଡ ଟ୍ରାଏଲ, ଲୋଇସିଂହା- ଖଲିଆପାଲି ଷ୍ଟେଶନରେ ପୂର୍ବାହ୍ନ ୯ଟାରୁ ରାତ୍ରି ୮ଟା ପର୍ଯ୍ୟନ୍ତ ଚାଲିବ । ତେଣୁ ଏହି ସମୟ ସୀମା ମଧ୍ୟରେ ଜନସାଧାରଣ ରେଳଲାଇନ ଦେଇ ଯିବା ଆସିବା ନ କରିବାକୁ ରେଳ ମଣ୍ଡଳ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

■ ଓକିଲଙ୍କ ଆନ୍ଦୋଳନ

# ଅଚଳ ହୋଇପଡ଼ିଲା ସରକାରୀ କାର୍ଯ୍ୟାଳୟ

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

ରେଢାଖୋଲ୨୬।୯(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ପ୍ରତିମାସର ଶେଷ ୩ଦିନ କାର୍ଯ୍ୟଦିବସରେ ରେଢାଖୋଲ ନାଗରିକ ମଞ୍ଚ ଓ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଥିଲା। ହେଲେ ଚଳିତ ମାସରେ କେନ୍ଦ୍ରିୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି କ୍ରମେ ଆନ୍ଦୋଳନର ରୂପରେଖ ବଦଳିଛି। ଏ ପରିପେକ୍ଷୀରେ ଗୁରୁବାର ରେଢାଖୋଲ ଓକିଲସଂଘ ଓ ନାଗରିକ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯାଇ ପୂର୍ବ ନିଷ୍ପତ୍ତି ଅନୁସାରେ ଉପଖଣ୍ଡର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଡାକଘର, ଏଲ୍‌ଆଇସି ଅଫିସ ବନ୍ଦ କରାଯାଇଥିଲା। ସ୍କୁଲ, କଲେଜ, ଦୋକାନ ବଜାର ସହ ଅତ୍ୟାବଶକ ସେବାକୁ ବାଦ ଦିଆଯାଇଥିଲା। ଆନ୍ଦୋଳନ ଯୋଗୁ ଗୁରୁବାର ରେଢାଖୋଲରେ ପ୍ରସାସନ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିଲା। ପୂର୍ବାହ୍ନ ୧୦ଟାରେ ନାଗରିକ ମଞ୍ଚ ଓ ଓକିଲମାନେ ସିଭିଲ କୋର୍ଟ ସମ୍ମୁଖରେ ଧାରଣାରେ ବସିବା ସହ ଉପଜିଲାପାଳ, ତହସିଲଦାର, ବନବିଭାଗ, ବ୍ଲକ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଡାକଘର, ବିଏସ୍ଏନ୍ଏଲ୍ ଆଦି କେନ୍ଦ୍ରୀୟ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରି ବନ୍ଦ କରିଥିଲେ। ଫଳରେ ବିଭିନ୍ନ କାର୍ଯ୍ୟ ପାଇଁ ଆସିଥିବା ଜନସାଧାରଣଙ୍କୁ ନିରାଶ ହୋଇ ଫେରିବାକୁ ପଡିଥିଲା। ଏପରି କି ପିକେଟିଂ ଯୋଗୁ ସବ୍‌ଜଜ ଅପୂର୍ବା ଚୌଧୁରୀ, ଏସ୍‌ଡିଜେଏମ୍ ଅଞ୍ଜଳୀ ମାଛଖଣ୍ଡଙ୍କ ସମେତ କୋର୍ଟ କର୍ମଚାରୀମାନେ କୋର୍ଟ ଭିତରକୁ ଯାଇ ନ ପାରି ଫେରି ଆସିଥିଲେ। ଆନ୍ଦୋଳନକୁ ଯୋଗୁ ଉପଜିଲାପାଳ ବିଶିକେସନ ଦେହୁରୀ, ତହସିଲଦାର ରୁବି ବେହେରା, ଡିଏଫଓ ସଂଗ୍ରାମ କେଶରି ବେହେରା, ଡେପୁଟି କଲେକ୍ଟର ଅମ୍ଳାନ ଅପରାଜିତା ମିଶ୍ର, ବିଡିଓ ପରିକ୍ଷିତ ସାହୁଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟ ଭିତରକୁ ଯାଇ ନ ପାରି ଫେରି ଆସିଥିଲେ। ନାଗରିକ ମଞ୍ଚ ଓ ଓକିଲ ସଂଘର କର୍ମକର୍ତ୍ତାମାନେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି, ସରକାର ନ୍ୟାର୍ଯ୍ୟ ଦାବି ମାନି ନିଅ ଆଦି ସ୍ଲୋଗାନ ଦେଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ। ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ସମ୍ପାଦକ ଗଣେଶ୍ୱର ପ୍ରଧାନ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ଶମ୍ଭୁପ୍ରସାଦ ପ୍ରଧାନ, ବିମଳ ପ୍ରଧାନ, ଜଗନ୍ନାଥ ବିଶ୍ୱାଳ, ଉମାକାନ୍ତ ମହାନନ୍ଦ, ତୁଷାର କର, ନିମାଇଁ ଚରଣ ବେହେରାଙ୍କ ସମେତ ସମସ୍ତ ଆଇନଜୀବୀ ଓ ନାଗରିକ ମଞ୍ଚର ଅନାଦି ଚରଣ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏନ୍ଏସି ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ବରିଷ୍ଠ ନାଗରିକ ସମିତିର ଉମାକାନ୍ତ ପ୍ରଧାନ, ସନ୍ତୋଷ ମହାକୁଡ, ଭାସ୍କର ପ୍ରଧାନ, ଲଳିତ ବାହାଦୁର ସିଂ, ବସନ୍ତ ମହାନନ୍ଦ, ବୁଥିଲୁ ଅମାତ, ପୁର୍ବତନ ବ୍ଲକ ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ଦାସ, ମହାବୀର ସିଂ ଦେଓ, ସୁରେଶ ମହାକୁଡ, ଶ୍ରୀବନ୍ତ ପୁରୋହିତ, ଗୌରୀଶଙ୍କର ପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ୨୭ ଓ ୩୦ ତାରିଖ ମଧ୍ୟ ଆନ୍ଦୋଳନ କରାଯିବ ବୋଲି ଜଣାପଡିଛି।




ଆନ୍ଦୋଳନରେ ସାମିଲ ହୋଇଥିବା ରେଢାଖୋଲ ନାଗରିକ ମଞ୍ଚ ଓ ଓକିଲ ସଂଘର କର୍ମକର୍ତ୍ତା।

ଚିପିଲିମା ଜଳ ବିଦ୍ୟୁତ୍ ପ୍ରକଳ୍ପ

## ଟରବାଇନ ଫାଟିବା ନେଇ ଚର୍ଚ୍ଚା

ସମ୍ବଲପୁର/ଚିପିଲିମା,୨୬।୯ (ବ୍ୟୁରୋ/ଡି.ଏନ୍.ଏ): ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ(ଓଏଚ୍‌ପିସି) ଅଧୀନରେ ଥିବା ଚିପିଲିମା ଜଳ ବିଦ୍ୟୁତ ପ୍ରକଳ୍ପ (ସିଏଚଇପି)ରେ ଗୁରୁବାର ଟରବାଇନ ଫାଟିଥିବା ଚର୍ଚ୍ଚା ହେଉଛି । ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିବା ଜଣାପଡିଛି। ହେଲେ ଏହି ଘଟଣାକୁ ବିଭାଗୀୟ ଅଧିକାରୀ ଦେବାଶିଷ ମିଶ୍ର ଖଣ୍ଡନ କରିଛନ୍ତି । ଗୁରୁବାର ସେଭଳି କିଛି ହୋଇ ନ ଥିବା କହିଛନ୍ତି । ମିଛ ଖବର ପ୍ରଚାର କରାଯାଇଥିବା ସେ ସୂଚନା ଦେଇଛନ୍ତି । ସ୍ଥାନୀୟ କେତେଜଣ ଲୋକ ଏହି ଘଟଣା ବିଶ୍ୱକର୍ମା ପୂଜା ପରଦିନ ଅର୍ଥାତ ୧୮ ତାରିଖ ସନ୍ଧ୍ୟାରେ ହୋଇଥିବା କହୁଛନ୍ତି। ନବୀକରଣ ହୋଇଥିବା ୩ ନମ୍ବର ଟରବାଇନ ୟୁନିଟ ଇଞ୍ଜିନିୟରମାନଙ୍କ ଉପସ୍ଥିତିରେ ପରୀକ୍ଷା ମୂଳକ ଭାବେ ଚଳାଯାଇଥିଲା। ସେତିକିବେଳେ ୩ ଥର ଟରବାଇନ ୟୁନିଟରେ ବିପଦ ସଂକେତ ସାଇରନ୍ ବାଜିଥିବା ବେଳେ ଧୂଆଁ ବାହାରି ପୋଡା ଗନ୍ଧ ହୋଇଥିଲା। ଫଳରେ କିଛି ସମୟ ପାଇଁ ଭୟର ବାତାବରଣ ଖେଳି ଯାଇଥିଲା। ହେଲେ ଘଟଣାକୁ ଚପାଇ ରଖାଯାଇଥିବା ବେଳେ ଗୁରୁବାର ଚର୍ଚ୍ଚା ଯୋର ଧରିଛି। ଏପରି କି ୧୮ ତାରିଖ ରାତିରେ ମେଶିନ ବନ୍ଦ ଥିବା ସତ୍ତ୍ୱେ ବିଳମ୍ବିତ ରାତିରେ ଟରବାଇନ ଆପେ ଘୂରିବା ଘଟଣା ଅବସରପ୍ରାପ୍ତ କର୍ମଚାରୀ ତଥା ବୁଦ୍ଧିଜୀବୀ ମହଲରେ କୌତୁହଳ ସୃଷ୍ଟି କରିଛି । ହେଲେ ଟରବାଇନ ବନ୍ଦ କରାଯିବା ପରେ ଗଭର୍ଣ୍ଣରରେ ଗାଇଡ ଲକ୍‌କୁ ଭୁଲବଶତଃ ଲକ୍ କରାଯାଇ ନ ଥିବା ବେଳେ ଏପରି ଘଟଣା ଘଟିଥିବା ନେଇ ଚର୍ଚ୍ଚା ହେଉଛି । ଏହାକୁ ସଜଡାଯିବା ପାଇଁ ପୁଣି ବହୁଳ ଖର୍ଚ୍ଚ ହେବା ଯଥେଷ୍ଟ ଆଶଙ୍କା ଥିବା ବେଳେ ନବୀକରଣ ଦାୟିତ୍ୱରେ ଥିବା ସଂସ୍ଥା ଓ ବିଭାଗୀୟ ମୁଖ୍ୟ ଅଧିକାରୀ ଏବଂ ଯନ୍ତ୍ରୀଙ୍କ ଚିନ୍ତା ବଢ଼େଇ ଦେଇଛି।

## ଆଜି କ'ଣ କେଉଁଠି







ଗୁରୁବାର ସମ୍ବଲପୁର ଜିଲା କତରବଗା ଅଞ୍ଚଳର ଏକ ପରିବାର ଜିଲାପାଳ ଅଫିସରୁ କାମ କରି ନ ପାରି ଫେରି ଯାଉଛନ୍ତି (ବାମ)। ଗୁରୁବାର ସମ୍ବଲପୁର ଓକିଲ ସଂଘର ବନ୍ଦ ଡାକରା ଯୋଗୁ ଶୂନଶାନ ହୋଇପଡିଛି ଜିଲାପାଳଙ୍କ ଅଫିସ ପରିସର। (ମଝି)। ଗୁରୁବାର ସମ୍ବଲପୁର କଚେରି ଛକଠାରେ ମହିଳା ଆଇନଜୀବୀମାନେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ପିକେଟିଂ କରୁଛନ୍ତି।



ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ। ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।
- ସତ୍ୟ ସାଇବାବା



## ସଂକ୍ଷେପରେ

### ଉତ୍ସାହିତ କରିବାକୁ ଉପଦେଷ୍ଟାଙ୍କ ବୈଠକ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୯(ବ୍ୟୁରୋ): ରାଜ୍ୟ ସରକାର ନିକଟରେ କେତେଗୁଡ଼ିଏ ନିଗମର ଅଧ୍ୟକ୍ଷ ଏବଂ ଉପଦେଷ୍ଟା ଭାବେ ଅନେକ ନେତାଙ୍କୁ ଦାୟିତ୍ୱ ବାଣ୍ଟିଛନ୍ତି। ଏହିଭଳି ଦାୟିତ୍ୱ ପାଇଥିବା ସବୁ ନେତାଙ୍କ ଭବିଷ୍ୟତ କ'ଣ ସେନେଇ ବାରମ୍ବାର ପ୍ରଶ୍ନ ଉଠୁଛି। ଏଭଳି ସ୍ଥିତିରେ ବହୁ ନେତାଙ୍କୁ ସରକାର ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରିଛନ୍ତି। ତେବେ ଏମାନଙ୍କ କାର୍ଯ୍ୟଶୈଳୀ କ'ଣ ହେବ ସେନେଇ ମଧ୍ୟ ବାରମ୍ବାର ଚର୍ଚ୍ଚା କରାଯାଉଛି। ଏହା ଭିତରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୨ଜଣଙ୍କ ମଧ୍ୟରୁ ୧୧ଜଣ ଉପଦେଷ୍ଟାଙ୍କୁ ଡାକି ଏକ ବୈଠକ କରିଛନ୍ତି। ବୈଠକରେ ଯୋଗଦେଇଥିବା ଉପଦେଷ୍ଟାମାନେ ଯେଉଁ ବିଭାଗର ସମ୍ପୃକ୍ତ ବିଭାଗର ମନ୍ତ୍ରୀମାନେ ମଧ୍ୟ ଯୋଗଦେଇଥିଲେ। ଉପଦେଷ୍ଟାମାନେ ସରକାରଙ୍କ ନିକଟରୁ ଦରମା ନେବେ ନାହିଁ ବୋଲି କହିଥିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ରାଜ୍ୟ ସରକାର କରିଥିବା ଯୋଜନାଗୁଡ଼ିକ କିଭଳି ତୃଣମୂଳସ୍ତରରେ ଲୋକମାନଙ୍କ ନିକଟରେ ଠିକ୍‌ରେ ପହଞ୍ଚିବ, ଯଦି କେଉଁଠାରେ ଅସୁବିଧା ରହୁଛି ତା'ର ପ୍ରମୁଖ କାରଣଗୁଡ଼ିକ ଖୋଜିବା ପାଇଁ ଉପଦେଷ୍ଟାମାନଙ୍କୁ କୁହାଯାଇଥିବା ଜଣାପଡିଛି। ଅନ୍ୟପଟେ ସେମାନେ କିପରି ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ଲୋକଙ୍କ ନିକଟତର ହେବେ ସେନେଇ ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ଏବଂ ଉପଦେଷ୍ଟାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି କିପରି କାମ ଠିକ୍ ହେବ ତା' ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟତଃ ଉପଦେଷ୍ଟାମାନଙ୍କ ଆଗ୍ରହ ବଢ଼ାଇବା ଲାଗି ମୁଖ୍ୟମନ୍ତ୍ରୀ ଡାକିଥିବା ଜଣେ ଉପଦେଷ୍ଟା କହିଛନ୍ତି।

### ଖବରଦାତାଙ୍କ ପିତୃ ବିୟୋଗ

ବ୍ରହ୍ମପୁର ଅଫିସ,୨୬।୯: ଧରିତ୍ରୀ ବ୍ରହ୍ମପୁର ଖବରଦାତା ଆଶୀର୍ବାଦ ରାଉତଙ୍କ ବାପା ସନ୍ତୋଷ କୁମାର ରାଉତ(୫୮)ଙ୍କର ଗୁରୁବାର ପୂର୍ବାହ୍ନରେ ତାଙ୍କ ପାଣିଗ୍ରାହୀପେଣ୍ଠସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘ ଦିନରୁ ଅସୁସ୍ଥ ଥିଲେ। ବ୍ରହ୍ମପୁର ବଡ଼ ମେଡ଼ିକାଲରେ ତାଙ୍କର ନିୟମିତ ଚିକିତ୍ସା ଚାଲିଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ରାଜଲକ୍ଷ୍ମୀ, ପୁଅ ଆଶୀର୍ବାଦ, ବୋହୂ ସ୍ୱାଗତିକା, ଝିଅ ମୋନାଲିସା ଓ ମଧୁସ୍ମିତା, ଜ୍ୱାଇଁ କୃଷ୍ଣଚନ୍ଦ୍ର ଏବଂ ରାଜୀବଙ୍କ ସମେତ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ଖବରପାଇ ବିଭିନ୍ନ ମହଲର ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ସୂଚନାଯୋଗ୍ୟ, ସ୍ୱର୍ଗତ ରାଉତ ସହରର ବରିଷ୍ଠ ବ୍ୟବସାୟୀଭାବେ ପରିଚିତ ଥିଲେ।

■ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବି

# ଝାରସୁଗୁଡ଼ାରେ ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ

■ଝାରସୁଗୁଡ଼ା ବାର୍ ଆସୋସିଏଶନ ତରଫରୁ ୩ ଦିନିଆ ବନ୍ଦ ଡାକରା

■ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଅର୍ଥନୈତିକ ସେବା ପ୍ରଭାବିତ

ଝାରସୁଗୁଡା ଅଫିସ୍/ଲଖନପୁର, ୨୬।୯(ଡି.ଏନ୍.ଏ.)



ଝାରସୁଗୁଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବାର୍ ଆସୋସିଏଶନର କର୍ମକର୍ତ୍ତା ପିକେଟିଂ କରୁଛନ୍ତି।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି(ସିଏସି)ର ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲା ବାର୍ ଆସୋସିଏଶନ୍ ତରଫରୁ ୨୬ରୁ ୩୦ତାରିଖ ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଡାକରା ଜିଲାରେ ଗୁରୁବାର ଆରମ୍ଭ ହୋଇଛି। ଏପରିକି ଆଇନ୍‌ଜୀବୀମାନେ ସକାଳ ୮ଟାରୁ ଜିଲା ସଦର ମହକୁମା, ପୌରାଞ୍ଚଳ, ବ୍ଲକ୍ ଆଦି ବିଭିନ୍ନ ଅଞ୍ଚଳରେ ପିକେଟିଂ କରି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ କରିଥିଲେ। ଫଳରେ ଜିଲାପାଳଙ୍କ କାର୍ଯ୍ୟାଳୟ, କୋର୍ଟ, ତହସିଲ୍, ବ୍ଲକ, ବ୍ୟାଙ୍କ, ଫାଇନାନ୍ସ କମ୍ପାନୀ ଆଦି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଆଇନ୍‌ଜୀବୀଙ୍କ ଏଭଳି ବନ୍ଦ ଫଳରେ ଅର୍ଥନୈତିକ କାରବାର, କୋର୍ଟକଚେରି, ପ୍ରଶାସନିକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହାର ପ୍ରଭାବ ଝାରସୁଗୁଡ଼ା, ବେଲପାହାଡ଼, ଲଖନପୁର, ବ୍ରଜରାଜନଗର, ଲଇକେରା, କୋଲାବିରା, କିର୍ମିରା ଆଦି ଅଞ୍ଚଳରେ ପଡ଼ିଛି। ଆଇନ୍‌ଜୀବୀଙ୍କ ଏହି ଆନ୍ଦୋଳନକୁ ଝାରସୁଗୁଡ଼ା ଏକତାମଞ୍ଚ, ସଚେତନ ନାଗରିକ ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସମର୍ଥନ ଜଣାଇଛନ୍ତି। ସିଏସି ନିର୍ଦ୍ଦେଶକ୍ରମେ ମାସ ଶେଷର ୩ ଦିନ କୋର୍ଟ ବନ୍ଦ କରାଯାଉଥିଲା। ଏବେ ଏହାକୁ ବ୍ୟାପକ କରାଯାଇ ପ୍ରଶାସନିକ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିବା ପାଇଁ ସିଏସି ନିଷ୍ପତ୍ତି ନେଇଛି। ଏଥିରେ ଯଦି ସରକାର କିଛି ନ ଶୁଣନ୍ତି। ତା'ହାଲେ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ଜିଲା ବାର୍ ଆସୋସିଏଶନ୍‌ର ସଭାପତି ସନ୍ଦୀପ ଅଗସ୍ତୀ ଓ ସମ୍ପାଦକ ପଦ୍ମନାଭ ମାଳୀ କହିଛନ୍ତି। ଏହି ଆନ୍ଦୋଳନରେ ଜିଲା ବାର ଆସୋସିଏଶନ୍ ସଭାପତି ଅଗସ୍ତୀ, ସମ୍ପାଦକ ମାଳୀ, ପୂର୍ବତନ ସଭାପତି ରଘୁମଣି ପଟେଲ, ତାପସ ରାୟ ଚୌଧୁରୀ, ନରେଶ ନାୟକ, ତ୍ରିନାଥ ଗୁଆଲ, ଦୀପକ ପଟେଲ, ସଞ୍ଜୀବ ପାଢୀଯୋଷୀ, ସାଧନା ସାମନ୍ତରାୟ, ବିଶ୍ୱନାଥ ନାୟକ, ଭୂପିନ୍ଦ୍ର ବୈଦ, ବି.ନାଗେଶ୍ୱରୀ, ସାଜଦା ବେଗମ, ଧମାଲି ପଟେଲ, ମୁରଲୀଧର ନାୟକ, ଈଶ୍ୱର କଉଡ଼ି, ଶିବଶଙ୍କର ସାହୁ, ପ୍ରଶାନ୍ତ ବିଶ୍ୱାଳ, ପ୍ରଦ୍ୟୁମ୍ନ ସାହୁ, ହରିହର ମିଶ୍ର, ହେମନ୍ତ ପ୍ରଧାନ, ଗୁଣନିଧି ବାରିକ, ଅନନ୍ତ ଉର୍ମା ପ୍ରମୁଖ ଶତାଧିକ ଆଇନ୍‌ଜୀବୀ ସାମିଲି ହୋଇଛନ୍ତି।

# ଝାରସୁଗୁଡ଼ାରେ ହେବ ରକ୍ତଶିକୁଳି ଗବେଷଣା କେନ୍ଦ୍ର

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ମହାନଦୀ କୋଲ୍ ଫିଲ୍‌ଡ ଭଳି ମହାରତ୍ନ କମ୍ପାନୀ ପକ୍ଷରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱ(ସିଏସ୍‌ଆର) ସ୍ୱାସ୍ଥ୍ୟ କ୍ଷେତ୍ରରେ ବିନିଯୋଗ ହେଉଥିବା ପାଣ୍ଠି ସମ୍ପର୍କିତ ସମୀକ୍ଷା ବୈଠକ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଝାରସୁଗୁଡ଼ାରେ ସିକିଲ୍‌ସେଲ୍ ରିସର୍ଚ୍ଚ ସେଣ୍ଟର(ରକ୍ତଶିକୁଳି ଗବେଷଣା କେନ୍ଦ୍ର) ଓ ଟ୍ରମା କେୟାର କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ରଖାଯାଇଥିଲା। ମହାନଦୀ କୋଲ୍‌ଡ ଫିଲ୍‌ଡର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବି.ଏନ୍. ଶୁକ୍ଲା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ତଥ୍ୟ ପ୍ରଦାନ କରିଥିଲେ। ତା'ମଧ୍ୟରୁ ମୁଖ୍ୟତଃ ତାଳଚେରଠାରେ ୪୯୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ମହାନଦୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ମେଡିକାଲ୍ କଲେଜର ନିର୍ମାଣ କାର୍ଯ୍ୟ ସରିବା ପରେ କମ୍ପାନୀ କର୍ତ୍ତୃପକ୍ଷ ଏହାର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବେ। ଝାରସୁଗୁଡ଼ାଠାରେ କମ୍ପାନୀ ପକ୍ଷରୁ ୭୫ କୋଟି ଟଙ୍କା ବିନିଯୋଗରେ ନିର୍ମିତ ହେବାକୁ ଥିବା ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ କାର୍ଡିଆକ୍ କେୟାର ସେଣ୍ଟର, ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୨.୮୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୧୦୦ ଶଯ୍ୟା ବିଶିଷ୍ଟ ୱାର୍ଡ ଓ ଆଇସିୟୁ, ବୁର୍ଲାଠାରେ ୫୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଗର୍ଭବତୀ ମହିଳା ଓ ଶିଶୁ ସ୍ୱାସ୍ଥ୍ୟ କମ୍ପ୍ଲେକ୍ସ ଓ ଆଲିମ୍‌କୋ ସଂସ୍ଥା ଦ୍ୱାରା ଦିବ୍ୟାଙ୍ଗମାନଙ୍କୁ ୫ କୋଟି ଟଙ୍କାର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ଜିଲା ଲଖନପୁରଠାରେ ୫୦ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ୍ ନିର୍ମାଣ ଶେଷ ହେବା ପରେ ରୋଗୀସେବା ଆରମ୍ଭ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ପାଇଁ ବହୁତଗୁଡ଼ିଏ ଯୋଜନା ହାତକୁ ନିଆଯାଇଛି ବୋଲି ଶୁକ୍ଲା ପ୍ରକାଶ କରିଥିଲେ। ତାଳଚେର ମେଡିକାଲ୍ କଲେଜ୍ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ଆଲୋଚନା କରାଯାଇଥିଲା।

# ଆଜି ଭାଜପାର ରାଜ୍ୟବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ରାଜ୍ୟ ସରକାର କ୍ରମାଗତ ଭାବେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ନାଁରେ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ପକ୍କାଘର ସବୁକୁ ରାଜ୍ୟ ସରକାର 'ବିଜୁ ପକ୍କା ଘର' ଯୋଜନାରେ ହେଉଛି ବୋଲି କହି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି। ମୋଦି ସରକାର ଦେଶରେ ବିଭିନ୍ନ ପ୍ରକାର ଜନହିତକର ଯୋଜନା ଲାଗୁ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠି କେବଳ କେନ୍ଦ୍ରୀୟ ଯୋଜନାକୁ ହଡପ କରି ନାଁ ବଦଳାଇ ବାହାବା ନେବାକୁ ବସିଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଏହା ସଂଘୀୟ ବ୍ୟବସ୍ଥାକୁ ବିରୋଧ କରୁଥିବା ଅଭିଯୋଗ କରି ଏହା ବିରୋଧରେ ଭାଜପା ଶୁକ୍ରବାର ୩୧୪ ବ୍ଲକ ଏବଂ ପୌରାଞ୍ଚଳ ଘେରାଉ କରି ଆନ୍ଦୋଳନ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବ ବୋଲି ସୂଚନା ଦେଇଛି।

■ ମହଙ୍ଗା ପଡ଼ିଲା ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ୍

# ଅଭିଯୁକ୍ତ ବ୍ୟବସାୟୀ ଗିରଫ, ୨୦ ଟ୍ରିପ୍ ବାଲି ଜବତ

ଝାରସୁଗୁଡା ଅଫିସ୍/ଲଖନପୁର,୨୬।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲାରେ ଅସାଧୁ ବ୍ୟବସାୟୀମାନେ ପ୍ରଶାସନକୁ ଚ୍ୟାଲେଞ୍ଜ କରି ଲଘୁଜାତ ଖଣିଜ ସମ୍ପଦ ଲୁଟ୍ କରିବାରେ ଲାଗିଛନ୍ତି। ଏଥିରେ ଅସାଧୁ ବ୍ୟବସାୟୀମାନେ କେତେକ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ହାତକରି ଖୋଲାଖୋଲି ବ୍ୟବସାୟ ଚଳାଇଛନ୍ତି। ଫଳରେ ଝାରସୁଗୁଡ଼ା ଜିଲା ଏକପ୍ରକାର ଅସାଧୁ ବ୍ୟବସାୟୀଙ୍କ ଭୂସ୍ୱର୍ଗ ପାଲଟିଛି। କିଛିଦିନ ପୂର୍ବରୁ ଜଣେ କାର୍ଯ୍ୟରତ ପୋଲିସ କନ୍‌ଷ୍ଟେବଲଙ୍କୁ ଜଣେ ଅସାଧୁ ବାଲି ବ୍ୟବସାୟୀ ବାଲି ଚୋରାଚାଲାଣ ବେଳେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏହି ଘଟଣାବଳୀକୁ ନିଜେ



ବାଲି ବ୍ୟବସାୟୀ ସୌରଭ ପଟେଲ।

ବ୍ୟବସାୟୀ ତାଙ୍କ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ। ପରେ ସେ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଏହି ଖବର ଚାରିଆଡ଼େ ପ୍ରଚାରିତ ହେବା ସହ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଫଳରେ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ଘଟଣାର ତଦନ୍ତ ପାଇଁ ଝାରସୁଗୁଡ଼ା ଥାନା ଆଇଆଇସି ସାବିତ୍ରୀ ବଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇଆଇସି ଘଟଣାର ତଦନ୍ତ କରିଥିଲେ ଏବଂ ପୋଲିସ ଘଟଣାରେ ଜଡ଼ିତ ପଞ୍ଚପଡ଼ାର ସୌରଭ ପଟେଲ ନାମକ ଜଣେ ବାଲି ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ପୋଲିସ ଝାରସୁଗୁଡ଼ା ଥାନା କେସ୍ (ନଂ. ୬୧୨/୧୯)ରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସେହିପରି ଝାରସୁଗୁଡ଼ା ତହସିଲ ତରଫରୁ ମଧ୍ୟ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାଜସ୍ୱ ବିଭାଗର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ବ୍ୟବସାୟୀ ଜଣକ ପଞ୍ଚପଡ଼ାରେ ବ୍ୟାପକ ପରିମାଣରେ ବାଲି ଗଚ୍ଛିତ ରଖିଛନ୍ତି। ଏନେଇ ତହସିଲଦାର ଦିଲୀପ ପ୍ରଧାନ ବାଲି ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେହିପରି ଅଧିକ ତଥ୍ୟ ପାଇଁ ଝାରସୁଗୁଡ଼ା ତହସିଲଦାର ସୁନ୍ଦରଗଡ଼ ତହସିଲଦାରଙ୍କ ସହିତ ଯୋଗାଯୋଗ କରିଛନ୍ତି। ଗିରଫ ବ୍ୟବସାୟୀ ଜଣକ ପଞ୍ଚପଡ଼ାରେ ଗଚ୍ଛିତ ରଖିଥିବା ୨୦ ଟ୍ରିପ୍ ବାଲିକୁ ରାଜସ୍ୱ ବିଭାଗ ଜବତ କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି। ଅସାଧୁ ବ୍ୟବସାୟୀ ପଟେଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପ୍ରଧାନ କହିଛନ୍ତି।

# ପିଆଜ ଚିନ୍ତା: ସଚିବଙ୍କ ନୂଆଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ରାଜ୍ୟରେ ପିଆଜ ଦରକୁ ନିୟନ୍ତ୍ରଣାଧୀନ କରିବା ପାଇଁ ସରକାର ସମସ୍ତ ଚେଷ୍ଟା ଜାରି ରଖିଛନ୍ତି। ଦେଶସାରା ପିଆଜ ସଙ୍କଟକୁ ନିୟନ୍ତ୍ରଣ କରିବା ପାଇଁ ପଡ଼ୋଶୀ ଅଫଗାନିସ୍ତାନରୁ ପିଆଜ ଆସିଛି। ହେଲେ ସେହି ପିଆଜ ଗୁଣାତ୍ମକମାନ ନେଇ ସନ୍ତୋଷ ପ୍ରକାଶ ପାଇଲେ, ତାହା ରାଜ୍ୟକୁ ଅଣାଯିବ। ଏ ନେଇ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ଦର ନିୟନ୍ତ୍ରଣ ନେଇ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାସ୍ୱାନଙ୍କ ସହ ଆଲୋଚନା ଜାରି ରହିଛି। କେନ୍ଦ୍ରରେ ମହଜୁଦ୍ ଥିବା ପିଆଜର ଗୁଣବତ୍ତା ପରୀକ୍ଷା କରାଯିବ। ରାଜ୍ୟ ଯୋଗାଣ ସଚିବ(ବୀରବିକ୍ରମ ଯାଦବ) ଏଥିପାଇଁ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ସେହିପରି ରାଜ୍ୟରେ ପିଆଜ କଳାବଜାର ରୋକିବାକୁ ସବୁ ପ୍ରକାର ଉଦ୍ୟମ କରାଯାଉଛି। ବେଆଇନ ଭାବେ ଯେପରି କେହି ପିଆଜ ମହଜୁଦ୍ କରି ରଖିବେ ନାହିଁ, ସେ ଦିଗରେ ଜିଲା ଯୋଗାଣ ଅଧିକାରୀଙ୍କୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଅକ୍ଟୋବର ୩ ଯାଏ ଗ୍ରହଣ ହେବ ଆପତ୍ତି ଅଭିଯୋଗ

ଭୁବନେଶ୍ୱର,୨୬।୯(ବ୍ୟୁରୋ)

**ଖରିଫ୍ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ**

ଚଳିତ ଆର୍ଥିକ ବର୍ଷ(୨୦୧୯-୨୦)ରେ ଖରିଫ୍ ଧାନ ସଂଗ୍ରହ ପାଇଁ ଏକ ନିର୍ଭୁଲ ଚାଷୀମାନଙ୍କ ନାମ ପଞ୍ଜୀକରଣ ତାଲିକା ପ୍ରସ୍ତୁତ କରିବା ଉପରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି। ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମ ପଞ୍ଜୀକରଣ କାର୍ଯ୍ୟକ୍ରମ ଚଳିତ ମାସ ୧୭ରେ ଶେଷ ହୋଇଛି। ସଂଗୃହୀତ ଦରଖାସ୍ତଗୁଡ଼ିକର ସଂପୃକ୍ତ ପ୍ରାଥମିକ କୃଷି ସମବାୟ ସମିତି ଓ ଲ୍ୟାମ୍ପସ୍‌ରେ ଅନ୍‌ଲାଇନ୍ ପ୍ରକ୍ରିୟାରେ କମ୍ପ୍ୟୁଟରୀକୃତ (ଡିଜିଟାଇଜେଶନ୍) କରାଯିବା କାର୍ଯ୍ୟ ଗତ ୨୨ରେ ସମାପ୍ତ ହୋଇଛି। ପଞ୍ଜୀକୃତ ଚାଷୀମାନେ ଖରିଫ୍ ଧାନ ଚାଷ କରିଥିବା ଜମିର ପରିମାଣ ବାବଦ ତଥ୍ୟ ସମ୍ବଳିତ ଚିଠା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯିବ। ଏହି ତଥ୍ୟ ପଞ୍ଜୀକରଣ କାର୍ଯ୍ୟ ସମ୍ପାଦନ କରୁଥିବା ସଂପୃକ୍ତ ସମିତି, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ କଣ୍ଟ୍ରୋଲ୍ ଦୋକାନରେ ସେପ୍ଟେମ୍ବର ୨୫ରୁ ୩୦ ମଧ୍ୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯାଉଛି। ସବିଶେଷ ତଥ୍ୟ ସଂପୃକ୍ତ ପଞ୍ଜୀକରଣକାରୀ ପ୍ୟାକ୍ସ/ଲ୍ୟାମ୍ପସ୍ ଆଦିରେ ଉପଲବ୍ଧ କରାଯିବ ଏବଂ ପଞ୍ଜୀକୃତ ଚାଷୀ ଓ ସର୍ବସାଧାରଣ ତାହା ନିରୀକ୍ଷଣ କରିପାରିବେ। ଯଦି ପ୍ରକାଶିତ ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଉଥାଏ, ତତ୍‌ସମ୍ବନ୍ଧୀୟ ଅଭିଯୋଗ ଯେ କୌଣସି ନାଗରିକ ସଂପୃକ୍ତ ପ୍ରକାଶନ ସ୍ଥଳରେ ଆସନ୍ତା ଅକ୍ଟୋବର ୩ ତାରିଖ ସୁଦ୍ଧା ଦରଜ କରିପାରିବେ।

■ବିପଦସଙ୍କୁଳ ଅବସ୍ଥାରେ ସ୍କୁଲ ଛାତ

## ବାରଣ୍ଡାରେ ଚାଲିଛି ପାଠପଢ଼ା



ଛାତ୍ରୀଛାତ୍ର ବାରଣ୍ଡାରେ ବସି ପାଠ ପଢୁଛନ୍ତି।

ବ୍ରଜରାଜନଗର, ୨୬।୯ (ଡି.ଏନ୍.ଏ.)

ରାଜପୁର ପଞ୍ଚାୟତର ଆମଦରହ ଗ୍ରାମର ପ୍ରାଥମିକ ବିଦ୍ୟାଳୟଟି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ୧୯୬୮ ମସିହାରେ ନିର୍ମାଣ କରାଯାଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୧୫ ବର୍ଷ ତଳେ ୨ ଗୋଟି ଶ୍ରେଣୀଗୃହ ମହାନଦୀ କୋଇଲା କମ୍ପାନୀ ଦ୍ୱାରା ନିର୍ମାଣ କରାଯାଇଥିଲା। ନିମ୍ନମାନର କାମ ଯୋଗୁ ଚଳିତ ବର୍ଷ ବର୍ଷାରେ ଛାତରୁ ଅତଡ଼ା ଖସି ପାଣି ଝରିଲା। ଫଳରେ ଉକ୍ତ କକ୍ଷ ଦୁଇଟିକୁ ବନ୍ଦ କରି ଦିଆଯାଇଛି। ଏବେ ଛାତ୍ରୀଛାତ୍ର ଶ୍ରେଣୀକୋଠରି ଅଭାବରୁ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଏକ ମାସ ତଳେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀ ବୈଠକ କରି କୋଇଲା କମ୍ପାନୀକୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ।

# କୋଲାବିରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବୈଠକ

କୋଲାବିରା,୨୬।୯(ଡି.ଏନ୍.ଏ.)

କୋଲାବିରା ପ୍ରାଥମିକ ବିଦ୍ୟାଳୟଠାରେ କୋଲାବିରା ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସିଆରସିସିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରମେଶ୍ୱର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସର୍ବସମ୍ମତି କ୍ରମେ ଅକ୍ଟୋବର ୨ ତାରିଖ ଦିନ ୧୫୦ତମ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛତା ଅଭିଯାନ ଦିବସ ପ୍ରାଥମିକ ଶିକ୍ଷକ ସଂଘ କୋଲାବିରା ପକ୍ଷରୁ ମହାସମାରୋହରେ ପାଳନ କରାଯିବ। ନୃପଲାଲ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଏବିଇଓମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉକ୍ତ ଦିବସରେ ଉପସ୍ଥିତ ରହିବାକୁ ସଂଘ ତରଫରୁ



ବୈଠକରେ ଉପସ୍ଥିତ କୋଲାବିରା ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା।

ଅନୁରୋଧ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର ପଧାନ, ରମେଶ ସାହୁ, ଯୋଗେଶ୍ୱର ସେନାପତି, ଲିଙ୍ଗନ ନାଏକ, ସରୋଜ ଟଣକାର, ନାରାୟଣ ବାଗ୍, ଟଙ୍କଧର କୁଆ, ଶିବନାରାୟଣ ସାହୁ, ସିଆରସିସି ରାଜେନ୍ଦ୍ର ବଟ୍, ହୃଦାନନ୍ଦ ମାଝିଙ୍କ ସମେତ ସିଆରସିସିମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ଲଲିନ୍ଦ୍ର ଗୋଖରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି କ'ଣ କେଉଁଠି

**ଦେବଗଡ଼**

■ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସଫେଇ ଅଭିଯାନ, ପ୍ରଧାନପାଟ, ସକାଳ ୮ଟା।

■ଗାନ୍ଧୀ ଜୟନ୍ତୀ ଉପଲକ୍ଷେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ରଚନା, ବକ୍ତୃତା ପ୍ରତିଯୋଗିତା, କ୍ଷେଣ୍ଟ ହାଇସ୍କୁଲ, ରିଆମାଳ, ପୂର୍ବାହ୍ନ ୧୦ଟା।

■କୃଷକ ତାଲିମ ଶିବିର, ଗୁଣ୍ଡିଆପାଲି, ରିଆମାଳ, ପୂର୍ବାହ୍ନ ୧୦ଟା।

**ଟିଟିଲାଗଡ**

■ଗାନ୍ଧୀ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ, ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଅପରାହ୍ନ ୨.୩୦ମିନିଟ।

**ବିଜେପୁର**

■ବିଜେଡିର ନୂଆଁଖାଇ ଭେଟ୍‌ଘାଟରେ ମହିଳା ସମାବେଶ, ରାବଣ ପୋଡି ପଡିଆ, ପୂର୍ବାହ୍ନ ୧୦ଟା।

**ବୌଦ୍ଧ**

■ବୌଦ୍ଧକୁ ସମ୍ବଲପୁର ଆରଡିସି ଅଧୀନରେ ସାମିଲ ନେଇ ଦାବିପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।

**ରାଉରକେଲା**

■କେନ୍ଦ୍ରୀୟ ପୂଜା କମିଟି ବୈଠକ,ଏଡିଏମଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

■ମାସିକ ସାହିତ୍ୟ ଆସର,ବାସନ୍ତୀ ପାଠାଗାର, ବାସନ୍ତୀ କଲୋନୀ, ସନ୍ଧ୍ୟା ୬ଟା ୩୦।

**ଲୋଇସିଂହା**

■ଭାରତୀୟ ଜନତା ପାର୍ଟି ପକ୍ଷରୁ ଗଣବିକ୍ଷୋଭ, ବ୍ଲକ ସମ୍ମୁଖ, ପୂର୍ବାହ୍ନ ୧୦ଟା।

**ବରଗଡ଼**

■କିଶନ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ, ସୌଖୀନ ରଙ୍ଗମଞ୍ଚ, ବରଗଡ଼, ସନ୍ଧ୍ୟା ୬ଟା ୩୦ମିନିଟ୍।

■ଅଳଙ୍କାର ଥିଏଟର ଟିମ୍‌ର ଆଲୋଚନା, ନାଟକ ପରିବେଷଣ, ବରଗଡ଼ ମହିଳା କଲେଜ, ପୂର୍ବାହ୍ନ ୧୦ଟା।

■ତ୍ରିରଙ୍ଗା କପ୍ ଫୁଟବଲ ପ୍ରତିଯୋଗିତା (ମ୍ୟାଚ୍: ଅଇଁଠାପାଲି ବନାମ ଧାଙ୍ଗେର, ସାହାଜବାହାଲ ବନାମ ପାତିକରପଲ୍ଲୀ), ଖୁଣ୍ଟପାଲି ପଡ଼ିଆ, ଅପରାହ୍ନ ୨ଟା।

**ଭବାନୀପାଟଣା**

■ରାଷ୍ଟ୍ରୀୟ ଏକତା ଅଭିଯାନ, ଏକ ରାଷ୍ଟ୍ର ଏକ ସମ୍ବିଧାନ ଉପରେ ବୁଦ୍ଧିଜୀବୀ ସମ୍ମିଳନୀ, ହିନ୍ଦପ୍ଲାଜା ହୋଟେଲ, ଅପରାହ୍ନ ୪ଟା।

**ନୂଆପଡ଼ା**

■ଜଳ ପରୀକ୍ଷଣ ଉପରେ ତାଲିମ କାର୍ଯ୍ୟକ୍ରମ, ନ୍ୟାଶନାଲ ହାଇସ୍କୁଲ, ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**

■ସ୍ୱଚ୍ଛ ପାଣି ବ୍ୟବହାର ସଚେତନତା କାର୍ଯ୍ୟକ୍ରମ, ସମ୍ବଲପୁର ରେଳ ଷ୍ଟେଶନ, ପୂର୍ବାହ୍ନ ୧୦ଟା।

# ଶପଥ ନେଲେ ୪୧ ଦେୱାନୀ ନ୍ୟାୟାଧୀଶ

କଟକ ଅଫିସ, ୨୬।୯

ଓଡ଼ିଶା ନ୍ୟାୟିକ ଏକାଡେମୀସ୍ଥିତ ଗତିକୃଷ୍ଣ ମିଶ୍ର ପ୍ରେକ୍ଷାଳୟରେ ୨୦୧୮ ବ୍ୟାଚ୍‌ର ନବନିଯୁକ୍ତ ୪୧ ଜଣ ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶମାନଙ୍କ ଶପଥ ଗ୍ରହଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏହାକୁ ଉଦ୍‌ଘାଟନ କରି ନବନିଯୁକ୍ତ ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ମୁଖ୍ୟ ବିଚାରପତି, ଓଡ଼ିଶା ନ୍ୟାୟିକ ଏକାଡେମୀ ସମିତି ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପାଠ୍ୟ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ହାଇକୋର୍ଟ ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀ ତାଲିମ ସମିତିର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ହାଇକୋର୍ଟ ବିଚାରପତି ଏବଂ ଅଧିକାରୀ, ନବନିଯୁକ୍ତ ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶମାନଙ୍କ ପରିବାର ସଦସ୍ୟ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଏକାଡେମୀର ନିର୍ଦ୍ଦେଶକ ଗୌରୀଶଙ୍କର ଶତପଥୀ ଧନ୍ୟବାଦ ଦେଇଥିଲେ।

# ସମାସିଂହାରେ ଆତ୍ମନିର୍ଭରଶୀଳ ତାଲିମ ଶିବିର

କୋଲାବିରା,୨୬।୯(ଡି.ଏନ୍.ଏ.)

କୋଲାବିରା ବ୍ଲକ ସମାସିଂହାଠାରେ ପଞ୍ଚାୟତସ୍ତରୀୟ ଏକ ଆତ୍ମନିର୍ଭରଶୀଳ ତାଲିମ ଶିବିର ଟିଆରଏଲ୍ ଓ ଏସ୍‌ବିଆଇ ଜରିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରରେ ମହିଳା ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ମସଲା ତିଆରି ତାଲିମ ଦିଆଯିବ। ଏହି ତାଲିମ ଶିବିର ଏକ ସପ୍ତାହ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛି। ଏଥରେ ଟିଆରଏଲର ନିର୍ଦ୍ଦେଶକ ରାଜକୁମାର ସାହୁ, ରଜନିରାଣୀ ନାଏକ, ସମାସିଂହା ସରପଞ୍ଚ ହେମନ୍ତ କୁମାର ସାହୁ, ଏସ୍‌ବିଆଇ ସମାସିଂହା ଶାଖା ପରିଚାଳକ ପ୍ରଶାନ୍ତ କୁମାର ମିଶ୍ର,ଏମ୍‌ବିକେ ନନ୍ଦିତା ନାଏକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଗୋଷ୍ଠୀ ସହାୟିକାଙ୍କ ସମେତ ୩୫ ଜଣ ଏସ୍‌ଏଚ୍‌ଜି ମହିଳା ଯୋଗଦେଇଥିଲେ। ଆତ୍ମନିର୍ଭରଶୀଳ ହେବା ପାଇଁ ମସଲା ତିଆରି ଏକ ଭଲ ମାଧ୍ୟମ, ସମାଜରେ ଏହାର ଚାହିଦା ରହିଛି। ତେଣୁ ଏହାକୁ ପାଥେୟ କରି ମଧ୍ୟ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ବିଷୟରେ ଅତିଥିମାନେ ଅବଗତ କରାଇଥିଲେ।



ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିଙ୍କ ସହ ଶପଥ ପାଠ କରିଥିବା ଦେୱାନୀ ନ୍ୟାୟାଧୀଶମାନେ।



"ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



**ସଂକ୍ଷେପରେ**

## ନର୍ଲା ବନ ବିଭାଗ ପକ୍ଷରୁ ଚଢ଼ାଉ, ଶାଗୁଆନ ପଟା ଜବତ

**ସେରଗଡ,୨୬।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ନର୍ଲା ବନ ବିଭାଗ ପକ୍ଷରୁ ଗୁରୁବାର ନର୍ଲା ରେଞ୍ଜର ନୃତରାଜ ମାଝିଙ୍କ ନେତୃତ୍ୱରେ ସଦଳବଳେ ନର୍ଲାସ୍ଥିତ ଡଙ୍ଗରମାଳ ଗାଁର ଜଣଙ୍କ ଘରେ ଚଢାଉ କରିଥିଲେ । ଚଢାଉ ବେଳେ ସାଇଜ ଶାଗୁଆନ ପଟା ଜବତ କରିଥିଲେ। ଯାହାର ଆନୁମାନିକ ବଜାର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ଲାଞ୍ଜିଗଡର ରାଜେଶ ହରିଜନ ନାମକ ବ୍ୟକ୍ତି ଏହି କାଠ ବେପାର ଦୀର୍ଘ ଦିନରୁ କରି ଆସୁଛନ୍ତି। ଡଙ୍ଗରମାଳ ଗାଁରେ ଜଣେ ବ୍ୟକ୍ତିଙ୍କ ଘରେ ରଖି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ଏବଂ ଖୁବ୍‌ଶୀଘ୍ର ରାଜେଶ ହରିଜନଙ୍କୁ ଗିରଫ କରାଯିବ ବୋଲି ନର୍ଲା ରେଞ୍ଜର ସୂଚନା ଦେଇଛନ୍ତି ।

■ ଶିକ୍ଷା ବିଭାଗ ପରେ ଏବେ ସ୍ୱାସ୍ଥ୍ୟ ବିଭାଗ

# ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି

ଜୟନାରାୟଣ ମେଷ୍ଟୁଳି
**ସୁନ୍ଦରଗଡ଼, ୨୬।୯ (ଡି.ଏନ୍.ଏ.)**

■ ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ଡାକ୍ତର
■ ଜିଲାପାଳଙ୍କଠାରେ ଅଭିଯୋଗ ପରେ ଖୋଳତାଡ଼ ଆରମ୍ଭ

ଶିକ୍ଷା ବିଭାଗରେ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିବା ପୂର୍ବରୁ ଅନେକ ଅଭିଯୋଗ ହୋଇଛି। ହେଲେ ଜାଲ ସାର୍ଟିଫିକେଟ ଦେଇ ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରିବା ନୂଆ ଘଟଣା। ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରେ ଜଣେ ଡାକ୍ତର ଜାଲ ସାର୍ଟିଫିକେଟ ଦେଇ ଚାକିରି କରି ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନ୍ ବଳରେ ମିଳିଥିବା ତଥ୍ୟ ଅନୁସାରେ ନିଯୁକ୍ତି ପାଇଥିବା ଡାକ୍ତରଙ୍କ ଶିକ୍ଷାଗତ ଯୋଗ୍ୟତା ଉପରେ ସନ୍ଦେହ ପ୍ରକଟ କରି ଅଞ୍ଚଳବାସୀଙ୍କ ତରଫରୁ ଏସମ୍ପର୍କରେ ଜିଲାପାଳଙ୍କ ଠାରେ ଅଭିଯୋଗ ହୋଇଥିଲା। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସମ୍ପୃକ୍ତ ଡାକ୍ତରଙ୍କର ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗତ ୨୦୧୬ ମସିହାରେ ନୂଆଗାଁ ବ୍ଲକ ଅଞ୍ଚଳରେ ଚୁକ୍ତିଭିତ୍ତିକ ଡାକ୍ତର ଭାବେ ସେ ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ବେଳେ ସେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିବା ନିଜର ଶିକ୍ଷାଗତ ପ୍ରମାଣପତ୍ର ଅନୁଯାୟୀ ଝାଡଖଣ୍ଡର ମୂଳବାସିନ୍ଦା ଏହି ଡାକ୍ତର ଜଣକ ରାଉରକେଲା ସେକ୍ଟର ୭ ଶିକ୍ଷା ସଦନରୁ ୧୯୮୯ରେ ମାଟ୍ରିକ ତୃତୀୟ ଶ୍ରେଣୀରେ ପାଇଥିଲେ। ୧୯୯୧ରେ ଯୁକ୍ତ ୨ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ୨୦୦୨ରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରୁ ପାସ୍ କରିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ଏମବିବିଏସ ସାର୍ଟିଫିକେଟରେ ୨ଟି ବନାନଗତ ତ୍ରୁଟି ଥିବାବେଳେ ବିଶ୍ୱବିଦ୍ୟାଳୟର ଲୋଗୋର ଭିନ୍ନତା ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷେ ଓଡିଶାରେ ଷଷ୍ଠ ଶ୍ରେଣୀରୁ ଏମବିବିଏସ ଡାକ୍ତରୀ ଶିକ୍ଷା ଲାଭ ପରେ ମଧ୍ୟ ସେ କାହିଁକି ବର୍ତ୍ତମାନ ସୁଦ୍ଧା ଓପିଏସସି କୃତକାର୍ଯ୍ୟ କରି ନ ଥିବା ବେଳେ ଓଡିଶା ମେଡିକାଲ କାଉନସିଲରେ ନାମ ପଞ୍ଜିକୃତ ନ କରି ବିହାର ମେଡିକାଲ କାଉନସିଲ ପାଟନାରେ ଏମବିବିଏସ ସାର୍ଟିଫିକେଟ ପଞ୍ଜିକୃତ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏମ୍‌ବିବିଏସ ସାର୍ଟିଫିକେଟ ଯାଞ୍ଚ ସକାଶେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି।

## ପାରମ୍ପରିକ ଗ୍ରାମସଭା, ସ୍ୱଘୋଷଣା ସମ୍ପର୍କିତ ଜିଲାସ୍ତରୀୟ ଆଲୋଚନାଚକ୍ର

**ସୁନ୍ଦରଗଡ଼, ୨୬।୯ (ଡି.ଏନ୍.ଏ)**

ଆଠକୋଶିଆ ଆଦିବାସୀ ଏକତା ମଞ୍ଚ ସୁନ୍ଦରଗଡ ଓ ସାମାଜିକ ଅନୁଷ୍ଠାନ ସିଆଇଆରଟିଡି ଆନୁକୂଲ୍ୟରେ ପାରମ୍ପାରିକ ଗ୍ରାମସଭା ଓ ସ୍ୱଘୋଷଣା ସମ୍ପର୍କୀତ ଜିଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ ସଭାଗୃହଠାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସାମାଜିକ କର୍ମୀ ସୁରୁ ମିଶ୍ର ଭାରତ ସରକାରଙ୍କ ଜାତୀୟ ସମ୍ବଳ ଉପରେ ହୋଇଥିବା ଚିଠା ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହ ସଙ୍ଗଠନକୁ ସୁଦୃଢ କରି ଜଳ, ଜଙ୍ଗଲ ଜମିକୁ ବଞ୍ଚାଇ ରଖିବା, ଗୋଷ୍ଠୀଗତ ଅଧିକାର ମାନ୍ୟତା ପାଇଁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି କରିବା ସହିତ ସାମୂହିକ ସମ୍ପତ୍ତି ପାଇଁ ସକ୍ରିୟ ଭାବରେ ଜଡିତ ହେବା ପାଇଁ ମତ ରଖିଥିଲେ। ଖଣି, ଖାଦାନ ଓ ବିଭିନ୍ନ ବିକାଶମୂଳକ ପ୍ରକଳ୍ପରୁ ଗୋଷ୍ଠୀଗତ ସମ୍ପତ୍ତିକୁ ନିଜ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ଓ ଗୋଷ୍ଠୀଗତ ସମ୍ପତ୍ତିକୁ ବଞ୍ଚାଇ ରଖିବା ସହିତ ନିଜ ଅଧିକାରକୁ ସାବ୍ୟସ୍ତ କରିବା ଓ ପରିବେଶ ସମ୍ପର୍କୀତ ଆଇନ୍ ଉପରେ ସଚେତନ ହେବାକୁ କହିଥିଲେ। ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ୍ -୨୦୦୬ ନିୟମ -୨୦୦୭ ଓ ସଂଶୋଧିତ ନିୟମାବଳୀ -୨୦୧୨ କୁ ଠିକ ଭାବେ ବିଭାଗୀୟ ଅଧିକାରୀମାନେ ତଥା ଜିଲାପ୍ରଶାସନ କାର୍ଯ୍ୟକାରୀ କରୁ ନ ଥିବା ଏବଂ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମି ଅଧିକାର ପାଇଁ ଆବେଦନ କରିଥିବା ହିତାଧିକାରୀ ମାନଙ୍କୁ ଶିରୋନାମା ପ୍ରଦାନରେ ବିଳମ୍ବ ହେଉଥିବା ଯୋଗୁ ଜଙ୍ଗଲ ଅଧିକାର ଆଇନ୍ ଦିଗହରା ହେଉଛି ବୋଲି ଏହି ଆଲୋଚନାରେ ମତପ୍ରକାଶ ପାଇଥିଲା ।

# ବଣାଇ ଥାନାରେ ଶାନ୍ତି କମିଟି ବୈଠକ

**ବଣାଇ, ୨୬।୯(ସ୍ୱ.ପ୍ର.)**



ଶାନ୍ତିକମିଟି ବୈଠକରେ ପୋଲିସ, ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ।

ଆଗାମୀ ପୂଜା ପାର୍ବଣ ପାଳନ ଅବସରରେ ବଣାଇ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ଥାନା ପକ୍ଷରୁ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣାଇ ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟ ଯୋଗଦେଇ ସହରରେ ଆସନ୍ତା ଦୁର୍ଗାପୂଜା, ରାବଣପୋଡି, ଲକ୍ଷ୍ମୀପୂଜା ଓ କାଳୀପୂଜାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏଥିରେ ମୁଖ୍ୟତଃ ସହରରେ ଟ୍ରାଫିକ ବ୍ୟବସ୍ଥା, ଦ୍ରୁତ ଗତିରେ ଯାନାବାହାନ ଚଳାଚଳ ନ କରିବାକୁ ଗୁରୁତ୍ୱ ଦେଇ ପୂଜା ସମୟରେ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହା ସହିତ ସହରର ଆଇନଶୃଙ୍ଖଳା ବ୍ୟବସ୍ଥା ସହିତ ବାହାର ଅଞ୍ଚଳରୁ ବିଭିନ୍ନ କାର୍ଯ୍ୟ କରିବାକୁ ଆସୁଥିବା ଅଚିହ୍ନା ଲୋକଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା କରାଯିବା ସହିତ ଏଥିନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ରାତି ସମୟରେ ସର୍ବସାଧାରଣରେ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଲୋଚନା ହୋଇଥିଲା। ବଣାଇ ଏକ ଭାଇଚାରାର ସହର ହୋଇଥିବା ବେଳେ ଏଠାରେ ସମସ୍ତଙ୍କର ସହଯୋଗ ରହିବ ବୋଲି ମତପ୍ରକାଶ ପାଇଥିଲା। ଏହି ବୈଠକରେ ବଣାଇ ସହକାରୀ ଜିଲାପାଳ ରବୀନ୍ଦ୍ର କୁମାର ସେଠୀ, ବଣାଇ କ୍ୟାଥଲିକ୍ ଚର୍ଚ୍ଚର ଫାଦର ଯୋସେଫ, ମୁସଲିମ କମିଟିର ମହମ୍ମଦ ଅଫଜଲ, ମହମ୍ମଦ ୟାସିନ ଖାନ, ଅଫଦୁଲ୍ କୟୁମ ଅନସାରୀ, ସାର୍ବଜନୀନ ଦୁର୍ଗାପୂଜା କମିଟିର ଦିଲ୍ଲୀପ ତ୍ରିପାଠୀ, ରାହାସ ବିହାରୀ ପ୍ରଧାନ, ଅନିରୁଦ୍ଧ ତ୍ରିପାଠୀ, ହବିବ୍ ଖାନ, ସନ୍ତୋଷ ପ୍ରଧାନ, ରାବଣପୋଡି କମିଟିର ସତ୍ୟନାରାୟଣ ମିଶ୍ର, ରାଜେନ୍ଦ୍ର ପ୍ରଧାନ, ଯୁଗଳ କିଶୋର ବେହେରା, କାଳୀପୂଜା କମିଟିର ରଣଜିତ ଚୌଧୁରୀ, ବଜାରଛକ ଓ ତେଲି ସାହି ଲକ୍ଷ୍ମୀପୂଜା କମିଟିର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣାଇ ଥାନାର ଏସ୍‌ଆଇ ଭୁପେନ୍ଦ୍ର ମାଝି, ମଧୁସ୍ମିତା ସିଂ, ଏଏସଆଇ ବ୍ରଜକିଶୋର ଦାଶ, ବିଜୟ କୁମାର ନାୟକ, ମନ୍ଦାକିନୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜଳିଗଲା ବାଇକ୍ ମରାମତି ଦୋକାନ

**ବଣାଇ, ୨୬।୯(ସ୍ୱ.ପ୍ର.)**




ବାଇକ୍ ମରାମତି ଦୋକାନରେ ଅଗ୍ନିକାଣ୍ଡ ଘଟି ଧୂଆଁ ବାହାରୁଛି।

**୩ଲକ୍ଷ ଟଙ୍କାର ଜିନିଷ ନଷ୍ଟ**

ବଣାଇ ଥାନା ଅନ୍ତର୍ଗତ ଦେଓଗାଁ-କେନ୍ଦ୍ରିକଳା ରାସ୍ତା ଉପରେ ଥିବା ଏକ ମୋଟରସାଇକେଲ (ବାଇକ୍) ମରାମତି ଦୋକାନରେ ନିଆଁଲାଗି ଗୁରୁବାର ସକାଳେ ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଛି। ପ୍ରକାଶ ଯେ, ସେଠାରେ ମହମ୍ମଦ ନୱାବଙ୍କ ଏକ ମୋଟରସାଇକେଲ ମରାମତି ଦୋକାନ ରହିଥିବା ବେଳେ ଅନ୍ୟଏକ ଭୂତଳ କୋଠରିରେ ତାଙ୍କର କର୍ମଚାରୀ ରାତିରେ ଶୋଇଥିଲେ। ସକାଳେ ବାଇକ ମିସ୍ତ୍ରୀ ସୁରଜ ନିତ୍ୟକର୍ମ ପାଇଁ ଉଠିବା ପରେ ନିକଟରେ ଥିବା ତାଙ୍କ ମରାମତି କେନ୍ଦ୍ରରେ ନିଆଁ ଧୂଆଁ ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ସେ ତାଙ୍କ ମାଲିକଙ୍କୁ ଜଣାଇବା ସହ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ପରେ ବଣାଇ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତିକି ମଧ୍ୟରେ ଦୋକାନ ଗୃହ ମଧ୍ୟରେ ଥିବା ନୂତନ ଟାୟାର, ବ୍ୟାଟେରୀ, ମୋବିଲ ସହିତ ଅନ୍ୟାନ୍ୟ ଯନ୍ତ୍ରାଂଶ ଜଳିପୋଡି ପାଉଁଶ ହୋଇଯାଇଥିଲା। ଏହି କ୍ଷୟକ୍ଷତିର ପରିମାଣ ଆନୁମାନିକ ମୂଲ୍ୟ ତିନିଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ଉପଖଣ୍ଡସ୍ତରୀୟ ବ୍ୟାଙ୍କର୍ସ କର୍ମଶାଳା ଉଦ୍‌ଯାପିତ

**କୁଆଁରମୁଣ୍ଡା,୨୬।୯(ଡି.ଏନ.ଏ)**

ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ପାନପୋଷ ଉପଖଣ୍ଡସ୍ତରୀୟ ବ୍ୟାଙ୍କର୍ସ କର୍ମଶାଳା କୁଆଁରମୁଣ୍ଡା ବ୍ଲକରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏକ ଦିବସୀୟ ଏହି କର୍ମଶାଳାରେ କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା, ଲାଠିକଟା, ରାଜଗାଙ୍ଗପୁର ଇତ୍ୟାଦି ବ୍ଲକ ଅଞ୍ଚଳରେ ଥିବା ସମସ୍ତ ବ୍ୟାଙ୍କ ଶାଖାଗୁଡିକର ଶାଖା ପରିଚାଳକ, ବ୍ୟାଙ୍କ ମିତ୍ରମାନେ ଅଂଶଗ୍ରହଣ କରିଥିଲେ। ବ୍ଲକ ଅଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଋଣ ପ୍ରଦାନଠାରୁ ଆରମ୍ଭ କରି ଅସୁଲ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ କିଭଳି ଆର୍ଥିକ ଅନ୍ତର୍ଭୁକ୍ତିକରଣ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରି ଏହାର ସରଳ ଓ ସହଜ ଉପାୟ ସମ୍ପର୍କରେ ଏଲଡିଏମ୍‌ମାନେ ଉପସ୍ଥିତ ବ୍ୟାଙ୍କ ପରିଚାଳକ, ବ୍ୟାଙ୍କ ମିତ୍ରମାନଙ୍କୁ ମାର୍ଗଦର୍ଶନ କରାଇଛନ୍ତି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବ୍ଲକ ଓଏଲ୍‌ଏମ୍ ପ୍ରୋଗ୍ରାମିଂ ମ୍ୟାନେଜର ପ୍ରସନ୍ନ ମୋଦିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ବ୍ଲକ ଇନଚାର୍ଜ ବିଡିଓ ଭବାନୀଶଙ୍କର ପାଢୀ, ଏଲଡିଏମ ଡି.ପି.ରଥ, ଥୋମାସ କୁଜୁର, ନାବାର୍ଡର ଡିଡିଏମ୍ ଏସ.ପି.ମହାପାତ୍ର, ଓଏଲଏମ ଏଫଆଇସି ନେତ୍ରାନନ୍ଦ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉପରୋକ୍ତ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକ ଓଏଲଏମ୍ ସଂଯୋଜିକା ସରିତା ବେହେରା ଉପସ୍ଥିତ ରହି କର୍ମଶାଳାକୁ ସଞ୍ଚାଳନ କରିଥିଲେ।

# ହେଲମେଟ୍ ବ୍ୟବହାର ସଚେତନତା କାର୍ଯ୍ୟକ୍ରମ

**ବଣାଇ, ୨୬।୯(ସ୍ୱ.ପ୍ର.)**

ସ୍ଥାନୀୟ ବଣାଇ ଥାନା ସମ୍ମୁଖରେ ବାଇକ ଚାଳକଙ୍କୁ ହେଲମେଟ୍ ପିନ୍ଧିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟ, ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ଯୋଗଦେଇ ରାସ୍ତାରେ ଯାଉଥିବା ଚାଳକମାନଙ୍କୁ ହେଲମେଟ ପିନ୍ଧିବା, ସିଟ୍‌ବେଲଟ ଲଗାଇବା, ଯାନବାହାନ ଚଳାଚଳ ସମୟରେ ମୋବାଇଲରେ କଥା ନ ହେବା, ଅଟୋ ଚାଳକମାନେ ଅଧିକ ଯାତ୍ରୀ ନ ବସାଇବା ପାଇଁ ସଚେତନତା କରିଥିଲେ। ଏଥିରେ ଯେଉଁମାନେ ବିନା ହେଲମେଟରେ ବାଇକ ଚଳାଉଥିଲେ ସେମାନଙ୍କୁ ଚକୋଲେଟ ପ୍ରଦାନ କରିବା ସହ ପରବର୍ତ୍ତୀ ସମୟରେ ସମସ୍ତେ ହେଲମେଟ ପିନ୍ଧିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଭାମା ହୋଣ୍ଡା ସୋରୁମ, ହିରୋ ସୋରୁମ, କନ୍ତଯୋଡି ଠାରେ ଥିବା ପେଟ୍ରୋଲପମ୍ପର କର୍ମଚାରୀମାନେ ଉପସ୍ଥିତ ସଚେତନତା କରିଥିବା ବେଳେ ବଣାଇ ଥାନାର ଏସଆଇ ଭୂପେନ୍ଦ୍ର ମାଝି, ମଧୁସ୍ମିତା ସିଂ, ଏଏସଆଇ ବ୍ରଜ କିଶୋର ଦାଶ, ବିଜୟ କୁମାର ନାୟକ, ମନ୍ଦାକିନୀ ବେହେରା ଏବଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



ବଣାଇରେ ହେଲମେଟ୍ ପିନ୍ଧିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

## ଦୀନଦୟାଲଜୀଙ୍କ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର

**ବାଲିଶଙ୍କରା, ୨୬।୯ (ଡି.ଏନ.ଏ)-** ବାଲିଶଙ୍କରା ବ୍ଲକର କିଞ୍ଜିରକେଲା ଯୁକ୍ତ ୩ କଲେଜ ପରିସରରେ ଦୀନଦୟାଳଜୀଙ୍କ ଜୟନ୍ତୀ ଉପଲକ୍ଷେ ଭାରତୀୟ ଜନଯୁବ ମୋର୍ଚ୍ଚା ତିଲଡେଗା ମଣ୍ଡଳର ଯୁବ ମଣ୍ଡଳୀଙ୍କ ଉଦ୍ୟମରେ ରକ୍ତଦାନ ଶିବିର ହୋଇଯାଇଛି । ମୁଖ୍ୟଅତିଥି ତିଲଡେଗା ମଣ୍ଡଳ ସଭାପତି ପର୍ଶୁରାମ ପଟେଲ ଯୋଗଦେଇ ନଡିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁକ୍ତ ୩ କଲେଜର ଅଧ୍ୟକ୍ଷ ଗୁରୁଚରଣ ମିଶ୍ର, ଯୁକ୍ତ ୨ କଲେଜର ଅଧ୍ୟକ୍ଷ କିଶୋର କୁମାର ପଟେଲ ଯୋଗଦେଇଥିଲେ। ଉକ୍ତ ଶିବିରରେ ସ୍ୱେଚ୍ଛାକୃତ ଭାବେ ୩୫ ଜଣ ରକ୍ତଦାନ କରିଥିଲେ । ରିଙ୍କୁ ଦାସ, ବାବୁଲୁ ମିଶ୍ର (ମନୋଜ), ଆଶିଷ ପଟେଲ, ଅମିୟ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ସାହୁ, ତପେଶ୍ୱର ବଡେକ, ବିକାଶ ଷଣ୍ଡ, ଶେଷଦେବ ତ୍ରିପାଠୀ, ହିମାଂଶୁ ମାଝୀ, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସହାୟତା କରିଥିଲେ । ଓଡିଶା ରକ୍ତ ଭଣ୍ଡାର ଅଧିକାରୀ ସୁନ୍ଦରଗଡ ଡ. ସୋମା ଶୁଭଙ୍କରଙ୍କ ନେତୃତ୍ୱରେ ପ୍ରବର୍ତ୍ତକ ରତ୍ନପ୍ରଭା ନାଏକ, ବୈଷୟିକ କର୍ମଚାରୀ ଦୁଷ୍ମନ୍ତ ପଟେଲ, ବିଜୟ ରକ୍କା, ସେବିକା ଜ୍ୟୋସ୍ନାରାଣୀ ଦଉରିଆ, ଖବରଦାତା ପ୍ରଦୀପ ନନ୍ଦ, ସତ୍ୟ ସେଠ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

■ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଜିଲା ଓକିଲ ସଂଘର ବନ୍ଦ ପାଳନ, ସରକାରୀ କାର୍ଯ୍ୟ ବନ୍ଦ

**ସୁନ୍ଦରଗଡ଼, ୨୬।୯ (ଡି.ଏନ୍.ଏ)**




ସୁନ୍ଦରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ କୋର୍ଟ ସମ୍ମୁଖରେ ଧାରଣା ଦିଆଯାଇଛି।

ପଶ୍ଚିମ ଓଡ଼ିଶାର ସମ୍ବଲପୁରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ତରଫରୁ ଦିଆଯାଇଥିବା ବନ୍ଦ ଡାକରାକୁ ସମର୍ଥନ କରି ସୁନ୍ଦରଗଡ ଜିଲା ଓକିଲ ସଂଘ ପକ୍ଷରୁ ପାଳିତ ବନ୍ଦ ଆନ୍ଦୋଳନ ଯୋଗୁ ଏଠାରେ କୋର୍ଟ, କଚେରୀ, ବ୍ୟାଙ୍କ ଓ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇପଡିଥିଲା। ଜିଲା ଓକିଲ ସଂଘର କର୍ମକର୍ତ୍ତାମାନେ କୋର୍ଟ, ଜିଲାପାଳଙ୍କ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ, ମୁଖ୍ୟ ଡାକଘର, ବୀମା କାର୍ଯ୍ୟାଳୟ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡିକରେ ପିକେଟିଂ କରି ବନ୍ଦ କରିଥିଲେ। କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲା ଓକିଲ ସଂଘର ସଭାପତି ଦୁଷ୍ମନ୍ତ କୁମାର ନାଏକ, ସମ୍ପାଦକ ଅଶୋକ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଆନ୍ଦୋଳନର ପ୍ରଥମ ଦିବସରେ ପଶ୍ଚିମ ଓଡିଶା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆବାହକ ଅଶୋକ କୁମାର ଦାଶ, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ପରମେଶ୍ୱର ନାଏକ, ତାରାକାନ୍ତ ରକ୍ସା, ଯୁବଳକିଶୋର ଠାକୁର, ଜିଲା ଓକିଲ ସଂଘର ଉପସଭାପତି ସୁରେନ୍ଦ୍ର ନାରାୟଣ ନାଏକ, ଯୁଗ୍ମ ସମ୍ପାଦକ ପ୍ରଣବ ହାତୀ, ବୁଦ୍ଧଦେବ ନାଏକ, ନରେଶ ନାଏକ, ପ୍ରଶାନ୍ତ ପଟେଲ, ସୁକାନ୍ତ ମହାପାତ୍ର, ପ୍ରଦୀପ ମହାନ୍ତି, ଉମାଶଙ୍କର ପଟେଲ, ଏମ୍‌ଡି ସମୀମ୍ ଅନୁସୂୟା ନାଏକ, ଧର୍ମେଶ ପଟେଲ, କିଶୋର ନାଏକ, ନନ୍ଦଲାଲ ପଟେଲ, ନିହାର ନନ୍ଦୀ, ନୀରଜ ସାମନ୍ତରାଏ, ସତ୍ୟଜିତ ପଣ୍ଡା, ପ୍ରତିମା ମିଶ୍ର, ସୁପ୍ରଭା ପଟେଲ, ନମିତା କାନୁନ୍‌ଗୋଙ୍କ ସମେତ ଜିଲା ଓକିଲ ସଂଘର ସମସ୍ତ ସଦସ୍ୟା, ସଦସ୍ୟମାନେ ଏହି ଆନ୍ଦୋଳନରେ ସାମିଲ ଥିଲେ। କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତିକ୍ରମେ ଓକିଲଙ୍କର ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ୨୭ ଓ ୩୦ ତାରିଖରେ ମଧ୍ୟ ଅନୁରୂପ ଭାବେ ସମସ୍ତ କୋର୍ଟ, କଚେରୀ ଓ ସରକାରୀ କାର୍ଯ୍ୟାଳୟଗୁଡିକ ଅଚଳ କରି ଦିଆଯିବ ବୋଲି ଜିଲା ଓକିଲ ସଂଘର ସମ୍ପାଦକ ସ୍ୱାଇଁ ପ୍ରକଶ କରିଛନ୍ତି।

## ରାଜଗାଙ୍ଗପୁର ଓକିଲ ସଂଘର ତିନିଦିନିଆ ବନ୍ଦ ଡାକରା

**ରାଜଗାଙ୍ଗପୁର, ୨୬।୯ (ଡି.ଏନ.ଏ)-** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ରାଜଗାଙ୍ଗପୁର ଓକିଲ ସଂଘ ପକ୍ଷରୁ ତିନି ଦିନିଆ ବନ୍ଦ ଡାକରା ଦିଆଯାଇଛି। ସ୍ଥାୟୀ ବେଞ୍ଚ ଦାବି ନେଇ ରାଜଗାଙ୍ଗପୁର ଓକିଲ ସଂଘ ପକ୍ଷରୁ ୨୬, ୨୭ ଓ ୩୦ ତାରିଖ କୋର୍ଟ, ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳର ସମସ୍ତ ସରକାରୀ ଅଫିସ ସାଙ୍ଗକୁ ବ୍ୟାଙ୍କ ଓ ପୋଷ୍ଟ ଅଫିସ ବନ୍ଦ ପାଇଁ କାର୍ଯ୍ୟକ୍ରମ ହାତକୁ ନେବା ସାଙ୍ଗକୁ ଗୁରୁବାର ସଂଘର ଉପସଭାପତି ଅଶୋକ ପାଣି ଓ ସମ୍ପାଦକ ମନୋଜ ସାହୁଙ୍କ ନେତୃତ୍ୱରେ ପିକେଟିଂ କରି ସମସ୍ତ ଅଫିସ ସମେତ ବ୍ୟାଙ୍କ ଓ ପୋଷ୍ଟ ଅଫିସକୁ ବନ୍ଦ କରି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ୨୭ ଓ ୩୦ ତାରିଖ ତ୍ୱରାନ୍ୱିତ କରାଯିବ ବୋଲି ସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓକିଲ ସଂଘର ବିକାଶ ସରପଟିଆ, ରାଜେନ୍ଦ୍ର ଗିରି, ବିକ୍ରମ ପୃଷେଠ, ଦିବାକର ପ୍ରଧାନ, ପ୍ରଦୀପ ପଟ୍ଟନାୟକ, ରଞ୍ଜିତ ଡନସନା, ଜିରାମଣି ଲାକଡା, ରବୀନ୍ଦ୍ର ଦାସ, ସଞ୍ଜୟ ଦେଙ୍କ ସମେତ ବହୁ ଓକିଲ ଭାଗ ନେଇଥିଲେ । ଠିକ ସେହିପରି କୁତ୍ରାରେ ମଧ୍ୟ ଓକିଲ ସଂଘ ପକ୍ଷରୁ ତହସିଲ ଅଫିସ, ବ୍ଲକ ସମେତ ସମସ୍ତବ୍ୟାଙ୍କକୁ ବନ୍ଦ କରିଦିଆଯାଇଥିଲା। ଫଳରେ ସାଧାରଣ ଜନତା ନାହିଁନଥିବା ଅସୁବିଧା ଭୋଗ କରିଥିଲେ ମଧ୍ୟ ଓକିଲ ସଂଘକୁ ସମର୍ଥନ କରି ସରକାର ଓକିଲ ସଂଘ ଦାବିକୁ ସମର୍ଥନ କରି ଯଥାଶୀଘ୍ର ପଶ୍ଚିମ ଓଡ଼ିଶାରେ ହାଇକୋଟ ସ୍ଥାୟୀ ବେଞ୍ଚ ସ୍ଥାପନ ପକ୍ଷରେ ମତ ଦେଇଥିଲେ ।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



## ସଂକ୍ଷେପରେ

### ପୁଣି ତେଜିଲା ଓକିଲଙ୍କ ଆନ୍ଦୋଳନ

**କୁଚିଣ୍ଡା,୨୬।୯(ଡି.ଏନ.ଏ.):** କୈାୟ କ୍ରିୟାନୁଷ୍ଠାନ କମିଟିର ଆହ୍ବାନ କ୍ରମେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ପୁଣି ଓକିଲଙ୍କ ଆନ୍ଦୋଳନ ଆରମ୍ଭ ହୋଇଛି। ୨୬, ୨୭ ଓ ୩୦ତାରିଖରେ ଆନ୍ଦୋଳନ କରିବାକୁ ଓକିଲ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର କୁଚିଣ୍ଡା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ କୋର୍ଟ ମୁଖ୍ୟ ଫାଟକରେ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନରେ ବରିଷ୍ଠ ଓକିଲ ସେଲେନ୍ଦ୍ର ନାୟକ, ନଳୀନ୍ଦ୍ର କୁମାର ପଟେଲ, ପ୍ରଶାନ୍ତ କର, ସଂଘର ସମ୍ପାଦକ ଅସିତ ଗଙ୍ଗଦେବ, ମିଥିଳେଶ ଅଗ୍ରୱାଲ, ସଭାପତି ଅକ୍ଷୟ ନାୟକ, ରାଜେଶ ଅଗ୍ରୱାଲ, ମାନକେତନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି କରିଥିଲେ। ସେହିପରି କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ସଭ୍ୟ ପ୍ରମୋଦ ଛୁରିଆ, ତୁଳାରାମ ବାଘ, ପ୍ରଫୁଲ୍ଲ ବାରିକ, ଅଶ୍ୱିନୀ ନାୟକ, ଭୁବନାନନ୍ଦ ଦାଶ, ଖଗେଶ୍ୱର ବେହେରା ପ୍ରମୁଖ ଧାରଣାରେ ବସିଥିଲେ। ଉପଜିଲାପାଳ କାର୍ଯ୍ୟାଳୟ ଫାଟକ ବନ୍ଦ କରି ବରିଷ୍ଠ ଓକିଲ ହୃଦାନନ୍ଦ ଶର୍ମା, ସଞ୍ଜୟ କୁମାର ପାଣିଗ୍ରାହୀ, ଗୀତାଞ୍ଜଳି ପଣ୍ଡା, ମୁରଲୀଧର କୁସୁମି ପ୍ରମୁଖ ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ଯୋଗୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସମସ୍ତ ଅଫିସ, ବ୍ୟାଙ୍କ, କୋର୍ଟ, ବୀମା କମ୍ପାନୀ, ପୋଷ୍ଟ ଅଫିସ ପ୍ରମୁଖ ବନ୍ଦ ରହିଥିଲା।

### ପାୱାର ଚ୍ୟାନାଲରେ ପଡି ବର୍ତ୍ତିଗଲେ ଯୁବକ

**ଚିପିଲିମା,୨୬।୯(ଡି.ଏନ.ଏ):** ଚିପିଲିମାସ୍ଥିତ ଜଳ ବିଦ୍ୟୁତ୍ ପ୍ରକଳ୍ପ(ସିଏଚ୍‌ଇପି)ଉପର ଦେଇ ଦୈନିକ ଶତାଧିକ ପର୍ଯ୍ୟଟକ ଘଣ୍ଟେଶ୍ୱରୀ ଯାଇ ପାୱାର ଚ୍ୟାନାଲ ଫୋରୱେର ପାଣି ଦୃଶ୍ୟ ଦେଖିଥାନ୍ତି। ଏହି ଅଞ୍ଚଳ ନିଷିଦ୍ଧାଞ୍ଚଳ ହୋଇଥିବା ବେଳେ ଦୁର୍ଘଟଣା ଏଡାଇବାକୁ ସିଏଚ୍‌ଇପି ପକ୍ଷରୁ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ହେଲେ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାରେ ୨ଜଣ ଯୁବକ ଘଣ୍ଟେଶ୍ୱରୀ ଆସି ପାୱାର ଚ୍ୟାନାଲ ଫୋରୱେ ହିଡରେ ବସିଥିଲେ। ସେତିକିବେଳେ ଜଣେ ଯୁବକ ପାଣିରେ ଖସି ପଡିଥିଲେ। ପାଣିର ପ୍ରଖର ସ୍ରୋତରେ ଯୁବକ ଜଣକ ଭାସିଯାଇ ପାହାଡ କଡରେ ଲାଗିଥିଲେ। ଉପସ୍ଥିତ କର୍ମଚାରୀ ସିଏଚ୍‌ଇପି ନିୟନ୍ତ୍ରଣ କକ୍ଷକୁ ଫୋନ କରି ପ୍ରବାହିତ ପାଣିକୁ ନିୟନ୍ତ୍ରଣ ପରେ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା। ଯୁବକ ଜଣକ ସେଲ୍ଫି ନେଉଥିବା ବେଳେ ଏଭଳି ଘଟଣା ଘଟିଥିବା ଜଣାପଡିଛି। ଯୁବକ ଜଣକ ବରଗଡ଼ ଅଞ୍ଚଳର ବୋଲି ଚର୍ଚ୍ଚା ହେଉଛି। ଏନେଇ ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମଙ୍କୁ ପଚରିବାରୁ ଘଟଣା ସଂକ୍ରାନ୍ତରେ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି।

### ସରକାରୀ କାର୍ଯ୍ୟାଳୟ ଅଚଳ

**ରେଙ୍ଗାଲି,୨୬।୯(ଡି.ଏନ.ଏ.):** ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ବନ୍ଦର ପ୍ରଭାବ ରେଙ୍ଗାଲି ଅଞ୍ଚଳରେ ମଧ ଦେଖିବାକୁ ମିଳିଥିଲା। ଆଇନଜୀବୀମାନେ ଗୁରୁବାର ପିକେଟିଂ କରି ରେଙ୍ଗାଲିରେ ଥିବା ତହସିଲ କାର୍ଯ୍ୟାଳୟ, ବ୍ଲକ ଅଫିସ ସହ ସମସ୍ତ ସରକାରୀ ଏବଂ ବେସରକାରୀ ବ୍ୟାଙ୍କ, ଏଲ୍‌ଆଇସି ଅଫିସ ବନ୍ଦ କରିଥିଲେ। ଅନ୍ୟପକ୍ଷେ ରେଙ୍ଗାଲି ଓକିଲ ସଂଘ ଏବଂ ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ରେଙ୍ଗାଲି ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନରେ ରେଙ୍ଗାଲି ଓକିଲ ସଂଘର ଶୁଭକାନ୍ତ ପଟ୍ଟନାୟକ, ସୁବାସ ଦାସ, ଲଳିତ କୁମାର ବେହେରା, ବୃନ୍ଦାବନ ସାହୁ, କୁଶ ବିଶ୍ୱାଳ ଏବଂ ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି, ବିହାରୀ କୁମାର, ଲକ୍ଷ୍ମୀନାରାୟଣ ସାହୁ, ସୁବନ ଚାନ୍ଦ ସାହୁ, ପ୍ରଦୀପ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

■ ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଦେବଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ବନ୍ଦ ପାଳନ

**ଦେବଗଡ଼,୨୬।୯(ଡି.ଏନ.ଏ.)**

ପଶ୍ଚିମ ଓଡ଼ିଶାର ସମ୍ବଲପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଗୁରୁବାର ଦେବଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ୩ ଦିନିଆ ବନ୍ଦପାଳନ ଗୁରୁବାର ଆରମ୍ଭ ହୋଇଯାଇଛି। ଆନ୍ଦୋଳନ ୨୭ ଓ ୩୦ ତାରିଖ ମଧ ଜାରୀ ରହିବ। ଜିଲା ଓକିଲ ସଂଘ ସଭାପତି ରାଜୀବ ପ୍ରଧାନ, ସମ୍ପାଦକ ତରଣୀକାନ୍ତ ଦାଶଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିବା ସହ କୋର୍ଟ, କଚେରି, ସରକାରୀ, ବେସରକାରୀ ସମସ୍ତ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ ବନ୍ଦ କରିଥିଲେ । ଫଳରେ ସରକାରୀ କାର୍ଯ୍ୟ ବନ୍ଦ ରହିଥିଲା। ବନ୍ଦରେ ଦୋକାନ, ବଜାର, ସ୍କୁଲ, କଲେଜ ଏବଂ ଯାନବାହନ ଚଳାଚଳକୁ ବାଦ ଦିଆଯାଇଥିଲା । ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘ ଉପସଭାପତି ବିକାଶ କୁମାର ପ୍ରଧାନ, କୋଷାଧ୍ୟକ୍ଷ ରାଜକିଶୋର ପ୍ରଧାନ, ପୂର୍ବତନ ସଭାପତି ଦିଲୀପ କୁମାର ଗୁରୁ ,ସଞ୍ଜୀବ କୁମାର ପ୍ରଧାନ, ମନୋଜ କୁମାର ପାଢୀ, ବିଭୂତି ଗଙ୍ଗଦେବ, ପ୍ରମଥେଶ ଗୁରୁ, ଶ୍ରୀବତ୍ସ ମିଶ୍ର, ସଚ୍ଚିକାନ୍ତ ଦାଶ, କ୍ଷୀତିଶ କୁମାର ପ୍ରଧାନ, ଆଲୋକ ସୌରଭ ବେହେରା, ଅଭିଳାଶ ମିଶ୍ର, ପ୍ରଣବ କୁମାର ସ୍ୱାଇଁ, କ୍ଷେତ୍ରବାସୀ ମେହେର, ସୁଧୀର କୁମାର ରଥ, ପ୍ରଦୀପ କୁମାର ଧଳଙ୍କ ସମେତ ସଂଘର ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷେ ବାରକୋଟ ବ୍ଲକ ସଦର ମହକୁମାରେ ଅଶୋକ କୁମାର ସାହୁ, ସୁଧୀର କୁମାର ଜେନା, ତନୁ ଚନ୍ଦ୍ର ପାତ୍ର ନେତୃତ୍ୱ ନେଇଥିବା ବେଳେ ରିଆମାଳ ବ୍ଲକ ସଦର ମହମକୁମାରେ ପ୍ରମୋଦ କୁମାର ନନ୍ଦ, ଜୟନ୍ତ କୁମାର ନନ୍ଦ, ସଞ୍ଜୟ ସାହୁ, ଆଶିଷ କୁମାର ପ୍ରଧାନ, ସର୍ବସୁଖ ଶାନ୍ତିମୟ ପ୍ରଧାନ, ତିଲେଇବଣି ବ୍ଲକ ସଦର ମହକୁମାରେ ଜୟନ୍ତ ମହାନ୍ତି ଆନ୍ଦୋଳନର ନେତୃତ୍ୱ ନେଇ ପିକେଟିଂ କରି ବ୍ଲକ ଅଫିସ, ବ୍ୟାଙ୍କ, ପୋଷ୍ଟ ଅଫିସ ଆଦି ବନ୍ଦ କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଇନଜୀବୀମାନେ ବନ୍ଦ ପାଳନ କରୁଛନ୍ତି ।

## ବଣିଆସାହି ଲକ୍ଷ୍ମୀପୂଜା କମିଟିର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଦେବଗଡ,୨୬।୯(ଡି.ଏନ.ଏ.)**

ଦେବଗଡ଼ ପୌରାଞ୍ଚଳ ୩ନମ୍ବର ୱାର୍ଡ ଅଧୀନ ବଣିଆଁସାହି ଲାଲବାହାଦୁର ଶାସ୍ତ୍ରୀ କ୍ଲବ ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ କମିଟି ପକ୍ଷରୁ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ସଭାପତି ଜନ୍ମେଜୟ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଶୀଳ କୁମାର କପରଦାର ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିଦୁର ବେହେରା, ସମ୍ପାଦକ ରାଜେଶ ନାୟକ, ଯୁଗ୍ମସମ୍ପାଦକ ସତ୍ୟମ ଝାଙ୍କର, କୋଷାଧ୍ୟକ୍ଷ ଘନଶ୍ୟାମ ସାହୁ, ସହକୋଷାଧ୍ୟକ୍ଷ ସୁମନ ବେହେରା, ଉପଦେଷ୍ଟା ମଣ୍ଡଳୀର କୁଳମଣି ସାହୁ, ପତିତପାବନ ସାହୁ, ହରେକୃଷ୍ଣ ସାହୁ, ଅଶୋକ ନାୟକ, ରାଜପିଆରି ସାହୁ, ଶିବ ସାହୁ, ବିପିନ ବେହେରା, ସୁବ୍ରତ କୁମାର ସାହୁ, ସନ୍ତୋଷ ସେନାପତି, ଶ୍ରୀତମ ଝାଙ୍କର, ପପୁନ ସାହୁ, ପ୍ରକାଶ ସାହୁ, ରୋନିତ ବେହେରା, କବୁଲୁ ଜେନାଙ୍କ ସମତେ କ୍ଲବର ସମସ୍ତ ସିନିୟର ଏବଂ ଜୁନିୟର ସଦସ୍ୟ ଉପସ୍ଥିତ ଥିଲେ। ଚଳିତ ବର୍ଷ ପୂଜା ଆସନ୍ତା ମାସ ୧୨ରୁ ୧୬ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଭଜନ ସମାରୋହ, ମେଲୋଡି, ନୃତ୍ୟ ପ୍ରତିଯୋଗିତା, ଦଶହରା ଖେଳ ଆୟୋଜନ ସାଙ୍ଗକୁ ଭସାଣି ଉତ୍ସବକୁ ଆକର୍ଷଣ କରାଯିବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି।



ସୁଶୀଲ କୁମାର କପରଦାର ବଣିଆସାହି ଲକ୍ଷ୍ମୀପୂଜା କମିଟି ଅସ୍ଥାୟୀ କାର୍ଯ୍ୟାଳୟର ଉଦ୍‌ଘାଟନ କରୁଛନ୍ତି।

■ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟ

## ପ୍ରସ୍ତୁତି ବୈଠକ, ନୂତନ କର୍ମକର୍ତ୍ତା ଚୟନ



ସୁବାସ ସଭାପତି



ବିକାଶ ସମ୍ପାଦକ

**ଦେବଗଡ,୨୬।୯(ଡି.ଏନ.ଏ.)**

ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମଠାରେ ହେବାକୁ ଥିବା ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ପ୍ରଧାନପାଟ କ୍ଲବର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ସଭାପତି ଭାବେ ସୁବାସଚନ୍ଦ୍ର ଭୋଇ, ସମ୍ପାଦକ ବିକାଶ କୁମାର ପ୍ରଧାନ, କୋଷାଧ୍ୟକ୍ଷ ରାଘବ ମହାରଣା, ସଂଯୋଜକ ପ୍ରଦୀପ ବେହେରା ମନୋନିତ ହୋଇଥିବାବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ମଛିନ୍ଦ୍ର ନାୟକ, ବିକାଶ ଅଗ୍ରୱାଲ, ଯୋଗେନ୍ଦ୍ର ସାହୁ, ଶରତ ମେହେର, ରୁପକ ମାଝି, ସଞ୍ଜିବ ନାଏକ ଓ ଜୟକୃଷ୍ଣ ସାମଲ ମନୋନିତ ହୋଇଛନ୍ତି। ଶେଷରେ କ୍ଲବ ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇ ଟୁର୍ନାମେଣ୍ଟକୁ ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ଆବାସ କଲୋନୀ ନିର୍ମାଣ ପ୍ରକ୍ରିୟାକୁ ଗ୍ରାମବାସୀଙ୍କ ବିରୋଧ

**ଚିପିଲିମା,୨୬।୯ (ଡି.ଏନ.ଏ.):** ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ କଳାମାଟି ପଞ୍ଚାୟତରେ ୪୬ଜଣଙ୍କୁ ଆବାସ ଗୃହ ଯୋଗାଇ ଦେବାନେଇ ତାଲିକା ପ୍ରସ୍ତୁତି ହୋଇଛି। ହେଲେ ୪୨ଜଣଙ୍କୁ ଭୂମିହୀନ ଦର୍ଶାଇ ସରକାରୀ ଜମିରେ ଆବାସ କଲୋନୀ ନିର୍ମାଣ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ କଳାମାଟି ଗାଁ ଶେଷ ମୁଣ୍ଡରେ ଥିବା ଗୋଚର ଜମି ଚିହ୍ନଟ ହୋଇଛି। ହେଲେ ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଅନ୍ୟପକ୍ଷେ ପ୍ରଶାସନିକ ଅଧିକାରୀମାନେ ୨ ଦିନ ଧରି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ହେଁ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଥିଲେ। ଫଳରେ ପ୍ରଶାସନିକ ଅଧିକାରୀମାନେ ଅନ୍ୟତ୍ର ଯାଗା ଦେଖିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ, ଏବିଡିଓ ସୁଶାନ୍ତ ପଣ୍ଡା, ଜୋନ-୨ ଜିଲାପରିଷଦ ସଂଯୁକ୍ତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସୁଷମା ସାହୁ, ସରପଞ୍ଚ ଶ୍ରୀହରୀ ନାଗ, ପ୍ରଗତି ସହାୟକ ଜୟଦେବ ବରର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା




ବିଚାରକଙ୍କ ଗହଣରେ ପ୍ରତିଯୋଗୀମାନେ।

**ଦେବଗଡ଼,୨୬।୯(ଡି.ଏନ.ଏ.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦେବଗଡ଼ସ୍ଥିତ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ଲିଟିଲ କନ୍‌ଫରେନ୍ସ ହଲଠାରେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଯୋଜିକା ରୀତା ଶାନ୍ତି ଡୁଙ୍ଗଡୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରକ ଭାବେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅତୁଲ୍ୟ ପୂଜାରୀ, ଆଇନଜୀବୀ ରଞ୍ଜନ କୁମାର ସାହୁ, ସୁମିତ୍ରା ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ପ୍ରଦୀପ ବେହେରା ପ୍ରଥମ, ସତ୍ୟନାରାୟଣ ମହାପାତ୍ର ଦ୍ୱିତୀୟ, ସିମ୍ରନ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରଦୀପ ବେହେରା ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଯଶୋବନ୍ତ ଭୋଇ, ଦୀପକ ସାହୁ, ଓମ୍‌ପ୍ରସାଦ ଭୁତିଆ, ନିରୁପ ଦାସ, ଚନ୍ଦ୍ରକାନ୍ତ ଭୋଇ ଓ ଅଙ୍କିତା ଦଳେଇ ପ୍ରମୁଖ ସହଯୋଗ କରିଥିଲେ।

■ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

## ବନ୍ଦ ରହିଲା ସରକାରୀ କାର୍ଯ୍ୟାଳୟ

**ବାମରା,୨୬।୯(ଡି.ଏନ.ଏ)**

ସେଣ୍ଟ୍ରାଲ ଏକ୍ସନ କମିଟିର ଆହ୍ୱାନ କ୍ରମେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ କୁଚିଣ୍ଡା ବାର ଆସୋସିଏଶନ୍ ପକ୍ଷରୁ ଗୁରୁବାର ଆନ୍ଦୋଳନ କରାଯାଇଥିଲା। ଫଳରେ ବାମରାର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ ବନ୍ଦ ରହିଥିଲା। ଏନେଇ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ କୁଚିଣ୍ଡା ବାର ଆସୋସିଏଶନ୍ ପକ୍ଷରୁ ୨୬, ୨୭ ଓ ୩୦ ତାରିଖରେ ଆନ୍ଦାଳନ କରାଯିବ। ଉକ୍ତ ଦିନ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ହେଲେ ୨୮ତାରିଖ ଚତୁର୍ଥ ଶନିବାର ଏବଂ ୨୬ ତାରିଖ ରବିବାର ଯୋଗୁ ଅକ୍ଟୋବର ୧ ତାରିଖରେ ସରକାରୀ କାର୍ଯ୍ୟାଳୟ ଖୋଲିବ। ଅନ୍ୟପକ୍ଷେ ଗୁରୁବାର ଜନସାଧାରଣ ନିଜ କାମ ପାଇଁ ବ୍ଲକ, ତହସିଲ, ବ୍ୟାଙ୍କ ଆଦି କାର୍ଯ୍ୟାଳୟକୁ ଆସିଥିଲେ। ହେଲେ ଓକିଲ ସଂଘର ଆନ୍ଦୋଳନ ଯୋଗୁ ଲୋକଙ୍କୁ ହଇରାଣ ହରକତ ହେବାକୁ ପଡିଛି। ଆଗକୁ ଦୁର୍ଗାପୂଜା ଥିବାରୁ ଏହା ବିଶେଷ ପ୍ରଭାବ ପକାଇବ ବୋଲି ଅନୁମାନ କରାଯାଉଛି।



ଆନ୍ଦୋଳନରେ ସାମିଲ ହୋଇଥିବା କୁଚିଣ୍ଡା ବାର ଆସୋସିଏଶନ୍ କର୍ମକର୍ତ୍ତା।

## ବୁର୍ଲା ଭୀମସାରରେ ୫ ଦଲାଲ ଗିରଫ

**ସମ୍ବଲପୁର,୨୬।୯(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ଭୀମସାର ମେଡିକାଲ ପରିସରରୁ ପୋଲିସ ୫ଜଣ ଦଲାଲଙ୍କୁ ଗିରଫ କରିଛି । ସେମାନେ ହେଲେ ବୁର୍ଲା ଥାନା ମହତାବନଗର ଦାରାସିଂ ଲୁହା(୩୫), ଅମିତ କୁମ୍ଭାର(୨୩), ବିଷ୍ଣୁ ମନ୍ଦିରପଡ଼ାର ଅଶୋକ ବାଗ(୨୫), ଡିପାପଡ଼ାର କୈଳାଶ ସୁନା(୪୦) ଏବଂ କ୍ଷେତରାଜପୁର ଥାନା ବଡବଜାରର ଲବ ସେଦ୍ରିୟା(୩୦)। ପୋଲିସ ଗିରଫ ଯୁବକଙ୍କଠାରୁ ନଗଦ ୧୫ଶହ ଟଙ୍କା, ୫ଟି ପ୍ରେସକ୍ରିପସନ୍, ୮ ଷ୍ଟ୍ରିପ୍ ଔଷଧ ଜବତ କରିଛି । ଏନେଇ ବୁର୍ଲା ଥାନାରେ ଏକ ମାମଲା(ନଂ. ୪୦୩ ଓ ୪୦୪ରେ ମାମଲା ରୁଜୁ କରିଛି । ସୂଚନାଯୋଗ୍ୟ, ବୁର୍ଲା ଭୀମସାରରେ ଥିବା ଦଲାଲମାନେ ଗ୍ରାମାଞ୍ଚଳରୁ ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କିୟମାନଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦେବାକୁ କହିବା ସହ ବିଭିନ୍ନ ପ୍ରଲୋଭନ ଦେଖାଇ ଘରୋଇ ନର୍ସିଂହୋମକୁ ଯିବାକୁ ପରାମର୍ଶ ଦେଉଛନ୍ତି। ଏପରି କି ରକ୍ତ ସହ ବିଭିନ୍ନ ପରୀକ୍ଷା କରିବା ପାଇଁ ଘରୋଇ ପୋଥୋକ୍ଲିନିକକୁ ଯିବାକୁ କହୁଛନ୍ତି। ଏନେଇ ଦଲାଲମାନଙ୍କୁ ମୋଟା ଅଙ୍କରେ ପିସି ମିଳୁଛି। ଏନେଇ ପ୍ରତ୍ୟେକ ଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଦଲାଲମାନେ ଭୀମସାର ପରିସରରେ ରହୁଛନ୍ତି। ଏହି ସଂକ୍ରାନ୍ତରେ ପୋଲିସ ପାଖରେ ଅଭିଯୋଗ ହୋଇଥିଲା। ପୋଲିସର ଏକ ଟିମ୍ ସାଧା ପୋଷାକରେ ବୁର୍ଲା ଭୀମସାରରେ ପହଞ୍ଚିଥିଲା। ଦଲାଲମାନେ ଚିକିତ୍ସାନେଇ ରୋଗୀ ଏବଂ ତାଙ୍କ ସମ୍ପର୍କିୟଙ୍କୁ ମୂଳଚାଳ କରୁଥିବା ବେଳେ ପୋଲିସ କର୍ମଚାରୀମାନେ ୫ଜଣଙ୍କୁ କାବୁ କରିନେଇଥିଲେ। ଏନେଇ ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂଙ୍କୁ ପଚାରିବାରୁ ଦଲାଲଙ୍କୁ ଧରିବା ନେଇ ଆଗକୁ ମଧ ଚଢ଼ାଉ ଜାରି ରହିବ ବୋଲି କହିଥିଲେ।




ଭୀମସାର ପରିସରରୁ ଗିରଫ ହୋଇଥିବା ଯୁବକମାନେ।

■ ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

## ୮ କୋର୍ଟଚାଲାଣ

**ଜୁଭେନାଇଲ ବୋର୍ଡରେ ହାଜର ହେଲେ ନାବାଳକ**

**ଜୁନାଗଡ,୨୬।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ବୁଧବାର ୮ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ନାବାଳକ ଏଥିରେ ସମ୍ପୃକ୍ତ ଥିବା ପୋଲିସ କହିଥିଲା। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଥିଲା। ଏହା ପରେ ସନ୍ଧ୍ୟାରେ ନାବାଳକଙ୍କୁ ଛାଡି ୮ଜଣ ଅଭିଯୁକ୍ତଙ୍କୁ ଜୁନାଗଡ ଜେଏମ୍‌ଏଫସି କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ କୌଣସି ଓକିଲ କେସ୍ ଲଢୁ ନ ଥିବାରୁ ସମସ୍ତଙ୍କୁ ଧର୍ମଗଡ଼ ଉପଖଣ୍ଡ କାରାଗାରକୁ ପଠାଯାଇଥିଲା। ସେହିପରି ନାବାଳକଙ୍କୁ ଭବାନୀପାଟଣା ଜୁଭେନାଇଲ ବୋର୍ଡରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗଣବଳାତ୍କାର ଘଟଣାରେ ୬ ଜଣ ସମ୍ପୃକ୍ତ ରହିଥିଲେ। ସେମାନେ ହେଲେ ଜୁନାଗଡ ଥାନା ବକ୍ସିତୁଲସୀପାଲି ଗ୍ରାମର ଅମିତ ନାଏକ (୩୦), ପ୍ରକାଶ ନାଏକ ଓରଫ ଲୁକୁ (୨୨), ଶାନ୍ତ ନାଏକ (୨୪), ଲାବଣ୍ୟ ଛତ୍ରିଆ(୨୧), ଅନିରୁଦ୍ଧ ଓରଫ ତରଙ୍ଗ ଛତ୍ରିଆ (୨୦) ଓ ଜଣେ ନାବାଳକ। ସେହିପରି ଭିଡିଓ ଭାଇରାଲ କରିଥିବା ଘଟଣାରେ ଜୁନାଗଡ ଥାନା ବକ୍ସିତୁଲସୀପାଲି ଗ୍ରାମର ବିନୋଦ ନାଏକ ଓରଫ ଘାଟୁ (୩୨), ସ୍ୱୟମ୍ବର ବାଗ (୩୦) ଓ କୋକସରା ଥାନା ତେନ୍ତୁଳିପଡାର ଟିକମଣି ପୋଢ (୩୨)ଙ୍କୁ ମଧ ପୋଲିସ ଗିରଫ କରିଥିଲା।

**ଖଣ୍ଡଗିରିରେ ନିର୍ମାଣ ହେବ ବସ୍ ଡିପୋ**

## ବରମୁଣ୍ଡା ବସ୍‌ଷ୍ଟାଣ୍ଡ ବସ୍ ଟର୍ମିନାଲ ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ବରମୁଣ୍ଡା ବସ୍‌ଷ୍ଟାଣ୍ଡର ଆଧୁନିକୀକରଣ ହେବ। ଏହାକୁ ଅତ୍ୟାଧୁନିକ ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲରେ ପରିଣତ କରାଯିବ। ଏଥିସହିତ ବରମୁଣ୍ଡାଠାରେ ଥିବା ରାଜ୍ୟ ସଡ଼କ ପରିବହନ ନିଗମର ବସ୍ ଡିପୋକୁ ଖଣ୍ଡଗିରିକୁ ସ୍ଥାନାନ୍ତର କରାଯିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଦିଆଯାଇଥିବା ଏହି ୨ ପ୍ରସ୍ତାବକୁ ଗୁରୁବାର କ୍ୟାବିନେଟ ମଞ୍ଜୁରୀ ଦେଇଛି। ବରମୁଣ୍ଡାଠାରେ ବସ୍ ଓ ଯାତ୍ରୀମାନଙ୍କ ପାଇଁ ୧ ଲକ୍ଷ ୩୧ ହଜାର ୭୩୦ ବର୍ଗଫୁଟର ଟର୍ମିନାଲ ନିର୍ମାଣ କରାଯିବା ସହିତ ୧ଲକ୍ଷ ୭୦ ହଜାର ୯୧୨ ବର୍ଗଫୁଟ ବ୍ୟବସାୟିକ ପ୍ରତିଷ୍ଠାନ, ୩୫ଟି ବସ୍ ବେ ଏବଂ ୧୯୦ଟି ବସ୍ ପାର୍କିଂ କରିବା ପାଇଁ ବ୍ୟବସ୍ଥା କରାଯିବ। ଏଥିସହିତ ଜନସାଧାରଣଙ୍କ ସୁବିଧା ପାଇଁ ୨୫୦ରୁ ଊର୍ଦ୍ଧ୍ୱ ଚାରିଚକିଆ ଯାନ ଏବଂ ୧୭୫ ଦୁଇ ଚକିଆ ଯାନ ରଖିବା ପାଇଁ ପାର୍କିଂ ସୁବିଧା ହେବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଦ୍ୱାରା କରାଯାଇଥିବା ଟେଣ୍ଡର ମାଧ୍ୟମରେ ଏହାର ନିର୍ମାଣ ଦାୟିତ୍ୱ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ, ଇଣ୍ଡିଆ ନାମକ ଏକ ସଂସ୍ଥାକୁ ଦିଆଯାଇଛି। ଏହି ୨ଟି ପ୍ରକଳ୍ପ ନିର୍ମାଣ ପାଇଁ ୧୬୦ କୋଟି ୬୬ ଲକ୍ଷ ୫୪ ହଜାର ଟଙ୍କା ଖର୍ଚ୍ଚ ହେବ। ଏହି ଦୁଇଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ ହେବ। ଏହାଛଡ଼ା ଉକ୍ତ ସଂସ୍ଥା ଉଭୟ ବସ୍ ଟର୍ମିନାଲ ଓ ବସ୍ ଡିପୋର ୫ ବର୍ଷ ପାଇଁ ରକ୍ଷଣାବେକ୍ଷଣା ଦାୟିତ୍ୱ ତୁଲାଇବ। ଏହି ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲରେ ଯାତ୍ରୀମାନଙ୍କୁ ୱାଇଫାଇ, ପାନୀୟ ଜଳ, ଶପିଂମଲ, ଇ-ଟିକେଟିଂ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହେବ।

■ ପ୍ରକଳ୍ପ ପାଇଁ ଖର୍ଚ୍ଚହେବ ୧୬୦.୬୬ କୋଟି

■ ୨୪ ମାସରେ ନିର୍ମାଣ ଶେଷ ପାଇଁ ଲକ୍ଷ୍ୟ

■ ବସ୍ ଓ ଯାତ୍ରୀଙ୍କୁ ମିଳିବ ଅତ୍ୟାଧୁନିକ ସୁବିଧା



"ଜମ୍ମୁ-କଶ୍ମୀରରେ ଆତଙ୍କବାଦ ନିରୋଧୀ ଅଭିଯାନକୁ ଜୋରଦାର କରାଯାଉ। କିନ୍ତୁ ଉପତ୍ୟକାବାସୀଙ୍କ ଯେପରି କିଛି କ୍ଷୟକ୍ଷତି ନ ହୁଏ ସେଦିଗରେ ଧ୍ୟାନ ଦେବାକୁ ପଡ଼ିବ।

-ଅଜିତ ଡୋଭାଲ, ଏନ୍‌ଏସ୍‌ଏ

# ମହାରାଷ୍ଟ୍ରରେ ଜଳ ତାଣ୍ଡବ

## ବର୍ଷାବିପ୍ଳବରେ ୧୯ ମୃତ, ୧୧ ନିଖୋଜ

ପୁଣେ,୨୬।୯(ପି.ଟି.)

ମହାରାଷ୍ଟ୍ରରେ ଲଗାଣବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ପୁଣେ, ଜଳଗାଁ ଓ ନାଶିକ୍‌ରରେ କାନ୍ଥ ଭୁଶୁଡ଼ିଯିବା ସହ ଗଛ ଓ ବିଦ୍ୟୁତ୍ ପୋଲ ଉପୁଡ଼ିଯାଇଛି। ଏଥିଯୋଗୁ ୧୯ ଜଣଙ୍କ ପ୍ରାଣହାନି ଘଟିବା ସହ ୧୧ ନିଖୋଜ ହୋଇଯାଇଛନ୍ତି।

ମହାରାଷ୍ଟ୍ରର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ସୂଚନାନୁସାରେ ବୁଧବାର ମୁମ୍ବାଇ-ବେଙ୍ଗାଲୁରୁ ଜାତୀୟ ରାଜପଥରେ ଥିବା ଏକ ଦରଘାରେ ଲୋକେ ଶୋଇଥିବାବେଳେ ବନ୍ୟାପାଣି ମାଡ଼ିଆସିଥିଲା। ଏଥିରେ ୫ ଜଣ ଲୋକ ଭାସିଯାଇଛନ୍ତି। ପୁଣେର କେତେକ ସ୍ଥାନରେ ଦୁଇ ମହଲା ଉପରକୁ

- ସାଧାରଣ ଜୀବନ ଯାତ୍ରା ବ୍ୟାହତ, ସ୍କୁଲ କଲେଜ ଛୁଟି
- ପୁଣେରେ ଦୁଇମହଲା କୋଠାକୁ ଚଢ଼ିଲା ପାଣି
- ୧୬ ହଜାର ଲୋକ ଉଦ୍ଧାର
- ଏନ୍‌ଡିଆର୍‌ଏଫ୍, ସେନା ନିୟୋଜିତ

ପାଣି ଚଢ଼ିଯାଇଥିଲା। ଏହାବ୍ୟତୀତ ଅରଣ୍ୟେଶ୍ୱର ସମେତ ବିଭିନ୍ନ ସ୍ଥାନରେ ୫ ମହିଳାଙ୍କ ସହ ୧୨ ଜଣ ପ୍ରାଣ



ହରାଇଥିବା ମୁଖ୍ୟ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ରଣପିସେ ସୂଚନା ଦେଇଛନ୍ତି। ନାଶିକ୍‌ର ଏକ ଗ୍ରାମରେ ଜଣେ ଅଟୋ ଡ୍ରାଇଭର ଶୋଇଥିବାବେଳେ ପାଣି ମାଡ଼ିଆସିବାରୁ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀସ ଏହାକୁ ନେଇ ଶୋକବ୍ୟକ୍ତ କରିବା ସହ ପ୍ରଭାବିତ ଲୋକଙ୍କୁ ସବୁ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ୧୬ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଛି। ପୁଣେ ଓ ବାରାମତି ତହସିଲରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଯବାନଙ୍କୁ ମୁତୟନ କରାଯାଇଛି। ସେନା ପକ୍ଷରୁ ୩୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ଯବାନମାନେ ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ଜରୁରୀ ସାମଗ୍ରୀ ଯୋଗାଇଦେଉଛନ୍ତି। ଗୁରୁବାର ସକାଳେ ବର୍ଷା ଛାଡ଼ିଯାଇଥିଲେ ହେଁ ସହରର ଅନେକ ସ୍ଥାନରେ ପାଣି ଜମା ହୋଇରହିଛି। ଡେଙ୍ଗୁ ବ୍ୟାପିବାର ଆଶଙ୍କା ଥିବାରୁ ଗୁରୁବାର ସ୍କୁଲ କଲେଜଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି।

## ସିଓଏସ୍‌ସି ଅଧ୍ୟକ୍ଷ ଭାବେ ଆଜି ଦାୟିତ୍ୱ ନେବେ ବିପିନ୍ ରାୱତ

ନୂଆଦିଲ୍ଲୀ,୨୬।୯(ପି.ଟି.)



ସେନାମୁଖ୍ୟ ଜେନେରାଲ ବିପିନ ରାୱତ ଶୁକ୍ରବାର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ବି.ଏସ୍. ଧନୋଆଙ୍କଠାରୁ ଚିଫ୍‌ସ ଅଫ୍ ଷ୍ଟାଫ୍ କମିଟି (ସିଓଏସ୍‌ସି) ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବେ। ତିନିବାହିନୀର ମୁଖ୍ୟଙ୍କୁ ନେଇ ଉକ୍ତ କମିଟି ଗଢ଼ାଯାଇଥିବାବେଳେ ସର୍ବବରିଷ୍ଠ ସଦସ୍ୟଙ୍କୁ ଏହାର ଅଧ୍ୟକ୍ଷ ନିଯୁକ୍ତ କରାଯାଇଥାଏ। ଏୟାର ଚିଫ୍ ମାର୍ଶାଲ ଆଗାମୀ ଡିସେମ୍ବର ୩୧ରେ ଅବସର ନେବାକୁ ଥିବାବେଳେ ଶୁକ୍ରବାର ସେ ସିଓଏସ୍‌ସି ଅଧ୍ୟକ୍ଷ ଦାୟିତ୍ୱ ଜେନେରାଲ ରାୱତଙ୍କୁ ପ୍ରଦାନ କରିବେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସିଓଏସ୍‌ସି ଅଧ୍ୟକ୍ଷ ତିନି ବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ବାହ୍ୟ ସୁରକ୍ଷା ଚ୍ୟାଲେଞ୍ଜକୁ ନେଇ ମିଳିତ ରଣକୌଶଳ ପ୍ରସ୍ତୁତିରେ ସାମିଲ ହୋଇଥାନ୍ତି। ବାୟୁସେନା ମୁଖ୍ୟ ଧନୋଆ ମେ ୨୯ରେ ତତ୍କାଳୀନ ନୌସେନା ମୁଖ୍ୟ ଆଡମିରାଲ ସୁନିଲ ଲାନ୍‌ବାଙ୍କଠାରୁ ଏହି ଦାୟିତ୍ୱ ଗ୍ରହଣ କରିଥିଲେ।

## ହନିଟ୍ରାପ୍‌ରେ ୧୩ ଆଇଏଏସ୍ ଅଧିକାରୀ

ଭୋପାଳ,୨୬।୯



ମଧ୍ୟପ୍ରଦେଶ(ଏମ୍‌ପି)ରେ ହନିଟ୍ରାପ୍ ମାମଲା ସବୁ ସରହଦ ପାର୍ କରିଯାଇଛି। ଏହି ମାମଲାରେ ୧୩ ଆଇଏଏସ୍ ଅଫିସର ସମ୍ପୃକ୍ତ ଥିବା ଘଟଣା ଲୋକଲୋଚନକୁ ଆସିଛି। ଏହି ଆଇଏଏସ୍‌ମାନେ କୃଷି, ମତ୍ସ୍ୟ, ସଂସ୍କୃତି, ଶିଳ୍ପ, ନଗର ଉନ୍ନୟନ, ଶ୍ରମ, ଜଙ୍ଗଲ, ଜଳ ସମ୍ପଦ, ସାଧାରଣ ପ୍ରଶାସନ ବିଭାଗରେ କାମ କରୁଥିବା ଜଣାପଡ଼ିଛି। ଏସ୍‌ଆଇଟି ଦ୍ୱାରା ଏହି ମାମଲାର ତଦନ୍ତ ଜାରି ରହିଥିବାବେଳେ ଖୁବ୍‌ଶୀଘ୍ର ଏହି ଅଫିସରଙ୍କ ନାମ ଘୋଷଣା କରାଯିବ ବୋଲି ପୋଲିସ ଅଧିକାରୀ କହିଛନ୍ତି। କେତେକ ରାଜନେତା ଏଥିରେ ଥିବା ଚର୍ଚ୍ଚା ହେଉଛି। ଏହି ମାମଲାରେ ୧୮ ବର୍ଷୀୟା ମୋନିକା ଯାଦବ ଓ ଅନ୍ୟ ୫ ଜଣଙ୍କୁ ଗିରଫ କରାଯିବା ପରେ ହାଇ ପ୍ରୋଫାଇଲ ହନିଟ୍ରାପ୍ ମାମଲାର ଗଭୀରତା ସମ୍ପର୍କରେ ଜଣାପଡ଼ିଛି। ଏମାନଙ୍କୁ ସାକ୍ଷୀଭାବେ ବ୍ୟବହାର କରାଯିବ ବୋଲି ଏସ୍‌ଏସ୍‌ପି ରୁଚିବର୍ଦ୍ଧନ ମିଶ୍ର ପ୍ରକାଶ କରିଛନ୍ତି। ବଡ଼ବଡ଼ିଆଙ୍କୁ ଜାଲରେ ଫସାଇ କୋଟି କୋଟି ଟଙ୍କା କିପରି ହଡ଼ପ କରାଯାଉଥିଲା ସେଇ ଘଟଣା ଏବେ ଲୋକଲୋଚନକୁ ଆସିଛି। ମୋନିକାଙ୍କ ପରେ ପୋଲିସ ଆରତି ଦୟାଲ, ଶ୍ୱେତା ଜୈନ, ବର୍ଷା ସୋନି ଭଳି କେତେକ ଯୁବତୀଙ୍କୁ ମଧ୍ୟ ଗିରଫ କରିଛି। ଆଇଏମ୍‌ସି ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କୁ ବ୍ଲାକ୍‌ମେଲ କରି ୩ କୋଟି ଟଙ୍କା ଦାବି କରାଯାଇଥିବା ଘଟଣା ଜଣାପଡ଼ିଛି।

### ଲାପ୍‌ଟପ୍ ଓ ମୋବାଇଲରୁ ମିଳିଲା ୪୦୦ ଫାଇଲ୍

ବଡ଼ବଡ଼ିଆଙ୍କୁ ଜାଲରେ ଫସାଇବା ଲାଗି ଆପତ୍ତିଜନକ ଭିଡିଓ ସୁଟ୍ କରାଯିବା, ସେମାନଙ୍କୁ ବ୍ଲାକ୍‌ମେଲ କରି ଜୋରଜବରଦସ୍ତି ମୋଟା ଅଙ୍କ ଆଦାୟ କରାଯାଉଥିବା ଜଣାପଡ଼ିଛି। ଖୋଳତାଡ ପରେ ଲାପ୍‌ଟପ୍ ଓ ମୋବାଇଲରୁ ୪୦୦ ଅନୁରୂପ ଫାଇଲ ଜବତ କରାଯାଇଛି। ଗିରଫ ଯୁବତୀମାନଙ୍କୁ ଜେରା ପରେ ସେମାନଙ୍କଠାରୁ ଅନେକ ଆପତ୍ତିଜନକ ହାର୍ଡଡିସ୍କ ଜବତ ମଧ୍ୟ କରାଯାଇଛି। ଏକ ଡାଏରୀରେ କୋଡ୍‌ନେମ୍ ଓ ଟିକ୍‌ମାର୍କ ଥିବା କେତେକ ନାମ ଲୋକଲୋଚନକୁ ଆସିଛି। ସେକ୍ସ କ୍ଲିପ୍ ଓ ଚାଟ୍‌କୁ ଅନୁଧ୍ୟାନ କରାଯାଉଛି ଓ ସେଗୁଡ଼ିକୁ ଫୋରେନ୍‌ସିକ ଆନାଲିସିସ୍ କରାଯିବ ବୋଲି ଜଣାପଡ଼ିଛି। ଖୁବ୍‌ଶୀଘ୍ର ସବୁ ତଥ୍ୟ ଲୋକଲୋଚନକୁ ଆସିଯିବ ବୋଲି ବରିଷ୍ଠ ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପରଲୋକରେ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଜାକ୍ ଶିରାକ୍



**ପ୍ୟାରିସ୍,୨୬।୯(ଆଇଏଏନ୍‌ଏସ୍):** ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଜାକ୍ ଶିରାକ୍‌ଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ୨୦୦୭ରୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଥିବା ଶିରାକ୍‌ଙ୍କ ଫୁସ୍‌ଫୁସ୍ ସଂକ୍ରମଣ ହେବା ପରେ ଦୀର୍ଘଦିନ ହେଲା ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ନିଜ ଆତ୍ମୀୟସ୍ୱଜନଙ୍କ ଗହଣରେ ଶାନ୍ତିରେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ତାଙ୍କ ଜାମାତା ଫ୍ରେଡେରିକ୍ ସଲାଟବାରୋଉକ୍ସ ସୂଚନା ଦେଇଛନ୍ତି। ଶିରାକ୍ ୧୯୭୪-୧୯୭୬ ଓ ୧୯୮୬-୧୯୮୮ ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ସେ ୧୯୯୫ରୁ ଦୁଇଥର ଫ୍ରାନ୍ସର ରାଷ୍ଟ୍ରପତି ହୋଇ ୨୦୦୭ରେ ପଦ ଛାଡ଼ିଥିଲେ। ଦେଶରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ୭ ବର୍ଷରୁ ୫ ବର୍ଷକୁ ହ୍ରାସ କରିବା ଥିଲା ତାଙ୍କର ଏକ ଉଲ୍ଲେଖନୀୟ କାର୍ଯ୍ୟ। ୨୦୦୩ରେ ଆମେରିକାର ଇରାକ୍ ଆକ୍ରମଣକୁ ସେ ବିରୋଧ କରିଥିଲେ।

### ୨ ରାଜ୍ୟ ସଭା ଆସନ ଲାଗି ଉପନିର୍ବାଚନ ୧୬ରେ

**ନୂଆଦିଲ୍ଲୀ,୨୬।୯(ପି.ଟି.):** ରାଜ୍ୟ ସଭାରେ ଖାଲିପଡ଼ିଥିବା ଦୁଇଟି ଆସନ ଲାଗି ଉପନିର୍ବାଚନ ଅକ୍ଟୋବର ୧୬ରେ ଅନୁଷ୍ଠିତ ହେବ। ସେହିଦିନ ଅପରାହ୍ନ ୫ଟାରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ବୋଲି ନିର୍ବାଚନ କମିଶନ ଗୁରୁବାର ଘୋଷଣା କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏବଂ ରାମ ଜେଠ୍‌ମାଲାନିଙ୍କ ମୃତ୍ୟୁ ଯୋଗୁ ଏହି ଆସନ ଖାଲିପଡ଼ିଛି। ଏଥିପାଇଁ ଆସନ୍ତା ୨୭ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସେହିଦିନଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। ଜେଟ୍‌ଲୀ ଉତ୍ତରପ୍ରଦେଶରୁ ଭାଜପା ପ୍ରାର୍ଥୀ ଭାବେ ଏବଂ ଜେଠ୍‌ମାଲାନି ବିହାରରୁ ଆର୍‌ଜେଡି ପ୍ରାର୍ଥୀ ଭାବେ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରୁଥିଲେ। ଜେଟ୍‌ଲୀଙ୍କ ରାଜ୍ୟ ସଭା କାର୍ଯ୍ୟକାଳ ୨୦୨୪ ଏପ୍ରିଲ ୨ରେ ଶେଷ ହେବାକୁ ଥିବାବେଳେ ଗତ ଅଗଷ୍ଟ ୨୪ରେ ତାଙ୍କର ପରଲୋକ ହୋଇଥିଲା। ସେହିପରି ଜେଠ୍‌ମାଲାନିଙ୍କ ରାଜ୍ୟ ସଭା ସଦସ୍ୟତା ୨୦୨୨ ଜୁଲାଇ ୭ ପର୍ଯ୍ୟନ୍ତ ଥିଲାବେଳେ ଗତ ୯ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା।

### ଇଣ୍ଡୋନେସିଆରେ ଭୂକମ୍ପ: ୨୦ ମୃତ

**ଅମ୍ବନ ସିଟି,୨୬।୯:** ଇଣ୍ଡୋନେସିଆର ମାଲୁକୁ ଦ୍ୱୀପପୁଞ୍ଜରେ ଗୁରୁବାର ବଡ଼ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି। ଏଥିରେ ୨୦ ମୃତ ଓ ଶତାଧିକ ଆହତ ହୋଇଛନ୍ତି। ଭୂକମ୍ପ ଯୋଗୁ ଭୂସ୍ଖଳନ ଘଟି ଜଣେ ମାଟିତଳେ ପୋତିହୋଇଯାଇଛନ୍ତି। ଭୂକମ୍ପ ତୀବ୍ରତା ରିକ୍ଟର ସ୍କେଲରେ ୬.୫ ଥିଲା। ଭୟରେ ଲୋକେ ରାସ୍ତାକୁ ବାହାରିଆସିଥିବାବେଳେ ୨୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଅନେକ ଘର ଭାଙ୍ଗିଯାଇଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ରହିଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ ବିଭାଗ କହିଛି। ଭୂକମ୍ପ ଝଟକା ଅମ୍ବନ ସହର ସମେତ ଆଖପାଖ ଅଞ୍ଚଳରେ ଅନୁଭୂତ ହୋଇଥିଲା। ମାଲୁକୁ ପ୍ରଦେଶର ଉତ୍ତରପୂର୍ବ ଦିଗରେ ୩୭ କି.ମି. ଦୂରରେ ୨୯ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି।

### ଇତିହାସର ଆଇନାରେ

**ସେପ୍ଟେମ୍ବର ୨୭ର ପ୍ରମୁଖ ଘଟଣା**

୧୯୯୭ ସେପ୍ଟେମ୍ବର ୨୭ରେ ଜାପାନର ଏକ ବିମାନ ମାଲେସିଆରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୩୪ ବ୍ୟକ୍ତି ପ୍ରାଣ ହରାଇଥିଲେ ଓ ୭୯ ଆହତ ହୋଇଥିଲେ। ଜାପାନର ହାନେଡ଼ା ବିମାନବନ୍ଦରରୁ ଏହି ବିମାନଟି ସିଙ୍ଗାପୁରର ଚାଙ୍ଗି ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ଯାଉଥିଲା।

୨୦୦୧ ସେପ୍ଟେମ୍ବର ୨୭ରେ ଉତ୍ତର ସ୍ୱୀଜରଲାଣ୍ଡରେ ଜଣେ ଯୁବକ ପୋଲିସ କୋଷାକ ପିନ୍ଧି ଆଖିବୁଜା ଗୁଳିମାଡ଼ କରିବାରୁ ୧୪ ଜଣ ପ୍ରାଣ ହରାଇଥିଲେ। ଏଥିରେ ୧୬ ଜଣ ଆହତ ହୋଇଥିବାବେଳେ ନିଜେ ବନ୍ଧୁକଧାରୀ ମଧ୍ୟ ଆତ୍ମହତ୍ୟା କରିଥିଲେ। ଏହା ପରେ ସ୍ୱୀଜରଲାଣ୍ଡ ପାର୍ଲାମେଣ୍ଟରେ ସତୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିଲା।

■ ୪ ସପ୍ତାହରେ ଅଯୋଧ୍ୟା ରାୟ: ସିଜେଆଇ କହିଲେ

## ଚମତ୍କାର ହୋଇପାରେ ନିଷ୍ପତ୍ତି

ନୂଆଦିଲ୍ଲୀ,୨୬।୯(ପି.ଟି.)

ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ମାମଲାର ଶୁଣାଣି ଯେକୌଣସି ପ୍ରକାରେ ଅକ୍ଟୋବର ୧୮ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ଉଭୟ ହିନ୍ଦୁ ଓ ମୁସଲମାନ ପକ୍ଷର ଓକିଲମାନଙ୍କୁ କହିଛନ୍ତି। ଯଦି ଆସନ୍ତା ୪ ସପ୍ତାହ ମଧ୍ୟରେ ଆମେ ଅଯୋଧ୍ୟା ମାମଲାର ରାୟ ପ୍ରକାଶ କରିପାରିବା ତେବେ ଏହା ଚମତ୍କାରୀ (ମିରାକଲ୍) ହେବ ବୋଲି ସେ କହିଛନ୍ତି।

ସିଜେଆଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ଅଯୋଧ୍ୟା ଜମି ବିବାଦ ମାମଲାର ଦୈନନ୍ଦିନ ଶୁଣାଣି କରୁଛନ୍ତି। ଅଯୋଧ୍ୟାର ୨.୭୭



ଏକର ଜମିର ମାଲିକାନାକୁ ନେଇ ହିନ୍ଦୁ ଓ ମୁସଲମାନ ସଂଗଠନ ମଧ୍ୟରେ ଦୀର୍ଘବର୍ଷ ହେଲା ବିବାଦ ରହିଆସିଛି। ଅଦାଲତ ଅଧିକାଂଶ ଯୁକ୍ତି ଅକ୍ଟୋବର ୪ ସୁଦ୍ଧା ଏବଂ ସମ୍ପୂର୍ଣ୍ଣ ଶୁଣାଣି ଅକ୍ଟୋବର ୧୪ରେ ଶେଷ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ୧୮ ତାରିଖକୁ ଚୂଡ଼ାନ୍ତ ସମୟସୀମା ଧାର୍ଯ୍ୟ କରିଛନ୍ତି।

ଅଯୋଧ୍ୟା ଜମି ଦୁର୍ନୀତି ମାମଲାରେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ)ର ୨୦୦୩ ରିପୋର୍ଟକୁ ନେଇ ପ୍ରଶ୍ନ ଉଠାଇଥିବା ମୁସ୍‌ଲିମ ପକ୍ଷ ସୁପ୍ରିମକୋର୍ଟଙ୍କ ସମୟ ବରବାଦ କରିଥିବାରୁ ଏଥିପାଇଁ କ୍ଷମା ମାଗିଛନ୍ତି। ଏହି ମାମଲାରେ ଏଏସ୍‌ଆଇର କର୍ତ୍ତୃତ୍ୱକୁ ନେଇ ପ୍ରଶ୍ନ କରିବା ସେମାନେ ଚାହାନ୍ତି ନାହିଁ ବୋଲି ମୁସଲମାନ ପକ୍ଷର ଓକିଲ ରାଜୀବ ଧାୱନ ସାମ୍ବିଧାନିକ ପୀଠଙ୍କୁ କହିଥିଲେ। ଯଦି ଏଥିପାଇଁ ମାନ୍ୟବର ଅଦାଲତଙ୍କ ସମୟ ବରବାଦ ହୋଇଥାଏ ତେବେ ସେଥିପାଇଁ ଆମେ କ୍ଷମା ମାଗୁଛୁ ବୋଲି ଧାୱନ କହିଥିଲେ। ସୂଚନାଯୋଗ୍ୟ ବୁଧବାର ମୁସଲମାନ ପକ୍ଷର ବରିଷ୍ଠ ଆଇନଜୀବୀ ମୀନାକ୍ଷୀ ଆରୋରା ଏଏସ୍‌ଆଇ ରିପୋର୍ଟକୁ ନେଇ ପ୍ରଶ୍ନ କରିଥିଲେ।

## ଘୁଞ୍ଚିବ କର୍ନାଟକ ଉପନିର୍ବାଚନ

ନୂଆଦିଲ୍ଲୀ,୨୬।୯(ପି.ଟି.)

କର୍ନାଟକ ବିଧାନସଭାର ୧୫ଟି ଆସନରେ ହେବାକୁ ଥିବା ଉପନିର୍ବାଚନକୁ ଘୁଞ୍ଚାଯିବ ବୋଲି ନିର୍ବାଚନ କମିଶନ(ଇସି) ଗୁରୁବାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ପୂର୍ବତନ ବାଚସ୍ପତି କେ.ଆର୍. ରମେଶ କୁମାର୧୭ ବିଧାୟକଙ୍କୁ ଗୃହରୁ ଅଯୋଗ୍ୟ ଘୋଷଣା କରିଥିବାବେଳେ ସେମାନେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଉକ୍ତ ପିଟିଶନ୍‌ଗୁଡ଼ିକ ବିଚାରାଧୀନ ଥିବାରୁ ଇସିଙ୍କ ଓକିଲ ରାକେଶ ଦ୍ୱିବେଦୀ କୋର୍ଟଙ୍କୁ ଏହା ଜଣାଇଛନ୍ତି। ଉପନିର୍ବାଚନ ଘୁଞ୍ଚିଲେ ସେମାନଙ୍କର କୌଣସି ଆପତ୍ତି ନାହିଁ ବୋଲି ଅଯୋଗ୍ୟ ଘୋଷିତ ବିଧାୟକ ଓ ଅନ୍ୟପକ୍ଷମାନଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୨୨କୁ ଧାର୍ଯ୍ୟ କରାଯାଇଛି।

ନାରଦା ଷ୍ଟିଙ୍ଗ୍ ମାମଲାରେ ପ୍ରଥମ କାର୍ଯ୍ୟାନୁଷ୍ଠାନ

## ଆଇପିଏସ୍ ଅଧିକାରୀ ମିର୍ଜା ଗିରଫ

**କୋଲକାତା,୨୬।୯(ପି.ଟି.):** ନାରଦା ଟେପ୍ ସ୍କାଣ୍ଡାଲର ତଦନ୍ତ କରୁଥିବା ସିବିଆଇ ପକ୍ଷରୁ ପ୍ରଥମ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବରିଷ୍ଠ ଆଇପିଏସ୍ ଅଧିକାରୀ ଏସ୍‌ଏମ୍‌ଏଚ୍ ମିର୍ଜାଙ୍କୁ ଗୁରୁବାର ସିବିଆଇ ଗିରଫ କରିଛି। ସ୍ୱାସ୍ଥ୍ୟପରୀକ୍ଷା ପରେ ତାଙ୍କୁ ଏକ ସ୍ୱତନ୍ତ୍ର ସିବିଆଇ ଅଦାଲତରେ ହାଜର କରାଯାଇଥିଲା। କୋର୍ଟଙ୍କ ଅନୁମତି ପରେ ସିବିଆଇ ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେଇଛି। ୨୦୧୬ ମାର୍ଚ୍ଚରେ ନାରଦା ନ୍ୟୁଜ୍ ପୋର୍ଟାଲ ପକ୍ଷରୁ ଏକ ଷ୍ଟିଙ୍ଗ୍ ଅପରେଶନ କରାଯାଇଥିଲା। ତତ୍କାଳୀନ



ବର୍ଦ୍ଧମାନ ଏସ୍‌ପି ଏସ୍‌ଏମ୍‌ଏଚ୍ ମିର୍ଜା ଏବଂ କେତେଜଣ ଟିଏମ୍‌ସି ନେତା ଜଣେ କାଳ୍ପନିକ କମ୍ପାନୀର ପ୍ରତିନିଧିଙ୍କୁ ଅନୁଗ୍ରହ ଦେବା ପାଇଁ ତାଙ୍କଠାରୁ ୫ ଲକ୍ଷ ଟଙ୍କା ଗ୍ରହଣ କରୁଥିବା ଏଥରେ ଦର୍ଶାଯାଇଥିଲା। ଖବରଦାତା ମାଥ୍ୟୁ ସାମୁଏଲ୍‌ସ ଏହି ଷ୍ଟିଙ୍ଗ୍ ଅପରେଶନ କରିଥିଲେ।

## ମନମୋହନ ସିଂଙ୍କୁ ୮୭

**ନୂଆଦିଲ୍ଲୀ,୨୬।୯:** ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ମନମୋହନ ସିଂ ଗୁରୁବାର ୮୭ ବର୍ଷରେ ପଦାର୍ପଣ କରିଛନ୍ତି। ଏଥିଲାଗି ତାଙ୍କୁ ବିଭିନ୍ନ ଆଡ଼ୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଟୁଇଟ୍ କରି ମନମୋହନ ସିଂଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ



ସୁସ୍ଥ ଓ ଦୀର୍ଘଜୀବନ କାମନା କରିଛନ୍ତି। ସେହିଭଳି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ ପ୍ରମୁଖ ମନମୋହନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।

## ମହାଭିଯୋଗର ତଦନ୍ତକୁ 'ଜୋକ୍' କହିଲେ ଟ୍ରମ୍ପ୍

ନ୍ୟୁୟର୍କ,୨୬।୯(ଏଏଫ୍‌ପି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରାଜନୈତିକ ଫାଇଦା ପାଇଁ ୟୁକ୍ରେନ୍ ପ୍ରତିପକ୍ଷଙ୍କ ଉପରେ ଚାପ ପକାଇଥିବା ଅଭିଯୋଗକୁ ନେଇ ଡେମୋକ୍ରାଟ ସଦସ୍ୟମାନେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ଲାଗି ଉଦ୍ୟମ ଚଳାଇଥିବାବେଳେ ସେ ଏହାକୁ ପରିହାସ କରିଛନ୍ତି। ନିଜର ପ୍ରତିଦ୍ୱନ୍ଦ୍ୱୀ ଜୋ ବିଡେନଙ୍କ ବିରୋଧରେ ତଦନ୍ତ ଚଳାଇବା ଲାଗି ଟ୍ରମ୍ପ୍ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡାଇମିର ଜେଲେନ୍‌ସ୍କିଙ୍କ ଉପରେ ଚାପ ପକାଇଥିଲେ ବୋଲି ଜଣେ ହ୍ୱିସିଲ୍‌ବ୍ଲୋୟରଙ୍କ ଅଭିଯୋଗ ଉପରେ ମହାଭିଯୋଗ ତଦନ୍ତ ଆରମ୍ଭ ହୋଇଥିବା ଆମେରିକା ପ୍ରତିନିଧି ସଭାର ବାଚସ୍ପତି ନାନ୍ସୀ ପୋଲେସି ଘୋଷଣା କରିଛନ୍ତି। ତେବେ ହ୍ୱିସିଲ୍‌ବ୍ଲୋୟରଙ୍କ ତଥ୍ୟ ଉପରେ ସ୍ୱଚ୍ଛତା ରକ୍ଷା କରାଯିବ ବୋଲି ଟ୍ରମ୍ପ୍ ପ୍ରତିଶ୍ରୁତି ଦେଇଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ଟ୍ରମ୍ପ୍‌ଙ୍କ



### ହ୍ୱିସିଲ୍‌ବ୍ଲୋୟରଙ୍କ ଅଭିଯୋଗ

**ୟୁକ୍ରେନ୍ ରାଷ୍ଟ୍ରପତି-ଟ୍ରମ୍ପ୍‌ଙ୍କ ଫୋନ୍ କଲ୍ ତଥ୍ୟକୁ ଚପାଇବାକୁ ହୋଇଛି ଉଦ୍ୟମ**

ଫୋନ୍ କଲ୍‌ର ସବିଶେଷ ତଥ୍ୟକୁ ତାଙ୍କ ପ୍ରଶାସନ ଲୁଚାଇବାକୁ ଉଦ୍ୟମ କରିଥିବା ହ୍ୱିସିଲ୍‌ବ୍ଲୋୟର ଅଭିଯୋଗ କରିଛନ୍ତି। ହାଉସ୍ ଇଣ୍ଟେଲିଜେନ୍ସ କମିଟି ସୂଚନା ଅନୁଯାୟୀ ଡେମୋକ୍ରାଟ ରାଷ୍ଟ୍ରପତି ପ୍ରାର୍ଥୀ ଆଶାୟୀ ଜୋଙ୍କ ପୁଅ ହଣ୍ଟରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ଲାଗି ଟ୍ରମ୍ପ୍ ଜେଲେନ୍‌ସ୍କିଙ୍କ ଉପରେ ଚାପ ପକାଇଥିବା ଅଭିଯୋଗ ହୋଇଛି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୨୨.୨ |
| ଚାନ୍ଦବାଲି | ୨୭.୨ | ୨୩.୬ |
| କଟକ | ୩୦.୦ | ୨୦.୫ |
| ପାରାଦ୍ୱୀପ | ୨୭.୫ | ୨୫.୭ |
| ଭୁବନେଶ୍ୱର | ୨୮.୨ | ୨୨.୫ |
| ଗୋପାଳପୁର | ୨୮.୧ | ୨୨.୮ |
| ପୁରୀ | ୨୮.୪ | ୨୨.୪ |
| ଅନୁଗୋଳ | ୩୧.୧ | ୨୦.୦ |
| ବାରିପଦା | ୨୮.୬ | ୨୩.୦ |
| ଝାରସୁଗୁଡ଼ା | ୩୧.୪ | ୨୪.୪ |
| କେନ୍ଦୁଝର | ୨୮.୬ | ୨୨.୨ |
| ସମ୍ବଲପୁର | ୩୪.୪ | ୨୩.୬ |
| ସୁନ୍ଦରଗଡ଼ | ୩୧.୦ | ୨୨.୦ |
| ହୀରାକୁଦ | ୩୧.୧ | ୨୪.୩ |
| ତାଳଚେର | ୩୦.୩ | ୨୩.୭ |
| ଭବାନୀପାଟଣା | ୩୧.୫ | ୨୪.୪ |
| ବଲାଙ୍ଗୀର | ୩୧.୦ | ୨୪.୫ |
| କୋରାପୁଟ | ୨୭.୦ | ୧୯.୬ |
| ଫୁଲବାଣୀ | ୩୦.୪ | -- |
| ଟିଟିଲାଗଡ଼ | ୩୩.୪ | ୨୧.୧ |
| ମାଲକାନଗିରି | ୩୧.୦ | -- |
| ସୋନପୁର | ୩୧.୮ | ୨୦.୬ |
| ଦାରିଙ୍ଗିବାଡ଼ି | ୨୫.୫ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

■ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୋଦି

## ପୁଲ୍‌ୱାମା, ଖ୍ରୀଷ୍ଟଚର୍ଚ୍ଚ ଆକ୍ରମଣକୁ ନିନ୍ଦା

ନ୍ୟୁୟର୍କ,୨୬।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଜାସିଣ୍ଡା ଆର୍ଡେନଙ୍କୁ ଭେଟି ଆତଙ୍କବାଦ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଉଭୟ ନେତା ୪୦ ଯବାନ ଶହୀଦ ହୋଇଥିବା ଜୈଶ୍‌ର ପୁଲୱାମା ଆକ୍ରମଣକୁ ନିନ୍ଦା କରିବା ସହ ଆତଙ୍କବାଦ ନିରୋଧୀ ଲଢ଼େଇରେ ପରସ୍ପରକୁ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମାର୍ଚ୍ଚରେ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚ ଟାଉନର ଦୁଇଟି ମସ୍‌ଜିଦ ଉପରେ ଅଷ୍ଟ୍ରେଲିଆର ମୁସଲିମ ଆତଙ୍କବାଦୀ ଆକ୍ରମଣ କରିଥିଲେ। ୫ ଭାରତୀୟଙ୍କ ସମେତ ୪୭ ନିହତ ହୋଇଥିବା ଏହି ଆକ୍ରମଣକୁ ମଧ୍ୟ ଦୁଇ ନେତା ନିନ୍ଦା କରିଛନ୍ତି।

ଜାତିସଂଘ ସାଧାରଣ ପରିଷଦ ସମ୍ମିଳନୀ ଅବସରରେ ଉଭୟେ ପରସ୍ପରକୁ ଭେଟି ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିବା ସହ ରାଜନୈତିକ, ଅର୍ଥନୈତିକ, ପ୍ରତିରକ୍ଷା, ସୁରକ୍ଷା କ୍ଷେତ୍ରରେ ସହଯୋଗ ଏବଂ ଜନସମ୍ପର୍କ ବଢ଼ାଇବା ନେଇ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ମୋଦି ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାଶିନ୍ୟାନ୍‌ଙ୍କୁ ଭେଟି ଆଲୋଚନା କରିଥିଲେ। ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ପ୍ରାର୍ଥିତ୍ୱକୁ ଆର୍ମେନିଆର ସମର୍ଥନ ଲାଗି ମୋଦି ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ପାଶିନ୍ୟାନ୍ ମୋଦିଙ୍କୁ ଆର୍ମେନିଆଯିବାପାଇଁନିମନ୍ତ୍ରଣକରିଥିଲେ।



ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଜାସିଣ୍ଡା ଆର୍ଡେନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



“ପ୍ରତିବର୍ଷ ବିଗ୍ ବସ୍ ଛାଡ଼ିବାକୁ ଚିନ୍ତା କରୁଥିଲେ ବି ଛାଡ଼ିପାରୁନି।
–ସଲମାନ୍ ଖାନ୍, ବଲିଉଡ୍ ଅଭିନେତା



# ସାମାଜିକ, ଅର୍ଥନୈତିକ ବିକାଶରେ ପର୍ଯ୍ୟଟନ

## ବିଶ୍ୱ ପର୍ଯ୍ୟଟନ ଦିବସ



ପ୍ରତିବର୍ଷ ସେପ୍ଟେମ୍ବର ୨୭ରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି। ୧୯୭୦ରେ ଏହିଦିନ ୟୁନାଇଟେଡ ନେସନ୍ସ ୱାର୍ଲ୍ଡ ଟୁରିଜମ ଅର୍ଗାନାଇଜେଶନ(ୟୁଏନ୍‌ଡବ୍ଲ୍ୟୁଟିଓ) ବା ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନର ଆଇନକୁ ଗ୍ରହଣ କରାଯାଇଥିଲା ଓ ତାହାକୁ ମନେପକାଇବା ଉଦ୍ଦେଶ୍ୟରେ ୧୯୮୦ରେ ପ୍ରଥମେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ବିଶ୍ୱସ୍ତରରେ ପର୍ଯ୍ୟଟନ ବିକାଶ ପାଇଁ ଏହାକୁ ପାଳନ କରାଯାଉଛି। ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥିକ କ୍ଷେତ୍ରରେ ବିକାଶ ତଥା ପାରସ୍ପରିକ ସମ୍ପର୍କ ବୃଦ୍ଧି କରିବା ଏହି ଦିବସର ଉଦ୍ଦେଶ୍ୟ। ୟୁଏନ୍‌ଡବ୍ଲ୍ୟୁଟିଓରେ ସାମିଲ ହୋଇଥିବା କୌଣସି ଏକ ଦେଶକୁ ପ୍ରତିବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରିବା ପାଇଁ ସହଯୋଗୀ ଭାବେ ରଖାଯାଉଛି। ତୁର୍କି ଇସ୍ତାନ୍‌ବୁଲରେ ଅକ୍ଟୋବର ୧୯୯୭ରେ ଅନୁଷ୍ଠିତ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନର ମହାସଭାରେ ଏହି ନିଷ୍ପତ୍ତି ନିଆଯାଇଥିଲା। ୨୦୧୯ରେ ବିଶ୍ୱ ପର୍ଯ୍ୟଟନ ଦିବସ ଭାରତ ପାଳନ କରିବାକୁ ୟୁଏନ୍‌ଡବ୍ଲ୍ୟୁଟିଓ ସ୍ଥିର କରିଛି। ଏଥର ଶିକ୍ଷା, କୌଶଳ ଏବଂ ନିଯୁକ୍ତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ପର୍ଯ୍ୟଟନ କ୍ଷେତ୍ରରେ ନିଯୁକ୍ତି କିପରି ବୃଦ୍ଧିପାରିବ ସେଥିପାଇଁ ଏହାର ସ୍ଲୋଗାନ ‘ପର୍ଯ୍ୟଟନ ଓ ନିଯୁକ୍ତି,ସମସ୍ତଙ୍କ ପାଇଁ ଏକ ସୁନ୍ଦର ଭବିଷ୍ୟତ’ ବୋଲି ରଖାଯାଇଛି। ପ୍ରତିବର୍ଷ ଯେଉଁ ଦେଶରେ ଏହା ଆୟୋଜନ କରାଯାଉନା କାହିଁକି ୟୁଏନ୍‌ଡବ୍ଲ୍ୟୁଟିଓ ବିଭିନ୍ନ ଦେଶରୁ ଲୋକମାନଙ୍କୁ ଏଥିରେ ଭାଗ ନେବାକୁ ଆମନ୍ତ୍ରଣ କରିଥାଏ। ୟୁଏନ୍‌ଡବ୍ଲ୍ୟୁଟିଓର ମହାସଚିବ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ପର୍ଯ୍ୟଟନ ବିଷୟରେ ସନ୍ଦେଶ ଦେଇଥାନ୍ତି। ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବିଶ୍ୱର ବହୁ ପର୍ଯ୍ୟଟନ ସ୍ଥଳରେ ଫଟୋଗ୍ରାଫି ପ୍ରତିଯୋଗିତା ଆୟୋଜନ ମଧ୍ୟ କରାଯାଏ। ବିଶ୍ୱରେ ଚାଇନା, ରୁଷିଆ ଓ ବ୍ରାଜିଲ ପର୍ଯ୍ୟଟନ କ୍ଷେତ୍ରରେ ସବୁଠୁ ଅଧିକ ବ୍ୟୟ କରୁଛନ୍ତି। କେତେକ ଦେଶରେ ପର୍ଯ୍ୟଟନ କ୍ଷେତ୍ରରେ ବାର୍ଷିକ ବୃଦ୍ଧି ହାର ୮ ପ୍ରତିଶତରୁ ବେଶି ରହିଛି। ଯଦି ବିଶ୍ୱ ପର୍ଯ୍ୟଟନ କଥା ବିଚାରକୁ ନେବା ତେବେ ଫ୍ରାନ୍ସ ପ୍ରଥମରେ ରହିବ। ଏହାପରେ ଆସିବ ସ୍ପେନ, ଆମେରିକା ଓ ଚାଇନା। ଭାରତରେ ଏହି କିଛି ବର୍ଷ ହେବ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯିବା ଲକ୍ଷ୍ୟ କରାଯାଉଛି। ଐତିହାସିକ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଭାରତକୁ ପ୍ରତିବର୍ଷ ୧ କୋଟିରୁ ଅଧିକ ପର୍ଯ୍ୟଟକ ଆସୁଛନ୍ତି। ୨୦୧୮ରେ ପର୍ଯ୍ୟଟନ କ୍ଷେତ୍ରର ଦେଶର ଜିଡିପିରେ ଯୋଗଦାନ ୯.୨ ପ୍ରତିଶତ ରହିଥିଲା। ଦେଶର ମୋଟ୍ ଆୟର ୮.୧ ପ୍ରତିଶତ ଏହି କ୍ଷେତ୍ରରୁ ଆସିଛି। ଏଣୁ ୨୦୧୯ରେ ଯେଉଁ ଲକ୍ଷ୍ୟ ରଖାଯାଇ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି ତାହା ଭାରତ ପର୍ଯ୍ୟଟନରେ ନିଯୁକ୍ତି ଲାଗି ଏକ ପ୍ରଶସ୍ତ କ୍ଷେତ୍ର ପ୍ରସ୍ତୁତ କରିବ ବୋଲି ଆଶା କରାଯାଏ।

## ମନ୍ଦିରରେ ମଣିଷଙ୍କ ଭଳି କଥା ହୁଅନ୍ତି ମୂର୍ତ୍ତି



**ବସ୍ତର:** ବିଜ୍ଞାନ ଯୁଗରେ କୌଣସି କଥା ଅସମ୍ଭବ ନୁହେଁ। ତେବେ ମନ୍ଦିରରେ ମୂର୍ତ୍ତିଗୁଡିକ ମଣିଷ ପରି କଥା କହୁଥିବା ଶୁଣିଲେ ବିଶ୍ୱାସ ହୋଇ ନ ଥାଏ। ବିହାର ବସ୍ତରଠାରେ ଥିବା ରାଜ ରାଜେଶ୍ୱରୀ ତ୍ରିପୁରା ସୁନ୍ଦରୀ ମନ୍ଦିରରେ ଏଭଳି ଘଟଣା ଘଟିଥାଏ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ୪ ଶହ ବର୍ଷ ପୁରୁଣା ଏହି ମନ୍ଦିରରେ ମୂର୍ତ୍ତିଗୁଡିକ ମଣିଷ ପରି କଥାବାର୍ତ୍ତା ହୋଇଥାନ୍ତି। ନିସ୍ତବ୍ଧ ରାତିରେ ମନ୍ଦିରରେ ମୂର୍ତ୍ତିଗୁଡିକ କଥା ହେଉଥିବାର ଶବ୍ଦ ବାହାରକୁ ଶୁଣାଯାଏ। ମଧ୍ୟରାତ୍ରିରେ ଏହି ମନ୍ଦିର ବାଟରେ ଯାଉଥିବା ଲୋକେ ଏହା ଶୁଣିଥାନ୍ତି। ତେଣୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିରରେ କେହି ରୁହନ୍ତି ନାହିଁ। ମନ୍ଦିରରେ ଭକ୍ତଙ୍କ ସବୁ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମନ୍ଦିରର ଏହି ରହସ୍ୟ ନେଇ ଅନେକ ଗବେଷଣା ହୋଇଛି। କିନ୍ତୁ ମନ୍ଦିରରୁ ନିସ୍ତବ୍ଧ ରାତିରେ କଥା କହୁଥିବା ଶବ୍ଦ କିପରି ସୃଷ୍ଟି ହେଉଛି ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ଅର୍ଜୁନଙ୍କ ପାଇଁ ମଲାଇକା ସବୁବେଳେ ‘ହଟ୍’



**ନୂଆଦିଲ୍ଲୀ:** ବଲିଉଡ୍‌ରେ ଲଭ୍ ହୁକ୍-ଅପ୍ସର ଚର୍ଚ୍ଚା ସବୁବେଳେ ଲାଗିରହିଥାଏ। ତେବେ ଏହି ତାଲିକାରେ ପ୍ରଥମେ ଆସେ ବଲିଉଡ୍‌ର ମୁନ୍ନି ମଲାଇକା ଅରୋରାଙ୍କ ସହ ଅର୍ଜୁନ କପୁରଙ୍କ ରିଲେଶନଶିପ୍। ଏବେ ପୁଣିଥରେ ଉଭୟଙ୍କୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ପ୍ରକୃତରେ ମଲାଇକା ଏକ ହ୍ୱାଇଟ୍ ଗାଉନ୍ ପିନ୍ଧି ନିଜର କିଛି ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଫଟୋ ଟି ଅର୍ଜୁନଙ୍କୁ ଏତେ ପସନ୍ଦ ଆସିଲା ଯେ, ସେ ସେଥିରେ ‘ଲୁକିଂ ହଟ୍’ ବୁଝାଉଥିବା ଫାୟର୍ ଇମୋଜୀ ପୋଷ୍ଟ କରିଦେଲେ। ବାସ୍, ଅର୍ଜୁନଙ୍କ ଏହି କମେଣ୍ଟ ପରେ ପୁଣି ଏହି ଲଭ୍-ବାର୍ଡଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲା। ଏମିତିରେ ମଲାଇକାଙ୍କ ଅନ୍ଦାଜରେ ପାଗଳ ଅର୍ଜୁନ। କିଛିଦିନ ତଳେ ଅର୍ଜୁନଙ୍କ ଜନ୍ମଦିନରେ ମଲାଇକା ଉଭୟଙ୍କ ରିଲେଶନଶିପ୍ ସର୍ବସମ୍ମୁଖରେ ମାନିଥିଲେ। ଏପରି କି ଖୁବଶୀଘ୍ର ଉଭୟ ବିବାହ କରିବେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ତେବେ ସୋସିଆଲ ମିଡିଆରେ ଏହି କପଲ୍ ସବୁବେଳେ ପରସ୍ପରକୁ ଲଭ୍ କମେଣ୍ଟସ୍ ଦେଇ ଚର୍ଚ୍ଚାରେ ରହିଥାନ୍ତି। ଏହା ପୂର୍ବରୁ ସଲମାନ୍ ଖାନ୍‌ଙ୍କ ଭାଇ ଅରବାଜ୍ ଖାନ୍‌ଙ୍କ ସହ ମଲାଇକାଙ୍କ ଦୀର୍ଘ ଦିନର ବୈବାହିକ ସମ୍ପର୍କ ପରେ ଛାଡ଼ପତ୍ର ହୋଇ ସାରିଛି।

## ତରଳିବ ହିମନଦୀ: ପ୍ରଭାବିତ ହେବ ୪୬ ସହର

# ୧୫ କୋଟି ଲୋକ ଭିଟାମାଟି ହରାଇବେ

**ନୂଆଦିଲ୍ଲୀ:** ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱତାପମାନ ବୃଦ୍ଧିର ପ୍ରଭାବ ଯୋଗୁ ହିନ୍ଦୁ କୁଶ ହିମାଳୟ ହିମନଦୀ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ୨୧୦୦ ମସିହା ସୁଦ୍ଧା ହିମନଦୀର ୨ ତୃତୀୟାଂଶ ତରଳିଯିବ। ଫଳରେ ସମୁଦ୍ର ଜଳସ୍ତର ୫୦ ସେ.ମି. ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏହାଦ୍ୱାରା ଉପକୂଳ ଅଞ୍ଚଳରେ ସମୁଦ୍ର ପାଣି ମାଡ଼ିଯିବ। ଫଳରେ ଏଠାରେ ବାସ କରୁଥିବା ୧୫୦ ନିୟୁତରୁ ଅଧିକ ଲୋକ ନିଜର ଭିଟାମାଟି ହରାଇବେ ବୋଲି ବିଶ୍ୱ ଜଳବାୟୁ ରିପୋର୍ଟରେ ପ୍ରକାଶ ପାଇଛି। ହିନ୍ଦୁ କୁଶ ହିମାଳୟ ହିମନଦୀ ଯୋଗୁ ଭାରତ, ପାକିସ୍ତାନ, ଆଫଗାନୀସ୍ତାନ, ତିବ୍ବତ, ଚାଇନା, ନେପାଳ, ବାଂଲାଦେଶ ଆଦି ଦେଶର ୧୨୦ ନିୟୁତ ଲୋକ ଜଳସେଚନ ସୁବିଧା ପାଇଥାନ୍ତି। ସେହିପରି ଏସବୁ ଦେଶର ୧୩୦ କୋଟିରୁ ଅଧିକ ନଦୀକୂଳରେ ବାସ କରୁଥିବା ଲୋକ ଉପକୃତ ହୋଇଥାନ୍ତି। ତେବେ ଆଗାମୀ ଦିନରେ ହିମନଦୀର ୬୦ ପ୍ରତିଶତ ତରଳି ଯିବାର ଆଶଙ୍କା ରହିଛି। ଏହାର ପ୍ରଭାବ କେନ୍ଦ୍ରୀୟ, ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଏସିଆ ରାଷ୍ଟ୍ରର ୪୬ଟି ସହର ଉପରେ ପଡ଼ିବ। ସେହିପରି ଭାରତର ମୁମ୍ବାଇ ଏବଂ କୋଲକାତାରେ ବାରମ୍ବାର ବନ୍ୟା ସ୍ଥିତି ସୃଷ୍ଟି ହେବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।



## ଲେଖିକା କାଜଲ



**ମୁମ୍ବାଇ:** ‘ଦିଲ୍‌ୱାଲେ ଦୁଲହନିଆ ଲେ ଯାଏଙ୍ଗେ’ ଫେମ୍ କାଜଲ ଏବେ ଅଭିନେତ୍ରୀରୁ ଲେଖିକା ସାଜିଛନ୍ତି। ବହୁ ବ୍ଲକ୍‌ବଷ୍ଟର ଫିଲ୍ମରେ ଆକ୍ଟିଂ କରିଥିବା ଏହି ଅଭିନେତ୍ରୀ ଦିବଂଗତ ଅଭିନେତ୍ରୀ ଶ୍ରୀଦେବୀଙ୍କ ବାୟୋଗ୍ରାଫି-‘ଦି ଇଣ୍ଟରନାଲ ସ୍କ୍ରିନ ଗଡେଶ୍’ ବହିର ମୁଖବନ୍ଧ ଲେଖିଛନ୍ତି, ଯେଉଁଥିରେ ତାଙ୍କ ଜୀବନୀ ସହ ଜଡ଼ିତ କିଛି ତଥ୍ୟ ପଢ଼ିବାକୁ ମିଳିବ। ଏହି ବହି ସମ୍ପର୍କରେ କାଜଲ ଏକ ଇଣ୍ଟରଭ୍ୟୁରେ କହିଛନ୍ତି, ଫିଲ୍ମ ଶୁଟିଂ ସେଟ୍‌ରେ ଶ୍ରୀଦେବୀଙ୍କ ଷ୍ଟାରଡମ୍ ଓ ବଡ଼ ପରଦାରେ ତାଙ୍କ ଯାଦୁ ଦେଖି ମୁଁ ବଡ଼ ହୋଇଛି। ସେ ସବୁବେଳେ ମୋର ଫେଭରାଇଟ୍ ରହି ଆସିଛନ୍ତି। ଏହି ବହିର ମୁଖବନ୍ଧ ଲେଖିବାକୁ ମୁଁ ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟଶାଳୀ ମନେକରୁଛି। ସତ୍ୟାର୍ଥ ନାୟକ ‘ଦି ଇଣ୍ଟରନାଲ ସ୍କ୍ରିନ ଗଡେଶ୍’ ବହି ଲେଖିଛନ୍ତି। ତାଙ୍କ କହିବା ଅନୁସାରେ ପୁସ୍ତକର ମୁଖବନ୍ଧ ଲେଖିବା ପାଇଁ କାଜଲ ବେଷ୍ଟ ଚଏସ୍। କାଜଲ ଇଣ୍ଡଷ୍ଟ୍ରି ସହ ଯୋଡ଼ି ହୋଇଥିବାବେଳେ ୮୦ ଓ ୯୦ ଦଶକରେ ଶ୍ରୀଦେବୀଙ୍କ ଲୋକପ୍ରିୟତାକୁ ମଧ୍ୟ ଦେଖିଛନ୍ତି। ଜଣେ ଉତ୍କୃଷ୍ଟ ଅଭିନେତ୍ରୀ ଭାବେ ସେ ଶ୍ରୀଦେବୀଙ୍କୁ ଅନୁସରଣ କରିଆସିଛନ୍ତି। ଏସବୁ ତାଙ୍କ ଲେଖାରୁ ସ୍ପଷ୍ଟ ବାରି ହୋଇପଡୁଛି। ଶ୍ରୀଦେବୀଙ୍କ ବାୟୋଗ୍ରାଫି ପାଇଁ ତାଙ୍କ ସ୍ୱାମୀ ତଥା ନିର୍ଦ୍ଦେଶକ ବୋନି କପୁର ସମ୍ମତି ପ୍ରଦାନ କରିସାରିଛନ୍ତି। ୨୦୧୮ ଫେବୃୟାରୀ ୨୪ରେ ଦୁବାଇର ଏକ ହୋଟେଲ ବାଥ୍ ଟପ୍‌ରେ ବୁଡ଼ି ଶ୍ରୀଦେବୀଙ୍କ ମୃତ୍ୟୁ ହୋଇଥିଲା। ଶ୍ରୀଦେବୀଙ୍କ ଶେଷ ଫିଲ୍ମ ‘ଜିରୋ’, ଯାହା ତାଙ୍କ ମୃତ୍ୟୁ ପରେ ରିଲିଜ ହୋଇଥିଲା।

## ସିଝାଅଣ୍ଡା ଦିଏ ନପୁଂସକତାରୁ ମୁକ୍ତି

**ନୂଆଦିଲ୍ଲୀ:** ସମ୍ପ୍ରତି ପରିବର୍ତ୍ତିତ ଜୀବନ ଶୈଳୀରେ ତଥା ମାନସିକ ଚାପ ଯୋଗୁ କେତେକଙ୍କଠାରେ ନପୁଂସକତା ଦେଖିବାକୁ ମିଳୁଛି। ଆୟୁର୍ବେଦରେ ଏହାର ଘରୋଇ ଉପଚାର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ମାସେ ପର୍ଯ୍ୟନ୍ତ ପ୍ରତିଦିନ ଗୋଟିଏ ସିଝାଅଣ୍ଡା ସହ ଚାମୁଚେ ଅଦା ରସ ଓ ମହୁ ମିଶାଇ ଖାଇଲେ ନପୁଂସକତାରୁ ମୁକ୍ତି ମିଳେ। ସେହିପରି ରାତିରେ ଅଭ୍ୟାସ କରି ସିଝାଅଣ୍ଡା ଓ ଗୋଲମରିଚ ଗୁଣ୍ଡ ଖାଇଲେ ସୁଫଳ ମିଳିଥାଏ। ଏପରି କରିବା ଦ୍ୱାରା ସ୍ୱପ୍ନ ଦୋଷ, ଧାତୁ କ୍ଷୟ ଆଦି ରୋଗ ମଧ୍ୟ ଭଲ ହୋଇଥାଏ। ଏହା ଶୁକ୍ରାଣୁ ସ୍ତର ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି।



## ବସ୍ ଡ୍ରାଇଭରଙ୍କୁ ରାସ୍ତା ନିୟମ ଶିଖାଇଲେ ମହିଳା



**ନୂଆଦିଲ୍ଲୀ:** କଥାରେ ଅଛି, ଆପଣ ଯଦି ଠିକ୍ ରାସ୍ତାରେ ଅଛନ୍ତି, ତେବେ ଆପଣଙ୍କୁ କୌଣସି ଭୟ କରିବାର ଆବଶ୍ୟକତା ନାହିଁ। ତେବେ ଏହାକୁ କାମରେ କରିଦେଖାଇଛନ୍ତି କେରଳର ଜଣେ ମହିଳା। ମହିଳା ଜଣକ ନିଜ ସ୍କୁଟିରେ ଠିକ୍ ରାସ୍ତାରେ ଥିଲେ ବୋଲି ସାମ୍ନାରେ ଥିବା ଏକ ବସ୍‌କୁ ବି ନିଜ ରାସ୍ତା ପରିବର୍ତ୍ତନ କରିବାକୁ ପଡ଼ିଥିଲା। କାରଣ ବସ୍‌ଟି ଭୁଲ୍ ରାସ୍ତାରେ ମାଡ଼ି ଆସିବାକୁ ଚେଷ୍ଟା କରୁଥିଲା। ଏ ସମସ୍ତ ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ନୂଆ ମୋଟର ଯାନ ଆଇନ୍ ଲାଗୁ ହେବାପରେ ସଡ଼କ ନିୟମକୁ ନେଇ ଅନେକ ଜନସଚେତନତା ବୃଦ୍ଧି ପାଇଛି। ଏହି କ୍ରମରେ ଏବେ ଟୁଇଟର ହ୍ୟାଣ୍ଡେଲ @TheGhostRider31ରୁ ଶେୟାର କରାଯାଇଥିବା ଏକ ଭିଡିଓ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଭିଡିଓଟି କେରଳର, ଯେଉଁଥିରେ ସ୍କୁଟି ଚଳାଇ ଯାଉଥିବା ଜଣେ ମହିଳା ଓ ଏକ ଯାତ୍ରୀବାହୀ ବସ୍ ମଧ୍ୟରେ ସଡ଼କ ନିୟମକୁ ନେଇ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ରାସ୍ତାର ବାମ ପଟେ ସ୍କୁଟି ଚଳାଇ ଯାଉଥିବା ଜଣେ ମହିଳାଙ୍କ ଆଡ଼କୁ ସାମ୍ନା ପଟୁ ଏକ ବସ୍ ନିୟମ ଭାଙ୍ଗି ମାଡ଼ି ଆସିବାକୁ ଚେଷ୍ଟା କରୁଥିଲା। କିନ୍ତୁ ମହିଳା ଜଣକ ଠିକ୍ ରାସ୍ତାରେ ଯାଉଥିବାରୁ ନ ଡରି ସେଠାରେ ଅଟକି ରହିଲେ। କିଛି ସମୟ ପରେ ଶେଷରେ ବସ୍‌ଟି ରାସ୍ତା ବଦଳାଇ ନିୟମାନୁସାରେ ଯାଇଥିଲା। ଏହି ଘଟଣାଟି ସୋସିଆଲ ମିଡିଆରେ ଟ୍ରେଣ୍ଡ ହେବାପରେ ଲୋକଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଅନେକ ସମୟରେ ଭାରିଯାନଗୁଡ଼ିକ ଏପରି କରିଥାନ୍ତି ଓ ସେମାନଙ୍କୁ ଏହି ଭିଡିଓ ଆଗାମୀ ଦିନରେ ସଚେତନ କରିବ ବୋଲି କୁହାଯାଉଛି। ଏହାସହ ସାହସୀ ମହିଳାଙ୍କୁ ମଧ୍ୟ ଧନ୍ୟବାଦ ଦିଆଯାଉଛି। ଏଠାରେ କହି ରଖୁଛୁ, ନୂଆ ଟ୍ରାଫିକ୍ ନିୟମ ଆସିବା ପରଠାରୁ ଏଭଳି ଭିଡିଓ ସବୁ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି।

# ଚପରାସୀ ସଂସ୍କୃତ ଶିକ୍ଷକ

‘ରାମନୁଜମ୍’। ପେସାରେ ଜଣେ ଆଇନଜୀବୀ। ହଠାତ୍ ଏକ ଦୁର୍ଘଟଣାରେ ସାନ ଭଉଣୀଙ୍କ ମୃତ୍ୟୁ ବଦଳାଇ ଦିଏ ତାଙ୍କ ଜୀବନର ଗତିପଥ। ସମୟକ୍ରମେ ତାଙ୍କ ନିକଟରେ ଦେଖିବାକୁ ମିଳେ ବ୍ୟକ୍ତିତ୍ୱରେ ବିଭିନ୍ନତା (ପର୍ସନାଲ ଡିଜ୍‌ଅର୍ଡର)। ଦୁର୍ନୀତିଖୋରଙ୍କୁ ଦଣ୍ଡଦେବା ପାଲଟିଯାଏ ତାଙ୍କ ନିଶା। ‘ଗରୁଡ଼ ପୁରାଣ’ ଆଧାରରେ ସେ କରନ୍ତି ଦଣ୍ଡବିଧାନ। ଦିନରେ ନାୟକ ଏବଂ ରାତିରେ ଦଣ୍ଡଦାତା ଭାବେ ଜଣେ ଚରିତ୍ରକୁ ଆମେ ଦେଖିଛେ ସାଇକୋଲୋଜିକାଲ ଥ୍ରୀଲର ତାମିଲ ଫିଲ୍ମ ‘ଆନିୟାନ’ରେ। ଏହାର ହିନ୍ଦୀ ସଂସ୍କରଣ ‘ଅପରିଚିତ’କୁ ବି ବେଶ୍ ପସନ୍ଦ କରିଥିଲେ ଦର୍ଶକ। ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ଏସ୍. ଶଙ୍କରଙ୍କ ବଳିଷ୍ଠ ନିର୍ଦ୍ଦେଶନା ଏବଂ କେନେଡି ଜନ୍ ଭିକ୍ଟର ଓରଫ୍ ସି. ଭିକ୍ରମଙ୍କ ଦମ୍‌ଦାର ଅଭିନୟକୁ ଆଜି ବି ମନେପକାଉଛନ୍ତି ସିନେପ୍ରେମୀ। ଜଣେ ବ୍ୟକ୍ତି ଭିତରେ ଲୁଚି ରହିଥାଏ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ। ସମୟ ଏବଂ ପରିବେଶ ଅନୁଯାୟୀ ଏହାର ପରିପ୍ରକାଶ ହୁଏ। ଏହାପରେ ସାଧାରଣ ମଣିଷଟିଏ ବି କରିପାରେ ଅସାଧାରଣ କାମ। ଏପରି ଜଣେ ଭିନ୍ନ ମଣିଷ ହେଉଛନ୍ତି ଇନ୍ଦୋରର ବାସୁଦେବ ପାଞ୍ଚାଲ।

**ଇନ୍ଦୋର:** ସମସ୍ତଙ୍କ ପାଇଁ ଶିକ୍ଷା ସମାନ। ଏହାର ପରିଧିରେ ନ ଥାଏ ବାଛବିଚାର। ଏହାକୁ ପ୍ରମାଣିତ କରିଛନ୍ତି ୫୩ ବର୍ଷୀୟ ବାସୁଦେବ। ଦେପାଲପୁର ବିକାଶଖଣ୍ଡର ଗିରୋଟା ଗ୍ରାମସ୍ଥିତ ସରକାରୀ ହାଇସ୍କୁଲର ଚପରାସୀ ହେଉଛନ୍ତି ସେ। ବୃତ୍ତିଗତ ଜୀବନରେ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ହୋଇଥିଲେ ମଧ୍ୟ ସଂସ୍କୃତ ଭାଷାରେ ତାଙ୍କର ଅଗାଧ ଜ୍ଞାନ। ସେଇଥିପାଇଁ ନିର୍ଦ୍ଦିଷ୍ଟ ଭାବେ ଶିକ୍ଷକତା କରି ନ ଥିଲେ ବି ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ହାତରେ ଧରାଇ ଦେଇଛନ୍ତି ସଂସ୍କୃତ ପୋଥି। ଏହାଦ୍ୱାରା ସ୍କୁଲରେ ଲାଗି ରହିଥିବା ଶିକ୍ଷକ ସମସ୍ୟାର ସମାଧାନ ହୋଇପାରିଛି, ଏଥିସହ ପିଲାମାନେ ବି ସଂସ୍କୃତ ଶିକ୍ଷା ପ୍ରତି ଦେଖାଉଛନ୍ତି ବେଶ୍ ଆଗ୍ରହ। ମଥାରେ ଟିକା, ମୁଣ୍ଡରେ ଚୈତନ୍ୟ, ଚୁଟି ରଖିଥିବା ଏହି ବ୍ୟକ୍ତି ଜଣକ ପ୍ରଥମେ ଆସନ୍ତି ସ୍କୁଲକୁ। ଝାଡୁ ଲଗାନ୍ତି। ଟେବୁଲ, ଡେସ୍କ ସଫା କରନ୍ତି। ଛାତ୍ରଙ୍କ ପାଇଁ ବୋତଲରେ ପାଣି ଭର୍ତ୍ତି କରନ୍ତି, ଏହା ତାଙ୍କ ନିତିଦିନିଆ କାମ। ହେଲେ ସ୍କୁଲ ଘଣ୍ଟି ବାଜୁ ବାଜୁ ବଦଳିଯାଏ ତାଙ୍କ ରୂପ। ତାଙ୍କ ହାତରେ ଥାଏ ସଂସ୍କୃତ ପୁସ୍ତକ। ମୁହଁରୁ ବାହାରିଆସେ ଅନର୍ଗଳ ସଂସ୍କୃତ। ଦୀର୍ଘ ୨୩ ବର୍ଷ ହେଲା ସେ ସ୍କୁଲରେ ଏପରି ଶିକ୍ଷାଦାନ କରି ଆସୁଛନ୍ତି। ଏହାର କାରଣ ମଧ୍ୟ ବେଶ୍ ରୋଚକ। ଜିଲା ମୁଖ୍ୟାଳୟଠାରୁ ଗିରୋଟା ହାଇସ୍କୁଲର ଦୂରତା ପାଖାପାଖି ୪୦ କିମି। ତେଣୁ ଏଠାକୁ ଶିକ୍ଷକମାନେ ଆସିବାକୁ ଅମଙ୍ଗ ହେଉଛନ୍ତି। ମାତ୍ର ୩ଜଣ ଶିକ୍ଷକରେ ଚାଲିଛି ବିଦ୍ୟାଳୟ। ସେମାନଙ୍କ ପକ୍ଷେ ୧୭୫ଜଣ ପିଲାଙ୍କୁ ପାଠ ପଢ଼ାଇବା ଏକପ୍ରକାର ଅସମ୍ଭବ ହୋଇପଡୁଛି।



୨୩ ବର୍ଷ ଧରି ପିଲାଙ୍କୁ ପଢ଼ାଉଛନ୍ତି ବାସୁଦେବ



ପ୍ରଫୁଲ୍ଲ କୁମାର ମିଶ୍ର

# ଓଡ଼ିଶାରେ ଆଇଏସ୍ଏଲ୍ ଉତ୍ସାହ





**ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ପ୍ରଥମଥର ପାଇଁ ଓଡ଼ିଶାର ନିଜ ଦଳ ଅଂଶଗ୍ରହଣ କରିବ। ପୂର୍ବରୁ ଦିଲ୍ଲୀ ଡାଇନାମସ ଏଫ୍‌ସି ଥିବା ଦଳ ଏବେ ଓଡ଼ିଶା ଏଫ୍‌ସିରେ ପରିଣତ ହୋଇଛି। ହେଡ୍ କୋଚ୍ ଜୋସେଫ୍ ଗାମ୍ବାଉଙ୍କ ତତ୍ତ୍ୱାବଧାନରେ ଓ ଅଧିନାୟକ ମାର୍କୋସ ତେବରଙ୍କ ନେତୃତ୍ୱରେ ଓଡ଼ିଶା ଏଫ୍‌ସି ଆଇଏସ୍ଏଲ୍‌ର ଷଷ୍ଠ ସଂସ୍କରଣରେ ଅଂଶଗ୍ରହଣ କରିବ। ହୋମ୍ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସିର ମ୍ୟାଚ୍ ଦେଖିବା ଲାଗି ଦର୍ଶକଙ୍କ ପ୍ରବଳ ଭିଡ ହେବ ବୋଲି ଆଶା କରାଯାଉଛି...**

ହକିରେ କଳିଙ୍ଗ ଲାନ୍ସର୍ସ ଭଳି ଫୁଟବଲରେ ଓଡ଼ିଶାକୁ ମିଳିଛି ଏକ ଦଳ। ଏହା ହେଉଛି ଓଡ଼ିଶା ଏଫସି ଦଳ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ବିଶ୍ୱକପ୍ ହକି, ଏସିଆନ ଆଥଲେଟିକ ଚାମ୍ପିୟନଶିପ୍, ଫୁଟବଲ୍‌ରେ ସୁପର କପ୍, ଆଇ-ଲିଗ୍, ରଗ୍‌ବୀ, ଜାତୀୟ ଆଥଲେଟିକ କ୍ରୀଡ଼ାର ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରି ବିଶ୍ୱ କ୍ରୀଡ଼ାରେ ଚର୍ଚ୍ଚା ସହ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଭୁବନେଶ୍ୱର ଦେଶର ଅଘୋଷିତ କ୍ରୀଡ଼ା ରାଜ୍ୟଧାନୀର ମାନ୍ୟତା ପାଇଛି। ଏ ଦିଗରେ ସରକାର ତାଙ୍କର ପ୍ରୟାସକୁ ଆହୁରି ଜୋରଦାର କରିଛନ୍ତି। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଭୁବନେଶ୍ୱରରେ ଆୟୋଜନ ହେବ। ଏହି ହାଇପ୍ରୋଫାଇଲ ଲିଗ୍ ଅକ୍ଟୋବର ୨୦ ତାରିଖରେ ଆରମ୍ଭ ହୋଇ ଭାରତର ବିଭିନ୍ନ ଷ୍ଟାଡିୟମରେ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। ଏବର୍ଷ ଆଇଏସଏଲ୍‌ରେ ୧୦ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ଗତବର୍ଷର ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି, ରନର୍ସଅପ ଗୋଆ ଏଫ୍‌ସି, କେରଳ ବ୍ଲାଷ୍ଟର୍ସ, ଏଟିକେ, ଚେନ୍ନାଇନ୍ ଏଫ୍‌ସି, ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି, ମୁମ୍ବାଇ ସିଟି ଏଫ୍‌ସି, ଜାମସେଦପୁର ଏଫ୍‌ସି, ପୁଣେ ସିଟି ଏଫ୍‌ସି ବଦଳରେ ହାଇଦ୍ରାବାଦ୍ ଏଫ୍‌ସି ଦଳ, ଦିଲ୍ଲୀ ଡାଇନାମସ ଦଳ ବଦଳରେ ଓଡ଼ିଶା ଏଫ୍ ସି ଦଳ ଭାଗ ନେଇଛନ୍ତି।

ଏହି ଲିଗ୍ ୨୦୧୩ରେ ଆରମ୍ଭ ହୋଇ ଏଥର ଷଷ୍ଠ ସଂସ୍କରଣରେ ପହଞ୍ଚିଛି। ଭାରତର ଏହି ସର୍ବବୃହତ୍ ଫୁଟବଲ ଲିଗ୍‌ରେ ଏଟିକେ ଦୁଇଥର, ଚେନ୍ନାଇନ୍ ଦଳ ଦୁଇଥର ଓ ବେଙ୍ଗାଲୁରୁ ଏଫ୍‌ସି ଥରେ ଚାମ୍ପିୟନ ହୋଇଛି। ଭାରତରେ ଫୁଟବଲ ବିକାଶ ଲାଗି ରିଲାଏନ୍ସର ମାଲିକାଣୀ ନୀତା ଅମ୍ବାନୀ, କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି, ବଲିଉଡ ଷ୍ଟାର ରଣବୀର ସିଂ, ଜନ୍ ଆବ୍ରାହାମ ଓ ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ଚେଷ୍ଟିତ ଅଛନ୍ତି ଓ ଫୁଟବଲ ଦଳଗୁଡ଼ିକ ଗଠନ କରୁଛନ୍ତି।

ପ୍ରଥମଥର ପାଇଁ ଓଡ଼ିଶା ଏଫ୍‌ସି ଦଳ ଗଠନ ହୋଇଥିବାରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୯ଟି ମ୍ୟାଚ୍ ଆୟୋଜନ ହେବ। ନଭେମ୍ବର ୨୩ ତାରିଖରେ ଓଡ଼ିଶା ପ୍ରତିପକ୍ଷ ଏଟିକେକୁ ଭେଟିବ। ପ୍ରତ୍ୟେକ ମୁକାବିଲା ପାଇଁ ହିରୋ ଅଫ୍ ଦି ମ୍ୟାଚ୍, ଇମର୍ଜିଂ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯିବ। ପ୍ରତ୍ୟେକ ଦଳରେ ୭ଜଣ ବିଦେଶୀ କିମ୍ବା ଅତିକମ୍‌ରେ ୬ଜଣ ଖେଳାଳି ସାମିଲ ହୋଇପାରିବେ। ପ୍ରତ୍ୟେକ ମ୍ୟାଚ୍‌ରେ ୫ଜଣ ବିଦେଶୀ ଖେଳାଳି ଭାଗ ନେଇପାରିବେ। ମ୍ୟାଚ୍‌ଗୁଡ଼ିକ ସନ୍ଧ୍ୟା ୭.୩୦ରୁ ଆରମ୍ଭ ହେବ। ଗତବର୍ଷ ଓଡ଼ିଶା ସରକାର ଇଣ୍ଡିଆନ ଆରୋଜ ଦଳକୁ ଘରୋଇ ଦଳଭାବେ ଗ୍ରହଣ କରିଥିଲେ। ଖେଳଗୁଡ଼ିକ ଦିନ ୨ଟାରୁ ଆରମ୍ଭ ହୋଇଥିବାରୁ ଦର୍ଶକ ସଂଖ୍ୟା କମ୍ ଥିଲା। ଯଥେଷ୍ଟ ପରିମାଣରେ ପ୍ରଚାର ଓ ପ୍ରସାର ହେଲେ ଆଇଏସ୍ଏଲ୍‌ର ଦର୍ଶକ ସଂଖ୍ୟାରେ ବୃଦ୍ଧି ଘଟିବ। ଓଡ଼ିଶା ଏଫସି କିଛି ବିଦେଶୀ ଓ ଭାରତୀୟ ଖେଳାଳିଙ୍କୁ ନେଇ ଗଠିତ ହୋଇଛି। ଓଡ଼ିଶା ଏଫ୍‌ସି ନିଜ ଦଳ ହୋଇଥିବାରୁ କଳିଙ୍ଗ ଷ୍ଟାଡିୟମରେ ଦର୍ଶକ ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଛି। ଏଥି ସହ ଓଡ଼ିଶାର ଦୁଇ ଖେଳାଳି ଶୁଭମ ଷଡ଼ଙ୍ଗୀ, ଅଙ୍କିତ୍ ଭୂୟାଁ ଓଡ଼ିଶା ଏଫ୍‌ସି ପାଇଁ ଖେଳିବାର ସୁଯୋଗ ହାସଲ କରିବେ।

ଆଇଏସ୍ଏଲ୍ ଦଳଗୁଡ଼ିକ ଭାରତର ବିଭିନ୍ନ ଷ୍ଟାଡିୟମକୁ ଘରାଇ ଗ୍ରାଉଣ୍ଡ ରୂପେ ଗ୍ରହଣ କରିଛି। ଏଟିକେର ଘରୋଇ ଗ୍ରାଉଣ୍ଡ ହେଉଛି କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ। ସେହିପରି ବେଙ୍ଗାଲୁରୁର ଘରୋଇ ଷ୍ଟାଡିୟମ ହେଉଛି ଶ୍ରୀକାନ୍ତେରଭା ଷ୍ଟାଡିୟମ। ଚେନ୍ନାଇର ଜବାହରଲାଲ ନେହରୁ ଷ୍ଟାଡିୟମ ହେଉଛି ଚେନ୍ନାଇନ୍ ଏଫ୍‌ସିର ଘରୋଇ ଦଳ। ଗୋଆ ଏଫ୍‌ସିର ହୋମ୍ ଗ୍ରାଉଣ୍ଡ ହେଉଛି ଫତୋର୍ଦା ଷ୍ଟାଡିୟମ। ସେହିପରି ହାଇଦ୍ରାବାଦର ଘରୋଇ ଷ୍ଟାଡିୟମ ହେଉଛି ଗୋଛିବାଓ୍ୱଲି ଷ୍ଟାଡିୟମ। ଜେଆରଡି ଷ୍ଟାଡିୟମ ହେଉଛି ଜାମ୍‌ସେଦପୁର ଏଫ୍‌ସି ଦଳରେ ହୋମ୍ ଗ୍ରାଉଣ୍ଡ। କୋଚିର ଜବାହରଲାଲ ନେହରୁ ଷ୍ଟାଡିୟମ ହେଉଛି କେରଳର ଗ୍ରାଉଣ୍ଡ। ମୁମ୍ବାଇ ଫୁଟବଲ ଷ୍ଟାଡିୟମ ହେଉଛି ମୁମ୍ବାଇ ସିଟି ଦଳର ଘରୋଇ ଷ୍ଟାଡିୟମ। ନର୍ଥଇଷ୍ଟ ୟୁନାଇଟେଡର ଘରୋଇ ଗ୍ରାଉଣ୍ଡ ହେଉଛି ଗୁଆହାଟୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ। ସେହିପରି ଓଡ଼ିଶା ଏଫ୍‌ସିର ଘରୋଇ ମ୍ୟାଚ୍‌ଗୁଡ଼ିକ ହୋମ ଗ୍ରାଉଣ୍ଡ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ।

ଫୁଟବଲର ପ୍ରୋତ୍ସାହନ ଲାଗି ରାଜ୍ୟ ସରକାରଙ୍କ ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସା ଯୋଗ୍ୟ। ତେବେ ତୃଣମୂଳସ୍ତରରେ ଫୁଟବଲର ବିକାଶ ଲାଗି ଯୋଜନା କଲେ ଭଲ ହୁଅନ୍ତା। ଓଡ଼ିଶା ଏଫ୍‌ସି କୋଚ୍ ଯୋସେଫ ଗାମ୍ବାଉ ମଧ୍ୟ ଏ ନେଇ ଅନୁକୂଳ ମତ ପୋଷଣ କରିଛନ୍ତି। ଓଡ଼ିଶାରେ ପ୍ରତିଭାର ଚିହ୍ନଟ ଓ ବିକାଶ ନିମନ୍ତେ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି। ଏଥିପାଇଁ ସ୍କୁଲ ଓ କଲେଜସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ କହିଛନ୍ତି। ମୋଟାମୋଟି ଉପରେ କହିବାକୁ ଗଲେ ଓଡ଼ିଶା ଏଫ୍‌ସି ଗଠନ ପରେ ରାଜ୍ୟରେ ଫୁଟବଲର ବିକାଶ ହେବା ସମ୍ଭାବନା ବଢ଼ିଛି। ଏ ଦିଗରେ ଦଳ କେତେ ସଫଳ ହେଉଛି ତାହା ଆଗାମୀ ଦିନରେ ଜଣା ପଡ଼ିବ।

**ଓଡ଼ିଶା ଏଫସି ଦଳ:** ଅଲବିନୋ ଗୋମ୍ସ, ଅଙ୍କିତ୍ ଭୂୟାଁ, ଅର୍ଶଦୀପ ସିଂ, ଫ୍ରାନ୍‌ସିସ୍କୋ ଦୋରେସୋଁ, କାର୍ଲୋସ ଡେଲଗାଡୋ, ଲାଲ୍‌ରୁଆନମାଇଓ୍ୱା, ଗୌରବ ବୋରା, ମହମ୍ମଦ ସାଜିଦ ଧୋତେ, ନାରାୟଣ ଦାସ, ରାଣା ଘରାମି (ନିଲମ୍ବିତ), ବିକ୍ରମଜିତ ସିଂ, ଦିଓ୍ୱାନଡୋଭ ଡିଆଗ୍ନେ, ଜେରି ମାଓମିଙ୍ଗ୍‌ତାଙ୍ଗା, ମାର୍କୋସ ତେବର, ମାର୍ଟିନ ପେରେଜ, ଗୁଏଦୋସ, ନନ୍ଦ କୁମାର, ଶୁଭମ ଷଡ଼ଙ୍ଗୀ, ବିନୀତ ରାଏ, ଜିସ୍କୋ ହର୍ନାଣ୍ଡେଜ୍, ଅରିଦେନ ସାଣ୍ଟାନା ଓ ଡାନିଏଲ୍ ଲାଲହିମ୍ପୁଇଆ।

**ଓଡ଼ିଶା ଏଫ୍‌ସି**

ସଂକ୍ଷିପ୍ତ ନାମ: ଓଏଫ୍‌ସି
ସ୍ଥାପନ: ୨୦୧୪ ଜୁଲାଇ ୧୬, ଦିଲ୍ଲୀ ଡାଇନାମସ ଏଫ୍‌ସି ନାମରେ
ହୋମ ଗ୍ରାଉଣ୍ଡ: କଳିଙ୍ଗ ଷ୍ଟାଡିୟମ
କାପାସିଟି: ୧୫,୦୦୦
ଲିଗ୍: ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)
ହେଡ୍ କୋଚ୍: ଜୋସେଫ ଗାମ୍ବାଉ
ଆସିଷ୍ଟାଣ୍ଟ କୋଚ୍: ଥାଙ୍ଗବୋଇ ସିଙ୍ଗଟୋ
ଗୋଲକିପିଂ କୋଚ୍: ପଉ ରୋଭିରା କ୍ରୁଆ

# ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ରୋମାଞ୍ଚ କ୍ରମେ ବଢ଼ିବାରେ ଲାଗିଛି। ଏହି ଚାମ୍ପିୟନଶିପ୍ ଅନ୍ତର୍ଗତ ବର୍ତ୍ତମାନ ସୁଦ୍ଧା ୩ଟି ସିରିଜ ଖେଳାଯାଇ ସାରିଛି। ସେଥିରୁ ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା ଓ ଇଂଲଣ୍ଡ-ଅଷ୍ଟ୍ରେଲିଆ ସିରିଜ ଡ୍ର ରହିଥିବାବେଳେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ସିରିଜ ବିଜୟୀ ହେବାରେ ସକ୍ଷମ ହୋଇଛି। ୱେଷ୍ଟଇଣ୍ଡିଜକୁ ଏହାର ଘରୋଇ ମାଟିରେ ୨ ମ୍ୟାଚ ବିଶିଷ୍ଟ ସିରିଜରେ ହରାଇ ଭାରତ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି...**

ଟେଷ୍ଟ ହିଁ କ୍ରିକେଟର ଶ୍ରେଷ୍ଠ ଫର୍ମାଟ। ଟେଷ୍ଟ ଫର୍ମାଟକୁ ଆହୁରି ରୋମାଞ୍ଚକର ଏବଂ ମଜାଦାର କରିବା ପାଇଁ ଆଇସିସି ଭିନ୍ନ ପରିକଳ୍ପନା କରିଛି। ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଅନ୍ତର୍ଗତ ଭାରତ-ୱେଷ୍ଟଇଣ୍ଡିଜ ଏବଂ ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଏବଂ ଇଂଲଣ୍ଡ-ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ଆଶେସ ସିରିଜ ଶେଷ ହୋଇଛି। ବିଶ୍ୱ ଟି୨୦ ଚାମ୍ପିୟନ ୱେଷ୍ଟଇଣ୍ଡିଜକୁ ସମସ୍ତ ଫର୍ମାଟରେ ପରାସ୍ତ କରି ଟିମ୍ ଇଣ୍ଡିଆ କ୍ଲିନ ସୁଇପ୍ କରିଛି। ୱେଷ୍ଟଇଣ୍ଡିଜ ଗସ୍ତରେ ଯୁବ ଖେଳାଳିମାନଙ୍କୁ ନେଇ ପ୍ରଭାବୀ ପ୍ରଦର୍ଶନ କରିବା ଟିମ୍ ଇଣ୍ଡିଆ ପାଇଁ ନିଶ୍ଚିତ ଭାବେ ଏକ ବଡ ସଫଳତା।

ଦୁର୍ବଳ ୱେଷ୍ଟଇଣ୍ଡିଜ ଏକଦା ବିଶ୍ୱ କ୍ରିକେଟରେ ଫାଷ୍ଟ ବୋଲିଂ ପାଇଁ ବିଶେଷ ପରିଚିତ ଥିଲା। ଏହି ଦଳର ବୋଲରଙ୍କୁ ମୁକାବିଲା କରିବା ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ଥିଲା। ମାତ୍ର ଏବେ ସେହି ଦେଶର ଦ୍ରୁତ ବୋଲିଂରେ ଧାର ନ ଥିବା ପ୍ରତୀୟମାନ ହେଉଛି। ଘରୋଇ ମାଟିରେ ଟିମ୍ ଇଣ୍ଡିଆର ଯୁବ ବ୍ୟାଟ୍ସମ୍ୟାନ୍‌ଙ୍କ ଉପରେ ସେମାନେ ସେପରି ପ୍ରଭାବ ପକାଇ ପାରିନାହାନ୍ତି। ଫଳରେ ବିରାଟ ବାହିନୀ ସିରିଜ ସୁଇପ ସହ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ନିଜର ଅଭିଯାନ ଆରମ୍ଭ କରିଛି। ଅନ୍ୟପକ୍ଷରେ ଭାରତୀୟ ଦ୍ରୁତ ବୋଲରମାନେ ଉଚ୍ଚକୋଟୀର ପ୍ରଦର୍ଶନ କରି ଯେପରି ୱେଷ୍ଟଇଣ୍ଡିଜ ବ୍ୟାଟିଂ ଲାଇନକୁ ଧ୍ୱସ୍ତ କଲେ ତାହା ପ୍ରଶଂସାଯୋଗ୍ୟ। ଯଶପ୍ରୀତ୍ ବୁମରା ଭାରତ ପାଇଁ ମୁଖ୍ୟ ଦ୍ରୁତ ବୋଲର ସାବ୍ୟସ୍ତ ହୋଇଥିଲେ ମଧ୍ୟ ଅଭିଜ୍ଞ ମହମ୍ମଦ ସାମି ଏବଂ ଇଶାନ୍ତ ଶର୍ମା ମଧ୍ୟ ଚମତ୍କାର ପ୍ରଦର୍ଶନ କରିବାରେ ସଫଳ ହୋଇଥିଲେ। ଟେଷ୍ଟ ବୋଲର ହିସାବରେ ଇଶାନ୍ତ ଶର୍ମା ଯଥେଷ୍ଟ ଉନ୍ନତି କରିବା ସହିତ ବଲରେ ବିବିଧତା ଆଣିବାରେ ସକ୍ଷମ ହୋଇଥିଲେ। ଟିମ୍ ଇଣ୍ଡିଆ ଆଗକୁ ଦେଶ ବିଦେଶରେ ଖେଳିବାକୁ ଥିବା ଟେଷ୍ଟ ସିରିଜ ପ୍ରସ୍ତୁତ। ବୁମରା, ସାମି, ଇଶାନ୍ତ ଏବଂ ଉମେଶ ଯାଦବ ଭାରତୀୟ ପେସ ବୋଲିଂର ମୁଖ୍ୟ ଅସ୍ତ୍ର। ଅଗଷ୍ଟ ୧ରୁ ଆଇସିସି ଦ୍ୱାରା ଘୋଷିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଇଂଲଣ୍ଡ-ଅଷ୍ଟ୍ରେଲିଆ ଆଶେସ୍ ସିରିଜରୁ ଆରମ୍ଭ ହୋଇଥିଲା। ୱେଷ୍ଟଇଣ୍ଡିଜ ବିପକ୍ଷରେ ୨ଟି ଟେଷ୍ଟ ବିଜୟ ଦ୍ୱାରା ଭାରତ ୧୨୦ ପଏଣ୍ଟ ସହିତ ଟେବୁଲର ପ୍ରଥମସ୍ଥାନ ଅଧିକାର କରିଛି। ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା ସିରିଜ ୧-୧ରେ ଡ୍ର ରହିଥିଲା। ଫଳରେ ଉଭୟ ଦଳ ୬୦ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ୫ ମ୍ୟାଚ ବିଶିଷ୍ଟ ଆଶେସ ସିରିଜରେ ଅଷ୍ଟ୍ରେଲିଆ ୨ଟି ଏବଂ ଇଂଲଣ୍ଡ ୨ଟି ମ୍ୟାଚ ଜିତିଥିବାବେଳେ ଗୋଟିଏ ଟେଷ୍ଟ ଡ୍ର ରହିଥିଲା। ଫଳରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ୫୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ୨ଟି ଯାକ ଟେଷ୍ଟ ହାରିଥିବାରୁ ପଏଣ୍ଟ ଖାତା ଖୋଲି ପାରିନାହିଁ। ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ପାକିସ୍ତାନ ଏହି ଚାମ୍ପିୟନଶିପ୍ ଅନ୍ତର୍ଗତ ଟେଷ୍ଟ ଖେଳିବା ଆରମ୍ଭ କରି ନାହାନ୍ତି।

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ଜିତିଛି | ହାରିଛି | ଡ୍ର | ପଏଣ୍ଟ |
|---|---|---|---|---|---|
| ଭାରତ | ୨ | ୨ | ୦ | ୦ | ୧୨୦ |
| ନ୍ୟୁଜିଲାଣ୍ଡ | ୨ | ୧ | ୧ | ୦ | ୬୦ |
| ଶ୍ରୀଲଙ୍କା | ୨ | ୧ | ୧ | ୦ | ୬୦ |
| ଅଷ୍ଟ୍ରେଲିଆ | ୫ | ୨ | ୨ | ୧ | ୫୬ |
| ଇଂଲଣ୍ଡ | ୫ | ୨ | ୨ | ୧ | ୫୬ |
| ୱେଷ୍ଟଇଣ୍ଡିଜ | ୨ | ୦ | ୨ | ୦ | ୦ |
| ଦ.ଆଫ୍ରିକା | ୦ | ୦ | ୦ | ୦ | ୦ |
| ବାଂଲାଦେଶ | ୦ | ୦ | ୦ | ୦ | ୦ |
| ପାକିସ୍ତାନ | ୦ | ୦ | ୦ | ୦ | ୦ |




ଟେଷ୍ଟ କ୍ରିକେଟ ଏବଂ ଡେଜ୍ ମ୍ୟାଚର ଫର୍ମାଟକୁ ଉଜ୍ଜୀବିତ କରି ରଖିବାକୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏକ ଅଭିନବ ପ୍ରୟାସ। ଏପରି ଏକ ଉଦ୍ୟମ ପାଇଁ ଆଇସିସିକୁ ବିଶ୍ୱର କୋଣ ଅନୁକୋଣରୁ ଭୂୟସୀ ପ୍ରଶଂସା ମିଳିଛି। ୨୦୧୯ରୁ ଆଶେସ୍ ସିରିଜରୁ ଆରମ୍ଭ ହୋଇ ୨୦୨୧ ପର୍ଯ୍ୟନ୍ତ ଟେଷ୍ଟ ପ୍ଲେଇଂ ଦେଶଗୁଡ଼ିକ ମଧ୍ୟରେ ମ୍ୟାଚ/ସିରିଜ ଅନୁଷ୍ଠିତ ହେବ। ଶେଷରେ ଦୁଇବର୍ଷର ଫଳାଫଳକୁ ନେଇ ପଏଣ୍ଟ ଟେବୁଲର ଶୀର୍ଷରେ ଥିବା ଦୁଇ ଦଳ ମଧ୍ୟରେ ୨୦୨୧ ଜୁନ୍‌ରେ ଇଂଲଣ୍ଡରେ ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗର ୯ଟି ସଫଳ ଦେଶକୁ ନେଇ ଏହି ଚାମ୍ପିୟନଶିପ୍ ଖେଳାଯାଉଛି। ଜିମ୍ବାୱେ ଦଳକୁ ଆଇସିସି ବାସନ୍ଦ କରିଥିବା ବେଳେ ନୂତନ ଭାବେ ଟେଷ୍ଟ କ୍ୟାପ ପାଇଥିବା ଆଫଗାନିସ୍ତାନ ଏବଂ ଆୟର୍ଲାଣ୍ଡ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସୁଯୋଗ ପାଇ ନାହାନ୍ତି। ଆଇସିସିର ନିୟମ ଅନୁସାରେ ଏହି ୯ଟି ଦେଶ ଆଗାମୀ ଦୁଇବର୍ଷ ମଧ୍ୟରେ ୬ଟି ଲେଖାଏ ଦ୍ୱିପାକ୍ଷିକ ସିରିଜ ଖେଳିବେ। ଏହା ସେମାନଙ୍କର ବୋର୍ଡ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆଇସିସି ଅନୁମୋଦନ ହୋଇଥିବା ଆବଶ୍ୟକ। ଏଥିପାଇଁ ପ୍ରତ୍ୟେକ ଦେଶ ନିର୍ଦ୍ଧାରିତ ୬ଟି ସିରିଜ ମଧ୍ୟରୁ ୩ଟି ସିରିଜ ନିଜ ମାଟିରେ ଖେଳିବାକୁ ଥିବା ବେଳେ ଅନ୍ୟ ୩ଟି ସିରିଜ ବିଦେଶରେ ଖେଳିବା ବାଧ୍ୟତାମୂଳକ। ମାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ୯ଟି ଦେଶ ପ୍ରତି ଦଳ ବିପକ୍ଷରେ ଖେଳିବା ବାଧ୍ୟତାମୂଳକ ନୁହେଁ। ପ୍ରତ୍ୟେକ ଦଳ ୮ଟି ଟିମ୍ ବିପକ୍ଷରେ ନ ଖେଳି ୬ଟି ଦଳ ସହିତ ଖେଳିବା ଆବଶ୍ୟକ। ପ୍ରତ୍ୟେକ ସିରିଜ ପାଇଁ ୧୨୦ ପଏଣ୍ଟ ରହିଥିବା ବେଳେ କୌଣସି ଦ୍ୱିପାକ୍ଷିକ ସିରିଜରେ ଦୁଇଟିରୁ ପାଞ୍ଚୋଟି ଟେଷ୍ଟ ରହିବ।

ଟିମ୍ ଇଣ୍ଡିଆ ଆଗାମୀ ଦୁଇ ବର୍ଷ ମଧ୍ୟରେ ଘରୋଇ ପରିବେଶରେ ୩ଟି ଓ ବାହାରେ ୩ଟି ଟେଷ୍ଟ ସିରିଜ ଖେଳିବ। ଘରୋଇ ଟେଷ୍ଟ ସିରିଜ ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଏବଂ ଇଂଲଣ୍ଡ ମଧ୍ୟରେ ଖେଳିବା କାର୍ଯ୍ୟକ୍ରମ ରହିଛି। ବିଦେଶ ମାଟିରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨ ମ୍ୟାଚ ବିଶିଷ୍ଟ ସିରିଜ ଖେଳି ସାରିଥିବାବେଳେ ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ସହିତ ଆଗକୁ ଖେଳିବାକୁ ଅଛି। ଆସନ୍ତା ଅକ୍ଟୋବର, ନଭେମ୍ବରରେ ଦକ୍ଷିଣ ଆଫ୍ରିକା ସହିତ ଘରୋଇ ମାଟିରେ ୩ଟି ଟେଷ୍ଟ, ନଭେମ୍ବରରେ ବାଂଲାଦେଶ ସହିତ ୨ଟି ଟେଷ୍ଟ, ୨୦୨୦ ଫେବୃୟାରୀରେ ବିଦେଶରେ ନ୍ୟୁଜିଲାଣ୍ଡ ସହିତ ୨ଟି ଟେଷ୍ଟ, ଏହିବର୍ଷ ଡିସେମ୍ବରରେ ଅଷ୍ଟ୍ରେଲିଆ ସହିତ ୪ଟି ଟେଷ୍ଟ ଏବଂ ୨୦୨୧ ଜାନୁୟାରୀ-ଫେବୃୟାରୀରେ ଘରୋଇ ମାଟିରେ ଇଂଲଣ୍ଡ ସହିତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ।

କ୍ରିକେଟ୍‌ର ଏହି ପାରମ୍ପରିକ ଫର୍ମାଟର ପରିକଳ୍ପନା ବାସ୍ତବିକ୍ ପ୍ରଶଂସାଯୋଗ୍ୟ। ଦିନକୁ ଦିନ ଟେଷ୍ଟ ମ୍ୟାଚରୁ କ୍ରୀଡାପ୍ରେମୀଙ୍କ ଆଗ୍ରହ କମିଯାଉଥିବାରୁ ଆଇସିସିର ଏହି ନୂତନ ପରିକଳ୍ପନାକୁ ସବୁ ଦେଶରୁ ପୂର୍ଣ୍ଣ ସମର୍ଥନ ମିଳିବାକୁ ଲାଗିଛି। ସମସ୍ତ ପୁରାତନ ଟେଷ୍ଟ ଖେଳାଳି ଏହାକୁ ସ୍ୱାଗତ କରିବା ସହ ନୂଆ ପଦକ୍ଷେପ ଟେଷ୍ଟକୁ ନୂଆ ରୂପ ଦେବ ବୋଲି କହିଛନ୍ତି। ଗତ ଆଶେସ ଟେଷ୍ଟର ୩ୟ ମ୍ୟାଚରେ ଅମ୍ପାୟରଙ୍କ ଭୂମିକାକୁ ନେଇ ବେଶ ଚର୍ଚ୍ଚା ହୋଇଥିଲା। ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡର ଅନୁରୋଧ କ୍ରମେ ଆଇସିସି ଅମ୍ପାୟର ଜୋଏଲ ୱିଲ୍‌ସନ୍ ଏବଂ କ୍ରିସ୍ ଗାଫନିଙ୍କୁ ମ୍ୟାଚ ପରିଚାଳନାରୁ ଅନ୍ତର କରିଥିଲା। ଡିଆରଏସ୍‌କୁ ନେଇ ମଧ୍ୟ ସମାଲୋଚନା ଆରମ୍ଭ ହୋଇଛି। ଏପରିକି ଆଇସିସିର ଟେକ୍ନିକାଲ୍ କମିଟି ଏହାକୁ ପୁନର୍ବିଚାର କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ମତି ଦେଇଛି। ଏଥିମଧ୍ୟରେ 'କ୍ୟାରମ ବଲ୍'ର ଜନକ ରହସ୍ୟମୟ ଶ୍ରୀଲଙ୍କା ସ୍ପିନର ଅଜନ୍ତା ମେଣ୍ଡିସ ନିଜର ଆକସନ୍ ପାଇଁ ଦୀର୍ଘ ୪ବର୍ଷ ଅନ୍ତର୍ଜାତୀୟ କ୍ରିକେଟରୁ ଦୂରେଇ ରହିବା ପରେ ଅବସର ଘୋଷଣା କରିଛନ୍ତି। ୨ୟ ଟେଷ୍ଟରେ ଯଶପ୍ରୀତ ବୁମରା ହ୍ୟାଟ୍ରିକ୍ ନେବାପରେ ପୂର୍ବତନ ଖେଳାଳି ଏବଂ ବର୍ତ୍ତମାନର କ୍ରିକେଟ ଭାଷ୍ୟକାର ଇଆନ୍ ବିଶପ୍ ତାଙ୍କର ବୋଲିଂ ଆକସନ୍‌କୁ ନେଇ ସନ୍ଦେହ ପ୍ରକାଶ କରିଥିଲେ। ଜିମ୍ବାୱେର ପୁନଃ ପ୍ରତ୍ୟାବର୍ତ୍ତନକୁ ନେଇ ଆଲୋଚନା ଚାଲିଥିବା ବେଳେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପରିକଳ୍ପନାର ବାସ୍ତବତା ଏବଂ ସଫଳତା ଆଇସିସି ପାଇଁ ବେଶ୍ ଚ୍ୟାଲେଞ୍ଜ ସୃଷ୍ଟି କରିବ।

**-ନିର୍ମଳ କୁମାର ମିଶ୍ର**



## ପେସା- ନିଶା

ଆଇବିଏସ୍ଏଫ୍ ଓ୍ୱାର୍ଲ୍ଡ ସ୍ନୁକର ଟିମ୍
ଇଭେଣ୍ଟରେ ସୁନା ପୁଅ
ଭାରତୀୟ ଯୋଡି ପଙ୍କଜ- ଆଦିତ୍ୟ
ଚାମ୍ପିୟନ ଓ୍ୱିଶ୍ ନିଅ
ପେସା ନିଶା ଏକ ଲୟ
ପାଇଁ ତେଇଶତମ ବିଶ୍ୱ ଟାଇଟଲ
ଜିତିଛି ପଙ୍କଜ ପୁଅ।।।୧

ଭାରତୀୟ ଲେଡି କ୍ରିକେଟ ଦଳର
ଦୀପ୍ତି ଶର୍ମା ଆମ ରାଣୀ
ଚାରି ଓଭରରେ ଚାରି ଉଇକେଟ ତିନି
ମେଡେନ ଓଭର ପୁଣି
ଡେଟ୍ ମନେ ରଖ ଗଣି
ପେସା ନିଶା ପାଇଁ ଦୀପ୍ତି ରଚିଅଛି
ଏଭଳି ରେକର୍ଡ ମଣି।।।୨



ସେବାଷ୍ଟିଆନ କୋଙ୍କ ଠାରୁ ପି.ଟି. ଉଷା ପୁରସ୍କାର ଗ୍ରହଣ କରୁଛନ୍ତି।

ଆଇଏଏଏଫ୍ ଭେଟେରାନ ପିନ୍ ଆଓ୍ୱାର୍ଡ
ପାଇ ଅଛି ପିଟି ଉଷା
ଚିଫ୍ ସେବାଷ୍ଟିଆନଙ୍କୁ ଥ୍ୟାଙ୍କ୍ସ ପାଇଁ ନାହିଁ
ଦୌଡରାଣୀ ପାଖେ ଭାଷା
କୀର୍ତ୍ତି ରଚିଥିଲେ ଔଶା
ସମ୍ମାନ ମିଳଇ ନାଁ ଗାଁ ପଡେ
ବଢ଼ି ନାଶ କରେ ନିଶା।।।୩

**-ସୁବାସ ଚନ୍ଦ୍ର ପ୍ରଧାନ**

କର୍ପୋରେଟ ଟିକସ ହ୍ରାସ ସହ ତାଳ ଦେଇ ଘରୋଇ ନିବେଶ ବୃଦ୍ଧି ପାଇଚାଲିବ। ଏଭଳି ନିବେଶକୁ କ୍ଷତି ଭାବେ ଦର୍ଶାଇବାକୁ ବ୍ୟାଙ୍କଗୁଡ଼ିକ ରାଜି।
**-ଉଦୟ କୋଟାକ୍, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏମ୍‌ଡି**



କୃଷି କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ବିଗ୍ ଡାଟା ଗେମ୍‌ଚେଞ୍ଜର ହେବାକୁ ଯାଉଛି। ୨୦୨୦ ସୁଦ୍ଧା ସରକାର ୮୦% ଡାଟା ସଂଗ୍ରହ କରିସାରିଥିବେ।
**-ସଞ୍ଜୟ ଅଗ୍ରୱାଲ, କେନ୍ଦ୍ର କୃଷି ସଚିବ**



## ସଂକ୍ଷେପରେ

### ଠିକ୍ ସମୟରେ ଆୟକର ଛାଡ଼ ନିଷ୍ପତ୍ତି: ଅର୍ଥ ରାଷ୍ଟ୍ରମନ୍ତ୍ରୀ

ନୂଆଦିଲ୍ଲୀ,୨୬-୯: ସରକାର ଠିକ୍ ସମୟରେ ଆୟକର ଛାଡ଼ ସୀମା ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଗୁରୁବାର କହିଛନ୍ତି। ଗତ ସପ୍ତାହରେ ସରକାର କର୍ପୋରେଟ ଟିକସ ହ୍ରାସ ଘୋଷଣା କରିଥିଲେ। ଏହାପରେ ମାନ୍ଦାବସ୍ଥା ଦୂର ଲାଗି ଚାହିଦା ଓ ଖର୍ଚ୍ଚ ବଢ଼ାଇବା ଉଦ୍ଦେଶ୍ୟରେ ବ୍ୟକ୍ତିଗତ ଆୟକର ଛାଡ଼ ସୀମା ବୃଦ୍ଧି କରିବାକୁ ଦାବି ଜୋର୍ ଧରିଛି। ଠାକୁର କହିଛନ୍ତି ଯେ, ଆୟକର ଛାଡ଼ ସମ୍ପର୍କରେ ସରକାର ଉଚିତ୍ ସମୟରେ ନିଷ୍ପତ୍ତି ନେବେ। ସରକାର ପୂର୍ବରୁ ଆୟକର ଛାଡ଼ ସୀମାକୁ ୨.୫ ଲକ୍ଷରୁ ବଢ଼ାଇ ୫ ଲକ୍ଷ ଟଙ୍କା କରିସାରିଛନ୍ତି। ଭବିଷ୍ୟତରେ ସମୟ ଆସିଲେ ସରକାର ଏ ଦିଗରେ ନିଷ୍ପତ୍ତି ନେବେ ବୋଲି ସେ ଉଲ୍ଲେଖ କରିଛନ୍ତି। ପିଏମ୍‌ସି ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପ୍ରଶ୍ନ ହେବାରୁ ଠାକୁର କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ମଧ୍ୟ ଏକ ଭୂମିକା ରହିଛି ଏବଂ ଏହା ନିଜର କାମକୁ ଭଲ ଭାବେ ତୁଲାଉଛି। ସମସ୍ତ ଦିଗକୁ ଭଲ ଭାବେ ତର୍ଜମା କରିବା ପରେ ଆର୍‌ବିଆଇ ପଦକ୍ଷେପ ଘୋଷଣା କରିଛି ବୋଲି ସେ କହିଛନ୍ତି। ମେହୁଲ ଚୋକ୍‌ସିଙ୍କ ପ୍ରତ୍ୟର୍ପଣ ସମ୍ପର୍କରେ ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ ଗେଷ୍ଟନ ବ୍ରାଉନଙ୍କ ମନ୍ତବ୍ୟ ଉପରେ ନିଜ ପ୍ରତିକ୍ରିୟାରେ ଠାକୁର କହିଛନ୍ତି ଯେ, ସରକାର ଦେବାଳିଆ ଆଇନକୁ ଏଭଳି କଠୋର କରିଛନ୍ତି ଯେ, କୌଣସି ବ୍ୟକ୍ତି ଜନତାଙ୍କ ଅର୍ଥକୁ ନେଇ ପଳାଇ ପାରିବେ ନାହିଁ।

■ ଏଲ୍‌ପିଜି ଯୋଗାଣ ବିଳମ୍ବିତ କଲା ସୌଦି ଆରବ

# ଚାହିଦା ମେଣ୍ଟାଇବା ନେଇ ମୁଣ୍ଡବ୍ୟଥା

**ନୂଆଦିଲ୍ଲୀ,୨୬-୯**



ସୌଦି ଆରବର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଆରାମ୍‌କୋର ଦୁଇଟି ତୈଳ କୂଅ ଉପରେ ଡ୍ରୋନ୍ ଆକ୍ରମଣ ପରେ ଭାରତକୁ ଏଲ୍‌ପିଜି ଯୋଗାଣ ହ୍ରାସ ପାଇବାକୁ ଯାଉଛି। ଏଲ୍‌ପିଜି ଯୋଗାଣ ବିଳମ୍ବିତ ହେବ ବୋଲି ସୌଦି ଆରବ କହିବା ପରେ ଦେଶର ୩ ତୈଳ କମ୍ପାନୀଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଛି। ଆଗକୁ ଦଶହରା ସମେତ ଦୀପାବଳି ଆସୁଛି। ଏହି ସମୟରେ ଭାରତରେ ଏଲ୍‌ପିଜି ଚାହିଦା ବୃଦ୍ଧି ପାଇଥାଏ। ଏହାକୁ ଦୃଷ୍ଟିରେ ରଖି ଏବେ ଦେଶର ତୈଳ କମ୍ପାନୀମାନେ ଅନ୍ୟ ବଜାର ଉପରେ ନଜର ପକାଇବା ଆରମ୍ଭ କରିଛନ୍ତି।

ଇଣ୍ଡିଆନ ଅଏଲ କର୍ପୋରେଶନର ଅଧ୍ୟକ୍ଷ ସଞ୍ଜୀବ ସିଂ କହିଛନ୍ତି ଯେ, ଏସିଆ ବଜାରରେ ଚାହିଦା ବୃଦ୍ଧି ପାଇଥିବାରୁ ଏବେ ବର୍ଦ୍ଧିତ ଏଲ୍‌ପିଜି କେଉଁଠୁ ଆସିବ ସେ ନେଇ ଭାଳେଣି ପଡିଲାଣି। କାରଣ ଭାରତ ପେଟ୍ରୋଲିୟମ ପକ୍ଷରୁ ଏହାକୁ କିଣିବା ଲାଗି ଟେଣ୍ଡର ଜାରି କରାଯାଇଥିଲେ ସୁଦ୍ଧା କୌଣସି ଯୋଗାଣକାରୀ ରାଷ୍ଟ୍ର ଅଦ୍ୟାବଧି ଏଥିପ୍ରତି ଆଗ୍ରହ ଦେଖାଉନାହାନ୍ତି। ସେ କହିଛନ୍ତି ଯେ, ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ସୌଦି ଆରବରୁ ଅକ୍ଟୋବର ପାଇଁ ଏଲ୍‌ପିଜି ଆସିବା ବିଳମ୍ବିତ ହେବ। ଆରାମ୍‌କୋ ସମେତ ଅନ୍ୟ ତୈଳ କମ୍ପାନୀମାନେ ଏ ସମ୍ପର୍କରେ ଭାରତକୁ ଜଣାଇ ଦେଇଛନ୍ତି। ଅନ୍ୟପକ୍ଷରେ ପାର୍ବଣ ଋତୁରେ ଏଲ୍‌ପିଜି ଚାହିଦା ନିଶ୍ଚିତ ଭାବେ ଅଧିକ ରହିବ ବୋଲି ଉଲ୍ଲେଖ କରି ସିଂ କହିଛନ୍ତି ଯେ, ଅଧିକ ଏଲ୍‌ପିଜି ଯୋଗାଡ କରିବା ଲାଗି ଯଥାସାଧ୍ୟ ପ୍ରୟାସ ଚାଲିଛି। ଦେଶ ପାଇଁ ଅକ୍ଟୋବର-ନଭେମ୍ବର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସମସ୍ତ ତୈଳ କମ୍ପାନୀ ପକ୍ଷରୁ ଅଧିକ ଏଲ୍‌ପିଜି ଯୋଗାଡ ଲାଗି ଚେଷ୍ଟା ଚାଲିଛି। ସୂଚନାଥାଉ କି, ଏଲ୍‌ପିଜି ଆମଦାନୀ କ୍ଷେତ୍ରରେ ଭାରତ ବିଶ୍ୱରେ ଦ୍ୱିତୀୟ ସର୍ବବୃହତ ଦେଶ। ଏହା ନିଜର ଚାହିଦାର ଅର୍ଦ୍ଧାଧିକ ସୌଦି ଆରବ, କାତାର, ଓମାନ ଓ କୁଏତ୍‌ରୁ ହାସଲ କରିଥାଏ। ସେପ୍ଟେମ୍ବରରେ ମୌସୁମୀ ବର୍ଷା ବନ୍ଦ ହେବା ପରେ ଏଲ୍‌ପିଜି ଚାହିଦା ସାଧାରଣତଃ ବଢ଼ିଥାଏ ବୋଲି ସିଂ କହିଛନ୍ତି। ଏହାଛଡ଼ା ଉଜ୍ଜ୍ୱଳା ଯୋଜନା କାରଣରୁ ଦେଶରେ ଏବେ ଏଲ୍‌ପିଜି ଚାହିଦା ଯଥେଷ୍ଟ ବଢ଼ିଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଚଳିତ ସପ୍ତାହରେ ଆରାମ୍‌କୋର ନିଅଣ୍ଟକୁ ଆବୁଧାବୀ ନ୍ୟାଶନାଲ ଅଏଲ୍ କୋ. ପୂରଣ କରିଥିଲା। ଦୁଇଟି ଜାହାଜ ଆସନ୍ତା ୨ ସପ୍ତାହ ମଧ୍ୟରେ ଭାରତ ପହଞ୍ଚିବ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୨୪ରେ ଟୁଇଟ୍ କରିଥିଲେ। ତେବେ ସିଂ ଦେଶବାସୀଙ୍କୁ ଆଶ୍ୱସ୍ତ କରି କହିଛନ୍ତି ଯେ, ଦେଶରେ ଏଲ୍‌ପିଜିର ସଙ୍କଟ ନାହିଁ। ତେବେ ଆଗାମୀ ଦିନରେ ଅତିରିକ୍ତ ଚାହିଦା ମେଣ୍ଟାଇବା ଲାଗି ପୂର୍ବରୁ ପ୍ରସ୍ତୁତ ହେଉଛୁ। ସେ କହିଛନ୍ତି ଯେ, ସୌଦି ଆରବରୁ ପ୍ରାୟ ୬ ଲକ୍ଷ ଟନ ଏଲ୍‌ପିଜି ଆସିବା କମିବ। ବିପିସିଏଲ୍ ରିଫାଇନେରିଜ ନିର୍ଦ୍ଦେଶକ ଆର୍.ରାମଚନ୍ଦ୍ରନ କହିଛନ୍ତି ଯେ, ଆମ ନିକଟରେ ବିକଳ୍ପ ନାହିଁ। ବିଦେଶରୁ ସର୍ବଦା ଏଲ୍‌ପିଜି ଆମଦାନୀ କରିବାକୁ ହେବ ଏବଂ ସବୁଦିନ ବିଦେଶୀ ଜାହାଜ ଭାରତକୁ ଆସୁଥାଉ ବୋଲି ରାମଚନ୍ଦ୍ରନ କହିଛନ୍ତି।

# କମ୍ପାନୀଙ୍କଠୁ ଇପିଏଫ୍‌ଓ ମାଗୁଛି ଏସ୍‌ସି-ଏସ୍‌ଟି କର୍ମଚାରୀଙ୍କ ତଥ୍ୟ

**ନୂଆଦିଲ୍ଲୀ,୨୬-୯**

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ସାରା ଦେଶରେ ଥିବା ସରକାରୀ ଓ ଘରୋଇ କମ୍ପାନୀଙ୍କଠାରୁ କାର୍ଯ୍ୟରତ ସମସ୍ତ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) କର୍ମଚାରୀଙ୍କର ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛି। ସମ୍ପୂର୍ଣ୍ଣ ତଥ୍ୟ ମିଳିବା ପରେ ସରକାର ଏଭଳି କର୍ମଚାରୀଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦେବାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଇପିଏଫ୍ ଆକାଉଣ୍ଟରେ ନିଜ ତରଫରୁ ଅଂଶଦାନ ଦେଇପାରନ୍ତି ବୋଲି ଜଣାପଡ଼ିଛି। ଏହାର ଫାଇଦା ଘରୋଇ କର୍ମଚାରୀଙ୍କୁ ମଧ୍ୟ ମିଳିବ। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଶ୍ରମ ମନ୍ତ୍ରଣାଳୟ ଏସ୍‌ସି ଓ ଏସ୍‌ଟି କର୍ମଚାରୀଙ୍କୁ ନିଯୁକ୍ତି ଦେଉଥିବା ରାଷ୍ଟ୍ରାୟତ୍ତ ଓ ଘରୋଇ କମ୍ପାନୀଙ୍କୁ ମଧ୍ୟ ପ୍ରୋତ୍ସାହନ ଦେବାକୁ ବିଚାର କରୁଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଇପିଏଫ୍‌ଓ ନିଜର ୧୩୬ ଆଞ୍ଚଳିକ କାର୍ଯ୍ୟାଳୟ ଜରିଆରେ ଉକ୍ତ ତଥ୍ୟ ଯୋଗାଡ କରୁଛି। ନୀତି ଆୟୋଗ ପକ୍ଷରୁ କରାଯାଉଥିବା ଏକ ଅଧ୍ୟୟନ ଜରିଆରେ ଶ୍ରମ ମନ୍ତ୍ରଣାଳୟ ଇପିଏଫ୍‌ଓ ଉକ୍ତ ତଥ୍ୟ ସଂଗ୍ରହ କରୁଛି।

■ ସ୍ପଷ୍ଟ କଲେ ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ

# ଚୋକ୍‌ସିଙ୍କୁ ଭାରତ ପ୍ରତ୍ୟର୍ପଣ କରାଯିବ

**ନ୍ୟୁୟର୍କ,୨୬-୯**



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସି ଜଣେ ଚାଲବାଜ୍ ବୋଲି ଆଣ୍ଟିଗୁଆ ଓ ବାର୍‌ବୁଡା ପ୍ରଧାନମନ୍ତ୍ରୀ ଗାଷ୍ଟନ ବ୍ରାଉନ କହିଛନ୍ତି। ଅଦାଲତରେ ଚାଲିଥିବା ମାମଲାର ରାୟ ପ୍ରକାଶ ପରେ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯିବ ବୋଲି ବ୍ରାଉନ କହିଛନ୍ତି। ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନାକାଳରେ ସେ କହିଛନ୍ତି ଯେ, ଚୋକ୍‌ସିଙ୍କୁ ଭାରତ ପଠାଇପାରିବେ ନାହିଁ। ସେ ଜଣେ ଖଳ ପ୍ରକୃତିର ବ୍ୟକ୍ତି ଓ ଆଣ୍ଟିଗୁଆକୁ ତାଙ୍କ ମାଧ୍ୟମରେ କୌଣସି ଫାଇଦା ମିଳିବ ନାହିଁ। ସରକାର ଆଇନ ପାଳନ କରୁଥିବାରୁ ଏଭଳି ପ୍ରକ୍ରିୟାରେ ହସ୍ତକ୍ଷେପ କରିବାକୁ ଚାହାନ୍ତି ନାହିଁ।

# ପିଏମ୍‌ସି ବ୍ୟାଙ୍କରେ ଫସିଛି ଆର୍‌ବିଆଇ ଅଧିକାରୀଙ୍କ ଅର୍ଥ

**ମୁମ୍ବାଇ,୨୬-୯**

ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋଅପରେଟିଭ (ପିଏମ୍‌ସି) ବ୍ୟାଙ୍କ ବିରୋଧରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର କଡ଼ା କାର୍ଯ୍ୟାନୁଷ୍ଠାନ ଯୋଗୁ ସାଧାରଣ ଜନତାଙ୍କ ଝାଳବୁହା ଅର୍ଥ ଫସିଯାଇଛି। ତେବେ କେନ୍ଦ୍ରୀୟ ବ୍ୟାଙ୍କର ଅଧିକାରୀମାନେ ମଧ୍ୟ ଏଥିରୁ ବାଦ୍ ପଡିନାହାନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ଆର୍‌ବିଆଇ ଅଧିକାରୀଙ୍କ



ଦ୍ୱାରା ପରିଚାଳିତ ଏକ ସମବାୟ ସଂସ୍ଥାର ପିଏମ୍‌ସି ବ୍ୟାଙ୍କରେ ୧୦୫ କୋଟି ଟଙ୍କାର ଫିକ୍ସଡ ଡିପୋଜିଟ(ସ୍ଥାୟୀ ଜମା) ରହିଛି। ରିପୋର୍ଟରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ କୋଅପରେଟିଭ କ୍ରେଡିଟ୍ ସୋସାଇଟି ଚଳିତ ଆର୍ଥିକ ବର୍ଷରେ ପିଏମ୍‌ସିରେ ଉକ୍ତ ଟଙ୍କା ଜମା କରିଛି। ଏଥିରେ ଆହୁରି କୁହାଯାଇଛି ଯେ, ଆର୍‌ବିଆଇ ଷ୍ଟାଫ୍ ଆଣ୍ଡ ଅଫିସର୍ସ କୋଅପରେଟିଭ କ୍ରେଡିଟ୍ ସୋସାଇଟିର ମଧ୍ୟ ଉକ୍ତ ବ୍ୟାଙ୍କରେ ସ୍ଥାୟୀ ଜମା ରହିଛି। ତେବେ କେତେ ଟଙ୍କାର ଜମା ରହିଛି, ତାହା ଜଣାପଡିନାହିଁ।

**ଦିନକରେ କାଢ଼ି ହେବ ୧୦ ହଜାର**

ପିଏମ୍‌ସି ଗ୍ରାହକଙ୍କ ଦାବି ଆଗରେ ମୁଣ୍ଡ ନୁଆଇ ଆର୍‌ବିଆଇ ଦୈନିକ ଟଙ୍କା ଉଠାଇବାର ସୀମାକୁ ୧ ହଜାରରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରିଛି। ପିଏମ୍‌ସି ଗ୍ରାହକ ଏଣିକି ଏହି ପରିମାଣ ଟଙ୍କା ବ୍ୟାଙ୍କ ଅଥବା ଏଟିଏମ୍‌ରୁ କାଢ଼ିପାରିବେ। ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ପିଏମ୍‌ସି ଉପରେ ୬ ମାସର କଟକଣା ଜାରି କରିବା ସହ ଦୈନିକ ୧ହଜାର ଟଙ୍କା କାଢ଼ିବାକୁ ଅନୁମତି ଦେଇଥିଲେ। ତେବେ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଗ୍ରାହକମାନେ କହିଆସୁଥିଲେ। ଅନ୍ୟପକ୍ଷରେ ପିଏମ୍‌ସିର ନିଲମ୍ବିତ ଏମ୍‌ଡି ଜୟ ଥମାସ କହିଛନ୍ତି ଯେ, ବ୍ୟାଙ୍କ ନିକଟରେ ପର୍ଯ୍ୟାପ୍ତ ଟଙ୍କା ରହିଛି ଏବଂ ଜନତାଙ୍କ ଅର୍ଥ ସେମାନଙ୍କ ନିକଟରେ ସୁରକ୍ଷିତ ଥିବାରୁ ଭୟଭୀତ ହେବା ଉଚିତ ନୁହେଁ।



■ ଦୁର୍ଗାପୂଜାରେ ତନିଷ୍କର ନୂଆ ଅଫର

# ସୁନା ଓ ହୀରା ଗହଣାରେ ୨୫% ରିହାତି

**ଭୁବନେଶ୍ୱର, ୨୬-୯(ବ୍ୟୁରୋ)**

ଦୁର୍ଗାପୂଜା ଉପଲକ୍ଷେ ତନିଷ୍କ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଆଣିଛି। ଉଭୟ ସୁନା ଓ ହୀରା ମୂଲ୍ୟରେ ୨୫% ରିହାତି ମିଳିବ। ଏହି ଅଫର ରାଜ୍ୟର ସମସ୍ତ ତନିଷ୍କ ଷ୍ଟୋରରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଚଳିତ ମାସ ୨୯ରୁ ଆସନ୍ତା ଅକ୍ଟୋବର ୭ ମଧ୍ୟରେ ଏହି ଅଫର ଉପଲବ୍ଧ ହେବ। ଏଥିସହ ତନିଷ୍କ ସ୍ୱତନ୍ତ୍ର ଭାବେ ଐଶାନୀ ପ୍ରସ୍ତୁତ କରିଛି। ଯାହାର ମୂଲ୍ୟ ୧୦ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଏହି ଅଫର ସମୟସୀମା ଭିତରେ ସୁନ ଗହଣା ଗଢ଼ା ମୂଲ୍ୟରେ ଓ ହୀରା ଗହଣାରେ ୨୫% ରିହାତି ମିଳିବ ବୋଲି ତନିଷ୍କ ପକ୍ଷରୁ କୁହାଯାଇଛି।

# କର୍ପୋରେଟ ଟିକସ ହ୍ରାସ ବିତ୍ତୀୟ ନିଅଣ୍ଟ ବଢ଼ାଇବ:ଫିଚ୍

**ନୂଆଦିଲ୍ଲୀ,୨୬-୯**

କର୍ପୋରେଟ ଟିକସ ହ୍ରାସ ଦ୍ୱାରା ମଧ୍ୟବର୍ତ୍ତୀ ସମୟରେ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ସହାୟକ ହେବ। କିନ୍ତୁ ଏହାଦ୍ୱାରା ସରକାରଙ୍କ ବିତ୍ତୀୟ ନିଅଣ୍ଟ ପରିମାଣ ଧାର୍ଯ୍ୟ ଲକ୍ଷ୍ୟକୁ ଟପିଯିବ ବୋଲି ଫିଚ୍ ରେଟିଂ ଏଜେନ୍ସି ଏହାର ରିପୋର୍ଟରେ କହିଛି। ସୂଚନାଥାଉ କି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗତ ୨୦ରେ କର୍ପୋରେଟ ଟିକସକୁ ୨୫.୧୭%କୁ ହ୍ରାସ ଘୋଷଣା କରିଥିଲେ। ସେହିପରି ଅକ୍ଟୋବର ପହିଲାରୁ ପ୍ରତିଷ୍ଠିତ ହେବାକୁ ଥିବା ନୂଆ ଉଦ୍ୟୋଗ ପାଇଁ ମିନିମମ୍ ଅଲ୍ଟରନେଟ୍ ଟିକସକୁ ୧୫%କୁ କମାଯାଇଛି। ଏହାଦ୍ୱାରା ସରକାର ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ପୂର୍ବବର୍ଷ ଠାରୁ ଅଧିକ ହେବ ବୋଲି ଫିଚ୍ କହିଛି। ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷ ଲାଗି ସରକାର ବିତ୍ତୀୟ ନିଅଣ୍ଟ ପରିମାଣକୁ ଜିଡିପିର ୩.୩%ରେ ରଖିବାକୁ ବଜେଟରେ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। କମ୍ପାନୀଙ୍କ ମଧ୍ୟରେ ପ୍ରତିଯୋଗିତା ବୃଦ୍ଧି ତଥା ଦକ୍ଷତା ବୃଦ୍ଧି ଲାଗି କର୍ପୋରେଟ ଟିକସ ହ୍ରାସକୁ ବ୍ୟବହାର କରାଯାଇପାରେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଦ୍ୱାରା ଅର୍ଥନୀତିରେ ମଧ୍ୟବର୍ତ୍ତୀ ସମୟରେ ଅଭିବୃଦ୍ଧି ହେବ ବୋଲି କୁହାଯାଇଛି। ଦେଶରେ ବ୍ୟବସାୟିକ ପରିବେଶରେ ଉନ୍ନତି ଅଣାଗଲେ ଏଫ୍‌ଡିଆଇ ଆସିବା କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପଡିବ ବୋଲି ରିପୋର୍ଟରେ କୁହାଯାଇଛି। ସୂଚନାଥାଉ କି, ଦେଶର ଜିଡିପି ବୃଦ୍ଧି ହାର କ୍ରମାଗତ ୫ମ ତ୍ରୈମାସ କମିଛି। ଅର୍ଥାତ୍ ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍‌ରେ ୫%କୁ ହ୍ରାସ ପାଇଛି। କର୍ପୋରେଟ ଟିକସ ହ୍ରାସର ଅନୁକୂଳ ପ୍ରଭାବ ଆସନ୍ତା ଆର୍ଥିକ ବର୍ଷ ୨୦୨୦-୨୧ରେ ଦେଖିବାକୁ ମିଳିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଜିଏସ୍‌ଟି ନେଟ୍‌ୱର୍କରେ ଆରମ୍ଭ ହେଲା ଅନ୍‌ଲାଇନ ରିଫଣ୍ଡ

**ନୂଆଦିଲ୍ଲୀ,୨୬-୯:** ଜିଏସ୍‌ଟି ନେଟ୍‌ୱର୍କ(ଜିଏସ୍‌ଟିଏନ୍)ରେ ଗୁରୁବାରଠାରୁ ଅନ୍‌ଲାଇନ ରିଫଣ୍ଡ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଏସ୍‌ଟିଏନ୍ ପକ୍ଷରୁ ଏ ସମ୍ପର୍କରେ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଅନ୍‌ଲାଇନ ରିଫଣ୍ଡ ବ୍ୟବସ୍ଥା ଉପସ୍ଥାପନ କରାଯିବା ଯୋଗୁ ଟିକସଦାତା ସହଜରେ ସେମାନଙ୍କର ରିଫଣ୍ଡ ଆବେଦନ(ଆର୍‌ଏଫଡି୦୧ ଫର୍ମ) ଦାଖଲ କରିପାରିବେ। ଟିକସ ଅଧିକାରୀ ଏହାକୁ ଅନ୍‌ଲାଇନରେ ପ୍ରକ୍ରିୟାକରଣ କରିପାରିବେ। ଅଧିକାରୀ ଏବଂ ଟିକସଦାତାଙ୍କ ମଧ୍ୟରେ ସମସ୍ତ ପ୍ରକାର ପତ୍ରାଳାପ ଅନ୍‌ଲାଇନରେ ହେବ।

■ ଇ-ଆକଳନ ବ୍ୟବସ୍ଥା

# ୪ ଲକ୍ଷ ଟିକସଦାତାଙ୍କୁ ଜାରି ହେବ ନୋଟିସ




- ■ ୧ ଲକ୍ଷରୁ ଊର୍ଦ୍ଧ୍ୱଙ୍କୁ ଦିଆଯାଇଛି ନୋଟିସ
- ■ ଉତ୍ତର ଦେବାକୁ ମିଳିଛି ୧୫ ଦିନ ସମୟ
- ■ ୧୦୦ ମାନଦଣ୍ଡ ଆଧାରରେ ହେବ ଇ-ଆକଳନ

**ନୂଆଦିଲ୍ଲୀ,୨୬-୯**

କେନ୍ଦ୍ର ସରକାର ଫେସ୍‌ଲେସ୍ ଟିକସ ରିଟର୍ନ ଯାଞ୍ଚ ବ୍ୟବସ୍ଥାର ଇ-ଆକଳନ ଘୋଷଣା କରିଛନ୍ତି। ଏହି ନୂଆ ବ୍ୟବସ୍ଥାରେ ଆୟକର ବିଭାଗ ପକ୍ଷରୁ ଏଭଳି ୪ ଲକ୍ଷ ଟିକସଦାତାଙ୍କୁ କରାଯାଇଛି ଯେଉଁମାନଙ୍କୁ ନୋଟିସ ଜାରି କରାଯିବ।

ମାମଲା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, ଆୟକର ବିଭାଗ ଇତିମଧ୍ୟରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟିକସଦାତାଙ୍କୁ ନୋଟିସ ପଠାଇ ସେମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟର୍ନ ଉପରେ ୧୫ ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛି। ତେବେ ପ୍ରାୟ ୧୦ ହଜାର ନୋଟିସ ଟିକସଦାତାଙ୍କ ନିକଟକୁ ପହଞ୍ଚିପାରିନାହିଁ ଓ କେତେକ ଫେରି ଆସିଛି। ଚଳିତ ମାସ ୩୦ ଯାଏ ଯାଞ୍ଚ ସହ ସମ୍ପର୍କିତ ସମସ୍ତ ପ୍ରକାର ନୋଟିସ ପଠାଯିବ ବୋଲି ସେ କହିଛନ୍ତି। ଆୟକର ବିଭାଗ ଚଳିତ ଆର୍ଥିକ ବର୍ଷ ଲାଗି କମ୍ପ୍ୟୁଟର ଆଧାରିତ ଯାଞ୍ଚ ଚୟନ(ସିଏଏସ୍‌ଏସ୍) ଚକ୍ରକୁ ଚୂଡ଼ାନ୍ତ କରିସାରିଛି ଏବଂ ନୂଆ ବ୍ୟବସ୍ଥାରେ ଯାଞ୍ଚ ଲାଗି ପ୍ରାୟ ୧୦୦ ମାନଦଣ୍ଡ ଧାର୍ଯ୍ୟ ହୋଇଛି। ଅଧିକାରୀଙ୍କ କହିବାନୁଯାୟୀ, ଅଘୋଷିତ ବିଦେଶୀ ଆୟ ଓ ଅସ୍ଥାବର ସମ୍ପତ୍ତି, ଉଚ୍ଚ ମୂଲ୍ୟର କାରବାର, ଦୀର୍ଘକାଳୀନ ପୁଞ୍ଜି ଲାଭକୁ ଠିକ୍ ଭାବେ ନ ଦର୍ଶାଇବା, ଟିଡିଏସ୍ ଦାବି ଟିକସ ଫର୍ମ ସହ ମେଳ ନ ଖାଇବା, ଆତ୍ମୀୟଙ୍କ ନାମରେ କରାଯାଇଥିବା ନିବେଶକୁ ଲୁଚାଇବା, ଭୁଲ୍ ଭାବେ ରିଟର୍ନ ପୂରଣ କରିବା, ପୂର୍ବ ଆର୍ଥିକ ବର୍ଷରେ ଟିକସ ଫାଙ୍କିକୁ ଉକ୍ତ ୧୦୦ ମାନଦଣ୍ଡ ମଧ୍ୟରେ ସାମିଲ କରାଯାଇଛି। ଏହା ଆଧାରରେ ଟିକସଦାତାଙ୍କୁ ନୋଟିସ ପଠାଯାଇଛି। ଯୋଜନା ଅନୁସାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଇ-ଆକଳନ ସମ୍ପୂର୍ଣ୍ଣ ଭାବେ ମାନବ ହସ୍ତକ୍ଷେପ ରହିତ ହେବ ନାହିଁ। କାରଣ ନିଜ ନିଜ କ୍ଷେତ୍ରର ଅଧିକାରୀ ଟିକସଦାତାଙ୍କ ପ୍ରୋଫାଇଲକୁ ବୁଝିବା ପରେ ନୋଟିସ ଜାରି କରିବା ପୂର୍ବରୁ ଏହାକୁ ସର୍ଭରରେ ଦେଖିବେ।


**ZILLA SWASTHYA SAMITI, ANGUL**

No.2066 Date: 26.09.2019

**NOTICE**

No further contractual engagements in the position of (Staff Nurse / Pharmacist / LT) only shall be made against Advertisement No.2873/15.11.2018 and No.3326/20.12.2018. Hence the panel of selected candidates for future & subsequent engagements made against the said advertisements in such positions as above is hereby cancelled.

**Sd./-**
**CDM & PHO Cum**
**District Mission Director, Angul**

**omfed** www.omfed.com
**ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍**
ଡି-୨, ଶହୀଦ ନଗର, ଭୁବନେଶ୍ୱର - ୭୫୧ ୦୦୭

**ଖାଉଟି ଜନସାଧାରଣଙ୍କ ନିମନ୍ତେ ସୂଚନା**

ଏତଦ୍ୱାରା ଓମ୍‌ଫେଡ୍‌ର ସମସ୍ତ ଖାଉଟିମାନଙ୍କୁ ଜଣାଇ ଦିଆଯାଉଅଛି କି ଋଷୀମାନଙ୍କଠାରୁ ଦୁଗ୍ଧର ସଂଗ୍ରହ ମୂଲ୍ୟ ବୃଦ୍ଧି ପରିପ୍ରେକ୍ଷୀରେ ଓମ୍‌ଫେଡ୍ କର୍ତ୍ତୃପକ୍ଷ ପ୍ୟାକେଟ୍ ଦୁଗ୍ଧର ଦର ତା-୨୭-୦୯-୨୦୧୯ ରିଖ ଠାରୁ ଲିଟର ପିଛା ୪ ଟଙ୍କା ବୃଦ୍ଧି କରିଛନ୍ତି । ନିମ୍ନରେ ନୂତନ ଦୁଗ୍ଧ ମୂଲ୍ୟସୂଚୀ ପ୍ରଦାନ କରାଗଲା ।

| ଦୁଗ୍ଧର ପ୍ରକାର | ପୂର୍ବ ଦର | ବର୍ଦ୍ଧିତ ଦର |
|---|---|---|
| ଟୋନ୍‌ଡ ଦୁଗ୍ଧ (୫୦୦ ମି.ଲି.) | ଟ.୧୭.୦୦ | ଟ.୧୯.୦୦ |
| ପ୍ରିମିୟମ ଦୁଗ୍ଧ (୫୦୦ ମି.ଲି.) | ଟ.୨୦.୦୦ | ଟ.୨୨.୦୦ |
| ଗୋଲ୍ଡ ପ୍ରିମିୟମ (୫୦୦ ମି.ଲି.) | ଟ.୨୦.୦୦ | ଟ.୨୨.୦୦ |

ଓମ୍‌ଫେଡ୍ ନିକଟରେ ବର୍ତ୍ତମାନ ଗଚ୍ଛିତ ଥିବା ପୁରୁଣା ପଲିଥିନ୍ ସରିବା ପର୍ଯ୍ୟନ୍ତ ଛାପାଥିବା ଦର ପରିବର୍ତ୍ତେ ନୂତନ ଦରରେ ଖାଉଟିମାନେ ଦୁଗ୍ଧ କ୍ରୟ କରିବେ ।
ଏଥିରେ ଓଡ଼ିଶାର ଖାଉଟି ଜନସାଧାରଣ ସହଯୋଗ କରିବା ନିମନ୍ତେ ଅନୁରୋଧ ।
ପରିଚାଳନା ନିର୍ଦ୍ଦେଶକ

Tel. 06766-258301(O)
email: se_nerwkjr@rediffmail.com

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**

No.388-O :- **"e" Procurement Notice for Road Works**
No. 2716 **Identification No. Road Online NCB No. 268** Date: 23-09-2019

1. Name of the work :- **Road Works under OMBADC in the District of Keonjhar.**
2. Estimated Cost :- As per Annexure in NIT.
3. Class of Contractor (Eligible) :- As per Annexure in NIT.
4. Period of Completion :- As per Annexure in NIT.
5. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No. 268 | Dt.03.10.19 at 11.00 AM | Dt.19.10.19 upto 3.00 PM | Dt.18.10.19 upto 3.00 PM | Dt.21.10.19 at 11.00 AM | Dt.26.10.19 at 11.00 AM |

- Further details can be seen from the website: www.tendersorissa.gov.in

Sd/- Superintending Engineer,
N.E.R.W. Circle, Keonjhar.

25048/11/0004/1920

**LINGARAJ LAW COLLEGE**
(Constituent College of Berhampur University)
BERHAMPUR-760010 (ODISHA)

No.701/LLC/BU/2019 Date : 26.09.2019

**NOTIFICATION FOR ENGAGEMENT OF CHARTERED ACCOUNTANT FIRMS FOR AUDIT**

Sealed Expression of interest (EoI) are invited from the Registered Charted Accountant Firms having a minimum of Five years experience to conduct statutory audit of accounts under various schemes of University Grant Commission (UGC) Grants received by Lingaraj Law College, Berhampur. The interested firms are required to offer their interest specifying the rates for audit of accounts of Grants received under plans of UGC to Lingaraj Law College with immediate effect. The firms have to commence the audit work immediately in time bound manner. The last date of submission of EoI is 3.30 P.M. of 15.10.2019 by Speed / Registered Post only. Interested and eligible firms may apply accordingly. The authority reserves the right to accept or reject any or all proposals without assigning any reason thereof.

**Sd./-**
**PRINCIPAL**



“ଟେଷ୍ଟ କ୍ରିକେଟ୍ ମାନସିକତା ଉପରେ ନିର୍ଭର କରେ। ମୋର ବିଶ୍ୱାସ ରହିଛି ରୋହିତ୍ ଶର୍ମା ଓପନର୍ ଭାବେ ସଫଳତା ହାସଲ କରିବେ।

–ଅଜିଙ୍କ୍ୟ ରାହାନେ, ଭାରତୀୟ ଟେଷ୍ଟ ଦଳର ଉପ ଅଧିନାୟକ



“ଶେଫାଳି ବର୍ମା ଜଣେ ପ୍ରତିଭାବାନ ଖେଳାଳି। ତାଙ୍କୁ ଠିକ୍ ଭାବରେ ଦିଗ୍‌ଦର୍ଶନ ଦେଇପାରିଲେ ଭବିଷ୍ୟତରେ ଜଣେ ଭଲ ଖେଳାଳି ହୋଇ ବାହାରିବେ।

–ମିଥାଲି ରାଜ, ଭାରତୀୟ ମହିଳା କ୍ରିକେଟ୍ ଅଧିନାୟିକା

## ସଂକ୍ଷେପରେ

### ମହିଳା ଟି୨୦: ବର୍ଷା ଯୋଗୁ ୨ୟ ମ୍ୟାଚ୍ ବାତିଲ

ସୁରତ, ୨୬।୯: ସ୍ଥାନୀୟ ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ମଧ୍ୟରେ ଗୁରୁବାର ଖେଳାଯିବାକୁ ଥିବା ୨ୟ ଟି୨୦ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ପ୍ରବଳ ବର୍ଷା କାରଣରୁ ମ୍ୟାଚ୍‌ର ଟସ୍ ପଡ଼ିବା ସମ୍ଭବପର ହୋଇପାରି ନ ଥିଲା। ଫଳରେ ଅମ୍ପାୟର ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୩ୟ ମ୍ୟାଚ୍ ରବିବାର ଏହି ଗ୍ରାଉଣ୍ଡରେ ଖେଳାଯିବ। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ୧୧ ରନରେ ଜିତି ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ସିରିଜରେ ୧-୦ରେ ଅଗ୍ରଣୀ ରହିଛି।

### ବିଜୟ ହଜାରେ ଟ୍ରଫି ପୁଣି ପଏଣ୍ଟ ଭାଗ କଲା ଓଡ଼ିଶା

ଭୁବନେଶ୍ୱର, ୨୬।୯ (ସ୍ପୋର୍ଟ୍ସ ବ୍ୟୁରୋ): ଭଦୋଦରାର ଦର୍ଶନକ ସ୍ପୋର୍ଟ୍ସ ଆଣ୍ଡ୍ ଏଜୁକେଶନ ଏକାଡେମୀ କ୍ରିକେଟ୍ ଗ୍ରାଉଣ୍ଡରେ ଗୁରୁବାର ଓଡ଼ିଶା ଓ ହରିୟାଣା ମଧ୍ୟରେ ଖେଳାଯାଉଥିବା ବିଜୟ ହଜାରେ ଟ୍ରଫି ଗ୍ରୁପ୍-ବି ମ୍ୟାଚ୍ ଖରାପ ପଡ଼ିଆ ଯୋଗୁ ବାତିଲ ହୋଇଯାଇଛି। ଲଗାଣ ବର୍ଷା ଯୋଗୁ ପଡ଼ିଆ ଖେଳ ଅନୁପଯୋଗୀ ହେବାରୁ ଅମ୍ପାୟର ମ୍ୟାଚ୍‌କୁ ବାତିଲ ଘୋଷଣା କରିଥିଲେ। ଫଳରେ ଉଭୟ ଓଡ଼ିଶା ଓ ହରିୟାଣା ୨ ପଏଣ୍ଟ ଲେଖାଏ ଅର୍ଜନ କରିଛନ୍ତି। ପୂର୍ବରୁ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ବରୋଦାକୁ ଭେଟିଥିବାବେଳେ ଏହି ମ୍ୟାଚ୍ ମଧ ସମାନ କାରଣ ଲାଗି ବାତିଲ ହୋଇଯାଇଥିଲା। ଓଡ଼ିଶା ଏବେ ୨ ମ୍ୟାଚ୍‌କୁ ୪ ପଏଣ୍ଟ ଅର୍ଜନ କରିଛି। ଶୁଭ୍ରାଂଶୁ ଶେଖର ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଶନିବାର ହିମାଚଳ ପ୍ରଦେଶକୁ ଭେଟିବ।

### ଶ୍ରୀନିବାସନଙ୍କ ଝିଅ ଟିଏନ୍‌ସିଏ ସଭାପତି



ଚେନ୍ନାଇ,୨୬।୯: ପୂର୍ବତନ ବିସିସିଆଇ ସଭାପତି ଏନ୍. ଶ୍ରୀନିବାସନଙ୍କ ଝିଅ ରୂପା ଗୁରୁବାର ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନ୍‌ସିଏ) ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବିସିସିଆଇର ଯେକୌଣସି ରାଜ୍ୟ ଶାଖାର ସଭାପତି ହେବାରେ ରୂପା ପ୍ରଥମ ମହିଳା। ଏଠାରେ ଅନୁଷ୍ଠିତ ୮୭ତମ ବାର୍ଷିକ ସାଧାରଣ ବୈଠକରେ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦ ପାଇଁ ସେ ଏକା ପ୍ରାର୍ଥିପତ୍ର ଦାଖଲ କରିଥିଲେ। ରବିବାର ଅନୁଷ୍ଠିତ ଟିଏନ୍‌ସିଏ କାର୍ଯ୍ୟକାରୀ ବୈଠକରେ ଗୁରୁବାର ନିର୍ବାଚନ କରାଇବାକୁ ନିଷ୍ପତ୍ତି ହୋଇଥିଲା। ଉଲ୍ଲେଖଥାଉ କି, ରୂପାଙ୍କ ସ୍ୱାମୀ ଗୁରୁନାଥ ମେୟାପ୍ପାନଙ୍କୁ ବିସିସିଆଇ କ୍ରିକେଟରୁ ଆଜୀବନ ବାସନ୍ଦ କରିଛି। ସେ ୨୦୧୩ ଆଇପିଏଲ ସ୍ପଟ୍ ଫିକ୍ସିଂ ସ୍କାଣ୍ଡାଲରେ ଜଡ଼ିତ ଥିଲେ।

### କ୍ୱାର୍ଟରରେ କାଶ୍ୟପ

ଇଞ୍ଚିଅନ,୨୬।୯: ଭାରତୀୟ ଶଟଲର ପାରୁପଲ୍ଲୀ କାଶ୍ୟପ କୋରିଆ ଓପନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ବର୍ଗର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ କାଶ୍ୟପ ମାଲେସିଆର ଡାରେନ ଲୁଇଙ୍କୁ ହରାଇ ଦେଇଛନ୍ତି। ୫୬ ମିନିଟ୍ ଧରି ଚାଲିଥିବା ମ୍ୟାଚ୍‌କୁ କାଶ୍ୟପ ୨୧-୧୭, ୧୧-୨୧, ୨୧-୧୨ ଗେମ୍‌ରେ ଜିତିଛନ୍ତି। ସେ ସେମିଫାଇନାଲରେ ୮ମ ସିଡ୍ ଇଣ୍ଡୋନେସିଆର ଆନ୍ଥୋନି ସିନିସୁକା ଗିଟିଂ ଓ ଡେନମାର୍କର ଜାନ ଓ' ଜୋର୍ଗେନସେନ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜେତାଙ୍କୁ ଭେଟିବେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକଧାରୀ କାଶ୍ୟପ ଚଳିତ ଟୁର୍ନାମେଣ୍ଟରେ ଏକମାତ୍ର ଭାରତୀୟ ଶଟଲର ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଅନ୍ୟ ଭାରତୀୟ ଶଟଲର ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇଥିଲେ।

■ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆଜିଠାରୁ

# ଲଙ୍ଗ୍‌ଜମ୍ପରୁ ଭାରତର ଅଭିଯାନ ଆରମ୍ଭ

ଦୋହା,୨୬।୯(ପି.ଟି.)



ନୂଆ ଜର୍ସିରେ ଭାରତୀୟ ଆଥଲେଟିକ୍ସ ଦଳର ଖେଳାଳିମାନେ।

କାତାର ରାଜଧାନୀ ଦୋହାର ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ବିଶ୍ୱ ଆଥଲେଟିକ ଚାମ୍ପିୟନଶିପ୍। ଅଲିମ୍ପିକ୍ସ ପରେ ଏହି ମେଗା ଇଭେଣ୍ଟ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଆଥ୍‌ଲେଟିକ୍ସ ଇଭେଣ୍ଟର ମାନ୍ୟତା ପାଇଛି। ଚାମ୍ପିୟନଶିପ୍‌ର ଏହି ୧୭ତମ ସଂସ୍କରଣ ଅକ୍ଟୋବର ୬ ତାରିଖରେ ଶେଷ ହେବ। ଏହି ମୋଗ ଇଭେଣ୍ଟର ଭାରତର ପ୍ରଦର୍ଶନ ଉତ୍ସାହଜନକ ହେବ ନାହିଁ। ଦୁଇ ବଡ଼ ତାରକା ନୀରଜ ଚୋପ୍ରା ଓ ହିମା ଦାସ ଇଞ୍ଜୁରି କାରଣରୁ ଏଥିରେ ଅଂଶଗ୍ରହଣ କରିବେ ନାହିଁ। ଫଳରେ ଭାରତ ପଦକ ଆଶା ପ୍ରଭାବିତ ହେବା ନିଶ୍ଚିତ ମନେ ହେଉଛି।

ବିଶ୍ୱସ୍ତରୀୟ ଜାଭେଲିନ ଥ୍ରୋୟର ନୀରଜ ଗତ ମେ'ରେ କହୁଣୀରେ ଅସ୍ତ୍ରୋପଚାର କରାଇଥିଲେ। ଏବେ ସେ ହାଲ୍‌କା ଅଭ୍ୟାସ ଆରମ୍ଭ କରିଛନ୍ତି। ସେହିପରି ମହିଳା ସ୍ପ୍ରିଣ୍ଟର ହିମା ପ୍ରାଥମିକ ଦଳରେ ସ୍ଥାନ ପାଇଥିଲେ। ୪ ମାସ ସେ ୟୁରୋପ୍‌ରେ ପ୍ରଶିକ୍ଷଣ ମଧ୍ୟ ନେଇଥିଲେ। ତେବେ ସେ ପିଠିର ନିମ୍ନ ଭାଗରେ ଆଘାତ ସମସ୍ୟା କାରଣୁ ଏହି ଚାମ୍ପିୟନଶିପ୍‌ରୁ ଓହରିଯାଇଛନ୍ତି। ଆହତ ହେବା ପୂର୍ବରୁ ସେ କେତୋଟି ଲୋ ଲିବଲ ରେସ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ହିମାଙ୍କ ଇଞ୍ଜୁରି ମ୍ୟାନେଜମେଣ୍ଟ ନେଇ ଆଥଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଅବଶ୍ୟ ତତ୍ପରତା ଦେଖାଇଛି। ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଥିବା ନୀରଜ ଫିଟ୍ ହୋଇଥିଲେ ଭାରତ ପାଇଁ ପଦକ ଜିତିବାର ସମ୍ଭାବନା ସୃଷ୍ଟି କରିଥାନ୍ତେ। ଅନ୍ୟପଟେ ହିମା ନିଜ ଫେଭରାଇଟ ଇଭେଣ୍ଟ ୪୦୦ ମି. ରେସ୍‌ରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ୫୦.୭୯ ସେକେଣ୍ଡରୁ ଯଥେଷ୍ଟ ପଛରେ ରହିଥିଲେ। ଗତବର୍ଷ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସେ ୪୦୦ମି. ରେ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।




ଏଥର ଭାରତୀୟ ଆଥଲେଟମାନେ କେଉଁ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିବେ ତାହା କହିବା କଷ୍ଟକର। ୩ଟି ୪ ଗୁଣା ୪୦୦ ମି. ରିଲେରେ ଭାରତ ପଦକ ହାସଲ କରିବ ବୋଲି ଏଏଫ୍‌ଆଇ ଆଶା ରଖିଛି। ଏଥର ଚାମ୍ପିୟନ୍‌ଶିପ୍‌ରେ ୪ ଗୁଣା ୪୦୦ମି. ମିକ୍ସ ପ୍ରଥମଥର ପାଇଁ ସାମିଲ କରାଯାଇଛି। ଏହି ଇଭେଣ୍ଟ ଉପରେ ଭାରତ ଆଶା ରହିଛି।

୨୦୦୩ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଞ୍ଜୁ ବବି ଜର୍ଜ ଲଙ୍ଗ୍ ଜମ୍ପରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ ଓ ଏହା ଏପର୍ଯ୍ୟନ୍ତ ଭାରତ ପାଇଁ ଏକମାତ୍ର ସଫଳତା ହୋଇ ରହିଛି। ଗତ ୨୦୧୭ ଲଣ୍ଡନ ସଂସ୍କରଣରେ ଏକମାତ୍ର ଭାରତୀୟ ଖେଳାଳି ଭାବେ ପୁରୁଷ ଜାଭେଲିନ୍‌ରେ ଦେବିନ୍ଦର ସି କାଙ୍ଗ୍ ଫାଇନାଲ୍ସରେ ପ୍ରବେଶ କରିଥିଲେ। ତେବେ ରେସ୍ ୱକର ଓ ମାରାଥନ ଧାବକମାନେ ନିରାଶ କରିଥିଲେ। ଏଥର ବିଶ୍ୱ ଚାମ୍ପିୟନଶିପ୍‌ରେ ୨୭ଜଣ ଭାରତୀୟ ଆଥଲେଟ ଅଂଶଗ୍ରହଣ କରିବେ। ରିଲେ ରେସ୍‌ରେ ୧୩ଜଣ ଭାଗନେବେ। ରିଲେ ଦୌଡ଼ିବା ସହିତ ଧାରୁନ ଆୟାସମି ବ୍ୟକ୍ତିଗତ ୪୦୦ମି. ହର୍ଡଲ୍ସରେ ମଧ୍ୟ ଅଂଶଗ୍ରହଣ କରିବେ। ଜାତୀୟ ରେକର୍ଡଧାରୀ ମହମ୍ମଦ ଆନସ ୪୦୦ମି. ବ୍ୟକ୍ତିଗତ ରେସରେ ଦୌଡ଼ିବେ ନାହିଁ। ଯଦିଓ ସେ ବିଶ୍ୱ ଚାମ୍ପିୟନଶିପ୍ କ୍ୱାଲିଫାଇଙ୍ଗ୍ ମାର୍କ ଅତିକ୍ରମ କରିଥିଲେ। ପୁରୁଷ ୪ ଗୁଣା ୪୦୦ମି.ରେ ସେ ନିଜର ଭାଗ୍ୟ ପରୀକ୍ଷା କରିବେ। କାରଣ ଏହି ଇଭେଣ୍ଟରେ ଭାରତ ଫାଇନାଲ୍ସରେ ପ୍ରବେଶ କରିବା ଆଶା ଅଧିକ ରହିଛି। ରିଲେ ରେସ୍‌ରେ ଶ୍ରେଷ୍ଠ ୮ଟି ସ୍ଥାନରେ ରହିଥିବା ଦଳକୁ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାଗ ନେବାର ସୁଯୋଗ ମିଳିବ।

ପ୍ରାଥମିକ ଭାବେ ହିମା ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ଫଳରେ ଭାରତ ୪ ଗୁଣା ୪୦୦ମି. ଓ ମିକ୍ସଡ ୪ ଗୁଣା ୪୦୦ମିରେ ପଦକ ଜିତିବାର ସମ୍ଭାବନା ଥିଲା। ଏବେ ହିମା ବାଦ୍ ପଡ଼ିଛନ୍ତି। ତେବେ ଏହା ସତ୍ତ୍ୱେ ଭାରତ ୪ ଗୁଣା ୪୦୦ମି ଫାଇନାଲ୍ସରେ ପ୍ରବେଶ କରିବ ବୋଲି ଡେପୁଟି ନ୍ୟାଶନାଲ ଚିଫ୍ କୋଚ୍ ରାଧାକ୍ରିଷ୍ଣନ୍ ନାୟାର କହିଛନ୍ତି।

ଆଥଲେଟ୍‌ମାନଙ୍କ ମଧ୍ୟରେ ଲଙ୍ଗଜମ୍ପର ଏମ୍. ଶ୍ରୀଶଙ୍କର, ମେଟ୍ରିକ ମାଇଲ ରନର ଜିନ୍‌ସନ ଜନସନ ଓ ଶଟ୍ ପୁଟର ତେଜିନ୍ଦର ପାଲ ସିଂ ତୁର ଫାଇନାଲ୍ସରେ ପହଞ୍ଚିବାକୁ ହେଲେ ଏମାନଙ୍କୁ ଶ୍ରେଷ୍ଠରୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ହେବ। ଓଡ଼ିଆ ତାରକା ଧାବିକା ଦ୍ୟୁତୀ ଚାନ୍ଦ ମଧ୍ୟ ଫାଇନାଲ୍ସରେ ପହଞ୍ଚିବାକୁ ପ୍ରୟାସ କରିବେ। ତେବେ ଏଥିପାଇଁ ତାଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ। ପୁରୁଷ ଲଙ୍ଗଜମ୍ପରେ ଶୁକ୍ରବାର ଶ୍ରୀଶଙ୍କର ପ୍ରଥମ ଦିବସରେ ଭାରତ ପାଇଁ ଅଭିଯାନ ଆରମ୍ଭ କରିବେ। ଏହି ଇଭେଣ୍ଟର ଫାଇନାଲ୍ସ ପାଇଁ ଅଟୋମେଟିକ କ୍ୱାଲିଫିକେଶନ ମାର୍କ ୮.୧୫ ମି. ରହିଛି। ତେବେ ଯଦି ଆବଶ୍ୟକ ସଂଖ୍ୟାରେ ଆଥଲେଟ୍ ଏହି କଟ୍‌ଅଫ୍ ମାର୍କ ଅତିକ୍ରମ ନ କଲେ ଏହାଠାରୁ କମ୍ ଦୂରତା ଜମ୍ପ କରୁଥିବା ଆଥ୍‌ଲେଟ୍ ଫାଇନାଲ୍ସକୁ ଉଠିପାରିବେ। ୨୦ ବର୍ଷୀୟ ଶ୍ରୀଶଙ୍କର ପୂର୍ବରୁ କ୍ୟାରିୟରରେ ଥରେ ମାତ୍ର ୮.୧୫ମିରୁ ଅଧିକ ଜମ୍ପ କରିଛନ୍ତି। ଗତବର୍ଷ ସେ ଜାତୀୟ ଓପନ୍‌ରେ ୮.୨୦ମି. ଜମ୍ପ୍ କରିଥିଲେ। କ୍ୱାଲିଫିକେଶନ ରାଉଣ୍ଡରେ ୨୭ ଲଙ୍ଗ୍ ଜମ୍ପର ଅଂଶଗ୍ରହଣ କରିବେ। ପ୍ରଥମ ଦିବସରେ ଆୟାସାମି ଓ ଏମ୍.ପି. ଜବିର ପୁରୁଷ ୪୦୦ମି. ହର୍ଡଲ୍ସ ହିଟ୍‌ରେ ଦୌଡିବେ। ଆୟାସାମିଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୪୮.୮୦ ମି. ରହିଛି। ହିଟ୍ ନମ୍ବର ୫ରୁ ସେ ସେମି ଫାଇନାଲ୍ସରେ ପହଞ୍ଚିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଥମ ହିଟ୍‌ରେ ଜବିର ଦୌଡିବେ। ପ୍ରତ୍ୟେକ ୫ଟି ହିଟ୍‌ର ପ୍ରଥମ ୪ ଜଣ ଧାବକ ଓ ପରବର୍ତ୍ତୀ ଦ୍ରୁତତମ ୪ ଧାବକ ସେମିଫାଇନାଲ୍ସରେ ପ୍ରବେଶ କରିବେ।

## ରାଜ୍ୟ ପ୍ରତିନିଧିଙ୍କ ନାମାଙ୍କନ ଶେଷ ତାରିଖ ଅକ୍ଟୋବର ୪

ନୂଆଦିଲ୍ଲୀ,୨୬।୯(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବାର୍ଷିକ ସାଧାରଣ ବୈଠକ ନିମନ୍ତେ ରାଜ୍ୟ ପ୍ରତିନିଧିଙ୍କ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୪କୁ ଧାର୍ଯ୍ୟ କରାଯାଇଛି। ବିସିସିଆଇ ନିର୍ବାଚନ ଅଧିକାରୀ ଏନ୍. ଗୋପାଳସ୍ୱାମୀ ଗୁରୁବାର ଏ ନେଇ ଡେଡ୍ ଲାଇନ୍ ଧାର୍ଯ୍ୟ କରିଛନ୍ତି।

ମୁମ୍ବାଇରେ ଅକ୍ଟୋବର ୨୩ ତାରିଖରେ ବିସିସିଆଇ ବାର୍ଷିକ ସାଧାରଣ ବୈଠକ ତଥା ନିର୍ବାଚନ ଆୟୋଜନ ହେବ। ପ୍ରଥମେ ଏହି ନିର୍ବାଚନ ୨୨ତାରିଖରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ମହାରାଷ୍ଟ୍ର ଓ ହରିୟାଣାରେ ବିଧାନସଭା ନିର୍ବାଚନ ଥିବାରୁ ବୋର୍ଡ ପକ୍ଷରୁ ନିର୍ବାଚନ ତାରିଖ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଅକ୍ଟୋବର ୪ ତାରିଖ ସନ୍ଧ୍ୟା ୫ଟା ବେଳେ ମତଦାତା ସୂଚୀ ପ୍ରକାଶ କରାଯିବ। ୧୦ ତାରିଖରେ ନିର୍ବାଚନର ଅନ୍ତିମ ମତଦାତା ସୂଚୀ ପ୍ରକାଶିତ ହେବ।

ଅକ୍ଟୋବର ୧୧, ୧୨ ଓ ୧୪ ତାରିଖ ସକାଳ ୧୧ରୁ ୩ଟା ମଧ୍ୟରେ ପ୍ରତିନିଧିମାନେ ନାମାଙ୍କନ ଦାଖଲ କରିପାରିବେ। ୧୫ ତାରିଖରେ ନାମାଙ୍କନ ପତ୍ରଗୁଡ଼ିକର ଯାଞ୍ଚ କରାଯିବ। ଏହି ଦିନ ପ୍ରାର୍ଥୀଙ୍କ ଅନ୍ତିମ ନାମ ତାଲିକା ଘୋଷଣା କରାଯିବ। ୨୩ରେ ନିର୍ବାଚନ ହେବା ପୂର୍ବରୁ ୧୬ ତାରିଖରେ ଲଢୁଥିବା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଅନ୍ୟପଟେ ରାଜ୍ୟ ଆସୋସିଏଶନଗୁଡ଼ିକ ଅକ୍ଟୋବର ୪ ତାରିଖ ସୁଦ୍ଧା ସେମାନଙ୍କ ନିର୍ବାଚନ ସମ୍ପନ୍ନ କରାଇବେ। ପୂର୍ବରୁ ପ୍ରଶାସକ କମିଟି (ସିଓଏ) ରାଜ୍ୟ ୟୁନିଟଗୁଡ଼ିକର ନିର୍ବାଚନ ତାରିଖ ୨କୁ ଘୁଞ୍ଚାଇଛି। ବିସିସିଆଇ ନିର୍ବାଚନ ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ସିଓଏର କାର୍ଯ୍ୟକାଳ ଶେଷ ହେବ।

## ଗ୍ଲୋଭ୍ସ ମାଗିକି ପ୍ରାକ୍ଟିସ କରୁଥିଲେ ପଙ୍ଘାଲ

ନୂଆଦିଲ୍ଲୀ,୨୬।୯

ବିଜେନ୍ଦର କୁମାର, ଅଖିଲ କୁମାର, ବିକାଶ କ୍ରିଷ୍ଣନ ଓ ଶିବ ଥପ୍ପାଙ୍କ ପରେ ଦେଶର ଉଦୀୟମାନ ବକ୍ସର ହେଉଛନ୍ତି ରୋହତକର ଅମିତ ପଙ୍ଘାଲ। ନିକଟରେ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ପଙ୍ଘାଲଙ୍କୁ ବକ୍ସର ହେବା ପାଇଁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ଯେତେବେଳେ ବକ୍ସିଂ ଆରମ୍ଭ କରିଥିଲେ ଧାରରେ ଗ୍ଲୋଭ୍ସ ଆଣି ପ୍ରାକ୍ଟିସ କରୁଥିଲେ। ତାଙ୍କୁ ସ୍ୱପ୍ନ ସତ କରିବା ପାଇଁ ବଡ଼ ଭାଇ ଅଜୟ ପୂରା ସମର୍ଥନ କରିଥିଲେ। ଅଜୟ ସାନ ଭାଇର କ୍ୟାରିୟର ପାଇଁ ନିଜ ବକ୍ସିଂ ଛାଡ଼ି ଦେଇଥିଲେ। ବକ୍ସିଂ ଛାଡ଼ିବା ପୂର୍ବରୁ ଅଜୟ ଜାତୀୟ ସ୍ତରୀୟ ଇଭେଣ୍ଟରେ ଖେଳି ସାରିଥିଲେ। ମୁଁ ଯେତେବେଳେ ବକ୍ସିଂ ଆରମ୍ଭ କରିଥିଲି, ସେତେବେଳେ ଆମ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିଲା। ଏଭଳି ପରିସ୍ଥିତି ସତ୍ତ୍ୱେ ଦୁଇ ଭାଇ ବକ୍ସର ହେବାକୁ ମନ ବଳାଇଥିଲେ। ପ୍ରଥମେ ଅଜୟ ଓ ପରେ ଅମିତ ବକ୍ସିଂ ବାଛିଥିଲେ। ଟ୍ରେନିଂ ବ୍ୟତୀତ ଜଣେ ବକ୍ସରଙ୍କ ଉଚିତ ଖାଇବା ଦରକାର, ଯାହା ପାଇଁ ଅର୍ଥ ଆବଶ୍ୟକ। ମୁଁ ମୋ ସାଙ୍ଗଙ୍କଠାରୁ ଧାରରେ ଗ୍ଲୋଭ୍ସ ନେଇ ଅଭ୍ୟାସ କରୁଥିଲି। ଆମ ନିକଟରେ ଗ୍ଲୋଭ୍ସ କିଣିବାକୁ ଅର୍ଥ ନ ଥିଲା। ଘରେ ଏ ନେଇ ଜଣାଉ ନ ଥିଲି। ଭାଇ ଆର୍ମି ପରୀକ୍ଷାରେ ସଫଳ ହୋଇ ଆର୍ମିରେ ଯୋଗ ଦେଇଥିଲେ। ସେ ଆୟ କରିବା ପରେ ମୋ ଡାଏଟ୍ ଓ ଆବଶ୍ୟକ ଉପକରଣ କିଣିଥିଲେ। ସେ ମୋତେ କେବଳ ବକ୍ସିଂରେ ମନ ଦେବାକୁ କହୁଥିଲେ। ମୁଁ ଆଜି ଯାହା ବି ଅଛି, ସବୁ ଭାଇଙ୍କ ପାଇଁ ବୋଲି ଅମିତ କହିଛନ୍ତି। ୨୩ ବର୍ଷୀୟ ବକ୍ସର ଗତ ବର୍ଷ ଅନୁଷ୍ଠିତ ଏସିଆନ ଗେମ୍ସ ସ୍ୱର୍ଣ୍ଣ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିଲେ। ଏଥିସହିତ ଏସିଆନ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ବ୍ରୋଞ୍ଜ ଓ ରୌପ୍ୟ ପଦକ ହାତେଇଥିଲେ।

## ଅଭ୍ୟାସ ମ୍ୟାଚ୍ ବର୍ଷା ଯୋଗୁ ପ୍ରଥମ ଦିନର ଖେଳ ବାତିଲ

ବିଜୟନଗରମ,୨୬।୯(ପି.ଟି.)

ସ୍ଥାନୀୟ ଡ. ଭିଜିଜି ରାଜୁ ଏସିଏ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବୋର୍ଡ ସଭାପତି ଏକାଦଶ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ତେବେ ପ୍ରବଳ ବର୍ଷା ଯୋଗୁ ପ୍ରଥମ ଦିନର ଖେଳ ସମ୍ପୂର୍ଣ୍ଣ ରୂପେ ଧୋଇଯାଇଛି। ଲଞ୍ଚ୍ ପର ସେସନରେ ଖେଳ ବାତିଲ କରିବାକୁ ଅମ୍ପାୟରମାନେ ନିଷ୍ପତ୍ତି ନେଇଥିଲେ। ବର୍ଷା ଯୋଗୁ ଟସ୍ ମଧ ପଡିପାରି ନ ଥିଲା। ବିଶାଖାପାଟଣାରେ ଆସନ୍ତା ୨ ତାରିଖରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିବାରୁ ଏହି ୱାର୍ମ ମ୍ୟାଚ୍‌ର ଗୁରୁତ୍ୱ ବଢିଯାଇଛି। ସଭାପତି ଏକାଦଶ ଅଧିନାୟକ ରୋହିତ ଶର୍ମାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଟେଷ୍ଟ ସିରିଜରେ ତାଙ୍କୁ ଓପନର ଭାବେ ଦଳରେ ସାମିଲ କରାଯାଇଥିବାରୁ ଏହି ଅଭ୍ୟାସ ମ୍ୟାଚ୍‌ରେ ସେ ଇନିଂସ ଓପନ୍ କରିବା ଆଶା କରାଯାଉଛି। ଯଶପ୍ରୀତ୍ ବୁମ୍‌ରା ଇଞ୍ଜୁରି କାରଣରୁ ଦଳରୁ ବାଦ୍ ପଡିଥିବାରୁ ତାଙ୍କ ବଦଳ ଖେଳାଳି ଉମେଶ ଯାଦବ ମଧ୍ୟ ଫୋକସରେ ରହିବେ।

## ‘ଇନିଂସ ଓପନ ପାଇଁ ନିବେଦନ କରିଥିଲି’

ନୂଆଦିଲ୍ଲୀ, ୨୬।୯ (ପି.ଟି.)



ସଚିନ ତେନ୍ଦୁଲକର

ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ବିଶ୍ୱ କ୍ରିକେଟ୍‌ର ସବୁଠାରୁ ମହାନ୍ ବ୍ୟାଟ୍ସମ୍ୟାନ ଭାବେ ବିବେଚନା କରାଯାଏ। ମଧ୍ୟକ୍ରମରୁ ଜଣେ ଦକ୍ଷ ଓପନର୍ ଭାବେ ସଚିନ ନିଜକୁ ଗଢ଼ି ବେଶ୍ ଖ୍ୟାତି ଅର୍ଜନ କରିପାରିଥିଲେ। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍‌ରେ ୧୮ ହଜାରରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବା ସହ ୪୯ ଶତକ ହାସଲ କରି ବିଶ୍ୱ ରେକର୍ଡକୁ ସଚିନ ନିଜ ନାମରେ ଲିପିବଦ୍ଧ କରିଛନ୍ତି। କିନ୍ତୁ ଏହି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନଙ୍କୁ ଏକଦା ଇନିଂସ ଓପନ୍ କରିବା ପାଇଁ ଟିମ୍ ମ୍ୟାନେଜମେଣ୍ଟ ପାଖରେ ବହୁତ ନିବେଦନ କରିବାକୁ ପଡ଼ିଥିଲା। ୨୫ ବର୍ଷ ତଳର ଏହି ଘଟଣାକୁ ସଚିନ ଏବେ ମନେପକାଇଛନ୍ତି।

ସୋସିଆଲ ମିଡିଆରେ ସଚିନ ଏହି ପୁରୁଣା ଦିନର ସ୍ମୃତିକୁ ମନେପକାଇ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ୧୯୯୪ ମସିହାରେ ଅକ୍‌ଲାଣ୍ଡରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍ ବିଷୟରେ ସେ ବର୍ଣ୍ଣନା କରିଛନ୍ତି। ‘୧୯୯୪ରେ ଯେତେବେଳେ ଭାରତ ପାଇଁ ଇନିଂସ ଓପନ୍ କରିବା ଆରମ୍ଭ କରିଥିଲି ସେତେବେଳେ ସମସ୍ତ ଟିମ୍ ପ୍ରାରମ୍ଭରୁ ଉଇକେଟ୍ ବଞ୍ଚାଇ ରଖିବାକୁ ରଣନୀତି ପ୍ରସ୍ତୁତ କରି ଖେଳୁଥିଲେ। କିନ୍ତୁ ମୋ ଚିନ୍ତାଧାରା ଭିନ୍ନ ଥିଲା। ଆଗରେ ବ୍ୟାଟିଂ କରିବାକୁ ଯାଇ ପ୍ରାରମ୍ଭରୁ ପ୍ରତିପକ୍ଷ ବୋଲରଙ୍କୁ ଆଟାକ୍ କରି ଖେଳିବାକୁ ମୁଁ ଚାହୁଁଥିଲି। ଏଥିଲାଗି ମୋତେ ଏକ ସୁଯୋଗ ଦେବା ପାଇଁ ବହୁ ନିବେଦନ କରିବାକୁ ପଡ଼ିଥିଲା। ଯଦି ମୁଁ ବିଫଳ ହେବି ତାହାଲେ ଆଉ ଆସିବିନି’ ବୋଲି ସଚିନ ଏହି ଭିଡିଓରେ କହିଛନ୍ତି। ଏହାକୁ ଏକ ଉଦାହରଣ ଭାବେ ନେଇ ବିଫଳତାକୁ ଭୟ ନ କରି ଜୀବନରେ ରିସ୍କ ଉଠାଇବାକୁ ସଚିନ ନିଜ ପ୍ରଶଂସକଙ୍କୁ କହିଛନ୍ତି।

‘ପ୍ରଥମ ମ୍ୟାଚ୍ (ନ୍ୟୁଜିଲାଣ୍ଡ ବିପକ୍ଷ)ରେ ମୁଁ ୨୯ ବଲରୁ ୮୨ ରନ୍ ସଂଗ୍ରହ କରିଥିଲି। ତେଣୁ ମୋତେ ଆଉଥରେ ସୁଯୋଗ ଦିଆଯାଉ ବୋଲି କଦାପି କହିବାକୁ ପଡ଼ିଲା ନାହିଁ। ମୁଁ ଓପନ୍ କରେ ବୋଲି ସେମାନେ ଉତ୍ସାହିତ ଥିଲେ। ବିଫଳତାକୁ କେହି ନ ଡରନ୍ତୁ’ ବୋଲି ସଚିନ ଏହି ଅବସରରେ ଉଲ୍ଲେଖ କରିଛନ୍ତି। ଇନିଂସ ଓପନିଂ କରିବାର ପ୍ରଥମ ୫ ଦିନିକିଆ ମ୍ୟାଚ୍‌ରେ ସଚିନ ଯଥାକ୍ରମେ ୮୨, ୬୩, ୪୦, ୬୩ ଓ ୭୩ ରନ ସଂଗ୍ରହ କରିଥିଲେ। ମୋଟ୍ ଉପରେ ଏହି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ୪୬୩ ଦିନିକିଆ ମ୍ୟାଚ୍‌ରୁ ୪୯ ଶତକ ସହାୟତାରେ ୧୮,୪୨୬ ରନ୍ କରିଥିଲେ।

## ମିଳିତ ପ୍ରଦର୍ଶନୀ ଟୁର୍ନାମେଣ୍ଟରେ ହରିୟାଣା ଚାମ୍ପିୟନ

ଭୁବନେଶ୍ୱର, ୨୬।୯(କ୍ରୀଡ଼ା ପ୍ରତିନିଧି)

କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ୫-ଏ-ସାଇଡ୍ ହକି (ମିଳିତ ମହିଳା-ପୁରୁଷ) ପ୍ରଦର୍ଶନୀ ଟୁର୍ନାମେଣ୍ଟର ସେମିଫାଇନାଲରେ ଓଡ଼ିଶା ପରାଜିତ ହୋଇଛି। ଫାଇନାଲରେ ଉତ୍ତର ପ୍ରଦେଶକୁ ୫-୪ ଗୋଲରେ ହରାଇ ହରିୟାଣା ଚାମ୍ପିୟନ ହୋଇଛି।

ପ୍ରଥମ ସେମିଫାଇନାଲରେ ହରିୟାଣା ନିକଟରୁ ଓଡ଼ିଶା ୩-୬ ଗୋଲରେ ହାରି ଯାଇଥିଲା। ହରିୟାଣା ପକ୍ଷରୁ ଅନୁ ୧ ଓ ୩, ପ୍ରଦୀପ ମୋର ୪, ୧୪ ଏବଂ ଅଧିନାୟକ ମନଦୀପ ଆଣ୍ଟିଲ ୧୭ ଓ ୧୮ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ପକ୍ଷରୁ ସୁଶୀଲ ଧନୱାର ୧୦, ଆଲବର୍ଟ ଟେଟେ ୧୩ ଓ ପ୍ରସାଦ କୁଜୁର ୧୮ତମ ମିନିଟରେ ଗୋଟିଏ ଲେଖାଏ




ଟ୍ରଫି ସହ ଚାମ୍ପିୟନ ହରିୟାଣା ଦଳର ଖେଳାଳିମାନେ।

**ଜାତୀୟ ସିନିୟର ୫-ଏ-ସାଇଡ୍ ହକି**

ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ଉତ୍ତର ପ୍ରଦେଶ ୮-୪ ଗୋଲରେ କର୍ଣ୍ଣାଟକକୁ ହରାଇ ଦେଇଥିଲା। ଫାଇନାଲଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧରେ ୪ଟି ଗୋଲ ଦେଇ ହରିୟାଣା ଡ୍ରାଇଭର ସିଟ୍‌ରେ ବସିଥିଲେ ହେଁ ଉତ୍ତର ପ୍ରଦେଶ ଦ୍ୱିତୀୟାର୍ଦ୍ଧରେ ଚମତ୍କାର ପ୍ରଦର୍ଶନ କରି ମ୍ୟାଚକୁ ରୋମାଞ୍ଚକ କରିଥିଲା। ମାତ୍ର ଶେଷରେ ଗୋଟିଏ ଗୋଲ ବ୍ୟବଧାନରେ ବାଜି ମାରିଥିଲା ହରିୟାଣା। ହରିୟାଣା ପକ୍ଷରୁ ପ୍ରଦୀବ ମୋର(୨,୧୮), ଦୀପିକା (୭, ୮) ଓ ମନଦୀପ (୪) ଏବଂ ଉତ୍ତର ପ୍ରଦେଶ ପକ୍ଷର ରାଜ କୁମାର ପାଲ(୧୨, ୧୩, ୧୭) ଏବଂ ଅଧିନାୟକ ମହମ୍ମଦ ଅମିର ଖାଁ (୧୯୦ ଗୋଲ ସ୍କୋର କରିଥିଲେ।

## ବେଲଜିୟମକୁ ହରାଇଲା ଭାରତ

ଆଣ୍ଟୱେରପ,୨୬।୯ (ପି.ଟି.)

ବେଲଜିୟମ ବିପକ୍ଷ ହକି ସିରିଜରେ ଭ୍ରମଣକାରୀ ଭାରତ ପ୍ରଥମ ମ୍ୟାଚ୍‌ରେ ୨-୦ରେ ବିଜୟୀ ହୋଇଛି। ମନଦୀପ ସିଂ ଓ ଆକାଶଦୀପ ସିଂ ଗୋଲ ବଳରେ ଭାରତ ଗୁରୁବାର ବେଲଜିୟମକୁ ହରାଇ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି। ମ୍ୟାଚ୍‌ର ୩୯ତମ ମିନିଟ୍‌ରେ ମନଦୀପ ଗୋଲ ନେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ୫୪ତମ ମିନିଟ୍‌ରେ ଆକାଶଦୀପ ଗୋଲ ସ୍କୋର କରି ଭାରତକୁ ଜିତାଇଥିଲେ। ପ୍ରଥମ ଦୁଇଟି କ୍ୱାର୍ଟରରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଅନ୍ତିମ କ୍ୱାର୍ଟରରେ ବେଲଜିମୟ ଆକ୍ରମଣାତ୍ମ ପ୍ରଦର୍ଶନ କରିଥିଲା ଓ ଗୋଲ ଦେବାର ସମ୍ଭାବନା ସୃଷ୍ଟି କରିଥିଲା। ଭାରତୀୟ ଡିଫେନ୍ସ ଓ ଗୋଲକିପର ଦମ୍‌ଦାର ପ୍ରଦର୍ଶନ କରି ବେଲଜିୟମ ଖେଳାଳିଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ୨୮ ତାରିଖ ଶନିବାର ସିରିଜର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।

## କରାଚୀରେ ୧୦ ବର୍ଷ ପରେ ମ୍ୟାଚ୍

କରାଚୀ,୨୬।୯(ଏଏଫ୍‌ପି)

କରାଚୀରେ ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ କୌଣସି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଆୟୋଜନ ହେବାକୁ ଯାଉଛି। ଶୁକ୍ରବାର ଏଠାରେ ଭ୍ରମଣକାରୀ ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ଦିନିକିଆ ଖେଳାଯିବ। ଦିନିକିଆ ପରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ମଧ୍ୟ ଖେଳାଯିବ। ଏହି ବହୁ ପ୍ରତିକ୍ଷିତ ସିରିଜ୍ ଆୟୋଜନ ପାଇଁ ଦଳୀୟ ହୋଟେଲ ଓ ଭେନ୍ୟୁ ନିକଟରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରାୟ ୨୦୦୦ ସୁରକ୍ଷା କର୍ମଚାରୀ ମୁତୟନ ହୋଇଛନ୍ତି। ଏହାପରେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଲାହୋରଠାରେ ଅକ୍ଟୋବର ୫, ୭ ଓ ୯ ତାରିଖରେ ୩ଟି ଟି୨୦ ଖେଳାଯିବ।



“ ଦଳର କିଛି ଖେଳାଳି ୨୦୧୫ ଟେଷ୍ଟ ସିରିଜ ପରାଜୟର ବୋଝକୁ ନେଇ ଚଳିତଥର ଭାରତ ଗସ୍ତରେ ଆସିଛନ୍ତି ।

—ଏଡେନ ମାର୍କ୍ରାମ, ଦକ୍ଷିଣ ଆଫ୍ରିକା କ୍ରିକେଟର୍



“ ରିଷଭ ପନ୍ତ ଜଣେ ବିଶ୍ୱସ୍ତରୀୟ ଖେଳାଳି । ସୀମିତ ଓଭର କ୍ରିକେଟରେ ତାଙ୍କ ପରି ଖେଳାଳି ବହୁତ କମ୍। ଶେଷ ପର୍ଯ୍ୟନ୍ତ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ସମର୍ଥନ କରିବ।

—ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍

# ଭାଗ୍ୟ ନିର୍ଦ୍ଧାରଣ ଅପେକ୍ଷାରେ ୧୦ ପ୍ରାର୍ଥୀ



ପଙ୍କଜ ଲୋଚନ ମହାନ୍ତି



ପ୍ରଦୀପ ଚୌହ୍ୱାନ



ନବରଞ୍ଜନ ପଟ୍ଟନାୟକ



ସଞ୍ଜୟ ବେହେରା

| ପଦବୀ | ମୁକାବିଲା |
|---|---|
| ସଭାପତି | ପଙ୍କଜ ଲୋଚନ ମହାନ୍ତି-ପ୍ରଦୀପ ଚୌହ୍ୱାନ |
| ସମ୍ପାଦକ | ସଞ୍ଜୟ ବେହେରା-ନବରଞ୍ଜନ ପଟ୍ଟନାୟକ |
| ଉପସଭାପତି | ଅକ୍ଷୟ କୁମାର ସାମନ୍ତ-ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ |
| ଯୁଗ୍ମସମ୍ପାଦକ | ମେହତାବ ଖାନ-ସୁଜିତ କୁମାର ପ୍ରଧାନ |
| କୋଷାଧ୍ୟକ୍ଷ | ବିକାଶ ପ୍ରଧାନ-ଅନିଲ କୁମାର ବିଶ୍ୱାଳ |

**କଟକ ଅଫିସ,୨୬।୯**

ଅନେକ ବାଦ, ବିବାଦ, ଅଭିଯୋଗର ପୂର୍ଣ୍ଣଚ୍ଛେଦ ପଡ଼ି ଶେଷରେ ଶୁକ୍ରବାର ହେବାକୁ ଯାଉଛି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ବହୁ ପ୍ରତୀକ୍ଷିତ କର୍ମକର୍ତ୍ତା ନିର୍ବାଚନ। ରାଜ୍ୟ କ୍ରୀଡ଼ା ସଙ୍ଗଠନ ଜଗତରେ ଏହା ହେଉଛି ସବୁଠାରୁ ହାଇଭୋଲଟେଜ ନିର୍ବାଚନ। ମୋଟ ୬ଟି ପଦବୀ ନିମନ୍ତେ ନିର୍ବାଚନ ହେବାକୁ ସ୍ଥିର ହୋଇଥିବା ବେଳେ ଗୋଟିଏ ପଦବୀ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଛି। ୫ ପଦବୀରେ ମୁହାଁମୁହିଁ ହେବେ ୧୦ ପ୍ରାର୍ଥୀ। ଏହା ଭିତରେ ରହିଛନ୍ତି ରାଜ୍ୟର ଅନେକ ପୁରୁଖା ତଥା ବରିଷ୍ଠ କ୍ରୀଡ଼ା ସଙ୍ଗଠକ। ସମ୍ପୂର୍ଣ୍ଣ କ୍ରୀଡ଼ା ଜଗତର ନଜର ଏବେ ଏହି ନିର୍ବାଚନ ଉପରେ।

ବାରବାଟୀ ଷ୍ଟାଡିୟମର ଓସିଏ ସମ୍ମିଳନୀ କକ୍ଷରେ ଏହି ନିର୍ବାଚନ ଅନୁଷ୍ଠିତ ହେବ। ସଭାପତି ପଦବୀରେ ଲଢ଼ିବେ ବୌଦ୍ଧ ଜିଲାର ପଙ୍କଜ ଲୋଚନ ମହାନ୍ତି ଓ ୟୁନିୟନ ସ୍ପୋର୍ଟିଂ ସମ୍ପାଦକ ପ୍ରଦୀପ ଚୌହ୍ୱାନ। ସେହିପରି ସମ୍ପାଦକ ପଦବୀ ନିମନ୍ତେ କଟକ ଜିଲାର ପ୍ରତିନିଧି ସଞ୍ଜୟ ବେହେରାଙ୍କ ମୁକାବିଲା ହେବ ମଙ୍ଗଳା କ୍ଲବରୁ ପ୍ରତିନିଧି ହୋଇଥିବା ନବରଞ୍ଜନ ପଟ୍ଟନାୟକଙ୍କ ସହିତ। ଏହି ଦୁଇ ପଦବୀ ନିମନ୍ତେ ମୁକାବିଲା ସମସ୍ତଙ୍କ ନଜରର କେନ୍ଦ୍ରବିନ୍ଦୁ ସାଜିଛି। ଉପସଭାପତି ପଦବୀରେ ଅନୁଗୋଳ ଜିଲାର ପ୍ରତିନିଧି ଅକ୍ଷୟ କୁମାର ସାମନ୍ତ ଓ ସୋନପୁର ଜିଲାର ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପଦବୀରେ ଝାରସୁଗୁଡ଼ା ଜିଲାର ପ୍ରତିନିଧି ମେହତାବ ଖାନ ଓ ଦେବଗଡ଼ ଜିଲାର ପ୍ରତିନିଧି ସୁଜିତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପଦବୀରେ ଖୋର୍ଦ୍ଧା ଜିଲାର ପ୍ରତିନିଧି ବିକାଶ ପ୍ରଧାନ ଓ ଜଗତସିଂହପୁର ଜିଲାର ପ୍ରତିନିଧି ଅନିଲ କୁମାର ବିଶ୍ୱାଳଙ୍କ ମଧ୍ୟରେ ମୁକାବିଲା ହେବ। ଆପେକ୍ସ କାଉନସିଲ ସଦସ୍ୟ ପଦବୀରେ କେନ୍ଦ୍ରାପଡ଼ା ଜିଲାର ପ୍ରତିନିଧି ଶୁଭାଶିଷ ସେନାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଛନ୍ତି। ଦୁଇଟି ଗୋଷ୍ଠୀ ନିର୍ବାଚନରେ ସାମ୍ନାକୁ ଆସିଛନ୍ତି। ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଗୋଷ୍ଠୀ ଏବଂ କ୍ଲବମାନଙ୍କୁ ଏକାଠି କରି ଲଢ଼ିବାକୁ ଯାଉଥିବା ପ୍ରଦୀପ ଚୌହ୍ୱାନଙ୍କ ଗୋଷ୍ଠୀ ମଧ୍ୟରେ ମୁକାବିଲା ହେବ।

## ୩୩ ମାସ ଅପେକ୍ଷାର ଅନ୍ତ

୨୦୧୭ ଜାନୁୟାରୀ ୪। ୩୩ ମାସ ପୂର୍ବରୁ ଏହି ତାରିଖରେ ଓସିଏର ସମସ୍ତ ପଦବୀ ଗୋଟିଏ ଦିନରେ ଶୂନ୍ୟ ପଡ଼ିଯାଇଥିଲା। ଲୋଧା କମିଟିର ପରାମର୍ଶ କ୍ରମେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ୧୮ଜଣ ପଦାଧିକାରୀ ଗୋଟିଏ ଦିନରେ ଇସ୍ତଫା ଦେଇଥିଲେ। ସଭାପତି ପଦବୀରୁ ରଞ୍ଜୀବ ବିଶ୍ୱାଳ, ସମ୍ପାଦକ ପଦବୀରୁ ଆଶୀର୍ବାଦ ବେହେରା, ଉପସଭାପତି ପଦବୀରୁ ଦୁଲାଲ ଚନ୍ଦ୍ର ପ୍ରଧାନ, ଅନୁପ କୁମାର ପାତ୍ର, ଅଧୀପ ଦାସ, କ୍ଷୀତିଶ ଚନ୍ଦ୍ର ସାମନ୍ତରାୟ, ସରୋଜ କୁମାର ସାହୁ, ବିଶ୍ୱଜିତ ଘୋଷ, ଧୀରେନ ପଲାଇ, ବଳଭଦ୍ର ପଟ୍ଟନାୟକ, ତିରୁପତି ପାଣିଗ୍ରାହୀ, ସ୍ମରପ୍ରିୟା ମିଶ୍ର, ଜନାର୍ଦ୍ଦନ ଦାସ, ଯୁଗ୍ମ ସମ୍ପାଦକ ପଦବୀରୁ ଶିବପ୍ରସାଦ ତ୍ରିପାଠୀ, ସଞ୍ଜୀବ କୁମାର ଦତ୍ତ, ସତ୍ୟବ୍ରତ ବେହେରା, ରବିଶଙ୍କର ପ୍ରତିହାରୀ ଓ କୋଷାଧ୍ୟକ୍ଷ ପଦବୀରୁ ସତ୍ୟ ମହାନ୍ତି ଗାଦିଚ୍ୟୁତ ହୋଇଥିଲେ। ଏହି ମାସ ୧୯ ତାରିଖରେ ଭାରତ-ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ ମ୍ୟାଚ୍ ଥିଲା। ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ ଆୟୋଜକ ଓସିଏ ପଦଶୂନ୍ୟ ହେବା ଚିନ୍ତାର ବିଷୟ ପାଲଟିଥିଲା। ଏହା ପରେ ଓସିଏ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଥିଲା। ୩୩ ମାସ ଅପେକ୍ଷାର ଏବେ ଅନ୍ତ ଘଟିବାକୁ ଯାଉଛି। ନିର୍ବାଚନ ପରେ ପୁଣି ଓସିଏର ପଦବୀ ପୂରଣ ହେବ।

## ଆଜି ଓସିଏ ନିର୍ବାଚନ




# ପ୍ରମୋଦ କ୍ୱାର୍ଟର ଫାଇନାଲରେ

**ଭୁବନେଶ୍ୱର, ୨୬।୯(କ୍ରୀଡ଼ା ପ୍ରତିନିଧି)**

ଚାଇନାର ଯୁହାଙ୍ଗ ହାଙ୍ଗଝୋଉଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଗୁରୁବାର ଅନୁଷ୍ଠିତ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରେ ସେ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କୁ ୨୧-୭, ୨୨-୨୦ ପଏଣ୍ଟରେ ହରାଇ ଦେଇଛନ୍ତି। ସେହିପରି ପ୍ରମୋଦ ଓ ମନୋଜ ସରକାରଙ୍କ ଯୋଡ଼ି ଡବଲ୍ସର ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଚାଇନା ଯୋଡ଼ି ଜିଆଓ ଚେନ୍ ଓ ଯୁୟାଙ୍ଗ ଗାଓଙ୍କୁ ୨୧-୭, ୧୪-୨୧, ୨୧-୧୫ ପଏଣ୍ଟରେ ପରାସ୍ତ କରିଛନ୍ତି। ଚାଇନା ଯୋଡ଼ି କଡ଼ା ଟକ୍କର ଦେଇ ଦ୍ୱିତୀୟ ସେଟ୍‌କୁ ଜିତିଥିଲେ ହେଁ ପ୍ରମୋଦ-ମନୋଜ ସଫଳ ପ୍ରତ୍ୟାବର୍ତ୍ତନ କରି ଶେଷ ସେଟ୍ ଜିତିବା ସହ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗର କ୍ୱାର୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ।

# ଏଆରଆରସିରେ ପଏଣ୍ଟ ଜିତିଲେ ରାଜୀବ



**ଭୁବନେଶ୍ୱର, ୨୬।୯(ସ୍ପୋର୍ଟସ ବ୍ୟୁରୋ)**

ମାଲେସିଆର ସେପଙ୍ଗ ଇଣ୍ଟରନ୍ୟାଶନାଲ ସର୍କିଟରେ ଅନୁଷ୍ଠିତ ଏସିଆନ ରୋଡ ରେସିଂ ଚାମ୍ପିୟନଶିପ(ଏଆରଆରସି)ର ଚୂଡ଼ାନ୍ତ ତଥା ଷଷ୍ଠ ପର୍ଯ୍ୟାୟ ରେସରେ ଇଡିମିତ୍‌ସୁ ହୋଣ୍ଡା ରେସିଂ ଇଣ୍ଡିଆ ଚାଳକ ରାଜୀବ ସେଥୁ ଭାରତ ପାଇଁ ପଏଣ୍ଟ ଜିତିଛନ୍ତି। ଏପି ୨୫୦ ଶ୍ରେଣୀରେ ରାଜୀବ ୧ ପଏଣ୍ଟ ହାସଲ କରିଛନ୍ତି। ଦୁର୍ଘଟଣାଜନିତ ଆହତ ସମସ୍ୟା ସତ୍ତ୍ୱେ ରାଜୀବ ଟପ୍-୧୫ ଭିତରେ ରେସ ଶେଷକରି ଏହି ସଫଳତା ପାଇଛନ୍ତି। ଏହାକୁ ମିଶାଇ ସେ ଅଷ୍ଟମ ଥର ପାଇଁ କୌଣସି ରେସରେ ଟପ୍-୧୫ରେ ସ୍ଥାନ ପାଇଛନ୍ତି। ଏହି ଟିମ୍‌ର ଅନ୍ୟତମ ଚାଳକ ୧୮ ବର୍ଷୀୟ ସେନ୍ଥିଲ କୁମାର ନିଜର ଶ୍ରେଷ୍ଠଲ୍ୟାପ ସମୟ ହାସଲ କରିଛନ୍ତି। ୨୨ତମ ସ୍ଥାନରୁ ରେସ ଆରମ୍ଭ କରିଥିବା ସେନ୍ଥିଲ ୧୭ତମ ସ୍ଥାନରେ ରହି ରେସ ଶେଷ କରିଥିଲେ।





TVS CREDIT | IDFC FIRST Bank

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: **SAMBALPUR:** Kishore TVS, Ph.: 9778371171. **BOLANGIR:** Rajlaxmi TVS, Ph.: 918260437538. **BARGARH:** Subhamm TVS, Ph.: 8860625628. **BHAWANIPATNA:** Barun TVS, Ph: 8260430746; **ROURKELA:** Unique TVS, Ph : 8114372182, 8114372181, Gurugobind TVS, Ph: 9776280601, 9437203299 ; **JHARSUGUDA:** Gunnu TVS, Ph: 8586977624; **SONEPUR: Minerva TVS, Ph : 6370700730, 6370700732 Authorised Dealers:** Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Nuapara, Ph.: 9937653638; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Binka, Ph : 7894255589; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; San Balichuan, Ph : 8658502167; Khariar Road, Ph.: 9938098888; Sohela, Ph.: 9938739550; Thuvapali, Ph : 9937452169 ; Bhatli, Ph : 9090140103; Titlagarh, Ph : 9438096285; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401;Padampur, Ph : 9938110070; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Tarbha : Ph : 9439135679 ; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph : 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005 ; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417. McCann/Blr/Tvs/906/09/19

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୨୭/୨୦୧୯ Sambalpur, Friday, September 27 / 2019

# ସ୍ୱାମୀଙ୍କୁ ମିଛ ମାମଲାରେ ଫସାଇ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ

**ରାଉରକେଲା ଅଫିସ,୨୬।୯**

ଘରେ ପଶି ଜଣେ ଗର୍ଭବତୀ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିଲା । ଏଥିସହ ନଗଦ ୮୨ହଜାର ଟଙ୍କା ଲୁଟ କରାଯାଇଥିବା ବନ୍ଧମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୧୪୩/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ସ୍ୱାମୀ ଓ ୪ ବର୍ଷର ଝିଅ ସହ ସଂପୃକ୍ତ ମହିଳା ବନ୍ଧମୁଣ୍ଡା ଅଞ୍ଚଳରେ ରୁହନ୍ତି। ୨୦୧୯ ଜୁଲାଇ ୨୯ ତାରିଖ ଅପରାହ୍ନ ସାଢେ ୧ଟା ବେଳେ ମୁକେଶ ଯାଦବ, ରବୀନ୍ଦ୍ର ଯାଦବ ଓ ଛୋଟୁ ସିଂ ନାମକ ୩ ଯୁବକ ତାଙ୍କ ଘରେ ଜୋରଜବରଦସ୍ତ ପଶିଥିଲେ। ସେତେବେଳେ ସେ ୯ ମାସର ଗର୍ଭବତୀ ଥିଲେ। ସଂପୃକ୍ତ ୩ ଯୁବକ ତାଙ୍କ ଝିଅକୁ ଉଠାଇ ନେଇ ବାହାରେ ଫିଙ୍ଗି ଦେବା ସହ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। କେବଳ ଏତିକି ନୁହେଁ ସେ ଘରେ ରଖିଥିବା ୮୨ ହଜାର ଟଙ୍କା ମଧ୍ୟ ଲୁଟି ନେଇ ପଳାଇଥିଲେ। ଥାନାରେ ଅଭିଯୋଗ କଲେ ପରିଣତି ଭୟାବହ ହେବ ବୋଲି ସେମାନେ ଧମକ ଦେଇଥିଲେ । ଏହି ଘଟଣାର ୨ ଦିନ ପୂର୍ବରୁ ସଂପୃକ୍ତ ଯୁବକମାନେ ମହିଳାଙ୍କ ସ୍ୱାମୀଙ୍କୁ ଏକ ମିଛ ମାମଲାରେ ଫସାଇ ଜେଲ ପଠାଇ ଦେଇଥିଲେ। ତାଙ୍କୁ ମଦ ବିକ୍ରି କରିବାକୁ ସେହି ଯୁବକମାନେ ବାଧ୍ୟ କରିଥିଲେ । ଏହାକୁ ସେ ପ୍ରତ୍ୟାଖ୍ୟାନ କରିବାରୁ ଯୋଜନାବଦ୍ଧ ଭାବେ ମୋ ସ୍ୱାମୀଙ୍କୁ ସେମାନେ ଫସାଇ ଦେଇଥିଲେ ବୋଲି ସଂପୃକ୍ତା ମହିଳା କହିଛନ୍ତି। ଏପରି ଅବସ୍ଥାରେ ମୁଁ ଥାନାକୁ ଆସିବାକୁ ମନରେ ସାହସ ଜୁଟାଇ ପାରି ନ ଥିଲି। ମୋ ସ୍ୱାମୀ ଗତ ୧୬।୯।୨୦୧୯ରେ ଜେଲରୁ ମୁକୁଳିଲେ। ତା'ପରେ ମୁଁ ଅଭିଯୋଗ ପତ୍ର ନେଇ ଏସ୍‌ପି ଅଫିସକୁ ଯାଇଥିଲି। ହେଲେ ମୋତେ ସେଠାରେ ଏସ୍‌ପିଙ୍କୁ ସାକ୍ଷାତ କରିବାକୁ ସୁଯୋଗ ଦିଆଗଲାନାହିଁ। ସବୁଆଡୁ ନିରାଶ ହେବା ପରେ ଗୁରୁବାର ମୁଁ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ କରିବାକୁ ଉଚିତ ମନେ କଲି ବୋଲି ମହିଳା ଜଣକ ପ୍ରକାଶ କରିଛନ୍ତି।

■ ୮୨ହଜାର ଟଙ୍କା ଲୁଟ୍‌

■ ଘଟଣାର ୨ ମାସ ପରେ ମହିଳାଙ୍କ ଅଭିଯୋଗ



ରାଉରକେଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଓ ସ୍ୱତନ୍ତ୍ର ରାଜସ୍ୱ ଜିଲା ଘୋଷଣା ଦାବିରେ ଓକିଲ ସଂଘ ପକ୍ଷରୁ ଫାଟକ ସମ୍ମୁଖରେ ଧାରଣା।

■ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# କୋର୍ଟ କାର୍ଯ୍ୟ ବନ୍ଦ କଲେ ଓକିଲ

**ରାଉରକେଲା ଅଫିସ,୨୬।୯**

ରାଉରକେଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଓ ସ୍ୱତନ୍ତ୍ର ରାଜସ୍ୱ ଜିଲା ଘୋଷଣା ଦାବିରେ ଗୁରୁବାରଠାରୁ ଓକିଲ ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟ ବର୍ଜନ ଆରମ୍ଭ ହୋଇଛି। ଏହି ଦାବି ହାସଲ ପାଇଁ ସଂଘ ପକ୍ଷରୁ ପ୍ରତିମାସ ଶେଷ ୩ ଦିନ ନିୟମିତ କୋର୍ଟ କାର୍ଯ୍ୟ ବର୍ଜନ କରି ଆସୁଛି ଓକିଲ ସଂଘ। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଚାପତିମାନଙ୍କୁ ଓକିଲ ସଂଘ କର୍ମକର୍ତ୍ତା କୋର୍ଟକୁ ନ ଯିବାକୁ ଅନୁରୋଧ କରିଥିଲେ । ଫଳରେ ବିଚାରପତିଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ କୋର୍ଟ ମୁଖ୍ୟ ଫାଟକ ପାଖରୁ ଫେରିବାକୁ ବାଧ୍ୟ ହୋଇଥିଲେ।

ଓକିଲ ସଂଘ କର୍ମକର୍ତ୍ତାମାନେ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ଏନେଇ ଅବଗତ ଅଛନ୍ତି। ଏପରି କି ଉଚ୍ଚ ନ୍ୟାୟାଳୟ ମଧ୍ୟ ଆନ୍ଦୋଳନ ସମ୍ପର୍କରେ ଭଲ ଭାବେ ଜାଣନ୍ତି। ତଥାପି ଆଜି ପର୍ଯ୍ୟନ୍ତ ଏନେଇ ଠୋସ ପଦକ୍ଷେପ ନିଆଯାଉନି। କେବଳ ପ୍ରତିଶ୍ରୁତିରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଅଟକି ରହିଛି। ଏନେଇ କେନ୍ଦ୍ର ରାଜ୍ୟ ଚିଠି ଆଦାନ ପ୍ରଦାନରେ ସମୟ ବିତୁଛି। ଜଷ୍ଟିସ ସି.ଆର ପାଲଙ୍କ ରିପୋର୍ଟକୁ ସାର୍ବଜନୀନ କରାଯାଉନି। ଏହାକୁ ଜାଣିଶୁଣି ଅନ୍ଧାରରେ ରଖା ଯାଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଛି। ସଂପ୍ରତି ଏକ ୪ ଜଣିଆ ଟିମ୍ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ ନେଇ ଅନୁଧାନ କରିବ ବୋଲି ସଂଘ ସୂଚନା ପାଇଛି। ତେବେ ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସେଭଳି କୌଣସି କାର୍ଯ୍ୟ ଆରମ୍ଭ କରାଯାଇନି। ଏଣୁ ଆନ୍ଦୋଳନ ପୂର୍ବପରି ଚାଲୁ ରହିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ରାଉରକେଲାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସମସ୍ତ ଭିତ୍ତିଭୂମି ରହିଛି। ଏହାକୁ କେହି ଅସ୍ୱୀକାର କରି ପାରିବେନି। ସୁନ୍ଦରଗଡ଼ ଏକ ଆଦିବାସୀ ବହୁଳ ଅଞ୍ଚଳ। ଏହା ପଶ୍ଚିମ ଓଡିଶାର ଶିଳ୍ପ ରାଜଧାନୀ। ଏମିତି ଏକାଧିକ ଯୁକ୍ତିଯୁକ୍ତ କାରଣ ନେଇ ସଂଘ ଏଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରାଯିବା ନିହାତି ଆବଶ୍ୟକ ବୋଲି ଦାବି କରିଛି। ଏ ନେଇ ଗୁରୁବାର ଆୟୋଜିତ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ଓକିଲ ସଂଘ ସଭାପତି ରମେଶ ବଳ, ସମ୍ପାଦକ ଅକ୍ଷୟ ସାହୁ, ଶ୍ରୀନିବାସ ପଣ୍ଡା, ମାଧବୀ ଝା, ଡି.ଏନ୍.ପଣ୍ଡା, ଗିରିଶ ମହାପାତ୍ର, ସନ୍ତୋଷ ଦାସ, ଅନୁପ ସାହୁ, ସୁଶାନ୍ତ ଦାସ, ଚନ୍ଦ୍ରମଣି ଦାସ, ଗଙ୍ଗାଧର ଦାସ, ଆନନ୍ଦ ଅଗ୍ରୱାଲ, ବିନୋଦ ଡାଙ୍ଗ, ରାଜେଶ ବେହେରା ଓ ପବିତ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# କେନ୍ଦୁପତ୍ର ଫରେଷ୍ଟରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବୌଦ୍ଧ,୨୬।୯(ସ୍ୱ.ପ୍ର)**

**କୋଟିଏରୁ ଅଧିକ ଟଙ୍କାର ସମ୍ପତ୍ତି ଠାବ**



ଜଗବନ୍ଧୁ ପାତ୍ର ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ସକାଳେ ବୌଦ୍ଧ ଓ ଫୁଲବାଣୀ ଭିଜିଲାନ୍ସ ପକ୍ଷରୁ ମିଳିତ ଭାବେ ବୌଦ୍ଧ ଜିଲା କେନ୍ଦୁପତ୍ର ବିଭାଗରେ କାର୍ଯ୍ୟରତ ଫରେଷ୍ଟର ଜଗବନ୍ଧୁ ପାତ୍ରଙ୍କ ଘର ସମେତ ୪ଟି ସ୍ଥାନରେ ଚଢାଉ କରାଯାଇଛି। ଚଢାଉରେ ପାତ୍ରଙ୍କ ଦୁଇଟି ବାସଭବନ, ଭଡାରେ ଲାଗିଥିବା ଦୋକାନ, ଅଫିସ କାଗଜପତ୍ର ସବୁ ଯାଞ୍ଚ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଫରେଷ୍ଟର ପାତ୍ରଙ୍କ ଗୋଟିଏ ଘରର ମୂଲ୍ୟ ୫୭ ଲକ୍ଷ, ୬୧ ହଜାର, ଅନ୍ୟ ଏକ ଘରର ମୂଲ୍ୟ ୪୫ ଲକ୍ଷ ୬୮ ହଜାର, ୧୦ ଲକ୍ଷ ୬୮ ହଜାରର ଜମିବାଡି, ଘରର ଆସବାବପତ୍ର ମୂଲ୍ୟ ୬ ଲକ୍ଷ ୪୭ ହଜାର, ସୁନାର ମୂଲ୍ୟ ୧ଲକ୍ଷ ୮୨ ହଜାର, ବ୍ୟାଙ୍କରେ ୧ଲକ୍ଷ ୮୫ ହଜାର ଓ ତାଙ୍କ ଘରୁ ନଗଦ ୪୧ ହଜାର ଟଙ୍କା ଏହିପରି ୧ କୋଟି ୨୪ ଲକ୍ଷ ୮୯ ହଜାର ଟଙ୍କା ବୋଲି ଆକଳନ କରାଯାଇଛି। ଏ ନେଇ ଡିଏସ୍‌ପି ରବିକାନ୍ତ ସୁନାଙ୍କୁ ପଚାରିବାରୁ ତାଙ୍କର ସମ୍ପତ୍ତି କୋଟିଏରୁ ଅଧିକ ଆକଳନ କରାଯାଇଛି । ଏବେ ବି ତଦନ୍ତ ଚାଲିଛି। ତଦନ୍ତ ପରେ କେତେ ସମ୍ପତ୍ତି ଅଛି ଜଣାପଡିବ ବୋଲି ପ୍ରକାଶ କରିଥିଲେ। ଏହି ଚଢାଉରେ ଇନ୍ସପେକ୍ଟର ପୌଲସ୍ତି ଛତରିଆ, ନବୀନ ଚନ୍ଦ୍ର ନାୟକ, କୁମୁଦିନୀ ସାହୁ, କ୍ରିଷ୍ଣା କୁମାରୀ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଫରେଷ୍ଟର ପାତ୍ର ଓଡ଼ିଶା ବନ କର୍ମଚାରୀ ସଂଘର ରାଜ୍ୟ ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଆସୁଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ
-ଆଇନଷ୍ଟାଇନ



## ସଂକ୍ଷେପରେ

### ୩୦ରେ ସବୁଦଳ ଭରି ପାରନ୍ତି ନାମାଙ୍କନ

ବରଗଡ଼ ଅଫିସ୍,୨୬।୯
ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ସେଭଳି ଭାବେ ଜିଲାରେ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି । ତେବେ କଂଗ୍ରେସ ପ୍ରାର୍ଥୀ ଘୋଷଣାରେ ସବାଆଗରେ ରହିଛି । ଦିଲୀପ କୁମାର ପଣ୍ଡାଙ୍କୁ ଦଳୀୟ ପ୍ରାର୍ଥୀ ଭାବେ କଂଗ୍ରେସ ନିର୍ବାଚନ ମଇଦାନକୁ ଛାଡ଼ିଛି । ଅନ୍ୟପଟେ ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଓ ବିଜେଡ଼ି ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରି ପାରି ନାହାନ୍ତି। ଶୁକ୍ରବାର ସୁଦ୍ଧା ଉଭୟ ଦଳ ପ୍ରାର୍ଥୀ ଘୋଷଣା କରିପାରନ୍ତି ଏବଂ ୩୦ତାରିଖରେ ସବୁଦଳ ପଦ୍ମପୁର ଉପଜିଲାପାଳଙ୍କ ଅଫିସରେ ନାମାଙ୍କନ ଦାଖଲ କରିବେ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି । କାରଣ ଶୁକ୍ରବାର ଅର୍ଥାତ୍ ୨୭ତାରିଖ କାର୍ଯ୍ୟଦିବସ ରହିଥିବାବେଳେ ପରବର୍ତ୍ତୀ ଦୁଇଦିନ ମାସର ଶେଷ ଶନିବାର ସମେତ ରବିବାର ଛୁଟି ଦିବସ ରହିଛି। ସେହିପରି ୩୦ ତାରିଖ ନାମାଙ୍କନ ଦାଖଲର ଶେଷ ଦିବସ ରହିଛି ।

### ବାର୍‌ହା ଶିକାରୀ ଗିରଫ

ପାଇକମାଳ, ୨୬।୯ (ଡି.ଏନ.ଏ)
ବାର୍‌ହା ଶିକାର କରି ନେଉଥିବା ବେଳେ ପାଇକମାଳ ବନ ବିଭାଗ ଜଣେ ତାଙ୍କୁ ଗିରଫ କରିଛି । ଶିକାରୀ ଜଣକ ହେଲେ ଜଗଦଲପୁର ଥାନା ସାନକୁଞ୍ଜାରୀ ଗ୍ରାମର ଅନାଦି ପ୍ରଧାନ(୪୫) । ସେ ଜଟେଶିରା ଗ୍ରାମ ଚିରୋଲିପଠାର ଜଙ୍ଗଲ ନିକଟରେ ଗୋଟିଏ ଛୋଟ ବାର୍‌ହା ମାରି ଆଣୁଥିବା ବେଳେ କାଠ ଫରେଷ୍ଟର ଲବ ସାହୁ, ଫରେଷ୍ଟଗାର୍ଡ ଝରଣା ସାହୁ, ସୁଶାନ୍ତ ବାଗ, ପଦ୍ମଲୋଚନ ମଟାରୀ ପ୍ରମୁଖ ତାଙ୍କୁ ଗିରଫ କରିଥିଲେ । ଏ ନେଇ ଅଭିଯୁକ୍ତଙ୍କ ନାମରେ ଏକ ମାମଲା (ନଂ.୬୨/୧୯) ରୁଜୁ ହୋଇଛି। ମୃତ ବାର୍‌ହାକୁ ବ୍ୟବଚ୍ଛେଦ କରି ରେଞ୍ଜ ଅଫିସ ପଛପଟେ ପୋତି ଦିଆଯାଇଛି ।

### ବିଦ୍ୟୁତ ତାରରେ ଅନାବନା ଘାସଲତା

ଅତାବିରା, ୨୬।୯ (ଡି.ଏନ.ଏ)
ଅତାବିରା ବ୍ଲକ ଝିଲିମିଣ୍ଡା ଆଦର୍ଶ ପୋଖରୀ ନିକଟରେ ଯାଇଥିବା ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ଖୁଣ୍ଟର ତାରକୁ ଅନାବନା ଗଛଲତା ମାଡିଗଲାଣି। ଫଳରେ ଗଛଲତାରେ କରେଣ୍ଟ ଆସୁଛି । ସେହି ରାସ୍ତା ଦେଇ ଯିବା ଆସିବା କରୁଥିବା ସାଧାରଣ ଲୋକ, ଛାତ୍ରୀଛାତ୍ର, ଛେଳି, ମେଣ୍ଢା ମୃତ୍ୟୁ ମୁଖରେ ପଡିବା ଆଶଙ୍କା ରହିଛି । ହେଲେ ବିଦ୍ୟୁତ ବିଭାଗ ପକ୍ଷରୁ ଏହାର ସଫେଇ କରାଯାଉନାହିଁ। ତୁରନ୍ତ ଏହାକୁ ସଫେଇ ପାଇଁ ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ନାଟକରେ ନାରୀ ଶିକ୍ଷାର ପ୍ରଚାର

ଅତାବିରା/ଜାମଟିକ୍ରା, ୨୬।୯ (ଡି.ଏନ.ଏ)

ଅତାବିରା ବ୍ଲକ ଲରମ୍ଭା କଲେଜ ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟାରେ ନାଟକ 'ପେହେଲା ଅଧ୍ୟାପକ' ମଞ୍ଚସ୍ଥ ହୋଇଯାଇଛି । ଚଣ୍ଡିଗଡର ପ୍ରଖ୍ୟାତ ଅଲଙ୍କାର ଥିଏଟର୍ ନିର୍ଦ୍ଦେଶକ ଚକ୍ରୋଶ କୁମାର ଓ ତାଙ୍କର ଟିମ୍ ଏହି ନାଟକକୁ ପରିବେଷଣ କରିଥିଲେ। ସମାଜସେବୀ ଚିନ୍ତା ନାୟକ କିଶାନ ପଟ୍ଟନାୟକଙ୍କ ୧୫ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏହି ନାଟକ ବରଗଡ ଜିଲାର ବିଭିନ୍ନ ଅଞ୍ଚଳରେ ପରିବେଷଣ କରାଯିବ। ଡି. ଶର୍ମା, ଶିଭମ କାପରୋନ, ଗୁରୁ ବକ୍ସି, ଗୌରବ ଠାକୁର, ପୂଜା, ଅଞ୍ଜୁ, ଜଙ୍ଗୁ, ସିଂହ, ବନ୍ଦନା ଠାକୁର, ଅଜୟ, ହରମନ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ । ୧୯୬୨ ଚିଙ୍ଗିଜ ଏଟମେଟୋଭ ଲେଖିଥିବା ମସିହାର ଋଷିଆର ପ୍ରସିଦ୍ଧ ନାଟ୍ୟକାର ନାଟକକୁ ଚକ୍ରୋଶ କୁମାର ଉତ୍ତର ପ୍ରଦେଶର ଏକ ସହର ମୈନପୁର ସହ ଯୋଡିଛନ୍ତି । ଏଥିରେ ନାରୀ ଶିକ୍ଷାର ପ୍ରଚାର ପ୍ରସାର ସହ ବହୁ ସାମାଜିକ ଉପାଦାନର ତଥ୍ୟ ପ୍ରତୀକାତ୍ମକ ଭାବେ ଦେଖାଇବାକୁ ଚେଷ୍ଟା କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶରେ ଏକ ଉପାନ୍ତ ଗାଁକୁ ଶିକ୍ଷାଦାନ ପାଇଁ ଯାଇଥିବା ଜଣେ ଶିକ୍ଷକ କିପରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ଏହି ନାଟକରେ ପ୍ରତିଫଳିତ ହୋଇଛି । ଲରମ୍ଭା କଲେଜର ଅଧ୍ୟାପକ ଡ. ନରେନ୍ଦ୍ର କୁମାର ବେହେରା ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ବିନୟ କୁମାର ନାୟକ, ରବିନାରାୟଣ ପଣ୍ଡା, ନିର୍ମଳ ଚନ୍ଦ୍ର ଭୋଇ, କୈଳାଶ ସେଟ, ବିଭୂତି ଭୂଷଣ ସାହୁ ନିମନ୍ତ୍ରିତ ଅତିଥି ଥିଲେ । ଡ. ଦିଗମ୍ବର ଚାନ୍ଦ, ସରୋଜ ନାୟକ, ପ୍ରମୋଦ ସେଟ, ଜୟକୁମାରୀ ମିଶ୍ର, ରବୀନ୍ଦ୍ର ନାୟକଙ୍କ ସମେତ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ ।



ପେହେଲା ଅଧ୍ୟାପକ ନାଟକ ମଞ୍ଚସ୍ଥ କରାଯାଉଛି ।

### ବାରିକ ସମାଜର ନୂଆଖାଇ ଭେଟଘାଟ

ପାଇକମାଳ, ୨୬।୯ (ଡି.ଏନ.ଏ)
ପାଇକମାଳ ବ୍ଲକସ୍ତରୀୟ ବାରିକ ସମାଜ ଏକ ନୂଆଖାଇ ଭେଟଘାଟ ନୃସିଂହନାଥ ସ୍ଥିତ ବିନ୍ଧ୍ୟବାସିନୀ ଧର୍ମଶାଳାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ, ଆଦିବାସୀ ସଂଘ ସଭାପତି ରାଜେନ୍ଦ୍ର କୁମାର ରାଉତ, ପଦ୍ମପୁର ଉପଖଣ୍ଡ ବାରିକ ସମାଜ ସଭାପତି ଶିବ ପ୍ରସାଦ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଲକ ବାରିକ ସଭାପତିତ୍ୱ କରିଥିବା ବେଳେ ରଙ୍କମଣି ବାରିକ ଅତିଥି ପରିଚୟ ପ୍ରଦାନ ଓ ସୋଜନ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମାଜ ତରଫରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହୃଦାନନ୍ଦ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁବର୍ଣ୍ଣ ବାରିକ, ମଦନ ମୋହନ ପଶାୟତ, ରବିନ୍ଦ୍ର ବାରିକ, ସନ୍ଦର୍ପ ବାରିକ ସହଯୋଗ କରିଥିଲେ। ଶେଷରେ ଝସକେତନ ବାରିକ ଧନ୍ୟବାଦ ଦେଇଥିଲେ ।

■ ଭେଡ଼େନରେ ବିଦ୍ୟୁତ ବିଭ୍ରାଟ

## ଏସଡ଼ିଓ ଅଫିସ ଆଗରେ ମହିଳାଙ୍କ ଧାରଣା



ଭେଡ଼େନ ବିଦ୍ୟୁତ୍ ବିଭାଗ ଏସଡ଼ିଓଙ୍କ ଅଫିସ ଆଗରେ ମହିଳାଙ୍କ ଧାରଣା ।

ଭେଡ଼େନ,୨୬।୯(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅଞ୍ଚଳରେ ବିଦ୍ୟୁତ ବିଭ୍ରାଟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଥିବା ଅସନ୍ତୋଷର ପ୍ରତିଫଳନ ବୁଧବାର ଦେଖିବାକୁ ମିଳିଛି। ବିଦ୍ୟୁତ ବିଭ୍ରାଟରେ ଅତିଷ୍ଠ ଭେଡ଼େନର ବହୁ ମହିଳା ବିଦ୍ୟୁତ ବିଭାଗ ଏସଡ଼ିଓଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ଗତ ବନ୍ୟାରେ ଭେଡ଼େନ ଜିରା ନଦୀ ଉପର ଦେଇ ଆସିଥିବା ବିଦ୍ୟୁତ ତାର ଛିଣ୍ଡି ଯିବାର ମାସେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ମରାମତି ତଥା ସଂଯୋଗ କରାଯାଉନାହିଁ। ଫଳରେ ମାସେ ହେବ ଜିରା ନଦୀରୁ ଭେଡ଼େନ ବସ୍ତିକୁ ହେଉଥିବା ଜଳଯୋଗାଣ ବନ୍ଦ ରହିଛି । ଏହାଦ୍ୱାରା ଲୋକମାନେ ନାହିଁ ନ ଥିବା ଅବସ୍ଥା ଭୋଗ କରୁଛନ୍ତି। ଏହି ସମସ୍ତ ଘଟଣାକୁ ନେଇ ମହିଳାମାନେ ଏହି ଧାରଣା ଦେବା ସହ ଅଫିସକୁ ଘେରାଉ କରିଥିଲେ। ଅପରାହ୍ନରେ ବିଦ୍ୟୁତ ବିଭାଗର ଅଧିକାରମାନେ ଆସି ଆସନ୍ତା ସପ୍ତାହେ ମଧ୍ୟରେ ମରାମତି ତଥା ସଂଯୋଗ କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।

### କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତା

ଜାମଟିକ୍ରା, ୨୬।୯ (ଡି.ଏନ.ଏ)
ଅତାବିରା ବ୍ଲକ ବୁଗବୁଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ଅଧୀନସ୍ଥ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ୧୫୦ତମ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଗୁରୁବାର ବକ୍ତୃତା, କୁଇଜ, ପ୍ରବନ୍ଧଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସନ୍ତୋଷ ମହାକୁର ମୁଖ୍ୟଅତିଥି, ମଧୁସୂଦନ ନାୟକ ସଭାପତି ଏବଂ କେନ୍ଦ୍ର ପଣ୍ଡିତ ବେଣୁଧର ପଧାନ ଯୋଗଦାନ କରିଥିଲେ। ସିଆରସିସି କଂସମଣି ଶତପଥି, ନନ୍ଦିଘୋଷ ଭୁଏ, ଧରମ ନାୟକ, ମାନସ ସାହୁ, ପଞ୍ଚାନନ ସାହୁ, କିଶୋର ପଧାନ, ମଞ୍ଜୁଲତା ବେହେରା ପ୍ରମୁଖ ଶିକ୍ଷକ ସହଯୋଗ କରିଥିଲେ । କ୍ଲଷ୍ଟରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନିତ କରାଯାଇଛି ।

■ ଅଜଣା ରୋଗରେ ଦୁଇ ଶିଶୁ ମୃତ୍ୟୁ ଘଟଣା

## ବିଧାୟିକାଙ୍କ ସହାୟତା ପ୍ରଦାନ

ଭେଡ଼େନ,୨୬।୯(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଚିଚିଣ୍ଡା ଗ୍ରାମର ଚମାରପଡ଼ାର ଅଜଣା ରୋଗରେ ଫକୀର ମିରିଗଙ୍କ ଦୁଇଶିଶୁ ବୈଷ୍ଣବୀ ଏବଂ ବଜରଙ୍ଗଙ୍କ ମୃତ୍ୟୁ ଘଟିବା ପରେ ତୃତୀୟ ସନ୍ତାନ ଚୁମକି (୩) ଏବେ ବୁର୍ଲାରେ ଚିକିତ୍ସାଧୀନ ଅଛନ୍ତି । ଅର୍ଥାଭାବରୁ ସେହି ଶିଶୁର ମାତାପିତା ତାକୁ କଟକ ନେଇ ଚିକିତ୍ସା କରିପାରୁ ନାହାନ୍ତି। ଏହି ଖବର ଧରିତ୍ରୀରେ ପ୍ରକାଶିତ ହେବା ପରେ ବୁଧବାର ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଫକୀରଙ୍କ ଘରକୁ ଆସି ଏହି ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଶିଶୁର ଚିକିତ୍ସା ପାଇଁ ନଗଦ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ । ଏହାସହ ସେହି ଶିଶୁକୁ ଯେପରି ଉପଯୁକ୍ତ ଚିକିତ୍ସା ମିଳିପାରିବ ସେ ନେଇ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଭେଡ଼େନ ବ୍ଲକ ବିଜେଡ଼ି ସଭାପତି ତଥା ଆମ୍ବା କମିଟି ସଭାପତି ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ସମିତିସଭ୍ୟ ମୁକେଶ ସାହୁ, କଂସ ଅଭିନେତା ସୁଶୀଲ ମେହେର, ପୂର୍ବତନ ବକଟି ସରପଞ୍ଚ ଅରବିନ୍ଦ ହୋତା ପ୍ରମୁଖ ଉପସ୍ଥିତ ଥିଲେ ।



ବିଧାୟିକା ସ୍ନେହାଙ୍ଗିନୀ ସହାୟତା ରାଶି ଦେଉଛନ୍ତି ।

## କଳାକାର ସଂଘର ନୂଆଖାଇ ଭେଟଘାଟ

ଭେଡ଼େନ,୨୬।୯(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ପପଙ୍ଗା ସାପ୍ତାହିକ ବଜାର ପ୍ରାଙ୍ଗଣରେ ବୁଧବାର ବ୍ଲକ କଳାକାର ସଂଘ ତରଫରୁ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ୫ ହଜାରରୁ ଅଧିକ ମହିଳା ପୁରୁଷ କଳାକାର ପପଙ୍ଗା କଲୋନୀ ଛକରୁ ଶୋଭାଯାତ୍ରାରେ ବାହାରି ସଭାସ୍ଥଳ ପର୍ଯ୍ୟନ୍ତ ଆସିଥିଲେ। ସଂଘ ସଭାପତି ସାଗର ମହାକୁରଙ୍କ ସଭାପତିତ୍ୱ ତଥା ଅଧ୍ୟାପକ ନାରାୟଣ ଭୋଇଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ତହସିଲଦାର ସୀମା ସବିତା କୁଲୁ, ଆମ୍ବା କମିଟି ସଭାପତି ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ସଭ୍ୟା ମୀରା ବଘାର, କଂସ ଅଭିନେତା ସୁଶୀଲ ମେହେର, ସରପଞ୍ଚ ପୁରୁଷୋତ୍ତମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବର୍ଷିୟାନ କଳାକାର ଶରତ ଚନ୍ଦ୍ର ଦାଶ, ଲଳିତ ଭୋଇ, ରାଜେନ୍ଦ୍ର ବେହେରା, ଗୁଣାକାର ଶତପଥି, କଳାକାହ୍ନୁ ସେଠ, କୀର୍ତ୍ତି ବଗର୍ତ୍ତି, ସୁଶୀଲ ମେହେରଙ୍କ ସମେତ ବହୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଉପସ୍ଥିତ ହଜାର ହଜାର କଳାକାର ସଂକୀର୍ତ୍ତନ, ପାଲା, ଦାଶକାଠିଆ, ସଞ୍ଚାର, ସମ୍ପ୍ରଦା, କରମାନାଚ ଆଦି ଲୋକନୃତ୍ୟ, ଲୋକକଳା ପରିବେଷଣ କରିଥିଲେ ।



ମହିଳା କଳାକାର ସଂକୀର୍ତ୍ତନ ପରିବେଷଣ କରୁଛନ୍ତି ।

### ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ଜାମଟିକ୍ରା, ୨୬।୯ (ଡି.ଏନ.ଏ)
ବରଗଡ ଜିଲାର ୧୨ଟି ବ୍ଲକର ହୃଦରୋଗୀ ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଡା. ସଞ୍ଜୟ ମେହେର ଓ ସଞ୍ଜୀବ ସରାଫ ଭେଡେନ ଅଞ୍ଚଳରେ ତିନି ଜଣ ରୋଗୀଙ୍କୁ ଚିହ୍ନଟ କରି ବରଗଡ ସରକାରୀ ଡାକ୍ତରଖାନାକୁ ନେଇ ପରୀକ୍ଷା କରାଇଥିଲେ। ଭବିଷ୍ୟତରେ କିପରି ସମ୍ପୂର୍ଣ୍ଣ ଭାବେ ରୋଗର ନିରାକରଣ ହେବ ସେଥି ନିମନ୍ତେ ତାଙ୍କୁ ଉଚ୍ଚମାନର ଚିକିତ୍ସା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରାଯାଇଛି। ଭେଡେନ ବ୍ଲକର ଆହୁରି ଅନେକ ହୃଦରୋଗୀଙ୍କୁ ପରୀକ୍ଷା କରାଯାଇ ଉଚ୍ଚମାନର ଚିକିତ୍ସା ପାଇଁ ଶିଶୁ ଭବନ କଟକ, ଏଆଇଆଇଏମଏସ ଭୁବନେଶ୍ୱର, ଆପୋଲୋ ଭୁବନେଶ୍ୱର ଓ ଓଲଟପୁର କଟକକୁ ପଠାଯାଉଛି ବୋଲି ଜଣାପଡିଛି ।

## ଦୁର୍ଗାପୂଜା ପାଇଁ ରାବଣ କଳାକାର ବରଣ

ଭେଡ଼େନ,୨୬।୯(ଡ଼ି.ଏନ.ଏ)
ଭେଡ଼େନ ବ୍ଲକପ ଚିଚିଣ୍ଡାରେ ଆଗାମୀ ଦୁର୍ଗାପୂଜା ପାଇଁ ମୁକ୍ତମଞ୍ଚ ରାବଣରାଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଚିଚିଣ୍ଡା ଗ୍ରାମର କଳାକାର ଅଭିନେତା ଝସକେତନ ପ୍ରଧାନଙ୍କୁ ରାବଣ ଭୂମିକା ପାଇଁ ବରଣ କରାଯାଇଛି। ଚିଚିଣ୍ଡା ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଆନନ୍ଦ ରାଉତ, ଦୀନଦୟାଲ ଭୋଇ, ଆନନ୍ଦ ଭୋଇ, ସଞ୍ଜୟ ମେହେର, ରଥ ମେହେର, ଦୁଆରୁ ମହାନନ୍ଦ, ଭୀମ ମହାନନ୍ଦ ଏବଂ ଅନ୍ୟ ଗ୍ରାମବାସୀ ଏକ ବିରାଟ ଶୋଭାଯାତ୍ରାରେ ଦୁର୍ଗାମଣ୍ଡପରୁ ବାହାରି ଅଭିନେତା ପ୍ରଧାନଙ୍କ ବାସଭବନକୁ ଯାଇଥିଲେ। ସେଠାରେ ପଣ୍ଡିତ ଜୟନାରାୟଣ ପାଢ଼ୀଙ୍କ ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ ଆନନ୍ଦ ରାଉତ ଅଭିନେତା ଝସକେତନଙ୍କୁ ପୁଷ୍ପମାଲ୍ୟ, ନାରିକେଳ ଏବଂ ଉପଢୌକନ ପ୍ରଦାନ ପୂର୍ବକ ବରଣ କରିଥିଲେ। ପରେ ଗ୍ରାମବାସୀ ଅଭିନେତା ପ୍ରଧାନଙ୍କୁ ସଙ୍ଗରେ ନେଇ ଗ୍ରାମ ପରିକ୍ରମା କରିବା ସହ ବିଭିନ୍ନ ଦେବମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଆସନ୍ତା ଅକ୍ଟୋବର ୪ରୁ ୮ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଏହି ରାବଣରାଜ ଅନୁଷ୍ଠିତ ହେବ।



ଝସକେତନ ପ୍ରଧାନଙ୍କୁ ରାବଣ ଭାବେ ବରଣ କରାଯାଉଛି ।

■ ସୋହେଲାରେ ନବରାତ୍ର ଦୁର୍ଗାପୂଜା ପାଇଁ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

# ମନ ମୋହିବ ଅକ୍ଷରଧାମ ତୋରଣ

ସୋହେଲା,୨୬।୯(ଡି.ଏନ.ଏ)
ଆଉ କିଛି ଦିନ ପରେ ଜଗତ ଜନନୀ ମାଁ ଦୁର୍ଗାଙ୍କ ନବରାତ୍ର ପୂଜା ପାଳନ କରାଯିବ। ସୋହେଲା ଦୁର୍ଗାପୂଜା ଏଥର ୭୬ବର୍ଷରେ ପଦାର୍ପଣ କରିଛି। ପୂଜାକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟିର କର୍ମକର୍ତ୍ତାମାନେ ଜୋରସୋର ପ୍ରସ୍ତୁତି ଚଳାଇଛନ୍ତି। ପୂଜା ମଣ୍ଡପକୁ ସାଜସଜ୍ଜା କରାଯାଉଛି। ଏଥର ତୋରଣର ଡିଜାଇନ ଅକ୍ଷରଧାମ ସଦୃଶ କରାଯାଇଛି। ଏହି ସୁଦୃଶ୍ୟ ତୋରଣର ଉଚ୍ଚତା ୭୫ଫୁଟ ଓ ଓସାର ୫୦ ଫୁଟ ପାଖାପାଖି ରହିଛି। ଏହାକୁ ପଶ୍ଚିମବଙ୍ଗର କାରିଗରମାନେ ତିଆରି କରୁଛନ୍ତି। ସେହିପରି ମା ଦୁର୍ଗା ଓ ଅନ୍ୟାନ୍ୟ ପାର୍ଶ୍ୱଦେବୀଦେବଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜାତୀୟ ରାଜପଥ ପାର୍ଶ୍ୱ ଥାନା ଛକରେ ରାବଣ ଦରବାର, ଡେଲି ମାର୍କେଟ ମଣ୍ଡପରେ ଲୋକ ମହୋତ୍ସବ 'ପାର୍ବଣ' ଓ ଦୁର୍ଗାମନ୍ଦିର ପରିସରରେ ଥିବା ଚେତନା ମଣ୍ଡପରେ ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜା ଅବସରରେ ମୀନା ବଜାର ଏଠାକୁ ଆସି ସେମାନଙ୍କ ପସରା ମେଲାଇ ଦେଲେଣି । ରାସ୍ତାରେ ତୋରଣ ଓ ଆଲୋକମାଳା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି ।




ସୋହେଲାରେ ଦୁର୍ଗାପୂଜା ପାଇଁ ନିର୍ମିତ ତୋରଣ ।

### ସେମାନେ ଯାହା କୁହନ୍ତି...



"ସୋହେଲା ଦୁର୍ଗାପୂଜାର ବିଶେଷତ୍ୱ ହେଲା ଏଠାରେ ଦୁର୍ଗାମନ୍ଦିର ପରିସରରେ ଥିବା ସ୍ଥାୟୀ ମେଢ଼ ଓ ଦୁର୍ଗା ମନ୍ଦିରରେ ଏକକାଳୀନ ପୂଜା ନିଷ୍ଠାର ସହିତ କରାଯାଇଥାଏ । ଚଳିତ ବର୍ଷ ଖୁବ ଧୂମଧାମରେ ପୂଜା କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।
-**ପ୍ରକାଶ ଚନ୍ଦ୍ର ଦେବତା**, ପୂଜା କମିଟି ସଭାପତି



"ସମଗ୍ର ପଶ୍ଚିମ ଓଡିଶା ତଥା ପଡୋଶୀ ରାଜ୍ୟରେ ସୋହେଲା ଦୁର୍ଗାପୂଜାର ସୁନାମ ରହିଛି। ଏହାକୁ ଦେଖିବା ପାଇଁ ବହୁ ଦୂରଦୂରାନ୍ତରରୁ ଲୋକମାନେ ଆସିଥାନ୍ତି। ଲୋକମାନେ ଯେପରି ମାଁଙ୍କ ଦର୍ଶନ ଓ ମନୋରଜଂନ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରି ପାରିବେ ସେଥିପାଇଁ ବ୍ୟାପକ ପ୍ରସ୍ତୁତି କରିଛୁ ।
-ସୁଶାନ୍ତ ସିଂ, ମନ୍ତ୍ରୀ ତଥା କାର୍ଯ୍ୟକାରୀ ସଭାପତି



"ସୋହେଲା ଦୁର୍ଗାପୂଜା ଦେଖିବାକୁ ଲୋକେ ଅପେକ୍ଷା କରିଥାନ୍ତି। ସୋହେଲାରେ ଜାତିଧର୍ମ, ଭେଦଭାବ ଭୁଲି ଦୁର୍ଗାପୂଜା କରାଯାଇଥାଏ । ଆମର ଦୁର୍ଗାପୂଜା ଏକ ଭାଇଚାରାର ପ୍ରତୀକ ଅଟେ ।
-ମହମ୍ମଦ ରଫିକ, ପୂଜା କମିଟି ଉପସଭାପତି



"ସୋହେଲା ଦୁର୍ଗାପୂଜା ରାବଣ ପୋଡି ପାଇଁ ପ୍ରସିଦ୍ଧି ଲାଭ କରିଛି । ସ୍ଥାନୀୟ ମିନି ଷ୍ଟାଡିୟମରେ ରାବଣ ପୋଡି କାର୍ଯ୍ୟକ୍ରମ ହେବ । ଏଥର ମଧ୍ୟ ରାୟପୁର ଓ କଟକରୁ ବାଣ ତଥା ଆତବବାଜି ଆସିବ ।
-ଲଳିତ କୁମାର ଅଗ୍ରୱାଲ, ପୂଜା କମିଟି ସମ୍ପାଦକ



"ଆଜକୁ ୪୬ ବର୍ଷ ହେଲା ସୋହେଲା ଦୁର୍ଗାପୂଜାରେ ମୃଣ୍ମୟୀ ମୂର୍ତ୍ତି ତିଆରି କରି ଆସୁଛି । ଏହି କାମ କରି ନିଜକୁ ଧନ୍ୟ ମନେ କରୁଛି ।
-ଶ୍ରୀଧର ବେହେରା, ମୂର୍ତ୍ତି କାରିଗର



ଲାଗିପଡ଼ି ଯଦି ଜଳଭଣ୍ଡାର କାନ୍ଥକୁ ଖୋଳିବ, ତେବେ ମୂଷାଟିଏ ମଧ ଗୋଟିଏ ଦେଶକୁ ବୁଡ଼ାଇ ଦେଇପାରିବ।

- ବକ୍



## ସଂକ୍ଷେପରେ



ଉଦ୍ଧାର ହୋଇଥିବା ବୃଦ୍ଧ ।

### ଅସହାୟ ବୃଦ୍ଧ ଉଦ୍ଧାର

ବରଗଡ଼ ଅଫିସ୍,୨୬।୯

ବରଗଡ଼ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ଜଣେ ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରିଛନ୍ତି । ସେ ନିଜକୁ ରାଉରକେଲା ସେକ୍ଟର-୫ର ବୋଲି କହୁଥିଲେ ହେଁ ସମ୍ପୂର୍ଣ୍ଣ ଠିକଣା ଠିକ୍‌ଭାବେ କହି ପାରୁ ନାହାନ୍ତି । ସ୍ୱେଚ୍ଛାସେବୀମାନେ ତାଙ୍କୁ ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାରେ ଆଶ୍ରୟ ଦେବା ସହିତ ତାଙ୍କ ଘରକୁ ପଠାଇବା ପାଇଁ ଠିକଣା ଖୋଜିବା ଉଦ୍ୟମ କରୁଛନ୍ତି । ସମ୍ପୃକ୍ତ ବୃଦ୍ଧଙ୍କୁ ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ଟୋଲଗେଟ୍ ନିକଟରୁ ବୁଧବାର ରାତ୍ରି ପ୍ରାୟ ୯ଟାରେ ରୋହିତ ଜୟସ୍ୱାଲ ଓ ଅନ୍ୟ କେତେକ ସ୍ୱେଚ୍ଛାସେବୀ ଉଦ୍ଧାର କରିଥିଲେ ।

### ବିଦ୍ୟୁତ୍ ସଂସ୍ପର୍ଶରେ ଗାଈ ମୃତ

ପଦ୍ମପୁର, ୨୬।୯ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ କପସିଲା ଗ୍ରାମରେ ବିଦ୍ୟୁତ୍ ତାର ଲାଗି ଏକ ଗାଈର ମୃତ୍ୟୁ ହୋଇଛି । କପସିଲା ଗ୍ରାମର ଏକ ବିଦ୍ୟୁତ ଖୁଣ୍ଟର ଆର୍ଥିଙ୍ଗରେ ବିଦ୍ୟୁତ ସ୍ରୋତ ପ୍ରବାହିତ ହେଉଥିଲା । ବର୍ଷା ହେଉଥିବା ସମୟରେ ୨ଟି ଗାଈ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ ସୁଦ୍ଧା ଖସି ଯାଇଥିଲେ । କିନ୍ତୁ ରାଜୁ ରଣାଙ୍କ ଗାଈ ବିଦ୍ୟୁତ ସ୍ରୋତରେ ଲାଗିଯାଇ ମୃତ୍ୟୁବରଣ କରିଥିଲା ।

### କ୍ଷତିପୂରଣ ଉପରେ ଆଇନ ସଚେତନତା ଶିବିର

ବୌଦ୍ଧ,୨୬।୯(ସ୍ୱ.ପ୍ର)

ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଦୌରାଜଜ୍ ଅରବିନ୍ଦ କୁମାର ଗୁରୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ଭି ରଘୁନାଥ ରାଓ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପ୍ରଭୁରାମ ଦାସ ଅଧିକାରୀ, ପଞ୍ଚାୟତ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଡା. ମନୋଜ ମିଶ୍ର, ଅନ୍ୟ ବିଚାରପତି, ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ତଥା ରେଡକ୍ରସ ଅଫିସର ଅଧ୍ୟାପକ ପ୍ରବୀର କୁମାର ଦାସ ଏବଂ ଜିଲା ମହିଳା ପ୍ରୋଟେକସନ ଅଫିସର ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଧିକାରୀ ପୀଡିତାଙ୍କୁ କ୍ଷତପୂରଣ ସମ୍ବନ୍ଧୀୟ ଆଇନ ସହାୟତା ଉପରେ ଆଲୋକପାତ କରିଥିଲେ। ଏହି ଶିବିରରେ ଏକ ତର୍କ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗୀତାରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା ।

# ମରନ୍‌ଯଁତା ପାଲଟିଛେ ଯୋଗୀପାଲି ରାସ୍‌ତା

- ଆଁଠେ କୋଦୋରେ ସ୍କୁଲ ଯାଉଛନ୍ ଛାତ୍ରୀଛାତ୍ର
- ଆଏଁଖ୍ ମୁଜିଦେଇଛନ୍ ପଁଚେତ୍ କତୁରପକ୍ଷ

ଅତାବିରା, ୨୬।୯ (ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ୍ ସରକାର ଗାଁଗଁଲିନୁ ସହର ତକ୍ ଲୁକ୍‌କର ଗମନାଗମନ ଲାଗି ରାସ୍‌ତାଘାଟ ତିଆରି, ମରାମତିରେ ଫିବଛର କୋଟି କୋଟି ଟଁକା ସାରୁଛନ୍। ହେଲେ ଅନେକ୍ ଜାଗାରେ ରାସ୍‌ତା ତିଆରି, ମରାମତିରେ ସରକାରୀ ଟଁକା ହରିଲୁଟ ହେଉଥିଲାବେଲେ ଆର କେତେ ରାସ୍‌ତାଘାଟର ଉନ୍‌ନତି, ମରାମତି ଦିଗେ ଥାନୀୟ ପରଶାସନ ଧିଆନ୍ ନାଇଁ ଦେବାର। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ଯୋଗୀପାଲିରେ।

ସୂଚନା ଅନ୍‌ସାରେ ଭେଡ଼େନ ବ୍ଲକ ଅଧୀନ ଯୋଗୀପାଲି ରାସ୍‌ତା ଏହେଦେ ବହୁତ୍ ଖରାପ୍ ଅଛେ। ଯେନ୍‌ଥିରଲାଗି ଲୋକ୍ ଗାଡ଼ିମଟରରେ ଯିବାର ତ ଦୂରର କଥା ଚାଲି କରି ଯିବାକେ ହଦ୍‌ରି ଦେଉଛନ୍। ସ୍କୁଲ, କଲେଜକେ ପାଠ୍ ପଢ଼ିଯାଉଥିବାର ଛାତ୍ରୀଛାତ୍ର ବଡ଼ା ଦୁଖେ ଇ ରାସ୍‌ତାରେ ଆଁଠେ କାଦୋ ପାର ହେଇ ଯିବାର ଆଏବାର କରୁଛନ୍। ଅନେକ୍ ସମିଆରେ ଛୁଆମାନେ ଗଲାଆଏଲା ବେଲେ କାଦୋପିଛଲ୍ ଲାଗି ରାସ୍‌ତାରେ ହିଟି ପଡ଼ି ଖଁଡ଼ିଡଁଡ଼ିଆ ହେଉଛନ୍। ସିଆଲଖଣ୍ଡତା, ସୁନାଲରମ୍ଭା, ପପଙ୍ଗା ତିନ୍‌ଟା ପଁଚେତ୍‌ର ସୀମାନାକେ ଲାଗିଥିବାର ଇ ରାସ୍‌ତା ଉପରେ ସତେ ଯେନ୍‌ତା ସବୁ ପଁଚେତ୍ କତୁରପକ୍ଷ ଆଏଁଖ୍ ମୁଜିଦେଇଛନ୍। ସେନ୍‌ତା ଯୋଗୀପାଲି, ପଧାନପାଲି, ଜାମପାଲି, ରିଶାମୁଣ୍ଡା, ବଘିଆପାଲିର ଗାଁର ରାସ୍‌ତାମାନକର ଅବସ୍‌ତା ବି ବହୁତ୍ ଖରାପ ଅଛେ। ଇ ଦିଗେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ଅଂଚଲବାସୀ ଦାବି କରିଛନ୍। ଇ ବାବ୍‌ଦେ ଭେଡ଼େନ ବିଡିଓ ମୁରଲୀଧର ନାଏକଙ୍କୁଁ ପଚରାଲାରୁ ରାସ୍‌ତା ତିଆରି, ମରାମତି ଦିଗେ ବହୁତ୍ ଜଲ୍‌ଦି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ଯୋଗୀପାଲି ରାସ୍‌ତାରେ ଆଁଠେ କାଦୋ ଭିତରେ ଛାତ୍ରୀଛାତ୍ର ସ୍କୁଲକେ ଯାଉଛନ୍।

## ବାଳିକା ହାଇସ୍କୁଲରେ ଶାଳାସିଦ୍ଧି କର୍ମଶାଳା

ପଦ୍ମପୁର, ୨୬।୯ (ଡି.ଏନ.ଏ)

ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ ଗୁରୁବାର ଏକଦିବସୀୟ ଶାଳାସିଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଛି। ବିଇଓ ତ୍ରିବିକ୍ରମ ପାଣିଗ୍ରାହୀ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଏହି ରାଷ୍ଟ୍ରୀୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କାମନା କରିଥିଲେ। ଶିକ୍ଷକ ବୃନ୍ଦାବନ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏବିଇଓ ଧବଳେଶ୍ୱର ବରିହା ଅତିଥି ଭାବେ ମଞ୍ଚାସୀନ ଥିଲେ । ରାଜବୋଡାସମ୍ବର ବ୍ଲକର ଏବିଇଓ, ଦହିଗାଁ ସର୍କଲର ୪୯ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଶାଳାରେ ଯୋଗଦାନ କରିଥିଲେ। ସାଧନକର୍ମୀ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ରାଜେଶ କୁମାର ଖମାରୀ, ରାଧାକାନ୍ତ ସୁଆର କର୍ମଶାଳା ପରିଚାଳନା କରିଥିଲେ ।

## ସମଲେଶ୍ୱରୀଙ୍କ ଶାରଦୀୟ ପୂଜା ପ୍ରସ୍ତୁତି

ବରଗଡ଼ ଅଫିସ୍,୨୬।୯

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଶାରଦୀୟ ନବଦିନାତ୍ମକ ପୂଜନୋତ୍ସବ ପାଇଁ ମନ୍ଦିର କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଶାରଦୀୟ ନବଦିନାତ୍ମକ ପୂଜାକୁ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ମନ୍ଦିର ତଥା ମନ୍ଦିରକୁ ଯାଇଥିବା ରାସ୍ତାରେ ଉଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୨୮ତାରିଖ ମହାଳୟା ଅବସରରେ ମାଁଙ୍କ ଧବଳମୁଖୀ ବେଶ ଅନୁଷ୍ଠିତ ହେବ । ଅପରାହ୍ନ ୩ଟା ୫୭ ମିନିଟରୁ ଶାରଦୀୟ ନବଦିନାତ୍ମକ ପୂଜା ପାଇଁ ଖଣ୍ଡାଧୁଆ ଶୋଭାଯାତ୍ରା ସହ ରାତ୍ର ୭ଟା ୫୪ମିନିଟ୍ ସମୟ ମଧ୍ୟରେ କଳସ ଆବାହନ କରାଯିବ ବୋଲି ମନ୍ଦିର କମିଟି ତରଫରୁ ସୂଚନା ଦିଆଯାଇଛି । ସେହିପରି ସେପ୍ଟେମ୍ବର ୨୯ତାରିଖରୁ ଅକ୍ଟୋବର ୬ତାରିଖ ପର୍ଯ୍ୟନ୍ତ ମାଁ ସମଲେଶ୍ୱରୀଙ୍କ ନବରାତ୍ର ପୂଜା ଏବଂ ଅକ୍ଟୋବର ୭ତାରିଖରେ ଦେବୀଙ୍କ ମହାଦଶମୀ ବିହିତ ପୂଜା କାର୍ଯ୍ୟକ୍ରମ ରହିଛି । ସେପ୍ଟେମ୍ବର ୨୯ତାରିଖରେ ଦେବୀଙ୍କ ନବଦିନାତ୍ମକ ପୂଜାରମ୍ଭ ହେବ ଏବଂ ମାଁଙ୍କ ଶୈଳପୁତ୍ରୀ ବେଶ ଅନୁଷ୍ଠିତ ହେବ । ଏହି ଦିନ ଭକ୍ତଙ୍କ ଦ୍ୱାରା ମାନସିକ ଅଖଣ୍ଡ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ରହିଛି। ୩୦ତାରିଖରେ ଦେବୀଙ୍କ ବ୍ରହ୍ମଚାରିଣୀ, ଅକ୍ଟୋବର ୧, ୨ତାରିଖରେ କୁଷ୍ମାଣ୍ଡା ଓ ସ୍କନ୍ଦମାତା ବେଶରେ ମାଁ ସମଲେଶ୍ୱରୀ ପୂଜା ପାଇବେ । ସେହିପରି ଅକ୍ଟୋବର ୩ତାରିଖ କାତ୍ୟାୟନୀ, ୪ରେ କାଳରାତ୍ରୀ, ୬ରେ ସିଦ୍ଧଧାତ୍ରୀ ଏବଂ ୫ତାରିଖ ମହାଗୌରୀ ବେଶରେ ଦେବୀ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି । ୫ତାରିଖରେ ଭାଇ ଜିଉନ୍ତିଆ ଓଷା ପାଳନ କରାଯିବ। ୧୩ ତାରିଖ କୁମାର ପୂର୍ଣ୍ଣିମାରେ ସମଲେଶ୍ୱରୀ ରାଜ ରାଜେଶ୍ୱରୀ ବେଶରେ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।



ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ।

## ମା ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା

ବାଉଁଶୁଣୀ,୨୫।୯(ଡି.ଏନ.ଏ)

ବୌଦ୍ଧଜିଲା ବାଉଁଶୁଣୀସ୍ଥିତ ମା ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି । ଦ୍ୱିତୀୟ ଓ ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଳ ମୁଖ୍ୟଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସହ ଭବିଷ୍ୟତକୁ ଉଜ୍ଜଳମୟ କରିବାକୁ ପରାମର୍ଶ ଦେଇଥିଲେ। ଉତ୍ସବରେ ଅଧ୍ୟାପକ ଶଶିକାନ୍ତ ଜେନା, ମନୋରଞ୍ଜନ ଘଡେଇ, ଡଃ. ପ୍ରଶାନ୍ତ ମଲ୍ଲିକ, ବାବାରାମ ଦେହୁରୀ, ଅଧ୍ୟାପିକା ଦୀପାଞ୍ଜଳି ସାହୁ ଓ ସ୍ୱାଗତିକା ଲେଙ୍କା ନୂତନ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କ୍ରୀଡା ଶିକ୍ଷକ ଗୋକୁଳାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବରଗଡ଼ରେ ଲୋକ ଅଭିଯୋଜନ ନିର୍ଦ୍ଦେଶକଙ୍କ ସମୀକ୍ଷା

## ମାମଲାର ସୁପରିଚାଳନା, ଦଣ୍ଡବିଧାନକୁ ଗୁରୁତ୍ୱ



ଲୋକ ଅଭିଯୋଜନ ନିର୍ଦ୍ଦେଶକଙ୍କ ଗହଣରେ ସରକାରୀ ଓକିଲବୃନ୍ଦ।

ବରଗଡ଼ ଅଫିସ୍,୨୬।୯

ଓଡ଼ିଶା ସରକାରଙ୍କ ଲୋକ ଅଭିଯୋଜନ ନିର୍ଦ୍ଦେଶକ ମାନସ କୁମାର ମିଶ୍ର ଗୁରୁବାର ବରଗଡ଼ ଜିଲା ଗସ୍ତରେ ଆସିଥିଲେ । ସ୍ଥାନୀୟ ସର୍କିଟ୍ ହାଉସରେ ଅନୁଷ୍ଠିତ ଏକ ବୈଠକରେ ଜିଲାର ସମସ୍ତ ସରକାରୀ ଓକିଲଙ୍କ ସହିତ ସେ ଜିଲାର ସମସ୍ତ ଫୌଜଦାରୀ ଅଦାଲତରେ କାର୍ଯ୍ୟରତ ସରକାରୀ ଓକିଲଙ୍କ କାର୍ଯ୍ୟ ସମୀକ୍ଷା କରିଥିଲେ। ଏହାସହିତ ଫୌଜଦାରୀ ମୋକଦ୍ଦମା ଗୁଡ଼ିକର ସୁପରିଚାଳନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ଉପସ୍ଥିତ ସରକାରୀ ଓକିଲଙ୍କୁ ବିଭିନ୍ନ ପରାମର୍ଶ, ଦିଗଦର୍ଶନ ଦେଇଥିଲେ। ସେହିପରି ମହିଳା, ଶିଶୁ ଓ ଅର୍ଥନୈତିକ ସମ୍ପର୍କୀତ ଅପରାଧ ଗୁଡ଼ିକର ମାମଲା ପରିଚାଳନାରେ ସରକାରୀ ଓକିଲମାନେ ବିଶେଷ ଧ୍ୟାନ ଦେବା ସହିତ ଗୁରୁତ୍ୱର ସହିତ କାର୍ଯ୍ୟ କରି ଦଣ୍ଡ ବିଧାନ ନିଶ୍ଚିତ କରିବା ପାଇଁ ଚେଷ୍ଟିତ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ସରକାରୀ ଓକିଲ ମାମଲା ପରିଚାଳନା ସମୟରେ ହେଉଥିବା ବିଭିନ୍ନ ସମସ୍ୟା ଗୁଡ଼ିକ ଉପରେ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ନିର୍ଦ୍ଦେଶକ ସେହି ସମସ୍ୟା ଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସୂଚନା ଦେଇଥିଲେ । ଉକ୍ତ ବୈଠକରେ ବରଗଡ଼ ଜିଲାର ପବ୍ଲିକ ପ୍ରସିକ୍ୟୁଟର ସଞ୍ଜୟ କୁମାର ପ୍ରଧାନ, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଶରତ ଚନ୍ଦ୍ର ମେହେର, ମନୋଜ କୁମାର ଏକ୍କା, ରଜନୀକାନ୍ତ ଦାଶ, ଶ୍ୟାମସୁନ୍ଦର ଅଦାବର, ସ୍ୱେଶା ପି.ପି କାଳୀଚରଣ ଦାଶ, ଦେବରାଜ ଚିନ୍ଦା, ସହକାରୀ ପବ୍ଲିକ ପ୍ରସିକ୍ୟୁଟର ବିନିତା ରାଉତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ଶିବିରରେ ୫୪ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୨୬।୯

ବରଗଡ଼ ବ୍ଲକ ଝାଙ୍କରପାଲିରେ ଗୁରୁବାର ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜୀବନ ବିନ୍ଦୁର ସହସଂଯୋଜକ ଅଶ୍ୱିନୀ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ଜିଲା ଯୋଜନା ବୋର୍ଡ଼ କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିଥିଲେ । ସେହିପରି ଯୁବନେତା ଉମେଶ ଚନ୍ଦ୍ର ପଣ୍ଡା, କ୍ଷୀରୋଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିବିରରେ ୫୪ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିର ପରିଚାଳନାରେ ଝାଙ୍କରପାଲି ଗ୍ରାମବାସୀ ସହଯୋଗ କରିଥିଲେ ।



ବରଗଡ଼ ବିଧାୟକ ରକ୍ତଦାନ ଶିବିର ପରିଦର୍ଶନ କରୁଛନ୍ତି ।

## ଫୁଟବଲ: ଖଲିଆପାଲି, ବରଗାଁ ବିଜୟୀ

ବରଗଡ଼ ଅଫିସ୍,୨୬।୯

ବରଗଡ଼ ବ୍ଲକ ଖୁଣ୍ଟପାଲି ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରିରଙ୍ଗା କପ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଖଲିଆପାଲି ଓ ବରଗାଁ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସୋହେଲା ଓ ଖଲିଆପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ଖଲିଆପାଲି ବିଜୟୀ ହୋଇଥିଲା । ସେହିପରି ବରଗାଁ ଓ ଜୁଲଟ୍ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା । ଏଥିରେ ବରଗାଁ ପ୍ରତିପକ୍ଷ ଜୁଲଟ୍‌କୁ ୨-୦ ଗୋଲରେ ହରାଇଥିଲା। ଆମ ଆଦମୀ ପାର୍ଟି (ଆପ୍)ର ବରଗଡ଼ ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ବିର୍ସାମୁଣ୍ଡା ସଂଘର୍ଷ ବାହିନୀର ସଭାନେତ୍ରୀ ମେରିୟମ ବାର୍ଲା, ଆଡ଼ଭୋକେଟ୍ ରମେଶ ପତି, ସୌରଭ ଭୋଇ ଅତିଥି ଭାବେ ଯୋଗଦାନ କରି ଆୟୋଜକ, ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଅନୀଲ ବାଗ, ଶିବାନନ୍ଦ ଦାଶ, ଶ୍ୟାମପ୍ରସାଦ ବିଶି, ଅନିରୁଦ୍ଧ ପ୍ରଧାନ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ଖେଳାଳି, ଆୟୋଜକବୃନ୍ଦ ।

### ଆଲୋଚନା ପରେ ଅଙ୍ଗନୱାଡି କେନ୍ଦ୍ରରୁ ତାଲା ଖୋଲିଲା

## ଡଙ୍ଗାରେ ଗଲେ ପ୍ରଶାସନିକ ଅଧିକାରୀ

ପଦ୍ମପୁର/ପାଇକମାଳ, ୨୬।୯ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଚର୍ଦାପାଲି ଗ୍ରାମପଞ୍ଚାୟତ ଅଧୀନ ଚଙ୍ଗରିଆ (ଗସ୍ତିଡିହି) ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ହେଉଥିବା ଅନିୟମିତତା ପାଇଁ ଗ୍ରାମବାସୀ ତାଲା ପକାଇଥିଲେ। ୧ ମାସ ତାଲା ପଡିଲା ପରେ ପ୍ରଶାସନିକ ଅଧିକାରୀ ଡଙ୍ଗା ସାହାଯ୍ୟରେ ଗୁରୁବାର ଏହି ଅଞ୍ଚଳକୁ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ପରେ ଅଙ୍ଗନୱାଡି କେନ୍ଦ୍ରରୁ ତାଲା ଖୋଲିଥିଲା ।

ସୂଚନାଯୋଗ୍ୟ, ଲଖମରା ଓ ଚର୍ଦାପାଲି ମଝିରେ ଅଙ୍ଗନଦୀ ବହିଯାଇଛି। ଫଳରେ ଲୋକମାନେ ଡଙ୍ଗା ସାହାଯ୍ୟରେ ଯିବା ଆସିବା କରିଥାନ୍ତି। ତେଣୁ ଚର୍ଦାପାଲି ଅଞ୍ଚଳକୁ ବର୍ଷା ଦିନରେ ପ୍ରଶାସନର ଦୃଷ୍ଟି କମ୍ ପଡିଥାଏ । କୌଣସି ଅଧିକାରୀ ଉକ୍ତ ଅଞ୍ଚଳକୁ ଯିବା ପାଇଁ ଇଚ୍ଛା ପ୍ରକାଶ କରି ନ ଥାନ୍ତି । ତେବେ ମାସେ ହେଲା ଉକ୍ତ ଅଞ୍ଚଳରେ ଥିବା ଏକ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପଡିଥିବାରୁ ପାଇକମାଳ ବିଡିଓ ସଦାଶିବ ନାୟକ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସନ୍ତୋଷିନୀ ଗିରି, ସୁପରଭାଇଜର ସୌଦାମିନୀ ପଣ୍ଡା, ଗ୍ରାମ ମଙ୍ଗଳ ଅଧିକାରୀ ଗୁରୁଚରଣ ଦାଶ, ଓ ଖସକେତନ ବେହେରା ଡଙ୍ଗା ସାହାଯ୍ୟରେ ଯାଇଥିଲେ । ଚଙ୍ଗରିଆ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପଡିବା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ । ଶେଷରେ ଗ୍ରାମବାସୀ ଓ ଅଙ୍ଗନୱାଡି କେନ୍ଦ୍ରର କର୍ମୀ, ସହାୟିକାଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇ ସମାଧାନ ହୋଇଥିଲା ।



ପ୍ରଶାସନିକ ଅଧିକାରୀମାନେ ଡଙ୍ଗା ସାହାଯ୍ୟରେ ଯାଉଛନ୍ତି ।

- ଶ୍ରମ କାର୍ଯ୍ୟାଳୟରେ ଦଲାଲରାଜ ବନ୍ଦ ଦାବି

## ବିକ୍ଷୋଭ କଲା ନିର୍ମାଣ ଶ୍ରମିକ ସଂଘ

ବୌଦ୍ଧ,୨୬।୯(ସ୍ୱ.ପ୍ର)

ବୌଦ୍ଧ ଜିଲା ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ ସମିତି ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ୧୨ ଦଫା ଦାବିରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଶ୍ରମିକମାନେ ଶ୍ରମ ଦେଇ ଚାଲିଥିବାବେଳେ ସେମାନଙ୍କୁ ତାଙ୍କର ନ୍ୟାଯ୍ୟ ସୁବିଧା ପ୍ରଦାନ କରାଯାଉନାହିଁ। ଏହାର ପ୍ରତିବାଦରେ ଜିଲାର ବିଭିନ୍ନ ଶ୍ରମିକ ସଙ୍ଗଠନ ଏକ ବିଶାଳ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କିବା ସହିତ ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ରାଇକାଙ୍କ ଜରିଆରେ ରାଜ୍ୟ ଶ୍ରମ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ବିକ୍ଷୋଭ ପ୍ରଦର୍ଶନରେ ଶ୍ରମିକ ନେତା ଅବକାଶ ସାହୁ, ଅର୍ଜୁନ ରଣା, ଦିଲୀପ ବସ୍ତିଆ, ଲୋକନାଥ ଶତପଥୀ, ରୀନା ଗିରିଙ୍କ ସମେତ ଶତାଧିକ ମହିଳା ପୁରୁଷ ଶ୍ରମିକ ସାମିଲ ହୋଇଥିଲେ । ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ବନ୍ଦ ଥିବା ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା ଆବେଦନପତ୍ରକୁ ତୁରନ୍ତ ଗ୍ରହଣ କରିବା, ସାଇକେଲ ବିଲ୍ ଦିଆଯାଇଥିବା ଆବେଦନକାରୀଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯିବା, ପୂର୍ବରୁ ମଞ୍ଜୁର ହୋଇଥିବା ଓ ସହାୟତା ପାଇ ନ ଥିବା ହିତାଧିକାରୀଙ୍କୁ ବକେୟା ରାଶି ପ୍ରଦାନ, ଜିଲା ଶ୍ରମ କାର୍ଯ୍ୟାଳୟରେ ଖାଲିଥିବା ପଦବି ପୂରଣ, ଇଣ୍ଟରନେଟ ସେବା, କମ୍ପ୍ୟୁଟର ଓ ଆସବାବପତ୍ର ପ୍ରଦାନ, ଶ୍ରମ କାର୍ଯ୍ୟାଳୟରୁ ଦଲାଲ ରାଜ ବନ୍ଦ କରାଯିବା ଦାବିରେ ଶ୍ରମିକମାନେ ଏହି ବିକ୍ଷୋଭ କରିଥିଲେ ।



'କହୋ ନା ପ୍ୟାର୍ ହୈ' ଫିଲ୍ମ ପରେ ମୋ ପାଖକୁ ୩୦ ହଜାର ବିବାହ ପ୍ରସ୍ତାବ ଆସିଥିଲା।
-ହ୍ରିତିକ ରୋଶନ୍,
ବଲିଉଡ୍ ଅଭିନେତା

## ସଂକ୍ଷେପରେ

### ବୌଦ୍ଧକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ ଦାବି
### ପୁଣି ତେଜିଲା ଆନ୍ଦୋଳନ

ବୌଦ୍ଧ,୨୬।୯(ସ୍ୱ.ପ୍ର) ବୌଦ୍ଧ ଜିଲାକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ କରିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ଏହାକୁ ପୂରଣ କରିବା ସରକାର ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି । ତେଣୁ ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଜିଲା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ଶୋଭାଯାତ୍ରା ସହ ଆନ୍ଦୋଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଓକିଲ ସଂଘ ପକ୍ଷରୁ ଏ ନେଇ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଭାପତି ତାରେଣି କୁମାର ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

### ଗଞ୍ଜେଇ ଜବତ, ୨ ଅଭିଯୁକ୍ତ ଗିରଫ

ବାଉଁଶୁଣୀ,୨୬।୯(ଡି.ଏନ.ଏ) ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ଗଞ୍ଜେଇ ଚାଲାଣ ମାମଲାରେ ଜଣେ ମହିଳାଙ୍କ ସମେତ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜଡାପାଲ ଗ୍ରାମର କୁନା ମହାନନ୍ଦିଆ ଓ ବିହାର ରାଜ୍ୟ ମୋତିହାରି ଜିଲା ରକସୁଲର ଜଣେ ମହିଳା। ଗୁରୁବାର ସକାଳୁ ଏକ ବାଇକ ଯୋଗେ ଜଡାପାଲରୁ ତାଲସରଡା ରାସ୍ତାରେ ଆସୁଥିବା ବେଳେ ବାଉଁଶୁଣୀ ପୋଲିସ ସେମାନଙ୍କୁ ଅଟକାଇ ସନ୍ଦେହରେ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ସେମାନଙ୍କଠାରୁ ୯ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା । ଏ ନେଇ ବାଉଁଶୁଣୀ ଥାନାରେ ଏକ ମାମଲା (ନଂ.୧୧୭/୧୯) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

### କଫ ସିରପ ଜବତ, ଜଣେ ଗିରଫ

ବରଗଡ଼ ଅଫିସ୍,୨୬।୯ ବରଗଡ଼ ସଦର ଥାନା ପୋଲିସ କଫ୍ ସିରପ କାରବାର ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଗୋବିନ୍ଦପାଲିର କାହ୍ନା ଦାସ(୨୭) । ତାଙ୍କ ପାଖରୁ ୨୮ବୋତଲ କଫ୍ ସିରପ୍, ୨ଷ୍ଟ୍ରିପ୍ ଆଲପାଜୋଲମ ନିଶା ବଟିକା ଏବଂ ଏକ ସ୍କୁଟି(ନଂ-ଓଡ଼ି୧୫ଜି ୯୬୧୭) ଜବତ ହୋଇଥିବା ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି ।

■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ପ୍ରସଙ୍ଗ

# ତେଜୁଛି ଓକିଲଙ୍କ ଆନ୍ଦୋଳନ

■ ଅତାବିରାରେ ସବୁ ସରକାରୀ ଅଫିସ ବନ୍ଦ
■ ବରଗଡ଼ରେ ଅର୍ଥନୈତିକ ଅବରୋଧ ଜାରି

ବରଗଡ଼ ଅଫିସ୍/ଅତାବିରା,୨୬।୯

ପଶ୍ଚିମ ଓଡ଼ିଶାର ଯେ କୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ବରଗଡ଼ ଜିଲା ଓକିଲ ସଂଘ ମଙ୍ଗଳବାରଠାରୁ ଅର୍ଥନୈତିକ ଅବରୋଧକୁ ଓହ୍ଲାଇ ଥିବାବେଳେ ଗୁରୁବାରଠାରୁ ଅତାବିରା ଓକିଲ ସଂଘ ସମସ୍ତ ସ୍ଥାନୀୟ ସରକାରୀ ଅଫିସ, ବ୍ୟାଙ୍କକୁ ପିକେଟିଂ କରି ବନ୍ଦ କରି ଦେଇଛି । ଫଳରେ ଅତାବିରାର ବ୍ଲକ, ତହସିଲ, ପ୍ରାଥମିକ କୃଷି ସମବାୟ ସମିତି ସବୁ ସରକାରୀ କାର୍ଯ୍ୟାଳୟ ଅଚଳ ହୋଇ ପଡ଼ିଛି । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଅତାବିରା ଓକିଲ ସଂଘ ପକ୍ଷରୁ ସୂଚନା ମିଳିଛି । ଏଠାରେ ସଂଘ ସଭାପତି ରାକେଶ ପାଢ଼ୀ, ସମ୍ପାଦକ ରୋହିତ ମହାପାତ୍ର, ବିରେନ୍ଦ୍ର ବାଙ୍କା, ଉନ୍ନି ନାୟାର, ସୁଶାନ୍ତ ମିଶ୍ର, ତ୍ରିଲୋଚନ ମେହେର, ଦିବ୍ୟକିଶୋର ମିଶ୍ର ପ୍ରମୁଖ ନେତୃତ୍ୱ ନେଉଛନ୍ତି । ସେହିପରି ବରଗଡ଼ ଜିଲା ଓକିଲ ସଂଘର ଅର୍ଥନୈତିକ ଅବରୋଧ ଯୋଗୁ ଗତ ତିନିଦିନ ହେଲା ବରଗଡ଼ ବ୍ଲକ, ତହସିଲ, ରାଜସ୍ୱ ନିରୀକ୍ଷକ, ଜିଲା କୋଷାଗାରଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲାପାଳ ଅଫିସ ବନ୍ଦ ରହିଛି । ବିଜେପୁର ଉପନିର୍ବାଚନ ଦୃଷ୍ଟିରୁ ପ୍ରଶାସନର ଅନୁରୋଧ କ୍ରମେ ଜିଲାପାଳ ଅଫିସ ପରିସରରେ ରହିଥିବା ନିର୍ବାଚନ କାର୍ଯ୍ୟାଳୟକୁ ବନ୍ଦ କରାଯାଇନାହିଁ ବୋଲି ସଂଘର ଉପସଭାପତି ସରୋଜ କୁମାର ତ୍ରିପାଠୀ କହିଛନ୍ତି । ସଂଘ ସଭାପତି ବେଲାଳସେନ ସରାଫ, ଉପସଭାପତି ତ୍ରିପାଠୀ, ସମ୍ପାଦକ ହେମନ୍ତ ପୁରୋହିତ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ଏଠାରେ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ।



ଅତାବିରା ତହସିଲ ଅଫିସ ଆଗରେ ଓକିଲଙ୍କ ପିକେଟିଂ ।

## ଆଜି କ'ଣ କେଉଁଠି

**ଦେବଗଡ଼**
■ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସଫେଇ ଅଭିଯାନ, ପ୍ରଧାନପାଟ, ସକାଳ ୮ଟା।
■ଗାନ୍ଧୀ ଜୟନ୍ତୀ ଉପଲକ୍ଷେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ରଚନା, ବକ୍ତୃତା ପ୍ରତିଯୋଗିତା, ଷେଣ୍ଢ ହାଇସ୍କୁଲ, ରିଆମାଳ, ପୂର୍ବାହ୍ନ ୧୦ଟା।
■କୃଷକ ତାଲିମ ଶିବିର, ଗୁଣ୍ଡିଆପାଲି, ରିଆମାଳ, ପୂର୍ବାହ୍ନ ୧୦ଟା।

**ଟିଟିଲାଗଡ**
■ଗାନ୍ଧୀ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ, ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଅପରାହ୍ନ ୨.୩୦ମିନିଟ।

**ବିଜେପୁର**
■ବିଜେଡିର ନୂଆଁଖାଇ ଭେଟ୍‌ଘାଟରେ ମହିଳା ସମାବେଶ, ରାବଣ ପୋଡି ପଡିଆ, ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
■ବୌଦ୍ଧକୁ ସମ୍ବଲପୁର ଆରଡିସି ଅଧୀନରେ ସାମିଲ ନେଇ ଦାବିପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା ।

**ରାଉରକେଲା**
■କେନ୍ଦ୍ରୀୟ ପୂଜା କମିଟି ବୈଠକ,ଏଡିଏମଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ।
■ମାସିକ ସାହିତ୍ୟ ଆସର,ବାସନ୍ତୀ ପାଠାଗାର, ବାସନ୍ତୀ କଲୋନୀ, ସନ୍ଧ୍ୟା ୬ଟା ୩୦।

**ଲୋଇସିଂହା**
■ଭାରତୀୟ ଜନତା ପାର୍ଟି ପକ୍ଷରୁ ଗଣବିକ୍ଷୋଭ, ବ୍ଲକ ସମ୍ମୁଖ, ପୂର୍ବାହ୍ନ ୧୦ଟା।

**ବରଗଡ଼**
■କିଶନ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ, ସୌଖୀନ ରଙ୍ଗମଞ୍ଚ, ବରଗଡ଼, ସନ୍ଧ୍ୟା ୬ଟା ୩୦ମିନିଟ୍ ।
■ଅଳଙ୍କାର ଥିଏଟର ଟିମ୍‌ର ଆଲୋଚନା, ନାଟକ ପରିବେଷଣ, ବରଗଡ଼ ମହିଳା କଲେଜ, ପୂର୍ବାହ୍ନ ୧୦ଟା ।
■ତ୍ରିରଙ୍ଗା କପ୍ ଫୁଟବଲ ପ୍ରତିଯୋଗିତା (ମ୍ୟାଚ୍: ଅଇଁଠାପାଲି ବନାମ ଧାଙ୍ଗେର, ସାହାଜବାହାଲ ବନାମ ପାତିକରପଲ୍ଲୀ), ଖୁଣ୍ଟପାଲି ପଡ଼ିଆ, ଅପରାହ୍ନ ୨ଟା ।

**ଭବାନୀପାଟଣା**
■ରାଷ୍ଟ୍ରୀୟ ଏକତା ଅଭିଯାନ, ଏକ ରାଷ୍ଟ୍ର ଏକ ସମ୍ବିଧାନ ଉପରେ ବୁଦ୍ଧିଜୀବୀ ସମ୍ମିଳନୀ, ହିନ୍ଦପ୍ଲାଜା ହୋଟେଲ, ଅପରାହ୍ନ ୪ ଟା।

**ନୂଆପଡ଼ା**
■ଜଳ ପରୀକ୍ଷଣ ଉପରେ ତାଲିମ କାର୍ଯ୍ୟକ୍ରମ, ନ୍ୟାଶନାଲ ହାଇସ୍କୁଲ, ପୂର୍ବାହ୍ନ ୧୧ଟା ।

**ସମ୍ବଲପୁର**
■ସ୍ୱଚ୍ଛ ପାଣି ବ୍ୟବହାର ସଚେତନତା କାର୍ଯ୍ୟକ୍ରମ, ସମ୍ବଲପୁର ରେଳ ଷ୍ଟେଶନ, ପୂର୍ବାହ୍ନ ୧୦ଟା।

# ଆଜି ପ୍ରାର୍ଥୀ ଘୋଷଣା କରିପାରେ ବିଜେଡି

**ବିଜେପୁର ଉପନିର୍ବାଚନ**

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ବିଜେପୁର ଉପନିର୍ବାଚନ ପାଇଁ ବିଜେଡି ଶୁକ୍ରବାର ପ୍ରାର୍ଥୀ ଘୋଷଣା କରିବାର ସମ୍ଭାବନା ରହିଛି। ପୂର୍ବତନ ବିଧାୟିକା ରୀତା ସାହୁ, ପୂର୍ବତନ ଏମ୍‌ପି ପ୍ରଭାସ ସିଂ ଏବଂ ଏପିକଲ୍ ଅଧ୍ୟକ୍ଷ ପ୍ରଭାତ ଆଦିତ୍ୟ ମିଶ୍ରଙ୍କ ନାଁ ମଧ୍ୟରୁ ଜଣଙ୍କୁ ପ୍ରାର୍ଥୀ କରାଯିବ। ହେଲେ ଦଳୀୟ ମହଲରେ ରୀତାଙ୍କ ନାଁକୁ ନେଇ ଅଧିକ ଚର୍ଚ୍ଚା ରହିଛି। ସେହିପରି ବୁଧବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବୈଠକ ପରେ ଦାୟିତ୍ୱରେ ଥିବା ନେତା ବିଜେପୁର ଗସ୍ତ କରିବେ ବୋଲି ଜଣାପଡିଛି। ଶୁକ୍ରବାର ମଧ୍ୟାହ୍ନରେ ବିଜେଡି ସଭାପତି ଦଳୀୟ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକରେ ଯୋଗ ଦେବେ। ଏହି ବୈଠକରେ ବିଜେପୁର ରଣନୀତି ଏବଂ ସଭ୍ୟ ସଂଗ୍ରହ କାର୍ଯ୍ୟର ସମୀକ୍ଷା କରାଯିବ ବୋଲି ଜଣାପଡିଛି। ସେହିପରି ଗୁରୁବାର ଦଳୀୟ କାର୍ଯ୍ୟାଳୟରେ ବିଜେପୁର ନିର୍ବାଚନ ସମ୍ପର୍କିତ ଏକ ଛୋଟ ଧରଣ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମୀର ରଞ୍ଜନ ଦାଶ, ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ନିର୍ବାଚନମଣ୍ଡଳୀରେ କାହାର କେଉଁ ନିର୍ଦ୍ଦିଷ୍ଟ ଦାୟିତ୍ୱ ରହିବ, ସେ ନେଇ ଆଲୋଚନା କରାଯାଇଥିଲା।

### ଶାଗୁଆନ ପଟା ଜବତ

ସେରଗଡ,୨୬।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବନ ବିଭାଗ ପକ୍ଷରୁ ଗୁରୁବାର ନର୍ଲା ରେଞ୍ଜର ନୃତରାଜ ମାଝିଙ୍କ ନେତୃତ୍ୱରେ ସଦଳବଳେ ନର୍ଲାସ୍ଥିତ ଡଙ୍ଗରମାଳ ଗାଁର ଜଣଙ୍କ ଘରେ ଚଢାଉ କରିଥିଲେ । ଚଢାଉ ବେଳେ ସାଇଜ ଶାଗୁଆନ ପଟା ଜବତ କରିଥିଲେ। ଯାହାର ଆନୁମାନିକ ବଜାର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ଲାଞ୍ଜିଗଡର ରାଜେଶ ହରିଜନ ନାମକ ବ୍ୟକ୍ତି ଏହି କାଠ ବେପାର ଦୀର୍ଘ ଦିନରୁ କରି ଆସୁଛନ୍ତି।

# ଗଛ ପଡି ୧୩୨ କେଭି ବିଦ୍ୟୁତ୍ ତାର ଛିଣ୍ଡିଲା

ସୋନପୁର,୨୬।୯(ନି.ପ୍ର.)

ବୁଧବାର ରାତି ୧୧ଟାରୁ ଗୁରୁବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଲେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା ବାସୀ। ଦୀର୍ଘ ୧୫ ଘଣ୍ଟା ଧରି ଉଭୟ ଜିଲା ବାସୀ ବହୁ ଅସୁବିଧା ଭୋଗିଲେ। ବିଦ୍ୟୁତ୍ ନ ଥିବାରୁ ପାନୀୟ ଜଳ ପାଇବାକୁ ଲୋକେ ହୀନସ୍ତା ହେଲେ। ବର୍ଷାରେ ଗଛର ମୂଳ ଢିଲା ହେବା କାରଣରୁ ବଲାଙ୍ଗୀର ଜିଲା ବିଚ୍ଛୁପାଲିଠାରେ ଏକ ବଡ ଖ୍ରିନ୍ ଗଛମୂଳରୁ ଉପୁଡି ୧୩୨ କେଭି ବିଦ୍ୟୁତ୍ ତାର ଉପରେ ପଡିଥିଲା। ଫଳରେ ୨ ପୋଲ ମଧ୍ୟରେ ତାର ଛିଣ୍ଡି ଯାଇଥିଲା। ଏଥିଯୋଗୁଁ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାକୁ ବିଦ୍ୟୁତ୍ ସରବରାହ ଛିନ୍ନ ହୋଇଥିଲା। ତେବେ ରାସ୍ତାରୁ ୧ କିଲୋମିଟର ଦୂର ଚାଷ ଜମି ଭିତରେ ଗଛ ପଡି ଥିବାରୁ ଓ କ୍ଷେତରେ ପାଣି ଥିବାରୁ ଗଛ କାଟିବା ଓ ତାର ମରାମତି କରିବାକୁ ବହୁ ସମୟ ଲାଗିଥିଲା। ଏପରିକି ଜମି ମାଲିକ କ୍ଷତିପୂରଣ ଦାବି କରି ୨ ଘଣ୍ଟା କାମ ବନ୍ଦ କରିଥିଲେ। ଘଟଣାକୁ ନେଇ ଉଭୟ ଜିଲାରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ବିଳମ୍ବକୁ ନେଇ ବିଦ୍ୟୁତ୍ ବିଭାଗର ଅଧିକାରୀ ଓ କର୍ମଚାରୀ ଲୋକଙ୍କ ରୋଷର ଶିକାର ହୋଇଥିଲେ। ପ୍ରକାଶ ଯେ, ଓପିଟିସିଏଲର ବଲାଙ୍ଗୀର ଗ୍ରୀଡ୍‌ରୁ ସୁବର୍ଣ୍ଣପୁର ଗ୍ରୀଡ୍‌କୁ ଓ ସୁବର୍ଣ୍ଣପୁର ଗ୍ରୀଡ୍‌ରୁ ବୌଦ୍ଧ ଜିଲାକୁ ବିଦ୍ୟୁତ୍ ବିତରଣ ହୋଇଥାଏ ।

# ସ୍ୱାସ୍ଥ୍ୟକର୍ମୀଙ୍କ ଘରୁ କାଗଜପତ୍ର ଚୋରି, ଥାନାରେ ମାମଲା

■ ତଥାକଥିତ ସ୍ୱାମୀ ଜେଲ୍‌ରେ
■ ଘରକୁ ନେବାକୁ ମନା କଲେ ବାପା

କନ୍ଧମାଳ,୨୬।୯ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବରଗୋଛା ସବସେଣ୍ଟର ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଦରମା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ବିଲ୍ କରାଇଦେବା ପାଇଁ ମେଡିକାଲ ଅଫିସର ଓ ସୁପରଭାଇଜରଙ୍କ ଲାଞ୍ଚ ଅଡିଓ ସୋସିଆଲ ମିଡିଆରେ ଭାଇରାଲ ଘଟଣା ଗୁରୁବାର ନୂଆ ମୋଡ ନେଇଛି । ଏହି ଲାଞ୍ଚର ପ୍ରତିବାଦ କରିବାରୁ ସ୍ୱାସ୍ଥ୍ୟକର୍ମୀଙ୍କୁ ଗର୍ଭାବସ୍ଥାରେ ମାନସିକ ନିର୍ଯାତନା ଦେବା ପରେ ଏହି ପ୍ରସୂତି ସ୍ୱାସ୍ଥ୍ୟକର୍ମୀଙ୍କ ନବଜାତକ ମୃତ୍ୟୁ ଘଟିଥିବା ନେଇ ମାନବାଧିକାର କମିଶନଙ୍କ ପାଖରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଗ୍ରହଣ କରିବା ପରେ କମିଶନ ଏକ ମାମଲା (ନଂ.୧୭୧୪/୧୯) ରୁଜୁ କରି ସିଡିଏମଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତ କରାଯାଇ ନ ଥିବା ବେଳେ ବୁଧବାର ମଧ୍ୟରାତ୍ରିରେ ସ୍ୱାସ୍ଥ୍ୟକର୍ମୀ ଝୁନୀ ସାହୁଙ୍କ ସରକାରୀ କ୍ୱାର୍ଟରରୁ ଗୁରୁତ୍ୱପୂର୍ଣ୍ଣ କାଗଜାତ ଚୋରି ହୋଇଥିବା ଗୁରୁବାର ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଆଇଆଇସି ଗୋପିନାଥ ପ୍ରଧାନଙ୍କ ପଚାରିବାରୁ ଚୋରି ଅଭିଯୋଗର ତଦନ୍ତ ଚାଲିଛି ବୋଲି କହିଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ତାଙ୍କ ଅଭିଯୋଗ ପତ୍ରରେ ଝୁମି ସାହୁଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କୁ ଜଣାଇଛି ।

# ହଜିଲା ବ୍ୟାଗ୍ ଫେରିପାଇଲେ ରେଳଯାତ୍ରୀ

ବରଗଡ଼ ଅଫିସ୍,୨୬।୯

ବରଗଡ଼ ରୋଡ୍ ରେଳଷ୍ଟେଶନର ଆରପିଏଫ ଅଧିକାରୀ, କର୍ମଚାରୀଙ୍କ ଅନୁସନ୍ଧାନ ଯୋଗୁ ଗୁରୁବାର ଜଣେ ରେଳଯାତ୍ରୀ ଗୌରୀ ରାଜପଲିଆ ତାଙ୍କ ହଜିଲା ବ୍ୟାଗକୁ ଫେରି ପାଇଛନ୍ତି । ଉକ୍ତ ବ୍ୟାଗରେ ପ୍ରାୟ ୫ହଜାର ଟଙ୍କାର ସାମଗ୍ରୀ ରହିଥିଲା ଏବଂ ସମସ୍ତ ସାମଗ୍ରୀକୁ ସେ ସୁରକ୍ଷିତ ଭାବେ ଫେରି ପାଇଛନ୍ତି । ସୂଚନା ଅନୁଯାୟୀ, ଗୌରୀ ବୁଧବାର ରେଳଯାତ୍ରା କରୁଥିବାବେଳେ ଏକ ଯାତ୍ରୀବାହୀ ଟ୍ରେନରେ ସେହି ବ୍ୟାଗକୁ ଛାଡ଼ି ଦେଇଥିଲେ। ସେହି ଟ୍ରେନରେ ବସିଥିବା କିଛି ଯାତ୍ରୀ ଉକ୍ତ ବ୍ୟାଗକୁ ଆଣି ବରଗଡ଼ ଆରପିଏଫ କନେଷ୍ଟବଳ ଡି. ସି ପଟେଲଙ୍କଠାରେ ଜିମା ଦେଇଥିଲେ । ଗୁରୁବାର ଗୌରୀଙ୍କ ଜଣେ ସମ୍ପର୍କୀୟ ବରଗଡ଼ ବାନ୍ଧୁଟିକ୍ରା ନିବାସୀ ସୁଦାମ କୁମାର ଆଚାର୍ଯ୍ୟ ବରଗଡ଼ ରୋଡ୍ ଆରପିଏଫ ଷ୍ଟେଶନକୁ ଆସିଥିଲେ ଏବଂ ହଜି ଯାଇଥିବା ସେହି ବ୍ୟାଗ ନେଇ ଅଭିଯୋଗ କରିଥିଲେ । ଏହାପରେ ସ୍ଥାନୀୟ ଆରପିଏଫ ଅଧିକାରୀମାନେ ଗୌରୀଙ୍କ ସହିତ ଯୋଗାଯୋଗ କରିଥିଲେ ଏବଂ ସୁଦାମ ତାଙ୍କ ସମ୍ପର୍କୀୟ ବୋଲି ସ୍ପଷ୍ଟ ହେବା ପରେ ସେହି ବ୍ୟାଗ ତାଙ୍କୁ ହସ୍ତାନ୍ତର କରିଥିଲେ ।


ଆରପିଏଫ କର୍ମଚାରୀମାନେ ଟ୍ରେନରୁ ମିଳିଥିବା ବ୍ୟାଗକୁ ହସ୍ତାନ୍ତର କରୁଛନ୍ତି ।

# ଦିବ୍ୟାଙ୍ଗ ସଂସ୍ଥାର ନୂଆଁଖାଇ ଭେଟ୍

ବରଗଡ଼ ଅଫିସ୍,୨୬।୯

ବରଗଡ଼ ସହରର ସ୍ୱୟଂସିଦ୍ଧା ଭବନରେ ୱେଲଫେୟାର ଏମ୍ପାୱାରମେଣ୍ଟ ଆଣ୍ଡ ରିହାବିଲିଟେଶନ, ଦିବ୍ୟାଙ୍ଗ ସଂସ୍ଥା ଆନୁକୂଲ୍ୟରେ ଗୁରୁବାର ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଇମ୍ପାରିୟାଲ କଲେଜର ନିର୍ଦ୍ଦେଶକ ଦିପକ ଗୋୟଲ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ସଭାପତି ଡା. ଜୟଦେବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ୱେଲଫେୟାର ଏମ୍ପାୱାରମେଣ୍ଟ ଆଣ୍ଡ ରିହାବିଲିଟେଶନ, ଦିବ୍ୟାଙ୍ଗ ସଂସ୍ଥାର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ସମ୍ପାଦକ ଅଶୋକ ଅଗ୍ରୱାଲ, ସଂଯୋଜକ ମେଘନାଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବ୍ୟାଙ୍ଗମାନେ ନିଜ ଦକ୍ଷତା, ସଙ୍ଗୀତ, ନୃତ୍ୟ ଆଦି ପରିବେଷଣ କରିଥିଲେ। ରେମଣ୍ଡା ଗ୍ରାମର ଜଣେ ଦିବ୍ୟାଙ୍ଗ ରମେଶ ପଶାୟତ ଉକ୍ତ ସଂସ୍ଥାକୁ ଏକ ଚୌକି ଦେବାକୁ ନିବେଦନ କରିଥିଲେ। ଏହାପରେ ସଂସ୍ଥା ପକ୍ଷରୁ ତାଙ୍କୁ ତାହା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସଙ୍ଗଠନର ଶତାଧିକ ଦିବ୍ୟାଙ୍ଗ ଯୋଗ ଦେଇଥିଲେ ।


ଜଣେ ଦିବ୍ୟାଙ୍ଗଙ୍କୁ ଚୌକି ପ୍ରଦାନ କରାଯାଉଛି ।



ଦିବ୍ୟାଙ୍ଗ ସଂସ୍ଥାର ନୂଆଁଖାଇ ଭେଟ୍‌ରେ ଆୟୋଜକ ଓ ଅତିଥିବୃନ୍ଦ।

# ନବଜାତକକୁ ଧରି ଡାକ୍ତରଖାନାରେ ପଡିରହିଛନ୍ତି ପ୍ରସୂତି

ମନମୁଣ୍ଡା, ୨୬।୯ (ଡି.ଏନ.ଏ)

ଜଣେ ଯୁବକ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ । ଯୁବତୀ ଜଣକ ଗର୍ଭବତୀ ଥିବା ଜାଣିବା ପରେ ଯୁବକ ବିବାହ କରିବାକୁ ମନା କରିଦେଇଥିଲେ। ତେବେ ନ୍ୟାୟ ପାଇଁ ଯୁବତୀ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଦେଇଥିଲା । ଏବେ ଯୁବତୀ ଜଣକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି । ବାପଘର କି ଶାଶୁଘର ଲୋକେ ତାଙ୍କୁ ଗ୍ରହଣ କରୁ ନ ଥିବାରୁ ନବଜାତକକୁ ଧରି ପ୍ରସୂତି ଜଣକ ଡାକ୍ତରଖାନାରେ ପଡିରହିଛନ୍ତି । ଏପରି ଘଟଣା କନ୍ଧମାଳ ଥାନା ଟୁରୀଦେଉଳ ଗ୍ରାମରେ ଘଟିଛି । ପ୍ରାୟ ୧୦ ମାସ ତଳେ ଟୁନୁ ମହାକୁଡଙ୍କ ପୁଅ ମୁରଲି ମହାକୁଡ ଉକ୍ତ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ । ଯୁବତୀ ଗର୍ଭବତୀ ହେବା ଜାପଡିବା ପରେ ମୁରଲି ତାଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ଫଳରେ ଯୁବତୀ କନ୍ଧମାଳ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତାଙ୍କ ଏତଲାକୁ ଭିତ୍ତିକରି ଅଭିଯୁକ୍ତ ମୁରଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଏବଂ ସେ ବର୍ତ୍ତମାନ ବୌଦ୍ଧ ବିଚାର ବିଭାଗୀୟ ହାଜତରେ ଅଛନ୍ତି । ଅନ୍ୟପକ୍ଷେ ଗତ ୨୩ ତାରିଖରେ ପୀଡିତା ଯୁବତୀଙ୍କ ଗର୍ଭଯନ୍ତ୍ରଣା ହେବାରୁ ସେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସି ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ । ଆର୍ଥିକ ଅନଟନ ହେତୁ ପ୍ରସୂତି ଓ ନବଜାତକଙ୍କୁ ତାଙ୍କ ମା' ବାପା ଘରକୁ ନେବାକୁ ରାଜି ହେଉନାହାନ୍ତି । ଅନ୍ୟପକ୍ଷରେ ଉକ୍ତ ଘଟଣାକୁ ନେଇ ସେମାନେ ପୂର୍ବରୁ ଗାଁ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ସେହିପରି ସ୍ୱାମୀ ଜେଲରେ ଥିବାରୁ ଶାଶୁଘର ଯିବା ବାଟ ବନ୍ଦ ହୋଇଯାଇଛି। ଏପରି ପରିସ୍ଥିତିରେ ପ୍ରସୂତି ଗୁରୁବାର ମନମୁଣ୍ଡା ଥାନାରେ ଫେରାଦ ହୋଇଛନ୍ତି । ଏ ନେଇ ଡିଏସଡବ୍ଲୁଓ, ଶିଶୁ ସୁରକ୍ଷା ତଥା ସ୍ୱଧାର କେନ୍ଦ୍ରକୁ ଫୋନ କରାଯାଇଥିବା ବେଳେ କେହି ଫୋନ ଉଠାଇ ନ ଥିଲେ। ଫଳରେ ପ୍ରତିକ୍ରିୟା ମିଳିପାରି ନ ଥିଲା ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ରକ୍ତ ଶିକୁଳି ସ୍ୱାସ୍ଥ୍ୟ ଶିବିର

**ସୋନପୁର,୨୬।୯(ନି.ପ୍ର.):** ସୋନପୁର ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରକ୍ତ ଶିକୁଳି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସକେ) ଅନ୍ତର୍ଗତ ଏହି ଶିବିରକୁ ସୋନପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଉଦ୍‌ଘାଟନ କରିଥିଲେ। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଚିତ୍ତରଞ୍ଜନ ତ୍ରିପାଠୀ, ଇପ୍‌ସିତା ମିଶ୍ର, ଗୀତାଞ୍ଜଳି ସା ପ୍ରମୁଖ ବିଦ୍ୟାଳୟର ଛାତ୍ରୀଛାତ୍ର ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଟେକ୍ନିସିଆନ ଲମ୍ବୋଦର ସାହୁ ସହଯୋଗ କରିଥିଲେ । ସିକେଲ ସେଲ ସଂଯୋଜକ ଲେନିନ ସାହୁ ଏହି ଶିବିରକୁ ପରିଚାଳନା କରିଥିଲେ । ଶିବିରରେ ମୋଟ ୭୫ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ତଥା ରକ୍ତ ଶିକୁଳି ରୋଗ ପରୀକ୍ଷା କରା ଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗରବାରି ତାଣ୍ଡିଆ ଧନ୍ୟବାଦ ପ୍ରଦାନ କରିଥିଲେ ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଜମି ଜାଲିଆତି, ଠକେଇ ଘଟଣା

# ଜମିମାଲିକ ଫେରିପାଇଲେ ୧୧.୮୮୫ ଏକର ଜମି

**ଅମରପାଲି, ୨୬।୯ (ଡି.ଏନ.ଏ.)**



**ବୀରମହାରାଜପୁର ତହସିଲ**

- ବାକି ସମସ୍ତ ଜାଲ ମ୍ୟୁଟେସନ ମାମଲାର ସମାଧାନ ଦାବି
- ପୂର୍ବତନ ତହସିଲଦାର ସମେତ ୭ଜଣଙ୍କ ନାମରେ ଚାଲୁଛି ମାମଲା
- ଦୋଷୀଙ୍କୁ କାର୍ଯ୍ୟାନୁଷ୍ଠାନ ନନେଲେ ରୁଜୁ ହେବ ଜନସ୍ୱାର୍ଥ ମାମଲା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲରେ ହୋଇଥିବା ଜମି ଜାଲିଆତି ଓ ଠକେଇ ଘଟଣାର ବିଭାଗୀୟ ତଦନ୍ତ ପରେ ବୀରମହାରାଜପୁର ଉପଜିଲାପାଳଙ୍କ ଆଦେଶକ୍ରମେ ପ୍ରକୃତ ଜମି ମାଲିକଙ୍କ ମାଲିକାନାକୁ ଜମି ଫେରିଛି । ମ୍ୟୁଟେସନ କେସ ନଂ. ୮୦୨/୦୮ ଖାରଜ ହୋଇ ଆନନ୍ଦ ପରମଗୁରୁ ଓ ଭାଇଭଉଣୀ ଜାଲିଆତି ଓ ଠକେଇରେ ହରାଇଥିବା ୧୧.୮୮୫ ଏକର ଜମି ଫେରି ପାଇଛନ୍ତି। ବିଭାଗୀୟ ତଦନ୍ତ ରିପୋର୍ଟ ଆଧାରରେ ତହସିଲରେ ହୋଇଥିବା ଦୁର୍ନୀତିର ଗୁମର ଖୋଲିଛି । ଚଞ୍ଚକତା କରି ୨୯୦ ଜାଲ ମ୍ୟୁଟେସନ କେସ୍ ରେକର୍ଡ ପ୍ରସ୍ତୁତ କରାଯାଇ ପ୍ରଜାଙ୍କ ରୟତି ଜମିର ରେକର୍ଡ ପରିବର୍ତ୍ତନ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡିଲା। ଏହି ଜାଲ ମ୍ୟୁଟେସନ ୫୪୭/୦୮ରୁ ୮୪୨/୦୮ ପର୍ଯ୍ୟନ୍ତ ୨ଟି ମ୍ୟୁଟେସନ ୮୪୨/୦୮ ଓ ୬୦୨/୦୮ କେସର ସମାଧାନ ହୋଇଛି। ଫଳରେ ୨୦୧୯ ଏପ୍ରିଲ ୨୪ତାରିଖରେ ଉପଜିଲାପାଳଙ୍କ ଆଦେଶ ବଳରେ ମ୍ୟୁଟେସନ କେସ ନଂ. ୮୦୨/୦୮ ଖାରଜ ହୋଇ ପ୍ରକୃତ ଜମି ମାଲିକଙ୍କୁ ଜମି ଫେରିଛି ।

ସୂଚନା ଅନୁସାରେ, ବୀରମହାରାଜପୁର ତହସିଲ ଅଧୀନ ନାଏକପାଲି ମୌଜାର ଖାତା ନଂ. ୪୦ (୫ମ ବନ୍ଦୋବସ୍ତ)ରେ ମୈଥିଳି ପରମଗୁରୁ ସ୍ୱା- ସୁରମଣୀ ପରମଗୁରୁଙ୍କ ନାମରେ ୧୧.୮୮୫ ଏକର ଜମି ରେକର୍ଡ ଥିଲା । ମୈଥିଳି ପରମଗୁରୁଙ୍କର ୧୯୯୬ ଅଗଷ୍ଟ ୨୩ତାରିଖରେ ମୃତ୍ୟୁ ହୋଇଥିଲା। ଏହାପରେ ମ୍ୟୁଟେସନ କେସ ନଂ. ୯୦୮/୧୨ ଅନୁଯାୟୀ ସଂଶୋଧନ ହୋଇ ଉତ୍ତରାଧିକାରୀ ସତ୍ତ୍ୱରେ ସନ୍ତୋଷ କୁମାର ପରମଗୁରୁ, ଆନନ୍ଦ ପରମଗୁରୁ, ତପସ୍ୱିନୀ ପରମଗୁରୁ, ସୁଭାଷିନୀ ପରମଗୁରୁଙ୍କ ନାମରେ ୨୦୧୩ ଅକ୍ଟୋବର ୨୫ତାରିଖରେ ମାଲିକାନା ପରିବର୍ତ୍ତନ କରାଯାଇଥିଲା। ଜମି ମାଲିକ ତା ୮।୧୨।୨୦୧୫ରିଖରେ ଜମିର ଖଜଣା ଦେବାକୁ ଯାଇଥିବା ବେଳେ ଜାଣିବାକୁ ପାଇଲେ ଯେ, ତାଙ୍କ ଜମିକୁ ଚଞ୍ଚକତା କରି ନାଏକପାଲି ଗ୍ରାମର ନାରାୟଣ ପ୍ରସାଦ ନାଏକଙ୍କ ନାମରେ ୫୩/୧୬ ଖାତା କରାଯାଇ ୪୦ ଖାତାର ସମୁଦାୟ ୧୧.୮୮୫ ଏକର ରେକର୍ଡ ପରିବର୍ତ୍ତନ କରାଯାଇଛି। ଏହା ଜାଣିବା ପରେ ଉପଜିଲାପାଳଙ୍କ ଅଦାଲତରେ ମ୍ୟୁଟେସନ ଅପିଲ କେସ ନଂ. ୨/୧୬ରେ ଅପିଲ କରାଯାଇଥିଲା। ବୀରମହାରାଜପୁର ଥାନାରେ ଆନନ୍ଦ ପରମଗୁରୁ ଅଭିଯୋଗକ୍ରମେ ଜାଲ ମ୍ୟୁଟେସନ କେସ୍ ରେକର୍ଡ, ମୃତ୍ୟୁପରେ ପ୍ରସ୍ତୁତ ହୋଇଥିବା ଉଇଲନାମା କରାଯାଇଥିବା ନେଇ ତତ୍କାଳୀନ ତହସିଲଦାର ରବୀନ୍ଦ୍ରନାଥ ମଲ୍ଲ, ଉତ୍ପଳା ରାଜସ୍ୱ ନିରୀକ୍ଷକ ଶୋଭା ବେହେରା, ଅମିନ ହରେକୃଷ୍ଣ ରାଉତ, ନେପାଳ ଜଗଦଲା ଓ ନାରାୟଣ ପ୍ରସାଦ ନାଏକ, ରତ୍ନାକର ମହାକୁରଙ୍କ ନାମରେ ଥାନାରେ ଏକ ଫୌଜଦାରୀ ମାମଲା (ନଂ. ୮୭/୧୯) ରୁଜୁ ହୋଇଛି। ମ୍ୟୁଟେସନ ଅପିଲ କେସ (ନଂ. ୨/୧୯)ରେ ଆନନ୍ଦ ପରମଗୁରୁ ଦାଖଲ କରିଥିବା ମୈଥିଳି ପରମଗୁରୁଙ୍କ ମୃତ୍ୟୁ ପ୍ରମାଣପତ୍ର ଉଇଲନାମାରେ ଥିବା ସାକ୍ଷୀଙ୍କ ବୟାନକୁ ତର୍ଜମା କରି ଉପଜିଲାପାଳ ଏହି ନିର୍ଦ୍ଦେଶ ଦେଇ ପ୍ରକୃତ ଜମି ମାଲିକଙ୍କୁ ଜମି ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୀରମହାରାଜପୁର ତହସିଲ କାର୍ଯ୍ୟାଳୟରେ ହୋଇଥିବା ୨୯୦ ଜାଲ ମ୍ୟୁଟେସନ ମାଧ୍ୟମରେ କରାଯାଇଥିବା ଦୁର୍ନୀତିର ତଥ୍ୟ ପ୍ରମାଣ ସହ ଅଭିଯୋଗ ଉପରେ ତଦନ୍ତ କରାଯାଇ ଜମି ଦୁର୍ନୀତିର ଶୀଘ୍ର ସମାଧାନ କରି ଏହି ଜାଲ ମ୍ୟୁଟେସନ ଓ ପଟ୍ଟାର ଭୁଲେଖରେ ଅପଲୋଡ କରିଥିବା ତହସିଲଦାର ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ବାକି ସମସ୍ତ ଜାଲ ମ୍ୟୁଟେସନ ମାମଲାର ସମାଧାନ ଦାବି କରାଯାଉଛି । ଯଦି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଆଗକୁ ଜନସ୍ୱାର୍ଥ ମାମଲା ରୁଜୁ କରାଯିବା ବୋଲି ସୂଚନା ଅଧିକାର କର୍ମୀ ଅଭିରାଜ ହୋତା ପ୍ରକାଶ କରିଛନ୍ତି ।

## ଶିଶୁ ମୃତ୍ୟୁହାର, ନାବାଳିକା ବିବାହ ରୋକିବା ତାଲିମ ଶିବିର

**ବିନିକା,୨୬।୯(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ସଭାଗୃହରେ ଗୁରୁବାର ବାଙ୍କିଘିର୍ଡି ସେକ୍ଟରରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବାଙ୍କିଘିର୍ଡି ସମନ୍ୱିତ ଶିଶୁ ବିକାଶ ଅଧିକାରୀ(ଆଇସିଡିଏସ) ସବିତା ରାଣୀ ହାତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଆଇସିଡିଏସ୍ ହାତୀ ଅଙ୍ଗନବାଡି କର୍ମୀମାନଙ୍କୁ ଶିଶୁ ମୃତ୍ୟୁହାର ରୋକିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଗର୍ଭାବତୀ ମା' ଓ ଗର୍ଭସ୍ଥ ଶିଶୁର ଯତ୍ନ ନେବା, ଉପଯୁକ୍ତ ଖାଦ୍ୟ ତାଲିକା ମା'ମାନଙ୍କୁ ପ୍ରଦାନ କରିବା, ଠିକ୍ ସମୟରେ ବିଭିନ୍ନ ରୋଗ ପ୍ରତିଷେଧକ ଟୀକା ନେବାପାଇଁ ପରାମର୍ଶ ଦେବା ଆଦି ବିଷୟରେ ସଚେତନ କରାଇବା ଦିଗରେ କିପରି କାର୍ଯ୍ୟ କରାଯିବ ସେ ନେଇ କର୍ମୀମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିସହିତ ୧୮ବର୍ଷରୁ କମ୍ ବୟସର ଝିଅମାନଙ୍କର ବିବାହକୁ ଯେକୌଣସି ମତେ ରୋକିବା ଦିଗରେ ଅଙ୍ଗନବାଡି କର୍ମୀମାନେ କାର୍ଯ୍ୟ କରିବା ଉପରେ ଆଲୋଚନା ହୋଇଥିଲା। ଏହି ବୟସରେ ଝିଅଟି ମା' ହେଲେ କି ସମସ୍ୟା ସୃଷ୍ଟି ହୋଇଥାଏ ତାହା ଉପରେ ଶିବିରରେ ସୂଚନା ଦିଆଯାଇଥିଲା। ପରେ ଅଙ୍ଗନବାଡି କର୍ମୀମାନେ ଏହି ଦୁଇ ପ୍ରମୁଖ ଦିଗରେ ଯତ୍ନ ସହକାରେ କାମ କରିବା ପାଇଁ ଶପଥ ନେଇଥିଲେ।

# ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା

**ଉଲୁଣ୍ଡା, ୨୬।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକର ସମସ୍ତ ଛାତ୍ରଛାତ୍ରୀଙ୍କୁ ସର୍ବ କନିଷ୍ଠ, କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ଭାଗ କରାଯାଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଶେଷ କରି ସ୍ୱଚ୍ଛତା ବିଷୟବସ୍ତୁ ଉପରେ ପ୍ରବନ୍ଧ, ସାଧାରଣଜ୍ଞାନ, ପ୍ରଦର୍ଶନୀ, ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, ସନ୍ଦେଶ ଲିଖନ ପ୍ରଭୃତି ପ୍ରତିଯୋଗୀତା ହୋଇଥିଲା। ବଶିଷ୍ଠ କୁମାର ସାହୁ, ରାଜକୁମାରୀ ସେଠୀ, ଶର୍ମିଷ୍ଠାରାଣୀ ବିଶି, ଶୁଭମ ମେହେର, ସୁମିତ ଭୋଇ, ନଳିନୀ ସୁନା, ହେମନ୍ତ ଭୋଇ ପ୍ରମୁଖ ଛାତ୍ରଛାତ୍ରୀ ଜିଲାସ୍ତରକୁ ମନୋନୀତ ହୋଇଥିଲେ। ଉଲୁଣ୍ଡା ଏବିଇଓ ସନ୍ତୋଷ କୁମାର ରଥଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ଦେବରାଜ ସାହୁ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିବା ସହ ସ୍ୱଚ୍ଛତା ପକ୍ଷ ପାଳନର ଉଦ୍ଦେଶ୍ୟ ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ପୂର୍ଣ୍ଣଚନ୍ଦ୍ର ପାଢୀ ଏବଂ ଗୌତମ ମେଣ୍ଡେଲି ସଂଯୋଜନା କରିଥିଲେ। ସନ୍ତୋଷ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବୀରେନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ ସିଆରସିସି ଓ ଶିକ୍ଷକ ସହଯୋଗ କରିଥିଲେ।



ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର।

# ଜିଲା ଔଷଧ ବ୍ୟବସାୟୀ ସଂଘର କାର୍ଯ୍ୟକାରିଣୀ




ବୈଠକରେ ମଞ୍ଚାସୀନ ସଂଘର କର୍ମକର୍ତ୍ତା ।

**ସୋନପୁର,୨୬।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଔଷଧ ବ୍ୟବସାୟୀ ସଂଘର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ଆର୍ଯ୍ୟ ପ୍ରକାଶ ମାଝୀ ଏଥିରେ ଅଧକ୍ଷତା କରିଥିଲେ। ଅତିଥିଭାବେ ସମ୍ବଲପୁର ସଂଘରୁ ପ୍ରଶାନ୍ତ ରଥ, ଜୟ ପ୍ରକାଶ ତ୍ରିପାଠୀ, କଳାହାଣ୍ଡିରୁ ଅଶୋକ ରାଉତ, ଖରିଆରରୁ ପବନ କୁମାର ଅଗ୍ରୱାଲା ଓ ଫୁଲବାଣୀରୁ ସୁଶାନ୍ତ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଆସନ୍ତା ୩ବର୍ଷ ପାଇଁ ଜିଲା ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ଆର୍ଯ୍ୟ ପ୍ରକାଶ ମାଝୀ, ସମ୍ପାଦକ ସତ୍ୟ ନାରାୟଣ ଦରୱାନ ଓ କୋଷାଧ୍ୟକ୍ଷ ଭାବେ ସତ୍ୟ ନାରାୟଣ ମେହେର ମନୋନିତ ହୋଇଥିଲେ। ଉତ୍କଳ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଏସୋସିଏଶନ ପକ୍ଷରୁ ସୋନୁ ଚୌଧୁରୀ ଓ ମନମୋହନ ରଥ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ସୁବର୍ଣ୍ଣପୁର ଜିଲା ସଂଘର ବିବେକାନନ୍ଦ ମାହାର୍ଣ୍ଣା, ଶାନ୍ତନୁ ମହାପାତ୍ର, ଉମେଶ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ପଣ୍ଡା, ପ୍ରଭାତ ଶତପଥୀ, ଦିଲ୍ଲୀପ କୁମାର ସୁବୁଦ୍ଧି, କୃତ୍ତିବାସ ଚାନ୍ଦ, ଅନିଲ କୁମାର ଅଗ୍ରୱାଲା ଓ ଶମ୍ଭୁ ପ୍ରସାଦ ମିଶ୍ର ପ୍ରମୁଖଙ୍କ ସମେତ ଜିଲାର ସମସ୍ତ ଔଷଧ ବ୍ୟବସାୟୀ ବୈଠକରେ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ମଠରୁ ଚୋରି, ଥାନାରେ ଅଭିଯୋଗ

**ବିନିକା,୨୬।୯(ଡି.ଏନ୍.ଏ.)**

ବିନିକା ଥାନା ଜାମପାଳି ଘଣ୍ଟେଶ୍ୱରୀ ପୀଠରେ ଥିବା ମଠରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ମଠର ମହନ୍ତ ପଦ୍ମଲୋଚନ ଦାସ ଏ ଅଭିଯୋଗ କରିଛନ୍ତି। ମଠରୁ ୫ ପ୍ୟାକେଟ୍ ଚାଉଳ, ୩ ହଜାର ନଗଦ ଟଙ୍କା, ପୂଜାରେ ବ୍ୟବହୃତ ଘଣ୍ଟ, ଘଣ୍ଟି, ପିତଳ ପରାତ ଓ ପଟାଖଟ ସବୁ ଚୋରି ହୋଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି । ପୋଲିସ ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ସନ୍ଦେହରେ ଥାନାକୁ ଡାକି ପଚରାଉଚୁରା ପରେ ଛାଡି ଦେଇଛି ।

# ଅମରପାଲି ହାଇସ୍କୁଲରେ ବିଜ୍ଞାନ ଆଲୋଚନାଚକ୍ର



ବିଜ୍ଞାନ ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ।

**ଅମରପାଲି, ୨୬।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ସମ୍ବିତ ପ୍ରଧାନ ପରିଚାଳନା କରିଥିଲେ। ଆଲୋଚନାଚକ୍ରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଆଲୋଚନାଚକ୍ରର ବିଷୟ ମୌଳିକଗୁଡିକର ପର୍ଯ୍ୟାୟ ଶ୍ରେଣୀକରଣ ଓ ମାନବ କଲ୍ୟାଣରେ ଏହାର ପ୍ରଭାବ ଉପରେ ଉଭୟ ଶିକ୍ଷକ ଓ ଛାତ୍ରୀଛାତ୍ର ଆଲୋଚନା କରିଥିଲେ । ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ସ୍ୱପ୍ନା ସାଗରିକା ନନ୍ଦ ପ୍ରଥମ, ନୀତିଶ ରନବିଡା ଦ୍ୱିତୀୟ ଓ ନିଗମ ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକଭାବେ ଶ୍ୟାମସୁନ୍ଦର ସେଠୀ, ବ୍ରହ୍ମାନନ୍ଦ ପଧାନ, ବିଷ୍ଣୁଚରଣ ଧଳ ମୂଲ୍ୟାୟନ କରିଥିବା ବେଳେ ପୀତାମ୍ବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କହ୍ନେଇଚରଣ ପଧାନ, ନଟିଆଚରଣ ସାହୁ, ଜଗନ୍ନାଥ ସାହୁ ଓ ଗୋବର୍ଦ୍ଧନ ନାଏକ ସହଯୋଗ କରିଥିଲେ ।

# ଅଙ୍ଗନୱାଡି ପାଚିକା ନିଯୁକ୍ତି ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

**ଅମରପାଲି, ୨୬।୯ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦର ଗ୍ରାମର ଅଙ୍ଗନୱାଡି କେନ୍ଦ୍ର-୩ ପାଇଁ ଜଣେ ଅସହାୟ ମହିଳାଙ୍କୁ ପାଚିକା ଭାବରେ ନିଯୁକ୍ତି କରିବାକୁ ଗ୍ରାମବାସୀମ ବୀରମହାରାଜପୁର ଉପଜିଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁସାରେ କାଦୋଦର ଅଙ୍ଗନୱାଡି କେନ୍ଦ୍ର-୩ରେ ପାଚିକା ନିଯୁକ୍ତି ପାଇଁ ବିଜ୍ଞାପନ ହୋଇଥିଲା ଏବଂ ଏହି ଆଧାରରେ ଉଲୁଣ୍ଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟଠାରେ ଏକ ବୈଠକ ହୋଇଥିଲା । ଉକ୍ତ ପାଚିକା ପଦବୀ ଚୟନ ପାଇଁ ବିଧବା ଓ ଅସହାୟ ମହିଳାଙ୍କୁ ଅଗ୍ରାଧିକାର ଦେବା କଥା ସରକାରୀ ବିଧି ବ୍ୟବସ୍ଥା ରହିଛି । ଉଲୁଣ୍ଡା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ପତ୍ର ସଂଖ୍ୟା ୬୦୮ ତା. ୧୬।୯।୨୦୧୯ରିଖରେ ମଧ୍ୟ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିବା ଅଭିଯୋଗ ହୋଇଛି । ଏ ନେଇ ଗ୍ରାମର ଜଣେ ଅସହାୟ ମହିଳା ଗପେ ରଣା ପାଚିକା ପଦବୀ ପାଇଁ ଆବେଦନ କରିଥିଲେ। ମାତ୍ର ତାଙ୍କୁ ଚୟନ ପକ୍ରିୟାରୁ ବାଦ ଦିଆଯାଇଛି । ଅଭିଯୋଗ ଅନୁସାରେ ଉକ୍ତ ଚୟନ ପ୍ରକ୍ରିୟାରେ ଅସାଧୁ କାରବାର ହୋଇଛି। ଏଣୁ ଅଭିଯୋଗକାରୀମାନେ ଏହାର ବିହିତ ତଦନ୍ତ କରି ସରକାରୀ ଆଇନ ଅନୁସାରେ ଗ୍ରାମର ୩ୟ ଅଙ୍ଗନୱାଡି କେନ୍ଦ୍ରର ପାଚିକା ଭାବେ ଅସହାୟ ଗପେ ରଣାଙ୍କୁ ନିଯୁକ୍ତି କରିବାକୁ ଦାବି କରିଛନ୍ତି ।

# ହୃଦ୍‌ରୋଗ ସମସ୍ୟା ଥିବା ୪୪ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ସୋନପୁର,୨୬।୯(ନି.ପ୍ର.)**

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସକେ) ପକ୍ଷରୁ ଜିଲା ସହଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର(ଡିଇଆଇସି) ସହଯୋଗରେ ହୃଦରୋଗ ସମସ୍ୟା ଥିବା ସୁବର୍ଣ୍ଣପୁର ଜିଲାର ୪୪ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ମାଗଣା ହୃଦରୋଗ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୈତାରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ଜାମ୍‌ସେଦପୁରସ୍ଥିତ ନାରାୟଣ ହୃଦାଳୟ ମଲ୍ଟି ସ୍ପେଶିଆଲିଷ୍ଟ ହସ୍‌ପିଟାଲର ହୃଦରୋଗ ବିଶେଷଜ୍ଞ ଡାକ୍ତର ପଙ୍କଜ ଗୁପ୍ତା ଓ ତାଙ୍କ ସହଯୋଗୀ ଡାକ୍ତର ବୃନ୍ଦ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସୁବର୍ଣ୍ଣପୁର ଜିଲାର ଆରବିଏସକେ ଟିମ୍ ଦ୍ୱାରା ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରୁ ଚିହ୍ନଟ ହୋଇଥିବା ହୃଦରୋଗ ସମସ୍ୟା ଜନିତ ବାଳିକା ଓ ବାଳକ ମାନଙ୍କୁ ଏହି ଶିବିରକୁ ଅଣା ଯାଇଥିଲା। ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ଚିହ୍ନଟ ହୋଇଥିବା ଶିଶୁମାନଙ୍କୁ ନାରାୟଣ ହୃଦାଳୟ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ଅସ୍ତ୍ରୋପଚାର କରାଯିବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ଦାଶ, ରାଜ୍ୟ ବିଦ୍ୟାଳୟ ପରିଚାଳକ କୃଷ୍ଣଚନ୍ଦ୍ର ପ୍ରଧାନ ଓ ସୁଧାଂଶୁ ଶେଖର ପ୍ରଧାନ ପରିଚାଳନା କରିଥିଲେ।




ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ହୃଦରୋଗ ସମସ୍ୟା ଥିବା ଶିଶୁ ।

# ବିଶ୍ୱରେ ଶାନ୍ତି ସ୍ଥାପନରେ ବୌଦ୍ଧଧର୍ମର ଅବଦାନ ଗୁରୁତ୍ୱପୂର୍ଣ୍ଣ

## ବୀରମହାରାଜପୁର କଲେଜରେ ଇତିହାସ ବିଭାଗ ଆଲୋଚନାଚକ୍ର

**ଅମରପାଲି, ୨୬।୯ (ଡି.ଏନ.ଏ)**




ଇତିହାସ ବିଭାଗ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ ।

ଭଗବାନ ବୁଦ୍ଧ ଥିଲେ ଅହିଂସାର ପ୍ରଚାରକ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବୌଦ୍ଧ ଧର୍ମ ନିଜର ସାରଲ୍ୟ ଯୋଗୁଁ କେବଳ ଭାରତ ବର୍ଷ ନୁହେଁ, ସମଗ୍ର ବିଶ୍ୱରେ ଏକ ପ୍ରମୁଖ ଧର୍ମ ଭାବରେ ପରିଗଣିତ ହୋଇଥିଲା। ସମ୍ପ୍ରତିକ ବିଶ୍ୱରେ ଅହିଂସାର ପ୍ରମୁଖ ଭୂମିକା ରହିଛି ବୋଲି ବୀରମହାରାଜପୁର ମହାବିଦ୍ୟାଳୟରେ ଅନୁଷ୍ଠିତ ଇତିହାସ ବିଭାଗ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଭାଗୀୟ ମୁଖ୍ୟ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନାଚକ୍ରର ବିଷୟ ଥିଲା 'ବୌଦ୍ଧ ଧର୍ମ ଜୀବନର ଏକ ପ୍ରବାହ'। ଏହି ଆଲୋଚନାଚକ୍ରରେ ଇଂଲିଶ ବିଭାଗ ମୁଖ୍ୟ ବିଜୟ କୁମାର ପୁରୋହିତ ମୁଖ୍ୟଅତିଥି ଏବଂ ଶିକ୍ଷା ବିଭାଗ ମୁଖ୍ୟ ବିଜୟ କୁମାର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଧାପକ ସତ୍ୟନାରାୟଣ ଦାଶ ଓ ଅଧାପିକା ବନ୍ଦିତା ବିଶ୍ୱାଳ ବିଷୟ ବିଶାରଦ ଭାବେ ଯୋଗଦେଇ ମତ ଓ ମନ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଗଦାଧର ପଧାନ, ଅମୃତାମୟୀ ସିଂ, ବିବେକାନନ୍ଦ ପୁରୋହିତ, କଲ୍ୟାଣୀ ମହାଲିଙ୍ଗ, ଗଣେଷ ଭରାସାଗର, ବିଶ୍ୱଜିତ ଦାଶ ଓ ଟୁନା ମେହେର ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଆଲୋଚନାଚକ୍ରକୁ ଅଧାପିକା ବନ୍ଦିତା ବିଶ୍ୱାଳ ସଂଯୋଜନା କରିଥିବା ବେଳେ ମନିଷା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ



# ହସ୍ପିଟାଲ, ଆର୍‌ଟିଓ ଅଫିସରୁ ୧୦ ଦଲାଲ ଗିରଫ

ବଲାଙ୍ଗୀର ଅଫିସ, ୨୬।୯


ହସପିଟାଲରୁ ଗିରଫ ହୋଇଥିବା ଦଲାଲ ।


ଆରଟିଓ ଅଫିସରୁ ଗିରଫ ହୋଇଥିବା ଦଲାଲ ।

- ଜିଲାପାଳ, ଏସ୍‌ପିଙ୍କ ଉପସ୍ଥିତିରେ ହେଲା ଅତର୍କିତ ଚଢ଼ାଉ
- ଅଧିକ ଚିକିତ୍ସା ସୁବିଧା ନାଁରେ ଦାବି କରୁଥିଲେ ୧୫୦୦ ଟଙ୍କା
- ଘରୋଇ ହସପିଟାଲ, କ୍ଲିନିକ୍, ପାଥୋଲାବ୍ ପାଇଁ କାର୍ଯ୍ୟ କରୁଥିଲେ

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍‌ପିଟାଲ ଏବଂ ଆରଟିଓ ଅଫିସରେ ଗୁରୁବାର ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇ ୧୦ ଜଣ ଦଲାଲଙ୍କୁ ଗିରଫ କରାଯାଇଛି । ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍‌ଙ୍କ ଉପସ୍ଥିତିରେ ଏହି ଚଢ଼ାଉ କରାଯାଇଥିଲା । ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଭୀମ ଭୋଇ ମେଡିକାଲ କଲେଜ ହସପିଟାଲ ପରିସରରେ ଅତର୍କିତ ଚଢ଼ାଉ କରାଯିବାରୁ ଓପିଡିଠାରେ ନିୟୋଜିତ ଥିବା ୫ ଦଲାଲ ପୋଲିସ ହାବୁଡରେ ପଡିଥିଲେ । ଗିରଫ ଭିତରେ ୪ ଯୁବତୀ ଓ ଜଣେ ଯୁବକ ରହିଛନ୍ତି । ସେମାନେ ହେଲେ ବଲାଙ୍ଗୀର ଧୋବାପଡାର ଅନୁ ସେଠ୍, ରାମେଶ୍ୱରନଗରର ବର୍ଷା କୁମ୍ଭାର, କନ୍ଧପାଲିପଡାର ଲିଲି ସୁନା, ପାଟଣାଗଡ ଲୁହାସିଂହାର ରଶ୍ମିତା କୁମ୍ଭାର ଓ ପଣ୍ଡରାପିଟା ଗାଁର ଆଶିଷ ସାଗର । ଏମାନେ ବିନା ରେଜିଷ୍ଟ୍ରେଶନ୍ ଚିଠାରେ ହସପିଟାଲ ଓପିଡିରେ ଥାଇ ରୋଗୀମାନଙ୍କୁ ଅଧିକ ଚିକିତ୍ସା ସେବା ଯୋଗାଇବା ପାଇଁ ଜଣ ପିଛା ୧୫ ଶହ ଟଙ୍କା ଦାବି କରୁଥିବା ଜଣାପଡିଥିଲା । କେତେକ ଘରୋଇ ହସପିଟାଲ, ନର୍ସିଂହୋମ, ପ୍ରାଇଭେଟ୍ କ୍ଲିନିକ୍, ପାଥୋ କ୍ଲିନିକ୍ ଓ ଔଷଧ ଦୋକାନକୁ ଦଲାଲମାନେ ରୋଗୀଙ୍କୁ ନେଇ ଶୋଷଣ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲା । ସରକାରୀ ହସ୍‌ପିଟାଲକୁ ଆସି ରୋଗୀମାନେ ମାଗଣାରେ ଚିକିତ୍ସା ସହାୟତା ପାଇବାକୁ ଥିବାବେଳେ ଦଲାଲମାନେ ଶୋଷଣ କରୁଥିବା ସାଧାରଣ କଥା ପାଲଟି ଯାଇଥିଲା । ଜିଲାପାଳ ଡାକୁଆ ଓ ଏସ୍‌ପି ମାଡକରଙ୍କ ଉପସ୍ଥିତିରେ ଏଠାରେ ଚଢ଼ାଉ କରାଯାଇଥିଲା ।

ବଲାଙ୍ଗୀର ଆରଟିଓ ଅଫିସରେ ମଧ୍ୟ ଗୁରୁବାର ପୂର୍ବାହ୍ନରେ ଏସପିଙ୍କ ନିର୍ଦ୍ଦେଶରେ ଦଲାଲମାନଙ୍କ ଉପରେ ଚଢ଼ାଉ କରାଯାଇଥିଲା । ଏଠାରେ ବଲାଙ୍ଗୀରର ସୁରେଶ କୁମାର ଅଗ୍ରୱାଲ, ତୁଷରାର ସାନ ସାହୁ, ରୁଗୁଡିପଡାର ଶଙ୍କର ବକୁଲ, ଇନ୍ଦିରାନଗରର ରୂପେଶ କୁମାର ନାଏକ ଓ କନ୍ଧପାଲିପଡାର ମାସିଚରଣ ବାରିକଙ୍କୁ ପୋଲିସ ଗିରଫ କରିଥିଲା । ଉପରୋକ୍ତ ୫ ଦଲାଲ ବେଆଇନ ଭାବେ ମୋଟରଯାନ ଡକ୍ୟୁମେଣ୍ଟ କରିବା ପ୍ରତିଶ୍ରୁତି ଦେଇ ସାଧାରଣ ଲୋକଙ୍କଠାରୁ ଅର୍ଥଲୁଟ୍ କରୁଥିବା କୁହାଯାଇଛି । ଆରଟିଓ ଅଫିସକୁ ମଧ୍ୟ ଜିଲାପାଳ ଡାକୁଆ, ଏସଡିପିଓ ଶ୍ରୀମନ୍ତ ବାରିକ ଯାଇଥିଲେ । ଭୀମଭୋଇ ମେଡିକାଲ କଲେଜ ହସପିଟାଲ ଓ ସ୍ଥାନୀୟ ଆରଟିଓ ଅଫିସରେ ଅତର୍କିତ ଚଢ଼ାଉ ପରେ ବହୁ ଦଲାଲ ଫେରାର ମାରିଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସନକୁ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଆସନ୍ତା ଅକ୍ଟୋବର ୨ ତାରିଖରୁ ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିବେ । ଏହି କାର୍ଯ୍ୟକ୍ରମ ଡାକ୍ତରଖାନା ଓ ଥାନାରୁ ଆରମ୍ଭ ହେବ । ଏହାକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଅତର୍କିତ ଚଢ଼ାଉ କରାଯାଇ ୧୦ ଦଲାଲଙ୍କୁ ଗିରଫ କରାଯାଇଥିବା ଜଣାପଡିଛି ।

## ସଂକ୍ଷେପରେ



## ବାର୍‌ହା ଆକ୍ରମଣରେ ମହିଳା ଗୁରୁତର

**ବଲାଙ୍ଗୀର ଅଫିସ, ୨୬।୯:** ବଲାଙ୍ଗୀର ସଦର ବ୍ଲକ ବିଡିଘାଟ ପଞ୍ଚାୟତ ଅନ୍ତର୍ଗତ ଜନକପୁର ଗାଁରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବାର୍‌ହା ଆକ୍ରମଣରେ ଜେମାଦେଇ ବାଗ (୫୫)ଙ୍କୁ ନାମକ ଜଣେ ମହିଳା ଗୁରୁତର ହୋଇଛନ୍ତି । ମହିଳା ଜଣକ ନିଜ ଘର ପଛପଟ ବାଡିରେ କାମ କରୁଥିବାବେଳେ ବାର୍‌ହା ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲା । ତାଙ୍କ ଚିତ୍କାର ଶୁଣିବା ପରେ ଗାଁ ଲୋକେ ବାଡି, ଠେଙ୍ଗା ଧରି ବାର୍‌ହାକୁ ଗୋଡାଇବାରୁ ମହିଳାଙ୍କୁ ଛାଡିଦେଇ ବାର୍‌ହା ପଳାଇ ଯାଇଥିଲା । ଗୁରୁତର ଆହତ ଜେମାଦେଇଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଚିକିତ୍ସା ପରେ ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଛି । ମହିଳାଙ୍କ ଜଙ୍ଘରୁ ମାଂସ ଟାଣି ନେଇଥିବାରୁ ସେ ଏବେବି ଗୁରୁତର ଆହତ ଅଛନ୍ତି ।

## ଧାନ ବିକ୍ରି ଲାଗି ଜିଲାପାଳଙ୍କୁ ଜଣାଇଲେ ଚାଷୀ

ଖପ୍ରାଖୋଲ,୨୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ଭାଲୁଡୁଙ୍ଗୁରୀ ଗାଁର ଅବିନାଶ ବିଶ୍ୱାଳ, ସୀମାଞ୍ଚଳ ବିଶ୍ୱାଳ, ନୀଳାମ୍ବର ବିଶ୍ୱାଳ, ଭରଦ୍ୱାଜ ସାହୁ ଆଟ ଜମିରେ ଧାନ ଫସଲ କରିଥିବା ନେଇ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଜଳସେଚନ ମାଧ୍ୟମରେ ଜମିରେ ଧାନ ଫସଲ କରିଥିବା ବେଳେ ତାହା ବିକ୍ରି ପାଇଁ ପଞ୍ଜୀକରଣ ହେଉନାହିଁ । ଆଗାମୀ ଦିନରେ ଧାନ ଉତ୍ପାଦନ ହେଲେ କିପରି ବିକ୍ରି କରିବେ ସେନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି । ଆଟ ଜମିରେ ଧାନ ଫସଲ ହୋଇଥିବା ନେଇ ରିପୋର୍ଟ ଦେବା ସମ୍ପର୍କରେ ସୋମବାର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଖପ୍ରାଖୋଲଠାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଚାଷୀମାନେ ଲିଖିତ ଭାବେ ଜଣାଇଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକ, ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ, ଜଳସେଚନ ବିଭାଗ କର୍ମଚାରୀ ମିଳିତଭାବେ ଚାଷଜମିରେ ପହଞ୍ଚି ତଦନ୍ତ କରିଥିଲେ । ଏ ନେଇ ତହସିଲଦାର ନାଏକଙ୍କୁ ପଚାରିବାରୁ ଚାଷ ଜମିକୁ ଯାଇ ରିପୋର୍ଟ ସଂଗ୍ରହ କରିଥିବା ପ୍ରକାଶ କରିଛନ୍ତି ।

## ଜାଲ୍ ଏସ୍‌ଟି ସାର୍ଟିଫିକେଟ ଦେଇ ଚାକିରି କରୁଥିବା ସିଆର୍‌ସିସି ନିଲମ୍ବିତ

ଗୁଡ଼ଭେଲା,୨୬।୯(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକରେ ଜାଲ ଆଦିବାସୀ (ଏସଟି) ସାର୍ଟିଫିକେଟ ଦେଇ ଚାକିରି କରୁଥିବା ସିଆରସିସି ଚକାନନ୍ଦ କମ୍ପଙ୍କୁ ଗୁରୁବାର ଶିକ୍ଷା ବିଭାଗ ପକ୍ଷରୁ ନିଲମ୍ବିତ କରାଯାଇଛି । ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ଅନୁଯାଇ କମ୍ପଙ୍କୁ ନିଲମ୍ବିତ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ଅଖିଳ ଦୀପ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ସୂଚନା କର୍ମୀ ନୀଳମଣି ଯୋଷୀ ଆରଟିଆଇରେ କମ୍ପଙ୍କ ଜାତି ଓ ପାଠ ପଢା ସମ୍ପର୍କରେ ତଥ୍ୟ ମାଗିଥିଲେ । ଉକ୍ତ ତଥ୍ୟରୁ ଜଣାପଡିଲା ଯେ, ସେ ଜାତିରେ ଡୁମାଳ ହୋଇଥିବା ବେଳେ ଓବିସି ବର୍ଗର ଅଟନ୍ତି । ଜାଲ ଏସଟି ଜାତି ପ୍ରମାଣ ପତ୍ର ଦେଇ ସେ ୧୯୯୭-୧୯୯୮ରେ ଏସଟି କୋଟାରେ ବିଇଡିରେ ନାମ ଲେଖାଇଥିଲେ । ଉକ୍ତ ବିଇଡି ସାର୍ଟିଫିକେଟ ପାଇବା ପରେ ଓବିସି କୋଟାରେ ଶିକ୍ଷକ ଚାକିରି ପାଇଥିଲେ । ଏବେ ସେ ଜାମୁଟ କ୍ଲଷ୍ଟରର ସିଆରସିସି ଭାବେ କାର୍ଯ୍ୟରତ ରହିଥିବା ଆରଟିଆଇରୁ ସବୁ ଜଣାପଡିବା ପରେ ସୂଚନା ଅଧିକାର କର୍ମୀ ଯୋଷୀ ଜିଲା ଶିକ୍ଷାଧିକାରୀଙ୍କଠାରେ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ନକଲି ଆଦିବାସୀ ସାଜି ଚାକିରି କରୁଥିବା ସିଆରସିସିଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଗିରଫ କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି ରାଜ୍ୟ ଆଦିବାସୀ ସଂଘ ରାଜ୍ୟ ମହାସଚିବ ନିରଞ୍ଜନ ବିଶି ।

## ତୁଷରାକୁ ତିନି ଦିନ ହେଲା ଜଳଯୋଗାଣ ବନ୍ଦ

ଗୁଡ଼ଭେଲା,୨୬।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରକୁ ପାଇପ ଯୋଗେ ଜଳ ଯୋଗାଣ କରାଯାଉଛି । ହେଲେ ମୁଖ୍ୟ ପାଇପ ଫାଟି ଯିବାରୁ ଗତ ତିନି ଦିନ ହେଲା ପାଇପ ଜଳଯୋଗାଣ ବନ୍ଦ ହୋଇଯାଇଛି । ଲୋକେ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରବାସୀ ପାଣି କିପରି ପାଇବେ ସେ ନେଇ କିଛି ବିକଳ୍ପ ବ୍ୟବସ୍ଥା କରାଯାଇ ନଥିବା ବେଳେ ଏବେ ମାତ୍ର ଘଣ୍ଟାଟିଏ ପାଇଁ ପାଣି ଯୋଗାଣ କରାଯାଇଛି । ମାସିକ ଦେୟ ଆଦାୟ ଉପରେ ଯେତିକି ଗୁରୁତ୍ୱ ଦିଆଯାଇଛି ସେତିକି ଜଳଯୋଗାଣ ଉପରେ ଦିଆ ଯାଉ ନଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଘଟଣାସ୍ଥଳରେ ରହୁ ନଥିବାରୁ ତଳସ୍ତରୀୟା କର୍ମଚାରୀମାନେ ନିଜ ମନଇଚ୍ଛା କାର୍ଯ୍ୟ କରୁଥିବା ସହରବାସୀ ଅଭିଯୋଗ କରନ୍ତି । ଏନେଇ ସ୍ଥାନୀୟ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ନବୀନ ବନଛୋରଙ୍କୁ ପଚାରିବାରୁ ପାଇପ ଲଗା କମା ଛାଲିଛି । କାମ ସରିଲେ ପାଣି ଯୋଗାଣ ସ୍ୱାଭାବିକ ହେବ ବୋଲି କହିଥିଲେ ।


ବଲାଙ୍ଗୀର ବିଏଡ କଲେଜ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ସହ ଭିଆଇପି ପକ୍ଷରୁ ଧାରଣା ଦିଆଯାଇଛି ।

## ବିଏଡ୍ କଲେଜରେ ଅଧ୍ୟାପକ ସମସ୍ୟା

ବଲାଙ୍ଗୀର ଅଫିସ, ୨୬।୯

- ଧାରଣାରେ ବସିଲେ ଛାତ୍ରୀଛାତ୍ର ଭିଲେଜର୍ସ ଇଣ୍ଡିଆ ପାର୍ଟି
- ୩୦ରେ କଲେଜ ସମ୍ମୁଖରେ ରାସ୍ତାରୋକୋ

ଦୂରଦୃଷ୍ଟିର ଅଭାବ ଓ ସରକାରୀ ଅବହେଳା ଯୋଗୁଁ ବଲାଙ୍ଗୀର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଏଡ କଲେଜ)ରେ ଏବେ ଘୋର ଅବ୍ୟବସ୍ଥା ସୃଷ୍ଟି ହୋଇଛି । ଅଧ୍ୟାପକ ଅଭାବଜନିତ ସମସ୍ୟା ଯୋଗୁଁ ଏହି ମହାବିଦ୍ୟାଳୟରେ ଏବେ ପାଠପଢ଼ା ପ୍ରହସନ ପାଲଟିଛି । ଫଳରେ ଏଠାରେ ପଢୁଥିବା ପ୍ରାୟ ୨ ଶହ ଜଣ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡିଛି । ଏଭଳି ସମସ୍ୟାର ଶୀଘ୍ର ସମାଧାନ ଦାବି ନେଇ ଭିଲେଜର୍ସ ଇଣ୍ଡିଆ ପାର୍ଟି (ଭିଆଇପି) ଏବଂ ଆଦିବାସୀ ଅଧିକାର ମହାସଂଘ ପକ୍ଷରୁ କଲେଜ ସମ୍ମୁଖରେ ଧାରଣା ଦିଆଯାଇଛି । ଭିଆଇପି ଅଧ୍ୟକ୍ଷ ଡ ବିପନ କୁଶଲିଆ ଓ ମହାସଂଘ ଅଧ୍ୟକ୍ଷ ଦ୍ୱିଜ ଦଳପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣା କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ରମାନେ ମଧ୍ୟ ସାମିଲ ହୋଇଥିଲେ । ବଲାଙ୍ଗୀରର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଧରି ଏହି କଲେଜ ଉଚ୍ଚ ଶିକ୍ଷାକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିଆସିଛି । ଏହି କଲେଜର ୧୭ଟି ଅଧ୍ୟାପକ ପଦବୀରୁ ଏବେ ୧୬ଟି ଅଧ୍ୟାପକ ପଦବୀ ଖାଲି ପଡିଛି । ଜଣେ ମାତ୍ର ଅଧ୍ୟକ୍ଷ ଓ ୨ ଜଣ ଅତିଥି ଅଧ୍ୟାପକରେ ଏହି କଲେଜ ଚାଲିଛି । ଏଭଳି ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କ ପାଠ୍ୟ କୋର୍ସ ପଢ଼ାଯାଇ ପାରୁନାହିଁ । ଫଳରେ ସମସ୍ତ ଛାତ୍ରୀଛାତ୍ର ଚିନ୍ତାରେ ପଡିଛନ୍ତି । ୨ ବର୍ଷର କୋର୍ସ ଅଧ୍ୟୟନରେ ନାହିଁ ନଥିବା ଅସୁବିଧା ଦେଖାଦେଉଛି । ଛାତ୍ରୀଛାତ୍ରମାନେ ଖାଲିପଡିଥିବା ଅଧ୍ୟାପକ ପଦବୀ ପୂରଣ କରିବାକୁ ବାରମ୍ବାର ଦାବି କରିଥିଲେ ମଧ୍ୟ ଏଯାଏଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ । ବିଏଡ କଲେଜର ଏଭଳି ଦୟନୀୟ ସ୍ଥିତିକୁ ନେଇ ଭିଆଇପି ଓ ମହାସଂଘ ପକ୍ଷରୁ କଲେଜ ସମ୍ମୁଖରେ ଧାରଣା ଦିଆଯାଇଛି । ୨୯ ତାରିଖ ସୁଦ୍ଧା ଏହି କଲେଜର ଅଧ୍ୟାପକ ପଦବୀ ପୂରଣ ନହେଲେ ୩୦ ତାରିଖରେ କଲେଜ ସମ୍ମୁଖରେ ଥିବା ବଲାଙ୍ଗୀର-ପାଟଣାଗଡ ୪୨ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯିବ ବୋଲି ଭିଆଇପି ଅଧ୍ୟକ୍ଷ ଡ କୁଶଲିଆ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ସରକାର ବିଏଡ କଲେଜ ଭଳି ଏକ ପ୍ରମୁଖ ଅନୁଷ୍ଠାନରେ ଅଧ୍ୟାପକ ଯୋଗାଉ ନଥିବାରୁ ଏହି କଲେଜଟି ବନ୍ଦ ହେବା ଅବସ୍ଥାକୁ ଚାଲିଆସିଛି । ଏଠାରେ ଏଭଳି ସ୍ଥିତି ଲାଗିରହିଲେ ଛାତ୍ରୀଛାତ୍ରମାନେ ଏଠାକୁ ଆଉ ପାଠ ପଢ଼ିବାକୁ ଆସିବେ ନାହିଁ । ବଲାଙ୍ଗୀର ଜିଲାରୁ ଏହି ଶିକ୍ଷାନୁଷ୍ଠାନ ବନ୍ଦ ହୋଇଗଲେ ସରକାର ହିଁ ଦାୟୀ ରହିବେ ବୋଲି କୁଶଲିଆ ଚେତାବନୀ ଦେଇଛନ୍ତି । ଏହି ଧାରଣାରେ ଜଗଦମ୍ବା ବରିହା, ରାତୁ କାଲସାଏ, କାଳିନ୍ଦ୍ରୀ ମାଝି ଓ ଅନ୍ୟମାନେ ସାମିଲ ହୋଇଥିଲେ ।

## ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ପରିଷଦ ବୈଠକ

ବଲାଙ୍ଗୀର ଅଫିସ, ୨୬।୯

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ପରିଷଦ ବୈଠକ ସଦାଇପାଲି ରାଧାକୃଷ୍ଣ ମନ୍ଦିର ପରିସରରେ ସଭାପତି ନାରାୟଣ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ସାଧାରଣ ସମ୍ପାଦକ ପ୍ରଭାକର ମିଶ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ଆଗାମୀ ଡିସେମ୍ବର ମାସରେ ଚିତ୍ତରଞ୍ଜନ ପଟେଲ ଓ ବିରଞ୍ଚି ହୋତଙ୍କ ନେତୃତ୍ୱରେ ଢ଼େଙ୍କାନାଳ ଓ କେଉଁଝର ଜିଲାର ବିଭିନ୍ନ ମନ୍ଦିର ଓ ଦର୍ଶନୀୟ ସ୍ଥାନ ବୁଲିଯିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଆସନ୍ତା ଫେବୃୟାରୀ ମାସରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବ । ନୂଆ ସଦସ୍ୟ ନିରୋଦ ଚନ୍ଦ୍ର ମହାନ୍ତି, ପୀତବାସ ପଣ୍ଡା, ବିଷ୍ଣୁ ପ୍ରସାଦ ବହିଦାର ଓ ଗନ୍ତା ସାହୁଙ୍କୁ ସ୍ୱାଗତ କରାଯାଇଥିଲା । ସୁଧାଂଶୁ ଶେଖର ଦର୍ଜୀ, ଅଶୋକ ଚାନ୍ଦ, ବୃଡେନ୍ଦ୍ର ବେହେରା, ଶୁଭେନ୍ଦୁ ନାଏକ, ବିଶ୍ୱନାଥ ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ, ଅର୍ନ୍ତଯାମୀ ପୁରୋହିତ, ନବୀନ କୁମାର ନନ୍ଦ, ହୃଷୀକେଶ ଶତପଥି, କୃଷ୍ଣଚନ୍ଦ୍ର ସୁବୁଦ୍ଧି, ମୁରଲୀଧର ଦାସ, କପିଳେଶ୍ୱର ଖମାରୀ, ବାସୁଦେବ ମେହେର, ସୁନୀଲ ଚନ୍ଦ୍ର ବିଶ୍ୱାଳ, ଦୁର୍ଗା ପ୍ରସାଦ ଜେନା, ସତ୍ୟାନନ୍ଦ ମାଝି, ଅଗସ୍ତି ବାରିକ, ନିରଞ୍ଜନ ସାଏ, ଅମୂଲ୍ୟ ଭୂଷଣ ମିଶ୍ର, ଦ୍ୱାରିକା ନାଥ ପଟେଲ ଓ ଅଗସ୍ତି ରାଉତ ଆଜୀବନ ସଦସ୍ୟତା ଗ୍ରହଣ କରିଥିଲେ । ହରେକୃଷ୍ଣ ମେହେର ମଞ୍ଚର ସଭା ପାଇଁ ଏକ ଘର ଯୋଗାଇ ଦେବେ ବୋଲି କହିଥିଲେ । ମଞ୍ଚର ୧୦ଟି ସବ୍‌କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି । ରେଲୱେ ଷ୍ଟେସନରେ ବରିଷ୍ଠ ନାଗରିକଙ୍କ ପାଇଁ ଅଲଗା କାଉଣ୍ଟର ଖୋଲିବା, ଅସହାୟ ବ୍ୟକ୍ତିଙ୍କ ପାଇଁ ହ୍ୱିଲ ଚେୟାର, ଷ୍ଟ୍ରେଚର କିମ୍ବା ବେଟେରୀ ଚାଳିତ ଅଟୋ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ସରକାରୀ ଡାକ୍ତରଖାନାରେ ବରିଷ୍ଠ ନାଗରିକଙ୍କ ପାଇଁ କାଉଣ୍ଟର ରହିଥିଲେ ମଧ୍ୟ ସେଠାରେ ପ୍ରାୟ କୌଣସି କର୍ମଚାରୀ କର୍ତ୍ତବ୍ୟରତ ନଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ବର୍ତ୍ତମାନ ଆରଟିଓ ଅଫିସରେ ପ୍ରବଳ ଭିଡ, ଗହଳି ଲାଗିଥିବାରୁ ବିଭିନ୍ନ କାର୍ଯ୍ୟ ପାଇଁ ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ସୁବିଧା ଦେବାକୁ ଦାବି କରାଯାଇଛି । ପୋଲିସ ପ୍ରଶାସନ ପାଖରୁ ବରିଷ୍ଠ ନାଗରିକ ପରିଚୟ ପତ୍ର ମିଳିବାରେ ବହୁ ବିଳମ୍ବ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଏଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରାଯାଇଛି । ଶେଷରେ ଯୁଗ୍ମ ସମ୍ପାଦକ ସୁନୀଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ ।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ହୋଇଥିଲା ନିର୍ମାଣ

## ଲଗାଣ ବର୍ଷାରେ ଧୋଇଗଲା ରାସ୍ତା

ଲୋଇସିଂହା,୨୬।୯(ଡି.ଏନ.ଏ)


ବର୍ଷାରେ ଧୋଇ ଯାଇଥିବା ରାସ୍ତା ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲୁପାଲି-କଦଳିପାଲି ଗ୍ରାମ ସଡକ ରାସ୍ତା ଭାଲିପାଲି ବନ୍ଧ ନିକଟରେ ମଙ୍ଗଳବାର ରାତିର ପ୍ରବଳ ବର୍ଷାରେ ଧୋଇ ଯାଇଛି । ଏଥିଯୋଗୁ ଭାଲୁପାଲୁ-କଦଳିପାଲି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସମ୍ପୃକ୍ତ ପଥରେ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିମ୍ନମାନର କାମ ଯୋଗୁ ଏପରି ଅବସ୍ଥା ହୋଇଥିବା ଭାଲୁପାଲି ଓ କଦଳିପାଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ସୂଚନାମତେ, ବ୍ଲକ ଅଧୀନ ବାଦିବାହାଲ ପଞ୍ଚାୟତର କଦଳିପାଲି ଗାଁ । ଆଦିବାସୀ ବହୁଳ ଘଞ୍ଚ ଜଙ୍ଗଲ ମଧ୍ୟରେ ଏହି ଗାଁ ଅବସ୍ଥିତ । ଯୋଗୀସର୍ଡା କଲେଜ ଛକ ଆରଡି ରାସ୍ତାରୁ ପ୍ରାୟ ୬ କମି ଭାଲୁପାଲି ଦେଇ ଗଲେ ପଡେ କଦଳିପାଲି ଗାଁ । ବର୍ଷତମାମା ହାତୀପଲ ରାଜୁତି କରୁଥିବା ଏହି ଅଞ୍ଚଳବାସୀଙ୍କ ଦୀର୍ଘ ଦାବି ପରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯାଇଥିଲା । ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ୟାକେଜ ନଂ ଓଆର ୦୫ ୧୭୮/ଏକ୍ସ ଆଇଆଇରେ ୧ କୋଟି ୯୫ ଲକ୍ଷ ୪୮ ହଜାର ଟଙ୍କା ବ୍ୟାୟରେ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ହୋଇଛି । ନିର୍ଦ୍ଧାରିତ ସମୟରେ କାମ ନ ହୋଇ ଢେର ବିଳମ୍ବରେ ହୋଇଥିଲା । କାମ ବିଳମ୍ବ ଓ ନିମ୍ନମାନର ନେଇ ଅଞ୍ଚଳବାସୀ ସେତେବେଳେ ଅସନ୍ତୋଷ ପ୍ରକାଶ କରିଥିଲେ । ହେଲେ ବିଭାଗୀୟ ଅଧିକାରୀ ଏହି ଅଭିଯୋଗକୁ ସତେଟା ଗୁରତ୍ୱ ଦେଇ ନ ଥିଲେ । ଗତ ମଙ୍ଗଳବାର ପ୍ରବଳ ବର୍ଷାରେ ପାହାଡ ପାଣି ଓ ଭାଲୁପାଲିର ବନ୍ଧର ଉଛୁଳା ପାଣି ମାଡି ଯାଇ ରାସ୍ତା କଟି ଯାଇଛି । ୮ ଫୁଟ ଓସାର ଏବଂ ୪ ଫୁଟ ଗଭୀରରେ ଘାଇ ସୃଷ୍ଟି ହୋଇଛି । କଦଳିପାଲି ଗ୍ରାମବାସୀ ସ୍ୱାସ୍ଥ୍ୟସେବାଠାରୁ ବିଭିନ୍ନ କାର୍ଯ୍ୟରେ ଲୋଇସିଂହା ଓ ବଲାଙ୍ଗୀର ଉପରେ ନିର୍ଭର କରିଥାନ୍ତି । ଗାଁର ସ୍କୁଲ ଛାତ୍ରୀଛାତ୍ରମାନେ ପ୍ରଧାନମନ୍ତ୍ରୀ ସଡକରେ ଘାଇ ହେବା ଦ୍ୱାର ହଟହଟା ହେଉଛନ୍ତି । ଜିଲା ପ୍ରଶାସନ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରଛନ୍ତି । ଏଥିସହ ଏହି ରାସ୍ତା ଶୀଘ୍ର ମରାମତି କରି ଗମନାଗମନ ଉପଯୋଗୀ କରିବାକୁ ଦାବି ହୋଇଛି ।

## ବିଇଓ କାର୍ଯ୍ୟାଳୟ ଘେରିଲା କନିଷ୍ଠ ଶିକ୍ଷକ ସଂଘ

ବେଲପଡା, ୨୬।୯(ଡି.ଏନ.ଏ.)



ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ଗୋଷ୍ଠୀ ଶିକ୍ଷାଧିକାରୀ ବୈକୁଣ୍ଠ ଶବରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ବିଭିନ୍ନ ସମସ୍ୟା ନେଇ ବଲାଙ୍ଗୀର ଜିଲା ବେଲପଡା ବ୍ଲକ କନିଷ୍ଠ ଶିକ୍ଷକମାନେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଗୁରୁବାର ଘେରାଉ କରିଥିଲେ । କନିଷ୍ଠ ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ମେହେରଙ୍କ ନେତୃତ୍ୱରେ ଶିକ୍ଷକମାନେ ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରାରେ ବିଇଓ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଂଘ କର୍ମକର୍ତ୍ତାମାନେ ବିଇଓ କାର୍ଯ୍ୟାଳୟର ଅବହେଳା ଯୋଗୁଁ ୨୫୨ଜଣ ଶିକ୍ଷକ ସମସ୍ୟାରେ ରହୁଥିବା ଅଭିଯୋଗ କରିଥିଲେ । ଶିକ୍ଷକମାନଙ୍କ ୨୦୧୮ ବ୍ୟାଚର ୧୬ମାସର ଓ ଜୁନିୟର ଶିକ୍ଷକଙ୍କ ୭ମାସର ଇପିଏଫ ଟଙ୍କା ନ ମିଳିବା, ୨୦୧୪ ଫେବୃୟାରୀରୁ ୨୦୧୫ ଫେବୃୟାରୀ ପର୍ଯ୍ୟନ୍ତ କନିଷ୍ଠ ଶିକ୍ଷକମାନଙ୍କ ପଦନ୍ନୋତି ବକେୟା ରାଶି ନ ଦେବା, ଅନୁଦାନ ଥାଇ ସୁଦ୍ଧା କନିଷ୍ଠ ଶିକ୍ଷକମାନଙ୍କ ଠିକ ସମୟରେ ଦରମା ନ ହେବାକୁ ନେଇ ସଭାରେ ସମାଲୋଚନା କରାଯାଇଥିଲା । ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା କନିଷ୍ଠ ଶିକ୍ଷକ ସଂଘ ସଭାପତି ଅମରେନ୍ଦ୍ର ବାଗ, ଶିକ୍ଷକ ମହାସଂଘ ସଭାପତି ଛନ୍ଦାଚରଣ ପଣ୍ଡା, ସମ୍ପାଦକ ଲୋକେନ୍ଦ୍ର ପସାୟତ ଯୋଗଦେଇ ଶିକ୍ଷକମାନଙ୍କ ସମସ୍ୟା ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ଗୋଷ୍ଠୀ ଶିକ୍ଷାଧିକାରୀ ବୈକୁଣ୍ଠ ଶବରଙ୍କୁ ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦିଆ ହୋଇଥିଲା । ହେଲେ ଲିଖିତ ପ୍ରତିଶ୍ରୁତି ନମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଶିକ୍ଷକମାନେ ଜିଦ୍ ଧରିଥିଲେ । ଶିକ୍ଷକ ମହାସଂଘ ଓ କନିଷ୍ଠ ଶିକ୍ଷକ ସଂଘର କର୍ମକର୍ତ୍ତାମାନଙ୍କ ସହ ଗୋଷ୍ଠୀ ଶିକ୍ଷାଧିକାରୀ ପୁଣି ଆଲୋଚନା କରି ଆସନ୍ତା ୧ମାସ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ ହେବ ବୋଲି ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଶିକ୍ଷକମାନେ ଧାରଣା ପ୍ରତ୍ୟାହୃତ କରିଥିଲେ ।



"ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।
- ମେରି ଆଣ୍ଟିନ



## ସଂକ୍ଷେପରେ

### ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ବୋଡେନ,୨୬।୯ (ଡି.ଏନ.ଏ.)- ନୂଆପଡ଼ା ଜିଲା ବୋଡେନ ଥାନା ପରିସରରେ ବୁଧବାର ଆସନ୍ତା ସାର୍ବଜନିନ ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଯାଇଛି। ଥାନା ଅଧିକାରୀ ସରୋଜ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବୋଡେନ, ଆମ୍ବଗୁଡା, ଖଇରା, ଲର୍କା, ବିରେଶକେଲା, ଡମଝର, କର୍ଲାକୋଟ ଆଦି ଅଞ୍ଚଳର ଦୁର୍ଗାପୂଜା କମିଟି ସଭାପତି, ସମ୍ପାଦକ ତଥା ପରିଚାଳନା କମିଟି ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଥାନା ଏସ୍ଆଇ, ଏଏସଆଇ, କନଷ୍ଟେବଲ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

### ୨ ଟ୍ରାକ୍ଟର ଜବତ

ବୋଡେନ,୨୬।୯ (ଡି.ଏନ.ଏ.)- ନୂଆପଡ଼ା ଜିଲା ବୋଡେନ ତହସିଲଦାର ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଗୁରୁବାର ବୋଡେନ ଏବଂ ସିନାପାଲି ମୁଖ୍ୟ ରାସ୍ତା ପଲସାମାଳ ଛକଠାରେ ଚଢ଼ାଉ କରି ବାଲି ବୋଝେଇ ୨ଟି ଟ୍ରାକ୍ଟରକୁ ଜବତ କରିଛନ୍ତି। ସିନାପାଲି ବ୍ଲକ ଉଦନ୍ତି ନଦୀରୁ ବାଲି ବୋଝେଇ ଟ୍ରାକ୍ଟର ବୋଡେନ ପଟକୁ ଆସୁଥିଲା। ଏହି ଖବର ପରେ ପଲସାମାଳ ଛକରେ ଅତିରିକ୍ତ ତହସିଲଦାର ନବକିଶୋର ସାହୁ, ବୋଡେନ ଆରଆଇ ସୂର୍ଯ୍ୟକାନ୍ତ ନିଆଲଙ୍କ ସହ ସମସ୍ତ କର୍ମଚାରୀ ଚଢ଼ାଉ କରିଥିଲେ। ଜବତ ୨ ଟ୍ରାକ୍ଟର (ନଂ.ଓଆର୨୬ଏ-୦୨୩୧ ଏବଂ ନଂ.ଓଡି୨୬-୫୩୦୮) ମାଲିକଙ୍କଠାରୁ ୪୦ ହଜାର ୨୧୦ ଟଙ୍କା ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗରେ ଜରିମାନା ଆଦାୟ କରାଯାଇଥିଲା।

### ଆଇନ୍ ସଚେତନତା ଶିବିର

ଭବାନୀପାଟଣା,୨୬।୯(ଡି.ଏନ.ଏ.) କଳାହାଣ୍ଡି ଜିଲା ଆଇନ ଶେବା ପ୍ରାଧିକରଣ ଆନୁକୂଲ୍ୟରେ ଗୁରୁବାର ଭବାନୀପାଟଣାଠାରେ ଏସିଡ୍ ପୀଡିତାଙ୍କ ପାଇଁ ଉପଲବ୍ଧ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଆଇନ ସେବା ପ୍ରାଧିକରଣ ସଚିବ ସ୍ୱାତି ସାମନ୍ତରାୟ, ସ୍ୱତନ୍ତ୍ର ଜଜ୍ ଦୁର୍ନୀତି ନିବାରଣ ବିଧାନ କୁମାର ଚାନ୍ଦ, ଜଜ୍ ପରିବାର ଅଦାଲତ୍ ସୁଶାନ୍ତ ପଟେଲ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅନୁରାଗ ଦେହୁରି ଯୋଗଦେଇ ମହିଳାଙ୍କ ଉପରେ ହେଉଥିବା ଏସିଡ୍ ଆକ୍ରମଣ, ଏହାର କିଭଳି ପ୍ରତିରୋଧ କରାଯାଇ ପାରିବ, ପୀଡିତା କିପରି କ୍ଷତିପୂରଣ ପାଇବେ ଓ ପୀଡିତାଙ୍କ ପାଇଁ ଥିବା ଆଇନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଇନଜୀବୀ ସୁଧାଂଶୁ କୁମାର ନନ୍ଦ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଦୀପକ କୁମାର ସାଠୁଆ ଓ ନିତ୍ୟାନନ୍ଦ ଚୌବେ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ପ୍ରତିନିଧିବୃନ୍ଦ।




ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

## ନୂଆପଡ଼ା ପଞ୍ଚାୟତ ସମିତି ବୈଠକ

# ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ସମୁଚିତ ମର୍ଯ୍ୟାଦା ମିଳୁନି

ନୂଆପଡା ଅଫିସ,୨୬।୯

- ବୈଠକ ପ୍ରାରମ୍ଭରେ ଝଡ
- ବୁଝାଶୁଝା ପରେ ଯଥାରୀତି ଚାଲିଲା
- ପ୍ରତିନିଧିଙ୍କୁ ଉପେକ୍ଷା ଅଭିଯୋଗ

ନୂଆପଡା ଜିଲା ସଦର ବ୍ଲକ ସବୁ କ୍ଷେତ୍ରରେ ଅବହେଳିତ। ଏଠାରେ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ବହୁ ଅସୁବିଧା ରହିଛି । ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଏକ ପ୍ରକାର ଭୁଶୁଡି ପଡିଛି । ବିଭିନ୍ନ ସମୟରେ ଏଠିକାର ଜନପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଉଛି । ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ମଧ୍ୟ ସମୁଚିତ ଦୃଷ୍ଟି ଦେଉନାହାନ୍ତି ବୋଲି ପଞ୍ଚାୟତିରାଜ ପ୍ରତିନିଧିମାନେ ଅଭିଯୋଗ ଆଣିଛନ୍ତି । ଗୁରୁବାର ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଯୋଗଦେଇ ପ୍ରତିନିଧିମାନେ ଏହି ଅଭିଯୋଗ କରିଛନ୍ତି ।

ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିବା ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ତାରେଶ୍ୱରୀ ସାହୁ ସଭାପତିତ୍ୱ କରିଥିବାବେଳେ ବିଡିଓ ସୁବେଦାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଚିନିଲାଲ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଭାନୁପ୍ରତାପ ସିଂ ମାଝି, କଳାହାଣ୍ଡି ଏମପିଙ୍କ ପ୍ରତିନିଧି ହୋମସିଂ ମାଝି, ନୂଆପଡା ବିଧାୟକଙ୍କ ପ୍ରତିନିଧି ରାମଲାଲ ହଂସ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ସମିତି ସଭ୍ୟ, ସରପଞ୍ଚ ଏବଂ ଅନ୍ୟାନ୍ୟ ପଞ୍ଚାୟତିରାଜ ପ୍ରତିନିଧି ସମୂହ ଯୋଗଦେଇଥିଲେ। ବୈଠକ ପ୍ରଥମରୁ ହିଁ ସଭ୍ୟାସଭ୍ୟମାନଙ୍କ ମଧ୍ୟରେ ଅସନ୍ତୋଷର ଝଡ ଦେଖାଦେଇଥିଲା। ସରପଞ୍ଚମାନଙ୍କୁ ଉଚିତ ମର୍ଯ୍ୟାଦା ଦିଆଯାଇ ନ ଥିବା ନେଇ କକ୍ଷତ୍ୟାଗ କରିଥିଲେ। ସରପଞ୍ଚ ସଂଘ ସଭାପତି ଭରତଲାଲ ରାଉତ ଏବଂ ଉପସଭାପତି ଓମପ୍ରକାଶ କଳାରଙ୍କ ନେତୃତ୍ୱରେ ୨୫ରୁ ଊର୍ଦ୍ଧ୍ୱ ସରପଞ୍ଚ ବିଡିଓଙ୍କ ଚ୍ୟାମ୍ବର ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କୁ ନିଜର ଅଧିକାର ନ ମିଳିବା ପର୍ଯ୍ୟନ୍ତ ବୈଠକରେ ବସିବେ ନାହିଁ ବୋଲି ଅଡି ବସିଥିଲେ। ପରେ ବ୍ଲକ ଅଧ୍ୟକ୍ଷା, ବିଡିଓ, ଜିଲା ପରିଷଦ ଉପାଧ୍ୟକ୍ଷ ଆସି ବୁଝାଶୁଝା କରିବା ପରେ ବୈଠକରେ ଯାଇ ବସିଥିଲେ । ଏହି ଅବସରରେ ସରପଞ୍ଚ ସଂଘ ସଭାପତି ରାଉତ ବ୍ଲକ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ବ୍ଲକରେ ଦୀର୍ଘ ଦିନ ଧରି ଏବିଡିଓ, ସହକାରୀ ଯନ୍ତ୍ରୀ ପଦବୀ ଖାଲି ପଡିଛି। ବ୍ଲକ କାର୍ଯ୍ୟାଳୟରେ ରୀତିମତ ଅଭିଯୋଗ ଶୁଣାଣି ଶିବିର ହେଉନାହିଁ । ଏନଏଫଏସଏ କିମ୍ବା ସାମାଜିକ ସୁରକ୍ଷା ଯୋଜନାରେ ଠିକ ଭାବେ ପ୍ରତିନିଧିମାନଙ୍କ ମତାମତକୁ ଗୁରୁତ୍ୱ ଦିଆଯାଉ ନ ଥିବାବେଳେ ହରିଶ୍ଚନ୍ଦ୍ର ଯୋଜନାରେ ଦୀର୍ଘ ଦିନ ହେଲା ଅନୁଦାନ ଦିଆଯାଉ ନ ଥିବା ଅଭିଯୋଗ ହୋଇଥିଲା। ପଞ୍ଚାୟତ କାର୍ଯ୍ୟାଳୟରେ ଠିକ ଭାବେ ନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକମାନେ ଉପସ୍ଥିତ ରହୁ ନାହାନ୍ତି । ଏସବୁ ଉପରେ ବାରମ୍ବାର ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ହେଉ ନ ଥିଲେ ହେଁ ଏହାର କୌଣସି ସମାଧାନ ହେଉନାହିଁ । ତେବେ ଏସବୁ ଉପରେ ବିଶେଷ ଧ୍ୟାନ ଦିଆଯିବ ବୋଲି ବ୍ଲକ ଅଧ୍ୟକ୍ଷା ସାହୁ କହିଥିଲେ। ଏହା ପରେ ବ୍ଲକ ଶିକ୍ଷା ଉପରେ ଆଲୋଚନା ହେଲାବେଳେ ଶିକ୍ଷକ ସହ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଏହିଭଳି କୃଷି, ଖାଦ୍ୟ ଯୋଗାଣ, ମଙ୍ଗଳ ବିଭାଗ ଉପରେ ଆଲୋଚନା ହୋଇଥିଲା। ନୂଆପଡା ବ୍ଲକକୁ କିପରି ସୁସଙ୍ଗଠିତ କରି ଏକ ନମ୍ବର ବ୍ଲକ ଭାବରେ ଗଢାଯାଇ ପାରିବ ସେ ଉପରେ ଅତିଥିମାନେ ମତ ରଖିଥିଲେ। ବୈଠକ ଶେଷରେ ବିଡିଓ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ପରୀକ୍ଷାରେ କପି ଯୋଗାଣକାରୀଙ୍କୁ ମାସେ ଦଣ୍ଡାଦେଶ

ନୂଆପଡା ଅଫିସ/ଖଡିଆଳ, ୨୬।୯ (ଡି.ଏନ.ଏ.)

ସରକାର ମାଟ୍ରିକ ପରୀକ୍ଷାକୁ ସ୍ୱଚ୍ଛ ଏବଂ ଅବାଧ କରିବାକୁ ବିଭିନ୍ନ ନୀତିନିୟମ କରିଛନ୍ତି । ତଥାପି ଏହାକୁ ଅମାନ୍ୟ କରି ଅସାଧୁ ଉପାୟ ଅବଲମ୍ବନ କରି ପରୀକ୍ଷାର୍ଥୀଙ୍କୁ ଲୋକେ କପି ଯୋଗାଇଥାନ୍ତି । ଏଭଳି ଜଣେ ପରୀକ୍ଷାର୍ଥୀଙ୍କୁ କପି ଯୋଗାଣରେ ଧରାପଡିଥିବା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଖଡିଆଳ ଜେଏମଏଫସି ୧ ମାସର କରାଦଣ୍ଡାଦେଶ ସହ ହଜାରେ ଟଙ୍କା ଜରିମାନା କରିଛନ୍ତି। ଗତ ୨୦୧୨ରେ ଖଡିଆଳ ବ୍ଲକ ଚିନ୍ଦାଗୁଡା ପରୀକ୍ଷା କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀଙ୍କୁ ଧନେନ୍ଦ୍ର ସାହୁ (୩୫) ନାମକ ବ୍ୟକ୍ତି କପି ଯୋଗାଉଥିବା ବେଳେ ପୋଲିସ ହାତରେ ଧରାପଡିଥିଲେ। ପରବର୍ତ୍ତି ସମୟରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। କିଛି ଦିନ ଜେଲରେ ରହିବା ପରେ ଜାମିନରେ ବାହାରିଥିଲେ। ପରେ ଏହି ମାମଲା (ଜିଆର କେସ୍ ନମ୍ବର୨୦୭/୧୨)ର ଶୁଣାଣି ଆରମ୍ଭ ହୋଇଥିଲା। ଏହାକୁ ସରକାରଙ୍କ ତରଫରୁ ଯୁବ କ୍ୟାଡର ଏପିପି ଅଖମଲ ସରିଫ ଏବଂ ଆଦିତ୍ୟ ମହାପାତ୍ର ପରିଚାଳନା କରୁଥିଲେ। ଗୁରୁବାର ମାଜିଷ୍ଟ୍ରେଟ ଶ୍ରଦ୍ଧା ମାଣ୍ଡୋଟିଆ ୭ ଜଣଙ୍କ ସାକ୍ଷ୍ୟକୁ ଭିତି କରି ଦଣ୍ଡବିଧାନ କରିଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ଭତାରୁ ବଁଚିତ୍ ନିସାହା ଲଲିତା

ଖଡ଼ିଆଳ, ୨୬।୯ (ଡି.ଏନ୍.ଏ.)



ନିସାହା ବିଧବା ଲଲିତା ଶବର।

- ୨ ବଛର ତଲେ ଆପ୍‌ନେ ଆରପାରକେ ଚାଲିଯାଇଛନ୍
- ଲଲିତା ଉପରେ ରହିଛେ ୪ ନାବାଲିକ୍ ଝିଁ'ର ବୋଝ୍

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକର ମୁହେଁ ହଁସ୍ ଫୁଟାବାର ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଅନେକ୍ ଜାଗାରେ ଇ ସବୁ ଯୋଜନା କେହେନ୍‌ସି ନାଇଁ କେହେନ୍‌ସି କାରନ୍‌ରୁ ହକ୍‌ଦାର ହିତାଧିକାରୀକେଁର ପାସେ ପୁହୁଁଚି ନାଇଁପାରବାର। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସରଧାପୁର ପଁଚେତ୍‌ରେ। ସୂଚନା ଅନ୍‌ସାରେ ସରଧାପୁର ଗାଁର ବିଧବା ମହିଲା ଲଲିତା ଶବର। ଦୁଇ ବଛର ତଲେ ଆପ୍‌ନେ ଦଶରୁ ଶବର କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପଡ଼ି ଆରପାରକେ ଚାଲିଯାଇଛନ୍। ଏହେଦେ ୪ ନାବାଲିକ୍ ଝିଁକୁ ନେଇ ଲଲିତାକେଁର ପରିବାର। ସଖାଲ ପାଏଲେ ଲଲିତା ପରହର ଘରେ କାମ୍‌ବୁତା କରି ଛୁଆକର ଲାଗି ଦାନା ଯୁଗାଡ଼ କରୁଛନ୍। ହେଲେ ସେ ଯାହା କମଉଛନ୍ ପରିବାରର ପେଟ୍‌କେ ଅଁଟ୍‌ଲେ ଦିହିକା ନାଇଁ ଅବସ୍‌ତା ହେଉଛେ। ଏନ୍‌ତାଥି ଛୁଆକର ପାଠ୍‌ପଢ଼ାରେ ଗଏଁଠ୍ ପଡ଼ିଛେ। ଇଆଡ଼େ ବିଧବା ଭତାନୁ ମୂଳ କରି ଅନେକ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍ ଲଲିତା। ସେ ଭତା ଆର ଜାତୀୟ ପରିବାର କଲ୍ୟାଣ ଯୋଜନାରେ ୨୦ ହଜାର ଟଁକା ସାହାଯ୍ ପାଏବାର ଲାଗି ଥାନୀୟ ସରପଁଚ୍‌ନୁ ମୂଳ କରି ଖଡ଼ିଆଳ ବିଡିଓ ତକ୍ ଗୁହାରି କରି ନିରାଶ ହେଇଥିବାର କହିଛନ୍। ନିସାହା ଲଲିତା ଉପେ ଶୁଇନ୍ ହେଇ ଶେଷେ ଗଣମାଧମ ଆଘେ ନିଜର ଦୁଖ୍ ବଖାନିବାର ସଂଗେ ଜିଲା ପରଶାସନକେ ସବୁପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଗୁହାରି କରିଛନ୍।

## ଆଶୀର୍ବାଦ ବେହେରାଙ୍କ ଗିରଫଦାରିକୁ ବିରୋଧ: ନିନ୍ଦା ପ୍ରସ୍ତାବ ଆଣିଲା ଜିଲା ଯାଦବ ସଂଘ

ନୂଆପଡା ଅଫିସ,୨୬।୯

ଚିଟଫଣ୍ଡ ମାମଲାରେ ଉତ୍କଳ ଯାଦବ ସମାଜ ସଭାପତି ତଥା ରାଜ୍ୟ କ୍ରିକେଟ ଆସୋସିଏଶନ ପୂର୍ବତନ ଅଧ୍ୟକ୍ଷଙ୍କୁ ସିବିଆଇ ଗିରଫ କରିଥିବାବେଳେ ଏହାକୁ ନୂଆପଡା ଜିଲା ଯାଦବ ସଂଘ ବିରୋଧ କରିଥିବାବେଳେ ତୀବ୍ର ନିନ୍ଦା ପ୍ରକାଶ କରିଛି । ଏକ ପ୍ରେସ ବିବୃତି ଜରିଆରେ ଜିଲା ସଂଘ ଜଣାଇଛନ୍ତି ଯେ ଯାଦବ ସଂଘ ତୃଣମୂଳସ୍ତରରୁ ଆରମ୍ଭ କରି ରାଜ୍ୟ ତଥା ଜାତୀୟସ୍ତରରେ ବହୁ ଗଠନ ମୂଳକ କାର୍ଯ୍ୟ କରିଆସୁଛି। ଏହି କ୍ରମରେ ଉତ୍କଳ ଯାଦବ ମହାସଂଘ ସଭାପତି ଆଶୀର୍ବାଦ ବେହେରା ମଧ୍ୟ ରାଜ୍ୟରେ ଯାଦବ ସଙ୍ଗଠନକୁ ମଜଭୁତ କରିବା ସହ ସମାଜକୁ ଏକ ଠିକ ଦିଗଦର୍ଶନ ଦେଇଆସୁଛନ୍ତି । ତାଙ୍କୁ ନିକଟରେ ସିବିଆଇ ଗିରଫ କରିଥିବାରୁ ଏହାକୁ ସମାଜ ତୀବ୍ର ନିନ୍ଦା କରିଛି । ଅନ୍ୟପକ୍ଷେ ନ୍ୟାୟପାଳିକା ଏହାର ସୁବିଚାର କରି ଆଶୀର୍ବାଦଙ୍କୁ ନ୍ୟାୟ ଦେବେ ବୋଲି ଆଶା ବ୍ୟକ୍ତ କରିଛନ୍ତି। ସଂଘ ତରଫରୁ ଜିଲା ସଭାପତି ହରେରାମ କଠାର ଏବଂ ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଏକ ପ୍ରେସ ବିବୃତିରେ ଏହା ଜଣାଇଛନ୍ତି ।




ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସିନାପାଲି,୨୬।୯ (ଡି.ଏନ.ଏ.)

ନୂଆପଡା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଗୁରୁବାର ସିନାପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୮୨ ଜଣ ଭିନ୍ନକ୍ଷମ ବସ୍ ଓ ଟ୍ରେନ୍ ପାସ ପାଇଁ ଆବେଦନ କରିଥିଲେ। ଅସ୍ଥିଶଲ୍ୟ ଭିନ୍ନକ୍ଷମ ୨୩୨ ଜଣ, ଦୃଷ୍ଟିବାଧିତ ୫୯ ଜଣ, ଶ୍ରବଣବାଧିତ ୧୦୪ ଜଣ ଓ ୨୭ ଜଣ ମାନସିକ ଅନଗ୍ରସର ଏବଂ ୧୭ ଜଣ ସିକିଲସେଲ୍ ଓ ଥାଲାସେମିଆ ରୋଗରେ ପୀଡିତ ରୋଗୀ ପ୍ରମାଣପତ୍ର ପାଇଁ ଆବେଦନ କରିଛନ୍ତି । ଶିବିରରେରେ ଡାକ୍ତର ଚିନ୍ମୟ ସାହୁ, ଡାକ୍ତର ରମାକାନ୍ତ ସାହୁ, ଡାକ୍ତର ଧନଞ୍ଜୟ ଭୋଇ, ଡାକ୍ତର ଘନଶ୍ୟାମ ସାହୁ, ଡାକ୍ତର ମନୋଜ କୁମାର ସାହୁ, ଡାକ୍ତର ଦୀନବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିଥିଲେ । ସେହିପରି ସିନାପାଲି ବ୍ଲକ୍ ଅଧକ୍ଷା ତପସ୍ୱିନୀ ମାଝି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେନ୍ଦ୍ର ମେହେର, ଜିଲା ପରିଷଦ ସଭ୍ୟ ଗିରିରାଜ ମାଝି, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ଗୋପଲକ୍ଷ୍ମୀ ହୋତା, ସିନାପାଲି ବ୍ଲକ୍ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ବିଶି ଓ ସିନାପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟବାନ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ଦ୍ୱାଦଶତମ ଦିବସ : ଗୋଲ୍‌ଡେନ୍ ଏଫ୍‌ସି ବିଜୟୀ

ଭବାନୀପାଟଣା,୨୬।୯ (ଡି.ଏନ.ଏ.)

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ଗୁରୁବାର ଦ୍ୱାଦଶତମ ମ୍ୟାଚ୍ ଇଣ୍ଡିଆନ୍ କ୍ଲବ ବନାମ ଗୋଲଡେନ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଣ୍ଡିଆନ୍ କ୍ଲବକୁ ଗୋଲଡେନ୍ ଏଫ୍‌ସି ୬ ଗୋଲ ଦେଇ ୬-୦ରେ ବିଜୟୀ ହୋଇଛି। ମ୍ୟାଚ୍‌ରେ ଅତିଥି ଭାବେ ପୂର୍ବତନ ରାଜ୍ୟସ୍ତରିୟ ଫୁଟବଲ ଓ ଭଲିଭଲ ଖେଳାଳି ଲଡୁକେଶ୍ୱର ମିଶ୍ର ଯୋଗଦେଇଥିଲେ। ଜିତେନ୍ଦ୍ର କୁମାର ରଥ, ରଞ୍ଜନ ଦାସ, ଦେବେନ୍ଦ୍ର ରାଉତ ଓ ହର ପଟେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍‌ରେ କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥେଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠି, ଫୁଟବଲ ସେକ୍ରେଟେରି କାଦର ଖାନ, ଆଥେଲେଟିକ୍ ସେକ୍ରେଟେରି ସମ୍ଭୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଜିଲାର ଭେଟେରାନ ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଉଡ, କିଶୋର ସାହୁ, ଅର୍ଜୁନ ନାଏକ, ଧିରେନ ପଟ୍ଟନାୟକ, ରାଜିବ ସାହୁ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ ଓ ଚକ୍ରଧର ସେଠୀ ସହଯୋଗ କରିଥିଲେ।

# ତାଲୁକସ୍ତରୀୟ ଆଇନ ସଚେତନତା ଶିବିର

ସିନାପାଲି,୨୬।୯ (ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଜି.ମେ. ମହାବିଦ୍ୟାଳୟ ପରିସରରେ ଗୁରୁବାର ଏକ ତାଲୁକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସିନାପାଲିସ୍ଥିତ ଆଇନ ସେବା ପ୍ରାଧୀକରଣ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଶବିରରେ ସିନାପାଲି ଜେଏମଏଫ୍‌ସି ମାଜିଷ୍ଟ୍ରେଟ ସରୋଜିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଆଇନଜୀବୀ ଦୁର୍ଗାପ୍ରସାଦ ବୈଠାରୁ, ବାଣୀବଲ୍ଲଭ ପାଣିଗ୍ରାହୀ, ଜୋତିରଞ୍ଜନ ମେହେର ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ସଞ୍ଜୟ ବେହେରା ଶିବିରରେ ସଂଯୋଜନା କରିଥିଲେ। ଯୁବତୀମାନଙ୍କ ଉପରେ ହେଉଥିବା ଏସିଡ୍ ଆକ୍ରମଣ ରୋକିବା ସହିତ ଏହାର ଆଇନଗତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ମୁଖ୍ୟ ଅତିଥି ସାହୁ ଆଇନ କିପରି ଲୋକାଭିମୁକ୍ଷୀ ହୋଇପାରିବ ତା ଉପରେ କହିଥିଲେ। ଏହି ଶିବିରରେ ଉକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଟିକେଲାଲ ମେହେର ଓ ସିନାପାଲି ଥାନା ସବନ୍ସିପେକ୍ଟର ଶାଲଖାନ ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ଜୌତିର୍ଣ୍ଣ ବନ୍ଧିଛୋର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଧ୍ରୁବଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ମହାବିଦ୍ୟାଳୟ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ ।



ଶିବିରରେ ମଞ୍ଚାସୀନ ଅତିଥି ।

## ଜିଲା କଂଗ୍ରେସର ଗାନ୍ଧୀ ଜୟନ୍ତୀ ପାଇଁ ପ୍ରସ୍ତୁତି

# ୨ରୁ ଜିଲା ବ୍ୟାପୀ ଗଣ ପଦଯାତ୍ରା

ନୂଆପଡ଼ା ଅଫିସ,୨୬।୯

କେନ୍ଦ୍ରର ମୋଦି ସରକାରଙ୍କ ସମୟରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ କମ ତାଙ୍କ ହତ୍ୟାକାରୀ ନାଥୁରାମ ଗଡସେଙ୍କୁ ମର୍ଯ୍ୟାଦା ଦେଉଛନ୍ତି । ଏହାକୁ ନୂଆପଡା ଜିଲା କଂଗ୍ରେସ ତୀବ୍ର ବିରୋଧ କରିବ । ବାପୁଜୀଙ୍କ ନୀତି ଏବଂ ଆଦର୍ଶର ପ୍ରଚାର ପ୍ରସାର ସକାଶେ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଜିଲାବ୍ୟାପି ଗଣପଦଯାତ୍ରା କରାଯିବାକୁ ସ୍ଥିରି ହୋଇଥିବା ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗୁରୁବାର ପୂର୍ବାହ୍ନ ୧୧ଟାରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ସମ୍ମିଳନୀରେ ସଭାପତି ମାଝିଙ୍କ ସହ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ହାଲ୍ଲା ସିଂ, ଜଗଦିଶ ସାହୁ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରବୀନ୍ଦ୍ର ମଙ୍ଗରାଜ, ଖରିଆରରୋଡ ନଗର କଂଗ୍ରେସ ମହମ୍ମଦ ଜୁନେଦ, ଗଣପତ ରାଉତ, କୁଲଦୀପ ସୁରଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ସଭାପତି କହିଥିଲେ ଯେ ମୋଦି ସରକାର ବାପୁଜୀଙ୍କୁ ଅବହେଳା କରିବା ସହ ନାଥୁରାମ ଭଳି ଦୁଶ୍ଚରିତ୍ରକୁ ମର୍ଯ୍ୟାଦା ଦେଉଛନ୍ତି । ଏହାକୁ କଂଗ୍ରେସ ତୀବ୍ର ବିରୋଧ କରୁଛି। ଅନ୍ୟପକ୍ଷେ ବାପୁଜୀଙ୍କୁ ଅହିଂସାକୁ ପୂଜା କରି ତାରି ପ୍ରଚାର ପ୍ରସାର କରିବାକୁ ଜିଲାବ୍ୟାପି କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଥିବା କହିଥିଲେ। ଏହି ଉପଲକ୍ଷେ ୨ ତାରିଖରେ କୋମନାଠାରୁ ଖଡିଆଳ ପର୍ଯ୍ୟନ୍ତ ଏକ ଗଣପଦଯାତ୍ରା କରାଯିବ। ଏହିଭଳି ୩ ତାରିଖରେ ବେଲଟୁକୁରୀ, ୪ ତାରିଖରେ କାଣ୍ଡେତରା, ୫ରେ ଅମାନାର, ୬ରେ ଅଗ୍ରେନ ଏବଂ ୭ରେ ଖରିଆରରୋଡରେ ଏକ ବିଶାଳ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଛନ୍ତି ।



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ପଦାଧିକାରୀଗଣ।

## ମହାତ୍ମା ଗାନ୍ଧୀ ଜନ୍ମ ବାର୍ଷିକୀ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ

ତୁଣ୍ଡଲା,୨୬।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଯୁକ୍ତ ୩ ମହାବିଦ୍ୟାଳୟଠାରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମ ବାର୍ଷିକ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସଦାନନ୍ଦ ଶତପଥି ରହିଥିବା ବେଳେ ଦୁର୍ଯ୍ୟୋଧନ ବିଶୋଇ ମଞ୍ଚ ପରିଚାଳନା କରିଥିଲେ। ଅଧାପକ ମଦନମୋହନ ସାହୁ, ନିରଞ୍ଜନ ମାଝି, ବସନ୍ତ ସାହୁ, ଭକ୍ତବନ୍ଧୁ ପଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୀବନ, କର୍ମ ଓ ଆଦର୍ଶକୁ ନେଇ ବିସ୍ତୃତ ଭାବରେ ଆଲୋଚନା କରି ଛାତ୍ରୀଛାତ୍ରମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟତଃ ସ୍ୱଚ୍ଛ ଭାରତ, ଦଳ ସଂରକ୍ଷଣ, ପ୍ଲାଷ୍ଟିକ ବର୍ଜନ, ପରିବେଶ ପ୍ରଦୂଷଣ ଇତ୍ୟାଦି ବିଭିନ୍ନ ପ୍ରକାର ଜନ ସଚେତନ କାର୍ଯ୍ୟକ୍ରମର ଅଗ୍ରଗତି କରାଇ ସମୃଦ୍ଧ ଭାରତ ପାଇଁ ସଂକଳ୍ପ ବଦ୍ଧ ହୋଇଥିଲେ ।



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅତିଥିମାନେ।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



## ସଂକ୍ଷେପରେ



### ନର୍ଲା ବନ ବିଭାଗ ପକ୍ଷରୁ ଚଢ଼ାଉ, ଶାଗୁଆନ ପଟା ଜବତ

**ସେରଗଡ,୨୬।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ନର୍ଲା ବନ ବିଭାଗ ପକ୍ଷରୁ ଗୁରୁବାର ନର୍ଲା ରେଞ୍ଜର ନୃତରାଜ ମାଝିଙ୍କ ନେତୃତ୍ୱରେ ସଦଳବଳେ ନର୍ଲାସ୍ଥିତ ଡଙ୍ଗରମାଳ ଗାଁର ଜଣଙ୍କ ଘରେ ଚଢାଉ କରିଥିଲେ । ଚଢାଉ ବେଳେ ସାଇଜ ଶାଗୁଆନ ପଟା ଜବତ କରିଥିଲେ। ଯାହାର ଆନୁମାନିକ ବଜାର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ଲାଞ୍ଜିଗଡର ରାଜେଶ ହରିଜନ ନାମକ ବ୍ୟକ୍ତି ଏହି କାଠ ବେପାର ଦୀର୍ଘ ଦିନରୁ କରି ଆସୁଛନ୍ତି। ଡଙ୍ଗରମାଳ ଗାଁରେ ଜଣେ ବ୍ୟକ୍ତିଙ୍କ ଘରେ ରଖି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ଏବଂ ଖୁବ୍‌ଶୀଘ୍ର ରାଜେଶ ହରିଜନଙ୍କୁ ଗିରଫ କରାଯିବ ବୋଲି ନର୍ଲା ରେଞ୍ଜର ସୂଚନା ଦେଇଛନ୍ତି ।



### ଆଶିଷ ଠାକୁର ପାଇବେ ଜାତୀୟ ଯୁବ ପୁରସ୍କାର

**ଭବାନୀପାଟଣା,୨୬।୯(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ସିର୍ଗିଗୁଡା ପଞ୍ଚାୟତ ବାଞ୍ଜିବାହାଲ ଗ୍ରାମର ଆଶିଷ ଠାକୁର ଚଳିତ ବର୍ଷ ପାଇଁ ଦିଲ୍ଲୀଠାରେ ଆୟୋଜିତ ଜାତୀୟ ଯୁବ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଜଣାପଡିଛି। ଏହି ପୁରସ୍କାର ପ୍ରତିବର୍ଷ ବିଶ୍ୱ ଯୁବ ସମ୍ମିଳନୀରେ ପ୍ରଦାନ କରାଯାଇଥାଏ। ଆଶିଷ ବର୍ତ୍ତମାନ ନେହେରୁ ଯୁବକେନ୍ଦ୍ର ନୂଆପଡାଠାରେ ଜିଲା ଯୁବ ସଂଯୋଜକ ଭାବେ କାର୍ଯ୍ୟରତ ଅଛନ୍ତି। ଛାତ୍ର ଜୀବନରୁ ନିଷ୍ଠା ଭଳି ଏକ ସଙ୍ଗଠନ ମାଧମରୁ ବିଭିନ୍ନ ଜନ ହିତକର କାର୍ଯ୍ୟ କରି ନିଜର ପରିଚୟ ସୃଷ୍ଟି କରିଥିବା ଠାକୁରଙ୍କ ପାଇଁ ଜାତୀୟ ଯୁବ ସମ୍ମାନ ଜିଲା ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି। ଏକ ଛୋଟିଆ ପଲ୍ଲୀ ବାଞ୍ଜିବାହାଲର ଏକ କୃଷକ ପରିବାରର ଜୟଦେବ ଠାକୁର ଓ ତେଜସ୍ୱିନୀଙ୍କ ପୁଅ ଆଶିଷଙ୍କ ଏହି ସଫଳତା ପାଇଁ ଅଞ୍ଚଳବାସୀଙ୍କ ମଧରେ ଉତ୍ସାହ ଦେଖାଦେଇଛି।

### ପୋଇଗୁଡ଼ା ଗ୍ରାମବାସୀଙ୍କ ପାଇଁ ରାସ୍ତା ନାହିଁ

# ବର୍ଷାରେ ଲୋକଙ୍କ ଦୁର୍ଦ୍ଦଶା ବଢ଼େ

**ଭବାନୀପାଟଣା,୨୬।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ପଞ୍ଚାୟତ ଅଧୀନ ଆଦିବାସୀ ଅଧ୍ୟୁଷିତ ଏକ ଗାଁ ହେଉଛି ପୋଇଗୁଡା। ୬୦ ଆଦିବାସୀ ପରିବାରର ପ୍ରାୟ ୩୬୫ ଜନସଂଖ୍ୟା ବିଶିଷ୍ଟ ଏହି ଗାଁକୁ ଆଜିଯାଏ ରାସ୍ତାର ସୁବିଧା ନାହିଁ। ଗାଁ ମୁଣ୍ଡରୁ ଏକ ରାସ୍ତା (ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଯୋଜନା) କଟି ଯାଇ ମେଲକୁନ୍ଦେଲ ଗାଁକୁ ସଂଯୋଗ କରୁଛି। କିନ୍ତୁ ଛକଠାରୁ ପ୍ରାୟ ୮ଶହ ମିଟର ରାସ୍ତା ନ ଥିବାରୁ ଯାତାୟାତ ପାଇଁ ଗ୍ରାମବାସୀ ପ୍ରତିଦିନ ହଇରାଣ ହେଉଛନ୍ତି। ବର୍ଷା ଦିନେ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢିଯାଏ। ଶିଶୁମାନେ ଥୁଆମୂଳ-ରାମପୁର ପୋଇଗୁଡା ରାସ୍ତା ମଧରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟକୁ ପାଠପଢି ଆସିବାରେ କାଦୁଅପୂର୍ଣ୍ଣ ରାସ୍ତା ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଥିପାଇଁ ଅନେକେ ଅଧାରୁ ପାଠ ଛାଡିବାକୁ ବାଧ ହେଉଛନ୍ତି। ରାସ୍ତା ଅଭାବରୁ କୌଣସି ଯାନବାହନ



ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା କାଦୁଅ ରାସ୍ତା।

**ଥୁଆମୂଳ ରାମପୁର ବ୍ଲକ**

ଯାତାୟାତ କରିପାରୁନାହିଁ। ଯେଉଁଥି ପାଇଁ ଅନେକ ସମୟରେ ଗର୍ଭବତୀ କିମ୍ବା ଗୁରୁତର ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା ମିଳି ପାରେନାହିଁ । ଏହି କାରଣରୁ ବାଧ ହୋଇ ପରିବାର ଲୋକ ଖଟିଆରେ ବୋହି ରୋଗୀଙ୍କୁ ନେଉଛନ୍ତି। ରୋଗୀଙ୍କୁ ଚିକିତ୍ସାଳୟ ପହଞ୍ଚାଇବାରେ ବିଳମ୍ବ କାରଣରୁ ଅନେକଙ୍କ ଜୀବନ ଅକାଳରେ ଚାଲିଯାଉଛି। ଏଥିପାଇଁ ପୋଇଗୁଡା ଗ୍ରାମବାସୀ ଏବେ ଭଗବାନ ଭରସାରେ। ଥୁଆମୂଳ-ରାମପୁର ଓ ମେଲକୁନ୍ଦେଲକୁ ସଂଯୋଗ କରୁଥିବା ରାସ୍ତାରୁ ମାତ୍ର ୮ ଶହ ମିଟର ରାସ୍ତା ନିର୍ମାଣ କରାଯାଇଥିଲେ ଏହି ଗାଁବାସୀ ଯାତାୟାତ ସୁବିଧା ପାଇପାରିଥାନ୍ତେ। କିନ୍ତୁ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଗ୍ରାମବାସୀ। ଅନ୍ୟପଟେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣ ଯୋଜନାର ନିୟମାବଳୀ ଅନୁସାରେ କୌଣସି ଆଦିବାସୀ ବହୁଳ ଗ୍ରାମ ଯେଉଁଠି ଜନସଂଖ୍ୟା ୨୫୦ରୁ ଅଧିକ ରହିବ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଅନୁଦାନ ଯୋଗାଇ ରାସ୍ତା ନିର୍ମାଣ କରାଯାଇ ପାରିବ। କିନ୍ତୁ ପରିତାପର ବିଷୟ ଥୁଆମୂଳ-ରାମପୁର ମେଲକୁନ୍ଦେଲ ରାସ୍ତା ନିର୍ମାଣ ସମୟରେ ଏଥିପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ଯାହା ଆଦିବାସୀ ଗ୍ରାମ ପୋଇଗୁଡାର ଲୋକଙ୍କ ଜୀବନ ଜୀବିକା ପ୍ରତି ସମସ୍ୟା ଦେଖାଦେଇଛି। ଏହି ରାସ୍ତା ନିର୍ମାଣ ହେଲେ କେବଳ ପୋଇଗୁଡା ନୁହେଁ, ଏହି ଗାଁଠାରୁ ପ୍ରାୟ ୩ କି.ମି. ଦୂରରେ ଥିବା ବାଇଗଣଗୁଡା ଗ୍ରାମର ଲୋକ ମଧ ଉପକୃତ ହେଇପାରିବେ। ଏକ ଅପହଞ୍ଚ ଇଲାକାକୁ ରାସ୍ତା ସଂଯୋଗ ହେଇପାରିଥାନ୍ତା। ତୁରନ୍ତ ଜିଲା ପ୍ରଶାସନ ରାସ୍ତା ନିର୍ମାଣ ପ୍ରତି ଗୁରୁତ୍ୱ ଦେଲେ ପୋଇଗୁଡା ଓ ବାଇଗଣଗୁଡା ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ଭଳି ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି ହେଉଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂତନ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

**ପଲମ,୨୬।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ପଞ୍ଚାୟତ ରାଜିବଗାନ୍ଧୀ ସେବା କେନ୍ଦ୍ରଠାରେ ଗୁରୁବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂତନ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପଲମ ପଞ୍ଚାୟତ ହିତାଧିକାରୀ ୩୬ ଜଣ ଓ ଟକର୍ଲା ପଞ୍ଚାୟତର ୩୮ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଅବସରରେ ନର୍ଲା ବ୍ଲକ୍ ଡବ୍ଲ୍ୟୁଇଓ ପ୍ରଫୁଲ୍ଲ କୁମାର ଭୁଜବଳ, ପଲମ ସରପଞ୍ଚ ସାବେତ୍ରୀ ମାଝି ଓ ଟକର୍ଲା ସରପଞ୍ଚ ଶୁଶିଳା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପଲମ ପଞ୍ଚାୟତ ପିଇଓ ଟିକେରାମ ଛତ୍ରିଆ, ନାଏବ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବରଙ୍କ ସହ ୨ଟି ପଞ୍ଚାୟତର ପ୍ରମୁଖ ବ୍ୟକ୍ତିମାନେ ଯୋଗଦାନ ଦେଇଥିଲେ।



ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି ।

## ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର କୃଷକ ପ୍ରଶିକ୍ଷଣ ଶିବିର

**ଭବାନୀପାଟଣା,୨୬।୯ (ଡି.ଏନ.ଏ.)**

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର ଦ୍ୱାରା 'ଜଳ ପରିଚାଳନା ଏବଂ କୃଷି ବିବିଧକରଣ ଦ୍ୱାରା କ୍ଷେତରେ ଉପାଦକତା ଏବଂ ଆୟ ବୃଦ୍ଧି' ଶିର୍ଷକ ଏକ କୃଷ କୃଷକ ପ୍ରଶିକ୍ଷଣ ଶିବିର ଗତ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲା କରଲାପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡଙ୍ଗରିଗୁଡା ଗ୍ରାମରେ ଅନୁଷ୍ଠିତ ଏହି ଶିବିରରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇଥିଲେ। ଜଳ ସଂରକ୍ଷଣ, ସୁକ୍ଷ୍ମ ଜଳସେଚନ, କୃଷି ବିବିଧକରଣ, ରୋଗପୋକ ଦମନ, ମୃତ୍ତିକାର ଉତ୍ପାଦକତା ବୃଦ୍ଧି, କୃଷିରେ ସାମାଜିକ ସହଯୋଗିତା ଏବଂ ଉଦ୍ୟାନ କୃଷି ପାଇଁ ସରକାରଙ୍କ ଯୋଜନା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସଇଲେସ କୁମାର ପଟ୍ଟନାୟକ, କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତପନ କୁମାର ଦାସ ନିମନ୍ତିତ ବିଶେଷଜ୍ଞ ଭାବେ ଯୋଗଦେଇଥିଲେ। ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ବୈଜ୍ଞାନିକ ଡ. ହେମନ୍ତ କୁମାର ଦାଶ, ଡ. ପ୍ରମୋଦ କୁମାର ପନ୍ଡା, ଡକ୍ଟର ପ୍ରଭୁକଲ୍ୟାଣ ପାଣିଗ୍ରାହୀ, ଡକ୍ଟର ସନାତନ ପ୍ରଧାନ ଏବଂ ଡକ୍ଟର ଦେବବ୍ରତ ସେଠୀ ପ୍ରମୁଖ ଶିବିରରେ ଯୋଗଦେଇ ଜଳର ଉତ୍ପାଦକରା ଏବଂ କୃଷି ଆୟକୁ ଦ୍ୱିଗୁଣିତ କରିବା ପାଇଁ ବିଭିନ୍ନ ଜ୍ଞାନ କୌଶଳ ଉପରେ ଆଲୋଚନା କରିଥିଲେ। ଗ୍ରାମର କୃଷକ ସାଥୀ ନବକିଶୋର ସା ଏବଂ ଅନ୍ୟ ଯୁବକୁମାନେ ଉକ୍ତ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ପ୍ରଶିକ୍ଷଣ ଶିବିର ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଜନଜାତି ଉପଯୋଜନା ଅନ୍ତର୍ଗତ ଏକ କାର୍ଯ୍ୟକ୍ରମ ।




ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।



### ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ

**ପଲମ,୨୬।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁଶୁର୍ଲା ହରଗୌରୀ ଯୁକ୍ତ ୨ ମହାବିଦ୍ୟାଳୟରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୋସିଆଲ ଆକ୍ଟିଭିଟି ଅଫ୍ କଳାହାଣ୍ଡି ପକ୍ଷରୁ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ କୁଶୁର୍ଲା ହରଗୌରୀ ଯୁକ୍ତ ୨ ଅଧକ୍ଷ ସୁବୋଧ କୁମାର ଶତପଥୀ ଯୋଗଦାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁଡିଙ୍ଗ ସରପଞ୍ଚ ଟଙ୍କଧର ନାଏକ, ବମକ ସରପଞ୍ଚ ରାଷ୍ଟ୍ର ସାହୁ ଓ ପ୍ରମୁଖ ବ୍ୟକ୍ତିମାନେ ଯୋଗଦାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିବ ମହାଖୁଡ, କ୍ରିଷ୍ଣାଚନ୍ଦ୍ର ସାହୁ, ସଂଘମିତ୍ର ସୁନା, ବୃକୋଦର ଚନ୍ଦନ, ବୁନ୍ଦେଶ୍ୱର ଚୌଧୁରୀ, ସୁରଥ ହେର୍ଣ୍ଣା ତଥା କଳାରୁଦ୍ର ଯୁବକ ସଂଘ ସଦସ୍ୟମାନେ ଯୋଗଦେଇ ସହଯୋଗ କରିଥିଲେ। ଏହି ଶିବିରରେ ୬୦ ୟୁନିଟ ରକ୍ତ ଗ୍ରହଣ କରାଯାଇ ସୋସିଆଲ ଆକ୍ଟିଭିଟି ଅଫ୍ କଳାହାଣ୍ଡି ଦ୍ୱାରା ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା ।

## କପା ଫସଲର ଅମଳ ପରବର୍ତ୍ତୀ ଯତ୍ନ ଉପରେ ତାଲିମ

**କେସିଙ୍ଗା,୨୬।୯ (ଡି.ଏନ.ଏ.)**

କଳାହାଣ୍ଡିଜିଲା କେସିଙ୍ଗା ବ୍ଲକପରଲସିଙ୍ଗା ଗ୍ରାମପଞ୍ଚାୟତ ସଉରାପଦର କାଳୁ ପଡିଆଠାରେ ଭବାନୀପାଟଣା କପା ବିଶେଷଜ୍ଞ ଆନୁକୂଲ୍ୟରେ ଦିନିକିଆ ସମନ୍ୱିତ କପା ଉତ୍ପାଦନ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଥିଲା । କେସିଙ୍ଗା ବ୍ଲକରେ ୧୦ ହଜାର ୯୯୦ ହେକ୍ଟର ଜମିରେ ଚଳିତ ଖରିଫ ଋତୁରେ କପା ଚାଷ ହୋଇଛି । ଏଥିପାଇଁ କପା ବିଶେଷଜ୍ଞ ଭବାନୀପାଟଣା ପକ୍ଷରୁ ଚାଷୀମାନଙ୍କୁ କପା ଉତ୍ପାଦନ, ବିହନ ବିଶୋଧନ, ବିହନ ସଂଗ୍ରହ, ଜଳବାୟୁ ଓ ମୃତ୍ତିକା, ବିହନ କିସମ, ବିହନ ଲଗାଇବା ପ୍ରଣାଳୀ, ଜମି ପ୍ରସ୍ତୁତି, ସମନ୍ୱିତ ଖାଦ୍ୟ ସାର ପରିଚାଳନା, ୮ ଧାଡି କପା ଫସଲରେ ୨ ଧାଡି, ହରଡ, ବିରି, ଝୁଡଙ୍ଗ, ସୋୟାବିନ ପ୍ରଭୃତି ଲଗାଇବା ସହିତ ଫସଲ ସଂରକ୍ଷଣ, ପୋକ ସୁରକ୍ଷା, କପା ଫସଲର ମୁଖ୍ୟ ରୋଗ ନିବାରଣ ଆଦି ବିଷୟରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ଚଳିତ ୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ ସରକାରଙ୍କ ଦ୍ୱାରା ମଧମ ଲମ୍ବର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୫ ହଜାର ୧୫୦ରୁ ୫ ହଜାର ୪୫୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଚାଷୀମାନେ ତରବରିଆ ଭାବେ ଦଲାଲ କବଳରେ ନ ପଡି ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତି ସଂସ୍ଥା ଭାରତ କପା ନିଗମ (ସିସିଆଇ) କପାର ଗୁଣ ନିର୍ଣ୍ଣୟ କରି ଉଚିତ ମୂଲ୍ୟରେ କ୍ରୟ କରିବା ପାଇଁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି । ତେଣୁ ଚାଷୀମାନେ ତରବରିଆ ନ ହୋଇ କପା ଅମଳ ପରେ ଉଚିତ ମୂଲ୍ୟରେ ବିକ୍ରୟ କରିବା ପାଇଁ ଆଲୋକପାତ କରିଥିଲେ । ପରଲସିଙ୍ଗା ଗ୍ରାମ ପଞ୍ଚାୟତରେ କପା ୮ ଧାଡିରେ ହରଡ, ୨ ଧାଡି ଚାଷ , ୧୦୦ ହେକ୍ଟର ଜମିରେ ୪ଠି ଗ୍ରାମରେ କରାଯାଇଥିବା ଚାଷୀମାନଙ୍କୁ ଉନ୍ନତ ଧରଣ କପା ଚାଷ ବିଷୟରେ ବୁଝାଇଥିଲେ । ଏହି ତାଲିମ ଶିବିରରେ କପା ବିଶେଷଜ୍ଞ କଳାହାଣ୍ଡି ନାରାୟଣ ଉପାଧ୍ୟାୟ, ବିହନ ଉତ୍ପାଦନ ଅଧିକାରୀ ସୁବାଶ ଚନ୍ଦ୍ର ବେହେରା, କୃଷି ଅଧିଦର୍ଶକ ବାଲସି ତନୁଚରଣ ନାଏକ ପ୍ରମୁଖ ଏହି ତାଲିମ ଶିବିରରେ ତାଲିମ ପ୍ରଦାନ କରିଥିଲେ ।




ସମନ୍ୱିତ କପା ଉତ୍ପାଦନ ତାଲିମ ଶିବିରରେ ଉପସ୍ଥିତ ବିଶେଷଜ୍ଞ ।

## ସିଆର୍‌ପିଏଫ୍ କ୍ୟାମ୍ପ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**କେଗାଁ,୨୬।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେଗାଁ ୬୪ ବାଟାଲିୟନ ସିଆରପିଏଫ କ୍ୟାମ୍ପ ପକ୍ଷରୁ ସ୍ଥାନୀୟ କେଗାଁଠାରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗମୀ ଅକ୍ଟୋବର ୨ ତାରିଖରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ସାରା ଦେଶରେ ପାଳନ ହେବାକୁ ଥିବା ବେଳେ ତାଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ଖୋଲା ଶୌଚ ମୁକ୍ତ ଦିବସ ପାଳନ କରାଯିବ ବୋଲି ଘୋଷଣା ହୋଇଛି। ଏହାକୁ ସମ୍ମାନ ଜଣାଇ ୬୪ ବାଟାଲିୟନ ସିଆରପିଏଫ କ୍ୟାମ୍ପ ତରଫରୁ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ଅନିଲ କୁମାର ନାୟକଙ୍କ ଅଧକ୍ଷତାରେ କେଗାଁ ସହରରେ ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଛି । କେଗାଁ ମୁଖ୍ୟ ରାସ୍ତା, ବଜାରପଡିଆ, ଚାରିଛକ, ପୁରୁଣାପ୍ଲେକ୍ସ, ବସ୍ତି ଆଦି ଯାଗାରେ ସମସ୍ତ ସିଆପିଏଫ ଯବାନ ସଫେଇ କରିଥିବା ବେଳେ ନିଜ ଅଞ୍ଚଳ ଓ ପରିବେଶକୁ ସଫାସୁତୁରା ରଖିବାକୁ ଆହ୍ୱାନ ଦେଇଥିଲେ ।



ସିଆରପିଏଫ ପକ୍ଷରୁ ରାସ୍ତା ସଫେଇ କରାଯାଉଛି।

## କଳାହାଣ୍ଡି ଗୋଁଣ୍ଡ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ଭବାନୀପାଟଣା,୨୬।୯ (ଡି.ଏନ.ଏ.)**

ଅଖିଳ ଭାରତୀୟ ଗୋଁଣ୍ଡ ସମାଜ କଳାହାଣ୍ଡି ଶାଖା ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ମାଲଗାଁ ପଞ୍ଚାୟତ କର୍ଲାକୋଟ ଗ୍ରାମ ନିକସ୍ଥ ଗୋବର୍ଦ୍ଧୀ ପାହାଡ ନିକଟରେ ନୂଆଁଖାଇ ଭେଟଘାଟ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଚିତ୍ତାକର୍ଷକ କଳସ ଶୋଭାଯାତ୍ରା କରାଯାଇଥିବା ବେଳେ ବଡଦେଓଙ୍କ ପୀଠସ୍ଥାପନ ଓ ପବିତ୍ର ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସହକାରୀ ଯୋଗାଣ ଅଧିକାରୀ ରାମପ୍ରସାଦ ମାଝି, ସମ୍ମାନିତ ଅତିଥି ଭାବେ ଛତିଶଗଡର ଗରିଆବନ୍ଧ ଜିଲା ସଭାପତି ଦୁଷ୍ମନ୍ତ କୁମାର ଧରୁଆ, ଉପାଧକ୍ଷ କେଶରୀ ମଣ୍ଡାବି, ଚନ୍ଦାହାଣ୍ଡିର ତହସିଲଦାର ହୃଦାନନ୍ଦ ମାଝି, ଛତିଶଗଡର ଲମ୍ବୋଦର ପୋର୍ଟି, ଗୋଡୱାନି ସମାଜର ଜିଲା ସଭାପତି କହ୍ନେଇ ପାତ୍ର, ଗୋଁଣ୍ଡ ସାଂସ୍କୃତିକ ସମାଜର ଜିଲା ସଭାପତି ଜଗଦଲ ମାଝି, ଗୋଁଣ୍ଡ ସାଂସ୍କୃତିକ ସମାଜର ଲବଣୀ ନାଏକ ଉପସ୍ଥିତ ଥିଲେ । ମୁଖ୍ୟବକ୍ତା ଭାବେ ନୂଆପଡା ଜିଲା ସଭାପତି ଦଶରଥ ମରେଇ ଯୋଗଦେଇଥିଲେ। ସେହିଭଳି ଅପରାହ୍ନରେ ଖୋଲାମଞ୍ଚ ଆଲୋଚନା କରାଯାଇଥିଲା ଏବଂ ବର୍ଷିୟାନ୍ ସାମାଜିକ କର୍ମୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଛତିଶଗଡ ଗରିଆବନ୍ଧର କଳାକାରମାନଙ୍କୁ ନେଇ ଯୁବରାଜ ମଣ୍ଡାବୀ ଓ ତାଙ୍କ ଦଳ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସମାଜର ଅନ୍ୟତମ ସଙ୍ଗଠକ ଖଗେନ୍ଦ୍ର ମାଝି ପରିଚାଳନା କରିଥିବା ବେଳେ ଡୋଳାମଣି ଧରୁଆ ସଂଯୋଜନା କରିଥିଲେ। ସଭାପତି ଧନୁର୍ଜ୍ୟୟ ମାଝି ଓ ସମ୍ପାଦକ ଲୋଚନ ଧରୁଆ, ବୁଢାଦେଓଙ୍କ ଆସ୍ଥାନ ଲାଗି ୫୦ ଡେସିମିଲ ଜମି ଦାନ କରିଥିବା ବଦାନ୍ୟ ବ୍ୟକ୍ତି ଧନେଶ୍ୱର ମାଝି, ଲାବନ୍ୟ ମାଝି, ଦିନବନ୍ଧୁ ମାଝି, ଭଗତ ରାମ ମାଝି, ବିକ୍ରମ ମାଝି ସହ ସମାଜର ବହୁ ସଭ୍ୟ ସଭ୍ୟାଉପସ୍ଥିତ ଥିଲେ। ବୁଢାଦେଓଙ୍କ ଆସ୍ଥାନ ଲାଗି ଜମିଦାନ କରିଥିବା ବଦାନ୍ୟ ବ୍ୟକ୍ତିମାନଙ୍କୁ ସମାଜ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।




ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ପରିତ୍ୟକ୍ତ ଘରେ ଚାଲିଛି ପଞ୍ଚାୟତ କାର୍ଯ୍ୟାଳୟ

### ଶେଷ ହେଉନି ନୂତନ କୋଠା ନିର୍ମାଣ କାର୍ଯ୍ୟ

**ଭବାନୀପାଟଣା,୨୬।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ-ରାମପୁର ବ୍ଲକ ଅଧୀନସ୍ଥ ତଲଝାପିର ଏକ ପରିତ୍ୟକ୍ତ ବିଦ୍ୟାଳୟ କୋଠାରେ ଅସୁରକ୍ଷିତ ଅବସ୍ଥାରେ ପଞ୍ଚାୟତ କାର୍ଯ୍ୟ ଚାଲୁଛି। ନୂତନ ଭାବେ ତଲଝାପି ପଞ୍ଚାୟତ ଗଠନ ହେବା ୨ ବର୍ଷରୁ ଅଧିକ ସମୟ ବିତି ସାରିଛି । ନୂତନ ପଞ୍ଚାୟତ କୋଠା ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆରିଜିଏସ୍‌ରେ ୨୦୧୭-୧୮ ଆର୍ଥିକ ବର୍ଷରେ ୨୦ଲକ୍ଷ ଓ ୪ର୍ଥ ଏସଏଫସିରୁ ୧୫ ଲକ୍ଷ ସର୍ବମୋଟ ୩୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି । ଏହି ଅନୁଦାନ ଅର୍ଥରୁ ନିର୍ମାଣାଧୀନ କୋଠା ଅଦ୍ୟାବଧି ଅସମ୍ପୂର୍ଣ୍ଣ ହୋଇ ରହିଛି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ କୋଠା ନିର୍ମାଣ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ସୃଷ୍ଟି ହେଇଛି । ରାଜ୍ୟ ସରକାର ତୃଣମୂଳସ୍ତରର ଲୋକଙ୍କ ସମସ୍ତ ପ୍ରକାର ସମସ୍ୟା ପଞ୍ଚାୟତ ମାଧ୍ୟମରେ ସମାଧାନ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଫଳରେ ଦିନକୁ ଦିନ ପଞ୍ଚାୟତର ଗୁରୁତ୍ୱ ବୃଦ୍ଧି ପାଉଛି। ଏହାସହ ବିଭିନ୍ନ ଯୋଜନାର ଗୁରୁତ୍ୱ କାଗଜାତ ସମେତ ମୂଲ୍ୟବାନ କମ୍ପ୍ୟୁଟର ପଞ୍ଚାୟତରେ ସୁରକ୍ଷିତ ରଖିବା ବ୍ୟବସ୍ଥା କରାଯାଉଛି । ଏହାସହ ପଞ୍ଚାୟତ ହିତାଧିକାରୀଙ୍କ ପାଇଁ ଆସୁଥିବା ଅତ୍ୟାବଶ୍ୟକ ସାମଗ୍ରୀ ରଖିବା ପାଇଁ ଏହି ପଞ୍ଚାୟତ ଗୋଦାମ ଗୃହ ଅଭାବ ଥିବା ଜଣାପଡିଛି। ପୂର୍ବରୁ ଡୁମେରପଦର ପଞ୍ଚାୟତ ସହିତ ସଂଯୋଗ ଥିବା ତଲଝାପି ପଞ୍ଚାୟତ ପୁନଃଗଠନ ପରେ ଏବେ ନୂତନ ପଞ୍ଚାୟତ ମାନ୍ୟତା ପାଇସାରିଛି । ଏହାସହ ଏହି ପଞ୍ଚାୟତର ନିର୍ବାଚନ ଅନୁଷ୍ଠିତ ହୋଇ ସରପଞ୍ଚ ସମେତ ୱାର୍ଡମେମ୍ବର ନିର୍ବାଚିତ ହେଇଛନ୍ତି । କିନ୍ତୁ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ କର୍ମଚାରୀ କାର୍ଯ୍ୟାଳୟ କାମ କରିବା ପାଇଁ ଆବଶ୍ୟକ ଘର ଅଭାବ ରହିଛି। ଏଭଳିସ୍ଥିତିରେ ତଲଝାପିରେ ଥିବା ଏକ ପରିତ୍ୟକ୍ତ ବିଦ୍ୟାଳୟ କୋଠାକୁ ଅଳ୍ପ କିଛି ମରାମତି କରାଯାଇ ସାମୟିକ ଭାବେ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ପ୍ରସ୍ତୁତି କରାଯାଇଥିଲା। ଏଥିମଧରେ ଦୀର୍ଘ ୨ ବର୍ଷରୁ ଅଧିକ ସମୟ ବିତି ସାରିଥିଲେ ମଧ ନୂତନ କୋଠା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ବର୍ଷ ବର୍ଷ ଧରି ସରକାରୀ ଅନୁଦାନ ପଡିରହୁଛି । ଏହାସହ ଦିନକୁ ଦିନ ନିର୍ମାଣ ସାମଗ୍ରୀ ଓ ଶ୍ରମିକଙ୍କ ମୂଲ୍ୟ ବୃଦ୍ଧି ଘଟୁଥିବାରୁ ସରକାରୀ ଅନୁଦାନ ଅଧିକ ପରିମାଣରେ ଖର୍ଚ୍ଚ ହେଉଛି । ଅନ୍ୟପଟେ ଅସୁରକ୍ଷିତ ଗୃହରେ ପଞ୍ଚାୟତ କାର୍ଯ୍ୟ ଚାଲୁଥିବାରୁ କେତେବେଳେ କୌଣସି ଅଘଟଣ ଘଟି ଧନ ଜୀବନ ନଷ୍ଟ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।



ନିର୍ମାଣାଧୀନ ତଲଝାପି ପଞ୍ଚାୟତ କାର୍ଯ୍ୟାଳୟ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍ଟାୟାର



## ସଂକ୍ଷେପରେ

### ସତ୍‌ସଙ୍ଗ କେନ୍ଦ୍ରର ପ୍ରତିଷ୍ଠା ଦିବସ

**ଲୋଇସିଂହା,୨୬।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡାସ୍ଥିତ ସତ୍‌ସଙ୍ଗ କେନ୍ଦ୍ରର ୩ୟ ବର୍ଷ ଉଦ୍‌ବୋଧନୀ ଉତ୍ସବ ପାଳିତ ହୋଇଯାଇଛି। ସହ ପ୍ରତିରିତିକ ପ୍ରମୋଦ କୁମାର ପୃଷ୍ଟିଙ୍କ ପରିଚାଳନାରେ ଭଜନ, କୀର୍ତ୍ତନ ଓ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ସରସ୍ୱତୀ ସିଂ, ଅଜିତ ସାହୁ, ଅମିତାଭ ଦାସ, ସଚ୍ଚିଦାନନ୍ଦ ସ୍ୱାଇଁ କୀର୍ତ୍ତନ ପରିବେଷଣ କରିଥିଲେ। ନବୀନ ହୋତା ଓ କାଳୀଚରଣ ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡ଼ା ହିମାଂଶୁ ମିଶ୍ର , ପର୍ଶୁରାମ ସାହୁ, ପ୍ରମୋଦ କୁମାର ପୃଷ୍ଟି ଉଦ୍‌ବୋଧନୀ ଧ୍ୱନୀ ଦେଇ ସତ୍‌ସଙ୍ଗ ସମାପନ କରିଥିଲେ।

### ଶିଶୁମନ୍ଦିରରେ ମାତୃ କର୍ମଶାଳା

**ଲୋଇସିଂହା,୨୬।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିର ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ବାଟିକା ପ୍ରମୁଖ ବବିତା ମାହାଣା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ପ୍ରଧାନଅଚାର୍ଯ୍ୟ ସନାତନ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କର୍ମଶାଳାରେ ଶିଶୁପ୍ରାରମ୍ଭ ଓ ଶିଶୁବୋଧ ଶ୍ରେଣୀର ଶାରୀରିକ, ମାନସିକ, ବୌଦ୍ଧିକ ଲଳିତ କଳାର ରସସ୍ୱାଦ ପୂର୍ବକ ଅନୁଭବ ଉପରେ ବିଭିନ୍ନ କାଳାଂଶ ଉପସ୍ଥାପିତ ହୋଇଥିଲା। ଏଥିରେ ପରିଚାଳନା ସମିତି ସମ୍ପାଦକ ପ୍ରତାପ ବହିଦାର ଅତିଥି ଭାବେ ଯୋଗଦେଇଥିଲେ।

### ପିଆନ ପଦବୀ ପୂରଣ ଦାବି

**ଲୋଇସିଂହା,୨୬।୯(ଡି.ଏନ.ଏ.):** ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ଗ୍ରାମର କୃଷି ସମବାୟ ସମିତି(ପ୍ୟାକ୍ସ)ରେ ବେଆଇନ ଭାବେ ପିଅନ ପଦବୀରେ ନିଯୁକ୍ତି ଦେବାନେଇ ଯୋଜନା ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ପଦବୀ ପାଇଁ ବିଭାଗ ପକ୍ଷରୁ ଗଣମାଧ୍ୟମରେ ବିଜ୍ଞାପନ ଦେଇ ପଦବୀ ପୂରଣ କରିବାକୁ ଗ୍ରାମାବାସୀ ଜିଲାପାଳ ଏବଂ ବିଭାଗୀୟ ସହକାରୀ ନିବନ୍ଧକଙ୍କ ନିକଟରେ ଫେରାଦ ହୋଇଥିଲେ। ଅଭିଯୋଗ ମୁତାବକ, ମନହୀରା ପ୍ରାଥମିକ କୃଷି ସମବାୟ ସମିତିରେ ପିଅନ ପଦବୀ ଖାଲି ପଡିଛି। ଏହି ପଦବୀରେ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ନେଇ ଯୋଜନା କରାଯାଉଥିବା ଅଭିଯୋଗ ହୋଇଛି। ଗାଁରେ ଅନେକ ମେଧାବୀ ଛାତ୍ର ବେକାର ହୋଇ ବୁଲୁଛନ୍ତି। ଉକ୍ତ ପଦବୀ ପାଇ ବିଜ୍ଞାପନ ଦେଇ ଚୟନ କରାଗଲେ ଗାଁର ବେକାର ଯୁବତୀଯୁବକ ଉପକୃତ ହୋଇପାରିବେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

### ପଞ୍ଚ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ

**ଗୁଡଭେଲା,୨୬।୯(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ତୁଷୁରା ଗାୟତ୍ରୀ ପୀଠରେ ପଞ୍ଚ କୁଣ୍ଡୀୟଯଜ୍ଞ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିକୁଞ୍ଜ ହରିଦ୍ୱାରର ଋଷିପୁତ୍ର ମୀନକେତନ ପାତ୍ର ଭାଗବତ ପାଠ କରିଥିବା ବେଳେ ସଙ୍ଗୀତ ଜୈନ ତାଙ୍କ ସ୍ତ୍ରୀ ବବଲି ଜୈନ, ଅଶୋକ ଜୈନ, ଜଗଦୀଶ ଅଗ୍ରୱାଲ ଓ ଭିକାରୀ ସାହୁ ଓ ତାଙ୍କ ସ୍ତ୍ରୀ ଯଜ୍ଞ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ।

ଖପ୍ରାଖୋଲ ତହସିଲ

# ଚାଷୀଙ୍କୁ ମିଳିନି ମରୁଡ଼ି ସହାୟତା

**ଖପ୍ରାଖୋଲ, ୨୬।୯(ଡି.ଏନ.ଏ.)**

ରାଜ୍ୟ ସରକାର ୨୦୧୮ ଖରିଫ ଋତୁରେ ଆବଶ୍ୟକଠାରୁ କମ୍ ବୃଷ୍ଟିପାତ ପାଇଁ ଚାଷୀଙ୍କୁ ଇନପୁଟ ସବସିଡି ବା ମରୁଡି ସହାୟତା ଯୋଗାଇ ଦେବା ପାଇଁ ଘୋଷଣା କରିଥିଲେ। ତଦନୁଯାୟୀ ତହସିଲକୁ ଅନୁଦାନ ମଧ୍ୟ ଆସିଛି । ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ତହସିଲ ଅଞ୍ଚଳର ଚାଷୀଙ୍କୁ ଆଜି ଯାଏଁ ମରୁଡି ସହାୟତା ମିଳିନାହିଁ। ଏଥିଯୋଗୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ୨୦୧୮ ଖରିଫ ଋତୁରେ ମରୁଡି ହୋଇଥିବାବେଳେ ସହାୟତା ଟଙ୍କା ୨୦୧୯ ଖରିଫ୍ ଆଗରୁ ମିଳିଥିଲେ ଚାଷୀଙ୍କୁ ସହାୟକ ହୋଇ ପାରିଥାନ୍ତା। ହେଲେ ଅନୁଦାନ ଆସି ବି ବିଳମ୍ବ ହେଉଥିବାରୁ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି। ମରୁଡି ସହାୟତା ପାଇଁ ରାଜସ୍ୱ ବିଭାଗ ତରଫରୁ ଚାଷୀଙ୍କଠାରୁ ଆବେଦନ ଫର୍ମ ସଂଗ୍ରହ କରାଯାଇଥିବାବେଳେ ଆବଶ୍ୟକ କର୍ମଚାରୀ ଅଭାବରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାଯାଇଛି। ସେହିପରି ପୂର୍ବବର୍ଷର ମରୁଡି ସହାୟତା ମଧ୍ୟ ଅନେକ ଚାଷୀ ପାଇ ନ ଥିବାବେଳେ ତହସିଲ କାର୍ଯ୍ୟାଳୟ ଦୌଡି ହତାଶ ହୋଇଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଚାଷୀଙ୍କୁ ମରୁଡି ସହାୟତା ଯୋଗାଇ ଦେବାକୁ ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ଗୁପ୍ତେଶ୍ୱର କୁଅଁର, ଧନଞ୍ଜୟ ଭୋଇ, ସନ୍ତୋଷ ମିଶ୍ର, ବନମାଳୀ ପଧାନ ପ୍ରମୁଖ ଚାଷୀ ଦାବି କରିଛନ୍ତି। ତୁରନ୍ତ ସହାୟତା ପ୍ରଦାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏ ନେଇ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକଙ୍କୁ ପଚାରିବାରୁ ମରୁଡି ସହାୟତା ଦେବା ପାଇଁ ତାଲିକା ପ୍ରସ୍ତୁତ ଚାଲିଛି । ଏଥିପାଇଁ ତହସିଲର ସମସ୍ତ କର୍ମଚାରୀଙ୍କୁ ନେଇ ୭ଟି ଦଳ ଗଠନ କରାଯାଇଛି। ବ୍ଲକର ସମସ୍ତ ୨୧ଟି ପଞ୍ଚାୟତର ଚାଷୀଙ୍କ ଆବେଦନ ଏବଂ ପୂର୍ବବର୍ଷର ଚାଷୀ ତାଲିକାକୁ ନେଇ ନୂଆ ତାଲିକା ପ୍ରସ୍ତୁତ ଚାଲିଛି । ପୂର୍ବବର୍ଷ ମରୁଡି ସହାୟତା କେତେକ ଚାଷୀଙ୍କ ବ୍ୟାଙ୍କ ପାସ୍ ବହି ଭୁଲ ଥିବା, ଅଚଳ ପାସ୍ ବହି ନମ୍ବର ଦେଇଥିବାରୁ ସହାୟତା ପାଇପାରି ନ ଥିବା କହିଛନ୍ତି।




ଆଇନ ସେବା ପ୍ରାଧିକରଣ ତରଫରୁ ଆୟୋଜିତ ସଚେତନତା ସଭାରେ ମଞ୍ଚାସୀନ ଅତିଥି ।

## ଆଇନସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

**ସଇଁତଲା, ୨୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ତରଫରୁ ଏସିଡ଼ ଆକ୍ରମଣ ପୀଡିତାଙ୍କୁ ନ୍ୟାୟ ଦେବାପାଇଁ ଥିବା ଆଇନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ତଥା ସଇଁତଲା ଜେଏମଏଫସି କୋର୍ଟ ବିଚାରପତି ବିଶ୍ୱକଲ୍ୟାଣୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏସିଡ଼ ଆକ୍ରମଣର ଶିକାର ପୀଡିତାଙ୍କୁ ଆଇନ ସହାୟତା ଏବଂ ସରକାରୀ ଅନୁକମ୍ପା ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ବକ୍ତାମାନେ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ନଗେନ୍ଦ୍ର ବହିଆ, ଆଇନଜୀବୀ ହିଜକ୍ଷ ତାଣ୍ଡି, ମାନଭଞ୍ଜନ ପାଣିଗ୍ରାହୀ, ମାନସ ରଣା, ଦ୍ରୋପଦୀ ପାତ୍ର, ସରକାରୀ ଓକିଲ ପ୍ରକାଶ ମହାହୋଲି, ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା. ସୌମ୍ୟ ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଆଇନଜୀବୀ ସୁବୋଧ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

## ବର୍ଷାରେ ଘର ଭାଙ୍ଗିଲା

**ଲୋଇସିଂହା,୨୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୁହୁରାପାଲି ଗାଁର ଦିଲୀପ ବାଗଙ୍କ ମାଟି ଘର ମଙ୍ଗଳବାର ରାତିର ପ୍ରବଳ ବର୍ଷାରେ ଭାଙ୍ଗି ଯାଇଛି । ଦିଲୀପଙ୍କ ପରବାର ରହୁଥିବା ମାଟି ଘର ବିପଦପୂର୍ଣ୍ଣ ଥିଲା । ଏ ନେଇ ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ଅବଗତ କରି ପକ୍କାଘର ଟିଏ ଯୋଗାଇବାକୁ ଦାବି କରିଥିଲେ । ପ୍ରଶାସନ ପକ୍ଷରୁ ପକ୍କାଘର ନ ମିଳିବାରୁ ପରିବାର ସହ ଦିଲୀପ ଏହି ଘରେ ରହୁଥିଲେ। ମଙ୍ଗଳବାର ରାତିରେ ପ୍ରବଳ ବର୍ଷା ହେବାରୁ ସେ ସ୍ତ୍ରୀ ଓ ୪ମାସର ଶିଶୁପୁତ୍ର ସହ ଗାଁର ଅନ୍ୟ ଜଣଙ୍କ ଘରେ ଆଶ୍ରୟ ନେଇଥିଲେ । ରାତି ୨ଟାରେ ତାଙ୍କ ଘର କାନ୍ଥ ଭୁଶୁଡି ପଡିଥିଲା । କାନ୍ଥ ପଡିବାରୁ ଘରେ ଥିବା ଚାଉଳ, ବାସନକୁସନ, ଆସବାବ ପତ୍ର ସବୁ ନଷ୍ଟ ହୋଇଯାଇଛି । ଅବିଳମ୍ବେ ଏହି ପରିବାରକୁ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ପଡାବସୀ ଦାବି କରିଛନ୍ତି।



ସ୍ତ୍ରୀଙ୍କ ସହ ଭଙ୍ଗାଘର ପାଖରେ ଦିଲୀପ ବାଗ।

## ବାଇକ୍ ଚେକିଂ ବେଳେ ଯୁବକଙ୍କୁ ମାଡ ଘଟଣା: କନ୍‌ଷ୍ଟେବଲ ନିଲମ୍ବିତ ଏଏସ୍‌ଆଇଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**ବଲାଙ୍ଗୀର ଅଫିସ, ୨୬।୯**

ପାଟଣାଗଡଠାରେ ବାଇକ୍ ଚେକିଂ କରୁଥିବାବେଳେ ବଲାଙ୍ଗୀରର ଯୁବ ବ୍ୟବସାୟୀ ଦୀପଙ୍କର ପଣ୍ଡାଙ୍କୁ ପୋଲିସ ଲାଠିମାଡ କରିଥିଲା । ଏଥିରେ ଦୀପଙ୍କର ଗୁରୁତର ଆହତ ହୋଇ ବୁର୍ଲା ମେଡିକାଲରେ ଚିକିତ୍ସିତ ହୋଇଥିଲେ । ଏ ନେଇ ପରିବାର ଲୋକେ ପୋଲିସ ବିରୋଧରେ ମରଣାନ୍ତକ ଆକ୍ରମଣ ଅଭିଯୋଗ କରିଥିଲେ । ଏହି ଘଟଣାରେ ପାଟଣାଗଡ ଥାନା କନ୍‌ଷ୍ଟେବଲ ଆଶିଷ କୁମାର ଜାଲଙ୍କୁ ନିଲମ୍ବିତ କରାଯାଇଛି । ଏହା ସହିତ ଏଏସଆଇ ବିଷ୍ଣୁପ୍ରସାଦ ଶବରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଲାଙ୍ଗୀର ଏସପିଙ୍କୁ ଡିଆଇଜି ହିମାଂଶୁ ଲାଲ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।



ଜନ୍ମଶତବାର୍ଷିକ ସମାରୋହରେ ମଞ୍ଚାସୀନ ଅତିଥି, ଶିକ୍ଷୟିତ୍ରୀ ,ଶିକ୍ଷକ ତଥା କୃତୀ ପ୍ରତିଯୋଗୀ ।

## ମହାତ୍ମା ଗାନ୍ଧୀ ୧୫୦ତମ ଜନ୍ମଶତବାର୍ଷିକ ଉତ୍ସବ

**ଦେଓଗାଁ,୨୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମଶତବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ରତନପୁର ସିଆରସିସି ସଞ୍ଜୀବ କୁମାର ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ବିଇଓ ଭାଗ୍ୟବତୀ ଦାଶ, ମୁଖ୍ୟବକ୍ତା ବଡବନ୍ଧ ହାଇସ୍କୁଲର ପ୍ରଧାନଶିକ୍ଷକ ନବୀନ କୁମାର ମେହେର, ସମ୍ମାନୀତ ଅତିଥିଭାବେ ଏବିଇଓ ଅର୍ଜୁନ କୁମାର ନନ୍ଦ, ଲୋଚନ ଛତ୍ରୀୟା ଓ ପିତବାସ ସେଠ ପ୍ରମୁଖ ଯୋଗଦେଇଥିଲେ। ବଗଡା କ୍ଲଷ୍ଟର ସିଆରସିସି ସୁଶାନ୍ତ କୁମାର ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବ୍ଲକର ବିଭିନ୍ନ ସ୍କୁଲରୁ ୨୫୦ ଛାତ୍ରୀଛାତ୍ର ବକ୍ତୃତା, କ୍ୱିଜ, ଚିତ୍ରାଙ୍କନ ଆଦି ପ୍ରତିଯୋତାରେ ଅଂଶଗ୍ରହଣ କରିଥିଲେ। ଗ୍ରୁପ୍-ଏ ବକ୍ତୃତାରେ ଦେଓଗାଁ ନୋଡାଲ ୟୁପି ସ୍କୁଲର ଲୋପୁମିତା ବୁଡେକ, କ୍ୱିଜରେ ଆୟୁଷୀ ବାଗ ଓ ଚିତ୍ରାଙ୍କନରେ ବହେଲି ୟୁପି ସ୍କୁଲର ମୋନାଲିସା ମେହେର ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିପରି ଗ୍ରୁପ ବି ବକ୍ତୃତାରେ ଶିରାବାହାଲ ହାଇସ୍କୁଲର ରାଧାକୃଷ୍ଣ ନନ୍ଦ, କ୍ୱିଜରେ ଉପରଝର ହାଇସ୍କୁଲର ସାମନ୍ତ କୁମ୍ଭାର ଓ ଚିତ୍ରାଙ୍କନରେ ସିକୁଆଁ ହାଇସ୍କୁଲର ଆନନ୍ଦ ରଣା ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରଥମସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ମାନେ ଆସନ୍ତା ୨ ତାରିଖ ଜିଲାସ୍ତରୀୟ ପ୍ରତିଯୋଗୀତାରେ ଭାଗନେବାକୁ ମନୋନୀତ ହୋଇଥିବା ସୂଚନା ଦିଆଯାଇଥିଲା । ସିଆରସିସି ଜୟଦେବ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

## ଖେଳକୁଦ, ଦୌଡ଼ ଚୟନ ଶିବିର

**ଦେଓଗାଁ,୨୬।୯(ଡି.ଏନ.ଏ)**

ଦେଓଗାଁ ବ୍ଲକ ଅନ୍ତର୍ଗତ କରୁଆଁଝର ଶ୍ରୀରାମଚନ୍ଦ୍ର ହାଇସ୍କୁଲରେ ଦୁଇଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଖେଳକୁଦ ଓ ଦୌଡ ଚୟନ ଶିବିର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ କ୍ରୀଡ଼ା ସଂଯୋଜକ ମଥାମଣି ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ୧୪ରୁ ୧୭ ବର୍ଷର ବାଳିକା ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରାଥମିକ ଓ ହାଇସ୍କୁଲ ମିଶି ୨୬ଟି ବିଦ୍ୟାଳୟରୁ ୮୪ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଲୋକେଶ୍ୱର ପଧାନ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଦିବସରେ ବାଳକ ବିଭାଗରେ ଖେଳକୁଦ ଓ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩୨ଟି ବିଦ୍ୟାଳୟରୁ ୧୨୫ ଛାତ୍ର ଅଂଶଗ୍ରହଣ କରିଥିଲେ।

## ଡିଗ୍ରୀ କଲେଜରେ ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସମାରୋହ

**ଦେଓଗାଁ,୨୬।୯(ଡି.ଏନ.ଏ.)**

ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଗୁରୁବାର ରାଜନୀତି ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଡ. ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପରିଚାଳନା ସମିତି ସଭାପତିଙ୍କ ପ୍ରତିନିଧି ଶୈଳେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ । ଅଧ୍ୟାପକ ମହେଶ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପକ ମଞ୍ଜୁ ରଞ୍ଜନ ସା, ମଳୟ ରଣା, ସାରଦା ଭଞ୍ଜ ଦେଓ, ତୃପ୍ତିମୟୀ ତ୍ରିପାଠୀ, ବବିତା ଠାକୁର ପ୍ରମୁଖ ସହଯୋଗ କରିଥିଲେ ।

## ହରେକୃଷ୍ଣ ମହତାବ ହାଇସ୍କୁଲରେ ହିନ୍ଦୀ ପଖୱାଡା କାର୍ଯ୍ୟକ୍ରମ

**ଲୋଇସିଂହା,୨୬।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ହରେକୃଷ୍ଣ ମହତାବ ହାଇସ୍କୁଲରେ ହିନ୍ଦୀ ପଖୱାଡା କାର୍ଯ୍ୟକ୍ରମ ଗୁରୁବାର ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ମେହେରା ବାନୁ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନିଳମଣୀ ପଟେଲ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ରାମଚନ୍ଦ୍ର ପଟେଲ ମୁଖ୍ୟବକ୍ତା, ଶିକ୍ଷକ ଦେବଦତ୍ତ ପଟ୍ଟନାୟକ, ବିଶ୍ୱନାଥ ପଧାନ, ଅନୀଲ ନନ୍ଦ, ରଞ୍ଜିତ ମିଶ୍ର ସମ୍ମାନୀତଅତିଥି ଭାବେ ମଞ୍ଚାସୀନ ଥିଲେ । ମୁଖ୍ୟବକ୍ତା ପଟେଲ ହିନ୍ଦୀ ଭାଷାକୁ ଚିହ୍ନିଲେ ସାରା ଭାରତକୁ ଚିହ୍ନିବାର ବାଟ ପାଇଯିବେ ବୋଲି କହିଥିଲେ । ଏହି ଅବସରରେ ନରେନ୍ଦ୍ର ପଟ୍ଟନାୟକଙ୍କୁ ମରୋଣତ୍ତର ସମ୍ମାନ ତାଙ୍କ ପୁଅ ଦେବଦ ପଟ୍ଟନାୟକ ଗ୍ରହଣ କରିଥିଲେ । ନୃତ୍ୟଶିକ୍ଷକ ବିବେକ ବାଗଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗୀତାରେ ବୀରେନ୍ଦ୍ର ବିଶ୍ୱାଳ ପ୍ରଥମ, ଅର୍ପନ ବୈଭବ ବାରିକ ଦ୍ୱିତୀୟ ଓ ରିତକ ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ସଂଗୀତରେ ଅର୍ପନ ବୈଭବ, ତନ୍ମୟ ଚାନ୍ଦ, ପ୍ରେମାନନ୍ଦ ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ତୃତୀୟ ହୋଇଥିଲେ। ପ୍ରବନ୍ଧରେ ସୁଦାମ ବାରିକ, ଶୈଳିନ ସେନ୍ଦ୍ରିଆ, ଅନିରୁଦ୍ଧ ଦାଶ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ । ହିନ୍ଦୀ ଶିକ୍ଷକ ଭକ୍ତଚରଣ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜ୍ଞାନେନ୍ଦ୍ରୀ ମିଶ୍ର, ମିନାକ୍ଷୀ ମିଶ୍ର, ପଦ୍ମିନୀ ନାଏକ, ଶର୍ମିଷ୍ଠ ବିଶ୍ୱାଳ, ରାଜ କୁମାର ଭୋଇ ସହଯୋଗ କରିଥିଲେ ।



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ଓଷ୍ଟାର ବ୍ଲକସ୍ତରୀୟ ସମ୍ମିଳନୀ

**ମୁରିବାହାଲ, ୨୬।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଓଡିଶ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ବ୍ଲକସ୍ତରୀୟ ସମ୍ମିଳନୀ ଗୁରୁବାର ସ୍ଥାନୀୟ ପଞ୍ଚାୟତ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ସଂଘର ବ୍ଲକ ସଭାପତି ପ୍ରଦୀପ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ଓଷ୍ଟା ସଂଘ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇ ସମ୍ମିଳନୀକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଶିକ୍ଷକମାନେ ନିଷ୍ଠାପରଭାବେ କାର୍ଯ୍ୟ ଅବ୍ୟାହତ ରଖନ୍ତୁ। ସେମାନଙ୍କ ସ୍କୁଲର ପିଲାଙ୍କ ପରୀକ୍ଷା ଫଳରେ ଯେପରି ଉନ୍ନତି ହୋଇ ପାରିବ ତାହା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଏଥିସହ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ନାନାବିଧ ସମସ୍ୟାର ସମାଧାନ ପାଇଁ ସଂଘ ରାଜ୍ୟ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିଚାଲିବ। ସମ୍ମାନୀତ ଅତିଥିଭାବେ ଓଷ୍ଟାର ରାଜ୍ୟ ସଭ୍ୟ ଜଳନ୍ଧର ମହାକୁର, ଜିଲା ସଂଘର ସାଧାରଣ ସମ୍ପାଦକ କୋଷଧ୍ୱଜ ସାହୁ, ମୁରିବାହାଲ ହାଇସ୍କୁଲର ପ୍ରଧାନଶିକ୍ଷକ ପୀତବାସ ସାହୁ, କୋଦଣ୍ଡଧର ପାଢ଼ୀ, ଲୋକନାଥ ମେହେର, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହାପରେ ଉପସ୍ଥିତ ଅଧିକାରୀମାନଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ଆଗାମୀ ୩ବର୍ଷ ପାଇଁ ସଂଘର ବ୍ଲକସ୍ତରୀୟ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତିଭାବେ ବିନୋଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ମହାନ୍ତି, ସାଧାରଣ ସମ୍ପାଦକ ପୁରୁଷୋତ୍ତମ ବାଗ, ସମ୍ପାଦକ ରମେଶ ଚନ୍ଦ୍ର ରାଉତ ଓ ଉପସଭାପତି ଭାବେ ବସନ୍ତ ବାଗଙ୍କୁ ଚୟନ କରାଯାଇଥିଲା। ରାଜ୍ୟ ସଦସ୍ୟଭାବେ କୋଦଣ୍ଡଧର ପାଢ଼ୀ, ଜିଲା କମିଟି ସଦସ୍ୟ ଭାବେ ଗୋବର୍ଦ୍ଧନ ତାଣ୍ଡି, ନବକୃଷ୍ଣ ନିଆଲ ଓ ଯୋଶବନ୍ତ ସାହୁଙ୍କୁ ନିର୍ବାଚିତ କରାଯାଇଥିଲା। ସଭା ପ୍ରାରମ୍ଭରେ ପୂର୍ବତନ ସମ୍ପାଦକ ତରୁଣ ପୋଢ଼ ବାର୍ଷିକ ବିବରଣୀ ପଠନ କରିବା ସହ ଆୟବ୍ୟୟ ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସଭାରେ ବ୍ଲକର ୧୯ଟି ସ୍କୁଲର ଶିକ୍ଷକମାନେ ଯୋଗଦେଇଥିଲେ। ଚକ୍ରଧର ଅମାତ୍, ବିଭୂତିଚରଣ ଦାସ, କୁର୍ତ୍ତିବାସ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।




ଓଷ୍ଟାର ବ୍ଲକସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ ସଂଘର କର୍ମକର୍ତ୍ତାମାନେ।

## ମଉଳିକ୍ ସୁବିଧାରୁ ବଁଚିତ୍ ରାଣୀସିଲେଟବାସୀ

**ମୁରିବାହାଲ, ୨୬।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡ଼ିଘାଟ ପଁଚେତ୍‌ର ରାଣୀସିଲେଟ ଗାଁଟା ପାହାଡ଼ ଜଂଗଲ ଘେରା ଭିତରେ ରହିଛେ। ଗାଁଟା ବ୍ଲକ ସଦରରୁ ୧୦ କି.ମି. ଦୂରେ ରହିଛେ। ଇ ଗାଁରେ ପାଖାପାଖି ୩୦ ପରିବାର ବାସ୍ କରୁଛନ୍। ହେଲେ ଦୁଖର କଥା ଦେଶ୍ ସୁଆଧୀନ ହେବାର ୭୨ ବଛର ବିତିଯାଇଥିଲେ ବି ଇ ଗାଁର ହାଲ୍ ନାଇଁ ବଦ୍‌ଲି। ଆଏଜ୍ ବି ଗାଁକେ ଭଲ ରାସ୍‌ତାଟେ ନାଁଇଁନ। ଲୋକ୍ ମାଏଟ୍ କାଦୋ ରାସ୍‌ତାରେ ଯିବାର ଆଏବାର କରୁଛନ୍। ଗାଁକେ ବିଦ୍ୟୁତ୍ ସଂଯୋଗ ଦେବାର ଲାଗି ସରକାରକଁର ତରଫୁ ଖୁଁଟା ତୁପାଯାଇ ତାର ଟନା ଯାଇଛେ। ହେଲେ ଟ୍ରାନ୍ସଫର୍ମର ଅଭାବୁ ବିଦ୍ୟୁତ୍ ଯୋଗାଣ ନାଇଁ ହେଇପାରବାର। ଆଏଜ୍ ବି ଗାଁବାସୀକର ଲାଗି ବିଜଲିବତୀ ସାତ୍‌ସପନ ହେଇ ରହିଛେ। ରାଏତ୍‌ବେଲେ କାଁ ଭାଁ କାହାର ଘରେ କେନ୍‌ତା ଗୁଟେ ଅଧେ ସୋଲାର ଲାଇଟ୍ ଜଲୁଛେ। ଏନ୍‌ତାଥି ଗାଁର ପାଠ୍‌ପଢୁଆ ପିଲାକର ବଡ଼ଭାରି ନୁକ୍‌ସାନ ହେଉଛେ। ଗାଁବାସୀକର ପିଇଲା ପାଏନ୍ ସୁବିଧା ଲାଗି ଦୁଇଟା ନଲ୍‌ଚୁଆଁ ରହିଛେ ସତ୍। ହେଲେ ଗୁଟେ କେନ୍ ଯୁଗୁ ଅଚଲ ହେଇ ପଡ଼ିଥିଲାବେଲେ ଆରଗୁଟେଥୁ ହଲଦଆ ପାଏନ୍ ବାହାରୁଛେ। ଯେନ୍‌ଥିରଲାଗି ସେ ପାଏନ୍ ବି ଲୋକ୍ ବେଭାର କରି ନାଇଁପାରବାର ବଲି ଗାଁବାସୀ ଅଭିଯୋଗ କରିଛନ୍। ଏନ୍‌ତାଥି ରାଣୀସିଲେଟବାସୀ ଗାଁ ପାସେ ଯାଇଥିବାର ଯୁରରେ ବାଲିଚୁଆଁ କୁଡ଼ି ପାଏନ୍ ଆନୁଛନ୍। ହେଲେ ଖରାଦିନେ ଗାଁବାସୀ ପାଏନ୍ ଲାଗି ବଡ଼ା ଗୁଲ୍‌ଗୁଲା ହେଉଥିବାର କହିଛନ୍। ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ଗାଁରେ ଗୁଟେ ବଁଧି କୁଡ଼ାଯାଇଛେ। ହେଲେ ଦୁଖର କଥା ସେଟା ବି ଦରଖଁଡ଼ିଆ ଅବସ୍‌ତାରେ ପଡ଼ିରହିଛେ। ସେନ୍‌ତା ଗାଁରେ ଗୁଟେ ପ୍ରାଥମିକ ସ୍କୁଲ ରହିଛେ। ୬ଷ୍ଠ ଶ୍ରେଣୀ ତକ୍ ଥିବାର ଇ ସ୍କୁଲରେ ଗାଁର ପିଲା ପାଠ୍ ପଢ଼ି ସାଏଲା ଉତାରୁ ଅଧାରୁ ପାଠ୍‌ପଢ଼ା ବଁଦ୍ କରି ଦେଉଥିବାର ଗାଁବାସୀ କହିଛନ୍। ଇ ବାବ୍‌ଦେ ସରପଁଚ୍ ମିଥିଳା ମାଝିଙ୍କୁଁ ପଚ୍‌ରାଲାରୁ ବହୁତ୍ ଜଲ୍‌ଦି ଗାଁବାସୀକୁ ନିରମଲ ପିଇଲା ପାଏନ୍ ଯୁଗେଇ ଦେବାର ବେବସ୍‌ତା କରାଯିବା। ହାଲ୍‌ଘଡ଼ିକେ ନଲ୍‌ଚୁଆଁ ମରାମତି କରାଯିବା ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ବିଡିଓ ସିପକ କୁମାର ପାତ୍ରଙ୍କୁଁ ପଚ୍‌ରାଲାରୁ ଜିଲା ଖଣିଜ ଅନୁଦାନ ପାଁଠିରୁ ଇ ଅଂଚଲକେ ଜଲ ଯୋଗାଣ ବେବସ୍‌ତା କରାଯିବା ବଲି ସେ କହିଥିଲେ।



ଫଟେଗାଁ ପସର ନାଲ୍‌ରେ ବାଏଲ୍‌ଚୁଆଁ କୁଡ଼ି ମହିଳାମାନେ ପାଏନ୍ ଆନୁଛନ୍।

- କାମେ ନାଇଁ ଲାଗ୍‌ବାର ନଲ୍‌ଚୁଆ, ଖୁଲାଚୁଆଁ ଭରସା
- ଆଁଠେ କାଦୋ ରାସ୍‌ତାରେ ଯାଆସ କରୁଛନ୍ ଲୋକ୍
- ଗାଁବାସୀକୁ ଆଏଜ୍ ବି ସାତ୍‌ସପନ ହେଇଛେ ବିଜଲିବତୀ



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



## ସଂକ୍ଷେପରେ

### ମା' ଶାରଳା ଦେବୀଙ୍କର ଶାରଦୀୟ ପୂଜାରମ୍ଭ

**ରାଉରକେଲା ଅଫିସ, ୨୬।୯-** ଜେଲ୍ ରୋଡସ୍ଥିତ ଲେବର ଟେନାମେଣ୍ଟଠାରେ ମା' ଶାରଳା ଦେବୀଙ୍କର ଷୋଡଶ ଦିନାତ୍ମକ ଶାରଦୀୟ ପାର୍ବଣ ପୂଜା ୨୨ ତାରିଖଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ୧୬ ଦିନ ଧରି ମା'ଙ୍କର ପୂଜା ଅକ୍ଟୋବର ୭ ତାରିଖରେ ପୂର୍ଣ୍ଣାହୁତି ହେବ। ଏହି ଉପଲକ୍ଷେ ପ୍ରତ୍ୟେହ ଯାଜପୁର ଜିଲା ପ୍ରସିଦ୍ଧ ମା' ବିରଜା ଦେବୀଙ୍କର ପୀଠରୁ ଆସିଥିବା ପଣ୍ଡିତ ଜ୍ଞାନରଞ୍ଜନ ମିଶ୍ର ଏବଂ ମା' ରାମଚଣ୍ଡୀ ପୀଠ, ରାଜନଗର, କେନ୍ଦ୍ରାପଡାରୁ ଆସିଥିବା ପଣ୍ଡିତ ଲମ୍ବୋଦରଙ୍କ ଦ୍ୱାରା ସୂର୍ଯ୍ୟ ପୂଜା, ଗୋ-ପୂଜା, ଚଣ୍ଡିପାଠ, ଷୋଡଶ ଉପଚାର ପୂଜା ସହିତ ମା'ଙ୍କର ଭିନ୍ନ ବେଶ କରାଯାଉଛି। ଏଥି ସହିତ ମା'ମାନଙ୍କ ଦ୍ୱାରା ମଙ୍ଗଳବାର ଓଷା ମଧ୍ୟ କରାଯାଉଛି। ଏହି ଶାରଦୀୟ ପାର୍ବଣ ପୂଜାରେ ମା' ଶାରଳା ଠାକୁରାଣୀଙ୍କ ଦାସ ସାରଦା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିରାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୨୫ ରୁ ପ୍ରତ୍ୟହ ରାମଚରିତ ମାନସ ପାଠ ମଧ୍ୟ କରାଯିବ। ଏଣୁ ସମସ୍ତ ଭକ୍ତମାନଙ୍କୁ ସାଦର ନିମନ୍ତ୍ରଣ ମାଧ୍ୟମରେ ଯୋଗଦେବାକୁ ଅନୁରୋଧ କରାଯାଉଛି।

### ଏକଲ ଅଭିଯାନ ପ୍ରଶିକ୍ଷଣ ଶିବିର

# ହିନ୍ଦୁତ୍ୱ ଆଧାରିତ ଶିକ୍ଷା ହିଁ ରାଷ୍ଟ୍ରୀୟ ସୁରକ୍ଷା କବଚ

**ରାଉରକେଲା ଅଫିସ,୨୬। ୯**

ଶିକ୍ଷା ହେଉଛି ସମାଜ ଓ ରାଷ୍ଟ୍ରର ଦର୍ପଣ ସଦୃଶ। ଏହା ମାନବୀୟ ମୂଲ୍ୟବୋଧକୁ ଦୃଢତା ପ୍ରଦାନ କରେ। ଶିକ୍ଷା ରହିତ ମଣିଷ କେବେ ସାମାଜିକ ଶୃଙ୍ଖଳାର ବାହକ ହୋଇ ପାରିବନି। ଏହା ବାସ୍ତବିକ ଜୀବନଧାରା ଓ ଜୀବନ ଚର୍ଯ୍ୟାର ମାର୍ଗ ଦର୍ଶକ। ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ପ୍ରତ୍ୟେକ ଭାରତୀୟଙ୍କୁ କଳା ଇଂରେଜ ଶାସନ ବ୍ୟବସ୍ଥାର ବାହକ ସଜାଇଛି। ଆମ ଶିକ୍ଷା ବ୍ୟବସ୍ଥା କେବଳ ଚାକିରି ସର୍ବସ୍ୱ ହୋଇରହିଯାଇଛି। ଏହା ଦ୍ୱାରା ଜଣେ ଭଲ ମଣିଷ ବା ସୁନାଗରିକ ହେବା ସମ୍ଭବ ନୁହେଁ। ଏପରି ଅବସ୍ଥାରେ ହିନ୍ଦୁତ୍ୱ ଆଧାରିତ ଶିକ୍ଷା ହିଁ ରାଷ୍ଟ୍ରୀୟ ସୁରକ୍ଷା କବଚ ପାଲଟି ପାରିବ ବୋଲି ବିଶ୍ରା ବ୍ଲକ ଅନ୍ତର୍ଗତ ଡରେଇକେଲାଠାରେ ଆୟୋଜିତ ଏକଲ ଅଭିଯାନ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା ଶାନ୍ତନୁ କୁସୁମ କହିଛନ୍ତି।

ଏହି ଅବସରରେ ସେ କହିଲେ, ଭାରତୀୟ ସଂସ୍କୃତି , ଇତିହାସ ଓ ସମୃଦ୍ଧ ପରମ୍ପରାକୁ ପାଠ୍ୟ ପୁସ୍ତକରୁ ବାଦ ଦିଆଯାଉଛି। ଗୀତା , ରାମାୟଣ, ଅଷ୍ଟାଦଶ ପୁରାଣକୁ ଅଣଦେଖା କରାଯାଉଛି। ଅପରପକ୍ଷେ ସଂସ୍କାରବିହୀନ ଶିକ୍ଷା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଯାଉଛି। ଏହାଠୁ ବଳି ଦୁଃଖଦାୟକ ଓ ବେଦନାପ୍ରଦ ପ୍ରସଙ୍ଗ କିଛି ନ ଥାଇ ପରେ ବୋଲି କୁସୁମ କହିଛନ୍ତି। ଭାରତ ଭଳି ସଂସ୍କୃତି ଓ ଐତିହ୍ୟସଂପନ୍ନ ଦେଶ ପାଇଁ ଏହା ଶୁଭ ଲକ୍ଷଣ ନୁହେଁ। ବ୍ୟକ୍ତି ଓ ପରିବାର ସହ, ଗାଁ, ସାହି, ଦେଶର ମଙ୍ଗ କଣ୍ଢେ ଯେଉଁ ଶିକ୍ଷା ପ୍ରଦାନ କରାଯାଏ ତାହା ହିଁ ବାସ୍ତବ ଶିକ୍ଷା। କେବଳ ନିଯୁକ୍ତି ଆଶାରେ ଆଜି ସମଗ୍ର ଯୁବ ସମାଜ ଘୋଡା ଦୌଡ ପରି ଧାଇଁବାରେ ଲାଗିଛି। ଯାହାର ଅନ୍ତିମ ଲକ୍ଷ୍ୟ ଅନିର୍ଦ୍ଦିଷ୍ଟ। ଦାନା ଗଣ୍ଡାକ ପାଇଁ ଶିକ୍ଷା ଗ୍ରହଣ କରିବା କେଉଁ ବୁଦ୍ଧିମତ୍ତାର ପରିଚାୟକ ବୋଲି କୁସୁମ ଏଠାରେ ପ୍ରଶ୍ନ କରିଥିଲେ। ଏଭଳି ଶିକ୍ଷା ବ୍ୟବସ୍ଥା ଦିନେ ଭାରତ ଭଳି ସମୃଦ୍ଧଶାଳୀ ଦେଶକୁ ବିପଥଗାମୀ କରିବ। ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ବିପନ୍ନ ହେବ। ଏପରି ଅବସ୍ଥାରେ ଏକଲ ଅଭିଯାନର ସଂସ୍କାର ଶିକ୍ଷାକୁ ପ୍ରତ୍ୟେକଙ୍କ ଘରେ ପହଞ୍ଚାଇବାକୁ କୁସୁମ ଆହ୍ୱାନ କରିଥିଲେ।

ପ୍ରାରମ୍ଭରେ ଭାରତ ମାତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଥିଲା। ସତ୍‌ସଙ୍ଗ କାର୍ଯ୍ୟର ପୂର୍ଣ୍ଣାହୂତି ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ କୁସୁମଙ୍କ ସମେତ ଗୋକୁଳାନନ୍ଦ ବେହେରା ଓ ରାମଚନ୍ଦ୍ର ଛୁରା ପ୍ରମୁଖ ମଞ୍ଚାସୀନ ଥିଲେ। ସଞ୍ଜୟ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗୌରୀ ମହାନ୍ତ, ତାଜନି ଓରାମ, ପ୍ରେମଲତା ଛତ୍ରିଆ, ବିମଳା ରାଉତ. ନନ୍ଦିନୀ ଦାସ, ଧନମତି ମହାନ୍ତ, ସୁମନ ମହାନ୍ତ, ଅନ୍ତର୍ଯ୍ୟାମୀ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୨୮ ପର୍ଯ୍ୟନ୍ତ ଜାରି ରହିବ। ଏଥିରେ ବିଶ୍ରା , ନୂଆଗାଁ ଓ କୁଆଁରମୁଣ୍ଡା ବ୍ଲକର ୪୨ଜଣ ଗୁରୁମା ଯୋଗ ଦେଇଛନ୍ତି।




ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

# ଜିଲା ପରିବହନ କାର୍ଯ୍ୟାଳୟରେ ଚଢ଼ାଉ

- ୮ ମଧ୍ୟସ୍ଥଙ୍କୁ ଗିରଫ କଲା ପୋଲିସ

**ରାଉରକେଲା ଅଫିସ,୨୬।୯**

ଜିଲା ପରିବହନ ବିଭାଗ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ପୁଣି ଥରେ ପୋଲିସ ଚଢାଉ କରିଥିଲା। ଏସ୍‌ପି କେ. ଶିବା ସୁବ୍ରମଣିଙ୍କ ତତ୍ତ୍ୱାବଧାନରେ ଏହି ଚଢାଉ ବେଳେ ୮ଜଣ ମଧ୍ୟସ୍ଥଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ କିଛି କାଗଜପତ୍ର ଜବତ କରାଯାଇଛି। ପଚରାଉଚରା ନିମନ୍ତେ ସମସ୍ତଙ୍କୁ ସ୍ଥାନୀୟ ଉଦିତନଗର ଥାନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଗତ ଜୁଲାଇ ୩୦ରେ ତତ୍କାଳୀନ ଏସ୍‌ପି ସାର୍ଥକ ଷଡଙ୍ଗୀ ଏହି ପରିବହନ କାର୍ଯ୍ୟାଳୟରେ ଚଢାଉ କରି ୧୪ଜଣ ମଧ୍ୟସ୍ଥଙ୍କୁ ଗିରଫ କରିଥିଲେ। ଏନେଇ ସେତେବେଳେ ମଧ୍ୟସ୍ଥଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଫଳରେ ଗତ କିଛି ଦିନ ହେବ ଆରଡିଓ ଅଫିସରେ ଏମାନଙ୍କ ପାଦ ପଡୁ ନ ଥିଲା। ଏବେ ଜାମିନ ପାଇବା ପରେ କେତେଜଣ ମଧ୍ୟସ୍ଥ ସେମାନଙ୍କ କାମ ଆରମ୍ଭ କରିଥିବା ବେଳେ ଲୋକେ ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଆସୁଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ପରିବହନ କାର୍ଯ୍ୟାଳୟକୁ ମଧ୍ୟସ୍ଥ ମୁକ୍ତ କରିବାକୁ ବୁଧବାର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହି ନ୍ୟାୟରେ ରାଉରକେଲା ପରିବହନ କାର୍ଯ୍ୟାଳୟରେ ଏସ୍‌ପି ସୁବ୍ରମଣି ଚଢାଉ କରି ୮ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ସେମାନଙ୍କୁ ଉଦିତନଗର ପୋଲିସ ପଚରାଉଚରା କରୁଛି।



ଜିଲା ପରିବହନ କାର୍ଯ୍ୟାଳୟରେ ମଧ୍ୟସ୍ଥଙ୍କଠାରୁ ଜବତ କାଗଜପତ୍ରକୁ ପୋଲିସ ଯାଞ୍ଚ କରୁଛି।

# ମହାବୀର ଫେରୋ ଆଲଏଜ ସମ୍ପ୍ରସାରଣ ନେଇ ଜନଶୁଣାଣି

**ରାଉରକେଲା ଅଫିସ/ବେଦବ୍ୟାସ, (ଡି.ଏନ.ଏ) ୨୬।୯**

ପୂର୍ବ ନିର୍ଦ୍ଧାରିତ ନୋଟିସ କ୍ରମେ କାଲୁଙ୍ଗା ଶିଳ୍ପାଞ୍ଚଳ ଅନ୍ତର୍ଗତ ଜିଆବାହାଲ ନିକଟ ମହାବୀର ଫେରୋ ଆଲୋଏଜ ପ୍ରାଲିଃ ସମ୍ପ୍ରସାରଣ ନେଇ ଗୁରୁବାର ପୂର୍ବାହ୍ନ ୧୧ଟାରେ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ନିର୍ଦ୍ଦେଶାଳୟ ମଞ୍ଜୁରି ନିମନ୍ତେ ଆୟୋଜିତ ଶୁଣାଣି ସଭାରେ ସୁନ୍ଦରଗଡ ଜିଲାପାଳ ନିଳିଖ ପୱନ କଲ୍ୟାଣଙ୍କ ସମେତ ରାଉରକେଲା ପୋଲିସ ଆରକ୍ଷୀ ଅଧୀକ୍ଷକ କେ ଶିବା ସୁବ୍ରମଣି ଓ ବିଭାଗୀୟ ଅଧିକାରୀ ବବିତା ସିଂ ମଞ୍ଚରେ ଉପସ୍ଥିତ ଥିଲେ। କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆୟୋଜିତ ଜନଶୁଣାଣିରେ ମନ୍ତ୍ରଣାଳୟ ଅଧିକାରୀ ସୂଚନା ଦେଇ କହିଥିଲେ ଯେ, ଏଠାରେ ମହାବୀର ଫେରୋ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ପ୍ରକଳ୍ପକୁ ସମ୍ପ୍ରସାରଣ ନିମନ୍ତେ ନିଷ୍ପତି ନିଆଯାଇଛି। ଏହା ଦ୍ୱାରା ପ୍ରଭାବିତ ଲୋକେ ନିଜ ମତ ରଖିବାକୁ ସଂ ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ଉପସ୍ଥିତ ଗ୍ରାମବାସୀ କାରଖାନା ଦ୍ୱାରା କିପରି ପ୍ରଭାବିତ ହେଉଛନ୍ତି ସେନେଇ ଅଭିଯୋଗ କରିଥିଲେ। ଜଳ, ଜମି ଓ ଜଙ୍ଗଲ ଅବକ୍ଷୟ ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବାବେଳେ ଏନେଇ କାରଖାନା କିମ୍ବା ଜିଲା ପ୍ରଶାସନ ପଦକ୍ଷେପ ନେଉ ନ ଥିବା ଏଥିରେ ଅଭିଯୋଗ କରାଯାଇଥିଲା। ଏହି ଜନଶୁଣାଣିରେ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଅଧିକ ବାହାର ଲୋକ ବସିଥିବା ଅଭିଯୋଗ ଉଠିଥିଲା। ଯେଉଁମାନେ କି ଜିଲା ପ୍ରଶାସନ ତଥା କାରଖାନା କର୍ତ୍ତୃପକ୍ଷଙ୍କ ସମର୍ଥନରେ ମୁହଁ ବନ୍ଦ କରି ବସି ରହିଥିଲେ। ପୂର୍ବରୁ ଯେଉଁ ଢଙ୍ଗରେ ଏହି ସମ୍ପ୍ରସାରଣକୁ ବିରୋଧ କରାଯାଉଥିଲା ତାହା ଦେଖିବାକୁ ମିଳି ନ ଥିଲା। ଜଣେ ହେଲେ ସ୍ଥାନୀୟ ଲୋକ ପ୍ରତିନିଧି କାରଖାନା ସମ୍ପ୍ରସାରଣକୁ ବିରୋଧ କରିବା ଶୁଣା ଯାଇ ନ ଥିଲା। ଏହାକୁ ନେଇ କଂଗ୍ରେସ ନେତା ଛବିଳ ପୂଜାରୀ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯୋଜନାବଦ୍ଧ ଭାବେ ଏହି ଜନଶୁଣାଣି ଆୟୋଜନ କରାଯାଇ ଥିଲା। ଏ ନେଇ ଅନେକଙ୍କ ମୁହଁ ବନ୍ଦ କରାଯାଇଛି। ଅଞ୍ଚଳବାସୀ ପ୍ରଦୂଷଣ ଜନିତ ସମାସ୍ୟାରେ ପଡି ଛଟପଟ ହେଉଥିବା ବେଳେ କେଉଁ ପରିସ୍ଥିତିରେ ପରିସ୍ଥିତି ବଦଳିଗଲା ସେନେଇ ଛବିଳ ପ୍ରଶ୍ନ ଉଠାଇଛନ୍ତି। ତେବେ କାରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାକୁ ଅସ୍ୱୀକାର କରିଛନ୍ତି ଡିକେ ଷଡଙ୍ଗୀ ନାମକ ଜଣେ ଅଧିକାରୀ। ସେ କହିଛନ୍ତି ସୁରୁଖୁରୁରେ ଶୁଣାଣି ଶେଷ ହୋଇଛି। ସବୁ ସ୍ଥାନୀୟ ବାସିନ୍ଦା ଏଥିରେ ଉପସ୍ଥିତ ଥିଲେ। କାହାକୁ ବାହାରୁ ଅଣା ଯାଇନି। ନିୟମାନୁସାରେ ସବୁ କରାଯାଇଛି।

# ଆର୍‌ଜିଏଚ୍‌ରୁ ୪ ଦଲାଲ ଗିରଫ

**ରାଉରକେଲା ଅଫିସ, ୨୬।୯**

ରାଉରକେଲା ସରକାରୀ ଡାକ୍ତରଖାନାରେ ଦଲାଲ ମାନେ ସକ୍ରିୟ ରହିଛନ୍ତି। ଏହି ଦଲାଲମାନେ ଦୂର ଦୂରାନ୍ତରୁ ଆସୁଥିବା ଗରିବ ରୋଗୀମାନଙ୍କ ସମ୍ପର୍କୀୟ ମାନଙ୍କୁ କମ ମୂଲ୍ୟରେ ବେସରକାରୀ ଡାକ୍ତରଖାନାରେ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ପ୍ରଲୋଭନ ଦେଖାଉଥିଲେ। ସୂଚନା ଅନୁସାରେ ଦୀର୍ଘଦିନ ହେଲା ରାଉରକେଲା ସରକାରୀ ଡାକ୍ତରଖାନାରେ ଦଲାଲ ରାଜ ଜାରି ରହିଛି। ଏହାକୁ ବନ୍ଦ କରିବା ପାଇଁ ପୋଲିସ ବିଭିନ୍ନ ସମୟରେ ଚଢ଼ାଉ କରୁଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ବନ୍ଦ ହେଉନାହିଁ। ଏହି ପରିପ୍ରେକ୍ଷୀରେ ଗୁରୁବାର ଆର୍‌ଜିଏଚ୍‌ରେ କେତେକ ଦଲାଲ ଆସି ରୋଗୀ ମାନଙ୍କୁ ପ୍ରଲୋଭିତ କରୁଥିବା ନେଇ ରଘୁନାଥପାଲି ଥାନା ପୋଲିସ ବିଶ୍ୱସ୍ତସୂତ୍ରରୁ ଖବର ପାଇଥିଲା। ଏ ନେଇ ଥାନା ଏସଆଇ ଉଦୟ ସାହୁ ସଦଳବଳେ ଆର୍‌ଜିଏଚ୍‌ରେ ଚଢ଼ାଉ କରି ସେଠାରେ ଉପସ୍ଥିତ ଥିବା ୪ଜଣ ଦଲାଲଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଦଲାଲ ମାନେ ହେଲେ ଉଦିତନଗର ଥାନା ବାସନ୍ତୀ କଲୋନୀସ୍ଥିତ ଦୁର୍ଗାପୁର ବସ୍ତିର ଜୟନ୍ତ କୁମାର(୩୩)। ଜୟନ୍ତ ଆର୍‌ଜିଏଚ ଅର୍ଥୋପେଡିକରେ କାର୍ଯ୍ୟ କରୁଛନ୍ତି। ସେହିପରି ସଞ୍ଜୀବ ଦାସ(୩୭) ଝିରପାଣି ଥାନା କୋଏଲନଗର ସି-୮୦ର ବାସିନ୍ଦା ହୋଇଥିବା ବେଳେ ସେ ମାଏ ଲ୍ୟାବର ଟେକନିସିଆନ ଭାବେ କାର୍ଯ୍ୟରତ ଅଛନ୍ତି। ଠିକ ଏହିପରି ଆର୍‌ଏନ୍‌ପାଲି ଥାନା ଆଇଟିଆଇ ଛକର ମାନସ ନାୟକ(୨୪)ଆଖଣ୍ଡଳମଣି କ୍ଲିନିକାଣ୍ଡରେ ଥିବା ବେଳେ ଆର୍‌ଏନ୍‌ପାଲି ଥାନା ବାଲୁଘାଟ ସର୍ଦ୍ଦାରବସ୍ତିର ରାଜେଶ୍ୱର ସେଠୀ(୨୬) କେୟାର ଡାଇଗ୍ନୋଷ୍ଟିକରେ କାର୍ଯ୍ୟ କରୁଥିବା ପୋଲିସ ସୂଚନା ଦେଇଛି। ଶୁକ୍ରବାର ଉକ୍ତ ୪ଜଣ ଦଲାଲ ଆଇଜିଏଚ୍ ର ଆଉଟଡୋରରେ ଚିକିତ୍ସା ପାଇଁ ଆସିଥିବା ରୋଗୀ ତଥା ତାଙ୍କ ସମ୍ପର୍କୀୟମାନଙ୍କୁ ପ୍ରଲୋଭନ ଦେଖାଇ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ପ୍ରସ୍ତାବ ଦେଉଥିବା ପୋଲିସ କହିଛି। ରଘୁନାଥପାଲି ଥାନା ପୋଲିସ ଅଭିଯୁକ୍ତ ୪ଜଣ ଦଲାଲଙ୍କ ନାମରେ ଏକ ମାମଲା (ନଂ୨୩୦/୧୯) ରୁଜୁ କରି ଗିରଫ କରିବା ସହ ତଦନ୍ତ ଜାରି ରଖିଛି।



ଗିରଫ ୪ ଅଭିଯୁକ୍ତ।

# ଆର୍‌ଏସ୍‌ପି 'ଉତ୍କର୍ଷ' ଯୋଜନାରେ ଏସ୍‌ଏମ୍‌ଏସ୍-୨ ବିଭାଗ କର୍ମଚାରୀ ପୁରସ୍କୃତ

**ରାଉରକେଲା ଅଫିସ, ୨୬।୯**

ରାଉରକେଲା ଇସ୍ପାତ କାରଖାନା ଷ୍ଟିଲ ମେଲ୍ଟିଂ ସପ-୨ ବିଭାଗର ୧୫ଜଣ କର୍ମଚାରୀଙ୍କୁ 'ଉତ୍କର୍ଷ' ଯୋଜନା ଅଧିନରେ ପୁରସ୍କୃତ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ଷ୍ଟିଲ ମେଲ୍ଟିଂ ସପ-୨ର ଜିଏମ୍ ଏ.କେ. ଚକ୍ରବର୍ତ୍ତୀ ଅଧକ୍ଷତା କରି କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କାରଖାନାରେ ଜଳ ସଂରକ୍ଷଣ ପ୍ରକଳ୍ପ ନିମନ୍ତେ ପୁରସ୍କୃତ କର୍ମଚାରୀ ହେଲେ ସିନିୟର ମ୍ୟାନେଜର ବି.ଏସ୍ ପାଢ଼ୀ, ଆ.ମ୍ୟାନେଜର କେ.ଏସ.ବିନୟ, ଏସଓଏସଟି କେ.ରଜକ, ଏ.କେ.ପ୍ରଧାନ, ସି.କେ.ପଣ୍ଡା, ଆର.କୁମାର, ଏସ.କେ.ମହାନ୍ତି, ଆର.ଜେନା, ଏସ.ଏସ.ସାହୁ, ବି.କେ.ବିଶ୍ୱାଳ, ଏସ.କେ.ପାଢ଼ୀ, ବି.କେ.ନାହାକ, ଏସ.ଏନ.ଦାସ, ଏନ.ପାଣିଗ୍ରାହୀ ଏବଂ ପି.କେ.ସ୍ୱାଇଁ। ସ୍ପ୍ରେ କୁଲିଙ୍ଗ ସ୍କେଲ ପିଟ ମେକଅପ ପାଇଁ କାଷ୍ଟର୧ ଓ ୨ ପାଇପ ଟନେଲ ପାର୍ଟ ଡିରେ ଥିବା ଜଳର ପୁନଃ ସଞ୍ଚଳନ ନିମନ୍ତେ ଉର୍ଦ୍ଦିଷ୍ଟ ଏକ ପ୍ରକଳ୍ପ ପାଇଁ ବିଭାଗୀୟ ଦଳ କାର୍ଯ୍ୟ କରିଥିଲା। ଏହି କାଷ୍ଟର ୧ ଓ ୨ ପାଇପ ଦ୍ୱାରା ସମସ୍ତ ଲିକେଜ ଓ ସିପେଜ ଜଳ ଟନେଲ ପାର୍ଟ ଡିରେ ସଂଗୃହୀତ ହୋଇଥାଏ। ଫଳରେ ଜଳକୁ ନିୟମିତ ଭାବେ ନିଷ୍କାସନ କରିବାକୁ ପଡ଼ିଥାଏ। ଫଳରେ ଏହି ଜଳକୁ ପୁନଃ ଉପଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାର ସମାଧାନ ପାଇଁ ବିଭାଗୀୟ କର୍ମଚାରୀ ଦଳଙ୍କ ଦ୍ୱାରା ଏନଆରଭି ସ୍ଥାପନ କରାଯାଇଥିଲା। ଏହାର ଫଳ ସ୍ୱରୂପ ଦୈନିକ ୬୦୦ ଘନମିଟର ଜଳ ସଞ୍ଚୟ କରାଯାଇ ପାରିଥିଲା। କର୍ମଚାରୀଙ୍କ ଏହି ପ୍ରୟାସ ଦ୍ୱାରା କାରଖାନାର ବିପୁଳ ଆର୍ଥିକ ସଞ୍ଚୟ ସମ୍ଭବପର ହୋଇପାରିଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କାର୍ମିକ ବିଭାଗର ସିନିୟର ମ୍ୟାନେଜର ରାଜି ଏକ୍କା ସଂଯୋଜନା କରିଥିଲେ।

# ନିଖୋଜ ବୃଦ୍ଧ ବରଗଡ଼ ମେଡିକାଲରେ

**ରାଉରକେଲା ଅଫିସ,୨୬।୯**

ବରଗଡ ଟୋଲ ଗେଟ ନିକଟରୁ ବୁଧବାର ଜଣେ ବୃଦ୍ଧଙ୍କୁ ଠାବ କରାଯାଇଛି। ମୁମୂର୍ଷ ଅବସ୍ଥାରେ ପଡି ରହିଥିବା ବୃଦ୍ଧ ଜଣଙ୍କୁ ସ୍ଥାନୀୟ ସ୍ୱେଚ୍ଛାସେବୀ ବରଗଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ରାଉରକେଲା ସେକ୍ଟର- ୫ ବାସିନ୍ଦା ଏହି ବୃଦ୍ଧ ଜଣଙ୍କ ନିଜ ନାମ କହି ପାରୁନାହାଁନ୍ତି। ସେକ୍ଟର-୫ ଘରେ ତାଙ୍କ ସ୍ତ୍ରୀ ଓ ଗୋଟିଏ ପୁଅ ଥିବା ପ୍ରକାଶ କରିଛନ୍ତି। ଏନେଇ ବରଗଡ ନିଷ୍ଠା ପରିବାର ପକ୍ଷରୁ ବିକାଶ ଅଗ୍ରୱାଲ ଗୁରୁବାର ସନ୍ଧ୍ୟାରେ ରାଉରକେଲା ଧରିତ୍ରୀ କାର୍ଯ୍ୟାଳୟକୁ ଟେଲିଫୋନ ଯୋଗେ ସୂଚନା ପ୍ରଦାନ କରିଛନ୍ତି। ପରିବାର ଲୋକେ ଆସି ବୃଦ୍ଧଙ୍କୁ ନେଇଯିବାକୁ ନିବେଦନ କରିଛନ୍ତି।




ପଲ୍ଲିଶ୍ରୀ ମେଳାରେ ଉପସ୍ଥିତ ମୁଖ୍ୟଅତିଥି ଏବଂ ବିଭାଗୀୟ ଅଧିକାରୀ

### ଜାତୀୟ ରାଜପଥ ମରାମତି ଓ ସେତୁ ନିର୍ମାଣ ଦାବି

# ୨୮ରେ କଂଗ୍ରେସର ରାସ୍ତାରୋକୋ ଆନ୍ଦୋଳନ

**ରାଉରକେଲା ଅଫିସ, ୨୬।୯**

ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁର ଠାରୁ ରାଜାମୁଣ୍ଡା ଦେଇ ଯାଇଥିବା ଜାତୀୟ ରାଜପଥ ୧୪୩ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ନିର୍ମାଣଧୀନ ରାଜପଥ କାର୍ଯ୍ୟ ଧୀର ମନ୍ଥର ଗତିରେ ଚାଲିଛି। ବ୍ରାହ୍ମଣୀ ନଦୀ ଉପରେ ଦାଣ୍ଡିଆପାଲିରେ ନିର୍ମାଣ ହେବାକୁ ଥିବା ଦ୍ୱିତୀୟ ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏ ନେଇ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ଜାତୀୟ ରାଜପଥ ପ୍ରାଧିକରଣ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ ଜିଲା ଖଣିଜ ପାଣ୍ଠିରୁ ପାନପୋଷ ଠାରେ ଦ୍ୱିତୀୟ ସେତୁ ନିର୍ମାଣ ଏବଂ ନିର୍ମାଣଧୀନ ଜାତୀୟ ରାଜପଥ ତଥା ଦାଣ୍ଡିଆପାଲି ସେତୁ ନିର୍ମାଣକୁ ନେଇ ଆସନ୍ତା ୨୮ ତାରିଖରେ ବୀରମିତ୍ରପୁର, ପାନପୋଷ ଓ ରଙ୍ଗିଲାଛକ ଠାରେ ୨ଘଣ୍ଟା ପାଇଁ ରାଜପଥ ଅବରୋଧ କରାଯିବ ବୋଲି କଂଗ୍ରେସ ନେତା ଜର୍ଜ ତିର୍କୀ ପ୍ରକାଶ କରିଛନ୍ତି। ଗତ ଅଗଷ୍ଟ ୨୧ ତାରିଖରେ ପାନପୋଷ ଠାରେ ଉପରୋକ୍ତ ଦାବିରେ ଏକ ଧାରଣା ଓ ପ୍ରତିବାଦ ସଭା କଂଗ୍ରେସ ପକ୍ଷରୁ କରାଯାଇଥିଲା। ଏହାସହ ୨୭ ତାରିଖରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ କଂଗ୍ରେସର ଏକ ପ୍ରତିନିଧି ଦଳ ସାକ୍ଷାତ କରି ରାଜପଥ ଦୁରାବସ୍ଥାର ପ୍ରତିକାର ପାଇଁ ଦାବି କରିଥିଲେ। ସେହିପରି ସେପ୍ଟେମ୍ବର ୯ ତାରିଖରେ କୋଏଲ ନଗର ସ୍ଥିତ ଏନ୍‌ଏଚ୍‌ଆଇ ପିଡି କାର୍ଯ୍ୟାଳୟ ଘେରାଉ କରାଯାଇଥିବା ବେଳେ ପିଡି ସପ୍ତାହକ ମଧ୍ୟରେ ରାଜପଥର ମରାମତି ସହ ନୂତନ ରାସ୍ତା କାମ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯାହାକି କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଛି। ଏହା ସହ ସେପ୍ଟେମ୍ବର ୧୩ ତାରିଖ କଂଗ୍ରେସ ପ୍ରତିନିଧି ଦଳ ସୁନ୍ଦରଗଡ଼ ଜିଲାପାଳଙ୍କୁ ସାକ୍ଷାତ କରି ପାନପୋଷ ଠାରେ ଦ୍ୱିତୀୟ ସେତୁ ଜିଲା ଖଣିଜ ପାଣ୍ଠିରେ କରିବାକୁ ପ୍ରସ୍ତାବ ଦେବା ସହ ରାସ୍ତାର ମରାମତି ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ। ଏତିକି ପରେ ମଧ୍ୟ ଜିଲା ପ୍ରଶାସନ କିମ୍ବା ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହୋଇନାହିଁ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଫଳରେ ୨୪ ତାରିଖ ଦିନ ସେତୁର ଗୋଟିଏ ଲୁହା ପ୍ଲେଟ ଖସିଯିବାରୁ ରାସ୍ତାଘାଟ ଜାମ ହୋଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଣୁ ସୁନ୍ଦରଗଡ଼ ଜିଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କଂଗ୍ରେସ ତରଫରୁ ଆସନ୍ତା ୨୮ ତାରିଖ ଶନିବାର ଏକକାଳୀନ ବୀରମିତ୍ରପୁର, ପାନପୋଷ ଓ ରଙ୍ଗିଲା ଛକ ଠାରେ ରାଜପଥ ଅବରୋଧ କରାଯିବ ବୋଲି କଂଗ୍ରେସ ନେତା ଜର୍ଜ ତିର୍କୀ ଜଣାଇବା ସହ ସାଧାରଣ ଲୋକଙ୍କ ସହଯୋଗ କାମନା କରିଛନ୍ତି।

# ପଲ୍ଲିଶ୍ରୀ ମେଳାରେ ସ୍ୱଚ୍ଛତାର ବାର୍ତ୍ତା ଦେଲେ କଳାକାର

**ରାଉରକେଲା ଅଫିସ, ୨୬।୯**

ଜିଲା ପ୍ରଶାସନ ଓ ୟୁଥ ମୁଭମେଣ୍ଟ ଫେଡେରେସନ୍ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଭଞ୍ଜଭବନ ପ୍ରଦର୍ଶନୀ ପଡିଆଠାରେ ଚାଲିଥିବା ପଲ୍ଲୀଶ୍ରୀ ମେଳାରେ ସ୍ୱଚ୍ଛତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାହ୍ୟ ମଳମୁକ୍ତ ପରିବେଶ ସୃଷ୍ଟି କରିବା ସହ ଶୌଚାଳୟ ନିର୍ମାଣ ଓ ବ୍ୟବହାର ଉପରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ ୱାଇଏମଏଫଆଇର କଳାକାରମାନେ। ସଂସ୍ଥାର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଦ୍ୱାରା ଲିଖିତ ଏହି ଗୀତିନାଟ୍ୟରେ କଳାକାର ବାପି ପଲାଇ, ଦେବସ୍ମିତା, ନମିତା ଅଭିନୟ କରିଥିଲେ । ଏହି ଅବସରରେ ଆରଡବ୍ଲୁଏସ୍‌ଏସ୍ ରାଉରକେଲା ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଡ. ନିରଞ୍ଜନ ସାହୁ, ଜିଲା ସଂସ୍କୃତି ଅଧିକାରୀ ଅନିଲ କୁମାର କେର୍କେଟା, ଡିଏସସି ଜ୍ୟୋତିର୍ମୟ ପାଲ, ଓଏଲ୍‌ଏମ୍‌ର ଅଧିକାରୀ ସାମୁଏଲ ଟପ୍ପୋ ପ୍ରମୁଖ ଅତିଥିଭାବେ ଯୋଗଦେବା ସହ ସ୍ୱଚ୍ଛତା ଓ ଏ ସମ୍ପର୍କିତ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁରାଧା ପଟ୍ଟନାୟକ ସଞ୍ଚାଳନ କରିଥିଲେ। ୱାଇଏମ୍‌ଏଫ୍‌ଆଇର ସଦସ୍ୟା ମୀରା ଦାସ, ମିନାକ୍ଷୀ ଧର, ନିଶି ନନ୍ଦ, ବିଶ୍ୱରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡ଼ିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ। ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।
- ସତ୍ୟ ସାଇବାବା

## ସଂକ୍ଷେପରେ

### ହାଇକୋର୍ଟ ବେଞ୍ଚ୍ ଦାବି ଆନ୍ଦୋଳନ ନୂଆ ରୂପ ନେଲା

ବେଲପାହାଡ଼,୨୬।୯ (ଡି.ଏନ୍.ଏ.)- ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ଦାବି ନେଇ ଝାରସୁଗୁଡ଼ା ଜିଲା ଓକିଲ ସଂଘର ପକ୍ଷରୁ ଦିଆଯାଇଥିବା ୩ ଦିନିଆ ବନ୍ଦ ଆହ୍ୱାନର ପ୍ରଭାବ ବେଲପାହାଡ଼ ପୌରାଞ୍ଚଳରେ ଅନୁଭୂତ ହୋଇଛି। ଗୁରୁବାର ପୂର୍ବାହ୍ନରୁ ପୌରପରିଷଦ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ ଶାଖା, ବୀମା ଅଫିସ, ପୋଷ୍ଟ ଅଫିସ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଫଳରେ ଅଫିସ କାର୍ଯ୍ୟରେ ଆସିଥିବା ଜନସାଧାରଣ ହଇରାଣ ହେବା ସହ କାର୍ଯ୍ୟାଳୟଗୁଡ଼ିକ ନ ଖୋଲିବାରୁ ନିରାଶ ହୋଇ ଫେରିଥିଲେ। ଗତ ବୁଧବାର ଓକିଲ ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟାଳୟକୁ ଚିଠି ପଠାଯାଇ ବନ୍ଦ ପାଳନ ବିଷୟରେ ଅବଗତ କରାଯାଇଥିଲା। ଏଥିପାଇଁ ଅଧିକାଂଶ ଅଫିସ ଧାର୍ଯ୍ୟ ସମୟରେ ଖୋଲି ନ ଥିଲା। ଓକିଲ ସଂଘର ଆହ୍ୱାନ ଯୋଗୁ ଆହୁରି ଦୁଇଦିନ ଅର୍ଥାତ ଆସନ୍ତା ଶୁକ୍ରବାର ଓ ସୋମବାର କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରହିବାର ଆଶଙ୍କା କରାଯାଉଛି। ଗତ ମାସ ୨୮ ତାରିଖରେ ଆନ୍ଦୋଳନ ସପକ୍ଷରେ ଆଲୋଚନା ପାଇଁ ଝାରସୁଗୁଡ଼ାଠାରେ ଓକିଲ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅର୍ଥନୈତିକ ଅବରୋଧ ତଥା ଆନ୍ଦୋଳନକୁ ବିଭିନ୍ନ ସରକାରୀ ଅଫିସକୁ ପ୍ରସାରିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା ବୋଲି ଓକିଲ ସଂଘର ଉପସଭାପତି ବସନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି।

### ଖବରଦାତାଙ୍କ ପିତୃ ବିୟୋଗ

ବ୍ରହ୍ମପୁର ଅଫିସ,୨୬।୯: ଧରିତ୍ରୀ ବ୍ରହ୍ମପୁର ଖବରଦାତା ଆଶୀର୍ବାଦ ରାଉତଙ୍କ ବାପା ସନ୍ତୋଷ କୁମାର ରାଉତ(୫୮)ଙ୍କର ଗୁରୁବାର ପୂର୍ବାହ୍ନରେ ତାଙ୍କ ପାଣିଗ୍ରାହୀପେଣ୍ଠସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘ ଦିନରୁ ଅସୁସ୍ଥ ଥିଲେ। ବ୍ରହ୍ମପୁର ବଡ଼ ମେଡ଼ିକାଲରେ ତାଙ୍କର ନିୟମିତ ଚିକିତ୍ସା ଚାଲିଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ରାଜଲକ୍ଷ୍ମୀ, ପୁଅ ଆଶୀର୍ବାଦ, ବୋହୂ ସ୍ୱାଗତିକା, ଝିଅ ମୋନାଲିସା ଓ ମଧୁସ୍ମିତା, ଜ୍ୱାଇଁ କୃଷ୍ଣଚନ୍ଦ୍ର ଏବଂ ରାଜୀବଙ୍କ ସମେତ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ଖବରପାଇ ବିଭିନ୍ନ ମହଲର ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ସୂଚନାଯୋଗ୍ୟ, ସ୍ୱର୍ଗତ ରାଉତ ସହରର ବରିଷ୍ଠ ବ୍ୟବସାୟୀଭାବେ ପରିଚିତ ଥିଲେ।

■ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବି

# ଝାରସୁଗୁଡ଼ାରେ ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ

■ଝାରସୁଗୁଡ଼ା ବାର୍ ଆସୋସିଏଶନ ତରଫରୁ ୩ ଦିନିଆ ବନ୍ଦ ଡାକରା

■ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଅର୍ଥନୈତିକ ସେବା ପ୍ରଭାବିତ

ଝାରସୁଗୁଡା ଅଫିସ୍/ଲଖନପୁର, ୨୬।୯(ଡି.ଏନ୍.ଏ.)




ଝାରସୁଗୁଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବାର୍ ଆସୋସିଏଶନର କର୍ମକର୍ତ୍ତା ପିକେଟିଂ କରୁଛନ୍ତି।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି(ସିଏସି)ର ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲା ବାର୍ ଆସୋସିଏଶନ୍ ତରଫରୁ ୨୬ରୁ ୩୦ତାରିଖ ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଡାକରା ଜିଲାରେ ଗୁରୁବାର ଆରମ୍ଭ ହୋଇଛି। ଏପରିକି ଆଇନ୍‌ଜୀବୀମାନେ ସକାଳ ୮ଟାରୁ ଜିଲା ସଦର ମହକୁମା, ପୌରାଞ୍ଚଳ, ବ୍ଲକ୍ ଆଦି ବିଭିନ୍ନ ଅଞ୍ଚଳରେ ପିକେଟିଂ କରି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ କରିଥିଲେ। ଫଳରେ ଜିଲାପାଳଙ୍କ କାର୍ଯ୍ୟାଳୟ, କୋର୍ଟ, ତହସିଲ୍, ବ୍ଲକ, ବ୍ୟାଙ୍କ, ଫାଇନାନ୍ସ କମ୍ପାନୀ ଆଦି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଆଇନ୍‌ଜୀବୀଙ୍କ ଏଭଳି ବନ୍ଦ ଫଳରେ ଅର୍ଥନୈତିକ କାରବାର, କୋର୍ଟକଚେରି, ପ୍ରଶାସନିକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହାର ପ୍ରଭାବ ଝାରସୁଗୁଡ଼ା, ବେଲପାହାଡ଼, ଲଖନପୁର, ବ୍ରଜରାଜନଗର, ଲଇକେରା, କୋଲାବିରା, କିର୍ମିରା ଆଦି ଅଞ୍ଚଳରେ ପଡ଼ିଛି। ଆଇନ୍‌ଜୀବୀଙ୍କ ଏହି ଆନ୍ଦୋଳନକୁ ଝାରସୁଗୁଡ଼ା ଏକତାମଞ୍ଚ, ସଚେତନ ନାଗରିକ ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସମର୍ଥନ ଜଣାଇଛନ୍ତି। ସିଏସି ନିର୍ଦ୍ଦେଶକ୍ରମେ ମାସ ଶେଷର ୩ ଦିନ କୋର୍ଟ ବନ୍ଦ କରାଯାଉଥିଲା। ଏବେ ଏହାକୁ ବ୍ୟାପକ କରାଯାଇ ପ୍ରଶାସନିକ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିବା ପାଇଁ ସିଏସି ନିଷ୍ପତ୍ତି ନେଇଛି। ଏଥିରେ ଯଦି ସରକାର କିଛି ନ ଶୁଣନ୍ତି। ତା'ହାଲେ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ଜିଲା ବାର୍ ଆସୋସିଏଶନ୍‌ର ସଭାପତି ସନ୍ଦୀପ ଅଗସ୍ତୀ ଓ ସମ୍ପାଦକ ପଦ୍ମନାଭ ମାଳୀ କହିଛନ୍ତି। ଏହି ଆନ୍ଦୋଳନରେ ଜିଲା ବାର ଆସୋସିଏଶନ୍ ସଭାପତି ଅଗସ୍ତୀ, ସମ୍ପାଦକ ମାଳୀ, ପୂର୍ବତନ ସଭାପତି ରଘୁମଣି ପଟେଲ, ତାପସ ରାୟ ଚୌଧୁରୀ, ନରେଶ ନାୟକ, ତ୍ରିନାଥ ଗୁଆଲ, ଦୀପକ ପଟେଲ, ସଞ୍ଜୀବ ପାଟ୍ଟଯୋଷୀ, ସାଧନା ସାମନ୍ତରାୟ, ବିଶ୍ୱନାଥ ନାୟକ, ଭୂପିନ୍ଦ୍ର ବୈଦ, ବି.ନାଗେଶ୍ୱରୀ, ସାଜଦା ବେଗମ, ଧମାଲି ପଟେଲ, ମୁରଲୀଧର ନାୟକ, ଈଶ୍ୱର କଉଡ଼ି, ଶିବଶଙ୍କର ସାହୁ, ପ୍ରଶାନ୍ତ ବିଶ୍ୱାଳ, ପ୍ରଦ୍ୟୁମ୍ନ ସାହୁ, ହରିହର ମିଶ୍ର, ହେମନ୍ତ ପ୍ରଧାନ, ଗୁଣନିଧି ବାରିକ, ଅନନ୍ତ ଉର୍ମା ପ୍ରମୁଖ ଶତାଧିକ ଆଇନ୍‌ଜୀବୀ ସାମିଲି ହୋଇଛନ୍ତି।

# ଝାରସୁଗୁଡ଼ାରେ ହେବ ରକ୍ତଶିକୁଳି ଗବେଷଣା କେନ୍ଦ୍ର

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ମହାନଦୀ କୋଲ୍ ଫିଲ୍ଡ ଭଳି ମହାରତ୍ନ କମ୍ପାନୀ ପକ୍ଷରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱ(ସିଏସ୍ଆର) ସ୍ୱାସ୍ଥ୍ୟ କ୍ଷେତ୍ରରେ ବିନିଯୋଗ ହେଉଥିବା ପାଣ୍ଠି ସମ୍ପର୍କିତ ସମୀକ୍ଷା ବୈଠକ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଝାରସୁଗୁଡ଼ାରେ ସିକିଲ୍‌ସେଲ୍ ରିସର୍ଚ୍ଚ ସେଣ୍ଟର(ରକ୍ତଶିକୁଳି ଗବେଷଣା କେନ୍ଦ୍ର) ଓ ଟ୍ରମା କେୟାର କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ରଖାଯାଇଥିଲା। ମହାନଦୀ କୋଲ୍ଡ ଫିଲ୍ଡର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବି.ଏନ୍. ଶୁକ୍ଳା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ତଥ୍ୟ ପ୍ରଦାନ କରିଥିଲେ। ତା'ମଧ୍ୟରୁ ମୁଖ୍ୟତଃ ତାଳଚେରଠାରେ ୪୯୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ମହାନଦୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ମେଡିକାଲ୍ କଲେଜର ନିର୍ମାଣ କାର୍ଯ୍ୟ ସରିବା ପରେ କମ୍ପାନୀ କର୍ତ୍ତୃପକ୍ଷ ଏହାର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବେ। ଝାରସୁଗୁଡ଼ାଠାରେ କମ୍ପାନୀ ପକ୍ଷରୁ ୭୫ କୋଟି ଟଙ୍କା ବିନିଯୋଗରେ ନିର୍ମିତ ହେବାକୁ ଥିବା ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ କାର୍ଡିଆକ୍ କେୟାର ସେଣ୍ଟର, ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୨.୮୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୧୦୦ ଶଯ୍ୟା ବିଶିଷ୍ଟ ୱାର୍ଡ ଓ ଆଇସିୟୁ, ବୁର୍ଲାଠାରେ ୫୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଗର୍ଭବତୀ ମହିଳା ଓ ଶିଶୁ ସ୍ୱାସ୍ଥ୍ୟ କମ୍ପ୍ଲେକ୍ସ ଓ ଆଲିମ୍‌କୋ ସଂସ୍ଥା ଦ୍ୱାରା ଦିବ୍ୟାଙ୍ଗମାନଙ୍କୁ ୫ କୋଟି ଟଙ୍କାର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ଜିଲା ଲଖନପୁରଠାରେ ୫୦ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ୍ ନିର୍ମାଣ ଶେଷ ହେବା ପରେ ରୋଗୀସେବା ଆରମ୍ଭ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ପାଇଁ ବହୁତଗୁଡ଼ିଏ ଯୋଜନା ହାତକୁ ନିଆଯାଇଛି ବୋଲି ଶୁକ୍ଳା ପ୍ରକାଶ କରିଥିଲେ। ତାଳଚେର ମେଡିକାଲ୍ କଲେଜ୍ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ଆଲୋଚନା କରାଯାଇଥିଲା।

■ ମହଙ୍ଗା ପଡ଼ିଲା ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ୍

# ଅଭିଯୁକ୍ତ ବ୍ୟବସାୟୀ ଗିରଫ, ୨୦ ଟ୍ରିପ୍ ବାଲି ଜବତ

ଝାରସୁଗୁଡା ଅଫିସ୍/ଲଖନପୁର,୨୬।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲାରେ ଅସାଧୁ ବ୍ୟବସାୟୀମାନେ ପ୍ରଶାସନକୁ ଚ୍ୟାଲେଞ୍ଜ କରି ଲଘୁଜାତ ଖଣିଜ ସମ୍ପଦ ଲୁଟ୍ କରିବାରେ ଲାଗିଛନ୍ତି। ଏଥିରେ ଅସାଧୁ ବ୍ୟବସାୟୀମାନେ କେତେକ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ହାତକରି ଖୋଲାଖୋଲି ବ୍ୟବସାୟ ଚଳାଇଛନ୍ତି। ଫଳରେ ଝାରସୁଗୁଡ଼ା ଜିଲା ଏକପ୍ରକାର ଅସାଧୁ ବ୍ୟବସାୟୀଙ୍କ ଭୂସ୍ୱର୍ଗ ପାଲଟିଛି। କିଛିଦିନ ପୂର୍ବରୁ ଜଣେ କାର୍ଯ୍ୟରତ ପୋଲିସ କନ୍‌ଷ୍ଟେବଲଙ୍କୁ ଜଣେ ଅସାଧୁ ବାଲି ବ୍ୟବସାୟୀ ବାଲି ଚୋରାଚାଲାଣ ବେଳେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏହି ଘଟଣାବଳୀକୁ ନିଜେ



ବାଲି ବ୍ୟବସାୟୀ ସୌରଭ ପଟେଲ।

ବ୍ୟବସାୟୀ ତାଙ୍କ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ। ପରେ ସେ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଏହି ଖବର ଚାରିଆଡ଼େ ପ୍ରଚାରିତ ହେବା ସହ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଫଳରେ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ଘଟଣାର ତଦନ୍ତ ପାଇଁ ଝାରସୁଗୁଡ଼ା ଥାନା ଆଇଆଇସି ସାବିତ୍ରୀ ବଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇଆଇସି ଘଟଣାର ତଦନ୍ତ କରିଥିଲେ ଏବଂ ପୋଲିସ ଘଟଣାରେ ଜଡ଼ିତ ପଞ୍ଚପଡ଼ାର ସୌରଭ ପଟେଲ ନାମକ ଜଣେ ବାଲି ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ପୋଲିସ ଝାରସୁଗୁଡ଼ା ଥାନା କେସ୍ (ନଂ. ୬୧୨/୧୯)ରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସେହିପରି ଝାରସୁଗୁଡ଼ା ତହସିଲ ତରଫରୁ ମଧ୍ୟ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ରାଜସ୍ୱ ବିଭାଗର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ବ୍ୟବସାୟୀ ଜଣକ ପଞ୍ଚପଡ଼ାରେ ବ୍ୟପକ ପରିମାଣରେ ବାଲି ଗଚ୍ଛିତ ରଖିଛନ୍ତି। ଏନେଇ ତହସିଲଦାର ଦିଲୀପ ପ୍ରଧାନ ବାଲି ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେହିପରି ଅଧିକ ତଥ୍ୟ ପାଇଁ ଝାରସୁଗୁଡ଼ା ତହସିଲଦାର ସୁନ୍ଦରଗଡ଼ ତହସିଲଦାରଙ୍କ ସହିତ ଯୋଗାଯୋଗ କରିଛନ୍ତି। ଗିରଫ ବ୍ୟବସାୟୀ ଜଣକ ପଞ୍ଚପଡ଼ାରେ ଗଚ୍ଛିତ ରଖିଥିବା ୨୦ ଟ୍ରିପ୍ ବାଲିକୁ ରାଜସ୍ୱ ବିଭାଗ ଜବତ କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି। ଅସାଧୁ ବ୍ୟବସାୟୀ ପଟେଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପ୍ରଧାନ କହିଛନ୍ତି।



ଓକିଲମାନେ ପିକେଟିଂ କରି ବ୍ରଜରାଜନଗରସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାକୁ ବନ୍ଦ କରୁଛନ୍ତି।

# ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ଦାବି, ସରକାରୀ କାର୍ଯ୍ୟାଳୟ ବନ୍ଦ

ବ୍ରଜରାଜନଗର, ୨୬।୯ (ଡି.ଏନ.ଏ)

ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ୍ ଦାବି ନେଇ ଗୁରୁବାର ବ୍ରଜରାଜନଗର ପୌରାଞ୍ଚଳର ସମସ୍ତ ଓକିଲ ପିକେଟିଂ କରି ସମସ୍ତ ବ୍ୟାଙ୍କ ଓ ପୌର କାର୍ଯ୍ୟାଳୟ ବନ୍ଦ କରିଥିଲେ। ସିଏସିର ନିଷ୍ପତ୍ତିକ୍ରମେ ମାସର ଶେଷ ତିନି ଦିନ ୨୮, ୨୯ ଓ ୩୦ ତାରିଖର କାର୍ଯ୍ୟ ଦିବସକୁ ବନ୍ଦ କରାଯାଇଛି। ପିକେଟିଂ ବେଳେ ଓକିଲମାନଙ୍କ ମଧ୍ୟରେ ବିଶ୍ୱନାଥ ନାଏକ, ସଞ୍ଜୀବ ପାଟ୍ଟଯୋଶୀ, ସାଧନା ସାମନ୍ତରାୟ, ପବିତ୍ର ବିଶି ପ୍ରମୁଖ ସାମିଲ ଥିଲେ।

# ଅକ୍ଟୋବର ୩ ଯାଏ ଗ୍ରହଣ ହେବ ଆପତ୍ତି ଅଭିଯୋଗ

**ଖରିଫ୍ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ**

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷ(୨୦୧୯-୨୦)ରେ ଖରିଫ୍ ଧାନ ସଂଗ୍ରହ ପାଇଁ ଏକ ନିର୍ଭୁଲ ଚାଷୀମାନଙ୍କ ନାମ ପଞ୍ଜୀକରଣ ତାଲିକା ପ୍ରସ୍ତୁତ କରିବା ଉପରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି। ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମ ପଞ୍ଜୀକରଣ କାର୍ଯ୍ୟକ୍ରମ ଚଳିତ ମାସ ୧୭ରେ ଶେଷ ହୋଇଛି। ସଂଗୃହୀତ ଦରଖାସ୍ତଗୁଡ଼ିକର ସଂପୃକ୍ତ ପ୍ରାଥମିକ କୃଷି ସମବାୟ ସମିତି ଓ ଲ୍ୟାମ୍ପସ୍‌ରେ ଅନ୍‌ଲାଇନ୍ ପ୍ରକ୍ରିୟାରେ କମ୍ପ୍ୟୁଟରୀକୃତ (ଡିଜିଟାଇଜେଶନ୍) କରାଯିବା କାର୍ଯ୍ୟ ଗତ ୨୨ରେ ସମାପ୍ତ ହୋଇଛି। ପଞ୍ଜୀକୃତ ଚାଷୀମାନେ ଖରିଫ୍ ଧାନ ଚାଷ କରିଥିବା ଜମିର ପରିମାଣ ବାବଦ ତଥ୍ୟ ସମ୍ବଳିତ ଚିଠା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯିବ। ଏହି ତଥ୍ୟ ପଞ୍ଜୀକରଣ କାର୍ଯ୍ୟ ସମ୍ପାଦନ କରୁଥିବା ସଂପୃକ୍ତ ସମିତି, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ କଣ୍ଟ୍ରୋଲ୍ ଦୋକାନରେ ସେପ୍ଟେମ୍ବର ୨୫ରୁ ୩୦ ମଧ୍ୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯାଉଛି। ସବିଶେଷ ତଥ୍ୟ ସଂପୃକ୍ତ ପଞ୍ଜୀକରଣକାରୀ ପ୍ୟାକ୍ସ/ଲ୍ୟାମ୍ପସ୍ ଆଦିରେ ଉପଲବ୍ଧ କରାଯିବ ଏବଂ ପଞ୍ଜୀକୃତ ଚାଷୀ ଓ ସର୍ବସାଧାରଣ ତାହା ନିରୀକ୍ଷଣ କରିପାରିବେ। ଯଦି ପ୍ରକାଶିତ ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଉଥାଏ, ତତ୍‌ସମ୍ବନ୍ଧୀୟ ଅଭିଯୋଗ ଯେ କୌଣସି ନାଗରିକ ସଂପୃକ୍ତ ପ୍ରକାଶନ ସ୍ଥଳରେ ଆସନ୍ତା ଅକ୍ଟୋବର ୩ ତାରିଖ ସୁଦ୍ଧା ଦରଜ କରିପାରିବେ।

■ବିପଦସଙ୍କୁଳ ଅବସ୍ଥାରେ ସ୍କୁଲ ଛାତ

## ବାରଣ୍ଡାରେ ଚାଲିଛି ପାଠପଢ଼ା



ଛାତ୍ରୀଛାତ୍ର ବାରଣ୍ଡାରେ ବସି ପାଠ ପଢୁଛନ୍ତି।

ବ୍ରଜରାଜନଗର, ୨୬।୯ (ଡି.ଏନ୍.ଏ.)

ରାଜପୁର ପଞ୍ଚାୟତର ଆମଦରହ ଗ୍ରାମର ପ୍ରାଥମିକ ବିଦ୍ୟାଳୟଟି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ୧୯୬୮ ମସିହାରେ ନିର୍ମାଣ କରାଯାଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୧୫ ବର୍ଷ ତଳେ ୨ ଗୋଟି ଶ୍ରେଣୀଗୃହ ମହାନଦୀ କୋଇଲା କମ୍ପାନୀ ଦ୍ୱାରା ନିର୍ମାଣ କରାଯାଇଥିଲା। ନିମ୍ନମାନର କାମ ଯୋଗୁ ଚଳିତ ବର୍ଷ ବର୍ଷାରେ ଛାତରୁ ଅତଡ଼ା ଖସି ପାଣି ଝରିଲା। ଫଳରେ ଉକ୍ତ କକ୍ଷ ଦୁଇଟିକୁ ବନ୍ଦ କରି ଦିଆଯାଇଛି। ଏବେ ଛାତ୍ରୀଛାତ୍ର ଶ୍ରେଣୀକୋଠରି ଅଭାବରୁ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଏକ ମାସ ତଳେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀ ବୈଠକ କରି କୋଇଲା କମ୍ପାନୀକୁ ଲିଖିତ ଆକାରରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ।

# କୋଲାବିରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବୈଠକ

କୋଲାବିରା,୨୬।୯(ଡି.ଏନ୍.ଏ.)

କୋଲାବିରା ପ୍ରାଥମିକ ବିଦ୍ୟାଳୟଠାରେ କୋଲାବିରା ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସିଆରସିସିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରମେଶ୍ୱର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସର୍ବସମ୍ମତି କ୍ରମେ ଅକ୍ଟୋବର ୨ ତାରିଖ ଦିନ ୧୫୦ତମ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛତା ଅଭିଯାନ ଦିବସ ପ୍ରାଥମିକ ଶିକ୍ଷକ ସଂଘ କୋଲାବିରା ପକ୍ଷରୁ ମହାସମାରୋହରେ ପାଳନ କରାଯିବ। ନୃପଲାଲ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଏବିଇଓମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉକ୍ତ ଦିବସରେ ଉପସ୍ଥିତ ରହିବାକୁ ସଂଘ ତରଫରୁ ଅନୁରୋଧ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର ପଧାନ, ରମେଶ ସାହୁ, ଯୋଗେଶ୍ୱର ସେନାପତି, ଲିଙ୍ଗନ ନାଏକ, ସରୋଜ ଟଣକାର, ନାରାୟଣ ବାଗ୍, ଟଙ୍କଧର କୁଆ, ଶିବନାରାୟଣ ସାହୁ, ସିଆରସିସି ରାଜେନ୍ଦ୍ର ବଟ୍, ହୃଦାନନ୍ଦ ମାଝିଙ୍କ ସମେତ ସିଆରସିସିମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ଲଲିନ୍ଦ୍ର ଗୋଖରା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ କୋଲାବିରା ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା।

# ସମାସିଂହାରେ ଆତ୍ମନିର୍ଭରଶୀଳ ତାଲିମ ଶିବିର

କୋଲାବିରା,୨୬।୯(ଡି.ଏନ୍.ଏ.)

କୋଲାବିରା ବ୍ଲକ ସମାସିଂହାଠାରେ ପଞ୍ଚାୟତସ୍ତରୀୟ ଏକ ଆତ୍ମନିର୍ଭରଶୀଳ ତାଲିମ ଶିବିର ଟିଆରଏଲ୍ ଓ ଏସ୍‌ବିଆଇ ଜରିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରରେ ମହିଳା ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ମସଲା ତିଆରି ତାଲିମ ଦିଆଯିବ। ଏହି ତାଲିମ ଶିବିର ଏକ ସପ୍ତାହ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛି। ଏଥରେ ଟିଆରଏଲର ନିର୍ଦ୍ଦେଶକ ରାଜକୁମାର ସାହୁ, ରଜନିରାଣୀ ନାଏକ, ସମାସିଂହା ସରପଞ୍ଚ ହେମନ୍ତ କୁମାର ସାହୁ, ଏସ୍‌ବିଆଇ ସମାସିଂହା ଶାଖା ପରିଚାଳକ ପ୍ରଶାନ୍ତ କୁମାର ମିଶ୍ର,ଏମ୍‌ବିକେ ନନ୍ଦିତା ନାଏକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଗୋଷ୍ଠୀ ସହାୟିକାଙ୍କ ସମେତ ୩୫ ଜଣ ଏସ୍‌ଏଚ୍‌ଜି ମହିଳା ଯୋଗଦେଇଥିଲେ। ଆତ୍ମନିର୍ଭରଶୀଳ ହେବା ପାଇଁ ମସଲା ତିଆରି ଏକ ଭଲ ମାଧ୍ୟମ, ସମାଜରେ ଏହାର ଚାହିଦା ରହିଛି। ତେଣୁ ଏହାକୁ ପାଥେୟ କରି ମଧ୍ୟ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ବିଷୟରେ ଅତିଥିମାନେ ଅବଗତ କରାଇଥିଲେ।

## ଆଜି କ'ଣ କେଉଁଠି

**ଦେବଗଡ଼**

■ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସଫେଇ ଅଭିଯାନ, ପ୍ରଧାନପାଟ, ସକାଳ ୮ଟା।

■ଗାନ୍ଧୀ ଜୟନ୍ତୀ ଉପଲକ୍ଷେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ରଚନା, ବକ୍ତୃତା ପ୍ରତିଯୋଗିତା, ଷେଣ୍ଢ ହାଇସ୍କୁଲ, ରିଆମାଳ, ପୂର୍ବାହ୍ନ ୧୦ଟା।

■କୃଷକ ତାଲିମ ଶିବିର, ଗୁଣ୍ଡିଆପାଲି, ରିଆମାଳ, ପୂର୍ବାହ୍ନ ୧୦ଟା।

**ଟିଟିଲାଗଡ**

■ଗାନ୍ଧୀ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ, ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଅପରାହ୍ନ ୨.୩୦ମିନିଟ।

**ବିଜେପୁର**

■ବିଜେଡିର ନୂଆଁଖାଇ ଭେଟ୍‌ଘାଟରେ ମହିଳା ସମାବେଶ, ରାବଣ ପୋଡି ପଡିଆ, ପୂର୍ବାହ୍ନ ୧୦ଟା।

**ବୌଦ୍ଧ**

■ବୌଦ୍ଧକୁ ସମ୍ବଲପୁର ଆରଡିସି ଅଧୀନରେ ସାମିଲ ନେଇ ଦାବିପତ୍ର ପ୍ରଦାନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା ।

**ରାଉରକେଲା**

■କେନ୍ଦ୍ରୀୟ ପୂଜା କମିଟି ବୈଠକ,ଏଡିଏମଙ୍କ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ।

■ମାସିକ ସାହିତ୍ୟ ଆସର,ବାସନ୍ତୀ ପାଠାଗାର, ବାସନ୍ତୀ କଲୋନୀ, ସନ୍ଧ୍ୟା ୬ଟା ୩୦।

**ଲୋଇସିଂହା**

■ଭାରତୀୟ ଜନତା ପାର୍ଟି ପକ୍ଷରୁ ଗଣବିକ୍ଷୋଭ, ବ୍ଲକ ସମ୍ମୁଖ, ପୂର୍ବାହ୍ନ ୧୦ଟା।

**ବରଗଡ଼**

■କିଶନ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ, ସୌଖୀନ ରଙ୍ଗମଞ୍ଚ, ବରଗଡ଼, ସନ୍ଧ୍ୟା ୬ଟା ୩୦ମିନିଟ୍ ।

■ଅଳଙ୍କାର ଥିଏଟର ଟିମ୍‌ର ଆଲୋଚନା, ନାଟକ ପରିବେଷଣ, ବରଗଡ଼ ମହିଳା କଲେଜ, ପୂର୍ବାହ୍ନ ୧୦ଟା ।

■ତ୍ରିରଙ୍ଗା କପ୍ ଫୁଟବଲ ପ୍ରତିଯୋଗିତା (ମ୍ୟାଚ୍: ଅଇଁଠାପାଲି ବନାମ ଧାଙ୍ଗେର, ସାହାଜବାହାଲ ବନାମ ପାତିକରପଲ୍ଲୀ), ଖୁଣ୍ଟପାଲି ପଡ଼ିଆ, ଅପରାହ୍ନ ୨ଟା ।

**ଭବାନୀପାଟଣା**

■ରାଷ୍ଟ୍ରୀୟ ଏକତା ଅଭିଯାନ, ଏକ ରାଷ୍ଟ୍ର ଏକ ସମ୍ବିଧାନ ଉପରେ ବୁଦ୍ଧିଜୀବୀ ସମ୍ମିଳନୀ, ହିନ୍ଦପ୍ଲାଜା ହୋଟେଲ, ଅପରାହ୍ନ ୪ ଟା।

**ନୂଆପଡ଼ା**

■ଜଳ ପରୀକ୍ଷଣ ଉପରେ ତାଲିମ କାର୍ଯ୍ୟକ୍ରମ, ନ୍ୟାଶନାଲ ହାଇସ୍କୁଲ, ପୂର୍ବାହ୍ନ ୧୧ଟା ।

**ସମ୍ବଲପୁର**

■ସ୍ୱଚ୍ଛ ପାଣି ବ୍ୟବହାର ସଚେତନତା କାର୍ଯ୍ୟକ୍ରମ, ସମ୍ବଲପୁର ରେଳ ଷ୍ଟେଶନ, ପୂର୍ବାହ୍ନ ୧୦ଟା।

# ଶପଥ ନେଲେ ୪୧ ଦେୱାନୀ ନ୍ୟାୟାଧୀଶ

କଟକ ଅଫିସ, ୨୬।୯

ଓଡ଼ିଶା ନ୍ୟାୟିକ ଏକାଡେମୀସ୍ଥିତ ଗତିକୃଷ୍ଣ ମିଶ୍ର ପ୍ରେକ୍ଷାଳୟରେ ୨୦୧୮ ବ୍ୟାଚ୍‌ର ନବନିଯୁକ୍ତ ୪୧ ଜଣ ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶମାନଙ୍କ ଶପଥ ଗ୍ରହଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏହାକୁ ଉଦ୍‌ଘାଟନ କରି ନବନିଯୁକ୍ତ ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ମୁଖ୍ୟ ବିଚାରପତି, ଓଡ଼ିଶା ନ୍ୟାୟିକ ଏକାଡେମୀ ସମିତି ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପାଠ୍ୟ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ହାଇକୋର୍ଟ ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀ ତାଲିମ ସମିତିର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ହାଇକୋର୍ଟ ବିଚାରପତି ଏବଂ ଅଧିକାରୀ, ନବନିଯୁକ୍ତ ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶମାନଙ୍କ ପରିବାର ସଦସ୍ୟ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଏକାଡେମୀର ନିର୍ଦ୍ଦେଶକ ଗୌରୀଶଙ୍କର ଶତପଥୀ ଧନ୍ୟବାଦ ଦେଇଥିଲେ।



ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିଙ୍କ ସହ ଶପଥ ପାଠ କରିଥିବା ଦେୱାନୀ ନ୍ୟାୟାଧୀଶମାନେ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ୩୦ରେ ସବୁଦଳ ଭରି ପାରନ୍ତି ନାମାଙ୍କନ

ବରଗଡ଼ ଅଫିସ୍,୨୬।୯
ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ସେଭଳି ଭାବେ ଜିଲାରେ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି । ତେବେ କଂଗ୍ରେସ ପ୍ରାର୍ଥୀ ଘୋଷଣାରେ ସବାଆଗରେ ରହିଛି । ଦିଲୀପ କୁମାର ପଣ୍ଡାଙ୍କୁ ଦଳୀୟ ପ୍ରାର୍ଥୀ ଭାବେ କଂଗ୍ରେସ ନିର୍ବାଚନ ମଇଦାନକୁ ଛାଡ଼ିଛି । ଅନ୍ୟପଟେ ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଓ ବିଜେଡ଼ି ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରି ପାରି ନାହାନ୍ତି। ଶୁକ୍ରବାର ସୁଦ୍ଧା ଉଭୟ ଦଳ ପ୍ରାର୍ଥୀ ଘୋଷଣା କରିପାରନ୍ତି ଏବଂ ୩୦ତାରିଖରେ ସବୁଦଳ ପଦ୍ମପୁର ଉପଜିଲାପାଳଙ୍କ ଅଫିସରେ ନାମାଙ୍କନ ଦାଖଲ କରିବେ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି । କାରଣ ଶୁକ୍ରବାର ଅର୍ଥାତ୍ ୨୭ତାରିଖ କାର୍ଯ୍ୟଦିବସ ରହିଥିବାବେଳେ ପରବର୍ତ୍ତୀ ଦୁଇଦିନ ମାସର ଶେଷ ଶନିବାର ସମେତ ରବିବାର ଛୁଟି ଦିବସ ରହିଛି। ସେହିପରି ୩୦ ତାରିଖ ନାମାଙ୍କନ ଦାଖଲର ଶେଷ ଦିବସ ରହିଛି ।

### ବାର୍‌ହା ଶିକାରୀ ଗିରଫ

ପାଇକମାଳ, ୨୬।୯ (ଡି.ଏନ.ଏ)
ବାର୍‌ହା ଶିକାର କରି ନେଉଥିବା ବେଳେ ପାଇକମାଳ ବନ ବିଭାଗ ଜଣେ ତାଙ୍କୁ ଗିରଫ କରିଛି । ଶିକାରୀ ଜଣକ ହେଲେ ଜଗଦଲପୁର ଥାନା ସାନକୁଞ୍ଜାରୀ ଗ୍ରାମର ଅନାଦି ପ୍ରଧାନ(୪୫) । ସେ ଜଟେଶିରା ଗ୍ରାମ ଚିରୋଲିପଠାର ଜଙ୍ଗଲ ନିକଟରେ ଗୋଟିଏ ଛୋଟ ବାର୍‌ହା ମାରି ଆଣୁଥିବା ବେଳେ କାଠ ଫରେଷ୍ଟର ଲବ ସାହୁ, ଫରେଷ୍ଟଗାର୍ଡ ଝରଣା ସାହୁ, ସୁଶାନ୍ତ ବାଗ, ପଦ୍ମଲୋଚନ ମଟାରୀ ପ୍ରମୁଖ ତାଙ୍କୁ ଗିରଫ କରିଥିଲେ । ଏ ନେଇ ଅଭିଯୁକ୍ତଙ୍କ ନାମରେ ଏକ ମାମଲା (ନଂ.୬୨/୧୯) ରୁଜୁ ହୋଇଛି। ମୃତ ବାର୍‌ହାକୁ ବ୍ୟବଚ୍ଛେଦ କରି ରେଞ୍ଜ ଅଫିସ ପଛପଟେ ପୋତି ଦିଆଯାଇଛି ।

### ବିଦ୍ୟୁତ ତାରରେ ଅନାବନା ଘାସଲତା

ଅତାବିରା, ୨୬।୯ (ଡି.ଏନ.ଏ)
ଅତାବିରା ବ୍ଲକ ଝିଲିମିଣ୍ଡା ଆଦର୍ଶ ପୋଖରୀ ନିକଟରେ ଯାଇଥିବା ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ଖୁଣ୍ଟର ତାରକୁ ଅନାବନା ଗଛଲତା ମାଡିଗଲାଣି। ଫଳରେ ଗଛଲତାରେ କରେଣ୍ଟ ଆସୁଛି । ସେହି ରାସ୍ତା ଦେଇ ଯିବା ଆସିବା କରୁଥିବା ସାଧାରଣ ଲୋକ, ଛାତ୍ରୀଛାତ୍ର, ଛେଳି, ମେଣ୍ଢା ମୃତ୍ୟୁ ମୁଖରେ ପଡିବା ଆଶଙ୍କା ରହିଛି । ହେଲେ ବିଦ୍ୟୁତ ବିଭାଗ ପକ୍ଷରୁ ଏହାର ସଫେଇ କରାଯାଉନାହିଁ। ତୁରନ୍ତ ଏହାକୁ ସଫେଇ ପାଇଁ ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ଏଆଇଡିୱାଇଓ ପକ୍ଷରୁ ଯୁବ ସମସ୍ୟା ନେଇ ଉଦ୍‌ବେଗ

# ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

ରାଉରକେଲା ଅଫିସ, ୨୬।୯

ଅଲ ଇଣ୍ଡିଆ ଡେମୋକ୍ରାଟିକ ଯୁଥ ଅର୍ଗାନାଇଜେସନ (ଏଆଇଡିୱାଇଓ) ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ଯୁବ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ ପଇଛି। ଉକ୍ତ ବେକାରୀ ଓ ନିଯୁକ୍ତି ନେଇ ସରକାରଙ୍କ ଅପାରଗତାକୁ ସମାଲୋଚନା କରିଛନ୍ତି ଯୁବ ସଂଘ କର୍ମକର୍ତ୍ତା। କେବଳ ଏତିକି ନୁହେଁ, ଏଠାକାର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଅବକ୍ଷୟ ନେଇ ମଧ୍ୟ ଚିନ୍ତା ପ୍ରକାଶ କରାଯାଇଛି। ଏହାକୁ ନେଇ ସଙ୍ଗଠନ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଯେଦୁଲା ବିଜୟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି ସଙ୍ଗଠନ। ଏଥିରେ କୁହାଯାଇଛି ଯେ, ସମସ୍ତ ବେକାର ଯୁବକ ଯୁବତୀଙ୍କୁ ସ୍ଥାୟୀ ଭିତିରେ ନିଯୁକ୍ତି ପ୍ରଦାନ ନେଇ ପଦକ୍ଷେପ ନିଆଯାଉ। ଏହା




ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଡିୱାଇଓ କର୍ମୀମାନେ ଯାଉଛନ୍ତି।

ସମ୍ଭବ ହେବା ପର୍ଯ୍ୟନ୍ତ ବେକାରୀ ଭତ୍ତା ପ୍ରଦାନ କରାଯାଉ। ରାଉରକେଲା ଇସ୍ପାତ କାରଖାନା ସମେତ ବିଭିନ୍ନ ସରକାରୀ ଦପ୍ତର, ସ୍କୁଲ କଲେଜରେ ଖାଲିପଦ ଯୁଦ୍ଧକାଳୀନ ଭିତିରେ ପୂରଣ କରାଯାଉ। ଯୁବ ସମାଜକୁ ପଥଭ୍ରଷ୍ଟ କରୁଥିବା ସମସ୍ତ ଅପସଂସ୍କୃତି, ଅଶ୍ଳୀଳ ବିଜ୍ଞାପନ ଓ ସଙ୍ଗୀତ ଉପରେ କଟକଣା ଜାରି କରାଯାଉ। ମାଦକ ଦ୍ରବ୍ୟ ଉପରେ କଟକଣା, ସହରର କେତେକ ସ୍ଥାନରେ ଚାଲିଥିବା ଜୁଆ ଓ ସଟ୍ଟା କାରବାର ବନ୍ଦ କରାଯାଉ। ପରିବେଶ ସୁରକ୍ଷାରେ ବାଧକ ସାଜିଥିବା ତଥା ସମାଜରେ ବିପଦ ସୃଷ୍ଟି କରିଥିବା ପ୍ଲାଷ୍ଟିକ, ଥର୍ମୋକୁଲ ଆଦି ବ୍ୟବହାର ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବାକୁ ଆସୋସିଏସନ ଦାବି କରିଛି। କେବଳ ପ୍ରଚାର ଅଭିମୁଖୀ ନ ହୋଇ ଏହାକୁ ବାସ୍ତବ ରୂପାୟନ ଦିଗରେ ପ୍ରଶାସନିକ କଡା ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ସୁସ୍ଥ ପରିମଳ, ପାନୀୟ , ରାସ୍ତା, ଆଲୋକ, ବିଜୁଳି ଭଳି ମୌଳିକ ସେବା ସୁବିଧା ଯୋଗାଇବା ଦିଗରେ କର୍ତ୍ତୃପକ୍ଷ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଯୁବ ସମାଜର ସାମଗ୍ରିକ ବିକାଶ ନେଇ ସରକାର ଏକ ଗ୍ରହଣୀୟ ଯୁବ ନୀତି ପ୍ରଣୟନ କରିବକୁ ସଂଘ ନେତା ଏଥିରେ ପ୍ରସ୍ତାବ ଦେଇଛନ୍ତି। ଏମିତି ୮ଦଫା ଦାବି ନେଇ ଜିଲା ସଙ୍ଗଠନ ପକ୍ଷରୁ ସଭାପତି ବିଷ୍ଣୁ ପଣ୍ଡା, ଶେଖ ଇସଲାମ, ସୁବାସ ଦଣ୍ଡପାଟ, ବିଜୟ ସାହୁ, ଆଲୋକ ବେହେରା, ଜଷ୍ଟିନ ଲୁଗୁନ ଓ ଗୁରୁମୋହନ ସିଂ ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

### ବାରିକ ସମାଜର ନୂଆଖାଇ ଭେଟଘାଟ

ପାଇକମାଳ, ୨୬।୯ (ଡି.ଏନ.ଏ)

ପାଇକମାଳ ବ୍ଲକସ୍ତରୀୟ ବାରିକ ସମାଜ ଏକ ନୂଆଖାଇ ଭେଟଘାଟ ନୃସିଂହନାଥ ସ୍ଥିତ ବିନ୍ଧ୍ୟବାସିନୀ ଧର୍ମଶାଳାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ, ଆଦିବାସୀ ସଂଘ ସଭାପତି ରାଜେନ୍ଦ୍ର କୁମାର ରାଉତ, ପଦ୍ମପୁର ଉପଖଣ୍ଡ ବାରିକ ସମାଜ ସଭାପତି ଶିବ ପ୍ରସାଦ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଲକ ବାରିକ ସଭାପତିତ୍ୱ କରିଥିବା ବେଳେ ରଙ୍କମଣି ବାରିକ ଅତିଥି ପରିଚୟ ପ୍ରଦାନ ଓ ସୋଜନ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମାଜ ତରଫରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହୃଦାନନ୍ଦ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁବର୍ଣ୍ଣ ବାରିକ, ମଦନ ମୋହନ ପଶାୟତ, ରବିନ୍ଦ୍ର ବାରିକ, ସନ୍ଦର୍ପ ବାରିକ ସହଯୋଗ କରିଥିଲେ। ଶେଷରେ ଝସକେତନ ବାରିକ ଧନ୍ୟବାଦ ଦେଇଥିଲେ ।

### ଭେଡ଼େନରେ ବିଦ୍ୟୁତ ବିଭ୍ରାଟ

## ଏସଡ଼ିଓ ଅଫିସ ଆଗରେ ମହିଳାଙ୍କ ଧାରଣା



ଭେଡ଼େନ ବିଦ୍ୟୁତ୍ ବିଭାଗ ଏସଡ଼ିଓଙ୍କ ଅଫିସ ଆଗରେ ମହିଳାଙ୍କ ଧାରଣା ।

ଭେଡ଼େନ,୨୬।୯(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅଞ୍ଚଳରେ ବିଦ୍ୟୁତ ବିଭ୍ରାଟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଥିବା ଅସନ୍ତୋଷର ପ୍ରତିଫଳନ ବୁଧବାର ଦେଖିବାକୁ ମିଳିଛି। ବିଦ୍ୟୁତ ବିଭ୍ରାଟରେ ଅତିଷ୍ଠ ଭେଡ଼େନର ବହୁ ମହିଳା ବିଦ୍ୟୁତ ବିଭାଗ ଏସଡ଼ିଓଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ଗତ ବନ୍ୟାରେ ଭେଡ଼େନ ଜିରା ନଦୀ ଉପର ଦେଇ ଆସିଥିବା ବିଦ୍ୟୁତ ତାର ଛିଣ୍ଡି ଯିବାର ମାସେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ମରାମତି ତଥା ସଂଯୋଗ କରାଯାଉନାହିଁ। ଫଳରେ ମାସେ ହେବ ଜିରା ନଦୀରୁ ଭେଡ଼େନ ବସ୍ତିକୁ ହେଉଥିବା ଜଳଯୋଗାଣ ବନ୍ଦ ରହିଛି । ଏହାଦ୍ୱାରା ଲୋକମାନେ ନାହିଁ ନ ଥିବା ଅବସ୍ଥା ଭୋଗ କରୁଛନ୍ତି। ଏହି ସମସ୍ତ ଘଟଣାକୁ ନେଇ ମହିଳାମାନେ ଏହି ଧାରଣା ଦେବା ସହ ଅଫିସକୁ ଘେରାଉ କରିଥିଲେ। ଅପରାହ୍ନରେ ବିଦ୍ୟୁତ ବିଭାଗର ଅଧିକାରମାନେ ଆସି ଆସନ୍ତା ସପ୍ତାହେ ମଧ୍ୟରେ ମରାମତି ତଥା ସଂଯୋଗ କରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।

### ଘର କାନ୍ଥ ପଡ଼ି ଯୁବକ ମୃତ

ଗୋଷାଣୀ,୨୬।୯(ଡି.ଏନ୍.ଏ.)
ଲଗାଣ ବର୍ଷା ଯୋଗୁ ଅନେକ କଚ୍ଚାଘର ଦୁର୍ବଳ ହୋଇଯାଇଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ଘରର କାନ୍ଥ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଗୁରାଣ୍ଡି ଥାନା ଅନ୍ତର୍ଗତ କଇଠଡ଼ା ଗ୍ରାମର ଏମ୍. ରାଜା(୩୫)। ଘଟଣାରୁ ପ୍ରକାଶ ଯେ, ରାଜା ହାଇଦ୍ରାବାଦରେ ମିସ୍ତ୍ରିଭାବେ କାମ କରୁଥିଲେ। କିଛି ଦିନ ହେଲା ସେ ଶ୍ୱଶୁର ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ବୁଧବାର ରାତିରେ ରାଜା, ତାଙ୍କ ସ୍ତ୍ରୀ ଏବଂ ଝିଅ ନିର୍ମାଣାଧୀନ ଘର ସାମ୍ନାରେ ଥିବା ଏକ କଚ୍ଚା ଘରେ ଶୋଇବାକୁ ଯାଇଥିଲେ। ହେଲେ ପ୍ରବଳ ବର୍ଷା ଯୋଗୁ ରାତି ୨ଟାରେ ଘରର କାନ୍ଥ ପଡ଼ିଯାଇଥିଲା। ଫଳରେ କାନ୍ଥ ତଳେ ଚାପିହୋଇ ରାଜାଙ୍କର ମୃତ୍ୟୁ ଘଟିଥିଲା। ହେଲେ ସ୍ତ୍ରୀ ଏବଂ ଝିଅ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି।

### ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

## ୮ କୋର୍ଟଚାଲାଣ

ଜୁନାଗଡ,୨୬।୯(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ବୁଧବାର ୮ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ନାବାଳକ ଏଥିରେ ସମ୍ପୃକ୍ତ ଥିବା ପୋଲିସ କହିଥିଲା। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଥିଲା। ଏହା ପରେ ସନ୍ଧ୍ୟାରେ ନାବାଳକଙ୍କୁ ଛାଡି ୮ଜଣ ଅଭିଯୁକ୍ତଙ୍କୁ ଜୁନାଗଡ ଜେଏମ୍‌ଏଫସି କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ କୌଣସି ଓକିଲ କେସ୍ ଲଢୁ ନ ଥିବାରୁ ସମସ୍ତଙ୍କୁ ଧର୍ମଗଡ଼ ଉପଖଣ୍ଡ କାରାଗାରକୁ ପଠାଯାଇଥିଲା। ସେହିପରି ନାବାଳକଙ୍କୁ ଭବାନୀପାଟଣା ଜୁଭେନାଇଲ ବୋର୍ଡରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗଣବଳାତ୍କାର ଘଟଣାରେ ୬ ଜଣ ସମ୍ପୃକ୍ତ ରହିଥିଲେ। ସେମାନେ ହେଲେ ଜୁନାଗଡ ଥାନା ବକ୍ସିତୁଲସୀପାଲି ଗ୍ରାମର ଅମିତ ନାଏକ (୩୦), ପ୍ରକାଶ ନାଏକ ଓରଫ ଲୁକୁ (୨୨), ଶାନ୍ତ ନାଏକ (୨୪), ଲାବଣ୍ୟ ଛତ୍ରିଆ(୨୧), ଅନିରୁଦ୍ଧ ଓରଫ ତରଙ୍ଗ ଛତ୍ରିଆ (୨୦) ଓ ଜଣେ ନାବାଳକ। ସେହିପରି ଭିଡିଓ ଭାଇରାଲ କରିଥିବା ଘଟଣାରେ ଜୁନାଗଡ ଥାନା ବକ୍ସିତୁଲସୀପାଲି ଗ୍ରାମର ବିନୋଦ ନାଏକ ଓରଫ ଘାଟୁ (୩୨), ସ୍ୱୟମ୍ବର ବାଗ (୩୦) ଓ କୋକସରା ଥାନା ତେନ୍ତୁଳିପଡାର ଟିକମଣି ପୋଢ (୩୨)ଙ୍କୁ ମଧ ପୋଲିସ ଗିରଫ କରିଥିଲା।

### ଏଣିକି ମଠ, ମନ୍ଦିର ଆୟବ୍ୟୟ ହିସାବ ରଖିବେ ଏଜି

ପୁରୁଣା ଭୁବନେଶ୍ୱର, ୨୬। ୯ (ଡି.ଏନ.ଏ.)
ରାଜ୍ୟରେ ବିଭିନ୍ନ ସମୟରେ ମଠ, ମନ୍ଦିର ସମ୍ପତ୍ତି ଓ ଆୟବ୍ୟୟ ହେରଫେର ଅଭିଯୋଗ ପରେ ଏବେ ସରକାରଙ୍କ ଆଇନ ବିଭାଗ ଏସବୁ ରୋକିବାକୁ ନୂଆ ନିର୍ଦ୍ଦେଶ ଦେଇଛନ୍ତି। ୨୩।୯।୨୦୧୯ ପତ୍ର ନଂ.୧-୫୭/୨୦୧୯, ୧୦୦୪୭ରେ ହିନ୍ଦୁ ଦେବୋତ୍ତର ଆଇନ ୧୯୫୧ ମୁତାବକ ରାଜ୍ୟ ସରକାର ପ୍ରତ୍ୟେକ ଧର୍ମାନୁଷ୍ଠାନ ଯେଉଁଗୁଡ଼ିକ ଦେବୋତ୍ତର ବିଭାଗର ଅଧୀନରେ ରହିଛି, ଏସବୁର ଆୟବ୍ୟୟ ଅଟକଳ ଆକାଉଣ୍ଟ ଜେନେରାଲ(ଏଜି)ଙ୍କ ଦ୍ୱାରା କରାଯିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରତି ଜିଲାସ୍ତରୀୟ ଦେବୋତ୍ତର ଅଧିକାରୀ ଓ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଛି। ଉପକୂଳବର୍ତ୍ତୀ ଜିଲା ମନ୍ଦିର ସମେତ ସୋନପୁର, କଳାହାଣ୍ଡି, ଜୟପୁର, ବାରିପଦା, ନୟାଗଡ଼, ଢେଙ୍କାନାଳ, କେନ୍ଦୁଝର ଓ ପାଟଣାଗଡ଼ ଦେବୋତ୍ତର ବିଭାଗ ଅଧୀନରେ ଥିବା ୫୩ଟି ମଠ, ମନ୍ଦିର କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଛି। ଭୁବନେଶ୍ୱରର ରାମ ମନ୍ଦିରକୁ ନେଇ ଯେଉଁ ବିବାଦ ମୁଣ୍ଡ ଟେକିଥିଲା ଏହାକୁ ସମାଧାନ ପୂର୍ବକ ଏହି ସବୁ ମନ୍ଦିର ସମେତ ଶ୍ରୀକପିଳେଶ୍ୱର, ଜଗତ୍‌ସିଂହପୁର ଜିଲାର ସାରଳା, ଗୋରଖନାଥ ମନ୍ଦିର, କେନ୍ଦ୍ରପଡ଼ା ବଳଦେବଜୀଉ, ଯାଜପୁର ବିରଜା, ଭଦ୍ରକ ଆଖଣ୍ଡଳମଣି, ବାଲେଶ୍ୱର କ୍ଷୀରଚୋରା ଗୋପୀନାଥ ଜୀଉ, ସମ୍ବଲପୁର ମା' ସମଲାଇ, କେନ୍ଦୁଝରର ମା' ତାରିଣୀ, ସୁନ୍ଦରଗଡ଼ର ବେଦବ୍ୟାସ, ଗଞ୍ଜାମର ମା'ତାରାତାରିଣୀ, ରାୟଗଡ଼ାର ମା' ମଝି ଘରିଆଣି, ପୁରୀ ଜିଲାର ବରାଳ ବାଲୁଙ୍କେଶ୍ୱର ମନ୍ଦିର ସମେତ ଏମାର ମଠ ଉତ୍ତରପାର୍ଶ୍ୱ ମଠ ଆଦି ପ୍ରମୁଖ ଧର୍ମାନୁଷ୍ଠାନ ରହିଛି।

## କଳାକାର ସଂଘର ନୂଆଖାଇ ଭେଟଘାଟ

ଭେଡ଼େନ,୨୬।୯(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ପପଙ୍ଗା ସାପ୍ତାହିକ ବଜାର ପ୍ରାଙ୍ଗଣରେ ବୁଧବାର ବ୍ଲକ କଳାକାର ସଂଘ ତରଫରୁ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ୫ ହଜାରରୁ ଅଧିକ ମହିଳା ପୁରୁଷ କଳାକାର ପପଙ୍ଗା କଲୋନୀ ଛକରୁ ଶୋଭାଯାତ୍ରରେ ବାହାରି ସଭାସ୍ଥଳ ପର୍ଯ୍ୟନ୍ତ ଆସିଥିଲେ। ସଂଘ ସଭାପତି ସାଗର ମହାକୁରଙ୍କ ସଭାପତିତ୍ୱ ତଥା ଅଧ୍ୟାପକ ନାରାୟଣ ଭୋଇଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟିକା ସ୍ନେହାଙ୍ଗିନୀ



ମହିଳା କଳାକାର ସଂକୀର୍ତ୍ତନ ପରିବେଷଣ କରୁଛନ୍ତି ।

ଛୁରିଆ ମୁଖ୍ୟ ଅତିଥି, ତହସିଲଦାର ସୀମା ସବିତା କୁଲୁ, ଆମ୍ବା କମିଟି ସଭାପତି ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ସଭ୍ୟା ମୀରା ବଘାର, କଂସ ଅଭିନେତା ସୁଶୀଲ ମେହେର, ସରପଞ୍ଚ ପୁରୁଷୋତ୍ତମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବର୍ଷୀୟାନ କଳାକାର ଶରତ ଚନ୍ଦ୍ର ଦାଶ, ଲଳିତ ଭୋଇ, ରାଜେନ୍ଦ୍ର ବେହେରା, ଗୁଣାକାର ଶତପଥି, କଳାକାହ୍ନୁ ସେଠ, କୀର୍ତ୍ତି ବଗର୍ତ୍ତି, ସୁଶୀଲ ମେହେରଙ୍କ ସମେତ ବହୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଉପସ୍ଥିତ ହଜାର ହଜାର କଳାକାର ସଂକୀର୍ତ୍ତନ, ପାଲା, ଦାଶକାଠିଆ, ସଞ୍ଚାର, ସମ୍ପ୍ରଦା, କରମାନାଚ ଆଦି ଲୋକନୃତ୍ୟ, ଲୋକକଳା ପରିବେଷଣ କରିଥିଲେ ।

## ଦୁର୍ଗାପୂଜା ପାଇଁ ରାବଣ କଳାକାର ବରଣ

ଭେଡ଼େନ,୨୬।୯(ଡ଼ି.ଏନ.ଏ)
ଭେଡ଼େନ ବ୍ଲକପ ଚିଟିଣ୍ଡାରେ ଆଗାମୀ ଦୁର୍ଗାପୂଜା ପାଇଁ ମୁକ୍ତମଞ୍ଚ ରାବଣରାଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଚିଟିଣ୍ଡା ଗ୍ରାମର କଳାକାର ଅଭିନେତା ଝସକେତନ ପ୍ରଧାନଙ୍କୁ ରାବଣ ଭୂମିକା ପାଇଁ ବରଣ କରାଯାଇଛି। ଚିଟିଣ୍ଡା ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଆନନ୍ଦ ରାଉତ, ଦୀନଦୟାଲ ଭୋଇ, ଆନନ୍ଦ ଭୋଇ, ସଞ୍ଜୟ ମେହେର, ରଥ ମେହେର, ଦୁଆରୁ ମହାନନ୍ଦ, ଭୀମ ମହାନନ୍ଦ ଏବଂ ଅନ୍ୟ ଗ୍ରାମବାସୀ ଏକ ବିରାଟ ଶୋଭାଯାତ୍ରାରେ ଦୁର୍ଗାମଣ୍ଡପରୁ ବାହାରି ଅଭିନେତା ପ୍ରଧାନଙ୍କ ବାସଭବନକୁ ଯାଇଥିଲେ। ସେଠାରେ ପଣ୍ଡିତ ଜୟନାରାୟଣ ପାଢ଼ୀଙ୍କ ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ ଆନନ୍ଦ ରାଉତ ଅଭିନେତା ଝସକେତନଙ୍କୁ ପୁଷ୍ପମାଲ୍ୟ, ନାରିକେଳ ଏବଂ ଉପଢ଼ୌକନ ପ୍ରଦାନ ପୂର୍ବକ ବରଣ କରିଥିଲେ। ପରେ ଗ୍ରାମବାସୀ ଅଭିନେତା ପ୍ରଧାନଙ୍କୁ ସଙ୍ଗରେ ନେଇ ଗ୍ରାମ ପରିକ୍ରମା କରିବା ସହ ବିଭିନ୍ନ ଦେବମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଆସନ୍ତା ଅକ୍ଟୋବର ୪ରୁ ୮ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଏହି ରାବଣରାଜ ଅନୁଷ୍ଠିତ ହେବ।



ଝସକେତନ ପ୍ରଧାନଙ୍କୁ ରାବଣ ଭାବେ ବରଣ କରାଯାଉଛି ।

### ସୋହେଲାରେ ନବରାତ୍ର ଦୁର୍ଗାପୂଜା ପାଇଁ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

# ମନ ମୋହିବ ଅକ୍ଷରଧାମ ତୋରଣ

ସୋହେଲା,୨୬।୯(ଡି.ଏନ.ଏ)
ଆଉ କିଛି ଦିନ ପରେ ଜଗତ ଜନନୀ ମାଁ ଦୁର୍ଗାଙ୍କ ନବରାତ୍ର ପୂଜା ପାଳନ କରାଯିବ। ସୋହେଲା ଦୁର୍ଗାପୂଜା ଏଥର ୭୬ବର୍ଷରେ ପଦାର୍ପଣ କରିଛି। ପୂଜାକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟିର କର୍ମକର୍ତ୍ତାମାନେ ଜୋରସୋର ପ୍ରସ୍ତୁତି ଚଳାଇଛନ୍ତି। ପୂଜା ମଣ୍ଡପକୁ ସାଜସଜ୍ଜା କରାଯାଉଛି। ଏଥର ତୋରଣର ଡିଜାଇନ ଅକ୍ଷରଧାମ ସଦୃଶ କରାଯାଇଛି। ଏହି ସୁଦୃଶ୍ୟ ତୋରଣର ଉଚ୍ଚତା ୭୫ଫୁଟ ଓ ଓସାର ୫୦ ଫୁଟ ପାଖାପାଖି ରହିଛି। ଏହାକୁ ପଶ୍ଚିମବଙ୍ଗର କାରିଗରମାନେ ତିଆରି କରୁଛନ୍ତି। ସେହିପରି ମା ଦୁର୍ଗା ଓ ଅନ୍ୟାନ୍ୟ ପାର୍ଶ୍ୱଦେବୀଦେବଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜାତୀୟ ରାଜପଥ ପାର୍ଶ୍ୱ ଥାନା ଛକରେ ରାବଣ ଦରବାର, ଡେଲି ମାର୍କେଟ ମଣ୍ଡପରେ ଲୋକ ମହୋତ୍ସବ 'ପାର୍ବଣ' ଓ ଦୁର୍ଗାମନ୍ଦିର ପରିସରରେ ଥିବା ଚେତନା ମଣ୍ଡପରେ ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜା




ସୋହେଲାର ଦୁର୍ଗାପୂଜା ପାଇଁ ନିର୍ମିତ ତୋରଣ ।

ଅବସରରେ ମୀନା ବଜାର ଏଠାକୁ ଆସି ସେମାନଙ୍କ ପସରା ମେଲାଇ ଦେଲେଣି । ରାସ୍ତାରେ ତୋରଣ ଓ ଆଲୋକମାଳା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି ।

### ସେମାନେ ଯାହା କୁହନ୍ତି...



"ସୋହେଲା ଦୁର୍ଗାପୂଜାର ବିଶେଷତ୍ୱ ହେଲା ଏଠାରେ ଦୁର୍ଗାମନ୍ଦିର ପରିସରରେ ଥିବା ସ୍ଥାୟୀ ମେଢ଼ ଓ ଦୁର୍ଗା ମନ୍ଦିରରେ ଏକକାଳୀନ ପୂଜା ନିଷ୍ପାର ସହିତ କରାଯାଇଥାଏ । ଚଳିତ ବର୍ଷ ଖୁବ ଧୂମଧାମରେ ପୂଜା କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।

-**ପ୍ରକାଶ ଚନ୍ଦ୍ର ଦେବତା**, ପୂଜା କମିଟି ସଭାପତି



"ସମଗ୍ର ପଶ୍ଚିମ ଓଡିଶା ତଥା ପଡୋଶୀ ରାଜ୍ୟରେ ସୋହେଲା ଦୁର୍ଗାପୂଜାର ସୁନାମ ରହିଛି। ଏହାକୁ ଦେଖିବା ପାଇଁ ବହୁ ଦୂରଦୂରାନ୍ତରରୁ ଲୋକମାନେ ଆସିଥାନ୍ତି। ଲୋକମାନେ ଯେପରି ମାଁଙ୍କ ଦର୍ଶନ ଓ ମନୋରଜଂନ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରି ପାରିବେ ସେଥିପାଇଁ ବ୍ୟାପକ ପ୍ରସ୍ତୁତି କରିଛୁ ।

-ସୁଶାନ୍ତ ସିଂ, ମନ୍ତ୍ରୀ ତଥା କାର୍ଯ୍ୟକାରୀ ସଭାପତି



"ସୋହେଲା ଦୁର୍ଗାପୂଜା ଦେଖିବାକୁ ଲୋକେ ଅପେକ୍ଷା କରିଥାନ୍ତି। ସୋହେଲାରେ ଜାତିଧର୍ମ, ଭେଦଭାବ ଭୁଲି ଦୁର୍ଗାପୂଜା କରାଯାଇଥାଏ । ଆମର ଦୁର୍ଗାପୂଜା ଏକ ଭାଇଚାରାର ପ୍ରତୀକ ଅଟେ ।

-ମହମ୍ମଦ ରଫିକ, ପୂଜା କମିଟି ଉପସଭାପତି



"ସୋହେଲା ଦୁର୍ଗାପୂଜା ରାବଣ ପୋଡି ପାଇଁ ପ୍ରସିଦ୍ଧି ଲାଭ କରିଛି । ସ୍ଥାନୀୟ ମିନି ଷ୍ଟାଡିୟମରେ ରାବଣ ପୋଡି କାର୍ଯ୍ୟକ୍ରମ ହେବ । ଏଥର ମଧ୍ୟ ରାୟପୁର ଓ କଟକରୁ ବାଣ ତଥା ଆତବବାଜି ଆସିବ ।

-ଲଳିତ କୁମାର ଅଗ୍ରୱାଲ, ପୂଜା କମିଟି ସମ୍ପାଦକ



"ଆଜକୁ ୪୬ ବର୍ଷ ହେଲା ସୋହେଲା ଦୁର୍ଗାପୂଜାରେ ମୃଣ୍ମୟୀ ମୂର୍ତ୍ତି ତିଆରି କରି ଆସୁଛି । ଏହି କାମ କରି ନିଜକୁ ଧନ୍ୟ ମନେ କରୁଛି ।

-ଶ୍ରୀଧର ବେହେରା, ମୂର୍ତ୍ତି କାରିଗର